

ସାମାଜିକ ବିଜ୍ଞାନ ଅଧ୍ୟୟନ:
ଭାରତ ଓ ଆମ ପୃଥିବୀ

ଷଷ୍ଠ ଶ୍ରେଣୀ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ମୋ ନାମ:.....

ମୋ ବାପାଙ୍କ ନାମ :.....

ମୋ ମା'ଙ୍କ ନାମ :.....

ମୋ ବିଦ୍ୟାଳୟର ନାମ:.....

ମୋ ଶ୍ରେଣୀ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନାମ :

.....

ମୋ ଗାଁ/ସାହିର ନାମ :

.....

ସାମାଜିକ ବିଜ୍ଞାନ ଅଧ୍ୟୟନ :
ଭାରତ ଓ ଆମ ପୃଥିବୀ

ଷଷ୍ଠ ଶ୍ରେଣୀ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା
କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର

ସାମାଜିକ ବିଜ୍ଞାନ ଅଧ୍ୟୟନ :
ଭାରତ ଓ ଆମ ପୃଥିବୀ

ଷଷ୍ଠ ଶ୍ରେଣୀ

ପରୀକ୍ଷାମୂଳକ ସଂସ୍କରଣ ୨୦୨୬

ସମ୍ପାଦକ ମଣ୍ଡଳୀ :

ବ୍ରଜବନ୍ଧୁ ନାୟକ
ବିଜଲୀ ଏକ୍କା
ଡ. ପ୍ରଦୀପ କୁମାର ମିଶ୍ର
ପ୍ରୀତିନନ୍ଦା ମହାରଥୀ
ତାରିଣୀ ପ୍ରସାଦ ପୁହାଣ

ସଂଯୋଜକ :

ମାନସ ଚନ୍ଦ୍ର ରାଉତ

ମୁଖ୍ୟ ସଂଯୋଜିକା :

ଡ. ସବିତା ସାହୁ

ସମୀକ୍ଷକ ମଣ୍ଡଳୀ :

ବ୍ରଜବନ୍ଧୁ ନାୟକ
ଡ. ରାମଚନ୍ଦ୍ର ମାଝୀ
ନିରୂପମା ରାଉତ
ମନୋଜ କୁମାର ଲେଙ୍କା
ଦେବେନ୍ଦ୍ର କୁମାର ବସ୍ତିଆ

ବିଷୟ ବିଶେଷଜ୍ଞ :

ଡ. ପ୍ରଦୀପ କୁମାର ମିଶ୍ର
ଅମ୍ବିକା ପ୍ରସାଦ ଦାସ

ପ୍ରକାଶକ : ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

ମୁଦ୍ରଣ ବର୍ଷ : ୨୦୨୬

ପ୍ରସ୍ତୁତି : ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଡିଟିପି ଓ ଡିଜାଇନ୍ : ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଓଡ଼ିଶା, ଭୁବନେଶ୍ୱର

ମୁଦ୍ରଣ : ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର

ପ୍ରସ୍ତାବନା

ଜାତୀୟ ଶିକ୍ଷାନୀତି ୨୦୨୦ ହେଉଛି ଏକବିଂଶ ଶତାବ୍ଦୀର ପ୍ରଥମ ତଥା ପ୍ରମୁଖ ଶିକ୍ଷାନୀତି, ଯାହାକି ଦେଶରେ ଏକ ନୂତନ ଅଭିନବ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା କରିଛି । ଭାରତର ନୀତି ଓ ଆଦର୍ଶ, ମାନବୀୟ ପ୍ରୟାସ ତଥା ଜ୍ଞାନ ବିକାଶର ସମସ୍ତ କ୍ଷେତ୍ରରେ ଭାରତୀୟ ପରମ୍ପରା ଏବଂ ସଭ୍ୟତାର ଉପଲବ୍ଧି ଉପରେ ଏହା ଆଧାରିତ ହୋଇଛି । ଏହା ସହିତ ଗଠନମୂଳକ ଭାବେ ଚଳିତ ଶତାବ୍ଦୀର ସୁଯୋଗ, ସମ୍ଭାବନା ଓ ଆହ୍ୱାନ ସହିତ ଜଡ଼ିତ ହେବାପାଇଁ ଛାତ୍ରଛାତ୍ରୀମାନଙ୍କୁ ଅଭିପ୍ରେରିତ ତଥା ପ୍ରସ୍ତୁତ କରାଉଛି । ନୂତନ ଶିକ୍ଷାନୀତିର ଆକାଂକ୍ଷୀ ଦୃଷ୍ଟିକୋଣର ଆଧାରରେ ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ୨୦୨୩ର ରୂପରେଖ ଅନୁସାରେ ସମସ୍ତ ବିଷୟରେ ଓ ସବୁ ସ୍ତରରେ ପାଠ୍ୟକ୍ରମ ସୁବ୍ୟବସ୍ଥିତ କରାଯାଇଛି । ମାନବ ଅସ୍ତିତ୍ୱର ସମସ୍ତ ପାଞ୍ଚଟି ସ୍ତର, ପଞ୍ଚକୋଷକୁ ସ୍ୱର୍ଶ କରି ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ କ୍ଷମତାକୁ ମୌଳିକ ଏବଂ ପ୍ରସ୍ତୁତି ପର୍ଯ୍ୟାୟରେ ପୋଷଣ କରି ମଧ୍ୟମ ପର୍ଯ୍ୟାୟରେ ସେମାନଙ୍କର ଶିକ୍ଷାର ଆହୁରି ଅଗ୍ରଗତି ପାଇଁ ପଥ ପ୍ରଶସ୍ତ କରିଛି । ଏହିପରି ମଧ୍ୟମ ପର୍ଯ୍ୟାୟ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତିନି ବର୍ଷ ବ୍ୟାପୀ, ପ୍ରସ୍ତୁତି ଏବଂ ମାଧ୍ୟମିକ ପର୍ଯ୍ୟାୟ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରୁଛି ।

ମଧ୍ୟମ ପର୍ଯ୍ୟାୟରେ ଏହି ଢାଞ୍ଚା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଜୀବନରେ ଆଗକୁ ବଢ଼ିବା ସହିତ ବିକାଶ ପାଇଁ ଆବଶ୍ୟକ ଦକ୍ଷତା ସହିତ ସଂଯୋଜିତ କରିବା ଲକ୍ଷ୍ୟ ରଖିଛି । ଏହା ସେମାନଙ୍କର ବିଶ୍ଳେଷଣାତ୍ମକ, ବର୍ଣ୍ଣନାତ୍ମକ ଏବଂ ଆଲୋଚନାତ୍ମକ କ୍ଷମତାକୁ ବୃଦ୍ଧି କରିବା ଏବଂ ସେମାନଙ୍କୁ ଅପେକ୍ଷା କରିଥିବା ଆହ୍ୱାନ ଏବଂ ସୁଯୋଗ ପାଇଁ ପ୍ରସ୍ତୁତ କରିବା ଲାଗି ପ୍ରୟାସ କରିଛି । ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ତିନୋଟି ଭାଷାରୁ ଅତି କମ୍‌ରେ ଦୁଇଟି ଭାରତୀୟ ଭାଷାରୁ ଆରମ୍ଭ କରି ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, କଳା ଶିକ୍ଷା, ଶାରୀରିକ ଶିକ୍ଷା, ସୁସ୍ଥତା ଏବଂ ବୃତ୍ତିଗତ ଶିକ୍ଷା ପର୍ଯ୍ୟନ୍ତ ନଅଟି ବିଷୟ ଅନ୍ତର୍ଭୁକ୍ତ କରି ଏକ ବିବିଧ ପାଠ୍ୟକ୍ରମର ପରିକଳ୍ପନା କରାଯାଇଛି। ଏପରି ଏକ ପରିବର୍ତ୍ତନଶୀଳ ଶିକ୍ଷା-ସଂସ୍କୃତି ପାଇଁ କିଛି ଅତ୍ୟାବଶ୍ୟକୀୟ ପରିସ୍ଥିତିର ଆବଶ୍ୟକତା ରହିଛି । ସେଥିମଧ୍ୟରୁ ଗୋଟିଏ ହେଉଛି ବିଭିନ୍ନ ପାଠ୍ୟକ୍ରମ କ୍ଷେତ୍ରରେ ଉପଯୁକ୍ତ ପାଠ୍ୟପୁସ୍ତକ ରହିବ । କାରଣ ଏହି ପାଠ୍ୟପୁସ୍ତକଗୁଡ଼ିକ ବିଷୟବସ୍ତୁ ଏବଂ ଶିକ୍ଷାଦାନ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିବ, ଯାହା ସିଧାସଳଖ ଶିକ୍ଷା ଓ ଅନୁସନ୍ଧାନର ସୁଯୋଗ ମଧ୍ୟରେ ଏକ ବିଚାରପୂର୍ଣ୍ଣ ସନ୍ତୁଳନ ସ୍ଥାପନ କରିପାରିବ । ଅନ୍ୟାନ୍ୟ ପରିସ୍ଥିତି ମଧ୍ୟରେ ଓ ପାଠ୍ୟକ୍ରମ କ୍ଷେତ୍ରରେ ଏବଂ ଉଭୟରେ ଧାରଣାଗତ ସଂଯୋଗ ସ୍ଥାପନ ପାଇଁ ଶ୍ରେଣୀଗୃହ ବ୍ୟବସ୍ଥା ଏବଂ ଶିକ୍ଷକ ପ୍ରସ୍ତୁତି ଗୁରୁତ୍ୱପୂର୍ଣ୍ଣ ଅଟେ ।

ଜାତୀୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ, ନିଜ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ଏପରି ଉଚ୍ଚ-ଗୁଣବତ୍ତା ସମ୍ପନ୍ନ ପାଠ୍ୟପୁସ୍ତକ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ । ବିଭିନ୍ନ ବିଷୟରେ ପାଠ୍ୟକ୍ରମ ସମୂହ, ଏକ ମହତ ଉଦ୍ଦେଶ୍ୟରେ

ଗଠନ କରାଯାଇଛି । ଏଥିରେ ବିଷୟବସ୍ତୁ ବିଶେଷଜ୍ଞ, ବିଷୟଭିତ୍ତିକ ଶିକ୍ଷକ ଏବଂ ଅଭିଜ୍ଞ ଅଧ୍ୟାପକ ସଦସ୍ୟ ଭାବରେ ସମ୍ମିଳିତ ହୋଇ ଗୁଣାବତ୍ତାପୂର୍ଣ୍ଣ ପାଠ୍ୟବିଷୟବସ୍ତୁ ରଖିବାକୁ ସମସ୍ତ ସମ୍ଭାବ୍ୟ ପ୍ରୟାସ କରିଛନ୍ତି ।

ସାମାଜିକ ବିଜ୍ଞାନର ଏହି ପାଠ୍ୟପୁସ୍ତକ NCFCE ୨୦୨୩ର ଦର୍ଶନକୁ ଅନୁସରଣ କରେ । ଏହା ମୂଳ ଧାରଣା ଏବଂ ପ୍ରମୁଖ ବିକାଶ ଉପରେ ଧ୍ୟାନ ଦେଇ ପାଠକୁ କମ୍ କରିବାକୁ ଅଭିନବ ପ୍ରୟାସ କରିଅଛି । ଏଗୁଡ଼ିକ ଯଥୋଚିତ ଚିତ୍ର, ଚିତ୍ରାଙ୍କନ, ମାନଚିତ୍ର ଏବଂ ଅନ୍ୟାନ୍ୟ ଗ୍ରାଫିକ୍ସ ମାଧ୍ୟମରେ ପ୍ରକାଶିତ ହୋଇଛି, ଯାହାକି ଏକ ମନୋରମ ଏବଂ ଆକର୍ଷଣୀୟ ସାମଗ୍ରିକ ଡିଜାଇନ ବା ନକ୍ସା ଦ୍ୱାରା ଜୀବନ୍ତ ହୋଇଅଛି । ପାଠ୍ୟପୁସ୍ତକର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ଅନୁଶୀଳନ, ସୁଯୋଗର ପ୍ରତିଫଳନ, କ୍ରିୟାକଳାପ ଓ ପ୍ରୋଜେକ୍ଟ ବା ପ୍ରକଳ୍ପ ମାଧ୍ୟମରେ ବିଭିନ୍ନ ପ୍ରକାରର ଅନୁଶୀଳନ ରଖିପାରିବ, ଯାହାକି ସେ ନିଜେ ନିଜେ ଅନୁସନ୍ଧାନ ଏବଂ ଆବିଷ୍କାର କରିବାକୁ ଅଭିପ୍ରେରିତ ହେବ । ପାଞ୍ଚଟି ବିଷୟବସ୍ତୁ ବିଭାଗ (ଥିମ୍) ଚୟନ ଏକ ବହୁମୁଖୀ ବିଷୟବସ୍ତୁ ଦୃଷ୍ଟିକୋଣକୁ ବଜାୟ ରଖିବାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ଗ୍ରହଣ କରିଅଛି । ସାଂସ୍କୃତିକ ମୂଳବନ୍ଧନ ଭାବରେ ଅନ୍ୟ ଏକ ଆବଶ୍ୟକତା, ଆମର ସାଂସ୍କୃତିକ ଐତିହ୍ୟ ଏବଂ ଜ୍ଞାନ ପରମ୍ପରାରେ ସୀମିତ ନୁହେଁ ବରଂ ଅନ୍ୟ ବିଷୟବସ୍ତୁଗୁଡ଼ିକୁ ବ୍ୟାପକ କରିବାରେ ସହାୟକ ହୋଇଥାଏ । ଏତିକି ଆଶା କରାଯାଇପାରେ ଯେ ଛାତ୍ର ଛାତ୍ରୀ ଏବଂ ଶିକ୍ଷକ/ଶିକ୍ଷୟିତ୍ରୀ ଉକ୍ତ ପାଠ୍ୟପୁସ୍ତକକୁ ବ୍ୟବହାର ପୂର୍ବକ ଆମୋଦପୂର୍ଣ୍ଣ ତଥା ସମୃଦ୍ଧ ଅନୁଭୂତିକୁ ପାଇପାରିବେ ।

ତେବେ ଏହି ପାଠ୍ୟପୁସ୍ତକ ବ୍ୟତୀତ ଏହି ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କୁ ଅନ୍ୟାନ୍ୟ ଶିକ୍ଷଣ ସମ୍ବଳ ଅନୁସନ୍ଧାନ ପାଇଁ ପ୍ରୋତ୍ସାହିତ କରାଯିବା ଉଚିତ୍ । ଏଭଳି ସମ୍ବଳ ଉପଲବ୍ଧ କରାଇବାରେ ବିଦ୍ୟାଳୟ ପାଠାଗାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହାବ୍ୟତୀତ ଛାତ୍ରଛାତ୍ରୀଙ୍କୁ ଏଥିପାଇଁ ମାର୍ଗଦର୍ଶନ ଓ ଉତ୍ସାହିତ କରିବାରେ ଅଭିଭାବକ ଓ ଶିକ୍ଷକଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

ପ୍ରକାଶନ ସଂସ୍ଥାଙ୍କୁ ଏହା ସହିତ ଏହି ପାଠ୍ୟପୁସ୍ତକର ବିକାଶରେ ସମ୍ପୃକ୍ତ ଥିବା ସମସ୍ତଙ୍କୁ ଯଥା ସମ୍ପାଦକ ମଣ୍ଡଳୀ, ସମୀକ୍ଷକ ମଣ୍ଡଳୀ, ଡିଜାଇନରଙ୍କୁ ମୁଁ କୃତଜ୍ଞତା ଜଣାଉଛି ଏବଂ ଆଶା କରୁଛି ଯେ ଏହା ସମସ୍ତ ଅଂଶୀଦାରଙ୍କ ଆଶା ପୂରଣ କରିବ । ଏହା ସହିତ ଆଗାମୀ ବର୍ଷଗୁଡ଼ିକରେ ଉକ୍ତ ପୁସ୍ତକର ଅଧିକ ଉନ୍ନତି ପାଇଁ ମୁଁ ଏହାର ସମସ୍ତ ଉପଭୋକ୍ତାଙ୍କଠାରୁ ପରାମର୍ଶ ଏବଂ ମତାମତ ମଧ୍ୟ ଆମନ୍ତ୍ରଣ କରୁଛି ।

(ମନୋଜ କୁମାର ପାଢ଼ୀ)
ନିର୍ଦ୍ଦେଶକ
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡ଼ିଶା, ଭୁବନେଶ୍ୱର

ଛାତ୍ରଛାତ୍ରୀଙ୍କୁ ପତ୍ର

ପ୍ରିୟ ଛାତ୍ରଛାତ୍ରୀଗଣ,

ତୁମେ ବର୍ତ୍ତମାନ ମଧ୍ୟମ ପର୍ଯ୍ୟାୟରେ ପ୍ରବେଶ କରିଛ, ନୂତନ ବିଷୟ ଅନୁସନ୍ଧାନ କରିବାକୁ ଯାଉଛ । ସେଥିମଧ୍ୟରୁ ଗୋଟିଏ ହେଉଛି ସାମାଜିକ ବିଜ୍ଞାନ । ପୂର୍ବରୁ ତୁମର ଏହା ସହିତ ପରିଚୟ ଥିଲା, କିନ୍ତୁ ଏହି ଷଷ୍ଠ ଶ୍ରେଣୀରୁ ତୁମେ ଆମ ଦେଶ ଭାରତ ଠାରୁ ଆରମ୍ଭ କରି ଆମର ଏହି ଦୁନିଆ ବିଷୟରେ ଅଧିକ ତଥ୍ୟ ଆବିଷ୍କାର କରିବ । ଏହି ପାଠ୍ୟପୁସ୍ତକକୁ ଉତ୍ସାହଜନକ କରିବା ପାଇଁ ଆମେ ଯଥାସମ୍ଭବ ଚେଷ୍ଟା କରିଛୁ ।

- ଯେତେବେଳେ ବି ସମ୍ଭବ, ଆମେ ତୁମ ନିକଟବର୍ତ୍ତୀ ପରିଚିତ ପରିବେଶକୁ - ଏକ ପ୍ରାରମ୍ଭିକ ବିନ୍ଦୁ ଭାବରେ ବ୍ୟବହାର କରିଛୁ ।
- ଆମେ ତୁମ ଜୀବନରେ ସମ୍ମୁଖୀନ ହେବାକୁ ଥିବା 'ବଡ଼ ଧାରଣା' ଉପରେ ଧ୍ୟାନ ଦେଇ ତାକୁ ନିଶ୍ଚିତ କରିବା ପାଇଁ ଲେଖାଟିକୁ ସର୍ବନିମ୍ନ ରଖିବାକୁ ଚେଷ୍ଟା କରିଛୁ । ଏହି ଚିନ୍ତାଧାରା ଯାହା ତୁମକୁ ଭାରତ ଏବଂ ବିଶ୍ୱକୁ ବୁଝିବାରେ ସାହାଯ୍ୟ କରିବ ।
- ଆମେ ତୁମକୁ ଏହି ଧାରଣା କିମ୍ବା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପରେ ଚିନ୍ତା କରିବା, ଅନୁସନ୍ଧାନ କରିବା, ଆବିଷ୍କାର କରିବା, ସୃଷ୍ଟି କରିବା, ପ୍ରଶ୍ନ ପଚାରିବା ଏବଂ ସମ୍ଭାବ୍ୟ ଉତ୍ତର ଦେବାକୁ ଉତ୍ସାହିତ କରିଛୁ । ଉତ୍ତମ ଶିକ୍ଷାର ଉଦ୍ଦେଶ୍ୟ ମୁଖସ୍ଥ ଶିକ୍ଷଣ ନୁହେଁ ବରଂ ବୁଝିବା ଏବଂ ପ୍ରତିଫଳନ ହେଉଛି ଉତ୍ତମ ଶିକ୍ଷାର ଲକ୍ଷ୍ୟ ।
- ଆମେ ପୂର୍ବ ଅପେକ୍ଷା ଅଧିକ ଉଦାହରଣ ଅନ୍ତର୍ଭୁକ୍ତ କରିଛୁ, କାରଣ ସେଗୁଡ଼ିକ ଅଧିକାଂଶ ସମୟରେ ଦୀର୍ଘ ସ୍ୱୀକରଣ ଅପେକ୍ଷା ଭଲ ବାର୍ତ୍ତା ଦେଇଥାନ୍ତି । ସେଗୁଡ଼ିକ ପାଠ୍ୟପୁସ୍ତକକୁ ଅଧିକ ଜୀବନ୍ତ ଏବଂ ଆନନ୍ଦଦାୟକ ମଧ୍ୟ କରିଥାନ୍ତି ।
- ଆମେ ପାଞ୍ଚଟି ମୁଖ୍ୟ ବିଷୟବସ୍ତୁ ଚୟନ କରିଛୁ- ଯାହାକି ତୁମେ ବିଷୟବସ୍ତୁ ସାରଣୀରେ ଦେଖିବ । ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ ଓ ଅର୍ଥନୀତି ଭଳି ଅନେକ ବିଷୟ ବସ୍ତୁକୁ ଗୋଟିଏ ବିଷୟରେ ଆମେ ଏକାଠି କରିବାରେ ସମର୍ଥ ହୋଇଛୁ । ଏହା ଆମକୁ ବାସ୍ତବ ଜୀବନର ନିକଟତର କରିଥାଏ ।
- ମୁଖ୍ୟତଃ ଆମେ ଭାରତର ଭିତ୍ତିଭୂମିକୁ ବୁଝିବା ଉପରେ କିଛି ଗୁରୁତ୍ୱ ଦେଇଛୁ । ଭାରତ ଏକ ପୁରାତନ ସଭ୍ୟତା ସଂପନ୍ନ ଯୁବରାଷ୍ଟ୍ର ଅଟେ । ଅତୀତ ବିନା ବର୍ତ୍ତମାନ ବା ଭବିଷ୍ୟତର ଅସ୍ତିତ୍ୱ ତିଷ୍ଠି ପାରିବ ନାହିଁ ।

ଏହି ପାଠ୍ୟପୁସ୍ତକକୁ ପରିଶ୍ରମ ପୂର୍ବକ ଶ୍ରଦ୍ଧାର ସହିତ ପ୍ରସ୍ତୁତ କରାଯାଇଛି । ଯଦି ତୁମେ କିଛି ପୃଷ୍ଠା ପ୍ରତି ଧ୍ୟାନ ଆକର୍ଷଣ କରୁଛ ଓ ଦ୍ୱନ୍ଦ୍ୱ ହେଉଛି କିମ୍ବା କିଛି ଚିତ୍ର, ମାନଚିତ୍ର ଉପରେ, ଯଦି କୌଣସି ପ୍ରଶ୍ନ କିମ୍ବା ପରାମର୍ଶ ଥାଏ, ତାହା ଆମକୁ ଜଣାଇଲେ ଆମେ ନିଜକୁ ଧନ୍ୟ ମନେ କରିବୁ ଏବଂ ପରବର୍ତ୍ତୀ ସଂସ୍କରଣରେ ସେ ସବୁର ସଂଶୋଧନ ପାଇଁ ଯତ୍ନବାନ ହେବୁ । ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବିବରଣୀ ଉଲ୍ଲେଖ କରୁଛୁ ଯେ ଏହି ପାଠ୍ୟପୁସ୍ତକରେ ସନ୍ନିବେଶିତ ପାଠ୍ୟ, ଛବି କିମ୍ବା ମାନଚିତ୍ରଗୁଡ଼ିକ ମାଧ୍ୟମରେ ମୂଲ୍ୟାୟନ ଓ ମାନ ନିର୍ଦ୍ଧାରଣ କରାଯାଇ ପାରେ । ତେବେ ଏଥିରେ ୪ଟି ବ୍ୟତିକ୍ରମ ରହିଛି ।

- ଅଧ୍ୟାୟର ପ୍ରଥମ ପୃଷ୍ଠାରେ ଥିବା ଉଦ୍ଧୃତ ବା ଉକ୍ତିଗୁଡ଼ିକରୁ କିଛି ସରଳ, ଆଉ କିଛି ଗଭୀର ଚିନ୍ତାମୂଳକ । ଯଦି ତୁମେ ସେଗୁଡ଼ିକୁ ପ୍ରଥମେ ପଢ଼ିବା ସମୟରେ ବୁଝିପାରୁ ନାହଁ ତେବେ ଚିନ୍ତା କର ନାହିଁ; ସେଗୁଡ଼ିକ ତୁମକୁ ଉତ୍ସାହିତ କରିବା କିମ୍ବା ପ୍ରେରଣା ଦେବା ପାଇଁ ଉଦ୍ଦିଷ୍ଟ ।
- ଯେଉଁ ଉଦାହରଣ ବା ଉକ୍ତି ଉଲ୍ଲେଖ କରିଛୁ, "ତୁମକୁ ଏହା ମନେ ରଖିବାର ଆବଶ୍ୟକତା ନାହିଁ" ।
- ଉପକ୍ରମ (ପୃଷ୍ଠା ୧) ।
- ଏହି ପୁସ୍ତକରେ ସ୍ୱତନ୍ତ୍ର ଭାବେ ପ୍ରଦତ୍ତ ସଂସ୍କୃତ ଶବ୍ଦ କିଛି ସ୍ଥାନରେ ଦିଆଯାଇଛି, ତୁମେ ଧୀରେ ଧୀରେ ପରବର୍ତ୍ତୀ ସମୟରେ ଏହା ବୁଝିପାରିବ ।

ଏହି ୪ଟି ଦିଗ ଉପରେ କୌଣସି ମୂଲ୍ୟାୟନ ହେବ ନାହିଁ ।

ଏହି ପୁସ୍ତକ ମାଧ୍ୟମରେ ତୁମର ଯାତ୍ରା

ଏହି ପାଠ୍ୟପୁସ୍ତକଟି ଆମର ଷଷ୍ଠ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କ ପାଇଁ ଅତ୍ୟନ୍ତ ଯତ୍ନ ଏବଂ ଭଲ ପାଇବା ସହିତ ଲେଖାଯାଇଛି । ଚଳିତ ବର୍ଷ ତୁମେ ପ୍ରଥମ ଥର ପାଇଁ ସାମାଜିକ ବିଜ୍ଞାନ ଅଧ୍ୟୟନ କରିବ । ଏହା ଆମ ନିଜକୁ ଆମ ଭୂମିକୁ ଏବଂ ଆମ ଆଖପାଖରେ ଥିବା ଲୋକଙ୍କୁ ବୁଝିବାରେ ସାହାଯ୍ୟ କରିବ । ଅତୀତରେ ଲୋକମାନେ କେମିତି ରହୁଥିଲେ ? ଆମ ଦେଶ ଭାରତ କିପରି ଦେଖାଯାଏ ? ତାର ପାହାଡ଼, ନଦୀ ଓ ସମତଳ ଅଞ୍ଚଳ କେମିତି ଦେଖାଯାଏ ?... ଏବଂ ଏଭଳି ଆହୁରି ଅନେକ ପ୍ରଶ୍ନ ଏଥିରେ ଅଛି ।

ଏହି ନୂଆ ପାଠ୍ୟପୁସ୍ତକରେ ଅନେକ ବୈଶିଷ୍ଟ୍ୟ ରହିଛି, ଯାହା ତୁମକୁ ଆକର୍ଷଣୀୟ ଏବଂ ମଜାଦାର ଲାଗିବ ବୋଲି ଆମେ ଆଶା କରୁଛୁ । ତୁମେ ଏହାକୁ ପଢ଼ିବା ସମୟରେ, ବିଭିନ୍ନ ପ୍ରକାରର ଚିତ୍ର, ମାନଚିତ୍ର ସମେତ ରଙ୍ଗୀନ ଚିତ୍ର ଦେଖିବ । ଆମେ ତୁମକୁ ପୁସ୍ତକ ଏବଂ ଏହାର ବୈଶିଷ୍ଟ୍ୟ ବିଷୟରେ ଏକ ସୂଚନା ଦେବୁ । ତୁମ ଶିକ୍ଷକ/ଶିକ୍ଷୟିତ୍ରୀ ମଧ୍ୟ ଏହା ମାଧ୍ୟମରେ ତୁମକୁ ମାର୍ଗଦର୍ଶନ କରିବେ ।

ପ୍ରତ୍ୟେକ ଅଧ୍ୟାୟ ଜଣେ ପ୍ରସିଦ୍ଧ ବ୍ୟକ୍ତି କିମ୍ବା ଲେଖକଙ୍କର ଏକ ପ୍ରେରଣାଦାୟକ ଉଦ୍ଧୃତି ସହିତ ଆରମ୍ଭ ହୋଇଛି । ଏହାକୁ ପଢ଼ ଏବଂ ଏହାକୁ ତୁମ ଭାବନା ସହିତ ରହିବାକୁ ଦିଅ । ସେଥିମଧ୍ୟରୁ କିଛି ଉଦାହରଣ ଗଭୀର ଚିନ୍ତାଧାରାର ଉଦ୍ରେକକାରୀ ଅଟେ । ତୁରନ୍ତ ବୁଝି ନପାରିଲେ ଚିନ୍ତା କର ନାହିଁ । ତୁମେ ପରେ ସେଗୁଡ଼ିକ ମର୍ମକୁ ଜାଣିପାରିବ ଏବଂ ଶ୍ରେଣୀରେ ମଧ୍ୟ ସେଗୁଡ଼ିକ ବିଷୟରେ ଆଲୋଚନା କରିଯାଇପାରିବ । ଏଠାରେ ଏକ ଉଦାହରଣ ଅଛି–

ହେ ବନ୍ଧୁ, ମୋ ପ୍ରାର୍ଥନା ସ୍ୱୀକାର କର, ଯେପରି ମୁଁ ଅନେକଙ୍କ ମଧ୍ୟରେ ମଧ୍ୟ ଜଣଙ୍କ ସ୍ୱର୍ଶର ଆନନ୍ଦ କେବେବି ହରାଇବି ନାହିଁ।

– ରବୀନ୍ଦ୍ରନାଥ ଠାକୁର

ବିବିଧତା ମଧ୍ୟରେ ଏକତାର ନୀତି ଯାହା ଭାରତ ପାଇଁ ସର୍ବଦା ସ୍ୱାଭାବିକ ରହି ଆସିଛି ଏବଂ ଏହାକୁ ଚରିତାର୍ଥ କରିବା ଭାରତର ଅସ୍ତିତ୍ୱର ମୌଳିକ ଗତିପଥ ଏବଂ ଏହାର ପ୍ରକୃତି; ଅନେକରେ ଏକ, ଏହା ଭାରତକୁ ତାହାର ସ୍ୱଭାବ ଓ ସ୍ୱଧର୍ମର ନିଶ୍ଚିତ ଭିତ୍ତିଭୂମିରେ ସ୍ଥାପନ କରିବ।

– ଶ୍ରୀ ଅରବିନ୍ଦ

ମୁଖ୍ୟ ଲେଖାଟି ସରଳ ଭାଷାରେ ଲେଖାଯାଇଛି । ତୁମେ ଭାରତ ଏବଂ ଭାରତ ବାହାରେ ଥିବା ଲୋକ ଏବଂ ସ୍ଥାନ ବିଷୟରେ ମଧ୍ୟ ଶିଖିବ । ପାରିଭାଷିକ ଶବ୍ଦଗୁଡ଼ିକ ପାଠର ଠିକ୍ ନିକଟରେ ମାର୍ଜିନ୍‌ରେ ବର୍ଣ୍ଣନା କରାଯାଇଛି ।

- ଭୂ-ତତ୍ତ୍ୱବିତ୍ (ଚିତ୍ର ୪.୨.୧) ପୃଥିବୀର ଭୌତିକ ବୈଶିଷ୍ଟ୍ୟଗୁଡ଼ିକ ଅଧ୍ୟୟନ କରନ୍ତି, ଯେପରିକି ମାଟି, ପଥର, ପାହାଡ଼, ପର୍ବତମାଳା, ନଦୀ, ସମୁଦ୍ର, ମହାସାଗର ଏବଂ ପୃଥିବୀର ଅନ୍ୟତମ ଅଂଶ ।
- ଜୀବଶ୍ମ ବିଜ୍ଞାନୀମାନେ (ଚିତ୍ର ୪.୨.୨) ଲକ୍ଷ ଲକ୍ଷ ବର୍ଷ ପୂର୍ବର ଉଦ୍ଭିଦ, ପ୍ରାଣୀ ଏବଂ ମଣିଷଙ୍କ ଅବଶେଷକୁ ଜୀବାଶ୍ମ ଆକାରରେ ଅଧ୍ୟୟନ କରନ୍ତି ।
- ନୃତତ୍ତ୍ୱ ବିଜ୍ଞାନୀମାନେ (ଚିତ୍ର ୪.୨.୩) ସର୍ବପ୍ରାଚୀନ କାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ମାନବ ସମାଜ ଏବଂ ସଂସ୍କୃତି ଅଧ୍ୟୟନ କରନ୍ତି ।
- ପ୍ରତ୍ନତତ୍ତ୍ୱବିତ୍‌ମାନେ (ଚିତ୍ର ୪.୨.୪) ଅତୀତର ଅବଶିଷ୍ଟାଂଶକୁ ଅଧ୍ୟୟନ କରନ୍ତି, ଯାହା ମଣିଷ, ଉଦ୍ଭିଦ ଏବଂ ପ୍ରାଣୀ ଛାଡ଼ିଯାଇଥିବା ଅବଶେଷ, ଯେପରିକି ଉପକରଣ, ପାତ୍ର, ମଣି, ମୂର୍ତ୍ତି, ଖେଳଣା, ପ୍ରାଣୀ ଏବଂ ମଣିଷଙ୍କ ଅସ୍ଥି ଏବଂ ଦାନ୍ତ, ପୋଡ଼ିଯାଇଥିବା ଶସ୍ୟ, ଘରର କିଛି ଅଂଶ କିମ୍ବା ଇଟା ଇତ୍ୟାଦିକୁ ମାଟି ଖୋଳି ବାହାର କରି ଅଧ୍ୟୟନ କରନ୍ତି ।

ଜୀବାଶ୍ମ :
ଜୀବଜନ୍ତୁଙ୍କ ପାଦଚିହ୍ନ, ଉଦ୍ଭିଦ କିମ୍ବା ଜୀବଜନ୍ତୁଙ୍କ ଅଂଶ ଯାହା ମାଟି କିମ୍ବା ପଥର ସ୍ତର ମଧ୍ୟରେ ସଂରକ୍ଷିତ ଥିବା ଦେଖିବାକୁ ମିଳିଥାଏ, ତାହାକୁ ଜୀବାଶ୍ମ କୁହାଯାଏ ।

ଆସ ଚିନ୍ତା କରିବାରେ ମାତ୍ର ଦୁଇ କିମ୍ବା ତିନୋଟି ପ୍ରଶ୍ନ ଦିଆଯାଇଛି ଯାହା ସେହି ଅଧ୍ୟାୟରେ ତୁମେ କ'ଣ ଅନୁସନ୍ଧାନ କରିବାକୁ ଯାଉଛ ସେ ବିଷୟରେ ତୁମକୁ ଏକ ଧାରଣା ଦିଏ ।

ଆସ ଚିନ୍ତା କରିବା ?

୧. ଲୋକମାନେ କେଉଁ ପ୍ରକାରର କାର୍ଯ୍ୟକଳାପରେ ନିୟୋଜିତ ହୁଅନ୍ତି ?
୨. ଆମ ଦୈନନ୍ଦିନ ଜୀବନରେ ସେମାନଙ୍କର ଅବଦାନ କ'ଣ ?

ଯେତେବେଳେ ତୁମେ ପ୍ରତି ଅଧ୍ୟାୟ ଦେଇ ଗତି କରିବ, ସେତେବେଳେ ତୁମେ "ଆସ ଅନୁସନ୍ଧାନ କରିବା" ନାମକ କିଛି ବିଭାଗ ପାଇବ ।

ଆସ ଅନୁସନ୍ଧାନ କରିବା

ତୁମେ କ'ଣ ଏପରି ସମାଜର ଶବ୍ଦ ଜାଣ ଯେଉଁଠାରେ ଲୋକମାନେ ସେମାନଙ୍କର ନେତାମାନଙ୍କୁ ବାଛନ୍ତି ? ତୁମେ କ'ଣ ଭାବୁଛ ଯେ ଲୋକମାନେ ଏପରି ପରିସ୍ଥିତିରୁ କିପରି ଲାଭ ପାଇପାରିବେ ? ଯଦି ସେମାନେ ଏପରି ନେତାଙ୍କ ଅଧୀନରେ ରୁହନ୍ତି ଯାହାକୁ ସେମାନେ ବାଛି ନାହାଁନ୍ତି ତେବେ କ'ଣ ହୋଇପାରେ ? (ସୂଚନା: 'ଶାସନ ଓ ଗଣତନ୍ତ୍ର' ବିଷୟବସ୍ତୁରେ ତୁମେ କ'ଣ ଶିଖୁଛ ତାହା ପୁଣି ଥରେ ଚିନ୍ତା କର ।) ୧୦୦ ରୁ ୧୫୦ ଶବ୍ଦର ଏକ ଅନୁଚ୍ଛେଦରେ ତୁମର ଚିନ୍ତାଧାରା ଲେଖ ।

‘ଏହା ବିଷୟରେ ଚିନ୍ତା କର’ ଯାହା ପାଠ୍ୟକ୍ରମରେ କାର୍ଯ୍ୟକଳାପ, ଅଭ୍ୟାସର ପ୍ରସ୍ତାବ ଦିଏ, କିମ୍ବା ଆଗକୁ ଅଧିକ ଚିନ୍ତନର ଆହ୍ୱାନ ଦିଏ ।

ଏହା ବିଷୟରେ ଚିନ୍ତା କର

ତୁମେ କେବେ ତୁମ ଘର ଭିତରେ ଏବଂ ଚାରିପାଖରେ ପୁରୁଣା ମୁଦ୍ରା, ପୁସ୍ତକ, ପୋଷାକ, ଅଳଙ୍କାର କିମ୍ବା ବାସନକୁସନ ଦେଖିଛ କି ? ଏପରି ଜିନିଷରୁ ଏବଂ ପୁରୁଣା ଘର କିମ୍ବା ପୁରୁଣା କୋଠାରୁ ଆମେ କି ପ୍ରକାରର ସୂଚନା ପାଇପାରିବା ?

ମନେରଖ

ଆମର ଅନେକ ଅନୁଷ୍ଠାନର ମୂଳମନ୍ତ୍ର ଆମ ପ୍ରାଚୀନ ଗ୍ରନ୍ଥଗୁଡ଼ିକର ଜ୍ଞାନ ଦ୍ୱାରା ଅନୁପ୍ରାଣିତ । ଉଦାହରଣ ସ୍ୱରୂପ, ଭାରତ ସରକାରଙ୍କ ମୂଳମନ୍ତ୍ର ହେଉଛି ‘ସତ୍ୟମେବ ଜୟତେ’, ଯାହର ଅର୍ଥ “କେବଳ ସତ୍ୟର ବିଜୟ ହୁଏ” । ସର୍ବୋଚ୍ଚ ନ୍ୟାୟାଳୟର ମୂଳମନ୍ତ୍ର ହେଉଛି ‘ଯତୋ ଧର୍ମସ୍ତତୋ ଜୟଃ’,ଏହାର ଅର୍ଥ “ଯେଉଁଠାରେ ଧର୍ମ ଅଛି, ସେଠାରେ ବିଜୟ ଅଛି ।”

ମନେରଖ ଶିରେନାମାଟି ରୋଚକ କିମ୍ବା ମଜାଦାର ତଥ୍ୟକୁ ସାମ୍ନାକୁ ଆଣିଥାଏ ଯାହା ତୁମ ଉତ୍ସୁକତାକୁ ଉତ୍ସାହିତ କରିବ ।

ପ୍ରତ୍ୟେକ ଅଧ୍ୟାୟ ଶେଷରେ ଆମେ କ’ଣ ଶିଖିଲେ ବିଭାଗରେ କିଛି ମୂଳ ଧାରଣାକୁ ବର୍ଣ୍ଣନା କରାଯାଇଛି । ପରେ କିଛି ପ୍ରଶ୍ନାବଳୀ କିମ୍ବା ପ୍ରକଳ୍ପକୁ ମଧ୍ୟ ଅଭ୍ୟାସ ପାଇଁ ଦିଆଯାଇଛି ।

ଆମେ କ’ଣ ଶିଖିଲେ

- ପରିବାର ହେଉଛି ମାନବ ସମାଜର ମୂଳଦୁଆ । ସ୍ୱତଃସ୍ଫୂର୍ତ୍ତ ଭାବରେ, ପରିବାରର ସଦସ୍ୟମାନେ ସେମାନଙ୍କର କର୍ତ୍ତବ୍ୟ ଏବଂ କାର୍ଯ୍ୟରେ ପରସ୍ପରକୁ ସମର୍ଥନ କରନ୍ତି ।
- ଗୋଷ୍ଠୀ ଏକ ବଡ଼ ଏକକ, ଏହା ମଧ୍ୟ ବୁଝାଏ ଯେ ଏଥିରେ ଲୋକମାନେ ପରସ୍ପରକୁ ସମର୍ଥନ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରନ୍ତି । ‘ସମ୍ପ୍ରଦାୟ’(ଗୋଷ୍ଠୀ)କୁ ବିଭିନ୍ନ ଉପାୟରେ ପରିଭାଷିତ କରାଯାଇପାରିବ ଏବଂ ଏଠାରେ ଅନେକ ପ୍ରକାରର ଗୋଷ୍ଠୀ ଅଛି ।
- ଶେଷରେ ଗୋଷ୍ଠୀଗୁଡ଼ିକ ପରସ୍ପର ଉପରେ ନିର୍ଭରଶୀଳ ।

ଏହି ପାଠ୍ୟପୁସ୍ତକ ଅନୁସନ୍ଧାନର ଯାତ୍ରାରେ ତୁମ ଶିକ୍ଷକ/ଶିକ୍ଷୟିତ୍ରୀ ତୁମ ସହିତ ରହିବେ । ଆମେ ଆଶା କରୁଛୁ ଯେ ତୁମେ ତୁମ ପିତାମାତା କିମ୍ବା ଅଭିଭାବକଙ୍କ ସହିତ ମଧ୍ୟ ଏହାର କିଛି ଅଂଶ ପଢ଼ିବ । ହୁଏତ ତୁମେ ସେମାନଙ୍କ ସହିତ କିଛି କାର୍ଯ୍ୟକଳାପ କରିବାକୁ ଚେଷ୍ଟା କରିପାର ।

ଆମେ ତୁମକୁ ସାମାଜିକ ବିଜ୍ଞାନ ମାଧ୍ୟମରେ ଏକ ଆନନ୍ଦଦାୟକ ଯାତ୍ରା, ମାନବ ଜୀବନ ଏବଂ ସମାଜ ବିଷୟରେ ଉନ୍ନତ ଅର୍ନ୍ତଦୃଷ୍ଟି ହାସଲ କରିବା ପାଇଁ କାମନା କରୁଛୁ ।

ଭାରତୀୟ ସମ୍ବିଧାନ

ତୃତୀୟ ଭାଗ (ଧାରା ୧୨-୩୫)

(କେତେକ ସର୍ତ୍ତ, କିଛି ବ୍ୟତିକ୍ରମ ଏବଂ ଯୁକ୍ତିଯୁକ୍ତ ପ୍ରତିବନ୍ଧକ ଅଧୀନରେ)

ଏଗୁଡ଼ିକର ଗ୍ୟାରେଣ୍ଟି ଦିଏ

ମୌଳିକ ଅଧିକାର

ସମାନତା ଅଧିକାର

- ଆଇନ ଆଗରେ ଏବଂ ଆଇନର ସମାନ ସୁରକ୍ଷା,
- ଧର୍ମ, ଜାତି, ବର୍ଣ୍ଣ, ଲିଙ୍ଗ କିମ୍ବା ଜନ୍ମସ୍ଥାନ ନିର୍ବିଶେଷରେ,
- ସାର୍ବଜନୀନ ସରକାରୀ ଚାକିରିରେ ସୁଯୋଗ,
- ଅସ୍ପୃଶ୍ୟତା ଏବଂ ଉପାଧି ଉଚ୍ଛେଦ ଦ୍ୱାରା ।

ସ୍ୱାଧୀନତା ଅଧିକାର

- ଅଭିବ୍ୟକ୍ତି, ସମାବେଶ, ସଙ୍ଗଠନ, ଆନ୍ଦୋଳନ, ବାସସ୍ଥାନ ଏବଂ ବୃତ୍ତି,
- ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହେବା ସମ୍ବନ୍ଧରେ କେତେକ ସୁରକ୍ଷା,
- ଜୀବନଧାରଣ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା,
- ଏବୁ ୧୪ ବର୍ଷ ବୟସର ପିଲାଙ୍କ ପାଇଁ ମାଗଣା ଓ ବାଧତାମୂଳକ ଶିକ୍ଷା,
- କେତେକ ମାମଲାରେ ଗିରଫ ଏବଂ ଅଟକ ରଖିବା ବିରୋଧରେ ସୁରକ୍ଷା ।

ଶୋଷଣ ବିରୋଧରେ ଅଧିକାର

- ମାନବ ଚାଲାଣ ନିଷେଧ ଏବଂ ବାଧତାମୂଳକ ଶ୍ରମ ପାଇଁ,
- ବିପଜ୍ଜନକ କାର୍ଯ୍ୟରେ ୧୪ ବର୍ଷରୁ କମ ବୟସର ପିଲାଙ୍କୁ ନିଯୁକ୍ତି ଦେବା ଉପରେ କଟକଣା।

ଧର୍ମଗତ ସ୍ୱାଧୀନତା ଅଧିକାର

- ବିବେକର ସ୍ୱାଧୀନତା ଏବଂ ମୁକ୍ତ ବୃତ୍ତି, ଅଭ୍ୟାସ ଏବଂ ଧର୍ମର ପ୍ରଚାର
- ଧାର୍ମିକ ବ୍ୟାପାର ପରିଚାଳନା କରିବାର ସ୍ୱାଧୀନତା,
- କୌଣସି ନିର୍ଦ୍ଦିଷ୍ଟ ଧର୍ମର ପ୍ରଚାର ପ୍ରସାର ପାଇଁ ଟିକସ ପେଠ ନ କରିବାର ସ୍ୱାଧୀନତା,
- ରାଜ୍ୟ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ପରିଚାଳିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଧାର୍ମିକ ଶିକ୍ଷା କିମ୍ବା ଧାର୍ମିକ ଉପାସନା ନ କରିବାର ସ୍ୱାଧୀନତା ।

ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର

- ସଂଖ୍ୟାଲଘୁଙ୍କ ଭାଷା, ଲିପି ଓ ସଂସ୍କୃତିର ସଂରକ୍ଷଣ ପାଇଁ ସେମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ,
- ସଂଖ୍ୟାଲଘୁମାନେ ନିଜ ପସନ୍ଦର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ ପରିଚାଳନା କରିପାରିବେ ।

ସାମ୍ବିଧାନିକ ପ୍ରତିକାର ଅଧିକାର

- ଏହି ମୌଳିକ ଅଧିକାରଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସୁପ୍ରିମ କୋର୍ଟ ଏବଂ ହାଇକୋର୍ଟଙ୍କ ଦ୍ୱାରା ନିର୍ଦ୍ଦେଶନାମା କିମ୍ବା ଆଦେଶ କିମ୍ବା ରିଟ୍ ଜାରି କରି ।

ଭାରତୀୟ ସମ୍ବିଧାନ

ଚତୁର୍ଥ ଭାଗ-କ (ଧାରା ୫୧କ)

ମୌଳିକ କର୍ତ୍ତବ୍ୟ

ଏହା ଭାରତର ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ହେବ-

(କ) ସମ୍ବିଧାନକୁ ପାଳନ କରିବା ଏବଂ ଏହାର ଆଦର୍ଶ ଏବଂ ଅନୁଷ୍ଠାନ, ଜାତୀୟ ପତାକା ଏବଂ ଜାତୀୟ ସଙ୍ଗୀତକୁ ସମ୍ମାନ ଦେବା,

(ଖ) ସ୍ୱାଧୀନତା ପାଇଁ ଆମର ଜାତୀୟ ସଂଗ୍ରାମକୁ ପ୍ରେରଣା ଦେଇଥିବା ମହାନ ଆଦର୍ଶକୁ ସ୍ମରଣ କରିବା ଏବଂ ଅନୁସରଣ କରିବା,

(ଗ) ଭାରତର ସାର୍ବଭୌମତ୍ୱ, ଏକତା ଏବଂ ଅଖଣ୍ଡତାକୁ ବଜାୟ ରଖିବା ଏବଂ ସୁରକ୍ଷିତ ରଖିବା,

(ଘ) ଦେଶକୁ ରକ୍ଷା କରିବା ଏବଂ ଆହ୍ୱାନ ମିଳିଲେ ଜାତୀୟ ସେବା ପ୍ରଦାନ କରିବା,

(ଙ) ଧାର୍ମିକ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ବିଭାଗୀୟ ବିବିଧତାକୁ ଅତିକ୍ରମ କରି ଭାରତର ସମସ୍ତ ଲୋକଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଏବଂ ସାଧାରର ଭାଇଚାରାର ଭାବନାକୁ ପ୍ରୋତ୍ସାହିତ କରିବା; ନାରୀର ମର୍ଯ୍ୟାଦା ପ୍ରତି ଅପମାନଜନକ ଆଚରଣକୁ ତ୍ୟାଗ କରିବା,

(ଚ) ଆମର ମିଳିତ ସଂସ୍କୃତିର ସମୃଦ୍ଧ ଐତିହ୍ୟକୁ ମୂଲ୍ୟ ଦେବା ଏବଂ ସଂରକ୍ଷଣ କରିବା,

(ଛ) ଜଙ୍ଗଲ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା, ଉନ୍ନତି ଏବଂ ଜୀବଜନ୍ତୁଙ୍କ ପ୍ରତି ଦୟା କରିବା,

(ଜ) ବୈଜ୍ଞାନିକ ମନୋଭାବ, ମାନବିକତାବାଦ ଏବଂ ଅନୁସନ୍ଧନ ଓ ସଂସ୍କାର ଭାବନାର ବିକାଶ, କରିବା

(ଝ) ସର୍ବସାଧାରଣ ସମ୍ପତ୍ତିକୁ ସୁରକ୍ଷିତ ରଖିବା ଏବଂ ହିଂସା ତ୍ୟାଗ କରିବା,

(ଞ) ସ୍ୱତନ୍ତ୍ର ଏବଂ ସାମୂହିକ କାର୍ଯ୍ୟରେ ଶ୍ରେଷ୍ଠତା ଲାଭ କରିବା ନିମିତ୍ତ ଉଦ୍ୟମ କରିବା ଯାହାଦ୍ୱାରା ଦେଶ ଏକ ଉନ୍ନତ ସ୍ତରରେ ପହଞ୍ଚିପାରିବ ।

(ଟ) ୬ ରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁ ମାନଙ୍କ ଶିକ୍ଷା ବାଧ୍ୟତାମୂଳକ କରିବା । (ଏହା ପିତାମାତାଙ୍କ ନିମନ୍ତେ)

ଟିପ୍‌ପଣୀ -

- ମୌଳିକ କର୍ତ୍ତବ୍ୟକୁ ବର୍ଣ୍ଣନା କରୁଥିବା ଧାରା-୫୧ କ, ୧୯୭୬ ମସିହା ସମ୍ବିଧାନ ସଂଶୋଧନ ଆଇନ୍ (୪୨ତମ ସଂଶୋଧନ) ଦ୍ୱାରା (୩ ଜାନୁୟାରୀ ୧୯୭୭ ମସିହା ଠାରୁ) ଅନ୍ତର୍ଭୁକ୍ତ ହୋଇଥିଲା ।
- ମୌଳିକ କର୍ତ୍ତବ୍ୟ (ଟ) ୨୦୦୨ ମସିହା ସମ୍ବିଧାନ ସଂଶୋଧନ ଆଇନ୍ (୮୬ ତମ ସଂଶୋଧନ) ଦ୍ୱାରା (୦୧ ଏପ୍ରିଲ ୨୦୧୦ ମସିହା ଠାରୁ) ଅନ୍ତର୍ଭୁକ୍ତ ହୋଇଥିଲା ।

ସିଲାବସ୍ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର୍ କମିଟି

୧.	କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ	ଅଧ୍ୟକ୍ଷ
୨.	ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ	ସଦସ୍ୟ
୩.	ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା	ସଦସ୍ୟ
୪.	ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା	ସଦସ୍ୟ
୫.	ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା	ସଦସ୍ୟ
୬.	ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ	ସଦସ୍ୟ
୭.	ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ	ସଦସ୍ୟ
୮.	ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ	ସଦସ୍ୟ
୯.	ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ	ସଦସ୍ୟ
୧୦.	ନିର୍ଦ୍ଦେଶକ, ଓଡ଼ିଶା ଭାଷା ପ୍ରତିଷ୍ଠାନ	ସଦସ୍ୟ
୧୧.	ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା	ସଦସ୍ୟ
୧୨.	ଏନ୍ ସି ଇ ଆର ଟି ପ୍ରତିନିଧି	ସଦସ୍ୟ
୧୩.	ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର	ସଦସ୍ୟ
୧୪.	ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ ଏବଂ ଅଧ୍ୟକ୍ଷ, ଏସ୍ ସି ଏଫ, ଓଡ଼ିଶା	ସଦସ୍ୟ
୧୫.	ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ	ସଦସ୍ୟ
୧୬.	ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ)	ସଦସ୍ୟ
୧୭.	ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା, ଏନ ଏସ୍ ଟି ସି କାର୍ଯ୍ୟକ୍ରମ, ଏନ୍ ସି ଇ ଆର ଟି	ସଦସ୍ୟ
୧୮.	ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା	ସଦସ୍ୟ
୧୯.	ଡକ୍ଟର ଲଲିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଏକାମ୍ର କଲେଜ, ଭୁବନେଶ୍ୱର	ସଦସ୍ୟ
୨୦.	ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର	ସଦସ୍ୟ
୨୧.	ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ, ପଦ୍ମପୁର କଲେଜ, ବରଗଡ଼	ସଦସ୍ୟ
୨୨.	ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାଇଓଲୋଜି, ସୋଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର	ସଦସ୍ୟ
୨୩.	ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ, ବ୍ରହ୍ମପୁର, ଗଞ୍ଜାମ	ସଦସ୍ୟ
୨୪.	ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା	ସଦସ୍ୟ ସଚିବ

ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁ ଭାଷମୟୀ, ଜନନୀ, ଜନନୀ, ଜନନୀ ।
ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।।

ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।।

ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଚ୍ଚଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ସୁରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।।

କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।।

(କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)



ଆମ ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟହେ
ଭାରତ ଭାଗ୍ୟ ବିଧାତା।
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼-ଉତ୍କଳ-ବଙ୍ଗ,
ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା।
ଉଚ୍ଛଳ-ଜଳଧି-ତରଙ୍ଗ,
ତବ ଶୁଭ ନାମେ ଜାଗେ,
ତବ ଶୁଭ ଆଶିଷ ମାଗେ,
ଗାହେ ତବ ଜୟ ଗାଥା।
ଜନ-ଗଣ -ମଙ୍ଗଳ ଦାୟକ ଜୟ ହେ,
ଭାରତ-ଭାଗ୍ୟ-ବିଧାତା !
ଜୟ ହେ, ଜୟ ହେ, ଜୟ ହେ,
ଜୟ ଜୟ ଜୟ, ଜୟ ହେ।"

ବିଷୟବସ୍ତୁ

ପ୍ରସ୍ତାବନା

ଛାତ୍ରଛାତ୍ରୀଙ୍କୁ ପତ୍ର

ଏହି ପୁସ୍ତକ ମାଧ୍ୟମରେ ତୁମର ଯାତ୍ରା

ଉପକ୍ରମ: ସାମାଜିକ ବିଜ୍ଞାନ କାହିଁକି ? **୧**

ଭାଗ 'କ'- ଭାରତ ଏବଂ ବିଶ୍ୱ: ଭୂମି ଏବଂ ମାନବ

ଅଧ୍ୟାୟ-୧. ପୃଥିବୀରେ ସ୍ଥାନ ଚିହ୍ନଟ କରିବା ୭

ଅଧ୍ୟାୟ-୨. ମହାସାଗର ଏବଂ ମହାଦେଶ ୨୭

ଅଧ୍ୟାୟ-୩. ଭୂମିରୂପଏବଂ ଜୀବନ ୪୧

ଭାଗ 'ଖ'- ଅତୀତର ସ୍ମୃତିଫର୍ଦ୍ଦ

ଅଧ୍ୟାୟ-୪. ଇତିହାସର ସମୟସୀମା ଏବଂ ଉତ୍ସ ୫୯

ଅଧ୍ୟାୟ-୫. ଇଣ୍ଡିଆ, ଅର୍ଥାତ୍ ଭାରତ ୭୭

ଅଧ୍ୟାୟ-୬. ଭାରତୀୟ ସଭ୍ୟତାର ପ୍ରାରମ୍ଭ ୮୭

ଭାଗ 'ଗ'- ଆମ ସାଂସ୍କୃତିକ ଐତିହ୍ୟ ଏବଂ ଜ୍ଞାନ ପରମ୍ପରା

ଅଧ୍ୟାୟ-୭. ଭାରତର ସାଂସ୍କୃତିକ ଆଧାର ୧୦୭

ଅଧ୍ୟାୟ-୮. ବିବିଧତା ମଧ୍ୟରେ ଏକତା, ବା 'ଅନେକରେ ଏକ' ୧୩୧

ଭାଗ 'ଘ'- ଶାସନ ଏବଂ ଗଣତନ୍ତ୍ର

ଅଧ୍ୟାୟ-୯. ପରିବାର ଓ ଗୋଷ୍ଠୀ ୧୪୩

ଅଧ୍ୟାୟ-୧୦. ତୃଣମୂଳ ଗଣତନ୍ତ୍ର - ଭାଗ ୧: ଶାସନବିଧି ୧୫୫

ଅଧ୍ୟାୟ-୧୧.ତୃଣମୂଳ ଗଣତନ୍ତ୍ର - ଭାଗ ୨: ଗ୍ରାମାଞ୍ଚଳରେ ସ୍ଥାନୀୟ ସରକାର ୧୬୯

ଅଧ୍ୟାୟ-୧୨. ତୃଣମୂଳ ଗଣତନ୍ତ୍ର - ଭାଗ ୩: ସହରାଞ୍ଚଳରେ ସ୍ଥାନୀୟ ସରକାର ୧୭୯

ଭାଗ 'ଙ'- ଆମ ଚତୁଃପାର୍ଶ୍ୱର ଅର୍ଥନୈତିକ ଜୀବନ

ଅଧ୍ୟାୟ-୧୩. କାର୍ଯ୍ୟର ମୂଲ୍ୟ ୧୯୧

ଅଧ୍ୟାୟ-୧୪. ଆମ ଚତୁଃପାର୍ଶ୍ୱର ଅର୍ଥନୈତିକ କାର୍ଯ୍ୟକଳାପ ୨୦୩

ବସୁଧୈବ କୁଟୁମ୍ବକମ୍ :
ସମଗ୍ର ପୃଥିବୀ ଏକ ପରିବାର

ଉପକ୍ରମ
ସାମାଜିକ ବିଜ୍ଞାନ କାହିଁକି ?



ଆସ ଅନୁସନ୍ଧାନ କରିବା

→ ଉପରୋକ୍ତ ଚିତ୍ରକୁ ଦେଖ । ତୁମେ କ'ଣ ଲକ୍ଷ୍ୟ କରୁଛ ?

- ହ୍ରଦର ପାଣି କେଉଁଠୁ ଆସିଲା ?
- କିଏ ଓ କାହିଁକି ରାସ୍ତା ତିଆରି କଲା ?
- ଛୋଟିଆ ଘରେ ରହୁଥିବା ଲୋକଙ୍କ କାର୍ଯ୍ୟକଳାପ କ'ଣ ହୋଇପାରେ ? ସେମାନଙ୍କ ଅତୀତ କ'ଣ ହୋଇଥିବ ଏବଂ ସେମାନଙ୍କ ଭବିଷ୍ୟତ କ'ଣ ହୋଇପାରେ ?

→ ତୁମ ଉତ୍ତର ଲେଖ ଏବଂ ତୁମ ସହପାଠୀଙ୍କ ସହିତ ଆଲୋଚନା କର ।

→ ଏବେ ପରବର୍ତ୍ତୀ ପୃଷ୍ଠାରେ ଥିବା ଚିତ୍ରକୁ ଦେଖିଲେ ତୁମ ମନରେ କି ପ୍ରଶ୍ନ ଉଠୁଛି ? ସେଗୁଡ଼ିକୁ ଲେଖ ।

→ ତୁମେ ଏହି ଦୁଇଟି ଚିତ୍ର ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତରଗୁଡ଼ିକୁ କିପରି ଖୋଜିପାଇବ ବୋଲି ପ୍ରସ୍ତାବ ଦେଉଛ ?

ସାମାଜିକ ବିଜ୍ଞାନ ପାଇଁ ଆମର ଉପରୋକ୍ତ ପ୍ରଶ୍ନଗୁଡ଼ିକ କିପରି ପ୍ରାସଙ୍ଗିକ ?

ଆମେ ଏକ ବିଂଶ ଶତାବ୍ଦୀରେ ବାସ କରୁଛୁ (ଯଦି ତୁମେ ଏହି ସଂଖ୍ୟାର ପ୍ରକୃତ ଅର୍ଥ ଜାଣନ୍ତି ନାହିଁ, ତେବେ ତୁମେ ଖୁବ୍ ଶୀଘ୍ର ଏହା ବିଷୟରେ ଜାଣିବାକୁ ପାଇବେ) । ମାନବିକତା ପାଇଁ ଏହା ଏକ ବିଶେଷ ଆହ୍ୱାନ ବୋଲି ସମସ୍ତେ ସହମତ । ଗୋଟିଏ ପଟେ ପ୍ରଯୁକ୍ତିବିଦ୍ୟା (Technology)

ଦ୍ରୁତ ଗତିରେ ଅଗ୍ରଗତି ହେଉଛି, ଯାହା ଆମ ଜୀବନକୁ ଅନେକ ଉପାୟରେ ବଦଳାଇ ଦେଉଛି । ଅପରପକ୍ଷରେ ବିଶ୍ୱରେ ଏକାଧିକ ଯୁଦ୍ଧ, ସଶସ୍ତ୍ର ସଂଘର୍ଷ ଏବଂ ସାମାଜିକ ଉତ୍ତେଜନା ବଢୁଥିବା ଦେଖିବାକୁ ମିଳୁଛି ଏବଂ ଆମ ପୃଥିବୀର ପ୍ରାକୃତିକ ପରିବେଶ ବହୁତ ଚାପରେ ରହିଛି । ଆମେ ମହାନ ସମ୍ଭାବନାର ଯୁଗରେ ରହୁଛୁ କିନ୍ତୁ ତା ସହ ବଡ଼ ଆହ୍ୱାନର ମଧ୍ୟ ସମ୍ମୁଖୀନ ହେଉଛୁ ।

ସମଗ୍ର ବିଶ୍ୱରେ ଅଧିକରୁ ଅଧିକ ଲୋକ ଚିନ୍ତା କରନ୍ତି, "ଆମେ ସମ୍ମୁଖୀନ ହେଉଥିବା ମାନବିକତା ସମ୍ବନ୍ଧୀୟ ସମସ୍ୟାର ସମାଧାନ କିପରି କରି ପାରିବା ? ଆମ ସମାଜ କିପରି ଶାନ୍ତି ଓ ସୌହାର୍ଦ୍ଦ୍ୟରେ ବଞ୍ଚିବାର କୌଶଳ ଶିଖିପାରିବ ? ଆମେ ସମସ୍ତେ ଅଂଶୀଦାର ହୋଇଥିବା ଏହି ସୁନ୍ଦର ପୃଥିବୀକୁ କିପରି ସୁରକ୍ଷିତ କରିପାରିବା- ଏବଂ ଏହା କେବଳ ନିଜ ପାଇଁ ନୁହେଁ ବରଂ ଏହା ଉପରେ ବାସ କରୁଥିବା ସମସ୍ତ ପ୍ରଜାତି ପାଇଁ ମଧ୍ୟ ଏହାର ସୁରକ୍ଷା କରିପାରିବା ?"

ଏହି ମୌଳିକ ପ୍ରଶ୍ନଗୁଡ଼ିକ ସରଳ, କିନ୍ତୁ ଉତ୍ତର ନାହିଁ । ଏହା ସରଳ ହୋଇପାରିବ ନାହିଁ, କାରଣ ମାନବ ସମାଜ ଅତ୍ୟନ୍ତ ବିବିଧ ଏବଂ ଜଟିଳ । ଯଦି ଆମେ ଏଭଳି ପ୍ରଶ୍ନର ଉତ୍ତର ଖୋଜିବାକୁ ଚାହୁଁଛୁ ଏବଂ ଏକ ଉନ୍ନତ ଭବିଷ୍ୟତ ଗଢ଼ିବାରେ ସାହାଯ୍ୟ କରିବାକୁ ଚାହୁଁଛୁ, ତେବେ ଆମକୁ ପ୍ରଥମେ ଆମ ଦୁନିଆକୁ ଏବଂ ବିଶେଷ କରି ମାନବ ସମାଜକୁ ବୁଝିବା ଆବଶ୍ୟକ । ଏହା ହିଁ ହେଉଛି **ସାମାଜିକ ବିଜ୍ଞାନ** ।

ତୁମେ ଭାବୁଥିବ ଏହା ପଦାର୍ଥ ବିଜ୍ଞାନ କିମ୍ବା ରସାୟନ ବିଜ୍ଞାନ ଭଳି ଏକ 'ବିଜ୍ଞାନ' । ମାତ୍ର ଏହା ନୁହେଁ । ଏହି ବିଷୟବସ୍ତୁ ଆବଶ୍ୟକ ସ୍ଥଳେ ଯଥାସମ୍ଭବ ବୈଜ୍ଞାନିକ ପଦ୍ଧତି ବ୍ୟବହାର କରେ (ତୁମେ

ପାଠ୍ୟପୁସ୍ତକରେ କିଛି ଉଦାହରଣ ଦେଖିବ), କିନ୍ତୁ ଏହାର କେନ୍ଦ୍ରରେ ରହିଛି ମାନବ ସମାଜ-ଯାହା ଏତେ ବିବିଧତା ପୂର୍ଣ୍ଣ ଯେ, ତାହା ସାଧାରଣ ବିଜ୍ଞାନ ପରି ନିର୍ଦ୍ଦିଷ୍ଟ ପଦ୍ଧତି ଓ ଫଳାଫଳ ଯୁକ୍ତ ନୁହେଁ।

ସାମାଜିକ ବିଜ୍ଞାନର ଅନେକ ଉପବିଭାଗ ରହିଛି; ଭୂଗୋଳ, ଇତିହାସ, ରାଜନୀତି ବିଜ୍ଞାନ, ଅର୍ଥନୀତି, ସମାଜବିଜ୍ଞାନ, ନୃତତ୍ତ୍ୱବିଜ୍ଞାନ, ପ୍ରତ୍ନତତ୍ତ୍ୱ, ମନୋବିଜ୍ଞାନ ଏବଂ ଆହୁରି ଅନେକ କିଛି । ଏହିସବୁ ପାଇଁ ତୁମକୁ ଭୟଭୀତ ହେବାର ଆବଶ୍ୟକତା ନାହିଁ । ଯଦିଓ ତୁମେ ମାଧ୍ୟମିକ ପର୍ଯ୍ୟାୟରେ ଏହି ଉପ-ବିଭାଗଗୁଡ଼ିକ ମଧ୍ୟରୁ କିଛି ଅଧ୍ୟୟନ କରିବ, ମଧ୍ୟମ ପର୍ଯ୍ୟାୟରେ ଆମେ ଏହି ବିଭାଗୀକରଣକୁ ଏଡ଼ାଇ ଯାଇଛୁ । ଏହା ବଦଳରେ ଆମେ ପାଞ୍ଚଟି ବ୍ୟାପକ ବିଷୟବସ୍ତୁ ବାଛିଛୁ । ଆସ ସେଗୁଡ଼ିକ ଉପରେ ସଂକ୍ଷିପ୍ତ ଭାବରେ ନଜର ପକାଇବା । (ମନେରଖ ଯେ ଉପକ୍ରମରେ mind map ବା **ମାନସ ମାନଚିତ୍ର**ରେ ଏହି ପାଠ୍ୟପୁସ୍ତକର ପ୍ରତି ଭାଗର ଅଧ୍ୟାୟ ଅନ୍ତର୍ଭୁକ୍ତ ।)

ଭାଗ -କ : ଭାରତ ଏବଂ ବିଶ୍ୱ

ଭୂମି ଏବଂ ମାନବ

ଏହି ପ୍ରଥମ ବିଷୟବସ୍ତୁରେ ଆମ ଚାରିପାଖରେ ଥିବା ଭୌଗୋଳିକ ଜଗତର ମୌଳିକତା ଅନ୍ତର୍ଭୁକ୍ତ ଯେମିତି ଆମ ଗ୍ରହର କିଛି ମୁଖ୍ୟ ବୈଶିଷ୍ଟ୍ୟ ଏବଂ ମାନଚିତ୍ରରେ ସେମାନଙ୍କୁ ପ୍ରତିନିଧିତ୍ୱ କରିବାର ଉପାୟ । ଏହି ବିଷୟବସ୍ତୁ କାହିଁକି ଗୁରୁତ୍ୱପୂର୍ଣ୍ଣ, ଯେତେବେଳେ ଆଜି ଆମେ ମୋବାଇଲ୍ ଫୋନରେ ଉତ୍ତମ ମାନଚିତ୍ର ପାଇପାରିବା ? କାରଣ ଏହା ମାନଚିତ୍ରଠାରୁ ଅଧିକ କିଛି ସୂଚନା ଦେଇଥାଏ । ସମୁଦ୍ର, ପର୍ବତ, ନଦୀ ଇତ୍ୟାଦି ଭୌଗୋଳିକ ବୈଶିଷ୍ଟ୍ୟ କିପରି ସମଗ୍ର ସଭ୍ୟତାକୁ ସେମାନଙ୍କ ଇତିହାସରେ ଆକାର ଦେଇଛି ତାହା ମଧ୍ୟ ଏଥିରେ କୁହାଯାଇଛି । ଭାରତ କ୍ଷେତ୍ରରେ ଏହାର ପ୍ରାକୃତିକ ପରିବେଶ କିପରି ପ୍ରାଚୀନ ସଭ୍ୟତାକୁ ଏକ ସ୍ୱତନ୍ତ୍ର ପରିଚୟ ଦେବାରେ ସହାୟକ ହୋଇଛି ତାହା ମଧ୍ୟ ଆଲୋଚିତ ହୋଇଛି ।

ଭାଗ - ଖ : ଅତୀତର ସ୍ମୃତି ଫର୍ଦ୍ଦ

ଟେପେଷ୍ଟ୍ରି ହେଉଛି କାନ୍‌ଭାସ୍ ପରି କପଡ଼ାର ଏକ ବଡ଼ ଖଣ୍ଡ ଯାହା ସାଧାରଣତଃ କାନ୍ଥ ଭାବରେ ଝୁଲୁଥାଏ, ଯେଉଁଥିରେ ଚିତ୍ର ଏବଂ ଡିଜାଇନ୍ ବା ନକ୍ସା ଥାଏ, ବେଳେବେଳେ ଏକ ଐତିହାସିକ କାହାଣୀକୁ ସୂଚାଏ । ଆମର ଟେପେଷ୍ଟ୍ରି ବା ସ୍ମୃତି ଫର୍ଦ୍ଦ ଭାରତର ଅତୀତଠାରୁ ଆରମ୍ଭ କରି ଆମେ ଅତୀତର ଦୃଶ୍ୟ ଚିତ୍ରଣ କରିବା । କିନ୍ତୁ ଆମେ କାହିଁକି ଅତୀତ ପାଇଁ ଚିନ୍ତିତ ହେବା ଉଚିତ୍ ? କାରଣ ଏହା ହେଉଛି ବର୍ତ୍ତମାନକୁ ବୁଝିବାର ଚାବିକାଠି, ଏବଂ ଏହି ବିଷୟବସ୍ତୁରେ ଥିବା ଅଧ୍ୟାୟଗୁଡ଼ିକ ପ୍ରାୟତଃ ଏହି ସମ୍ପର୍କକୁ ସ୍ପଷ୍ଟ କରିବ। ଅତୀତ ଆମ ପରିଚୟ ପାଇଁ ଏକ ପ୍ରମୁଖ ଉତ୍ସ- ଏହା ଆମକୁ ବୁଝିବାରେ ସାହାଯ୍ୟ କରେ ଯେ ଆମେ କିଏ ଏବଂ ଆମେ କେଉଁଠାରୁ ଆସିଛୁ । ଅର୍ଥାତ୍ ଅତୀତ ଏବେ ବି ଆମ ପାଖରେ ରହିଛି ଏବଂ ଦୁଃଖର କଥା ଯେ ଇତିହାସ ସବୁବେଳେ ସୁଖଦ ବିକାଶ

ବିଷୟରେ ଆଲୋଚନା କରିନଥାଏ, ତେଣୁ ଲୋକ, ସରକାର କିମ୍ବା ଶାସକମାନେ କେଉଁଠାରେ ଏବଂ କାହିଁକି ଭୁଲ୍ କରିଛନ୍ତି ତାହା ବୁଝିବା ଉପଯୋଗୀ ଅଟେ । ତା'ହେଲେ ହିଁ ଆମେ ସେହି ତ୍ରୁଟିଗୁଡ଼ିକର ପୁନରାବୃତ୍ତିରୁ ବଞ୍ଚିପାରିବା ବୋଲି ଆଶା କରିପାରିବା ।

ଭାଗ - ଗ : ଆମ ସାଂସ୍କୃତିକ ଐତିହ୍ୟ ଏବଂ ଜ୍ଞାନ ପରମ୍ପରା

ଭାରତର ଏକ ସମୃଦ୍ଧ ଓ ପ୍ରାଚୀନ ସଂସ୍କୃତି ରହିଛି ବୋଲି ବାରମ୍ବାର କୁହାଯାଇଥାଏ ସତ, କିନ୍ତୁ ଏହାର ମୁଖ୍ୟ ବୈଶିଷ୍ଟ୍ୟ କ'ଣ ? ଏହାର ମାର୍ଗଦର୍ଶକ ନୀତି କ'ଣ ? ଭାରତର ଇତିହାସରେ ଏହା କିପରି ପ୍ରକାଶ ପାଇଛି ଏବଂ ଏହା କିପରି ଆମକୁ ଆମ ସମୟର ସମସ୍ୟାର ମୁକାବିଲା କରିବାରେ ସାହାଯ୍ୟ କରିପାରିବ ? ଉପରୋକ୍ତ ପ୍ରଶ୍ନ ଗୁଡିକୁ ଅନ୍ୱେଷଣ କରିବା ଏହି ବିଷୟବସ୍ତୁର ଉଦ୍ଦେଶ୍ୟ ଯାହା ଦ୍ୱାରା ପ୍ରତ୍ୟେକ ଛାତ୍ର ଆମ ସଭ୍ୟତାର କିଛି ସାଂସ୍କୃତିକ ଭିତ୍ତିଭୂମିକୁ ବୁଝିବା ସହିତ ଏହାର ମୂଲ୍ୟକୁ ପ୍ରଶଂସା କରିପାରିବେ ।

ଭାଗ - ଘ : ଶାସନ ଏବଂ ଗଣତନ୍ତ୍ର

ଯେକୌଣସି ଦେଶର ନାଗରିକମାନେ ଜାଣିବା ଦରକାର ଯେ ତାଙ୍କର ରାଜନୈତିକ ବ୍ୟବସ୍ଥା କିପରି କାର୍ଯ୍ୟ କରେ । ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାବେ ପରିଗଣିତ ଭାରତରେ ବିଭିନ୍ନ ସ୍ତରରେ ଏକ ବିସ୍ତୃତ ବ୍ୟବସ୍ଥା ରହିଛି । ଏହାର ମୁଖ୍ୟ ବୈଶିଷ୍ଟ୍ୟ ଓ ଉପାଦାନ କ'ଣ ? ସାମଗ୍ରିକ ଶାସନରେ ନାଗରିକମାନେ କିପରି ଅଂଶଗ୍ରହଣ କରନ୍ତି ? ସେମାନଙ୍କର ଅଧିକାର କ'ଣ ଏବଂ ସେମାନଙ୍କର କର୍ତ୍ତବ୍ୟ କିମ୍ବା ଧର୍ମ ମଧ୍ୟ କ'ଣ ? ଅନ୍ୟ ଦେଶମାନଙ୍କର ଭିନ୍ନ ଭିନ୍ନ ବ୍ୟବସ୍ଥା ଅଛି ଏବଂ ଯଦି ତାହା ହୁଏ ତେବେ କେଉଁ ପ୍ରକାରର ? ବିଭିନ୍ନ ଦେଶ କିପରି ଭାବବିନିମୟ କରିବା ଉଚିତ୍ ? ଏହି ବିଷୟବସ୍ତୁକୁ ଅଧ୍ୟୟନ କରି ଆମେ ଅଧିକ ଦାୟିତ୍ୱବାନ ନାଗରିକ ହୋଇପାରିବା, ସରକାରଙ୍କ ଅଙ୍ଗଗୁଡ଼ିକ କିପରି କାର୍ଯ୍ୟ କରେ ତାହା ବୁଝିପାରିବା ଏବଂ ସ୍ଥାନୀୟ ହେଉ କି ଜାତୀୟ ସ୍ତରରେ ଆମ ସମସ୍ତଙ୍କୁ ପ୍ରଭାବିତ କରୁଥିବା ନୀତିରେ ନିଜର ମତ ରଖିପାରିବା ଓ ଶିଖିପାରିବା ।

ଭାଗ - ଙ: ଆମ ଚତୁଃପାର୍ଶ୍ୱର ଅର୍ଥନୈତିକ ଜୀବନ

ଦୈନନ୍ଦିନ ଜୀବନର ଅତ୍ୟାବଶ୍ୟକ ସାମଗ୍ରୀ ବିନା କୌଣସି ପରିବାର ସୁଖୀ ହୋଇପାରିବେ ନାହିଁ । ପ୍ରଥମତଃ ଅତି କମରେ ଖାଦ୍ୟ, ବସ୍ତ୍ର, ବାସଗୃହ, ପ୍ରଥମ ପର୍ଯ୍ୟାୟରେ ଜଳର ଉପଲବ୍ଧତା, ଦ୍ୱିତୀୟତଃ, ବୟସ୍କଙ୍କ ପାଇଁ ଜୀବିକା ଏବଂ ଛୋଟ ପିଲାଙ୍କ ପାଇଁ ଶିକ୍ଷାର ଉପଲବ୍ଧତା । ସେହିଭଳି ସୁଦୃଢ଼ ଅର୍ଥନୀତି ବିନା କୌଣସି ଦେଶ ସୁସଂଗଠିତ ଭାବେ ବିକାଶ କରିପାରିବ ନାହିଁ । କିନ୍ତୁ ବିଶେଷ କରି ଭାରତ ଭଳି ଏକ ବିଶାଳ ଦେଶରେ ଅର୍ଥନୀତି କିପରି କାମ କରେ ? ପ୍ରକୃତରେ ଟଙ୍କା କ'ଣ ? ଏହା କେଉଁଠୁ ଆସେ ? ଏହାକୁ କିପରି ବୃଦ୍ଧି କରାଯାଇପାରିବ ? ଲୋକମାନେ କେଉଁ ଅର୍ଥନୈତିକ କାର୍ଯ୍ୟକଳାପରେ ନିଜକୁ ନିୟୋଜିତ କରିପାରିବେ ? ପ୍ରାକୃତିକ ଓ ମାନବ ସମ୍ବଳକୁ କିପରି ଉତ୍ତମ ଭାବେ ପରିଚାଳନା କରାଯାଏ ? ଏହି ବିଷୟରେ କିଛି ଗୁରୁତ୍ୱପୂର୍ଣ୍ଣ ଧାରଣା ଏବଂ ଅଭ୍ୟାସ ରଖାଯିବ ଯାହା ଆମକୁ ଏହି ପ୍ରଶ୍ନ ଗୁଡ଼ିକର ଉତ୍ତର ଦେବାକୁ ସକ୍ଷମ କରିବ ।

ତୁମେ ଦେଖିବ ଯେ, ପୂର୍ବ ଅନୁଚ୍ଛେଦରେ ଅନେକ ପ୍ରଶ୍ନ ରହିଛି । ଏଗୁଡ଼ିକୁ ଯେମିତି ହେବା ଉଚିତ୍ । ସାମାଜିକ ବିଜ୍ଞାନ ମଧ୍ୟ ଠିକ୍ ପ୍ରଶ୍ନ ପଚାରିବାର ଏକ କଳା ଅଟେ । ଏହାପରେ ଆମେ ଠିକ୍ ଉତ୍ତର ଖୋଜିବା ଆରମ୍ଭ କରିପାରିବା କି ? । ଏଥିରେ ଏହି ପୁସ୍ତକର ପ୍ରତ୍ୟେକ ଅଧ୍ୟାୟ ଆରମ୍ଭରେ ଆସ ଚିନ୍ତା କରିବା ନାମରେ କେତେ ଗୁଡ଼ିଏ ପ୍ରଶ୍ନ ଦିଆଯାଇଛି ।

ତୁମେ ମଧ୍ୟ ଭୂଗୋଳ ସମ୍ବନ୍ଧୀୟ ଅଧ୍ୟାୟରେ ଚେସ୍ ଖେଳ ଏବଂ କିଛି ପ୍ରାଚୀନ କବିତା ଦେଖିପାରିବ । ସାଂସ୍କୃତିକ ଐତିହ୍ୟ ଉପରେ ଏକ ଅଧ୍ୟାୟରେ ଶାଢ଼ୀର ବ୍ୟବହାର ଉପରେ ଆଲୋଚନା ହୋଇଛି । ଅର୍ଥନୀତି ଉପରେ ଗୁରୁତ୍ୱ ଦେଉଥିବା ଅଧ୍ୟାୟଗୁଡ଼ିକରେ Service ବା ସେବାର ଧାରଣା ଏବଂ ପର୍ବପର୍ବାଣୀର ଉଲ୍ଲେଖ ରହିଛି । ଏହା ଉଦ୍ଦେଶ୍ୟମୂଳକ । ଆମେ ବିଭିନ୍ନ କ୍ଷେତ୍ରର ଉପାଦାନଗୁଡ଼ିକୁ ଏକାଠି କରିବାରେ ବିଶ୍ୱାସ କରୁ (ତୁମ ପରେ ଶିଖିବ ଯେ ଏହାକୁ ବହୁ ବିଷୟ ଭିତ୍ତିକ କୁହାଯାଏ) । ଏହା ଆମର ଦୃଷ୍ଟିକୋଣକୁ ସମୃଦ୍ଧ କରିଥାଏ । ବାସ୍ତବରେ, ଜୀବନ କ୍ରମାଗତ ଭାବରେ ଅନେକ ଉପାଦାନକୁ ଏକାଠି କରିଥାଏ, ତେବେ ଆମେ କାହିଁକି ନୁହେଁ ?

ବର୍ତ୍ତମାନ ସୁଦ୍ଧା, ଏହା ସ୍ପଷ୍ଟ ହେବା ଉଚିତ ଯେ ଯଦିଓ ସାମାଜିକ ବିଜ୍ଞାନ ଅତୀତର ନିରନ୍ତର ଉପଯୋଗ କରେ, ତଥାପି ଏହା ବର୍ତ୍ତମାନକୁ ବୁଝିବାକୁ ଚେଷ୍ଟା କରେ ଯାହା ଦ୍ୱାରା ଆମକୁ ଏକ ଉତ୍ତମ ଭବିଷ୍ୟତ ପ୍ରସ୍ତୁତ କରିବାରେ ସାହାଯ୍ୟ କରିପାରିବ । ଏହା ଏକ ଅନୁସନ୍ଧାନ ଏବଂ ଏକ ଦୁଃସାହସିକ କାର୍ଯ୍ୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ପୃଥିବୀରେ ସ୍ଥାନ ଚିହ୍ନଟ କରିବା

ଅଧ୍ୟାୟ ୧

"ଜଳ, ଭୂମି, ଅଗ୍ନି ଏବଂ ବାୟୁକୁ ନେଇ ଗଠିତ ଆମ ଗୋଲାକାର ପୃଥିବୀ ମହାକାଶର ଏକ ଅଂଶ । ଏହା ସମସ୍ତ ସ୍ଥଳଚର ଓ ଜଳଚର ଜୀବମାନଙ୍କ ଦ୍ୱାରା ଘେରି ରହିଛି ।"

– ଆର୍ଯ୍ୟଭଟ୍ଟ (ଆନୁମାନିକ ୫୦୦ ଖ୍ରୀଷ୍ଟାବ୍ଦ)

ଆସ ଚିନ୍ତା କରିବା

୧. ମାନଚିତ୍ର କ'ଣ ଏବଂ ଆମେ ଏହାକୁ କିପରି ବ୍ୟବହାର କରୁ ? ଏହାର ମୁଖ୍ୟ ଉପାଦାନ ଗୁଡ଼ିକ କ'ଣ ?

୨. ଯୋଡି ସ୍ଥାନାଙ୍କ (Coordinate) କ'ଣ ? ପୃଥିବୀର ଯେକୌଣସି ସ୍ଥାନକୁ ଚିହ୍ନିତ କରିବା ପାଇଁ ଅକ୍ଷାଂଶ ଏବଂ ଦ୍ରାଘିମା କିପରି ବ୍ୟବହାର କରାଯାଇପାରିବ ?

୩. ସ୍ଥାନୀୟ ସମୟ ଏବଂ ମାନକ ବା ପ୍ରମାଣ ସମୟ ଦ୍ରାଘିମା ସହିତ କିପରି ସମ୍ବନ୍ଧିତ ?

ମନେକର ତୁମେ ପ୍ରଥମ ଥର ପାଇଁ ଏକ ସହର ପରିଦର୍ଶନ କରୁଛ । ତୁମେ ଭ୍ରମଣ କରିବାକୁ ଚାହୁଁଥିବା ସ୍ଥାନଗୁଡ଼ିକୁ କିପରି ଖୋଜିପାଇବ ? ତୁମେ କୌଣସି ସ୍ଥାନୀୟ ବ୍ୟକ୍ତିଙ୍କୁ ସାହାଯ୍ୟ ମାଗିପାର, କିମ୍ବା ତୁମେ ସେହି ସହରର ମାନଚିତ୍ର ବା ରେଖାଚିତ୍ର ଦେଖିପାର । ପୂର୍ବ ଶ୍ରେଣୀରେ, ତୁମେ ମାନଚିତ୍ର ବିଷୟରେ କିଛି ଶିଖିଲ ଏବଂ ଏହି ଅଧ୍ୟାୟରେ ଆମେ ସେମାନଙ୍କୁ ଅଧିକ ବିସ୍ତୃତ ଭାବରେ ଅଧ୍ୟୟନ କରିବା ।

ଆସ ଏକ ଖେଳ ଖେଳିବା । ନିମ୍ନରେ ଦିଆଯାଇଥିବା ରେଖାଚିତ୍ର ବା ସ୍କେଚ୍‌ଟିକୁ ଅନୁଧ୍ୟାନ କର (ଚିତ୍ର ୧.୧) । କଳ୍ପନା କର ଯେ ତୁମେ ରେଳ ଷ୍ଟେସନରେ ଟ୍ରେନ୍‌ରୁ ଓହ୍ଲାଇଲ ଏବଂ ତୁମେ ରେଖାଚିତ୍ରରେ ଚିହ୍ନିତ ବ୍ୟାଙ୍କକୁ ଯିବାକୁ ଚାହୁଁଛ । ତୁମେ କେଉଁ ବାଟ ଦେଇ ଯିବ ? ଅନ୍ୟ ସମ୍ଭାବ୍ୟ ବାଟ ଅଛି କି ? ତୁମେ ସର୍ବସାଧାରଣ ବଗିଚା, ବିଦ୍ୟାଳୟ ଏବଂ ସଂଗ୍ରହାଳୟ ଚିହ୍ନଟ କରିପାରିବ କି ? ଯଦି ତୁମେ ବ୍ୟାଙ୍କରୁ ବଜାରକୁ ଯିବାକୁ ଚାହୁଁଛ, ତେବେ ତୁମେ କେଉଁ ବାଟରେ ଯିବ ? ଏଠାରେ ରେଖାଚିତ୍ର ବା ସ୍କେଚ୍ କାମରେ ଆସିଥାଏ ।

ଚିତ୍ର. ୧.୧ : ଏକ କାଳ୍ପନିକ ଛୋଟ ସହରର ରେଖାଚିତ୍ର ବା ସ୍କେଚ୍

ରେଖାଚିତ୍ର ବା ସ୍କେଚ୍ ଏକ ମାର୍ଗଦର୍ଶକ ପରି; ଏହା ତୁମକୁ ଦେଖାଇଥାଏ ଯେ ସ୍ଥାନଗୁଡ଼ିକ କେଉଁଠାରେ ଅଛି ଏବଂ ସେଠାରେ କିପରି ପହଞ୍ଚିବ । ରେଖାଚିତ୍ର ବା ସ୍କେଚ୍‌ର ଉପର ଡାହାଣ କୋଣରେ ଥିବା ଚାରିଟି ତୀରକୁ ଧ୍ୟାନ ଦିଅ; ଆମେ ଦେଖିପାରିବା ଯେ ସେଗୁଡ଼ିକ କିଛି ନିର୍ଦ୍ଦିଷ୍ଟ ଦିଗକୁ ସୂଚାଉଛନ୍ତି ଏବଂ ରେଖାଚିତ୍ର ବା ସ୍କେଚ୍‌କୁ ଆହୁରି ସହଜ କରୁଛନ୍ତି ।

ଆସ ଅନୁସନ୍ଧାନ କରିବା

→ ପୃଷ୍ଠା ୮ରେ ଦିଆଯାଇଥିବା ଚିତ୍ର ୧.୧ରେ ଥିବା ରେଖାଚିତ୍ର ବା ସ୍କେଚ୍‌ରେ

୧. ଡାକ୍ତରଖାନାକୁ ଚିହ୍ନିତ କର ।

୨. ନୀଳ ରଙ୍ଗ ଚିହ୍ନିତ ଅଞ୍ଚଳର ଅର୍ଥ କ'ଣ ?

୩. କେଉଁଟି ରେଳ ଷ୍ଟେସନଠାରୁ ବହୁତ ଦୂରରେ ରହିଛି ? ବିଦ୍ୟାଳୟ, ନଗର ପଞ୍ଚାୟତ କିମ୍ବା ସର୍ବସାଧାରଣ ବଗିଚା) ।

→ ଏକ ଶ୍ରେଣୀ ଶିକ୍ଷଣକାର୍ଯ୍ୟ ଭାବରେ, ତିନି କିମ୍ବା ଚାରି ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଦଳ ଗଠନ କର । ପ୍ରତ୍ୟେକ ଦଳକୁ ତୁମ ବିଦ୍ୟାଳୟ ଏବଂ ଏହାକୁ ଯାଉଥିବା କିଛି ରାସ୍ତା ଏବଂ ଆଖପାଖରୁ କିଛି ଘରର ଏକ ରେଖାଚିତ୍ର ବା ସ୍କେଚ୍ ଆଙ୍କିବାକୁ ଦିଅ । ଶେଷରେ, ସମସ୍ତ ରେଖାଚିତ୍ର ବା ସ୍କେଚ୍‌କୁ ତୁଳନା କରି ଆଲୋଚନା କର ।

ମାନଚିତ୍ର ଏବଂ ଏହାର ଉପାଦାନ

ଏହି ସରଳ ଉଦାହରଣରୁ, ଆମେ ବୁଝିପାରିବା ଯେ ମାନଚିତ୍ର ହେଉଛି କୌଣସି ଅଞ୍ଚଳର ଏକ ଚିତ୍ରିତ ଉପସ୍ଥାପନା ବା ଚିତ୍ର- ଏହା ଏକ ଛୋଟ ଅଞ୍ଚଳ (ଏକ ଗାଁ, ଏକ ସହର ଇତ୍ୟାଦି), ଏକ ବୃହତ୍ ଅଞ୍ଚଳ (ଯଥା, ତୁମ ଜିଲ୍ଲା କିମ୍ବା ରାଜ୍ୟ), କିମ୍ବା ଭାରତ ପରି ଏକ ବହୁତ ବଡ଼ ଅଞ୍ଚଳ କିମ୍ବା ଏପରିକି ସମଗ୍ର ବିଶ୍ୱ ହୋଇପାରେ ।

ଭୂଚିତ୍ରାବଳୀ (Atlas) ହେଉଛି ଅନେକଗୁଡ଼ିଏ ମାନଚିତ୍ରର ଏକ ସମନ୍ୱିତ ପୁସ୍ତକ ।

ତୁମେ ଜାଣିବାକୁ ପାଇବ ଯେ ଅନେକ ପ୍ରକାରର ମାନଚିତ୍ର ଅଛି-

- ଭୌତିକ ବା ପ୍ରାକୃତିକ ମାନଚିତ୍ର, ଯାହା ମୁଖ୍ୟତଃ ପର୍ବତ, ମହାସାଗର ଏବଂ ନଦୀ ପରି କିଛି ପ୍ରାକୃତିକ ବୈଶିଷ୍ଟ୍ୟ ଦେଖାଏ (ଏହି ପାଠ୍ୟପୁସ୍ତକରେ ଚିତ୍ର ୫.୨ରେ ଏକ ଉଦାହରଣ ଦେଖ)
- ରାଜନୈତିକ ମାନଚିତ୍ର, ଯେଉଁଥିରେ ଦେଶ କିମ୍ବା ରାଜ୍ୟର ସୀମା, ସହର ଇତ୍ୟାଦିର ବିବରଣୀ ଦେଖାଯାଏ (ଉଦାହରଣ ସ୍ୱରୂପ, ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ସେମାନଙ୍କର ରାଜଧାନୀ ସହିତ ଭାରତର ଏକ ମାନଚିତ୍ର)
- ତଥ୍ୟଭିତ୍ତିକ ମାନଚିତ୍ରରେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ସୂଚନା ସହିତ ତଥ୍ୟଭିତ୍ତିକ ବା ପ୍ରାସଙ୍ଗିକ ଶୀର୍ଷକ ଦେଖାଯାଏ । (ଉଦାହରଣ ସ୍ୱରୂପ, ଜନସଂଖ୍ୟା ଓ ଖଣିଜ ମାନଚିତ୍ର । କେତେକ ତଥ୍ୟଭିତ୍ତିକ ମାନଚିତ୍ର ପାଠ୍ୟପୁସ୍ତକରେ ଚିତ୍ର ୬.୩ ଏବଂ ଚିତ୍ର ୮.୧ ଅନ୍ତର୍ଭୁକ୍ତ ।

ଏହା ବ୍ୟତୀତ ପ୍ରତ୍ୟେକ ମାନଚିତ୍ରର ତିନୋଟି ମୌଳିକ ଉପାଦାନ ରହିଛି- ଦୂରତା, ଦିଗ ଓ ସଙ୍କେତ । ଚିତ୍ର ୧.୧ରେ କେବଳ ଦିଗଟି ଥିବାରୁ, ଏହାକୁ ମାନଚିତ୍ର କୁହାନଯାଇ ରେଖାଚିତ୍ର ବା ସ୍କେଚ୍ ବୋଲି ଦର୍ଶାଯାଇଛି । ଦୂରତା ସାଧାରଣତଃ ମାନ (Scale) ମାଧ୍ୟମରେ ମାନଚିତ୍ରରେ ଦର୍ଶାଯାଇଥାଏ ।

ତୁମେ କେବେ ଭାବିଛ କି ଏକ ଛୋଟ କାଗଜ ଖଣ୍ଡ ଉପରେ ଏକ ବିଶାଳ ସ୍ଥାନ କିପରି ଚିତ୍ରିତ ହୋଇପାରୁଛି ? ଏସବୁ ମାନଚିତ୍ରର ସ୍କେଲ ବା ମାନ ପାଇଁ ସମ୍ଭବ । ଆସ ଏକ ଛୋଟ ସହରର ମାନଚିତ୍ରକୁ ଦେଖିବା (ଚିତ୍ର ୧.୧)। ମାନଚିତ୍ରରେ ଥିବା ପ୍ରତ୍ୟେକ ସେଣ୍ଟିମିଟର, ଭୂମିରେ ଏକ ନିର୍ଦ୍ଦିଷ୍ଟ ଦୂରତାକୁ ଦର୍ଶାଏ । ଆସ ଅନୁମାନ କରିବା ଯେ ଏହା ୫୦୦ ମିଟର; ତେଣୁ ଏଠାରେ ମାନ ବା ସ୍କେଲ ହେଉଛି ୧ ସେମି=୫୦୦ ମିଟର । ଏବେ ଏହି ପାଠ୍ୟପୁସ୍ତକର ପଞ୍ଚମ ଅଧ୍ୟାୟରେ ଥିବା ଚିତ୍ର ୫.୨ରେ ଥିବା ଭାରତର ମାନଚିତ୍ରକୁ ଦେଖ । ଏହି ମାନଚିତ୍ରର ନିମ୍ନରେ ବାମ କୋଣରେ ରୁଲରରେ '୫୦୦' ଏବଂ ପାର୍ଶ୍ୱରେ 'କିଲୋମିଟର' ଲେଖାଯାଇଥାଏ । ଏହାର ଅର୍ଥ ହେଉଛି ମୁଦ୍ରିତ ମାନଚିତ୍ରରେ ୨.୫ ସେଣ୍ଟିମିଟର ମାପ ବିଶିଷ୍ଟ ଏହି ରୁଲର ଭୂମିରେ ୫୦୦ କିଲୋମିଟର ସହ ସମାନ । ଅର୍ଥାତ୍, ମାନଚିତ୍ରର ଦୂରତା ୨.୫ ସେ.ମି. ବାସ୍ତବ ଭୂମିରେ ୫୦୦ କି.ମି. ସହ ସମାନ । ତେଣୁ ମାନଚିତ୍ରରେ ପ୍ରଦର୍ଶିତ ଦୁଇଟି ବିନ୍ଦୁ ମଧ୍ୟରେ ବାସ୍ତବ ଦୂରତା ମାନଚିତ୍ର ବ୍ୟବହାର କରୁଥିବା ସ୍କେଲ ବା ମାନ ଉପରେ ନିର୍ଭର କରେ ।

ଆସ ଅନୁସନ୍ଧାନ କରିବା

→ ତୁମ ବିଦ୍ୟାଳୟର ଖେଳ ପଡ଼ିଆର ଏକ ସରଳ ମାନଚିତ୍ର ପ୍ରସ୍ତୁତ କର । ଆସ ଅନୁମାନ କରିବା ଯେ ଏହାର ଆକାର ଯଥା ଦୈର୍ଘ୍ୟ ୪୦ ମିଟର ଏବଂ ପ୍ରସ୍ଥ ୩୦ ମିଟର । ୧ ସେମି = ୧୦ ମିଟର ମାନ ବା ସ୍କେଲରେ ତୁମେ ରୁଲର ଦ୍ୱାରା ଏହାକୁ ଠିକ୍ ଭାବରେ ଅଙ୍କନ କର ।

→ ଏହି ଅଙ୍କିତ ଆୟତଚିତ୍ରର କର୍ଣ୍ଣକୁ ମାପ କର । ତୁମେ କେତେ ସେଣ୍ଟିମିଟର ପାଇଲ ? ସ୍କେଲ ବ୍ୟବହାର କରି, ଖେଳ ପଡ଼ିଆର କର୍ଣ୍ଣର ବାସ୍ତବ ଦୈର୍ଘ୍ୟ, ମିଟରରେ ଗଣନା କର ।

ଆସ ପୁଣି ଥରେ ଚିତ୍ର ୧.୧. ରେ ଥିବା ଚାରୋଟି ତୀରକୁ ଦେଖିବା । ସେଗୁଡ଼ିକ ଚାରିଟି ଦିଗକୁ ସୂଚାଇଥାନ୍ତି, ଏହାର ଶୀର୍ଷରେ ଉତ୍ତର ଏବଂ ଘଣ୍ଟାକଣ୍ଟାର ଘୂର୍ଣ୍ଣନ ଦିଗରେ ପୂର୍ବ, ଦକ୍ଷିଣ ଏବଂ ପଶ୍ଚିମ ଦିଗକୁ ତୀର ମାଧ୍ୟମରେ ଦର୍ଶାଯାଇଛି । ଏଗୁଡ଼ିକୁ କାଡିନାଲ ବା ଚତୁଃଦିଗ କୁହାଯାଏ, କାର୍ଡିନାଲ ପଏଣ୍ଟ ବା ମୁଖ୍ୟ ବିନ୍ଦୁ ମଧ୍ୟ କୁହାଯାଏ । ଏହା ବ୍ୟତୀତ ମଧ୍ୟବର୍ତ୍ତୀ ଦିଗଗୁଡ଼ିକ, ଯଥା ଉତ୍ତରପୂର୍ବ (NE), ଦକ୍ଷିଣ ପୂର୍ବ (SE), ଦକ୍ଷିଣ-ପଶ୍ଚିମ (SW) ଏବଂ ଉତ୍ତର ପଶ୍ଚିମ (NW) ଦିଗଗୁଡ଼ିକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଅଧିକାଂଶ ମାନଚିତ୍ରରେ କେବଳ 'N' ଅକ୍ଷରରେ ଚିହ୍ନିତ ଏକ ତୀର ଥାଏ, ଯାହା ଉତ୍ତର ଦିଗକୁ ସୂଚାଇଥାଏ ।

ଆସ ଅନୁସନ୍ଧାନ କରିବା

- ପୁଣି ଥରେ ଛୋଟ ସହରର ରେଖାଚିତ୍ର ବା ସ୍କେଚ୍ ଉପରେ ବିଚାର କର । ନିମ୍ନ ତାଲିକାରେ ଠିକ୍ (✓) ଏବଂ ଭୁଲ୍ (✗) ଉକ୍ତିଗୁଡ଼ିକୁ ଚିହ୍ନଟ କର:

  ୧. ଡାକ୍ତରଖାନାର ଉତ୍ତରରେ ବଜାର ରହିଛି ।

  ୨. ସଂଗ୍ରହାଳୟଟି ବ୍ୟାଙ୍କର ଦକ୍ଷିଣ-ପୂର୍ବ ଦିଗରେ ଅବସ୍ଥିତ ।

  ୩. ରେଳଷ୍ଟେସନ ହସ୍ପିଟାଲର ଉତ୍ତର-ପଶ୍ଚିମରେ ରହିଛି ।

  ୪. ଜଳାଶୟ ଆପାର୍ଟମେଣ୍ଟ ବ୍ଲକଠାରୁ ଉତ୍ତର-ପଶ୍ଚିମରେ ଅବସ୍ଥିତ ।

- ତୁମ ବିଦ୍ୟାଳୟକୁ ମୂଳ ବିନ୍ଦୁ ଭାବରେ ଗ୍ରହଣ କରି, ତୁମେ କହିପାରିବ କି ତୁମ ଘର କେଉଁ ଦିଗରେ ଅବସ୍ଥିତ ? ଶିକ୍ଷକ ଓ ପିତାମାତାଙ୍କ ସହ ଆଲୋଚନା କର ।

ସଙ୍କେତ, ମାନଚିତ୍ରର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ । ଆମ ମାନଚିତ୍ର କେତେକ ଛୋଟ କୋଠାର ଚିତ୍ର ଏବଂ ଅନ୍ୟ କିଛି ଉପାଦାନ ଦ୍ୱାରା ଦର୍ଶାଯାଇଛି । କିନ୍ତୁ ବୃହତ ସହର ବା ଦେଶ ଅଙ୍କନ କରିବା ପାଇଁ ମାନଚିତ୍ରରେ ପର୍ଯ୍ୟାପ୍ତ ସ୍ଥାନ ନଥାଏ । ଏହା ପରିବର୍ତ୍ତେ ଏହି ବୈଶିଷ୍ଟ୍ୟଗୁଡ଼ିକୁ ପ୍ରତିନିଧିତ୍ୱ କରିବା ପାଇଁ ଏକ ଗ୍ରହଣଯୋଗ୍ୟ ସଙ୍କେତ ବ୍ୟବହୃତ ହୁଏ, ଯଥା:- ବିଭିନ୍ନ ପ୍ରକାରର କୋଠା (ରେଳଷ୍ଟେସନ, ବିଦ୍ୟାଳୟ, ଡାକଘର), ରାସ୍ତା ଏବଂ ରେଳ ଲାଇନ ଏବଂ ନଦୀ ପୋଖରୀ କିମ୍ବା ଜଙ୍ଗଲ ପରି ପ୍ରାକୃତିକ ଉପାଦାନ ପାଇଁ ସ୍ୱତନ୍ତ୍ର ସଙ୍କେତ ବ୍ୟବହୃତ ହୁଏ । ଏହିପରି ଭାବରେ, ଏକ ମାନଚିତ୍ରରେ ଉପଲବ୍ଧ ସୀମିତ ସ୍ଥାନରେ ଅନେକ ବିବରଣୀ ଦେଖାଯାଇପାରିବ ।

ମାନଚିତ୍ରକୁ ବ୍ୟବହାରକାରୀମାନଙ୍କ ଦ୍ୱାରା ଅଧିକ ସହଜରେ ବୁଝିବାପାଇଁ ମାନଚିତ୍ରର ପ୍ରସ୍ତୁତକାରୀ (cartographer) ନିର୍ଦ୍ଦିଷ୍ଟ ସଙ୍କେତ ବ୍ୟବହାର କରନ୍ତି । ବିଭିନ୍ନ ଦେଶ ଭିନ୍ନଭିନ୍ନ ସଂକେତ ବ୍ୟବହାର କରନ୍ତି । ଭାରତୀୟ ସର୍ବେକ୍ଷଣ ସଂସ୍ଥା (Survey of India), ଏକ ସରକାରୀ ସଂସ୍ଥା, ଏହା ଭାରତର ମାନଚିତ୍ର (ବା ଭାରତର କିଛି ଅଂଶ) ପାଇଁ ଏକ ସଙ୍କେତ ସେଟ୍ ସ୍ଥିର କରିଛି । ପୃଷ୍ଠା ୧୨ରେ ଚିତ୍ର ୧.୨ରେ ଏଗୁଡ଼ିକର କିଛି ଉଦାହରଣ ଦିଆଯାଇଛି ।

ଆସ ଅନୁସନ୍ଧାନ କରିବା

ତୁମ ଘର, ବିଦ୍ୟାଳୟ ଏବଂ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସମେତ ତୁମ ଅଞ୍ଚଳ କିମ୍ବା ତୁମ ଗାଁର ଏକ ମାନଚିତ୍ର ବା ରେଖାଚିତ୍ର ପ୍ରସ୍ତୁତ କର । ମୁଖ୍ୟ ଦିଗଗୁଡ଼ିକୁ ଦର୍ଶାଅ ଏବଂ କିଛି ଗୁରୁତ୍ୱପୂର୍ଣ୍ଣ ସଙ୍କେତ ବ୍ୟବହାର କରିବା ପାଇଁ ପୃଷ୍ଠା ୧୨ର ଚିତ୍ର ୧.୨ରେ ଦର୍ଶାଯାଇଥିବା କିଛି ସଙ୍କେତ ଗୁଡ଼ିକୁ ବ୍ୟବହାର କର ।



ଚିତ୍ର ୧.୨ । ମାନଚିତ୍ରରେ ସାଧାରଣତଃ ବ୍ୟବହୃତ କିଛି ସଙ୍କେତଗୁଡ଼ିକ

ପୃଥିବୀର ମାନଚିତ୍ର

ପୃଥିବୀର ମାନଚିତ୍ର କରିବା ଟିକେ ଅଧିକ କଷ୍ଟକର କାରଣ ଆମ ପୃଥିବୀ ଗ୍ରହ ଏକ ସମତଳ ପୃଷ୍ଠ ନୁହେଁ। ଏହା ପାଖାପାଖି ଗୋଲାକାର । (ଆମେ 'ପାଖାପାଖି' କହିଥାଉ କାରଣ ଏହା ଏକ ଠିକ୍ ଗୋଲକ ମଧ୍ୟ ନୁହେଁ, ଏହା ମେରୁରେ ସାମାନ୍ୟ ଚେପଟା ଓ ବିଷୁବ ବୃତ୍ତ ବା ମଧ୍ୟରେ ସ୍ଫୀତ ହୋଇଥାଏ । ତଥାପି, ଆମେ ଏହାକୁ ଗୋଲାକାର ବୋଲି ବିବେଚନା କରିଥାଉ ।) ଏକ ସମତଳ କାଗଜ ଉପରେ ଏକ ଗୋଲକୁ ସଠିକ ଭାବରେ ଉପସ୍ଥାପନ କରିବା ସମ୍ଭବ ନୁହେଁ । ଏହାର କାରଣ ବୁଝିବା ପାଇଁ ଗୋଟିଏ କମଳାକୁ ଏପରି ଭାବରେ ଛଡ଼ାଇ ଦିଅ ଯେ ତାର ଚୋପା ତିନି ଚାରୋଟି ବଡ଼ ଖଣ୍ଡ ଥିବ; ତା'ପରେ ଏହି ଚୋପାକୁ ଟେବୁଲ ଉପରେ ସିଧା (Flat) କରିବାକୁ ଚେଷ୍ଟା କର । ମାତ୍ର ଏହାକୁ ସାମାନ୍ୟ ନଚିରି ବା ଖଣ୍ଡ ଖଣ୍ଡ ନକରି କମଳାର ଚୋପାକୁ ସମତଳ କରିହେବ ନାହିଁ। ବର୍ତ୍ତମାନ, ଏକ ଗ୍ଲୋବ୍ ବିଷୟରେ ବିଚାର କର, ଯାହା ଏକ ଗୋଲକ ଏବଂ ଏହା ଉପରେ ଏକ ମାନଚିତ୍ର ଅଙ୍କାଯାଇଛି । ଏହା ପୃଥିବୀ, ଚନ୍ଦ୍ର, ମଙ୍ଗଳ ଗ୍ରହ ଓ ଆକାଶରେ ଥିବା ନକ୍ଷତ୍ର କିମ୍ବା ସୌରମଣ୍ଡଳ ଇତ୍ୟାଦିର ମାନଚିତ୍ର ହୋଇପାରେ । ଏହି ଗ୍ଲୋବ (ପରବର୍ତ୍ତୀ ପୃଷ୍ଠାରେ ଦର୍ଶାଯାଇଛି) ସାଧାରଣତଃ ଧାତୁ, ପ୍ଲାଷ୍ଟିକ କିମ୍ବା କାର୍ଡବୋର୍ଡରେ ନିର୍ମିତ ।

ଏଠାରେ ଆମେ ପୃଥିବୀର ଭୂଗୋଳକୁ ପ୍ରତିନିଧିତ୍ୱ କରୁଥିବା ଗ୍ଲୋବ୍‌ର ଅଧ୍ୟୟନ କରିବା । ଯେହେତୁ ଗ୍ଲୋବ୍ ଏବଂ ପୃଥିବୀର ଗୋଲାକାର ଆକୃତି ପ୍ରାୟତଃ ସମାନ, ତେଣୁ ସମତଳ ମାନଚିତ୍ର ଅପେକ୍ଷା ଗ୍ଲୋବ୍, ପୃଥିବୀର ଭୂଗୋଳକୁ ଭଲ ଭାବରେ ପ୍ରତିନିଧିତ୍ୱ କରିବ ଓ ବୁଝାଇପାରିବ । ଏବେ ଆସ ଏହାର କିଛି ବୈଶିଷ୍ଟ୍ୟ ଜାଣିବା ।

(କ) ଯୋଡ଼ିସ୍ଥାନାଙ୍କକୁ (Coordinates)ବୁଝିବା

କଳ୍ପନା କର ଯେ ଗୋଟିଏ ସହର କିମ୍ବା ସହରର ଏକ ବଡ଼ ବଜାର ଯେଉଁଠାରେ ସମାନ ପ୍ରକାର ସିଧା ଧାଡ଼ିରେ ଦୋକାନଗୁଡ଼ିକ ରହିଛି । ତୁମେ ବଜାର ଭିତରେ ଥିବା ଏକ ଷ୍ଟେସନାରୀ ଦୋକାନରେ ଜଣେ ବନ୍ଧୁଙ୍କୁ ଭେଟିବାକୁ ଚାହୁଁଛ । କିନ୍ତୁ ଦୋକାନ କେଉଁଠି ଅଛି ତାହା ତୁମ ବନ୍ଧୁ ଜାଣନ୍ତି ନାହିଁ । ତେଣୁ ତୁମେ ଏପରି ନିର୍ଦ୍ଦେଶ ଦେବେ, "ସନ୍ଧ୍ୟା ୬ଟାରେ ପ୍ରବେଶ ଦ୍ୱାରରୁ ପଞ୍ଚମ ଧାଡ଼ିରେ ଥିବା ସପ୍ତମ ଦୋକାନରେ ମୋତେ ଭେଟିବ ।" ଏହା ଦ୍ୱାରା ତୁମ ବନ୍ଧୁ ତୁମକୁ ସହଜରେ ଭେଟି ପାରିବେ ।



ବର୍ତ୍ତମାନ, ଏକ ଚେସ୍ ବୋର୍ଡ ବିଷୟରେ ଚିନ୍ତା କର। ଆଗକୁ ବଢୁଥିବା ଖେଳାଳିଙ୍କ ଗତିବିଧି ରେକର୍ଡ କରିବା ପାଇଁ, ଦୁଇ ଦଳ ମଧ୍ୟରେ ମୁଖ୍ୟ ଖଣ୍ଡ (‘କ’ ରୁ ‘ଜ’, ଚିତ୍ର ଦେଖ) ଏବଂ ସଂଖ୍ୟା(‘୧’ରୁ ‘୮’ ପର୍ଯ୍ୟନ୍ତ) ସହିତ ଅକ୍ଷର ରଖାଯାଇଥାଏ। ଏହି ସାଧାରଣ ପ୍ରଣାଳୀ ଖେଳାଳିମାନଙ୍କୁ ପ୍ରତ୍ୟେକ ବର୍ଗକୁ ଚିହ୍ନିତ କରିବା ଏବଂ ପ୍ରତ୍ୟେକ ଗତିବିଧିକୁ ଲିପିବଦ୍ଧ କରିବାକୁ ସହଜ କରିଦିଏ । ଏଠାରେ ଧଳା ଦଳ, ରାଣୀଙ୍କ ସମ୍ମୁଖରେ ଥିବା ସୈନ୍ୟକୁ ଦୁଇ ପାଦ ଆଗେଇ ନେଇ ଖେଳ ଆରମ୍ଭ କରିଛନ୍ତି । ତେଣୁ ଗୋଟିଟି ଘରୁ ‘ଘ’ ୨ରୁ ‘ଘ’ ୪କୁ ଚାଲିଯାଇଥିବା କୁହାଯାଉଛି ।

ଆସ ଅନୁସନ୍ଧାନ କରିବା

ସମାନ ସର୍ତ୍ତାବଳୀ ବ୍ୟବହାର କରି, ଯଦି ତୁମେ କଳା ଦଳ ହୋଇ ଖେଳ ତେବେ ତୁମ ଗତିବିଧିଗୁଡ଼ିକୁ ଯୋଡିସ୍ଥାନାଙ୍କ (coordinate) ଅନୁସାରେ ଲେଖ ।

ଏହି ଦୁଇଟି ଉଦାହରଣରେ ବ୍ୟବହୃତ ପ୍ରଣାଳୀକୁ ଯୋଡିସ୍ଥାନାଙ୍କ ପ୍ରଣାଳୀ କୁହାଯାଇପାରେ । ଦୁଇଟି ସ୍ଥାନାଙ୍କର ସମନ୍ୱୟ ଯୋଗୁଁ ଷ୍ଟେସନାରୀ ଦୋକାନ ଏବଂ ଚେସ୍ ବୋର୍ଡରେ ଥିବା ଚେସ୍ ଛକ ଠିକ ଭାବରେ ନିର୍ଦ୍ଧାରଣ କରାଯାଇପାରିଲା ।

ପୃଥିବୀ ମାନଚିତ୍ରରେ କୌଣସି ସ୍ଥାନର ଅବସ୍ଥିତି ନିର୍ଦ୍ଧାରଣ କରିବା ପାଇଁ ଏହି ଯୋଡିସ୍ଥାନାଙ୍କ ପ୍ରଣାଳୀ ବ୍ୟବହାର କରାଯାଏ । ଆସ ଦେଖିବା ଏହି ପ୍ରଣାଳୀ କିପରି କାମ କରେ ।

(ଖ) ଅକ୍ଷାଂଶ

ଆସ ଏବେ ଗ୍ଲୋବ୍ ସମ୍ପର୍କରେ ଆଲୋଚନା କରିବା । ଏହା ଉପରେ ଥିବା ଉତ୍ତର ମେରୁ ଓ ଦକ୍ଷିଣ ମେରୁକୁ ଚିହ୍ନିବା ସହଜ । ଗ୍ଲୋବ୍‌କୁ ଘୂରାଇ ଦିଅ; ଏହା ଘୂରିବୁଲୁଥିବା ବେଳେ ଉପର ଓ ତଳ ଭାଗରେ ସ୍ଥିର ବିନ୍ଦୁ ହେଉଛି ଦୁଇଟି ମେରୁ । ଏହି ଦୁଇ ବିନ୍ଦୁର ଠିକ୍ ମଝିରେ ରହିଛି ବିଷୁବ ରେଖା; ଏହାକୁ ଚିହ୍ନିତ କରୁଥିବା ବୃତ୍ତକୁ ଧ୍ୟାନ ଦିଅ (ଚିତ୍ର ୧.୩ ଦେଖ), ଏହା ବିଷୁବ ବୃତ୍ତ ବା ରେଖା ।

କଳ୍ପନା କର ଯେ ତୁମେ ବିଷୁବ ରେଖାରେ ଠିଆ ହୋଇ ଗୋଟିଏ ମେରୁ ଆଡ଼କୁ ଯାତ୍ରା କରୁଛ; ବିଷୁବ ରେଖାଠାରୁ ତୁମର ଦୂରତା ବଢ଼ିବ । ଅକ୍ଷାଂଶଦ୍ୱାରା ବିଷୁବ ରେଖାଠାରୁ ଏହି ଦୂରତା କୌଣିକ ଦୂରତାରେ ମପାଯାଏ । ଏହି ଯାତ୍ରାର ଯେକୌଣସି ମୁହୂର୍ତ୍ତରେ, ତୁମେ ଏକ କାଳ୍ପନିକ ରେଖା ଆଙ୍କିପାରିବ ଯାହା ପୂର୍ବରୁ ପଶ୍ଚିମ ଆଡ଼କୁ ଉତ୍ତର ଦକ୍ଷିଣ ଦିଗରେ ବିଷୁବ ରେଖାର ସମାନ୍ତରାଳ । ଏଭଳି ରେଖାକୁ ଅକ୍ଷାଂଶର ସମାନ୍ତରାଳ ବା ସମାକ୍ଷ ବୃତ୍ତ ବା ରେଖା କୁହାଯାଏ ଏବଂ ପୃଥିବୀ ଚାରିପଟେ ଏକ ବୃତ୍ତଭଳି ଅଙ୍କିତ । ପୁନର୍ବାର, ଗ୍ଲୋବ୍‌ରେ ଏହା ସହଜରେ ଉଲ୍ଲେଖ କରି ହୁଏ । ଯେ ବୃହତ୍ତମ ବୃତ୍ତ ହେଉଛି ବିଷୁବ ରେଖା ବା ବିଷୁବ ବୃତ୍ତ । ଯେତେବେଳେ ଆମେ ଉତ୍ତର କିମ୍ବା ଦକ୍ଷିଣ ଦିଗକୁ ଗତି କରୁ (ଚିତ୍ର ୧.୩) ଏହି ବିଷୁବ ବୃତ୍ତର ଦୈର୍ଘ୍ୟ କମି କମି ଦୁଇ ମେରୁଠାରେ ଗୋଟିଏ ବିନ୍ଦୁରେ ପରିଣତ ହୋଇଥାଏ ।

ଅକ୍ଷାଂଶ ଡିଗ୍ରୀରେ ପ୍ରକାଶିତ ହୁଏ; ପାରମ୍ପରିକ ଭାବେ ବିଷୁବ ରେଖା ୦° (ଶୂନ୍ୟ ଡିଗ୍ରୀ) ଅକ୍ଷାଂଶ ହୋଇଥିବାବେଳେ ଦୁଇ ମେରୁର ଅକ୍ଷାଂଶ ଯଥାକ୍ରମେ ୯୦° ଉତ୍ତର ଏବଂ ୯୦° ଦକ୍ଷିଣ; ଭାବରେ ଉଲ୍ଲେଖ କରାଯାଇଛି ।

ଅକ୍ଷାଂଶ ଓ ଜଳବାୟୁ ମଧ୍ୟରେ ଏକ ସମ୍ପର୍କ ରହିଛି । ବିଷୁବ ରେଖା ନିକଟରେ ଜଳବାୟୁ ସାଧାରଣତଃ ଗରମ ହୋଇଥାଏ, ଏହାକୁ ଉଷ୍ମମଣ୍ଡଳ (Torrid Zone) କୁହାଯାଏ। ଯେତେବେଳେ ତୁମେ ବିଷୁବ ରେଖାରୁ ଦୁଇଟି ମେରୁ ମଧ୍ୟରୁ ଗୋଟିଏ ଆଡ଼କୁ ଯାତ୍ରା କରିବ (ଅନ୍ୟ ଅର୍ଥରେ ଅକ୍ଷାଂଶ ବଢ଼ିବା ସହିତ), ଜଳବାୟୁ ଅଧିକ ମଧ୍ୟମ କିମ୍ବା 'ସମଶୀତୋଷ୍ଣ' (Temperate Zone) ହୋଇଯାଏ ଏବଂ ଉତ୍ତର କିମ୍ବା ଦକ୍ଷିଣ ମେରୁ ନିକଟରେ ଜଳବାୟୁ ଅଧିକ ଥଣ୍ଡା ହୁଏ, ଯାହାକୁ ହୀମମଣ୍ଡଳ (Frigid Zone) କୁହାଯାଏ। ଅକ୍ଷାଂଶ ବଢ଼ିଲେ ତାପମାତ୍ରା କମେ ।

ଆସ ଜାଣିବା

ଅକ୍ଷାଂଶ ଏକ କୌଣିକ ଦୂରତ୍ୱ । ଭୂପୃଷ୍ଠରେ ଅବସ୍ଥିତ ଯେକୌଣସି ସ୍ଥାନ ପୃଥିବୀର କେନ୍ଦ୍ରଠାରେ ବିଷୁବ ସମତଳ ସହ, ଉତ୍ତର ଓ ଦକ୍ଷିଣ ଦିଗରେ ଯେଉଁ କୋଣ ସୃଷ୍ଟି କରେ, ତାହାକୁ ସେହି ସ୍ଥାନର ଅକ୍ଷାଂଶ କୁହାଯାଏ ।



(ପୃଥିବୀର କେତେକ ପ୍ରଧାନ ଅକ୍ଷାଂଶ)

ତୁମେ ପରବର୍ତ୍ତୀ ଭୂଗୋଳର ଓ ବିଜ୍ଞାନ ଅଧ୍ୟୟନରେ ଶିଖିବ ଯେ ଏହା କାହିଁକି ହୁଏ ଏବଂ ଏହା ବ୍ୟତୀତ କାହିଁକି ଆମେ ଗୋଟିଏ ବର୍ଷ ମଧ୍ୟରେ ବିଭିନ୍ନ ଋତୁ ଅନୁଭବ କରିଥାଉ ।



ଚିତ୍ର ୧.୩: ଏହି ଗ୍ଲୋବ୍ ଉଭୟ ସମାକ୍ଷରେଖା ଓ ମଧ୍ୟନ୍ଦିନରେଖାକୁ ଦର୍ଶାଉଛି

(ଗ) ଦ୍ରାଘିମା

ଭୂପୃଷ୍ଠର କୌଣସି ସ୍ଥାନର ଅବସ୍ଥିତି ଜାଣିବାକୁ ହେଲେ ସେହି ସ୍ଥାନର ଅକ୍ଷାଂଶ ସହ ଦ୍ରାଘିମା ଜାଣିବା ଏକାନ୍ତ ଆବଶ୍ୟକ । ଉତ୍ତରମେରୁଠାରୁ ଦକ୍ଷିଣ ମେରୁ ପର୍ଯ୍ୟନ୍ତ ବିଷୁବ ବୃତ୍ତକୁ ଲମ୍ବ ଭାବରେ ଛେଦ କରି ଉତ୍ତର-ଦକ୍ଷିଣ ଭାବରେ ଅନେକ ଗୁଡ଼ିଏ ଅର୍ଦ୍ଧ ବୃତ୍ତ କଳ୍ପନା କରାଯାଇଛି । ଏଗୁଡ଼ିକ ମୂଳ ମଧ୍ୟନ୍ଦିନ ରେଖାଠାରୁ ପୂର୍ବ ଓ ପଶ୍ଚିମ ଦିଗରେ ବିସ୍ତୃତ ଓ ଏଗୁଡ଼ିକ ଦ୍ରାଘିମା ବା ମଧ୍ୟନ୍ଦିନ ରେଖା କୁହାଯାଏ । କୌଣସି ଏକ ମଧ୍ୟରେଖା ଉପରେ ଅବସ୍ଥିତ ପ୍ରତ୍ୟେକ ସ୍ଥାନରେ ଏକ ସମୟରେ ମଧ୍ୟାହ୍ନ ହେଉଥିବାରୁ ଏଗୁଡ଼ିକୁ ମଧ୍ୟରେଖା ବା ମଧ୍ୟନ୍ଦିନ ରେଖା କୁହାଯାଏ ।

ତୁମେ ବିଜ୍ଞାନରେ ଓ ପରବର୍ତ୍ତୀ ଭୂଗୋଳରେ ମଧ୍ୟ ଶିଖିବ ଯେ ପୃଥିବୀ ତା'ର ଅକ୍ଷରେ ବୁଲୁଛି । ସରଳ ଭାଷାରେ ବୁଝିବାକୁ ହେଲେ ଆସ ଆମ ଗ୍ଲୋବ୍‌ଠାରୁ ଟିକିଏ ଦୂରରେ ଏକ ଟେବୁଲ୍ ଲ୍ୟାମ୍ପ୍ ରଖି, ଏହାକୁ ଧ୍ୟାନର ସହ ଦେଖ ଏବଂ କଳ୍ପନା କର ଯେ ଏହା ହେଉଛି ସୂର୍ଯ୍ୟ ଯିଏ ପୃଥିବୀକୁ ଆଲୋକିତ କରୁଛି ।

ଯେତେବେଳେ ଧୀରେ ଧୀରେ ଗ୍ଲୋବ୍ ପୂର୍ବ ଦିଗକୁ ଘୂରିଥାଏ, ସେତେବେଳେ ପୃଥିବୀର କେତେକ ସ୍ଥାନରେ ସକାଳ, ଆଉ କେତେକ ସ୍ଥାନରେ ମଧ୍ୟାହ୍ନ, ସଂଧ୍ୟା କିମ୍ବା ରାତି- ଅର୍ଥାତ୍ ଯେତେବେଳେ ଗୋଟିଏ ଦେଶରେ ଜଳଖିଆର ସମୟ ଥାଏ, ଅନ୍ୟ ଦେଶରେ ମଧ୍ୟାହ୍ନ ଭୋଜନ ସମୟ ହୋଇଥାଏ ଏବଂ ଅନେକ ଦେଶରେ ଲୋକମାନେ ଗଭୀର ନିଦ୍ରାରେ ଶୋଇଆନ୍ତି । ସେଥିପାଇଁ କୌଣସି ସ୍ଥାନର ଦ୍ରାଘିମାକୁ ଜାଣି, ଆମେ ସେହି ସ୍ଥାନର ସମୟକୁ ମଧ୍ୟ ନିର୍ଦ୍ଧାରଣ କରାଯାଏ । ଆସ ଦେଖିବା କେମିତି ଏ ସବୁ ହୋଇଥାଏ ।

ଦ୍ରାଘିମା ଜାଣିବା ପାଇଁ, ଆମକୁ ମୂଳ ଦ୍ରାଘିମା (Prime Meridian) ନାମକ ଏକ ସୂଚକ ବିନ୍ଦୁ ଜାଣିବା ଆବଶ୍ୟକ (ପୃଷ୍ଠା ୧୫ରେ ଚିତ୍ର ୧.୩)। ଏହାକୁ ଗ୍ରୀନୱିଚ୍ ମେରିଡିଆନ୍ ମଧ୍ୟ କୁହାଯାଏ କାରଣ ୧୮୮୪ ମସିହାରେ କିଛି ଦେଶର ନିଷ୍ପତ୍ତି କ୍ରମେ ଇଂଲଣ୍ଡର ଲଣ୍ଡନ ନିକଟବର୍ତ୍ତୀ ଏକ ସହର ଗ୍ରୀନୱିଚ୍ ଦେଇ ଯାଉଥିବା ମେରିଡିଆନ୍ ପ୍ରାଇମ୍ ମେରିଡିଆନ୍ (ମୂଳ ମଧ୍ୟନ୍ଦିନ ରେଖା) ଭାବେ ଆନ୍ତର୍ଜାତୀୟ ସୂଚକ ଭାବେ ଗ୍ରହଣ କରାଯାଇଥିଲା । ଏହାକୁ ୦° ଦ୍ରାଘିମା ବା ମୂଳ ଦ୍ରାଘିମା ଭାବେ ଚିହ୍ନିତ କରାଯାଇଛି ।

ଯଦି ତୁମେ ମେରୁ ଗୁଡ଼ିକ ମଧ୍ୟରୁ ଗୋଟିଏ ଆଡ଼କୁ ଯାତ୍ରା କର ତାହାକୁ ମାପିବା ପାଇଁ ଯେମିତି ଅକ୍ଷାଂଶ ହେଉଛି ବିଷୁବ ରେଖାଠାରୁ ଦୂରତାର ମାପ, ସେପରି ଦ୍ରାଘିମା ହେଉଛି ମୂଳ ମଧ୍ୟନ୍ଦିନଠାରୁ ପୂର୍ବ ଓ ପଶ୍ଚିମର ଦୂରତାର ମାପ । ଦ୍ରାଘିମା ମଧ୍ୟ ଡିଗ୍ରୀରେ ମାପ କରାଯାଏ । ପଶ୍ଚିମ କିମ୍ବା ପୂର୍ବ ଦିଗରେ ଏହାର ମୂଲ୍ୟ ୦° ରୁ ୧୮୦° ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ, ଯେଉଁଥିରେ 'ପ' କିମ୍ବା 'ପୂ' ଅକ୍ଷର ଯୋଡ଼ାଯାଏ । ଉଦାହରଣ ସ୍ୱରୂପ ନ୍ୟୁୟର୍କର ଦ୍ରାଘିମା ୭୪° ପଶ୍ଚିମ ହୋଇଥିବା ବେଳେ ଦିଲ୍ଲୀର ଦ୍ରାଘିମା ୭୭° ପୂର୍ବ ଏବଂ ଟୋକିଓର ଦ୍ରାଘିମା ୧୪୦° ପୂର୍ବ ଅଟେ ।

ମନେରଖ

୧୮୦° ପୂର୍ବ ଏବଂ ୧୮୦° ପଶ୍ଚିମ ଦ୍ରାଘିମା ଏକ ଓ ଅଭିନ୍ନ ହୋଇଥିବାରୁ ୧୮୦° ଦ୍ରାଘିମା କ୍ଷେତ୍ରରେ ପୂର୍ବ ବା ପଶ୍ଚିମ ଲେଖାଯାଏ ନାହିଁ ।

ଅକ୍ଷାଂଶ ଏବଂ ଦ୍ରାଘିମା ଏକାଠି ହୋଇ ଗୋଟିଏ ସ୍ଥାନର 'ଯୋଡ଼ିସ୍ଥାନାଙ୍କ'କୁ ସୂଚାଏ । ତୁମେ ଏହା ସାହାଯ୍ୟରେ ପୃଥିବୀର ଯେକୌଣସି ସ୍ଥାନ ଚିହ୍ନଟ କରିବାକୁ ସକ୍ଷମ ହୋଇପାରିବ । ବର୍ତ୍ତମାନ "ଦିଲ୍ଲୀ ୨୯° ଉତ୍ତର ଅକ୍ଷାଂଶ ଏବଂ ୭୭° ପୂର୍ବ ଦ୍ରାଘିମାରେ ଅବସ୍ଥିତ" ଏହି ଉକ୍ତିରୁ ଭଲ ଭାବରେ ବୁଝିପାରିବ ।

ପୃଷ୍ଠା ୧୫ରେ ଥିବା ଚିତ୍ର ୧.୩ରେ ଗ୍ଲୋବ୍‌ରେ ଅକ୍ଷାଂଶ ଓ ଦ୍ରାଘିମାକୁ ନୀଳରେଖା ଭାବରେ ଦର୍ଶାଯାଇଛି ।

ଆସ ଜାଣିବା

ଦ୍ରାଘିମା ଏକ କୌଣିକ ଦୂରତ୍ୱ । ଭୂପୃଷ୍ଠରେ ଅବସ୍ଥିତ ଯେକୌଣସି ସ୍ଥାନ ପୃଥିବୀର ମୂଳ ମଧ୍ୟନ୍ଦିନ ରେଖା ବା ଗ୍ରୀନ୍‌ୱିଚ୍ ରେଖାଠାରୁ କେନ୍ଦ୍ରରେ ପୂର୍ବ ଓ ପଶ୍ଚିମ ଦିଗରେ ଯେଉଁ କୋଣ ସୃଷ୍ଟି କରେ ତାହାକୁ ଦ୍ରାଘିମା କୁହାଯାଏ । ଏଗୁଡ଼ିକ ସାଧାରଣତଃ ଅର୍ଦ୍ଧବୃତ୍ତ ।

ଏହିସବୁ ରେଖା ଏକାଠି ହୋଇ ଗ୍ଲୋବ୍ ପାଇଁ ଏକ ଗ୍ରୀଡ୍ ବା ଜାଲକ ଗଠନ କରନ୍ତି, ସେମାନଙ୍କୁ ଗ୍ରିଡ୍ ଲାଇନ୍ ବା ଜାଲକ ରେଖା ମଧ୍ୟ କୁହାଯାଏ ।

ଆସ ଅନୁସନ୍ଧାନ କରିବା

ଯଦି ତୁମ ଶ୍ରେଣୀରେ ଥିବା ଗ୍ଲୋବ୍ କିମ୍ବା ଆଟଲାସ୍‌ରେ ଅକ୍ଷାଂଶ ଏବଂ ଦ୍ରାଘିମା ଭଲ ଭାବରେ ଚିହ୍ନିତ ଅଛି, ତେବେ (୧) ମୁମ୍ବାଇ, (୨) କୋଲକାତା, (୩) ସିଙ୍ଗାପୁର, (୪) ପ୍ୟାରିସର ଅକ୍ଷାଂଶ ଓ ଦ୍ରାଘିମା ପାଇଁ ଆନୁମାନିକ ମୂଲ୍ୟ ନିର୍ଦ୍ଧାରଣ କରିବାକୁ ଚେଷ୍ଟା କର ।



ଚିତ୍ର ୧.୪: ଏହି ଚିତ୍ରରେ ଦର୍ଶାଯାଇଛି ଯେ କିପରି ମୂଳ ମଧ୍ୟଦିନ ରେଖା ବା ପ୍ରାଇମ ମେରିଡିଆନ୍ ପୃଥିବୀକୁ ପଶ୍ଚିମ ଏବଂ ପୂର୍ବ ଗୋଲାର୍ଦ୍ଧରେ ବିଭକ୍ତ କରେ ଏବଂ ବିଷୁବ ରେଖା ଏହାକୁ ଉତ୍ତର ଏବଂ ଦକ୍ଷିଣ ଗୋଲାର୍ଦ୍ଧରେ ବିଭକ୍ତ କରେ ।

ମନେରଖ

ଗ୍ରୀନୱିଚ୍ ମେରିଡିଆନ୍‌କୁ ମୂଳ ମଧ୍ୟଦିନ ରେଖା ଭାବରେ ଗ୍ରହଣ ପୂର୍ବରୁ ଅତୀତରେ ଭାରତର ନିଜର ଏକ ପ୍ରମୁଖ ମେରିଡିଆନ୍ ଥିଲା । (ଚିତ୍ର ୧.୫) ଏହାକୁ ମଧ୍ୟରେଖା (ମଧ୍ୟମରେଖା) କୁହାଯାଏ ଏବଂ ଉଜ୍ଜୟିନୀ (ବର୍ତ୍ତମାନ ଉଜ୍ଜୈନ) ସହର ଦେଇ ଅତିକ୍ରମ କରିଥିଲା, ଯାହା ଅନେକ ଶତାବ୍ଦୀ ଧରି ଜ୍ୟୋତିର୍ବିଜ୍ଞାନର ଏକ ପ୍ରତିଷ୍ଠିତ କେନ୍ଦ୍ର ଥିଲା । ପ୍ରସିଦ୍ଧ ଜ୍ୟୋତିର୍ବିଜ୍ଞାନୀ ବରାହମିହିର ପ୍ରାୟ ୧୫୦୦ ବର୍ଷ ପୂର୍ବେ ସେଠାରେ ରହୁଥିଲେ ଓ କାମ କରୁଥିଲେ ।

ଭାରତୀୟ ଜ୍ୟୋତିର୍ବିଜ୍ଞାନୀମାନେ ଅକ୍ଷାଂଶ ଓ ଦ୍ରାଘିମାର ଧାରଣା ବିଷୟରେ ଅବଗତ ଥିଲେ, ଯେଉଁଥିରେ ମୂଳ ମଧ୍ୟଦିନରେଖାର ଆବଶ୍ୟକତା ମଧ୍ୟ ସାମିଲ ଥିଲା । ମଧ୍ୟଦିନ ରେଖା ସମସ୍ତ ଭାରତୀୟ ଜ୍ୟୋତିର୍ବିଜ୍ଞାନ ଗ୍ରନ୍ଥରେ ଗଣନା ପାଇଁ ଏକ ସୂଚକ ରୂପେ କାର୍ଯ୍ୟ କରୁଥିଲା ।

ଏହି ମାନଚିତ୍ରରେ ଉଜ୍ଜୟିନୀ ମଧ୍ୟନ୍ଦିନରେଖା ନିକଟରେ ଥିବା କିଛି ପ୍ରାଚୀନ ଭାରତୀୟ ସହରକୁ ଦର୍ଶାଯାଇଛି । କେତେକ ଏହାର ଅତି ନିକଟରେ ଥିବା ବେଳେ ଆଉ କେତେକ ଟିକିଏ ଦୂରରେ ଅଛନ୍ତି। କାରଣ ଦ୍ରାଘିମା ମାପିବା ପାଇଁ ସେତେବେଳେ ବର୍ତ୍ତମାନ ପରି ଠିକ୍ ସମୟ ଗଣନା ଓ ଏହାର ପରିଚାଳନା ନଥିଲା ।

(ବର୍ତ୍ତମାନ ଉଜ୍ଜୟିନୀ ସହର ଦେଇ (୭୫.୮° ପୂ) ଦ୍ରାଘିମାକୁ ମୂଳ ମଧ୍ୟନ୍ଦିନ ବା ମୂଳ ଦ୍ରାଘିମା ନେଲେ ୧୦୪.୨° ପଶ୍ଚିମ ଦ୍ରାଘିମା ଆନ୍ତର୍ଜାତୀୟ ତାରିଖ ସୀମାରେଖା ହୋଇଯିବ, ଯାହାଦ୍ୱାରା କାନାଡ଼ା, ଉତ୍ତର ଆମେରିକାର କେତେକ ସହର ଦେଇ ୧୮୦° ଦ୍ରାଘିମା ଯିବା ଦ୍ୱାରା ଗୋଟିଏ ଦେଶରେ ଦୁଇଟି ତାରିଖ ପ୍ରଚଳନର ଅସୁବିଧା ସୃଷ୍ଟି ହେବ ।)

ଚିତ୍ର ୧.୫ : ପ୍ରାଚୀନ ଭାରତୀୟ ଜ୍ୟୋତିର୍ବିଜ୍ଞାନରେ ବ୍ୟବହୃତ ଉଜ୍ଜୟିନୀ ପ୍ରଧାନ ମଧ୍ୟନ୍ଦିନ ରେଖା ।



ଚିତ୍ର ୧.୬ । ସର୍ଭେ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରକାଶିତ ଏହି ମାନଚିତ୍ରରେ ଦେଶର ରୂପରେଖ ସହିତ ଅକ୍ଷାଂଶ ଏବଂ ଦ୍ରାଘିମାଗୁଡ଼ିକୁ କିଛି ସମାନତା ଦର୍ଶାଯାଇଛି । ଭାରତର ଅକ୍ଷାଂଶ ପ୍ରାୟ ୮° ଉତ୍ତରରୁ ୩୭° ଉତ୍ତର ଓ ଦ୍ରାଘିମା ପ୍ରାୟ ୬୮° ପୂର୍ବରୁ ୯୭° ପୂର୍ବ ପର୍ଯ୍ୟନ୍ତ ବିସ୍ତୃତ ।

ସମୟ ମଣ୍ଡଳ ବୁଝିବା

ଆସ ଗ୍ଲୋବକୁ ପଶ୍ଚିମରୁ ପୂର୍ବ ଦିଗକୁ ଘୁରାଇବା - ଏହିପରି ଭାବରେ ଆମ ପୃଥିବୀ ଏହାର ଅକ୍ଷରେ ବୁଲୁଛି ଏବଂ ପ୍ରତି ୨୪ ଘଣ୍ଟାରେ ଏକ ପୂର୍ଣ୍ଣ ପରିକ୍ରମା କରେ । ଅର୍ଥାତ୍ ପୃଥିବୀ ୨୪ ଘଣ୍ଟାରେ ୩୬୦° ଘୂର୍ଣ୍ଣନ କରିଥାଏ । ତେବେ ୧ଘଣ୍ଟାରେ ପୃଥିବୀ ୧୫° ଦ୍ରାଘିମା ବ୍ୟବଧାନ ଅତିକ୍ରମ କରିଥାଏ । (୩୬୦÷୨୪=୧୫°) । ଏହି ବ୍ୟବଧାନକୁ ଏକ ସମୟ ମଣ୍ଡଳ (Time zone) କୁହାଯାଏ । ଏହିପରି ଭୂପୃଷ୍ଠରେ ୨୪ଟି ସମୟ ମଣ୍ଡଳ ରହିଛି । ଏବେ ଆସ ପ୍ରତି ୧୫° ଦ୍ରାଘିମା ବ୍ୟବଧାନରେ ମଧ୍ୟଦିନ ରେଖା ଚିହ୍ନିତ କରିବା । ମୂଳ ଦ୍ରାଘିମାରୁ ପୂର୍ବ ଦିଗକୁ ଗତି କରି ଆମେ ପ୍ରତି ୧୫°ରୁ ୧୮୦° ପୂର୍ବ ପର୍ଯ୍ୟନ୍ତ ୦°, ୧୫° ପୂର୍ବ, ୩୦° ପୂର୍ବ, ୪୫° ପୂର୍ବ ଇତ୍ୟାଦି ପାଇଥାଉ । ଏହା ପ୍ରତ୍ୟେକ ମଧ୍ୟଦିନ ରେଖା (ମେରିଡିୟନ୍) ସହିତ ଏକ ଘଣ୍ଟା ସ୍ଥାନୀୟ ସମୟ ଯୋଡ଼ିବା ସହିତ ସମାନ- ଯଦି ଗ୍ରୀନୱିଚ୍‌ରେ ରାତି ୧୨ଟା କିମ୍ବା ମଧ୍ୟାହ୍ନ ହୁଏ, ତେବେ ଏହାର ୧୫ ଡିଗ୍ରୀ ପୂର୍ବରେ ଅପରାହ୍ନ ୧ଟା ୩୦ ଡିଗ୍ରୀ ପୂର୍ବରେ ଅପରାହ୍ନ ୨ଟା ହେବ ଇତ୍ୟାଦି । କିନ୍ତୁ ୧୫° ଡିଗ୍ରୀ ପଶ୍ଚିମ ଦିଗକୁ ଯିବାର ଅର୍ଥ ହେଉଛି- ସ୍ଥାନୀୟ ସମୟ ପୂର୍ବାହ୍ନ ୧୧ଟା, ୩୦° ଡିଗ୍ରୀ ପଶ୍ଚିମ ସକାଳ ୧୦ଟା ଇତ୍ୟାଦି ହେବ । ଅର୍ଥାତ୍ ମୂଳ ଦ୍ରାଘିମାର ପୂର୍ବ ୧° ଦ୍ରାଘିମା ପାଇଁ ୪ ମିନିଟ୍ ଆଗୁଆ (+), ପଶ୍ଚିମର ୧° ଦ୍ରାଘିମା ପାଇଁ ୪ ମିନିଟ୍ ପଛୁଆ (-) ହୋଇଥାଏ ।



ଚିତ୍ର ୧.୭ : ଏହି ଗ୍ରାଫ୍‌ର ତଳଭାଗରେ ଦ୍ରାଘିମା ଏବଂ ଶୀର୍ଷରେ ସ୍ଥାନୀୟ ସମୟ ଦର୍ଶାଯାଇଛି, ଯେଉଁଥିରେ ମୂଳ ମଧ୍ୟଦିନ ରେଖା ୦°ରେ ଦର୍ଶାଯାଇଛି । ପ୍ରତ୍ୟେକ ରଙ୍ଗ ଏକ ମଧ୍ୟଦିନ ରେଖା ଉପରେ କେନ୍ଦ୍ରିତ ୧୫° ଜୋନ୍ ଅଟେ ।

ଆସ ଅନୁସନ୍ଧାନ କରିବା

ଜଣେ ପୋରବନ୍ଦର (ଗୁଜରାଟ) ଏବଂ ଅନ୍ୟ ଜଣେ ତିନସୁକିଆ (ଆସାମ)ରେ ବସିଥିବା ଦୁଇ ସାଙ୍ଗ ଅପରାହ୍ଣରେ ଫୋନରେ କଥା ହେଉଛନ୍ତି । ତିନିସୁକିଆରେ ଥିବା ସାଙ୍ଗ କହୁଛି ଯେ ଆସାମରେ ସୂର୍ଯ୍ୟ ଅସ୍ତ ହେଲାଣି ଏବଂ ବର୍ତ୍ତମାନ ଅନ୍ଧାର ହୋଇଛି । ପୋରବନ୍ଦରରେ ଥିବା ସାଙ୍ଗ ଆଶ୍ଚର୍ଯ୍ୟ ହୋଇ କହିଲେ, "କିନ୍ତୁ ଏଠାରେ ଏବେ ବି ପୂରା ଦିନ ଅଛି ।" ଏହାର କାରଣ ବର୍ଣ୍ଣନା କର ଏବଂ ଶିକ୍ଷଣ କାର୍ଯ୍ୟ ଭାବରେ ଆଲୋଚନାକରି ନିରୂପଣ କର ଯେ ସେହି ଦୁଇଟି ସହର ମଧ୍ୟରେ ସ୍ଥାନୀୟ ସମୟର ପାର୍ଥକ୍ୟ କେତେ ? (ସୂଚନା: ପୋରବନ୍ଦର ଏବଂ ତିନସୁକିଆ ମଧ୍ୟରେ ଦ୍ରାଘିମାରେ ପାର୍ଥକ୍ୟ ୩୦° ବୋଲି ବିଚାର କରି ଠିକ୍ ମୂଲ୍ୟ ନିରୂପଣ କରିହେବ)

ପୃଥିବୀର ଯେକୌଣସି ସ୍ଥାନର ସ୍ଥାନୀୟ ସମୟ ଗଣନା କରିବା ପାଇଁ ସମାନ ପଦ୍ଧତି ବ୍ୟବହାର କରାଯାଇଥାଏ । କିନ୍ତୁ ଏକ ଦେଶ ପାଇଁ ଅନେକ ସ୍ଥାନୀୟ ସମୟ ବ୍ୟବହାର କରିବା ସୁବିଧାଜନକ ହେବ ନାହିଁ । ସେଥିପାଇଁ ଅଧିକାଂଶ ଦେଶ ସେମାନଙ୍କ ମଧ୍ୟଦେଇ ଯାଉଥିବା ମଧ୍ୟଦିନରେଖା ଆଧାରରେ ଏକ ପ୍ରମାଣ ସମୟ ଗ୍ରହଣ କରନ୍ତି । ଗ୍ରୀନ୍ ୱିଚ୍ (Greenwich Mean Time ବା GMT)ର ସ୍ଥାନୀୟ ସମୟଠାରୁ ଭାରତୀୟ ମାନକ ସମୟ (IST) ୫ ଘଣ୍ଟା ୩୦ ମିନିଟ୍ ଆଗୁଆ ।

ଆସ ଅନୁସନ୍ଧାନ କରିବା

ଗୁଜରାଟ ଏବଂ ଆସାମରେ ବସିଥିବା ଦୁଇ ବନ୍ଧୁଙ୍କ କଥାବାର୍ତ୍ତା ଉଦାହରଣକୁ ନେଇ ସ୍ଥାନୀୟ ସମୟ ଏବଂ ପ୍ରମାଣ ସମୟ ମଧ୍ୟରେ ଥିବା ପାର୍ଥକ୍ୟ ବୁଝାଅ ।

ଏହି ସମସ୍ତ ପ୍ରମାଣ ସମୟକୁ ସମୟ ମଣ୍ଡଳ ମଧ୍ୟରେ ସ୍ଥାନିତ କରାଯାଇଛି । ଏହି ସମୟ ମଣ୍ଡଳ ଗୁଡ଼ିକୁ ୧୫° ବ୍ୟବଧାନରେ ସ୍ଥିରୀକୃତ କରାଯାଇଅଛି । ଯାହା ଚିତ୍ର ୧.୭ ରେ ଦର୍ଶାଯାଉଛି । ଆସ ପୃଷ୍ଠା ୨୨ରେ ଥିବା ବିଶ୍ୱ ମାନଚିତ୍ର ଉପରେ ବିଚାର କରିବା (ଚିତ୍ର ୧.୮) । ଆମେ ଦେଖିପାରିବା ଯେ ସମୟ ମଣ୍ଡଳ ବିଭାଜନ କରୁଥିବା ରେଖାଗୁଡ଼ିକ ସମ୍ପୂର୍ଣ୍ଣ ସିଧା ନୁହେଁ । କାରଣ ଏହାକୁ ପ୍ରତ୍ୟେକ ଦେଶର ପ୍ରମାଣ ସମୟକୁ (Standard Time) ଗୁରୁତ୍ୱ ଦେବାକୁ ପଡ଼ିବ ଏବଂ ସେଥିପାଇଁ ସମୟ ମଣ୍ଡଳ ଗୁଡ଼ିକ ଅନ୍ତର୍ଜାତୀୟ ସୀମା ଅନୁସାରେ ନିର୍ଦ୍ଧାରିତ ହୋଇଥାଏ ।

କିଛି ଦେଶ ପାଖରେ (ଚିତ୍ର ୧.୮) ଲେଖାଯାଇଥିବା ସଂଖ୍ୟାରେ ଯୁକ୍ତାତ୍ମକ (+) ଚିହ୍ନ ଦିଆଯାଇଛି, ଯାହାର ଅର୍ଥ ସେଠାକାର ପ୍ରମାଣ ସମୟ ପାଇଁ GMT ରେ ସେତିକି ସମୟକୁ ଯୁକ୍ତ କରାଯାଏ ଓ ଯେଉଁ ଦେଶରେ ବିଯୁକ୍ତାତ୍ମକ (-) ଚିହ୍ନ ଦିଆଯାଇଛି ସେଠାରେ GMTରୁ ସେତିକି ସମୟକୁ ବିୟୋଗ କରାଯାଏ ।



ଚିତ୍ର ୧.୮ : ସମୟ ମଣ୍ଡଳର ବିଶ୍ୱମାନଚିତ୍ର, ଯେଉଁଥିରେ କିଛି ଦେଶର ପ୍ରମାଣ ସମୟ (GMT ଆଧାରରେ) ଦର୍ଶାଯାଇଛି ।

ମନେରଖ

ଉପରୋକ୍ତ ଆଲୋଚନାରୁ ଜଣାଗଲା ଯେ ପ୍ରତ୍ୟେକ ଦେଶର ଗୋଟିଏ ପ୍ରମାଣ ସମୟ ଅଛି । କିନ୍ତୁ ଏହା ସବୁଦେଶ ପାଇଁ ପ୍ରଯୁଜ୍ୟ ନୁହେଁ । ରୁଷିଆ, କାନାଡ଼ା କିମ୍ବା ଯୁକ୍ତରାଷ୍ଟ୍ର ଆମେରିକା ଭଳି କେତେକ ଦେଶ ଏତେ ବିସ୍ତୃତ ଯେ ଏଗୁଡ଼ିକର ଗୋଟିଏ ସମୟମଣ୍ଡଳ ନାହିଁ । ଯୁକ୍ତରାଷ୍ଟ୍ର ଆମେରିକାରେ ୬ଟି ସମୟ ମଣ୍ଡଳ ଏବଂ ରୁଷିଆରେ ୧୧ଟି ସମୟ ମଣ୍ଡଳ ରହିଛି- ଅର୍ଥାତ୍ ପୂର୍ବରୁ ପଶ୍ଚିମ ଆଡ଼କୁ ରୁଷିଆରେ ଭ୍ରମଣ କଲେ, ତୁମକୁ ସ୍ଥାନୀୟ ସମୟ ସହ ଯୋଡ଼ି ହେବାପାଇଁ ୧୦ ଥର ତୁମ ଘଣ୍ଟାର ସମୟକୁ ବଦଳାଇବାକୁ ପଡ଼ିବ । ଚିତ୍ର ୧.୯ରେ ଦର୍ଶାଯାଇଥିବା ଗ୍ଲୋବରେ ଭାରତକୁ କେନ୍ଦ୍ରିତ କରାଯାଇଛି; ଯେଉଁଥିରେ ଦେଶଗୁଡ଼ିକର ପ୍ରମାଣ ସମୟକୁ GMT ଆଧାରରେ ନିର୍ଦ୍ଧାରଣ କରାଯାଇଛି ।

ଗ୍ରୀନ୍‌ୱିଚ୍‌ରେ ପ୍ରଧାନ ମଧ୍ୟଦିନ ସ୍ଥିର ହୋଇଥିବାବେଳେ ଏହାର ବିପରୀତ ପାର୍ଶ୍ୱରେ ପ୍ରାୟ ୧୮୦° ଦ୍ରାଘିମାରେଖା ରହିଛି - ଏହାକୁ ଅନ୍ତର୍ଜାତୀୟ ତାରିଖ ରେଖା (International Date line) କୁହାଯାଏ ।

ତୁମେ ମାନଚିତ୍ରରେ ଦେଖିପାରିବ ଯେ+ ୧୨ ଏବଂ -୧୨ ସମୟ ମଣ୍ଡଳ ଏହି ରେଖାରେ ପରସ୍ପରକୁ ସ୍ପର୍ଶ କରନ୍ତି । ଯଦି ତୁମେ ଏହାକୁ ପାଣି ଜାହାଜ କିମ୍ବା ବିମାନରେ ଅତିକ୍ରମ କର, ତେବେ ତୁମକୁ ତୁମ ଘଣ୍ଟାରେ ତାରିଖ ପରିବର୍ତ୍ତନ କରିବାକୁ ପଡ଼ିବ । ଯଦି ତୁମେ ଏହାକୁ ଅତିକ୍ରମ କରି

ଚିତ୍ର ୧.୯: ଆଫ୍ରିକା ଏବଂ ୟୁରେସିଆରେ କିଛି ଟାଇମ୍ ଜୋନ୍ (ଜିଏମଟି ସମ୍ବନ୍ଧରେ) ।

ପୂର୍ବ ଦିଗକୁ ଯାତ୍ରା କର, ତେବେ ତୁମେ ଗୋଟିଏ ଦିନ ହ୍ରାସ କରିବାକୁ ପଡ଼ିବ (ସୋମବାରରୁ ରବିବାର); ଯଦି ତୁମେ ଏହାକୁ ଅତିକ୍ରମ କରି ପଶ୍ଚିମ ଦିଗକୁ ଯାଅ, ତେବେ ତୁମେ ଅଧିକ ଗୋଟିଏ ଦିନ ଯୋଡ଼ିବାକୁ ହେବ । (ରବିବାରରୁ ସୋମବାର)। ଅନ୍ତର୍ଜାତୀୟ ତାରିଖ ରେଖା ୧୮୦° ଦ୍ରାଘିମାରେ 'ପ୍ରାୟ' ଅଛି, ଏବଂ କେତେକ ଦେଶକୁ ଦୁଇଟି ଭିନ୍ନ ଭିନ୍ନ ଦିନରେ ବିଭକ୍ତ ନକରିବା ପାଇଁ ଏହା କେତେକ ସ୍ଥାନରେ ସାମାନ୍ୟ ପରିବର୍ତ୍ତିତ ହୋଇଛି ।

ଆମେ କ'ଣ ଶିଖିଲେ...

→ ପୃଥିବୀର ଏକ ଅଞ୍ଚଳକୁ ପ୍ରତିନିଧିତ୍ୱ କରିବା ପାଇଁ ବୃହତ୍ତ ଓ କ୍ଷୁଦ୍ର ମାନବିଶିଷ୍ଟ ମାନଚିତ୍ର ଏକ ଅତ୍ୟନ୍ତ ଉପଯୋଗୀ ଉପକରଣ । ମାନଚିତ୍ରର ମୁଖ୍ୟ ଉପାଦାନ ହେଉଛି ଦୂରତା, ଦିଗ ଏବଂ ସଙ୍କେତ ।

→ ପୃଥିବୀର ପ୍ରତ୍ୟେକ ସ୍ଥାନର ଏକ ଅବସ୍ଥିତି ଅଛି ଯାହାକୁ ଅକ୍ଷାଂଶ ଏବଂ ଦ୍ରାଘିମାର ଏକ ଜାଲକ ସାହାଯ୍ୟରେ ଠିକ୍ ଭାବରେ ନିରୂପଣ କରାଯାଇଥାଏ । ପୂର୍ବରୁ ପଶ୍ଚିମକୁ ଯାଇଥିବା କାଳ୍ପନିକ ରେଖା, ଯାହା ବିଷୁବ ରେଖା ସହ ସମାନ୍ତରାଳ ଭାବରେ ଥାଏ, ତାହା ଅକ୍ଷାଂଶ ଏବଂ ଉତ୍ତରରୁ ଦକ୍ଷିଣ ମେରୁ ପର୍ଯ୍ୟନ୍ତ ଅର୍ଦ୍ଧବୃତ୍ତଗୁଡ଼ିକ ଦ୍ରାଘିମା ଅଟେ ।

ଦ୍ରାଘିମା ସମୟ ଚିହ୍ନିତ କରିବା ସହ ସମୟ ମଣ୍ଡଳ ନିର୍ଦ୍ଧାରଣ କରିଥାଏ ।
ଆନ୍ତର୍ଜାତିକ ତାରିଖ ରେଖା ପ୍ରାୟ ୧୮୦ ଡିଗ୍ରୀ ଦ୍ରାଘିମାରେ ଅବସ୍ଥିତ, ଯାହା କି ପ୍ରଧାନ ମଧ୍ୟଦିନ ରେଖାର ବିପରୀତ । ଅନ୍ତର୍ଜାତୀୟ ତାରିଖ ରେଖା ଅତିକ୍ରମ କରିବା ଦ୍ୱାରା ତାରିଖ ଗୋଟିଏ ଦିନ ବଦଳିଯାଏ ।

ପ୍ରଶ୍ନ, ଅଭ୍ୟାସକାର୍ଯ୍ୟ ଏବଂ ପ୍ରକଳ୍ପ

ମୁହାଣ (Estuary) : ଯେଉଁ ସ୍ଥାନରେ ଏକ ନଦୀ ସମୁଦ୍ରକୁ ମିଶେ ।

୧. ୨.୫ ସେ.ମି.=୫୦୦ କି.ମି. ଏହି ମାପକୁ ଆଧାର କରି ପଞ୍ଚମ ଅଧ୍ୟାୟରେ ଚିତ୍ର ୫.୨ରେ ଥିବା ମାନଚିତ୍ରର ପୃଷ୍ଠା ୧୦ ଅନୁସାରେ ନର୍ମଦା ନଦୀର ମୁହାଣରୁ ଗଙ୍ଗାନଦୀର ମୁହାଣ ପର୍ଯ୍ୟନ୍ତ ପ୍ରକୃତ ଦୂରତା ନିର୍ଣ୍ଣୟ କର । (ସୂଚନା: ତୁମ ମାପଟିକୁ ଏକ ପୂର୍ଣ୍ଣ ସଂଖ୍ୟାରେ ପ୍ରକାଶ କର)

୨. ଲଣ୍ଡନରେ ମଧ୍ୟାହ୍ନ ୧୨ଟା ବାଜିଥିବାବେଳେ ଭାରତର ଅପରାହ୍ନ ସାଢ଼େ ୫ଟା କାହିଁକି ?

୩. ଆମେ ମାନଚିତ୍ରରେ କାହିଁକି ସଙ୍କେତ ଓ ରଙ୍ଗର ବ୍ୟବହାର କରୁ ?

୪. ତୁମ ଘର କିମ୍ବା ବିଦ୍ୟାଳୟର ଆଠଟି ଦିଗରେ କ'ଣ ଅଛି ତାହାର ଏକ ତାଲିକା ପ୍ରସ୍ତୁତ କର ।

୫. ସ୍ଥାନୀୟ ସମୟ ଏବଂ ପ୍ରମାଣ ସମୟ ମଧ୍ୟରେ ପାର୍ଥକ୍ୟ କ'ଣ ? ଏହାକୁ ଦଳରେ ଆଲୋଚନା କରି, ପ୍ରତ୍ୟେକ ଦଳ ୧୦୦ରୁ ୧୫୦ ଶବ୍ଦରେ ଏକ ଉତ୍ତର ଲେଖ । ଉତ୍ତରଗୁଡ଼ିକୁ ତୁଳନା କର ।

୬. ଦିଲ୍ଲୀ ଓ ବେଙ୍ଗାଲୁରୁର ଅକ୍ଷାଂଶ ୨୯° ଉତ୍ତର ଓ ୧୩° ଉତ୍ତର ସେମାନଙ୍କର ଦ୍ରାଘିମା ପ୍ରାୟ ୭୭° ପୂର୍ବ । ଦୁଇ ସହର ମଧ୍ୟରେ ସ୍ଥାନୀୟ ସମୟର ପାର୍ଥକ୍ୟ କେତେ ରହିବ ?

୭. ନିମ୍ନଲିଖିତ ଉକ୍ତିଗୁଡ଼ିକ ମଧ୍ୟରୁ ଭୁଲ୍ କିମ୍ବା ଠିକ୍ ଚିହ୍ନଟ କର । ତୁମ ଉତ୍ତରକୁ ଗୋଟିଏ କିମ୍ବା ଦୁଇଟି ବାକ୍ୟରେ ପ୍ରକାଶ କର ।

→ ସମସ୍ତ ସମାକ୍ଷରେଖାର ଦୈର୍ଘ୍ୟ ସମାନ ।

→ ଏକ ଦ୍ରାଘିମାର ଦୈର୍ଘ୍ୟ, ବିଷୁବ ବୃତ୍ତର ପ୍ରାୟ ଅଧା ଅଟେ ।

→ ଦକ୍ଷିଣ ମେରୁର ଅକ୍ଷାଂଶ ୯୦ ଡିଗ୍ରୀ ଦକ୍ଷିଣ ଅଟେ ।

→ ଆସାମରେ ସ୍ଥାନୀୟ ସମୟ ଏବଂ ଭାରତର ପ୍ରମାଣ ସମୟ (IST) ସମାନ ।

→ ସମସ୍ତ ମଣ୍ଡଳକୁ ଅଲଗା କରୁଥିବା ରେଖାଗୁଡ଼ିକ ମଧ୍ୟଦିନ ରେଖା ।

→ ବିଷୁବ ରେଖା ଏକ ସମାକ୍ଷରେଖା ଅଟେ ।

ନିମ୍ନରେ ଦିଆଯାଇଥିବା ତଥ୍ୟ ଅନୁସାରେ ଗ୍ରୀଡ଼କୁ ବନ୍ଧନୀ ମଧ୍ୟରେ ଦିଆଯାଇଥିବା ଇଂରାଜୀ ଶବ୍ଦକୁ ବ୍ୟବହାର କରି ପୂରଣ କର ।

(LATITUDE, POLE, GLOBE, ATLAS, LONGITUDE, EQUATOR, CO-ORDINATES, GREENWICH, IST, MAP, IDL)

ପୃଥିବୀରେ ସ୍ଥାନ ଚିହ୍ନଟ କରିବା



ବାମରୁ ଡାହାଣକୁ

୧. ଏକ ବିଶାଳ ଅଞ୍ଚଳକୁ ମାନଚିତ୍ରରେ ସଂକୁଚିତ କରି ଦର୍ଶାଇବା ।

୪. ପୃଥିବୀର ପ୍ରତିରୂପ

୫. ଅକ୍ଷାଂଶର ସବୁଠାରୁ ଲମ୍ବା ସମାନ୍ତରାଳ

୬. ମୂଳ ମଧ୍ୟଦିନ ରେଖା ସହ ସମ୍ପର୍କିତ

୮. ତୁମ ରାସ୍ତା ଖୋଜିବା ପାଇଁ ବହୁତ ସୁବିଧାଜନକ

୧୦. ବିଷୁବରେଖାଠାରୁ ସମାନ୍ତରାଳ ଭାବେ ବିସ୍ତୃତ

ଉପରୁ ତଳକୁ

୨. ମଧ୍ୟଦିନ ରେଖା

୩. ଅକ୍ଷାଂଶ ଓ ଦ୍ରାଘିମାର ମିଳିତ ଯୋଡ଼ିସ୍ଥାନାଙ୍କ

୭. ଭାରତରେ ଆମେ ସମସ୍ତେ ଅନୁସରଣ କରୁଥିବା ସମୟ

୯. ଏ ଦୁଇଟି ପରସ୍ପରଠାରୁ ବିପରୀତ ଦିଗରେ ଅବସ୍ଥିତ

୧୧. ଏକ ରେଖାର ଏକ ସଂକ୍ଷିପ୍ତ ନାମ ଯେଉଁଠି ତାରିଖ ପରିବର୍ତ୍ତନ ହୋଇଥାଏ ।

ଆମ ଲେଖା ଆମ ଚିତ୍ର

ମହାସାଗର ଏବଂ ମହାଦେଶ

ଅଧ୍ୟାୟ 9

ମହାସାଗର ହିଁ ସବୁକିଛି । ଏହା ଭୂପୃଷ୍ଠର ସାତ ଦଶମାଂଶକୁ ଅନ୍ତର୍ଭୁକ୍ତ କରେ । ଏହାର ବାୟୁ ଶୁଦ୍ଧ ଓ ସ୍ୱାସ୍ଥ୍ୟକର ହୋଇଥାଏ । ଏହା ଏକ ବିଶାଳ ଶୂନ୍ୟ ପ୍ରାନ୍ତ ଯେଉଁଠାରେ ମନୁଷ୍ୟ କେବେ ଏକା ନୁହେଁ । କାରଣ ସେ ସବୁଠି ଜୀବନର ସୃଷ୍ଟି ବା ପରିବ୍ୟାପ୍ତକୁ ଅନୁଭବ କରେ । ସମୁଦ୍ର ହେଉଛି ପ୍ରକୃତିର ବିଶାଳ ଗନ୍ତାଘର । ପୃଥିବୀ ସମୁଦ୍ରରୁ ଆରମ୍ଭ ହୋଇଥିଲା, ତେଣୁ କହିବାକୁ ଗଲେ, କିଏ ଜାଣେ ଏହା ସହିତ ଶେଷ ହେବ ନାହିଁ ତ ।...

–ଜୁଲ୍‌ସ ବର୍ନ (୧୮୭୦)

ଚିତ୍ର ୨.୧: ମହାକାଶରୁ ଦେଖାଯାଉଥିବା ପୃଥିବୀ (ଲୁନାର ରିକୋନିସେନ୍ସ ଅର୍ବିଟର ଦ୍ୱାରା ଫଟୋ) ଏହା ପ୍ରଶାନ୍ତ ମହାସାଗର ଉପରେ କେନ୍ଦ୍ରୀଭୂତ ହୋଇଥିବା ବେଳେ ବାମପଟେ ଆଫ୍ରିକା, ଶୀର୍ଷରେ ଭାରତ ଓ ଏସିଆର କିଛି ଅଂଶ, ଡାହାଣରେ ଅଷ୍ଟ୍ରେଲିଆ ଏବଂ ତଳ ଭାଗରେ ଆଣ୍ଟାର୍କଟିକା ରହିଛି ।

ଆସ ଚିନ୍ତା କରିବା

୧. ମହାସାଗର ଏବଂ ମହାଦେଶ କ'ଣ ? ସେଗୁଡ଼ିକ କିପରି ନାମିତ ହୋଇଛନ୍ତି ଏବଂ ସେମାନଙ୍କର ବଣ୍ଟନ କିପରି ହୋଇଛି ?

୨. ମହାସାଗର ଓ ମହାଦେଶ ମାନବ ଜୀବନ ସମେତ ପୃଥିବୀର ଅନ୍ୟାନ୍ୟ ଜୀବଜଗତକୁ କେଉଁ ଉପାୟରେ ପ୍ରଭାବିତ କରିଥାଏ ?

ଆସ ଆମେ ଗ୍ଲୋବକୁ ଫେରିବା ଏବଂ ଏହାକୁ ଧୀରେ ଧୀରେ ଘୁରାଇବା । କିମ୍ବା ଚନ୍ଦ୍ରପୃଷ୍ଠରୁ ଉତ୍ତୋଳନ କରା ଯାଇଥିବ ପୃଥିବୀର ଚିତ୍ରକୁ ଦେଖିବା । ତୁମେ ଦେଖୁଥିବା ଚିତ୍ରରେ କେଉଁ ରଙ୍ଗ ଅଧିକ ? ନିଶ୍ଚିତ ଭାବରେ ନୀଳ, କିନ୍ତୁ ଏହି ରଙ୍ଗ କ'ଣ ପ୍ରତିନିଧିତ୍ୱ କରେ ? ଏହାର ଉତ୍ତର ତୁମେ ନିଶ୍ଚୟ ଅନୁମାନ କରିଥିବ– ଏହା ହେଉଛି 'ଜଳ', ଅର୍ଥାତ୍ ପୃଥିବୀପୃଷ୍ଠର ଅଧିକାଂଶ ଅଂଶ ଜଳରେ ଆଚ୍ଛାଦିତ,–ଏହା ଭୂପୃଷ୍ଠର ପ୍ରାୟ ତିନି ଚତୁର୍ଥାଂଶ । ସେଥିପାଇଁ ମହାକାଶରୁ ଦେଖିଲେ ପୃଥିବୀ ମୁଖ୍ୟତଃ ନୀଳ ଦେଖାଯାଏ । ତେଣୁ ପ୍ରଥମରୁ ମହାକାଶଚାରୀମାନେ ପୃଥିବୀକୁ ସ୍ନେହରେ 'ନୀଳ ଗ୍ରହ' ବୋଲି କହୁଥିଲେ ।

ପୃଥିବୀରେ ଆମେ ଦେଖୁଥିବା ବୃହତ୍ତମ ଜଳାଶୟକୁ 'ମହାସାଗର'(ocean) କୁହାଯାଏ ।

କିନ୍ତୁ ପୃଥିବୀର ଚିତ୍ରରେ (ଚିତ୍ର ୨.୧) ତୁମେ ଅନ୍ୟ ଏକ ବାଦାମୀ ରଙ୍ଗ ମଧ୍ୟ ଦେଖିପାରୁଥିବ । ଏହି ରଙ୍ଗ ହେଉଛି ଭୂମିରୂପ, ଯାହା ପୃଥିବୀର ଏକ ଚତୁର୍ଥାଂଶରୁ କିଛି ଅଧିକ ଅଞ୍ଚଳକୁ ବ୍ୟାପିଛି । ଏକ ବିଶାଳ ଭୂମିକୁ 'ଭୂଖଣ୍ଡ' କୁହାଯାଏ ଏବଂ ଏହାର ନିରନ୍ତର ବିସ୍ତାରିତ ଭୂଖଣ୍ଡକୁ 'ମହାଦେଶ' (continent) କୁହାଯାଏ।

ପୃଥିବୀର ଜଳବାୟୁ ଗଠନରେ ଉଭୟ ମହାସାଗର ଓ ମହାଦେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏହା ସମସ୍ତ ଉଦ୍ଭିଦ ଓ ପ୍ରାଣୀ ଜୀବନର ସମସ୍ତ ଦିଗକୁ ପ୍ରଭାବିତ କରିବା ସହିତ ମନୁଷ୍ୟ ଜୀବନକୁ ମଧ୍ୟ ପ୍ରଭାବିତ କରିଥାଏ । ଆମର ଇତିହାସ, ସଂସ୍କୃତି ସମେତ ଦୈନନ୍ଦିନ ଜୀବନରେ ଏହାର ପ୍ରଭାବ ଦେଖିବାକୁ ମିଳେ ।

ମନେରଖ

ଭାରତୀୟ ନୌସେନାର ପ୍ରତୀକରେ "ସଂ ନୋଃ ବରୁଣଃ" ଲେଖାଯାଇଛି, ଯାହାର ଅର୍ଥ ହେଉଛି, "ହେ ବରୁଣ, ଆମ ପାଇଁ ଶୁଭ ହୁଅ" । ଏହା ସମୁଦ୍ର, ଆକାଶ ଏବଂ ଜଳ ସହିତ ଜଡ଼ିତ ବୈଦିକ ଦେବତା ବରୁଣଙ୍କ ପାଇଁ ଏକ ସ୍ତୁତି ବା ସମ୍ମାନ ।

ପୃଥିବୀରେ ଜଳଭାଗ ଓ ସ୍ଥଳଭାଗର ବଣ୍ଟନ

ସାଧାରଣତଃ ମହାସାଗର ଏବଂ ମହାଦେଶଗୁଡ଼ିକର ବଣ୍ଟନ ଉତ୍ତର ଏବଂ ଦକ୍ଷିଣ ଗୋଲାର୍ଦ୍ଧ ମଧ୍ୟରେ ସମାନ ନୁହେଁ ।



ଚିତ୍ର ୨.୨: ପୃଥିବୀର ମାନଚିତ୍ର (ଉତ୍ତର ମେରୁ ବାମରେ ଓ ଦକ୍ଷିଣ ମେରୁ ଡ଼ାହାଣରେ ଦର୍ଶାଯାଇଛି)

ଆସ ଚିତ୍ର ୨.୨ରେ ଥିବା ଦୁଇଟି ମାନଚିତ୍ରକୁ ଅନୁଧ୍ୟାନ କରିବା । ଏଠାରେ ମଧ୍ୟ ନୀଳରଙ୍ଗରେ ମହାସାଗର ଏବଂ ଏହାର ଛୋଟ ଛୋଟ ବିସ୍ତାରିତ ଜଳରାଶି, ଯେପରି, ସାଗର, ଉପସାଗର (Bay, Gulf)କୁ ଦର୍ଶାଯାଇଛି ।

ସାଗର (Bay): ଭୂପୃଷ୍ଠରେ ମହାସାଗରଠାରୁ ଅପେକ୍ଷାକୃତ କମ୍ କ୍ଷେତ୍ରଫଳ ଓ ଗଭୀରତା ବିଶିଷ୍ଟ ଲବଣାକ୍ତ ଜଳରାଶିକୁ ସାଗର କହାଯାଏ ।

ଆସ ଅନୁସନ୍ଧାନ କରିବା

- → ପ୍ରତ୍ୟେକ ମାନଚିତ୍ରରେ ଥିବା ବୃତ୍ତାକାର ରେଖାଗୁଡ଼ିକୁ କ'ଣ କୁହାଯାଏ ? ଏବଂ ତୁମେ ଜାଣ କି ଦୁଇଟି ମେରୁକୁ ଯୋଗ କରୁଥିବା ରେଖାଗୁଡ଼ିକୁ କ'ଣ କୁହାଯାଏ ? ସୂଚନା: ତୁମେ ପୂର୍ବ ଅଧ୍ୟାୟରେ ଏହି ବିଷୟରେ ପଢ଼ିଛ, କିନ୍ତୁ ଏଠାରେ ସେଗୁଡ଼ିକୁ ଭିନ୍ନ ଭାବରେ ଉପସ୍ଥାପିତ କରାଯାଇଛି ।)
- → କେଉଁ ଗୋଲାର୍ଦ୍ଧରେ ଅଧିକ ଜଳ ରହିଛି ?
- → ଉତ୍ତର ଗୋଲାର୍ଦ୍ଧ ଏବଂ ଦକ୍ଷିଣ ଗୋଲାର୍ଦ୍ଧର ଜଳଭାଗ ଓ ସ୍ଥଳଭାଗର ଆନୁମାନିକ ଅନୁପାତ କ'ଣ ହୋଇପାରେ ବୋଲି ତୁମେ ଭାବୁଛ ? ନିଜ ଦଳରେ ଆଲୋଚନା କର ।
- → ସବୁ ମହାସାଗର ପରସ୍ପର ସହ ସଂଯୁକ୍ତ କି ? ହଁ / ନାଁ । ମାନଚିତ୍ର ଦେଖି ଏହାର କାରଣ ବର୍ଣ୍ଣନା କର ।

ଉପ ସାଗର (Gulf): ଯେଉଁ ଜଳଭାଗର ତିନିପାର୍ଶ୍ୱରେ ବିସ୍ତୀର୍ଣ୍ଣ ସ୍ଥଳଭାଗ ଦ୍ୱାରା ବେଷ୍ଟିତ, ତାହାକୁ ଉପସାଗର କହାଯାଏ ।

ପ୍ରବାଳ ସ୍ତୁପ



ସମୁଦ୍ର ଆନିମୋନରେ ଏକ ତାରକା ମାଛ

ସାମୁଦ୍ରିକ ଜୀବନ



ସାର୍କ

ସ୍ପର୍ମ ତିମି, ମା' ଓ ଶିଶୁ

ଡଲ୍‌ଫିନ୍

ରଙ୍ଗୀନ ଗ୍ରୀଷ୍ମମଣ୍ଡଳୀୟ ମାଛ ସହିତ ଅଳ୍ପ ପ୍ରବାଳ ଶୈଳମାଳା

ଶୈବାଳ

ଏମ୍ପରର ପେଙ୍ଗୁଇନ୍

ବୋନାଇର ସମୁଦ୍ର କଇଁଛ

ପୃଥିବୀ ପୃଷ୍ଠରେ ଥିବା ସମୁଦାୟ ଜଳଭାଗର ପ୍ରାୟ ଅଧିକାଂଶ ଭାଗ ମହାସାଗର ଓ ସାଗରରେ ରହିଛି । ଏହି ଜଳ ଲୁଣିଆ । ସୁତରାଂ ଏହା ମନୁଷ୍ୟ ତଥା ଜୀବଜଗତର ସିଧାସଳଖ ବ୍ୟବହାର ଉପଯୋଗୀ ନୁହେଁ । ଅପରପକ୍ଷରେ, ମଧୁର ଜଳ ପୃଥିବୀର ଜଳ ସମ୍ପଦର ବହୁତ କମ୍ ଅଂଶ ଅଟେ । ପର୍ବତ ଶିଖରରେ ହିମବାହ (Glacier), ନଦୀ, ହ୍ରଦ, ପୁଷ୍କରିଣୀ ଇତ୍ୟାଦି ଏହି ପ୍ରକାର ଜଳର ମୁଖ୍ୟ ଉତ୍ସ ବାୟୁମଣ୍ଡଳରେ ଜଳୀୟ ବାଷ୍ପ ଓ ଭୂତଳ ଜଳ ମଧ୍ୟ ମଧୁର ଜଳର ଅନ୍ତର୍ଭୁକ୍ତ ଅଟେ ।

ଏହି ବିଷୟରେ ଚିନ୍ତା କର

- ପୃଥିବୀରେ ଯଦି ଏତେ ପରିମାଣର ଜଳ ଅଛି, 'ଜଳ ଅଭାବ' ବା 'ଜଳ ସଙ୍କଟ' ବିଷୟରେ ଏତେ ଚର୍ଚ୍ଚା କାହିଁକି ?
- ଜଳ ସଂରକ୍ଷଣର କେଉଁ ଉପାୟ ବିଷୟରେ ତୁମେ ଜାଣିଛ ? ତୁମେ ତୁମ ଘରେ, ବିଦ୍ୟାଳୟରେ ଏବଂ ଗାଁ କିମ୍ବା ସହରରେ ଜଳ ସଂରକ୍ଷଣର ବିଭିନ୍ନ ଉପାୟ ଅବଲମ୍ବନ ହେଉଥିବା ଦେଖିଛ କି ?

ମହାସାଗର

ପୃଷ୍ଠା ୩୨ରେ ଚିତ୍ର ୨.୩ରେ ଥିବା ପୃଥିବୀ ମାନଚିତ୍ରରେ ଆମେ ପାଞ୍ଚଟି ମହାସାଗର ଯଥା – ପ୍ରଶାନ୍ତ ମହାସାଗର, ଆଟଲାଣ୍ଟିକ ମହାସାଗର, ଭାରତ ମହାସାଗର, ଆର୍କଟିକ୍ ମହାସାଗର ଏବଂ ଦକ୍ଷିଣ (କିମ୍ବା ଆଣ୍ଟାର୍କଟିକା) ମହାସଗାରକୁ ଦର୍ଶାଯାଇଛି ।

ଯଦିଓ ଆମେ ପାଞ୍ଚଟି ମହାସାଗରକୁ ତାଲିକାଭୁକ୍ତ କରିଛୁ, ମାନଚିତ୍ରରୁ ଏହା ସ୍ପଷ୍ଟ ଯେ ସେମାନେ ପରସ୍ପରଠାରୁ ପ୍ରକୃତରେ ବିଚ୍ଛିନ୍ନ ନୁହଁନ୍ତି । ମାନଚିତ୍ରରେ ମହାସାଗର ଗୁଡ଼ିକର ବିଭାଜିତ ସୀମା ଏକ ପ୍ରଚଳିତ (convention)ବ୍ୟବସ୍ଥା ଠାରୁ ଅଧିକ କିଛି ନୁହେଁ । ପ୍ରାକୃତିକ ଦୁନିଆ ଏପରି ସୀମା ଅନୁସରଣ କରେ ନାହିଁ। ଉଦାହରଣ ସ୍ୱରୂପ, ସମୁଦ୍ର ଜଳ କ୍ରମାଗତ ଭାବରେ ବିଭିନ୍ନ ସମୁଦ୍ରରେ ପ୍ରବାହିତ ହୁଏ, ଯାହା ସାମୁଦ୍ରିକ ଜୀବନର ଏକ ସମୃଦ୍ଧ ବିବିଧତାକୁ ବଜାୟ ରଖିଥାଏ । ମହାସାଗର ଗୁଡ଼ିକରେ ଅନେକ ପ୍ରକାର ଉଦ୍ଭିଦ ଓ ପ୍ରାଣୀମାନଙ୍କର ପ୍ରଜାତି ଦେଖିବାକୁ ମିଳେ ।

ସାମୁଦ୍ରିକ ଉଦ୍ଭିଦ ଜଗତରେ ଛୋଟ ଛୋଟ ଗଛ ଏବଂ ସମସ୍ତ ସାମୁଦ୍ରିକ ଶୈବାଳ (Algae and seaneeds) । ସାମୁଦ୍ରିକ ଜୀବଜନ୍ତୁ ମଧ୍ୟରେ ହଜାର ହଜାର ପ୍ରଜାତିର ରଙ୍ଗୀନ ମାଛ, ଡଲ୍‌ଫିନ୍, ତିମି ଏବଂ ଅଗଣିତ ରହସ୍ୟମୟ ଗଭୀର ସମୁଦ୍ର ଜୀବ ରହିଛନ୍ତି । ସୂର୍ଯ୍ୟ ଆଲୋକିତ ପୃଷ୍ଠଠାରୁ ଆରମ୍ଭ କରି ଅନ୍ଧାରୁଆ ଗଭୀରତା ପର୍ଯ୍ୟନ୍ତ ସମୁଦ୍ରର ପ୍ରତ୍ୟେକ ଅଂଶ ବିବିଧ ଜୀବଜଗତରେ ପରିପୂର୍ଣ୍ଣ ।

ସାମୁଦ୍ରିକ (Marine): ସମୁଦ୍ର ଏବଂ ସମୁଦ୍ର ସହିତ ସମ୍ବନ୍ଧିତ ।

ଉଦ୍ଭିଦ (Flora): ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ କିମ୍ବା ସମୟର ଉଦ୍ଭିଦ ଜୀବନ ।

ଜୀବଜନ୍ତୁ (Fauna): ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ କିମ୍ବା ସମୟର ପ୍ରାଣୀ ଜୀବନ ।



ଚିତ୍ର ୨.୩: ପାଞ୍ଚଟି ମହାସାଗର, ସେମାନଙ୍କର ପ୍ରଚଳିତ ସୀମା ଏବଂ ମହାଦେଶଗୁଡ଼ିକୁ ଦର୍ଶାଉଥିବା ପୃଥିବୀ ମାନଚିତ୍ର

ଆସ ଅନୁସନ୍ଧାନ କରିବା

ମାନଚିତ୍ର ଦେଖି ପାଞ୍ଚଟି ମହାସାଗରକୁ ଚିହ୍ନଟ କର ଏବଂ ନିମ୍ନରେ ଥିବା ସାରଣୀରେ, କେଉଁଟି କେଉଁ ଗୋଲାର୍ଦ୍ଧରେ ଅବସ୍ଥିତ ତାହା ଚିହ୍ନଟ କରି ଲେଖ ।

	ଉତ୍ତର ଗୋଲାର୍ଦ୍ଧ	ଦକ୍ଷିଣ ଗୋଲାର୍ଦ୍ଧ
ପ୍ରଶାନ୍ତ ମହାସାଗର		
ଆଟଲାଣ୍ଟିକ ମହାସାଗର		
ଭାରତ ମହାସାଗର		
ଦକ୍ଷିଣ ମହାସାଗର		
ଆର୍କଟିକ୍ ମହାସାଗର		

ମାନଚିତ୍ରରେ ଏହା ସ୍ପଷ୍ଟ ଯେ ପ୍ରଶାନ୍ତ ମହାସାଗର ସବୁଠାରୁ ବଡ଼ ଏବଂ ଏହାପରେ ଆଟଲାଣ୍ଟିକ ମହାସାଗର ରହିଛି । ଭାରତ ମହାସାଗର ତୃତୀୟ ବୃହତ୍ତମ ହୋଇଥିବା ବେଳେ ଦକ୍ଷିଣ ମହାସାଗର ଚତୁର୍ଥ । ସବୁଠାରୁ ଛୋଟ ହେଉଛି ଆର୍କଟିକ୍ ମହାସାଗର ।

ମନେରଖ

- ପୃଥିବୀ ମାନଚିତ୍ର (ଚିତ୍ର ୨.୩)ରୁ ଏହା ସ୍ପଷ୍ଟ ଯେ ଭାରତ ମହାସାଗର ମୁଖ୍ୟତଃ ଉତ୍ତରରେ ଏସିଆ, ପଶ୍ଚିମରେ ଆଫ୍ରିକା, ପୂର୍ବରେ ଅଷ୍ଟ୍ରେଲିଆ ଓ ଦକ୍ଷିଣରେ ଦକ୍ଷିଣ ମହାସାଗର ପର୍ଯ୍ୟନ୍ତ ବିସ୍ତୃତ ।
- ଭାରତର ଉଭୟ ପାର୍ଶ୍ୱରେ ଆମେ ଭାରତ ମହାସାଗରର ଦୁଇଟି ଅଂଶ ଦେଖିବାକୁ ପାଉଛୁ- ପଶ୍ଚିମରେ ଆରବ ସାଗର ଏବଂ ପୂର୍ବରେ ବଙ୍ଗୋପସାଗର ।

ଚିତ୍ର ୨.୪

ଚିତ୍ର ୨.୪ ଭାରତର ଏହି ମାନଚିତ୍ର ଚିତ୍ର ୧.୬ ସହିତ ସମାନ, କିନ୍ତୁ ଏଥିରେ ଆରବ ସାଗର ଓ ବଙ୍ଗୋପସାଗରକୁ ଦର୍ଶାଯାଇଛି । ଏହା ସହିତ ଭାରତର ଦୁଇ ମୁଖ୍ୟ ଦ୍ୱୀପପୁଞ୍ଜଗୁଡ଼ିକୁ ମଧ୍ୟ ଦର୍ଶାଯାଇଛି । (ଦ୍ୱୀପପୁଞ୍ଜ ସମ୍ପର୍କରେ ସୂଚନା ପାଇଁ ପରବର୍ତ୍ତୀ ପୃଷ୍ଠା ଦେଖ)

ସମୁଦ୍ର ଓ ବିପର୍ଯ୍ୟୟ

ଏହି ଅଧ୍ୟାୟର ଆରମ୍ଭରେ ଦିଆଯାଇଥିବା ଚିତ୍ରକୁ ଆଉଥରେ ଦେଖ। ତୁମେ ଦେଖିପାରୁଥିବା ପୃଥିବୀ ଉପରେ କିଛି ଧଳାରଙ୍ଗ ଆଚ୍ଛାଦିତ ହୋଇଛି । ତୁମେ ଅନୁମାନ କରିପାରୁଛ କି ସେଗୁଡ଼ିକ କ'ଣ ? ଏଗୁଡ଼ିକ ମେଘର ଏକ ବିଶାଳ ସମୂହ ଅଟନ୍ତି । ଏଭଳି ମେଘମାଳା ମହାଦେଶରେ ବର୍ଷା ଆଣିଥାଏ। ଉଦାହରଣ ସ୍ୱରୂପ, ଭାରତରେ ପ୍ରତି ଗ୍ରୀଷ୍ମ ଋତୁରେ ଯେଉଁ ମୌସୁମୀ ବର୍ଷା ହୋଇଥାଏ, ତାହା ସମୁଦ୍ରରେ ଉତ୍ପନ୍ନ ହୁଏ- ଏଭଳି ବର୍ଷା ନହେଲେ, ଆମର ଚାଷ ଏବଂ ସମସ୍ତ ଜୀବନ କ୍ଷତିଗ୍ରସ୍ତ ହେବ । କିନ୍ତୁ ସମୁଦ୍ର ମଧ୍ୟ ଅନେକ ସମୟରେ ଝଡ଼ ସୃଷ୍ଟିର କାରଣ ହୋଇଥାଏ । ଅତ୍ୟଧିକ ବୃଷ୍ଟିପାତ କିମ୍ବା ଅତି ପ୍ରବଳ ପବନ ସହିତ ଉଗ୍ରରୂପ ନେଇ ଉପକୂଳ ଅଞ୍ଚଳରେ ତାଣ୍ଡବ ରଚି ବ୍ୟାପକ କ୍ଷୟକ୍ଷତି କରିଥାଏ ।

ସୁନାମି ହେଉଛି ସମୁଦ୍ରରେ ସୃଷ୍ଟି ହେଉଥିବା ଅନ୍ୟ ଏକ ପ୍ରାକୃତିକ ବିପର୍ଯ୍ୟୟ । ଏହା ଏକ ବିରାଟ ଏବଂ ଶକ୍ତିଶାଳୀ ତରଙ୍ଗ ଯାହା ସାଧାରଣତଃ ସମୁଦ୍ରର ତଳ ଭାଗରେ ଏକ ଶକ୍ତିଶାଳୀ ଭୂମିକମ୍ପ କିମ୍ବା ଆଗ୍ନେୟଗିରି ବିସ୍ଫୋରଣ କାରଣରୁ ହୋଇଥାଏ । ସୁନାମି ହଜାର ହଜାର କିଲୋମିଟର ଅତିକ୍ରମ କରି ଉପୂଳବର୍ତ୍ତୀ ଅଞ୍ଚଳକୁ ଜଳମଗ୍ନ କରି ବ୍ୟାପକ କ୍ଷୟକ୍ଷତି କରେ ।

ମନେରଖ

- ୨୬ ଡିସେମ୍ବର ୨୦୦୪ ମସିହାରେ ଭାରତ ଓ ଭାରତ ମହାସାଗର ଚାରିପାଖରେ ଥିବା ୧୩ଟି ଦେଶ ଏକ ଶକ୍ତିଶାଳୀ ସୁନାମୀ ଦ୍ୱାରା ପ୍ରଭାବିତ ହୋଇଥିଲା । ଏହା ଇଣ୍ଡୋନେସିଆରେ ସୃଷ୍ଟି ହୋଇଥିବା ଭୂମିକମ୍ପ କାରଣରୁ ହୋଇଥିଲା । ଏଥିରେ ୨ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ଭାରତରେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ (ଚିତ୍ର ୨.୪ର ତଳଭାଗରେ ଦିଆଯାଇଥିବା ଦ୍ୱୀପପୁଞ୍ଜକୁ ଦେଖ), ତାମିଲନାଡୁ ଓ କେରଳ ଉପକୂଳ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା ଏବଂ ବହୁ କ୍ଷୟକ୍ଷତି ଓ ଧନଜୀବନ ହାନି ହୋଇଥିଲା ।
- ଏଭଳି ସୁନାମି ବେଳବେଳେ ଅତ୍ୟନ୍ତ ବିନାଶକାରୀ ହୋଇଥାଏ । ସୌଭାଗ୍ୟବଶତଃ, ଉପକୂଳ ଛୁଇଁବା ପୂର୍ବରୁ ଏହାକୁ ପ୍ରାୟତଃ ଠାବ କରାଯାଇ ପାରିଥାଏ । ଏଭଳି 'ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା'ରେ ଅନେକ ଦେଶ ସହଯୋଗ କରିଥାନ୍ତି । ବିଶେଷ କରି ଭାରତ ମହାସଗରରେ ସୁନାମି ପୂର୍ବବର୍ତ୍ତୀ ସୂଚନା ପ୍ରଣାଳୀ (pre warning system) ରହିଛି, ଯେଉଁଥିରେ ଭାରତ ସମେତ ଅନେକ ଦେଶର ଯୋଗଦାନ ରହିଛି । ଏହାଦ୍ୱାରା ଧନ ଜୀବନ ଓ ସମ୍ପତ୍ତିର ସୁରକ୍ଷା ଦିଗରେ ପଦକ୍ଷେପ ଗ୍ରହଣ କରାଯାଇପାରୁଛି ।
- ଧନ ଜୀବନ ଓ ବ୍ୟାପକ ସମ୍ପତ୍ତି କ୍ଷୟକ୍ଷତି ଘଟାଉଥିବା ଘଟଣାର ନିୟନ୍ତ୍ରଣ କରିବା ବ୍ୟବସ୍ଥାକୁ ବିପର୍ଯ୍ୟୟ ପରିଚାଳନା କୁହାଯାଏ । ସବୁ ପ୍ରକାର ବିପର୍ଯ୍ୟୟର ମୁକାବିଲା ପାଇଁ ଭାରତର ନିଜସ୍ୱ 'ଜାତୀୟ ବିପର୍ଯ୍ୟୟ ପରିକଳ୍ପନା ପ୍ରାଧୀକରଣ (National Disaster Management Authority) ଅଛି (ଆମେ ପରବର୍ତ୍ତୀ ଅଧ୍ୟାୟରେ ଅଧିକ ଉଦାହରଣ ଦେଖିବା) ।

ମହାଦେଶ

ପୃଥିବୀ ମାନଚିତ୍ରରେ (ଚିତ୍ର ୨.୩) ମହାଦେଶଗୁଡ଼ିକୁ ଦର୍ଶାଯାଇଛି । ତୁମେ କେତୋଟି ମହାଦେଶକୁ ଗଣିପାରିବ ? ଏହାର ଉତ୍ତର ଏତେ ସରଳ ନୁହେଁ, କାରଣ ସେମାନଙ୍କୁ ବିଭିନ୍ନ ଉପାୟରେ ଗଣନା କରାଯାଇପାରେ । ଆମର ସୁବିଧା ଅନୁସାରେ, ମହାଦେଶ ଗୁଡ଼ିକୁ ଆମେ ୪ରୁ ୭ ମଧ୍ୟରେ ତାଲିକାଭୁକ୍ତ କରିପାରିବା । ଏହାର କାରଣ: କ'ଣ ଜାଣ କି ?

- ଉତ୍ତର ଆମେରିକା ଏବଂ ଦକ୍ଷିଣ ଆମେରିକାକୁ ସାଧାରଣତଃ ଦୁଇଟି ମହାଦେଶ ଭାବରେ ବିବେଚନା କରାଯାଏ; କିନ୍ତୁ ଯଦି ସେ ଦୁଇକୁ ଏକକ ଭୂଖଣ୍ଡ ଭାବରେ ଦେଖାଯାଏ, ତେବେ ଏହାକୁ ମଧ୍ୟ ଗୋଟିଏ ଭାବରେ ବିବେଚନା କରାଯାଇପାରେ ।
- ୟୁରୋପ ଏବଂ ଏସିଆକୁ ସାଧାରଣତଃ ଦୁଇଟି ମହାଦେଶ ଭାବରେ ବିବେଚନା କରାଯାଏ, ଯଦିଓ ମାନଚିତ୍ରରୁ ଏହା ସ୍ପଷ୍ଟ ହୋଇଛି ଯେ ମହାଦେଶ ଦୁଇଟି ଗୋଟିଏ ଭୂଖଣ୍ଡ ଗଠନ କରନ୍ତି । ଐତିହାସିକ ଏବଂ ସାଂସ୍କୃତିକ କାରଣରୁ ୟୁରୋପର ବିକାଶ ଏସିଆଠାରୁ ବହୁତ ଭିନ୍ନ ଯେଉଁଥିପାଇଁ ଏହାକୁ ଦୁଇଟି ମହାଦେଶ ଭାବରେ ଦେଖାଯାଇପାରେ ।

ତେବେ ଭୂତତ୍ତ୍ୱ ବିଜ୍ଞାନୀମାନେ ଏହାକୁ 'ୟୁରେସିଆ' ନାମକ ଏକ ମହାଦେଶ ବୋଲି ବିବେଚନା କରନ୍ତି ।

- ଆଫ୍ରିକା ଓ ୟୁରେସିଆକୁ ସାଧାରଣତଃ ଦୁଇଟି ମହାଦେଶ ଭାବରେ ବିବେଚନା କରାଯାଏ, କିନ୍ତୁ ବେଳେବେଳେ ଗୋଟିଏ ଭାବରେ ମଧ୍ୟ ବିଚାର କରାଯାଏ ।

ଆସ ନିମ୍ନ ସାରଣୀରେ ମହାଦେଶଗୁଡ଼ିକର ଗଣନାକୁ ସଂକ୍ଷିପ୍ତ କରିବା:

ମହାଦେଶର ଗଣନା (ବର୍ଣ୍ଣ ଅନୁକ୍ରମରେ)	
ଚାରୋଟି ମହାଦେଶ	ଆଫ୍ରିକା-ୟୁରେସିଆ, ଆମେରିକା, ଆଣ୍ଟାର୍କଟିକା, ଅଷ୍ଟ୍ରେଲିଆ
ପାଞ୍ଚଟି ମହାଦେଶ	ଆଫ୍ରିକା, ଆମେରିକା, ଆଣ୍ଟାର୍କଟିକା, ଅଷ୍ଟ୍ରେଲିଆ, ୟୁରେସିଆ
ଛଅଟି ମହାଦେଶ	ଆଫ୍ରିକା, ଆଣ୍ଟାର୍କଟିକା, ଅଷ୍ଟ୍ରେଲିଆ, ୟୁରେସିଆ, ଉତ୍ତର ଆମେରିକା, ଦକ୍ଷିଣ ଆମେରିକା (ପୃଷ୍ଠା ୩୨ର ଚିତ୍ର ୨.୩)
ସାତଟି ମହାଦେଶ	ଆଫ୍ରିକା, ଆଣ୍ଟାର୍କଟିକା, ଏସିଆ, ଅଷ୍ଟ୍ରେଲିଆ, ୟୁରୋପ, ଉତ୍ତର ଆମେରିକା, ଦକ୍ଷିଣ ଆମେରିକା

ସାତଟି ମହାଦେଶର ଶେଷ ତାଲିକା ସବୁଠାରୁ ଅଧିକ ଗ୍ରହଣୀୟ ଏବଂ ବ୍ୟବହୃତ ।

ମନେରଖ

ଅଲିମ୍ପିକ୍ସ କ୍ରୀଡ଼ାର ଅନ୍ୟତମ ପ୍ରତୀକ ପାଞ୍ଚଟି ଅଲିମ୍ପିକ୍ ଚକ୍ର ବା ରିଙ୍ଗ୍ ତୁମେ ଦେଖିଥିବ । ଏହା ସମଗ୍ର ବିଶ୍ୱର କ୍ରୀଡ଼ାବିତ୍ ସମାବେଶର ପ୍ରତୀକ । ଆଫ୍ରିକା, ଆମେରିକା, ଏସିଆ, ଅଷ୍ଟ୍ରେଲିଆ ଏବଂ ୟୁରୋପ ଭଳି ପାଞ୍ଚଟି ଜନବହୁଳ ମହାଦେଶକୁ ପ୍ରତିନିଧିତ୍ୱ କରିବା ପାଇଁ ଏହି ଚକ୍ର ବା ରିଂ ଚୟନ କରାଯାଇଥିଲା ।

ଅଲିମ୍ପିକ୍ କ୍ରୀଡ଼ାର ଲୋଗୋ

ଏବେ ଆସ ପୃଷ୍ଠା ୩୬ରେ ଥିବା ଚିତ୍ର ଉପରେ ନଜର ପକାଇବା, ଯାହା ସାତଟି ମହାଦେଶର ତାଲିକା ଓ ଏହାର ଆକାର ଉପରେ ଆଧାରିତ । ଏହା ସେମାନଙ୍କର ପ୍ରକୃତ ଆକାର ଦେଖାଉନାହିଁ ବରଂ ସେମାନଙ୍କର ଆପେକ୍ଷିକ ଆକାରକୁ ଦର୍ଶାଉଛି ।



ଆସ ଅନୁସନ୍ଧାନ କରିବା

- → ଉପରୋକ୍ତ ବର୍ଗର ସଂଖ୍ୟା ଗଣନା କରି ବୃହତ୍ତମ ଏବଂ କ୍ଷୁଦ୍ରତମ ମହାଦେଶର ନାମ ଲେଖ ।
- → କେଉଁଟି ବଡ଼ ? (କ) ଉତ୍ତର ଆମେରିକା ନା ଦକ୍ଷିଣ ଆମେରିକା ? (ଖ) ଆଫ୍ରିକା ନା ଉତ୍ତର ଆମେରିକା ? (ଗ) ଆଣ୍ଟାର୍କଟିକା ନା ଅଷ୍ଟ୍ରେଲିଆ ?
- → ୟୁରୋପ ଏବଂ ଏସିଆ ପାଇଁ ଗୋଟିଏ ରଙ୍ଗ ଦେଇ ଚିତ୍ରକୁ ପୁନଃ ରଙ୍ଗ କର ଏବଂ ଏହାକୁ 'ୟୁରେସିଆ' ନାମରେ ନାମିତ କର । ଏହାର ଆକାରକୁ ଦକ୍ଷିଣ ଆମେରିକା ସହ ତୁଳନା କର ।
- → କ୍ଷୁଦ୍ରରୁ ବୃହତ୍ତମ କ୍ରମରେ ମହାଦେଶଗୁଡ଼ିକର ତାଲିକା କର ।

ଦ୍ୱୀପପୁଞ୍ଜ

ଯଦି ତୁମେ ଏହି ଅଧ୍ୟାୟ (ଚିତ୍ର ୨.୨ ଏବଂ ୨.୩)ର ପୂର୍ବ ଦୁଇଟି ମାନଚିତ୍ରକୁ ଧ୍ୟାନର ସହ ଦେଖିଛ, ତେବେ ତୁମେ ଦେଖିଥିବ ଯେ ମହାଦେଶଗୁଡ଼ିକରେ ସମସ୍ତ ଭୂଖଣ୍ଡ ଅନ୍ତର୍ଭୁକ୍ତ କରାଯାଇନାହିଁ ।

କିଛି ଛୋଟ ଛୋଟ ଭୂଭାଗ ବାଦ୍ ପଡ଼ିଛି, ଯାହାକୁ ଜଳଭାଗ ଚାରିପାଖରୁ ଘେରି ରହିଛି ଏବଂ ଏଗୁଡ଼ିକ ଦ୍ୱୀପପୁଞ୍ଜ (islands) କୁହାଯାଏ । (ମହାଦେଶଗୁଡ଼ିକ ମଧ୍ୟ ଜଳ ଦ୍ୱାରା ଘେରି ରହିଛି କିନ୍ତୁ ସେମାନେ ଏତେ ବଡ଼ ହୋଇଥିବାରୁ ସେମାନଙ୍କୁ ଦ୍ୱୀପ ଭାବରେ ବିବେଚନା କରାଯାଏ ନାହିଁ ।

ପୃଥିବୀରେ ଲକ୍ଷ ଲକ୍ଷ ଦ୍ୱୀପ ରହିଛି, ଯେଉଁମାନଙ୍କର ଆକାର ଭିନ୍ନ ଭିନ୍ନ ।

ମନେରଖ

- ଗ୍ରୀନଲ୍ୟାଣ୍ଡ ହେଉଛି ପୃଥିବୀର ସର୍ବବୃହତ୍ ଦ୍ୱୀପ (ଏହାକୁ ଏକ ଗ୍ଲୋବ କିମ୍ବା ମାନଚିତ୍ରରେ ଚିହ୍ନଟ କର) । ଏହାର ଆକାର ଭାରତର ୧୦ଟି ବୃହତ୍ତମ ରାଜ୍ୟର କ୍ଷେତ୍ରଫଳ ସହ ପ୍ରାୟତଃ ସମାନ ।
- ଭାରତରେ ୩୦୦ରୁ ଅଧିକ କ୍ଷୁଦ୍ର ଦ୍ୱୀପ ରହିଛି । ସେଗୁଡ଼ିକ ମଧ୍ୟରେ ଦୁଇଟି ପ୍ରମୁଖ ଦ୍ୱୀପପୁଞ୍ଜ ଅନ୍ତର୍ଭୁକ୍ତ- ବଙ୍ଗୋପସାଗରର ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଆରବ ସାଗରର ଲାକ୍ଷାଦ୍ୱୀପ ଦ୍ୱୀପପୁଞ୍ଜ (ଚିତ୍ର ୨.୪ ଦେଖ) ।
- ୧୯୮୧ ମସିହାରୁ 'ଭାରତୀୟ ଆଣ୍ଟାର୍କଟିକା କାର୍ଯ୍ୟକ୍ରମ' ଆଣ୍ଟାର୍କଟିକାରେ ବିଭିନ୍ନ ଅନୁସନ୍ଧାନ ଓ ଗବେଷଣା କରୁଛି, ଯାହା ଅତ୍ୟନ୍ତ ଶୀତଳ ଜଳବାୟୁ ଏବଂ କଠୋର ପରିବେଶ ବିଶିଷ୍ଟ ଏକ ମହାଦେଶ (ଚିତ୍ର ୨.୧ର ତଳଭାଗରେ ଧଳା ରଙ୍ଗର ବିସ୍ତୃତ ଅଞ୍ଚଳ ଦେଖ, ଯାହା ଅଧିକାଂଶ ବରଫ ଅଟେ) । ୧୯୮୩ ମସିହାରେ ଭାରତ ସେଠାରେ ନିଜର ପ୍ରଥମ ବୈଜ୍ଞାନିକ ଗବେଷଣା କେନ୍ଦ୍ର (ବେସ୍ ଷ୍ଟେସନ୍) ପ୍ରତିଷ୍ଠା କରିଥିଲା, ଯାହାର ନାମ ଥିଲା 'ଦକ୍ଷିଣ ଗଙ୍ଗୋତ୍ରୀ' ପରବର୍ତ୍ତୀ ସମୟରେ ଆଉ ଦୁଇଟି ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ଭାରତୀୟ ବୈଜ୍ଞାନିକଙ୍କ ପ୍ରାୟ ୪୦ଟି ଟିମ୍ ଏହି ଦୁର୍ଗମ ଅଞ୍ଚଳରେ ବିଶେଷ କରି ଜଳବାୟୁ ଓ ପରିବେଶର ବିକାଶ ଉପରେ ଗବେଷଣା କରିଛନ୍ତି । ବୈଜ୍ଞାନିକମାନେ ରହୁଥିବା ସ୍ଥାନରେ ଏକ ପାଠାଗାର ଏବଂ ଡାକଘର ମଧ୍ୟ ଅଛି ।

ମହାସାଗର ଏବଂ ଜୀବନ

ମହାସାଗର ଓ ମହାଦେଶ, ପରିବେଶର ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହା ଆମ ଜୀବନର ଅଧିକାଂଶ ଦିଗକୁ ପ୍ରଭାବିତ କରିଥାଏ, ଯଦିଓ ଆମେ ଏହାକୁ ଧ୍ୟାନ ଦେଇନଥାଉ । ସାଧାରଣତଃ ସମୁଦ୍ର ଯୋଗୁଁ ସ୍ଥଳଭାଗରେ ବର୍ଷା ହୋଇଥାଏ; ଏହା ପୃଥିବୀର ଜଳ ଚକ୍ରର ଏକ ଅଂଶ, ଯାହାକୁ ତୁମେ ବିଜ୍ଞାନରେ ଅଧିକ ଅଧ୍ୟୟନ କରିବ । ଉଦାହରଣ ସ୍ୱରୂପ, ଯଦି ସମୁଦ୍ର ନଥାନ୍ତା, ତେବେ ପୃଥିବୀ ଏକ ମରୁଭୂମିରେ ପରିଣତ ହୋଇଥାନ୍ତା । ଏହା ବ୍ୟତୀତ ପୃଥିବୀର ଅଧାରୁ ଅଧିକ ଅମ୍ଳଜାନ ସମୁଦ୍ରର ଉଦ୍ଭିଦ ଦ୍ୱାରା ଉତ୍ପନ୍ନ ହୋଇଥାଏ, ଯେଉଁଥିପାଇଁ ସେମାନଙ୍କୁ 'ଗ୍ରହର ଫୁସଫୁସ୍' (Planet's lungs) କୁହାଯାଏ ।

ତେଣୁ ଜଳବାୟୁକୁ ନିୟନ୍ତ୍ରଣ କରିବା ଏବଂ ପୃଥିବୀରେ ଜୀବନକୁ ବଜାୟ ରଖିବାରେ ମହାସାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

ମହାସାଗର ମାନବ ସମାଜକୁ ଅନେକ ଉପାୟରେ ଗଭୀର ଭାବରେ ପ୍ରଭାବିତ କରିଛି । ଅତୀତ କାଳରୁ ଲୋକମାନେ ମହାସାଗର ଓ ସାଗରକୁ ବ୍ୟବହାର କରି ଅନ୍ୟ ଅଞ୍ଚଳକୁ ଗସ୍ତ କରିବା, ବାଣିଜ୍ୟ ବ୍ୟବସାୟ କରିବା, ସାମରିକ ଅଭିଯାନ ଚଳାଇବା ଏବଂ ମାଛ ଧରିବା ମାଧ୍ୟମରେ ଖାଦ୍ୟର ଉତ୍ସ ଭାବରେ ବ୍ୟବହାର କରିବା ଆଦି କରିଆସୁଛନ୍ତି । ମହାସଗାର ସମଗ୍ର ପୃଥିବୀର ଉପକୂଳବର୍ତ୍ତୀ ଲୋକଙ୍କ ସଂସ୍କୃତି ସହିତ ଜଡ଼ିତ । ଅନେକ ସାଂସ୍କୃତିକ କିମ୍ବଦନ୍ତୀ ଓ କାହାଣୀ ଗୁଡ଼ିକରେ ମୁଖ୍ୟତଃ ସମୁଦ୍ର, ସମୁଦ୍ର ଦେବାଦେବୀ, ସମୁଦ୍ର ରାକ୍ଷସ ଏବଂ ସମୁଦ୍ରର ସମ୍ପର୍କିତ ଘଟଣା ତଥା ମହସାଗର ଦ୍ୱାରା ସୃଷ୍ଟି ବିପଦ ଓ ଉପକାର ବିଷୟରେ ଅନେକ ତଥ୍ୟ ମିଳିଥାଏ ।

ମନେରଖ

ଦୈନନ୍ଦିନ ଜୀବନରେ ମହାସାଗରର ପ୍ରମୁଖ ଭୂମିକାକୁ ମନେ ପକାଇବା ପାଇଁ ଜାତିସଂଘ ଜୁନ୍ ୮କୁ ‘ବିଶ୍ୱ ମହାସାଗର ଦିବସ’ ଭାବେ ଘୋଷଣା କରିଛି । ଏହା ଆମ ଗ୍ରହର ଫୁସଫୁସ ଅଟେ । ଖାଦ୍ୟ ଓ ଔଷଧର ଏହା ଏକ ପ୍ରମୁଖ ଉତ୍ସ ଏବଂ ଜୈବମଣ୍ଡଳର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ କାର୍ଯ୍ୟ କରେ । ମନୁଷ୍ୟର ବହୁମୁଖୀ କାର୍ଯ୍ୟକଳାପ ଦ୍ୱାରା ସାଗର ଓ ମହାସାଗର ପ୍ରଦୂଷିତ ହୁଏ । ଆମେ ପ୍ରତିବର୍ଷ ଅନେକ ନିୟୁତ ଟନ୍ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସମୁଦ୍ରକୁ ଫିଙ୍ଗିଥାଉ, ଯାହା ସାମୁଦ୍ରିକ ଜୀବନକୁ ଦୂଷିତ କରିବା ସହିତ ବିପଦରେ ପକାଇଥାଏ । ପ୍ରଦୁଷଣର ଆହୁରି ଅନେକ ରୂପ ରହିଛି, ଯାହା ଫଳରେ ସାମୁଦ୍ରିକ ପରିବେଶ ପ୍ରତି ବିପଦ ସୃଷ୍ଟି ହୋଇଛି । ଅତ୍ୟଧିକ ମାଛ ଧରିବା ସାମୁଦ୍ରିକ ଜୀବନ ହ୍ରାସର ଅନ୍ୟ ଏକ କାରଣ । ପୃଥିବୀ ଓ ମାନବ ଜାତିର ଭବିଷ୍ୟତ ପାଇଁ ସମୁଦ୍ରର ସୁରକ୍ଷା କରିବା ଆମର ସାମୂହିକ ଦାୟିତ୍ୱ ।

ଆମେ କ’ଣ ଶିଖିଲେ...

ପୃଥିବୀ ପୃଷ୍ଠରେ ‘ମହାସାଗର’ ନାମକ ବିଶାଳ ଜଳଭାଗ ଏବଂ ‘ମହାଦେଶ’ ନାମକ ବୃହତ୍ ସ୍ଥଳଭାଗ ରହିଛି । ମହାସାଗର ପରସ୍ପର ସହ ସଂଯୁକ୍ତ । ମହାଦେଶଗୁଡ଼ିକର ସଂଖ୍ୟା ବିଭିନ୍ନ ଉପାୟରେ ଗଣନା କରାଯାଉଅଛି । ସବୁଠାରୁ ସାଧାରଣ ଗଣନା ହେଉଛି ସାତ, ଅର୍ଥାତ୍ ପୃଥିବୀରେ ସାତଟି ମହାଦେଶ ରହିଛି । ଦକ୍ଷିଣ ଗୋଲାର୍ଦ୍ଧ ତୁଳନାରେ ଉତ୍ତର ଗୋଲାର୍ଦ୍ଧରେ ଅଧିକ ସ୍ଥଳଭାଗ ରହିଛି ।

ମହାସାଗର ସବୁ ପ୍ରକାର ସାମୁଦ୍ରିକ ଜୀବନକୁ ପରିପୃଷ୍ଟ କରିଥାଏ ଏବଂ ବିଶ୍ୱ ଜଳବାୟୁରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ମହାସାଗର ଗୁଡ଼ିକ ବର୍ତ୍ତମାନ ମାନବ କାର୍ଯ୍ୟକଳାପ ଦ୍ୱାରା ଗୁରୁତର ଭାବରେ ପ୍ରଭାବିତ ହୋଇଛନ୍ତି ଏବଂ ଏହାର ସୁରକ୍ଷା ସାମୁହିକ ସ୍ତରରେ ହେବା ଉଚିତ୍ ।

ପ୍ରଶ୍ନ, ଅଭ୍ୟାସକାର୍ଯ୍ୟ ଏବଂ ପ୍ରକଳ୍ପ

୧. ନିମ୍ନଲିଖିତ ଶବ୍ଦର ଅର୍ଥ ବର୍ଣ୍ଣନା କର:

(କ) ମହାଦେଶ

(ଖ) ମହାସାଗର

(ଗ) ଦ୍ୱୀପ

୨. ଆସ ଚିତ୍ର ଆଙ୍କିବା– ଏହି ଅଧ୍ୟାୟରେ ଥିବା ମାନଚିତ୍ରଗୁଡ଼ିକୁ ନ ଦେଖି, ଏକ କାଗଜରେ ମହାଦେଶଗୁଡ଼ିକୁ ଅଙ୍କନ କର ଏବଂ ସେଗୁଡ଼ିକୁ ରଙ୍ଗ କର । ତା'ପରେ ଏହି ଅଧ୍ୟାୟରେ ଦିଆଯାଇଥିବା ମହାସାଗର ଏବଂ ମହାଦେଶର ମାନଚିତ୍ର ସହିତ ତୁମ ଚିତ୍ରକୁ ତୁଳନା କର ।

୩. ଆସ କରିବା – ନିମ୍ନରେ ଦିଆଯାଇଥିବା ପୃଥିବୀର ରେଖାଙ୍କିତ ମାନଚିତ୍ରରେ ମହାଦେଶ ଓ ମହାସାଗରଗୁଡ଼ିକର ନାମ ଲେଖ ।



ନିମ୍ନରେ ଦିଆଯାଇଥିବା ତଥ୍ୟ ଅନୁସାରେ ଗ୍ରୀଡ଼କୁ ବନ୍ଧନୀ ମଧ୍ୟରେ ଦିଆଯାଇଥିବା ଇଂରାଜୀ ଶବ୍ଦକୁ ବ୍ୟବହାର କରି ପୂରଣ କର ।

(ISLAND, PACIFIC, ANTARCTICA, PLASTIC, AUSTRALIA, CONTINENT OXYGEN, GREENLAND, EURASIA, T-SUNAMI)



ସମଗ୍ର ଅଞ୍ଚଳରେ

୧. ସମୁଦ୍ରରୁ ପ୍ରଚୁର ପରିମାଣରେ ଉତ୍ପାଦିତ ହୁଏ ।

୩. ଭୂଖଣ୍ଡର ଏକ ବିଶାଳ ବିସ୍ତୃତି

୬. ଏକ ବିଶାଳ ମହାଦେଶ ଯାହାର ଭାରତ ଏକ ଅଂଶ ଅଟେ

୮. ସମୁଦ୍ର ପ୍ରଦୂଷଣର ଏକ ପ୍ରମୁଖ ଉତ୍ସ

୧୦. ସବୁଠାରୁ ଥଣ୍ଡା ମହାଦେଶ

ତଳକୁ ଖସି ଯାଆନ୍ତୁ

୨. ପୃଥିବୀର ସବୁଠାରୁ ବଡ଼ ଦ୍ୱୀପ

୪. ସମୁଦ୍ରରୁ ଏକ ବିରାଟ ବିନାଶକାରୀ ତରଙ୍ଗ ବା ସୁନାମୀ

୫. ସବୁଠାରୁ ଛୋଟ ମହାଦେଶ

୭. ପୃଥିବୀର ସବୁଠାରୁ ବଡ଼ ଜଳଭଣ୍ଡାର

୯. ସମୁଦ୍ର ଦ୍ୱାରା ଘେରି ରହିଥିବା ଏକ ଭୂଖଣ୍ଡ (କିନ୍ତୁ ଏକ ମହାଦେଶ ନୁହେଁ)

ଭୂମିରୂପ ଏବଂ ଜୀବନ

ଅଧ୍ୟାୟ ୩

ମନୁଷ୍ୟର ଭାରରୁ ମୁକ୍ତ ହୋଇ, ଅନେକ ଉଚ୍ଚତା, ଢାଲୁ ଓ ବିଶାଳ ସମତଳ ଭୂମି ବିଶିଷ୍ଟ ପୃଥିବୀ ବିବିଧ ଶକ୍ତିସମ୍ପନ୍ନ ଉଦ୍ଭିଦ ଧାରଣ କରି ଆମ ପାଇଁ ବିସ୍ତାରିତ ହେଉ ଏବଂ ଆମକୁ ତା'ର ଧନଧାନ୍ୟ ଦେଖାଉ । ... ପୃଥିବୀ ମୋର ମା' ଏବଂ ମୁଁ ତା'ର ସନ୍ତାନ ।

– ଅଥର୍ବ ବେଦ, ଭୂମି ଶୁକ୍ତ ('ପୃଥିବୀର ମନ୍ତ୍ର')

ଆସ ଚିନ୍ତା କରିବା

୧. ମୁଖ୍ୟ ଭୂମିରୂପ ଗୁଡ଼ିକ କ'ଣ ? ଏହା ମନୁଷ୍ୟର ଜୀବନ ଓ ସଂସ୍କୃତି ପାଇଁ କିପରି ମହତ୍ତ୍ୱପୂର୍ଣ୍ଣ ଅଟେ ?

୨. ପ୍ରତ୍ୟେକ ଭୂମିରୂପ ସହିତ ଜଡ଼ିତ ଜୀବନର ଆହ୍ୱାନ ଏବଂ ସୁଯୋଗ ଗୁଡ଼ିକ କ'ଣ ?

ଉପକ୍ରମ

ଅଧିକାଂଶ ସ୍ତନ୍ୟପାୟୀ ପ୍ରାଣୀଙ୍କ ପରି ମଣିଷ ମଧ୍ୟ ସ୍ଥଳଭାଗରେ ବସବାସ କରେ । ତୁମେ ଦେଖୁଥିବା ସ୍ଥଳଭାଗ ବା ଭୂମିର ଅନେକ ରୂପ ଓ ବୈଶିଷ୍ଟ୍ୟ ରହିଛି । ଭୂମି ରୂପ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ବହୁତ ବଦଳିଯାଏ । ମନେକର ତୁମେ ଝାଡ଼ଖଣ୍ଡର ଛୋଟନାଗପୁର ଅଞ୍ଚଳରୁ ସଡ଼କ ପଥରେ ଯାତ୍ରା କରି ଉତ୍ତର ପ୍ରଦେଶର ପ୍ରୟାଗରାଜରେ ପହଞ୍ଚିଛ ଏବଂ ସେଠାରୁ ଉତ୍ତରାଖଣ୍ଡର ଆଲମୋଡ଼ାକୁ ଯାଉଛ । ବାଟରେ ତୁମେ ବହୁତ ଭିନ୍ନ ଦୃଶ୍ୟ ଦେଖିବ । ବାସ୍ତବରେ, ତୁମେ ତିନୋଟି ପ୍ରମୁଖ ଭୂମିରୂପ ସହ (Landscape) ସମ୍ମୁଖୀନ ହେବେ, ଯାହାକୁ ଆମେ ବର୍ତ୍ତମାନ ଅନୁସନ୍ଧାନ କରିବା ।

ଆସ ଜାଣିବା

→ ଶିକ୍ଷଣ କାର୍ଯ୍ୟ :- ଚାରି କିମ୍ବା ପାଞ୍ଚ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଦଳଗଠନ କରି ପ୍ରତ୍ୟେକ ଦଳକୁ ବିଦ୍ୟାଳୟ ଆଖପାଖକୁ ନିରୀକ୍ଷଣ କରିବା ପାଇଁ ସୂଚନା ଦିଆଯିବ ଏବଂ ନିମ୍ନ ପ୍ରଶ୍ନଗୁଡିକୁ ଆଲୋଚନା କରି ଅନ୍ୟ ଦଳ ସହ ତୁଳନା କର । ତୁମେ କେଉଁ ପ୍ରକାରର ଭୂମିରୂପ ଦେଖୁଛ ? କିଛି କିଲୋମିଟର ଦୂରରେ ବା ପାଖାପାଖି ୫୦ କିଲୋମିଟର ଭିତରେ ଏହା ବଦଳି ଯିବ କି ?

→ ଦଳରେ, ତୁମମାନଙ୍କ ମଧ୍ୟରୁ କେହି ଜଣେ ଓଡ଼ିଶାର ଏକ ଅଞ୍ଚଳ ଦେଇ କରିଥିବା ଯାତ୍ରା ବିଷୟରେ ଆଲୋଚନା କର । ବାଟରେ ଦେଖିଥିବା ବିଭିନ୍ନ ଭୂମିରୂପର ତାଲିକା ପ୍ରସ୍ତୁତ କର । ଅନ୍ୟ ଦଳ ସହ ତୁଳନା କର ।

ସମୁଦ୍ର ପତ୍ତନରୁ ଉଚ୍ଚତା (Altitude): ସମୁଦ୍ର ପତ୍ତନଠାରୁ କୌଣସି ବସ୍ତୁର ଉଚ୍ଚତା ।

ଉଦାହରଣ ସ୍ୱରୂପ: ପର୍ବତର ଉଚ୍ଚତା, ଉଡ଼ାଣ ସମୟରେ ପକ୍ଷୀ କିମ୍ବା ବିମାନର ଉଚ୍ଚତା, ଉପଗ୍ରହର ଉଚ୍ଚତା ।

ଭୂମିରୂପ ଆମ ଗ୍ରହ ତଥା ପୃଥିବୀ ପୃଷ୍ଠରେ ଥିବା ଏକ ଭୌତିକ ଅଂଶ ଅଟେ । ଭୂମିରୂପ ଗଠନ ପାଇଁ ଲକ୍ଷ ଲକ୍ଷ ବର୍ଷ ନେଇଥାଏ ଏବଂ ପରିବେଶ ଓ ଜୀବନ ସହିତ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ସେଗୁଡ଼ିକୁ ମୁଖ୍ୟତଃ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ, ଯଥା- ପର୍ବତ, ମାଳଭୂମି ଏବଂ ସମତଳ ଭୂମି (ଚିତ୍ର ୩.୧)

ଏହି ଭୂମିରୂପ ଗୁଡିକର ଜଳବାୟୁ ଭିନ୍ନ ଅଟେ ଏବଂ ଏଠାରେ ବିଭିନ୍ନ ପ୍ରକାରର ଉଦ୍ଭିଦ ଜୀବଜନ୍ତୁ ବାସ କରନ୍ତି । ମନୁଷ୍ୟ ସବୁପ୍ରକାର ଭୂମିରୂପ ସହ ନିଜକୁ ଖାପଖୁଆଇ ପାରିଛି, କିନ୍ତୁ ପୃଥିବୀର ବିଭିନ୍ନ ପ୍ରକାର ଭୂମି ରୂପରେ ବାସ କରୁଥିବା ଲୋକମାନଙ୍କ ସଂଖ୍ୟା ଭୂମିରୂପ ଗଠନ ଅନୁସାରେ କମ୍ ବେଶୀ ହୋଇଥାଏ ।

ପର୍ବତ:

ଚତୁଃପାର୍ଶ୍ୱସ୍ଥ ଭୂମିରୂପଠାରୁ ହଠାତ୍ ଉପରକୁ ଉଠିଥିବା ଉଚ୍ଚ ଭୂମିଗୁଡ଼ିକୁ ପର୍ବତ କୁହାଯାଏ । ଏଗୁଡ଼ିକର ଆଧାର-ଭୂମି ପ୍ରଶସ୍ତ ଏବଂ ଉଚ୍ଚତା ବଢ଼ିବା ସହ କ୍ରମଶଃ ସଂକୀର୍ଣ୍ଣ ହୋଇ ଶଙ୍କୁ ଆକାରରେ ହୋଇଥାଏ । ଉଚ୍ଚତା ଅନୁଯାୟୀ କେତେକ ପର୍ବତର ଶିଖର ବରଫରେ ଆଚ୍ଛାଦିତ ହୋଇରହିଥାଏ । ନିମ୍ନ ଉଚ୍ଚତାରେ (Low altitude) ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ବରଫ ତରଳି ଯାଇ ନଦୀଗୁଡ଼ିକୁ ଜଳ ଯୋଗାଇଥାଏ ।



ଚିତ୍ର ୩.୧ : ଏହି ଚିତ୍ରରେ ତିନୋଟି ଭୂମିରୂପକୁ ଦର୍ଶାଯାଇଛି- ପଛଭାଗରେ ପର୍ବତ (ସେଥିମଧ୍ୟରୁ ଦୁଇଟି ବରଫ ଆଚ୍ଛାଦିତ), ବାମ ପାର୍ଶ୍ୱରେ ଏକ ମାଳଭୂମି ଏବଂ ଅଗ୍ରଭାଗରେ ଏକ ସମତଳ ଭୂମି ଯେଉଁଥିରେ ପର୍ବତରୁ ଏକ ନଦୀ ଉତ୍ପନ୍ନ ହୋଇଛି ।

ସର୍ବୋଚ୍ଚ ଉଚ୍ଚତାରେ ତୁଷାର ତରଳି ନଥାଏ, ଯାହା ଫଳରେ ଏହି ପର୍ବତ ସ୍ଥାୟୀ ଭାବେ ତୁଷାର ଆଚ୍ଛାଦିତ (Snow capped) ହୋଇ ରହିଥାଏ ।

ଅଳ୍ପ ଉଚ୍ଚତା, ଅଳ୍ପ ଢାଲୁ ଏବଂ ଗୋଲାକାର ଶୀର୍ଷ ବିଶିଷ୍ଟ ଭୂମିକୁ ପାହାଡ଼ କୁହାଯାଏ ।

ବୃଷ୍ଟିପାତ (Precipitation): ବାୟୁମଣ୍ଡଳର ଜଳ ଯେକୌଣସି ରୂପରେ ସ୍ଥଳଭାଗରେ ପହଞ୍ଚିଥାଏ, ତାହାକୁ ବୃଷ୍ଟିପାତ କହାଯାଏ । ବର୍ଷା, ତୁଷାରପାତ ଏବଂ କୁଆପଥର ଏହାର ସାଧାରଣ ରୂପ ।

ଏହ ବିଷୟରେ ଚିନ୍ତା କର

ତୁଷାର କ'ଣ ? ଯଦି ତୁମେ ହିମାଳୟ (କାଶ୍ମୀର, ଲଦାଖ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ସିକିମ୍, ଅରୁଣାଚଳ ପ୍ରଦେଶ)ର ଆଖପାଖରେ ରହୁନାହଁ, ତେବେ ତୁମେ ହୁଏତ କେବେ ତୁଷାର ଦେଖିନଥିବ । ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଅଧିକାଂଶ ବୃଷ୍ଟିପାତ ବର୍ଷା ଓ କୁଆପଥର ଆକାରରେ ହୋଇଥାଏ । କିନ୍ତୁ ଅଧିକ ଉଚ୍ଚତାରେ, ଯଥେଷ୍ଟ ଥଣ୍ଡା ହୁଏ, ଏବଂ ଏକ ନରମ ଓ ସୁନ୍ଦର ଧଳା କମ୍ବଳ ସଦୃଶ ତୁଷାରଗୁଡ଼ିକ ଜମାହୋଇ ସେଠାରେ ବରଫର ଏକ ଆବରଣ ସୃଷ୍ଟି କରି ତୁଷାରଜମାଟ (Snow cap) ଓ ପରବର୍ତ୍ତୀ ସମୟରେ ବଡ଼ ବରଫଖଣ୍ଡ (Glacier)ରେ ପରିଣତ ହୋଇଥାଏ । ତୁଷାରପାତ (Snowfall) ଓ କରକାପାତ (Hailstone)ବୃଷ୍ଟିପାତର ଏକ କଠିନ ରୂପ ।

ଚିତ୍ର ୩.୨ : ପୃଥିବୀର ୬ଟି ପର୍ବତର ଚିତ୍ର

ପୃଥିବୀର ଅଧିକାଂଶ ପର୍ବତଗୁଡ଼ିକ ସଂଯୋଜିତ ହୋଇଏକାଠି ପର୍ବତମାଳା ଭାବରେ ରହିଥାନ୍ତି, ଯେପରିକି ଏସିଆର ହିମାଳୟ, ୟୁରୋପର ଆଲପସ୍ ଏବଂ ଦକ୍ଷିଣ ଆମେରିକାର ଆଣ୍ଡିଜ୍ । ଏଥିମଧ୍ୟରୁ କିଛି ପର୍ବତ ଶ୍ରେଣୀ ହଜାର ହଜାର କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି ।



ଚିତ୍ର ୩.୩ । ପୃଥିବୀର ଛଅଟି ପର୍ବତର ଆପେକ୍ଷିକ ଉଚ୍ଚତା ଦର୍ଶାଉଥିବା ଏକ ଚିତ୍ର

ଚିତ୍ର ୩.୨ରେ ପୃଥିବୀର ୬ଟି ପର୍ବତର ଚିତ୍ର ଦର୍ଶାଯାଇଛି । ଚିତ୍ର ୩.୩ ସେମାନଙ୍କୁ ଏକାଠି କରି ଉପରରୁ ତଳ ପର୍ଯ୍ୟନ୍ତ ସେମାନଙ୍କର ଆପେକ୍ଷିକ ଉଚ୍ଚତାକୁ ଦର୍ଶାଯାଇଛି । ଏଭରେଷ୍ଟ୍ ଗିରିଶୃଙ୍ଗ (ତିବ୍ଦତ (ଚୀନ) ଏବଂ ନେପାଳ ଏବଂ କାଞ୍ଚନଜଙ୍ଘା ଗିରିଶୃଙ୍ଗ (ନେପାଳ ଏବଂ ଭାରତୀୟ ରାଜ୍ୟ ସିକ୍କିମ ମଧ୍ୟରେ ଅବସ୍ଥିତ) ହିମାଳୟ ପର୍ବତର ଦୁଇଟି ସର୍ବୋଚ୍ଚ ଗିରିଶୃଙ୍ଗ ଅଟେ । ଆକନକାଗୁଆ ଗିରିଶୃଙ୍ଗ (ଦକ୍ଷିଣ ଆମେରିକାରେ) ଆଣ୍ଡିଜ ପର୍ବତମାଳାର ସର୍ବୋଚ୍ଚ ଗିରିଶୃଙ୍ଗ ଅଟେ । ପୂର୍ବ ଆଫ୍ରିକାର କିଲିମଞ୍ଜାରୋ ପର୍ବତ ଏକ ବିଚ୍ଛିନ୍ନ ପର୍ବତ ଯାହା କୌଣସି ପର୍ବତମାଳାର ଅଂଶ ନୁହେଁ । ପଶ୍ଚିମ ୟୁରୋପର ବ୍ଲାଙ୍କ୍ ଗିରିଶୃଙ୍ଗ ଆଲପସ୍ ପର୍ବତମାଳାର ସର୍ବୋଚ୍ଚ ଗିରିଶୃଙ୍ଗ । ଆନାମୁଡି (କେରଳରେ, 'ଅନାଇ ଶିଖର' ନାମରେ ମଧ୍ୟ ପରିଚିତ) ଦକ୍ଷିଣ ଭାରତର ଉଚ୍ଚତମ ଗିରିଶୃଙ୍ଗ ଓ ଦେଓମାଳି ପର୍ବତ ଯାହା ଓଡ଼ିଶାର ଉଚ୍ଚତମ ଗିରିଶୃଙ୍ଗ ଅଟେ ।

ଦେଓମାଳି

ହିମାଳୟ ପର୍ବତଶ୍ରେଣୀକୁ ତରୁଣ ଭଙ୍ଗିଳ ପର୍ବତ କୁହାଯାଏ, କାରଣ ଏହି ପର୍ବତଶ୍ରେଣୀର ଗଠନ ଭୂ-ତାତ୍ତ୍ୱିକ ଦୃଷ୍ଟିରୁ ୨୦-୩୦ ନିୟୁତ ବର୍ଷ ପୂର୍ବେ ହୋଇଛି । କିଛି ଛୋଟ ଓ ଗୋଲାକାର ପର୍ବତଶ୍ରେଣୀ ଯେପରି ଆରାବଳୀ ପର୍ବତଶ୍ରେଣୀ ବହୁତ ପୁରୁଣା ଅଟେ, ଯାହା କ୍ଷୟକାର୍ଯ୍ୟ (erosion) ଫଳରେ ବର୍ତ୍ତମାନ ସମୟରେ ଗୋଲାକାର ଆକୃତି ହୋଇଛି । (ତୁମେମାନେ ପରବର୍ତ୍ତୀ ଉଚ୍ଚତର ଭୂଗୋଳ ଓ ବିଜ୍ଞାନର ଅଧ୍ୟୟନରେ ଏହାର କାରଣ ବିଷୟରେ ଅଧିକ ଜାଣିବ । ଏଠାରେ କୁହାଯାଇପାରେ କି ହିମାଳୟ ପରି ପୃଥିବୀର କିଛି ପର୍ବତର ଉଚ୍ଚତା ଏବେ ମଧ୍ୟ ବୃଦ୍ଧି ପାଉଛି ।)

ପାର୍ବତୀୟ ପରିବେଶ

ପର୍ବତ ଢାଲୁକୁ ପ୍ରାୟତଃ ଏକ ପ୍ରକାର ଜଙ୍ଗଲ ଆଚ୍ଛାଦିତ କରିଥାଏ, ଯାହାକୁ ପାର୍ବତୀୟ ଅରଣ୍ୟ କୁହାଯାଏ, ଯେଉଁଠାରେ ପାଇନ, ସିଲଭର, ଫର୍, ସେଦାର, ଦେବଦାରୁ ଏବଂ କୋନିଫର୍ ଗଛ ଦେଖାଯାଏ । ଏହି କୋନିଫର ଗଛ ଗୁଡ଼ିକ ଲମ୍ବା ଏବଂ ଶଙ୍କୁ ଆକୃତିର ହୋଇଥାଏ, ଯେଉଁଥିରେ ପତଳା, ମୁନିଆ ପତ୍ର ଥାଏ । ଅଧିକ ଉଚ୍ଚତାରେ ଏହି ଗଛ ଧୀରେ ଧୀରେ ଅଦୃଶ୍ୟ ହୋଇ, ଏହା ବଦଳରେ ଘାସ, ଶୈବାଳ (Licha) ଓ ହିମଗୁଳ୍ମ (moss) ଆଦି ଦେଖାଯାଏ ।

ପାର୍ବତୀୟ ଅରଣ୍ୟ (Mountane Forest): ଏକ ପ୍ରକାର ଜଙ୍ଗଲ ଯାହା ପାହାଡ଼ିଆ ଅଞ୍ଚଳରେ ବଢ଼ିଥାଏ ।

ହିମଗୁଳ୍ମ (Moss): ଫୁଲ କିମ୍ବା ଚେର ବିହୀନ ଏକ ଛୋଟ ସବୁଜ ଗଛ, ଯାହା ପ୍ରାୟତଃ କୁସନ ପରି ଆଚ୍ଛାଦନରେ ବ୍ୟାପିଥାଏ ।

ଶୈବାଳ (Lichen): ଏକ ଉଦ୍ଭିଦ ପରି ଜୀବ ଯାହା ସାଧାରଣତଃ ପଥର, କାନ୍ଥ କିମ୍ବା ଗଛରେ ଚିପି ହୋଇ ରହିଥାଏ ।

ଅତି କମ୍‌ରେ ୧୫୦୦ ବର୍ଷ ପୂର୍ବେ ପ୍ରାଚୀନ ଭାରତର ସର୍ବଶ୍ରେଷ୍ଠ କବି ଭାବରେ ବିବେଚନା କରାଯାଉଥିବା କାଳିଦାସଙ୍କ ଏକ ଲମ୍ବା କବିତାର ଦୁଇଟି ଶ୍ଲୋକଏଠାରେ ଦିଆଯାଇଛି । କୁମାରସମ୍ଭବଂ ନାମକ ଏହି ମହାକାବ୍ୟ ହିମାଳୟର ବର୍ଣ୍ଣନାରୁ ଆରମ୍ଭ ହୋଇଛି । ଏହା ସଂସ୍କୃତର ଏକ ସରଳ ଅନୁବାଦ ।

ଭାରତବର୍ଷର ଉତ୍ତର ଭାଗରେ ଗିରିରାଜ ହିମାଳୟ,
ପଶ୍ଚିମରୁ ପୂର୍ବ ସମୁଦ୍ର ପର୍ଯ୍ୟନ୍ତ ଅଟଇ ଯା ପରିଚୟ ।।
ଯାର ସଂଦର୍ଶନେ ମନର ଭାବନା ହୁଅଇ ଜାତ,
ସତେ ଏ ପର୍ବତ ମାପ ମାନଦଣ୍ଡ, ମାପିବାକୁ ଏ ଭାରତ ।।
ଗଙ୍ଗାନଦୀ ଝରେ ବକ୍ଷରୁ ଯାହାର ବୃକ୍ଷରାଜ ଦେବଦାରୁ
ଶାନ୍ତ ସୁଶୀଳେ ଯାହାର ଅନଳ ସତେ ଚଳନ ଅଗୁର ।।
ଶୁଭ୍ର ଅଭ୍ର ଖଣ୍ଡ ଧବଳ ଆଚ୍ଛନ୍ନ ଅଟଇ ଯା'ର ବଳୟ,
ପର୍ଯ୍ୟଟକଙ୍କର ହରେ ବିଉଚିତ୍ତ ପୁଣ୍ୟ ଗିରି ହିମାଳୟ ।।

ଏହି ଶ୍ଲୋକର ଆଧାରରେ ନିମ୍ନ ପ୍ରଶ୍ନର ଆଲୋଚନା କର ।

→ 'ପଶ୍ଚିମରୁ ପୂର୍ବ ମହାସାଗର'ର କ'ଣ ? ତୁମେ ଚିତ୍ର ୫.୨ରେ ଏହି ମହାସାଗର ଏବଂ ପର୍ବତର ଦେବତାଙ୍କୁ ଚିହ୍ନଟ କରିପାରିବ କି ?

→ ଗଙ୍ଗା ସମ୍ପର୍କରେ କାହିଁକି ଉଲ୍ଲେଖ କରାଯାଇଛି ? (ସୂଚନା: ଏହାର ଅନେକ କାରଣ ଥାଇପାରେ ।)

ଚିତ୍ର ୩.୪ । କିଛି ପାହାଡ଼ିଆ ପ୍ରାଣୀ

ପର୍ବତର ଘନ ଜଙ୍ଗଲ, ପ୍ରବାହିତ ନଦୀ, ହ୍ରଦ, ତୃଣଭୂମି ଏବଂ ପର୍ବତରେ ଥିବା ଗୁମ୍ଫାଗୁଡ଼ିକ ବିଭିନ୍ନ ଜୀବଜନ୍ତୁଙ୍କ ବାସସ୍ଥାନ ଅଟେ। ଉଦାହରଣ ସ୍ୱରୂପ, ଗୋଲ୍ଡେନ୍ ଇଗଲ, ପେରେରାଇନ୍ ଫାଲ୍‌କନ୍, କାନାଡ଼ାର ଲିନକ୍ସ, ଧଳା ଚିତାବାଘ, ଆଇବେକ୍ସ, ହିମାଳୟର ତାହର, ପର୍ବତ ଠେକୁଆ, ଚମରି ଗାଇ, ଧୂସର ଶିଆଳ, ଏବଂ କଳା ଭାଲୁ (ଚିତ୍ର ୩.୪) ।

ମନେରଖ

ହିମାଳୟରୁ ଉତ୍ପନ୍ନ ହୋଇଥିବା ଭାରତୀୟ ନଦୀମାନଙ୍କ ଭିତରେ ଗଙ୍ଗା ବୃହତ୍ତମ ଅଟେ । ଏହାକୁ 'Ganga' ବା ଗଙ୍ଗେସ୍ କୁହାଯାଏ । ଏହା ପାଖାପାଖି ୨୫୦୦ କିଲୋମିଟର ଲମ୍ବା। ଏହି ନଦୀରେ ଅନେକ ଉପନଦୀ (tributaries) (ଏଥିରେ ଆସି ମିଶିଥିବା ନଦୀ) ରହିଛି । ସେମାନଙ୍କ ମଧ୍ୟରୁ ଯମୁନା ଏବଂ ଘାଗରା ଭଳି କିଛି ନଦୀ ମଧ୍ୟ ହିମାଳୟରୁ ଉତ୍ପନ୍ନ । ସୋନ ଭଳି ଅନ୍ୟ କେତେଗୁଡ଼ିଏ ନଦୀ ଗଙ୍ଗା ସମତଳର ଦକ୍ଷିଣରେ ଥିବା ବିନ୍ଧ୍ୟ ପର୍ବତରୁ ଉତ୍ପନ୍ନ ।

ଚିତ୍ର ୩.୫: ଉତ୍ତର ଭାରତରେ ସୋପାନ ପ୍ରଣାଳୀର କୃଷି

ପ୍ରାକୃତିକ ଭୂଭାଗ (Terrain): ଭୌତିକ ବୈଶିଷ୍ଟ୍ୟ ଦୃଷ୍ଟିକୋଣରୁ ଭୂମିର ଏକ ଖଣ୍ଡ ବା ଜମିର ବିସ୍ତୃତ ।

ପାର୍ବତୀୟ ଜୀବନ

ପାର୍ବତ୍ୟ ଅଞ୍ଚଳ ସାଧାରଣତଃ ଢାଲୁ ପୂର୍ଣ୍ଣ ହେବା ସହିତ ଆବଡ଼ା ଖାବଡ଼ା କିମ୍ବା ଉଚ୍ଚ-ନୀଚା ହୋଇଥାଏ। ସେଥିପାଇଁ କିଛି ଉପତ୍ୟକାରେ ଚାଷ ହୋଇପାରିଥାଏ । ଢାଲୁ ଅଞ୍ଚଳର ପାଦଦେଶକୁ କାଟି ଚାଷ କରାଯାଏ । ଏହାକୁ ସୋପାନ କୃଷି (Terrace Farming) କୁହାଯାଏ । ପୃଥିବୀର ଅନେକ ପାହାଡ଼ିଆ ଅଞ୍ଚଳରେ ଚାଷ ଅପେକ୍ଷା ପଶୁପାଳନକୁ ଅଧିକ ପସନ୍ଦ କରାଯାଏ ।

ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ପାଇଁ ପର୍ଯ୍ୟଟନ ପ୍ରାୟତଃ ରୋଜଗାରର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଅଟେ । ପାର୍ବତ୍ୟାଞ୍ଚଳର ଶୁଦ୍ଧ ବାୟୁ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ଅନେକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । କିଛି ପର୍ଯ୍ୟଟକ ସ୍କାଇଂ (Sking) ହାଇକିଂ (Hiking), ପର୍ବତାରୋହଣ ଓ ପାରାଗ୍ଲାଇଡିଂ ଭଳି କ୍ରୀଡ଼ା ପାଇଁ ପାର୍ବତ୍ୟାଞ୍ଚଳକୁ ଯାଆନ୍ତି । ଅନେକ ଶତାବ୍ଦୀ ଧରି ଲୋକମାନେ ଏହି ଅଞ୍ଚଳକୁ ପବିତ୍ରସ୍ଥାନ ମନେକରି ତୀର୍ଥଯାତ୍ରା କରିଆସୁଛନ୍ତି । କିନ୍ତୁ ପର୍ଯ୍ୟଟକଙ୍କ ଅତ୍ୟଧିକ ଗମନାଗମନ ଯୋଗୁଁ ପର୍ବତଗୁଡ଼ିକରେ ପ୍ରାକୃତିକ ପରିବେଶର ସନ୍ତୁଳନ ବାଧା ପ୍ରାପ୍ତ ହୋଇ ପର୍ଯ୍ୟାବରଣ ଉପରେ ଚାପ ସୃଷ୍ଟି ହୁଏ ।

ଉପତ୍ୟକା (Valley): ପାହାଡ଼ କିମ୍ବା ପର୍ବତ ମଧ୍ୟରେ ଏକ ନିମ୍ନ ଅଞ୍ଚଳ ପ୍ରାୟତଃ ଏହା ମଧ୍ୟଦେଇ ଏକ ନଦୀ କିମ୍ବା ଝରଣା ପ୍ରବାହିତ ହୁଏ ।

ମନେରଖ

- ବଚେନ୍ଦ୍ରୀ ପାଲ୍ ଛୋଟ ବେଳୁ ପର୍ବତ ଚଢ଼ିବା ଆରମ୍ଭ କରିଥିଲେ ଏବଂ ସେ ମହିଳାମାନଙ୍କ ପର୍ବତ ଆରୋହଣ ଅଭିଯାନର ନେତୃତ୍ୱ ନେଇଥିଲେ । ସେ ୧୯୮୪ ମସିହାରେ ଏଭରେଷ୍ଟ ଗିରିଶୃଙ୍ଗ ଆରୋହଣ କରିବାରେ ପ୍ରଥମ ଭାରତୀୟ ମହିଳା ଥିଲେ ଏବଂ ସେହି ବର୍ଷ ପଦ୍ମଶ୍ରୀ ଏବଂ ୨୦୧୯ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ ।
- ଅରୁଣିମା ସିହ୍ନା ୩୧ ବର୍ଷ ବୟସରେ ଏକ ଦୁର୍ଘଟଣାରେ ନିଜର ଗୋଡ଼ ହରାଇଥିଲେ । ବଚେନ୍ଦ୍ରୀ ପାଲଙ୍କ ପ୍ରୋତ୍ସାହନ ଓ ପ୍ରଶିକ୍ଷଣ ବଳରେ ସେ ୨୦୧୩ରେ ଏଭରେଷ୍ଟ ଗିରିଶୃଙ୍ଗ ଆରୋହଣ କରିବାରେ ସଫଳ ହୋଇଥିଲେ ଏବଂ ଆଣ୍ଟାର୍କଟିକାର ଭିନ୍‌ସନ୍ ଗିରିଶୃଙ୍ଗ ସମେତ ପ୍ରତ୍ୟେକ ମହାଦେଶର ସର୍ବୋଚ୍ଚ ଶିଖର ଆରୋହଣ କରିଥିଲେ । ୨୦୧୫ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି ।

ଆସ ଅନୁସନ୍ଧାନ କରିବା

ନିମ୍ନ ଚିତ୍ରଗୁଡ଼ିକ (ପୃଷ୍ଠା ୫୦ରେ ଚିତ୍ର ୩.୬) ପର୍ବତରେ ବାସ କରୁଥିବା ଲୋକମାନେ ସମ୍ମୁଖୀନ ହେଉଥିବା କିଛି ଆହ୍ୱାନ ଦର୍ଶାଉଛି । ଶ୍ରେଣୀରେ ଦଳଗତ ଭାବରେ ଆଲୋଚନା କରି, ପ୍ରତ୍ୟେକ ଚିତ୍ର ଉପରେ ଗୋଟିଏ ଅନୁଚ୍ଛେଦ ଲେଖ । ଏପରି ଅନେକ ଆହ୍ୱାନ ଅସୁବିଧା ସତ୍ତ୍ୱେ ଲୋକମାନେ କାହିଁକି ଏବେ ବି ପାହାଡ଼ରେ ରହିବାକୁ ପସନ୍ଦ କରୁଛନ୍ତି ସେ ବିଷୟରେ ମଧ୍ୟ ଆଲୋଚନା କର ।

ଆକସ୍ମିକ ବନ୍ୟା (Flash Flood): ହଠାତ୍ ସ୍ଥାନୀୟ ବନ୍ୟା ଆସିଥାଏ, ଯାହା ଅନେକ ସମୟରେ ବାଦଲ ଫଟା ବର୍ଷା କାରଣରୁ ହୋଇଥାଏ ।

ଭୂସ୍ଖଳନ (Landslide): ହଠାତ୍ ପର୍ବତ ପାର୍ଶ୍ୱରୁ ମାଟି ବା ପଥରର ଏକ ଖଣ୍ଡ ଭୂଷୁଡ଼ି ପଡ଼େ ।

ହିମସ୍ଖଳନ (Avalanche): ହଠାତ୍ ପାହାଡ଼ ପାର୍ଶ୍ୱରୁ ବରଫ, ବରଫ ଖଣ୍ଡ କିମ୍ବା ପଥର ଖସିଥାଏ, ପ୍ରାୟତଃ ବରଫ ତରଳିବା ଆରମ୍ଭ ହେଲେ ଏହା ହୁଏ ।

ବାଦଲ ଫଟା ବର୍ଷା (Cloud Burst): ହଠାତ୍ ପ୍ରବଳ ବର୍ଷା ହୋଇଥାଏ ।

ଆକସ୍ମିକ ବନ୍ୟା

ଭୂସ୍ଖଳନ

ଅନିୟନ୍ତ୍ରିତ ପର୍ଯ୍ୟଟନ

ହିମସ୍ଖଳନ


ପ୍ରବଳ ତୁଷାରପାତ

ବାଦଲ ଫଟା ବର୍ଷା

ଥଣ୍ଡା ପାଗ

ଚିତ୍ର ୩.୬ । ବିଶୁଦ୍ଧ ବାୟୁଠାରୁ ଆରମ୍ଭ କରି ସୁନ୍ଦର ଦୃଶ୍ୟ ପର୍ଯ୍ୟନ୍ତ ପର୍ବତରେ ଜୀବନର ସକାରାତ୍ମକତା ରହିଛି । ଏଥିରେ ଉଭୟ ପ୍ରାକୃତିକ ଏବଂ ମାନବ ନିର୍ମିତ ସମ୍ଭାବ୍ୟ ଆହ୍ୱାନ ମଧ୍ୟ ରହିଛି, ଯାହାର କିଛି ଚିତ୍ର ଏଠାରେ ଦର୍ଶାଯାଇଛି ।

ମନେରଖ

ପୃଥିବୀର ଅନେକ ପାରମ୍ପରିକ ସମ୍ପ୍ରଦାୟ ପର୍ବତକୁ ପବିତ୍ର ସ୍ଥାନ ଭାବରେ ବିବେଚନା କରନ୍ତି ଏବଂ ସେମାନଙ୍କୁ ପୂଜା କରନ୍ତି । ୮,୮୪୯ ମିଟର ଉଚ୍ଚତା ବିଶିଷ୍ଟ ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ଏଭରେଷ୍ଟର ଅନେକ ନାମ ରହିଛି । ତିବ୍ଦତୀୟମାନେ ଏହାକୁ 'ଚୋମୋଲୁଙ୍ଗମା' ବୋଲି କୁହନ୍ତି, ଯାହାର ଅର୍ଥ ହେଉଛି 'ବିଶ୍ୱର ଦେବୀ' ଏବଂ ପର୍ବତକୁ ଦେବୀ ମନେ କରି ପୂଜା କରନ୍ତି । ନେପାଳୀମାନେ ଏହାକୁ 'ସାଗରମଥା' ଅର୍ତାତ୍ 'ଆକାଶର ଦେବୀ' ବୋଲି କୁହନ୍ତି । ସେହିପରି ତିବ୍ଦତର କୈଳାସ ପର୍ବତକୁ ହିନ୍ଦୁ, ବୌଦ୍ଧ, ଜୈନ ଧର୍ମ ଏବଂ ବନ ସମ୍ପ୍ରଦାୟ(ଏକ ପ୍ରାଚୀନ ତିବ୍ଦତୀୟ ଧର୍ମ)ର ଅନୁଗାମୀମାନେ ପବିତ୍ର ବୋଲି ବିବେଚନା କରନ୍ତି । ପର୍ବତ ଶିଖର ପ୍ରତି ଏପରି ଶ୍ରଦ୍ଧା ଭାରତ ତଥା ବିଶ୍ୱର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଦେଖିବାକୁ ମିଳେ ।

ମାଳଭୂମି

ମାଳଭୂମି ହେଉଛି ଏକ ଭୂମିରୂପ ଯାହା ଚତୁଃପାର୍ଶ୍ୱସ୍ଥ ଭୂମିରୁ ତୀଖ ଭାବେ ଉପରକୁ ଉଠିଥାଏ । ପୃଥିବୀର ଇତିହାସ ଦୃଷ୍ଟିରୁ ପର୍ବତ ଭଳି ମାଳଭୂମି ମଧ୍ୟ ନୂଆ କିମ୍ବା ପୁରୁଣା ହୋଇପାରେ । ମାଳଭୂମିର ଦୁଇଟି ଉଦାହରଣ ହେଉଛି ବିଶ୍ୱର ସର୍ବବୃହତ ଓ ସର୍ବୋଚ୍ଚ ତିବ୍ଦତୀୟ ମାଳଭୂମି ଏବଂ ଡେକାନ ମାଳଭୂମି । ମାଳଭୂମିର ଉଚ୍ଚତା କିଛି ଶହ ମିଟରରୁ ଅନେକ ହଜାର ହଜାର ମିଟର ପର୍ଯ୍ୟନ୍ତ ହୋଇପାରେ ।

ସାଧାରଣତଃ ମାଳଭୂମି ଗୁଡ଼ିକର ପାର୍ଶ୍ୱ ପର୍ବତଠାରୁ ଅଧିକ ଢାଲୁ ଓ ଏହାର ଉପରିଭାଗ ଟେବୁଲ୍ ଭଳି ଦେଖାଯାଉଥିବାରୁ ମାଳଭୂମିକୁ ଟେବୁଲ୍ ଲ୍ୟାଣ୍ଡ ମଧ୍ୟ କୁହାଯାଏ ।

ମନେରଖ

- ତିବ୍ଦତୀୟ ମାଳଭୂମିର ହାରାହାରି ଉଚ୍ଚତା ୪,୫୦୦ ମିଟର, ଯେଉଁଥିପାଇଁ ଏହାକୁ 'ବିଶ୍ୱର ଛାତ' ନାମରେ ନାମିତ କରାଯାଇଛି । ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ଏହା ପ୍ରାୟ ୨୫୦୦ କିଲୋମିଟର ଲମ୍ବା – ଯାହାକି ଚଣ୍ଡିଗଡ଼ରୁ କୁମାରୀକା (କନ୍ୟାକୁମାରୀ) ପର୍ଯ୍ୟନ୍ତ ଦୂରତା ।
- ମଧ୍ୟ ଏବଂ ଦକ୍ଷିଣ ଭାରତର ଡେକାନ୍ ମାଳଭୂମି ବିଶ୍ୱର ସବୁଠାରୁ ପୁରୁଣା ମାଳଭୂମି ମଧ୍ୟରୁ ଅନ୍ୟତମ, ଯାହା ଲକ୍ଷ ଲକ୍ଷ ବର୍ଷ ପୂର୍ବେ ଆଗ୍ନେୟ ଉଦ୍‌ଗୀରଣ ମାଧ୍ୟମରେ ଗଠିତ ହୋଇଥିଲା ।

ପର୍ବତ ଭଳି ମାଳଭୂମି ମଧ୍ୟ ଖଣିଜ ପଦାର୍ଥରେ ଭରପୁର । ଏଗୁଡ଼ିକୁ 'ଖଣିଜ ପଦାର୍ଥର ଭଣ୍ଡାର' ବୋଲି କୁହାଯାଏ । ଫଳରେ ଖଣି ଖନନ ମାଳଭୂମି ଅଞ୍ଚଳରେ ଏକ ପ୍ରମୁଖ କାର୍ଯ୍ୟକଳାପ, ଯେଉଁଠାରେ ବିଶ୍ୱର ଅନେକ ବୃହତ୍ତମ ଖଣି ଦେଖିବାକୁ ମିଳେ । ଉଦାହରଣ ସ୍ୱରୂପ, ପୂର୍ବ ଆଫ୍ରିକୀୟ ମାଳଭୂମି ସୁନା ଏବଂ ହୀରା ଖନନ ପାଇଁ ପ୍ରସିଦ୍ଧ । ଭାରତରେ ଛୋଟନାଗପୁର ମାଳଭୂମିରେ ଲୁହା, କୋଇଲା ଏବଂ ମାଙ୍ଗାନିଜର ବିପୁଳ ଭଣ୍ଡାର ଦେଖିବାକୁ ମିଳେ ।

ସମଗ୍ର ବିଶ୍ୱରେ ମାଳଭୂମି ପରିବେଶ ବିବିଧତାପୂର୍ଣ୍ଣ । ଅଧିକାଂଶ ମାଳଭୂମିରେ ପଥୁରିଆ ମାଟି ଥାଏ, ଯାହା ଏଗୁଡ଼ିକୁ ସମତଳ ଭୂମି ତୁଳନାରେ କମ୍ ଉର୍ବର କରିଥାଏ (ପରବର୍ତ୍ତୀ ଭାଗ ଦେଖ), ତେଣୁ ଏହା ଚାଷ ପାଇଁ କମ୍ ଅନୁକୂଳ ଅଟେ । କିନ୍ତୁ, ଆଗ୍ନେୟଉଦ୍‌ଗୀକରଣ ଫଳରେ ଲାଭା ଦ୍ୱାରା ଗଠିତ ମାଳଭୂମି ଉର୍ବର ହୋଇଥାଏ, କାରଣ ଏଠାରେ ଉନ୍ନତ କୃଷ୍ଣ ମୃତ୍ତିକା କପା ଚାଷ ପାଇଁ ବିଶେଷ ଉପଯୋଗୀ ।

ମାଳଭୂମିରେ ଅନେକ ଆକର୍ଷଣୀୟ ଜଳପ୍ରପାତ ମଧ୍ୟ ରହିଛି । ଦକ୍ଷିଣ ଆଫ୍ରିକାର ଜାମ୍ବେଜି ନଦୀ ଉପରେ 'ଭିକ୍ଟୋରିଆ ଜଳପ୍ରପାତ' ଛୋଟ ନାଗପୁର ମାଳଭୂମିରେ ସବୁର୍ଣ୍ଣରେଖା ନଦୀ ଉପରେ 'ହିନ୍ଦୁ ଜଳପ୍ରପାତ' ଏବଂ ପଶ୍ଚିମ ଘାଟରେ ଶରାବତୀ ନଦୀ ଉପରେ 'ଯୋଗ ଜଳପ୍ରପାତ' ଓଡ଼ିଶାର ମାଛକୁଣ୍ଡ ନଦୀରେ 'ଡୁଡୁମା ଜଳପ୍ରପାତ' ଆଦି ଅନେକ ଉଦାହରଣ । "ନହକାଲୀକାଇ ଜଳପ୍ରପାତ (ଚିତ୍ର ୩.୭)" ଚେରାପୁଞ୍ଜି ମାଳଭୂମି (ମେଘାଳୟ)ରେ ୩୪୦ ମିଟର ଉଚ୍ଚତାରୁ ତଳକୁ ପଡ଼ିଛି ।



ଚିତ୍ର ୩.୭ : ଚେରାପୁଞ୍ଜି ମାଳଭୂମିରୁ ବାହାରିଥିବା ନହକାଲୀକାଇ ଜଳପ୍ରପାତ

ସମତଳ ଅଞ୍ଚଳ

ସମୁଦ୍ର ପତନରୁ (sea level) ୩୦୦ ମିଟର ବା କମ୍ ଉଚ୍ଚତାରେ ଥିବା ବିସ୍ତୀର୍ଣ୍ଣ ସମପ୍ରାୟ ଭୂମିକୁ ସମତଳ ଭୂମି କୁହାଯାଏ । ଏଗୁଡ଼ିକର ପୃଷ୍ଠଭାଗ ଚଟକା ଓ ଅତି କମ୍ ଢାଲୁ ବିଶିଷ୍ଟ । ଏଗୁଡ଼ିକରେ କୌଣସି ବଡ଼ ପାହାଡ଼ କିମ୍ବା ଗଭୀର ଉପତ୍ୟକା ନାହିଁ ।

ସମୁଦ୍ର ପତନ:(Sea level) ସମୁଦ୍ର ପୃଷ୍ଠର ହାରାହାରି ସ୍ତର, ଯାହାକୁ 'ହାରାହାରି ସମୁଦ୍ର ପତନ' ମଧ୍ୟ କୁହାଯାଏ ।

ପର୍ବତମାଳାରେ ଉତ୍ପନ୍ନ ହେଉଥିବା ନଦୀ ଜଳଦ୍ୱାରା ଗଠିତ ଏକ ପ୍ରକାର ସମତଳ ଭୂମି ହେଉଛି ପ୍ଲାବନ ଭୂମି, ଯେଉଁଠାରେ ନଦୀଦ୍ୱାରା ଅପସୃତ ପଥର, ବାଲି ଏବଂ ମାଟିର କଣିକା ପଟୁ ଆକାରରେ ଜମିଯାଏ। ଏହି ପଟୁଗୁଡ଼ିକ ନଦୀଦ୍ୱାରା ସମତଳ ଅଞ୍ଚଳକୁ ପରିବାହିତ ହୋଇଥାଏ, ଯାହା ଅତ୍ୟନ୍ତ ଉର୍ବର । ଫଳସ୍ୱରୂପ, ଏହି ସମତଳ ଭୂମି ସବୁ ପ୍ରକାର ଫସଲ ଚାଷ ପାଇଁ ଉତ୍କୃଷ୍ଟ ଅଟେ ଏବଂ କୃଷିକୁ ଏହି ଭୂମିରୂପରେ ଏକ ପ୍ରମୁଖ ଅର୍ଥନୈତିକ କାର୍ଯ୍ୟକଳାପ ଭାବରେ ଗ୍ରହଣ କରାଯାଇଛି । ସମତଳଭୂମି ବିଭିନ୍ନ ପ୍ରକାରର ଉଦ୍ଭିଦ ଏବଂ ଜୀବଜନ୍ତୁଙ୍କ ବସତି ପାଇଁ ଉପଯୋଗୀ ଅଟେ ।



ଚିତ୍ର ୩.୮ : ପୃଥିବୀ ମାନଚିତ୍ରରେ କେତେକ ପ୍ରମୁଖ ପର୍ବତଶୃଙ୍ଖଳା, ମାଳଭୂମି ଏବଂ ସମତଳ ଭୂମିକୁ ଦର୍ଶାଯାଇଛି ।

ଆସ ଅନୁସନ୍ଧାନ କରିବା

ଚିତ୍ର ୩.୮ରେ ଦର୍ଶାଯାଇଥିବା ଭୂମିରୂପ ଗୁଡ଼ିକର ରଙ୍ଗ ପାଇଁ ଦିଆଯାଇଥିବା ନିର୍ଦ୍ଦିଷ୍ଟ କୋଡ଼କୁ ବ୍ୟବହାର କର । ଉଦାହରଣ ସ୍ୱରୂପ 'ତିବ୍ବତୀୟ ମାଳଭୂମି', 'ରକି ପର୍ବତଶ୍ରେଣୀ. 'ନୀଳନଦୀର ସମତଳ ଭାଗ' ।



ଚିତ୍ର ୩.୯ : ଉପଗ୍ରହରୁ ଉତ୍ତୋଳନ କରାଯାଇଥିବା ଗାଙ୍ଗେୟ ସମତଳ ଅଞ୍ଚଳ

ଆସ ଅନୁସନ୍ଧାନ କରିବା

ଚିତ୍ର ୩.୯ରେ ଉତ୍ତର ଭାରତର ଏକ ଅଂଶକୁ ଉପଗ୍ରହ ଦ୍ୱାର ବହୁ ଉଚ୍ଚରୁ ଉତ୍ତୋଳନ କରାଯାଇଥିବା ଫଟୋଚିତ୍ର ମାଧ୍ୟମରେ ଦର୍ଶାଯାଇଛି । ଶିକ୍ଷଣକାର୍ଯ୍ୟରେ ଭାବରେ ଏହାକୁ ଅନୁଧ୍ୟାନ କର ।

→ ଗାଙ୍ଗେୟ ସମତଳ କେଉଁ ରଙ୍ଗର ?

→ ଧଳା ରଙ୍ଗ କ'ଣ ଦର୍ଶାଉଛି ?

→ ଚିତ୍ରର ନିମ୍ନରେ ବାମପଟେ ଥିବା ଧୂସର ରଙ୍ଗ କ'ଣ ଦର୍ଶାଉଛି ?

ସମତଳ ଅଞ୍ଚଳରେ ଜୀବନ

ହଜାର ହଜାର ବର୍ଷ ପୂର୍ବେ ଉର୍ବର ସମତଳ ଅଞ୍ଚଳରେ ନଦୀଚାରିପଟେ ପ୍ରଥମେ ସଭ୍ୟତା ବିକଶିତ ହୋଇଥିଲା । ଆମ ସମୟରେ ମଧ୍ୟ ପୃଥିବୀର ଜନସଂଖ୍ୟାର ଏକ ବଡ଼ ଅଂଶ ସମତଳ ଅଞ୍ଚଳରେ ବସବାସ କରୁଛନ୍ତି ।

ଭାରତର ଗଙ୍ଗା ସମତଳ ଅଞ୍ଚଳ (ଯାହାକୁ ପ୍ରାୟତଃ 'ଗାଙ୍ଗେୟ ସମତଳ' କୁହାଯାଏ)ରେ ପ୍ରାୟ ୪୦ କୋଟି ଅର୍ଥାତ୍, ଭାରତୀୟ ଜନସଂଖ୍ୟାର ଏକ ଚତୁର୍ଥାଂଶରୁ ଅଧିକ ଲୋକ ବସବାସ କରୁଛନ୍ତି ।

ପୃଥିବୀର ଅନ୍ୟାନ୍ୟ ସମତଳ ଅଞ୍ଚଳ ଭଳି, ଏହି ଅଞ୍ଚଳର ଲୋକମାନଙ୍କର ପ୍ରମୁଖ ଜୀବିକା ହେଉଛି ନଦୀରୁ ମାଛ ଧରିବା ଏବଂ କୃଷି । ଏହି ଅଞ୍ଚଳରେ ଧାନ, ଗହମ, ମକା, ବାର୍ଲି ଓ ବାଜରା ଭଳି ଖାଦ୍ୟ ଶସ୍ୟ ଚାଷ କରାଯାଏ । ଗାଙ୍ଗେୟ ସମତଳ ଅଞ୍ଚଳରେ କପା, ଝୋଟ ଛଣପଟ ଛୋଟ ଛଣପଟ ଇତ୍ୟାଦି ତନ୍ତୁଜାତୀୟ ଫସଲ ମଧ୍ୟ ଚାଷ କରାଯାଏ । ପାରମ୍ପରିକ ଚାଷ ମୁଖ୍ୟତଃ ବର୍ଷା ଉପରେ ନିର୍ଭରଶୀଳ । କିନ୍ତୁ ବିଗତ ଦଶନ୍ଧିରେ ଚାଷ ଜଳସେଚନ ଉପରେ ନିର୍ଭରଶୀଳ ହୋଇଛି । କେନାଲ ମାଧ୍ୟମରେ ଜମିକୁ ପାଣି ଯୋଗାଇ ଦିଆଯାଉଛି କିମ୍ବା ଭୂତଳ ଜଳକୁ ଉତ୍ତୋଳନ କରାଯାଉଛି । ଜଳସେଚନ କୃଷି ଉତ୍ପାଦନକୁ ବୃଦ୍ଧି କରିଥିବା ବେଳେ ଭୂତଳ ଜଳର ଅବକ୍ଷୟ (ବା ହ୍ରାସ)ରେ ମଧ୍ୟ ଚିନ୍ତାର କାରଣ ହୋଇଛି । ଏହା ଏହି ଅଞ୍ଚଳରେ କୃଷିର ଭବିଷ୍ୟତ ପାଇଁ ଏକ ସମସ୍ୟା ସୃଷ୍ଟି କରୁଛି । ଗଙ୍ଗା ସମତଳ ଅଞ୍ଚଳକୁ ପ୍ରଭାବିତ କରୁଥିବା ଅନ୍ୟ କେତେକ ସମସ୍ୟା ମଧ୍ୟରେ ଅଧିକ ଜନସଂଖ୍ୟା ଏବଂ ପ୍ରଦୂଷଣ ଅନ୍ୟତମ ।

ପର୍ବତମାଳା ହେଉ ଅବା ସମତଳ ଅଞ୍ଚଳ, ସମଗ୍ର ପୃଥିବୀରେ ନଦୀଗୁଡ଼ିକର ସାଂସ୍କୃତିକ ମହତ୍ତ୍ୱ ରହିଛି । ବିଶେଷ କରି ଅନେକ ସମ୍ପ୍ରଦାୟ ନଦୀର ଉତ୍ସ ଏବଂ ଦୁଇଟି ନଦୀ ସହିତ ଏହାର ସଙ୍ଗମକୁ ପବିତ୍ର ବୋଲି ବିବେଚନା କରିଆସୁଛନ୍ତି । ଭାରତରେ ଏଭଳି ସ୍ଥାନରେ ଅନେକ ପର୍ବପର୍ବାଣୀ, ସମାରୋହ ଓ ରୀତିନୀତି ଆଦି ଅନୁଷ୍ଠିତ ହୋଇଥାଏ ।

ସମତଳ ଅଞ୍ଚଳ କମ୍ ଢାଲୁ ହୋଇଥିବାରୁ, ଏଠାରେ ନଦୀ ପରିବହନ ସହଜ ହୁଏ ଓ ଏହାଦ୍ୱାରା ଅର୍ଥନୈତିକ କାର୍ଯ୍ୟକଳାପ ସହଜ ଓ ସୁଗମ ହୋଇଥାଏ । ପୁରାତନ ଦିନମାନଙ୍କରେ ଲୋକମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ନଦୀଗୁଡ଼ିକର ବହୁଳ ବ୍ୟବହାର କରୁଥିଲେ । ଆଜି ବି (ପୃଷ୍ଠା ୫୬ରେ ଚିତ୍ର ୩.୧୦), ଗଙ୍ଗା କୂଳରେ ଏମିତି କିଛି ସ୍ଥାନ ଅଛି ଯେଉଁଠାରେ ଲୋକମାନେ ବୁଲିବା ପାଇଁ ଡଙ୍ଗା ବ୍ୟବହାର କରିବାକୁ ପସନ୍ଦ କରନ୍ତି ।

ସଙ୍ଗମ (Confluence) : ଦୁଇ କିମ୍ବା ଅଧିକ ନଦୀର ମିଳନ ସ୍ଥଳ ।

ଆସ ଅନୁସନ୍ଧାନ କରିବା

→ ତୁମେ ତୁମ ଅଞ୍ଚଳର ନଦୀ ଉତ୍ସ କିମ୍ବା ସଙ୍ଗମର ଉଦାହରଣ ଦେଇପାରିବ କି ଯାହାକୁ କୌଣସି ସମ୍ପ୍ରଦାୟ ପବିତ୍ର ଭାବରେ ବିବେଚନା କରନ୍ତି ?

→ ନିକଟସ୍ଥ ନଦୀକୁ ଯାଅ ଏବଂ ସେଠାରେ ଅର୍ଥନୈତିକ ହେଉ କି ସାଂସ୍କୃତିକ ସମସ୍ତ କାର୍ଯ୍ୟକଳାପ ଅନୁଧ୍ୟାନ କର । ସେଗୁଡ଼ିକ ଲିପିବଦ୍ଧ କର ଏବଂ ତୁମ ସହପାଠୀଙ୍କ ସହିତ ଆଲୋଚନା କର ।

→ ଭାରତର କେତେକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀର ତାଲିକା ପ୍ରସ୍ତୁତ କର ଏବଂ ସେହି ସ୍ଥାନରେ କେଉଁ ପ୍ରକାର ଭୂମିରୂପ ଦେଖାଯାଏ, ତାହାକୁ ଚିହ୍ନଟ କର ।

ଚିତ୍ର ୩.୧୦ : ଗଙ୍ଗା ନଦୀରେ ପରିବହନ

ସହନଶୀଳତା (Resilience): ଅସୁବିଧା ଓ କଠିନତାକୁ ମୁକାବିଲା କରିବା, ସେଥିରେ ଖାପ ଖୁଆଇବା କିମ୍ବା ତାହାର ମୁକାବିଲା କରିବାର କ୍ଷମତା ।

ଏହି ଅଧ୍ୟାୟରେ ଆମେ ପୃଥିବୀର ତିନୋଟି ମୁଖ୍ୟ ଭୂମିରୂପ ସମ୍ପର୍କରେ ଆଲୋଚନା କଲୁ । ମାତ୍ର ଭୂମିରୂପର ବିଭାଜନ ଅତ୍ୟନ୍ତ ଜଟିଳ ହେତୁ ବିଶେଷଜ୍ଞମାନେ ଆହୁରି କିଛି ଭୂମିରୂପକୁ ମଧ୍ୟ ଦର୍ଶାଇଛନ୍ତି । ଏଭଳି ଏକ ଭୂରୂପ ହେଉଛି ମରୁଭୂମି । କମ୍ ବୃଷ୍ଟିପାତ ସହିତ ବିସ୍ତୀର୍ଣ୍ଣ ଶୁଖିଲା ଅଞ୍ଚଳକୁ ମରୁଭୂମି କୁହାଯାଏ । ଏଗୁଡ଼ିକର ଉଦ୍ଭିଦ ଓ ଜୀବଜନ୍ତୁ ମଧ୍ୟ ଅନନ୍ୟ ଅଟନ୍ତି । ଆଫ୍ରିକାର ସାହାରା ମରୁଭୂମି କିମ୍ବା ଭାରତୀୟ ଉପମହାଦେଶର ଉତ୍ତର-ପଶ୍ଚିମରେ ଥିବା ଥର ମରୁଭୂମି ଭଳି କେତେକ ମରୁଭୂମି ଅତ୍ୟନ୍ତ ଗରମ ଅଟେ । ଏସିଆର ଗୋବି ମରୁଭୂମି ଭଳି କେତେକ ମରୁଭୂମି ଥଣ୍ଡା ଅଟେ । (କେତେକ ବିଶେଷଜ୍ଞ ଆଣ୍ଟାର୍କଟିକା ମହାଦେଶକୁ ମରୁଭୂମି ବୋଲି ମଧ୍ୟ ବର୍ଣ୍ଣନା କରିଛନ୍ତି ।)

ଜୀବନଯାପନ ପାଇଁ କଠିନ ପରିସ୍ଥିତି ସତ୍ତ୍ୱେ ଅଧିକାଂଶ ମରୁଭୂମିରେ ଲୋକମାନେ ମଧ୍ୟ ବସବାସ କରନ୍ତି । ଭାରତରେ ଥର୍ ମରୁଭୂମିରେ ବସବାସ କରୁଥିବା ସମ୍ପ୍ରଦାୟ ବା ଯାଯାବର ଗୋଷ୍ଠୀ ମରୁଭୂମି ସହ ଜଡ଼ିତ ଲୋକଗୀତ ଏବଂ କିମ୍ବଦନ୍ତୀ ଭଳି ସମୃଦ୍ଧ ସାଂସ୍କୃତିକ ପରମ୍ପରା ରକ୍ଷା କରି ଆସୁଛନ୍ତି ।

ମନୁଷ୍ୟ ଯେଭଳି ବିଭିନ୍ନ ଉପାୟରେ ସମସ୍ତ ଭୂମିରୂପକୁ ନିଜର ଘର କରିପାରିଛି ତାହା ଆମର ଅନୁକୂଳତା ଏବଂ ସହନଶୀଳତାର ପ୍ରମାଣ ଅଟେ ।

ଆମ ଭାରତର ଭୂମିରୂପ ପରି ଓଡ଼ିଶାର ଭୂମିରୂପ ମଧ୍ୟ ବୈଚିତ୍ରମୟ । ଆମ ରାଜ୍ୟର ବିଭିନ୍ନ ସ୍ଥାନରେ ନଦୀ, ହ୍ରଦ, ପାହାଡ଼ ପର୍ବତ, ବଣଜଙ୍ଗଲ, ସମତଳ ଭୂମି, ମାଳଭୂମି, ଉପକୂଳବର୍ତ୍ତୀ ଅଞ୍ଚଳ, ଅଭୟାରଣ୍ୟ ଆଦି ଭିନ୍ନ ଭିନ୍ନ ଭୂମିରୂପ ଦେଖିବାକୁ ମିଳିଥାଏ । ଭୂମିରୂପ ଅନୁସାରେ ଲୋକମାନଙ୍କର ଚଳଣୀ, ଜୀବିକା, ଜୀବନଶୈଳୀରେ ମଧ୍ୟ ଭିନ୍ନତା ପରିଲକ୍ଷିତ ହୋଇଥାଏ ।

ନିମ୍ନରେ ଦିଆଯାଇଥିବା ସାରଣୀରେ ଥିବା ତଥ୍ୟଗୁଡ଼ିକ ସମ୍ପର୍କରେ ଅଧିକ ଜାଣିବା ପାଇଁ ସହପାଠୀ ମାନଙ୍କ ସହ ଆଲୋଚନା କର ।

ସ୍ଥାନ	ଭୂମିରୂପ	ଲୋକମାନଙ୍କର ଜୀବିକା
ପୁରୀ, ଗଞ୍ଜାମ, ଭଦ୍ରକ, ବାଲେଶ୍ୱର, ଜଗତସିଂହପୁର	ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ	ମାଛର ଧରିବା, ସାମୁଦ୍ରିକ ଶିଳ୍ପ
ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା	ସମତଳ ଅଞ୍ଚଳ	କୃଷିକାର୍ଯ୍ୟ
କୋରାପୁଟ, କେନ୍ଦୁଝର, କନ୍ଧମାଳ	ପାହାଡ଼ିଆ ଅଞ୍ଚଳ ମାଳଭୂମି ଅଞ୍ଚଳ	ପଶୁପାଳନ, ଖଣି, ଜଙ୍ଗଲଜାତ ଦ୍ରବ୍ୟ

ତୁମେ ଜାଣିଛକି ୨୦୧୯ ମସିହାର ସର୍ଭେ ଅନୁସାରେ ଓଡ଼ିଶାର ରାଉରକେଲା ସହର ସ୍ୱଚ୍ଛତାରେ ଭାରତର ୪୫ତମ ସ୍ଥାନରେ ରହିଛି ।

ଆମେ କ'ଣ ଶିଖିଲେ...

- → ଭୂମିରୂପକୁ ମୁଖ୍ୟତଃ ତିନୋଟି ଭାଗରେ ବିଭକ୍ତ କରାଯାଇଛି ଯଥା-ପାର୍ବତ୍ୟଭୂମି, ମାଳଭୂମି ଏବଂ ସମତଳ ଭୂମି । ଏମାନଙ୍କର ଗଠନ ଶୈଳୀ ଏବଂ ପରିବେଶରେ ଭିନ୍ନତା ପରିଲକ୍ଷିତ ହୋଇଥାଏ ।
- → ସମଗ୍ର ପୃଥିବୀରେ ଲୋକମାନେ ଯେଉଁ ପ୍ରକାରର ଭୂମିରୂପରେ ରହୁଛନ୍ତି ସେହି ଅନୁସାରେ ସେମାନଙ୍କ ଜୀବନ ଏବଂ କାର୍ଯ୍ୟକଳାପ ବହୁଭାବେ ପ୍ରଭାବିତ ହୋଇଥାଏ । ଏହି ଭୂମିରୂପ ସମଗ୍ର ବିଶ୍ୱରେ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ । ବିଶେଷ କରି ଭାରତୀୟ ସଂସ୍କୃତି ଏହାକୁ ବିଭିନ୍ନ ଉପାୟରେ ପାଳନ କରିଆସିଛି ।
- → ପ୍ରତ୍ୟେକ ଭୂମିରୂପ ଭିନ୍ନ ଭିନ୍ନ ସମସ୍ୟା ତଥା ସୁଯୋଗ ପ୍ରଦାନ କରିଥାଏ ।

ପ୍ରଶ୍ନ, ଅଭ୍ୟାସକାର୍ଯ୍ୟ ଏବଂ ପ୍ରକଳ୍ପ

୧. ତୁମ ଗ୍ରାମ, ସହର ଓ ମହାନଗରରେ କେଉଁ ପ୍ରକାର ଭୂମିରୂପ ଦେଖୁଛ ? ଏହି ଅଧ୍ୟାୟରେ ଉଲ୍ଲେଖ କରାଯାଇଥିବା କେଉଁ ବୈଶିଷ୍ଟ୍ୟଗୁଡ଼ିକ ତୁମେ ଆଖପାଖରେ ଦେଖୁଛ ?

୨. ଆସ ଛୋଟ ନାଗପୁରରୁ ପ୍ରୟାଗରାଜ ଏବଂ ଆଲାମୋଡ଼ାକୁ କରିଥିବା ପ୍ରାରମ୍ଭିକ ଯାତ୍ରାକୁ ଆଉ ଥରେ ପଢ଼ିବା ଓ ଦେଖିବା । ବାଟରେ ଦେଖାଯାଉଥିବା ତିନୋଟି ଭୂମିରୂପକୁ ବର୍ଣ୍ଣନା କର ।

୩. ଭାରତର କେତେକ ପ୍ରସିଦ୍ଧ ତୀର୍ଥସ୍ଥାନ ସହିତ ସେଗୁଡ଼ିକ କେଉଁ ଭୂମିରୂପରେ ଦେଖିବାକୁ ମିଳେ ତାହାର ତାଲିକା କର ।

୪. ଭୁଲ୍ କି ଠିକ୍ କୁହ–

- ହିମାଳୟ ହେଉଛି ଗୋଲାକାର ଶୀର୍ଷ ଥିବା ଯୁବ ଭଙ୍ଗୀଳ ପର୍ବତ ।
- ଗୋଟିଏ ପଟୁ ମାଳଭୂମି ପ୍ରାୟ ଉଠିକରି ରହିଥାଏ ।
- ପର୍ବତ ଓ ପାହାଡ଼ ସମାନ ପ୍ରକାର ଭୂମିରୂପ ଅଟେ ।
- ଭାରତର ପର୍ବତ, ମାଳଭୂମି ଓ ନଦୀରେ ସମାନ ପ୍ରକାରର ଉଦ୍ଭିଦ ଓ ଜୀବଜନ୍ତୁ ବାସ କରନ୍ତି ।
- ଗଙ୍ଗା ନଦୀ, ଯମୁନାର ଏକ ଉପନଦୀ ଅଟେ ।
- ମରୁଭୂମିରେ ସ୍ୱତନ୍ତ୍ର ଉଦ୍ଭିଦ ଓ ଜୀବଜନ୍ତୁ ଦେଖିବାକୁ ମିଳେ ।
- ବରଫ ତରଳିବା ହେତୁ ନଦୀର ଜଳସ୍ତର ବୃଦ୍ଧି ପାଇଥାଏ ।
- ସମତଳ ଅଞ୍ଚଳରେ ଜମା ହୋଇଥିବା ନଦୀଗୁଡ଼ିକର ପଟୁମାଟିରୁ ଉର୍ବର ଜମି ପ୍ରସ୍ତୁତ ହୋଇଥାଏ ।
- ସବୁ ମରୁଭୂମି ଗରମ ଓ ଉଷ୍ଣ ।

୫. ସାରଣୀର ବାମ ପଟରେ ଥିବା ଶବ୍ଦ ଗୁଡ଼ିକୁ ଡାହାଣ ପଟର ଠିକ୍ ଶବ୍ଦ ସହିତ ମିଳାଅ:

ଏଭରେଷ୍ଟ ଗିରିଶୃଙ୍ଗ	ଆଫ୍ରିକା
ଭେଳା	ପୃଥିବୀର ଛାତ
ଓଟ	ଧାନ କ୍ଷେତ
ମାଳଭୂମି	ମରୁଭୂମି
ଗାଙ୍ଗେୟ ସମତଳ ଅଞ୍ଚଳ	ନଦୀ
ଜଳପଥ	ଗଙ୍ଗା
କିଲିମଞ୍ଜାର ଗିରିଶୃଙ୍ଗ	ଉପନଦୀ
ଯମୁନା	ପର୍ବତାରୋହଣ

ଇତିହାସର ସମୟସୀମା ଏବଂ ଉତ୍ସ

ଅଧ୍ୟାୟ ୪

ଇତିହାସ ହେଉଛି, "ବର୍ତ୍ତମାନ ଏବଂ ଅତୀତ ମଧ୍ୟରେ ଏକ ଅସୀମ ବାର୍ତ୍ତାଳାପ... ଆଜିର ସମାଜ ଓ ଗତକାଲିର ସମାଜ ମଧ୍ୟରେ ... କେବଳ ଅତୀତକୁ ଦୃଷ୍ଟିରେ ରଖିଲେ ହିଁ ଆମେ ବର୍ତ୍ତମାନକୁ ସମ୍ପୂର୍ଣ୍ଣ ଭାବରେ ବୁଝିପାରିବା ।"

– ଏଡ୍‌ୱାର୍ଡ଼ ହେଲେଟ୍ କାର୍ (E.H. Carr)

ନୂଆଦିଲ୍ଲୀର ଜାତୀୟ ସଂଗ୍ରହାଳୟ । ଏହା ଏକ ସାଂସ୍କୃତିକ ପ୍ରତିଷ୍ଠାନ, ଯାହାକି ଏକ ସମୃଦ୍ଧ ଐତିହ୍ୟ ଅଟେ । ଆମ ଭାରତରେ ଏହିପରି ଜାତୀୟ ସଂଗ୍ରହାଳୟ, ଅତୀତର ମୂର୍ତ୍ତି, ମୁଦ୍ରା ଏବଂ ଅଳଙ୍କାର ଭଳି ବସ୍ତୁଗୁଡ଼ିକୁ ସଂରକ୍ଷଣ କରିଥାଏ, ଯାହାକି ଆମ ଇତିହାସକୁ ବୁଝିବାରେ ସାହାଯ୍ୟ କରିଥାଏ ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଭୁବନେଶ୍ୱର ଠାରେ ଅବସ୍ଥିତ । ଏହା ୧୯୩୨ ମସିହାରେ ପ୍ରତିଷ୍ଠା ହୋଇଥିଲା ଏବଂ ୧୯୬୦ ମସିହାରେ ନୂତନ କୋଠାଘରକୁ ସ୍ଥାନାନ୍ତରିତ ହେଲା । ଏହି ସଂଗ୍ରହାଳୟକୁ ଏଗାରଟି ବିଭାଗରେ ବିଭକ୍ତ କରାଯାଇଛି ।

ଆସ ଚିନ୍ତା କରିବା

୧. ଐତିହାସିକ ସମୟକୁ ଆମେ କିପରି ମାପିପାରିବା ?

୨. ଇତିହାସକୁ ବୁଝିବାରେ ବିଭିନ୍ନ ଉତ୍ସ ଆମକୁ କିପରି ସାହାଯ୍ୟ କରିପାରିବ ?

୩. ଆଦିମ ମଣିଷମାନେ କିପରି ବଞ୍ଚୁଥିଲେ ?

ଆମେ ଅତୀତ ବିଷୟରେ କିପରି ଜାଣିବା ?

ଏହା ବିଷୟରେ ଚିନ୍ତା କର

→ ଏମିତି କିଛି ପୁରୁଣା ସ୍ମୃତିଗୁଡ଼ିକ ଅଛି, ଯାହାକୁ କି ତମେ ମନେ ପକାଇ ପାରିବ ? ତୁମର ମନେ ଅଛି କି, ସେ ସମୟରେ ତୁମର ବୟସ କେତେ ଥିଲା ? ପାଞ୍ଚ ବା ଛଅ ବର୍ଷ ତଳର ସେହି ସ୍ମୃତିଗୁଡ଼ିକ ତୁମ ଅତୀତ ଜୀବନର ଅଂଶ ବିଶେଷ ହୋଇପାରେ ।

→ ଅତୀତକୁ ବୁଝିବା ଦ୍ୱାରା ଆମକୁ ବର୍ତ୍ତମାନର ଦୁନିଆକୁ ବୁଝିବାରେ କିପରି ସାହାଯ୍ୟ କରିବ ବୋଲି ତୁମେ ଭାବୁଛ ?

ଇତିହାସ ହେଉଛି ମାନବ ଅତୀତର ଅଧ୍ୟୟନ

ତୁମେ ବିଜ୍ଞାନରେ ଆବିଷ୍କାର କରି ଜାଣିପାରିବ ଯେ, ପୃଥିବୀର ବହୁତ ଲମ୍ବା ଇତିହାସ ଅଛି, ଯେଉଁଥିରେ ଆମେ ମନୁଷ୍ୟମାନେ କେବଳ ଏକ କ୍ଷୁଦ୍ର ଅଂଶ ଦଖଲ କରିଅଛୁ ଯାହାକି ସଦ୍ୟତମ ବୋଲି ପ୍ରତୀୟମାନ ହୁଏ ।



ଚିତ୍ର ୪.୧ । ପୃଥିବୀରେ ଜୀବନର ବିକାଶର କିଛି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟର ସମୟ ସୀମା ।

ଅନେକ ଲୋକ ପୃଥିବୀର ଇତିହାସକୁ ଅଧ୍ୟୟନ କରନ୍ତି । ସେମାନଙ୍କ ମଧ୍ୟରୁ କେତେକ ପୃଥିବୀ ପୃଷ୍ଠ ତଳେ ଥିବା ଅବଶିଷ୍ଟ ରହସ୍ୟକୁ ଉନ୍ମୋଚନ କରିବା ଏବଂ ଏହାର ଅତୀତ ବିଷୟରେ ଜାଣିବାରେ ଆମକୁ ସାହାଯ୍ୟ କରିବା ପାଇଁ ପ୍ରଶିକ୍ଷିତ ଅଟନ୍ତି ।

ଚିତ୍ର ୪.୨.୧: ଭୂତତ୍ତ୍ୱ ବିଜ୍ଞାନୀ

ଚିତ୍ର ୪.୨.୨: ଜୀବାଶ୍ମ ବିଜ୍ଞାନୀ

ଚିତ୍ର ୪.୨.୩: ନୃତତ୍ତ୍ୱବିତ୍

ଚିତ୍ର ୪.୨.୪: ପ୍ରତ୍ନତତ୍ତ୍ୱବିତ୍

ଏହି ଚାରୋଟି ଫଟୋ ଏବଂ ଏଥିରେ ସମ୍ପୃକ୍ତ କାର୍ଯ୍ୟକଳାପଗୁଡ଼ିକୁ ନିରୀକ୍ଷଣ କର ।
(ଉପରେ ଦିଆଯାଇଥିବା ବାମରୁ ଡ଼ାହାଣକୁ)

- ଭୂତତ୍ତ୍ୱ ବିଜ୍ଞାନୀ (ଚିତ୍ର ୪.୨.୧) ପୃଥିବୀର ଭୌତିକ ବୈଶିଷ୍ଟ୍ୟ ଯଥା ମାଟି, ପଥର, ପାହାଡ଼, ପର୍ବତ, ନଦୀ, ସମୁଦ୍ର, ମହାସାଗର ଏବଂ ପୃଥିବୀର ଅନ୍ୟାନ୍ୟ ଅଂଶର ଅଧ୍ୟୟନ କରନ୍ତି ।
- ପାଲିଓଣ୍ଟୋଲୋଜିଷ୍ଟ ବା ଜୀବାଶ୍ମ ବିଜ୍ଞାନୀ (ଚିତ୍ର ୪.୨.୨) ଲକ୍ଷ ଲକ୍ଷ ବର୍ଷ ପୂର୍ବର ଉଦ୍ଭିଦ, ଜୀବଜନ୍ତୁ ଓ ମନୁଷ୍ୟର ଅବଶେଷକୁ ଜୀବାଶ୍ମ ଆକାରରେ ଅଧ୍ୟୟନ କରନ୍ତି ।
- ଆନ୍ଥ୍ରୋପୋଲୋଜିଷ୍ଟ ବା ନୃତତ୍ତ୍ୱବିତ୍ (ଚିତ୍ର ୪.୨.୩) ପୁରାତନ କାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ମାନବ ସମାଜ ଓ ସଂସ୍କୃତିର ଅଧ୍ୟୟନ କରନ୍ତି ।
- ପ୍ରତ୍ନତତ୍ତ୍ୱବିତ୍ (ଚିତ୍ର ୪.୨.୪) ପଶୁ ଓ ମଣିଷର ଉପକରଣ, ପାତ୍ର, ମାଳି, ମୂର୍ତ୍ତି, ଖେଳନା, ହାଡ଼ ଓ ଦାନ୍ତ, ପୋଡ଼ି ଯାଇଥିବା ଶସ୍ୟ, ଘର କିମ୍ବା ଇଟା ଆଦି ଭଳି ଲୋକ, ଗଛ ଓ ଜୀବଜନ୍ତୁମାନେ ଛାଡ଼ିଯାଇଥିବା ଅବଶିଷ୍ଟ ଅଂଶକୁ ଖୋଳି ଅତୀତର ଅଧ୍ୟୟନ କରନ୍ତି ।

ଜୀବାଶ୍ମ (Fossils): ଜୀବଜନ୍ତୁଙ୍କ, ପାଦଚିହ୍ନ, ଉଦ୍ଭିଦ କିମ୍ବା ଜୀବଜନ୍ତୁଙ୍କ ଅଂଶ ଯାହା ମାଟି କିମ୍ବା ପଥର ସ୍ତର ମଧ୍ୟରେ ସଂରକ୍ଷିତ ଥିବା ଦେଖିବାକୁ ମିଳିଥାଏ । ତାହାକୁ ଜୀବାଶ୍ମ କୁହାଯାଏ ।

ଇତିହାସରେ ସମୟକୁ କିପରି ଗଣନା କରାଯାଏ ?

ପ୍ରତ୍ୟେକ ସମାଜ ଓ ସଂସ୍କୃତିର ସମୟ ଗଣନା କରିବାର ନିଜସ୍ୱ ଉପାୟ ରହିଛି । ପ୍ରମୁଖ ଘଟଣା ଯେପରିକି ଜଣେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ଜନ୍ମ କିମ୍ବା ଶାସକଙ୍କ ଶାସନ ଆରମ୍ଭ ଭଳି ଏକ ନୂତନ ଯୁଗର ଆରମ୍ଭକୁ ଚିହ୍ନିତ କରିଥାଏ । ବର୍ତ୍ତମାନ, ଗ୍ରେଗୋରିଆନ୍ କ୍ୟାଲେଣ୍ଡର ସାଧାରଣତଃ ବିଶ୍ୱବ୍ୟାପୀ ବ୍ୟବହୃତ ହେଉଛି । ଏହା ସହିତ ହିନ୍ଦୁ, ମୁସଲମାନ, ଇହୁଦୀ, ଚାଇନିଜ୍ ଏବଂ ଅନ୍ୟାନ୍ୟ କ୍ୟାଲେଣ୍ଡରଗୁଡ଼ିକ ମଧ୍ୟ ପର୍ବପର୍ବାଣୀ ଏବଂ ଅନ୍ୟାନ୍ୟ ଶୁଭ ଘଟଣାର ତାରିଖ ଗଣନା ପାଇଁ ବ୍ୟବହୃତ ହୋଇଥାଏ ।

ଯୁଗ (Era):କାଳ ବା ସମୟର ଏକ ନିର୍ଦ୍ଦିଷ୍ଟ ଅବଧିକୁ ଯୁଗ କୁହାଯାଏ ।

ଗ୍ରେଗୋରିଆନ ପାଞ୍ଜି (Gregorian calendar) : ଗ୍ରେଗୋରି ପାଞ୍ଜି ଅନୁସାରେ ଏହି କ୍ୟାଲେଣ୍ଡର ଏବେ ସାରା ବିଶ୍ୱରେ ବ୍ୟବହୃତ ହୋଇଛି ଏଥିରେ ୩୬୫ ଦିନକୁ ମିଶାଇ ୧୨ ମାସ ଏବଂ ପ୍ରତି ଚାରି ବର୍ଷରେ ଗୋଟିଏ ଅଧିବର୍ଷ ରହିଛି । କିନ୍ତୁ ସମସ୍ତ ଶତାବ୍ଦୀ ବର୍ଷଗୁଡ଼ିକ ଅଧିବର୍ଷ ନୁହନ୍ତି । ଉଦାହରଣ ସ୍ୱରୂପ, ୧୮୦୦, ୧୯୦୦, ୨୦୦୦ କେବଳ ୪୦୦ର ଗୁଣିତକ ହେଲେ ଯାଇ ତାକୁ ଅଧିବର୍ଷ କହିପାରିବା, ତେଣୁ ଉପରୋକ୍ତ ତିନୋଟି ଶତାବ୍ଦୀ ବର୍ଷରେ କେବଳ ୨୦୦୦ ଏକ ଅଧିବର୍ଷ ଅଟେ ।

ପାଶ୍ଚାତ୍ୟରେ ଯୀଶୁଖ୍ରୀଷ୍ଟ ଜନ୍ମର ପାରମ୍ପରିକ ବର୍ଷକୁ ସାଧାରଣତଃ ଏହି କ୍ୟାଲେଣ୍ଡରର ପ୍ରାରମ୍ଭିକ ବିନ୍ଦୁ ଭାବରେ ଗ୍ରହଣ କରାଯାଇଛି । ଏହି ସ୍ଥାନରୁ ବର୍ଷଗୁଡ଼ିକ ଗଣନା କରାଯାଏ ଏବଂ ଏହାକୁ 'ଏଡି' (AD) (ଯୀଶୁଙ୍କ ଜନ୍ମ ପରବର୍ତ୍ତୀ ବର୍ଷଗୁଡ଼ିକୁ ସୂଚିତ କରୁଥିବା ଲାଟିନ୍ ବାକ୍ୟର ଏକ ସଂକ୍ଷିପ୍ତ ନାମ) ସହିତ ଚିହ୍ନିତ କରାଯାଏ । ତେବେ ଏହାକୁ ଏବେ ସମଗ୍ର ବିଶ୍ୱରେ କମନ୍ ଏରା ବା (CE) କୁହାଯାଉଛି । ଉଦାହରଣ ସ୍ୱରୂପ, ୧୯୪୭ ମସିହା, ଯେଉଁବର୍ଷ ଭାରତ ସ୍ୱାଧୀନତା ଲାଭ କରିଥିଲା, ତାହାକୁ ୧୯୪୭ ଖ୍ରୀଷ୍ଟାବ୍ଦ (ଖ୍ରୀଷ୍ଟାବ୍ଦ ୧୯୪୭) କିମ୍ବା ୧୯୪୭ କମନ୍ ଏରା (CE) ଭାବରେ ଲେଖାଯାଇ ପାରିବ ।

ସେହିଭଳି ଯୀଶୁଙ୍କ ଜନ୍ମ ପାଇଁ ପାରମ୍ପରିକ ତାରିଖର ପୂର୍ବ ବର୍ଷଗୁଡ଼ିକୁ ପଛୁଆ ଭାବେ ବର୍ଣ୍ଣନା କରାଯାଏ ଏବଂ ଖ୍ରୀଷ୍ଟପୂର୍ବ (କିମ୍ବା ଖ୍ରୀଷ୍ଟଙ୍କ ପୂର୍ବରୁ) ଦ୍ୱାରା ଚିହ୍ନିତ କରାଯାଏ । ବର୍ତ୍ତମାନ ଏହାକୁ ବିଫୋର କମନ୍ ଏରା ବା (BCE) କୁହାଯାଉଛି । ଉଦାହରଣ ସ୍ୱରୂପ, ଖ୍ରୀଷ୍ଟପୂର୍ବ ୫୬୦ ହେଉଛି

ଜାଣିଛକି

ଆଗରୁ
AD → Anno Domini ବା ଖ୍ରୀଷ୍ଟାବ୍ଦ
BC → Before Christ ବା ଖ୍ରୀ.ପୂ.
ଏବେ
CE → Common Era ବା ଖ୍ରୀଷ୍ଟାବ୍ଦ
BCE → Before Common Era ବା ଖ୍ରୀ. ପୂ.

ମାଙ୍ଗଳିକ (Auspicious): ଅନୁକୂଳ କିମ୍ବା ଆଗମନ; ଉଦାହରଣ ସ୍ୱରୂପ, 'ଏକ ଶୁଭ ଆରମ୍ଭ' ।

ଚିତ୍ର ୪.୩ । ଖ୍ରୀଷ୍ଟପୂର୍ବ ୩୦୦,୦୦୦ ପରଠାରୁ କେତେକ ମୁଖ୍ୟ ଘଟଣାର ସମୟସୀମା

ଗୌତମ ବୁଦ୍ଧ (ଯାହାଙ୍କୁ ଆମେ ସପ୍ତମ ଅଧ୍ୟାୟରେ ଜାଣିବା) ଜନ୍ମର ଏକ ଆନୁମାନିକ ବର୍ଷ । ତୁମେ ହିସାବ କରିପାରିବ କି ଏହା କେତେ ବର୍ଷ ପୂର୍ବେ ଥିଲା ?

ଆସ ଅନୁସନ୍ଧାନ କରିବା

→ ଏଭଳି ହିସାବ ସରଳ, କିନ୍ତୁ ଏଥିରେ ଏକ ଦୃଶ୍ୟ ଦେଖିବାକୁ ମିଳେ । ଗ୍ରେଗୋରିଆନ୍ କ୍ୟାଲେଣ୍ଡରରେ କୌଣସି ବର୍ଷ 'ଶୂନ୍ୟ ବର୍ଷ' ଭାବେ ଗଣନା କରାଯାଇ ନାହିଁ । ପରନ୍ତୁ ପ୍ରଥମ ଖ୍ରୀଷ୍ଟପୂର୍ବର ଅବଧି ପରେ ପରେ ପ୍ରଥମ ଖ୍ରୀଷ୍ଟାବ୍ଦ ସଙ୍ଗେ ସଙ୍ଗେ ଗଣନା ହୋଇଥାଏ । ଖ୍ରୀଷ୍ଟପୂର୍ବ ୨ରୁ ୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ, ପ୍ରତିବର୍ଷକୁ ଚିହ୍ନଟକରି ଏକ ସମୟରେଖା ପ୍ରସ୍ତୁତ କର । ତୁମେ ଦେଖିବ ଯେ, ଶୂନ୍ୟ ବର୍ଷ ନ ଥିବାରୁ, ସେହି ଦୁଇଟି ତାରିଖ ମଧ୍ୟରେ ମାତ୍ର ୩ ବର୍ଷ ହୋଇଛି ।

→ ତେଣୁ ଏକ ବିଫୋର କମନ୍ ଏରା (BCE) ବା ଖ୍ରୀଷ୍ଟପୂର୍ବର ତାରିଖ ଏବଂ ଏକ କମନ୍ ଏରା (CE) ବା ଖ୍ରୀଷ୍ଟାବ୍ଦ ତାରିଖ ମଧ୍ୟରେ ବର୍ଷ ସଂଖ୍ୟା ଗଣନା କରିବାକୁ, ତୁମେ ସେଗୁଡ଼ିକୁ ଯୋଗ କରି, ୧ ବିୟୋଗ କରିବ । ଉପରୋକ୍ତ କ୍ଷେତ୍ରରେ, ୨+୨-୧=୩ ଉତ୍ତର ଅଟେ ।

→ ତୁମ ସହପାଠୀଙ୍କ ସହିତ କିଛି ଉଦାହରଣ ଅଭ୍ୟାସ କର । ଉଦାହରଣ ସ୍ୱରୂପ, ବୁଦ୍ଧଙ୍କ ଜନ୍ମ ବିଷୟରେ ଜାଣିବା ପାଇଁ ମନେକର ଯେ ଆମେ ବର୍ତ୍ତମାନ ୨୦୨୬ ଖ୍ରୀଷ୍ଟାବ୍ଦରେ ଅଛନ୍ତି, ତେବେ ବୁଦ୍ଧ ୫୬୦+୨୦୨୬-୧=୨,୫୮୫ ବର୍ଷ ପୂର୍ବେ ଜନ୍ମ ଗ୍ରହଣ କରିଥିଲେ ।



ଏକ ସମୟରେଖା (ପୃଷ୍ଠା ୬୨ ଏବଂ ୬୩ରେ ଚିତ୍ର ୪.୩ ଦେଖ), ଏପରି ଘଟଣାଗୁଡ଼ିକୁ ଚିହ୍ନିତ କରିବା ପାଇଁ ଏକ ସୁବିଧାଜନକ ଉପକରଣ ଅଟେ, କାରଣ ଏହା କୌଣସି ନିର୍ଦ୍ଦିଷ୍ଟ ଅବଧି ବା ସମୟସୀମାକୁ ଅନ୍ତର୍ଭୁକ୍ତ କରୁଥିବା ତାରିଖ ଏବଂ ଘଟଣାକ୍ରମ ଦେଖାଏ । ଏହା ମାନବ ଜାତିର ପ୍ରାରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ଚାଲି ଆସିଛି, ଯେଉଁଥିରେ କିଛି ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ ରହିଛି । ଧ୍ୟାନ ଦିଅନ୍ତୁ ଯେ ଚିହ୍ନିତ ଅଂଶ ଏକ ବାଦ୍ ଦିଆଯାଇଥିବା ଅବଧିକୁ ଚିହ୍ନିତ କରେ; ନଚେତ୍ ଏହି ସମୟରେଖା ପାଖାପାଖି ୩ ମିଟର ଲମ୍ବା ହୋଇଥାନ୍ତା ।



ଏକ ସମୟରେଖା ଐତିହାସିକ ଘଟଣା ଘଟିବାର କ୍ରମକୁ ବୁଝିବାରେ ସାହାଯ୍ୟ କରେ । ଉଦାହରଣ ସ୍ୱରୂପ, ତାରିଖ ନଦେଖି ମଧ୍ୟ, ତୁମେ ବର୍ତ୍ତମାନ ଦେଖିପାରିବ ଯେ, ବୁଦ୍ଧଙ୍କ ଜନ୍ମ ଯୀଶୁଙ୍କ ଜନ୍ମ ପୂର୍ବରୁ ହୋଇଥିଲା ।

ମନେରଖ

ଏକ ବର୍ଷ ଏବଂ ଏକ ଦଶବ୍ଦି (ଦଶ ବର୍ଷର ଅବଧି) ସହିତ, ଆମେ ପ୍ରାୟତଃ ସମୟର ଲମ୍ବା ଅବଧି ବୁଝିବାପାଇଁ ଅନ୍ୟ ଶବ୍ଦ ବ୍ୟବହାର କରିଥାଉ । ଇତିହାସ ବିଷୟରେ ଜାଣିବା ସମୟରେ ଏଗୁଡ଼ିକ ମଧ୍ୟରୁ ଦୁଇଟି ଶବ୍ଦ ସାଧାରଣତଃ ବ୍ୟବହୃତ ହୁଏ ।

୧. **ଶତାବ୍ଦୀ:** ଏହା ୧୦୦ ବର୍ଷର ଯେକୌଣସି ଅବଧି ଅଟେ । ଇତିହାସରେ ଖ୍ରୀଷ୍ଟାବ୍ଦ ୧ରୁ ଆରମ୍ଭ କରି ପ୍ରତି ୧୦୦ ବର୍ଷରେ ନିର୍ଦ୍ଦିଷ୍ଟ ଶତାବ୍ଦୀ ଗଣନା କରାଯାଏ । ଉଦାହରଣ ସ୍ୱରୂପ, ଆମେ ବର୍ତ୍ତମାନ ଏକବିଂଶ ଶତାବ୍ଦୀରେ ଅଛୁ, ଯାହା ୨୦୦୧ରୁ ୨୧୦୦ ପର୍ଯ୍ୟନ୍ତ ଚାଲିବ ।

ସେହିପରି ଖ୍ରୀଷ୍ଟପୂର୍ବ (BCE) ଶତାବ୍ଦୀ ଗଣନା ନିମନ୍ତେ ପ୍ରଥମ ବର୍ଷ (1BCE) ରୁ ଆରମ୍ଭ କରି ସମୟକ୍ରମରେ ପଛକୁ ପଛ ହିସାବ କରାଯାଏ । ଯଥା ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ନିମନ୍ତେ ଗଣନା କରାଯାଇଥିବା ବର୍ଷଗୁଡ଼ିକ ୩୦୦ BCE ରୁ ୨୦୧ BCE ମଧ୍ୟରେ ସୀମିତ ରହିଥାନ୍ତି ।

୨. **ସହସ୍ରାବ୍ଦ :** ୧୦୦୦ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟସୀମାକୁ ସହସ୍ରାବ୍ଦ କୁହାଯାଏ । ଇତିହାସରେ ଖ୍ରୀଷ୍ଟାବ୍ଦ ୧ ତାରିଖରୁ ପ୍ରତି ୧୦୦୦ ବର୍ଷରେ ନିର୍ଦ୍ଦିଷ୍ଟ ସହସ୍ରାବ୍ଦ ଗଣନା କରାଯାଏ । ଉଦାହରଣ ସ୍ୱରୂପ, ଆମେ ବର୍ତ୍ତମାନ ତୃତୀୟ ସହସ୍ରାବ୍ଦୀରେ ଅଛୁ, ଯାହା ୨୦୦୧ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହୋଇ ୩୦୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଗଣନା କରାଯାଏ । ଖ୍ରୀଷ୍ଟାବ୍ଦ ଶତାବ୍ଦୀ ଭଳି ଖ୍ରୀଷ୍ଟପୂର୍ବ ସହସ୍ରାବ୍ଦ ୧ ଶତାବ୍ଦୀରୁ ଆରମ୍ଭ ହୋଇ ପଛକୁ ଗଣନା କରାଯାଏ । ତେଣୁ ଖ୍ରୀଷ୍ଟପୂର୍ବ ପ୍ରଥମ ସହସ୍ରାବ୍ଦରେ ଖ୍ରୀଷ୍ଟପୂର୍ବ ୧ରୁ ଖ୍ରୀଷ୍ଟପୂର୍ବ ୧୦୦୦ ପର୍ଯ୍ୟନ୍ତ ବର୍ଷ ଅନ୍ତର୍ଭୁକ୍ତ ହୋଇଥାଏ ।

ପୃଷ୍ଠା ୬୨ ଏବଂ ୬୩ (ଚିତ୍ର ୪.୩)ରେ ଦିଆଯାଇଥିବା ସମୟସୀମାରେ, ତୁମେ ଖ୍ରୀଷ୍ଟପୂର୍ବ ଅଷ୍ଟମ ସହସ୍ରାବ୍ଦୀର ପ୍ରାରମ୍ଭକୁ ଚିହ୍ନିତ କରିପାରିବ କି ? (ଟିପ୍ପଣୀ: ଇଂରାଜୀରେ 'ସହସ୍ରାବ୍ଦୀ'ର ବହୁବଚନ ହେଉଛି 'ମିଲେନିୟମ୍ସ' ବା 'ମିଲେନିଆ'; ଉଭୟ ଠିକ୍ ଅଟେ ।)

ଆସ ଅନୁସନ୍ଧାନ କରିବା

୧୯୦୦ ଖ୍ରୀଷ୍ଟାବ୍ଦରୁ ଚଳିତ ବର୍ଷ ପର୍ଯ୍ୟନ୍ତ ଏକ ସମୟରେଖା ପ୍ରସ୍ତୁତ କର ଏବଂ ତୁମ ଜେଜେବାପା, ଜେଜେମାଆ, ବାପାମାଆ, ଭାଇଭଉଣୀ ଏବଂ ତୁମ ଜନ୍ମ ତାରିଖ । ଏହା ବ୍ୟତୀତ ବିଂଶ ଶତାବ୍ଦୀର ଆରମ୍ଭ ହେଉଥିବା ବର୍ଷ ଏବଂ ଶେଷ ହେଉଥିବା ବର୍ଷକୁ ଚିହ୍ନଟ କର ।

ମନେରଖ

ପାରମ୍ପରିକ ଭାବେ ଭାରତରେ କ୍ୟାଲେଣ୍ଡର ଗୁଡ଼ିକ କିପରି ପ୍ରସ୍ତୁତ ହେଉଛି ତୁମେ ଜାଣ କି ? ଅନେକ ଭାରତୀୟ, କ୍ୟାଲେଣ୍ଡର ବର୍ଷର ମାସଗୁଡ଼ିକୁ ନିର୍ଦ୍ଧାରଣ କରିବା ପାଇଁ ସୂର୍ଯ୍ୟ ଏବଂ ଚନ୍ଦ୍ରର ସ୍ଥିତି ଉପରେ ନିର୍ଭର କରନ୍ତି । **ପଞ୍ଚାଙ୍ଗ** କ'ଣ ? ପଞ୍ଚାଙ୍ଗ ବା ପଞ୍ଚ ଅଙ୍ଗ ସଂସ୍କୃତ ଶବ୍ଦରୁ ଉଦ୍ଭୂତ । ଏଠାରେ ପଞ୍ଚ ଶବ୍ଦର ଅର୍ଥ ପାଞ୍ଚ ଏବଂ ଅଙ୍ଗର ଅର୍ଥ ଅଂଶ ବା ଭାଗ। ଯାହାକି, ଗୁରୁତ୍ୱପୂର୍ଣ୍ଣ ଜ୍ୟୋତିଷ ଶାସ୍ତ୍ର ତଥ୍ୟ ପ୍ରଦାନ କରେ । ଏହି ପାଞ୍ଚଟି ଭାଗ ହେଉଛି **ଚନ୍ଦ୍ର ଦିବସ** (ତିଥି), **ଚନ୍ଦ୍ର ଘର** (ନକ୍ଷତ୍ର), **ସପ୍ତାହର ଦିନ** (ବାର), **ଯୋଗ,** ଏବଂ **କରଣ** । ପଞ୍ଚାଙ୍ଗ ହେଉଛି ସାରଣୀର ଏକ ପୁସ୍ତକ ଯେଉଁଥିରେ ସମ୍ପୃକ୍ତ ଜ୍ୟୋତିର୍ବିଜ୍ଞାନୀ ତଥ୍ୟ ସହିତ ପ୍ରତ୍ୟେକ ମାସର ଦିନଗୁଡ଼ିକୁ ତାଲିକାଭୁକ୍ତ କରାଯାଏ । ଉଦାହରଣ ସ୍ୱରୂପ, ଏହା ସୂର୍ଯ୍ୟ ଏବଂ ଚନ୍ଦ୍ରଗ୍ରହଣ, ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ସମୟ ଇତ୍ୟାଦି ଘଟଣାଗୁଡ଼ିକର ସଠିକ୍ ପୂର୍ବାନୁମାନ କରେ। ଭାରତରେ ଏବେ ବି ବହୁଳ ଭାବରେ ବ୍ୟବହୃତ ହେଉଥିବା ପଞ୍ଚାଙ୍ଗଗୁଡ଼ିକ ପ୍ରାୟତଃ ବର୍ଷ, ତାରିଖ ଏବଂ ସମୟ ପାଇଁ ପାଣିପାଗର ପୂର୍ବାନୁମାନ, ପର୍ବପର୍ବାଣୀ, ଏବଂ ଆହୁରି ଅନେକ ତଥ୍ୟ ମଧ୍ୟ ଦେଇଥାଏ ।

ଇତିହାସର ଉତ୍ସଗୁଡ଼ିକ କ'ଣ ?

ଇତିହାସର ଉତ୍ସ (Source of History) : ଏହା ସ୍ଥାନ ବ୍ୟକ୍ତି, କିଛି ଲେଖା କିମ୍ବା ଏକ ବସ୍ତୁ ଯେଉଁଠାରୁ ଆମେ କୌଣସି ଅତୀତର ଘଟଣା କିମ୍ବା ଅବଧି ବିଷୟରେ ସୂଚନା ସଂଗ୍ରହ କରିଥାଉ ।

ଆସ ଅନୁସନ୍ଧାନ କରିବା

ତୁମେ ତୁମ ମା' ଏବଂ ବାପାଙ୍କ ପାଖରୁ ତୁମ ପରିବାରର ଅତି କମରେ ତିନି ପିଢ଼ି ବିଷୟରେ ସୂଚନା ସଂଗ୍ରହ କରିପାରିବ କି ? ତୁମ ବାପା ମାଆ, ଜେଜେ ବାପା, ଜେଜେମା, ଗୋସେଇଁ ଜେଜେମାଆ ଏବଂ ଗୋସେଇଁ ଜେଜେବାପାଙ୍କ ଓ ଜେଜେମା ସହିତ ଏକ ପାରିବାରିକ ବଂଶ ବୃକ୍ଷ ତିଆରି କର । ସେମାନଙ୍କ ନାମ, ଜୀବିକା ପାଇଁ ସେମାନେ କ'ଣ କରିଥିଲେ ଏବଂ କେଉଁଠାରେ ଜନ୍ମ ଗ୍ରହଣ କରିଥିଲେ । ତାହା ଜାଣିବାକୁ ଚେଷ୍ଟାକର ଏଥିସହ ତୁମେ କେଉଁ ସୂତ୍ରରୁ ଏହି ସୂଚନା ପାଇଲ ତାହା ଲେଖ ।

ସମ୍ପର୍କ	ନାମ	ବୃତ୍ତି	ଜନ୍ମସ୍ଥାନ	ସୂଚନାର ଉତ୍ସ
ଜେଜେବାପା-ଜେଜେମା' (ପୈତୃକ)				
ଅଜା-ଆଇ				
ଗୋସେଇଁ ଜେଜେବାପା-ଜେଜେମା				
ଗୋସେଇଁ ଅଜା-ଆଇ (ମାତୃକ)				

ତୁମ ପରିବାରର ଅତୀତ ବିଷୟରେ ତୁମେ କିପରି ବିବରଣୀ ପାଇଲ ? ତୁମେ ଫଟୋଗ୍ରାଫ, ଡାଏରୀ, ପରିଚୟ ପତ୍ର କିମ୍ବା ତୁମ ପିତାମାତା ଏବଂ ସମ୍ପର୍କୀୟଙ୍କ ସ୍ମୃତି ଭଳି ଜିନିଷ ଉପରେ ନିର୍ଭର କରିଛ କି ?

ଏହା ବିଷୟରେ ଚିନ୍ତା କର

ତୁମେ କେବେ ତୁମ ଘର ଭିତରେ ବା ତୁମ ଚାରିପାଖରେ ପୁରୁଣା ମୁଦ୍ରା, ବହି, ପୋଷାକ, ଅଳଙ୍କାର କିମ୍ବା ବାସନକୁସନ ଦେଖିଛ କି ? ଏଭଳି ପୁରୁଣା ଘର କିମ୍ବା କୋଠା ଭଳି ବସ୍ତୁରୁ ଆମେ କେଉଁ ପ୍ରକାରର ସୂଚନା ପାଇପାରିବା ?

ଚିତ୍ର ୪.୩ : ପୁରୁଣା ବାସନ କୁସନ

ପ୍ରତ୍ୟେକ ବସ୍ତୁ ବା ତା'ର ଗଠନର କିଛି କାହାଣୀ ରହିଛି ଯାହାକି, (Jigsaw Puzzle) ଜିଗ୍ସୋ ପଜଲରେ ଏକ ଖଣ୍ଡ ପରି ଅଟେ । ତୁମେ ତୁମ ଘର ଚାରିପାଖରେ ଦେଖୁଥିବା ଜିନିଷଗୁଡ଼ିକ ତୁମ ପରିବାରର ଇତିହାସକୁ ପ୍ରକାଶ କରିଥାଏ । ସେହିଭଳି ଐତିହାସିକ ଘଟଣାଗୁଡ଼ିକୁ ଆମେ ବିଭିନ୍ନ ଉତ୍ସ ମାଧ୍ୟମରେ ଏକାଠି କରିପାରିବା । କିନ୍ତୁ ମନେ ରଖ ଇତିହାସ କ୍ଷେତ୍ରରେ ପଜଲର କିଛି ଖଣ୍ଡ ହଜିଯାଇପାରେ ।

ନିମ୍ନରେ ପ୍ରଦତ୍ତ ଚିତ୍ରକୁ ନିରୀକ୍ଷଣ କର । ଏହା ଇତିହାସର ମୁଖ୍ୟ ଉତ୍ସଗୁଡ଼ିକୁ ଏକାଠି କରିଥାଏ । ତୁମକୁ ଏବେ ସେସବୁକୁ ମନେ ରଖିବାର ଆବଶ୍ୟକତା ନାହିଁ, ଆମେ ପରବର୍ତ୍ତୀ ସମୟରେ

ଜିଗ୍ସୋ ପଜଲ (Jigsaw puzzle) କ'ଣ ?

ଜିଗ୍ସୋ ପଜଲ ହେଉଛି ବିଭିନ୍ନ ଆକାରର ତଥା ପ୍ରକାରର କାଠ ଅଥବା କାର୍ଡବୋର୍ଡର ଅଂଶ ଯାହାକୁ ଏକତ୍ରିତ କରି ଚିତ୍ର କିମ୍ବା ମାନଚିତ୍ର ପ୍ରସ୍ତୁତ କରାଯାଏ ।



ଏଗୁଡ଼ିକ ମଧ୍ୟରୁ କିଛି ଆଲୋଚନା କରିବା । ଯେତେବେଳେ ଐତିହାସିକମାନେ ୧୫୦୦ ବର୍ଷ ପୂର୍ବର ରାଜା ବା ରାଣୀ, ଏକ ପ୍ରାଚୀନ ସ୍ମାରକୀ, ଯୁଦ୍ଧ କିମ୍ବା ବାଣିଜ୍ୟର କିଛି ଜିନିଷ ଉପରେ ଅଧ୍ୟୟନ କରନ୍ତି, ସେମାନେ ଯଥାସମ୍ଭବ ଅଧିକ ଉତ୍ସରୁ ସୂଚନା ସଂଗ୍ରହ ଏବଂ ପରାମର୍ଶ ପାଇଁ ବହୁତ ଯତ୍ନବାନ ହୁଅନ୍ତି । ବେଳେବେଳେ, ଉତ୍ସଗୁଡ଼ିକ ପରସ୍ପରକୁ ନିଶ୍ଚିତ କରନ୍ତି (ଜିଗ୍ସୋ ଖଣ୍ଡଗୁଡ଼ିକ ମେଳ ଖାଉଥିଲେ); ଅନ୍ୟ ସମୟରେ, ଉତ୍ସଗୁଡ଼ିକ ପରସ୍ପର ବିରୋଧୀ ସୂଚନା ଦେଇପାରେ (ଜିଗ୍ସୋ ଖଣ୍ଡଗୁଡ଼ିକ ମେଳ ଖାଉନଥିଲେ) । ଏହି କ୍ଷେତ୍ରରେ ସେମାନେ କେଉଁ ଉତ୍ସ ଉପରେ ଅଧିକ ବିଶ୍ୱାସ କରିପାରିବେ ତାହା ସ୍ଥିର କରିବା ଆବଶ୍ୟକ । ଏହିପରି ସେମାନେ ଅଧ୍ୟୟନ କରୁଥିବା ସମୟର ଇତିହାସକୁ ପୁନଃ ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି ।

ଐତିହାସିକ (Historian): ଜଣେ ବ୍ୟକ୍ତି ଯିଏ ଅତୀତ ବିଷୟରେ ଅଧ୍ୟୟନ କରନ୍ତି ଏବଂ ଲେଖନ୍ତି ।

ଇତିହାସର ଏହିସବୁ ଉତ୍ସରେ କିଏ ଯୋଗଦାନ କରେ ? ଐତିହାସିକମାନେ ନିଜେ, ପ୍ରତ୍ନତତ୍ତ୍ୱବିତ୍, ଏପିଗ୍ରାଫିଷ୍ଟ (ଯେଉଁମାନେ ପ୍ରାଚୀନ ଶିଳାଲେଖ ଅଧ୍ୟୟନ କରନ୍ତି), ନୃତତ୍ତ୍ୱବିତ୍ ବା ସାହିତ୍ୟ ଏବଂ ଭାଷାର ବିଶେଷଜ୍ଞ ଏବଂ ଆହୁରି ଅନେକ ମଧ୍ୟ । ଏହାବ୍ୟତୀତ ଗତ ୫୦ ବର୍ଷ ମଧ୍ୟରେ ବୈଜ୍ଞାନିକ ଅଧ୍ୟୟନ ଅତୀତର ପୁନର୍ଗଠନରେ ଅଧିକରୁ ଅଧିକ ଯୋଗଦାନ ଦେଇ ଆସୁଛି । ଉଦାହରଣ ସ୍ୱରୂପ, ପ୍ରାଚୀନ ଜଳବାୟୁର ଅଧ୍ୟୟନ, ଖନନ ସାମଗ୍ରୀର ରାସାୟନିକ ଅଧ୍ୟୟନ ଏବଂ ପ୍ରାଚୀନ ଲୋକଙ୍କ ବଂଶାନୁକ୍ରମର ଅଧ୍ୟୟନ ଅନେକ ନୂତନ ଜ୍ଞାନ ପ୍ରଦାନ କରିଛନ୍ତି, ଯାହାକି ମୂଳ ଉତ୍ସକୁ ଅଧିକ ପ୍ରତିପାଦିତ କରେ । ଐତିହାସିକମାନେ ଯେତେବେଳେ ସାମ୍ପ୍ରତିକ ଇତିହାସ (ଯାହାର ଅର୍ଥ ସାଧାରଣତଃ ଗତ ଦୁଇ କିମ୍ବା ତିନି ଶତାବ୍ଦୀ) ଅଧ୍ୟୟନ କରନ୍ତି ସେତେବେଳେ ଅନ୍ୟ ଏକ ଉତ୍ସ ହେଉଛି ଖବରକାଗଜ ଏବଂ ଗତ କିଛି ଦଶନ୍ଧି ଧରି ବୈଦ୍ୟୁତିକ ଗଣମାଧ୍ୟମ (ଟେଲିଭିଜନ, ଇଣ୍ଟରନେଟ୍ ଇତ୍ୟାଦି)ର ମଧ୍ୟ ପରାମର୍ଶ ନିଆଯାଇପାରୁଛି ।

ଜେନେଟିକ୍ସ (Genetics): ଜୀବବିଜ୍ଞାନର ଏହି ଶାଖା ଯେଉଁଥିରେ ଉଦ୍ଭିଦ, ପ୍ରାଣୀ କିମ୍ବା ମନୁଷ୍ୟଙ୍କ ଠାରେ କେତେକ ବୈଶିଷ୍ଟ୍ୟ ଓ ବୈଶିଷ୍ଟ୍ୟ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ କିପରି ଯାଇଥାଏ ତାହା ଅଧ୍ୟୟନ କରାଯାଏ ।

ଆସ ଅନୁସନ୍ଧାନ କରିବା

ପରବର୍ତ୍ତୀ ପୃଷ୍ଠାରେ ଇତିହାସର ବିଭିନ୍ନ ଉତ୍ସର କିଛି ଚିତ୍ର ଅଛି । ବସ୍ତୁଗୁଡ଼ିକ କ'ଣ ଏବଂ କାହାକୁ ସୂଚାଏ ବୋଲି ତୁମେ ଭାବୁଛ ? ତୁମେ ଏହି ବସ୍ତୁଗୁଡ଼ିକରୁ ପାଇଥିବା କୌଣସି ଏକ ସୂଚନା ଛବି ପାଖରେ ଥିବା ବାକ୍ସ ଗୁଡ଼ିକରେ ଲେଖ ।

କାର୍ଯ୍ୟଫର୍ଦ୍ଦ



ମାନବ ଇତିହାସର ଆରମ୍ଭ

ବୁଦ୍ଧିମାନ ମଣିଷ (ହୋମୋ ସେପିୟନ୍ସ) ପାଖାପାଖି ୩,୦୦,୦୦୦ (ତିନିଲକ୍ଷ) ବର୍ଷ ଧରି ପୃଥିବୀରେ ଜୀବନ ଧାରଣ କରିଲାଣି । ଏହା ବହୁତ ଲମ୍ବା ସମୟ ବୋଲି ମନେହୁଏ, ତଥାପି ଏହା ପୃଥିବୀ ଇତିହାସର ଏକ କ୍ଷୁଦ୍ର ଅଂଶ ମାତ୍ର । ଆସ ଆମେ, ଆମର ପ୍ରାରମ୍ଭିକ ଇତିହାସ ସଂପର୍କରେ ଜାଣିବା ।

ଚିତ୍ର ୪.୪ : ଆଦିମାନବର କାର୍ଯ୍ୟକାଳ

ଆସ ଅନୁସନ୍ଧାନ କରିବା

ଉପରୋକ୍ତ ଚିତ୍ରରେ (୪.୪), ଏକ ପଥର ଆଶ୍ରୟସ୍ଥଳୀରେ **ଆଦିମାନବର** କିଛି କାର୍ଯ୍ୟକଳାପକୁ ଦେଖ। କେଉଁଗୁଡ଼ିକ ତୁମେ ଚିହ୍ନିପାରୁଛ ? ପ୍ରତ୍ୟେକ ପାଇଁ ଏକ ସଂକ୍ଷିପ୍ତ ବିବରଣୀ ଦିଅ ।

ଆଦିମାନବମାନେ ପ୍ରକୃତିର ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥିଲେ ଏବଂ ପରସ୍ପରକୁ ସାହାଯ୍ୟ କରିବା ପାଇଁ ଦଳରେ କିମ୍ବା ଗୋଷ୍ଠୀରେ ରହୁଥିଲେ । ସେମାନେ ନିରନ୍ତର ଆଶ୍ରୟ ଏବଂ ଖାଦ୍ୟ ସନ୍ଧାନରେଥିଲେ ଏବଂ ମୁଖ୍ୟତଃ ଶିକାରୀ ଏବଂ ସଂଗ୍ରହକାରୀ ଥିଲେ; ଅର୍ଥାତ୍ ସେମାନେ ନିଜେ ବଞ୍ଚିବା ପାଇଁ ଖାଇବା ଯୋଗ୍ୟ ଗଛ ଓ ଫଳ, ଶିକାର ଓ ସଂଗ୍ରହ ଉପରେ ନିର୍ଭର କରୁଥିଲେ । ପ୍ରାକୃତିକ ଉପାଦାନ ବିଷୟରେ ଆମର ପ୍ରାରମ୍ଭିକ ପୂର୍ବପୁରୁଷମାନଙ୍କର କିଛି ବିଶ୍ୱାସ ଥିଲା ଏବଂ ସମ୍ଭବତଃ ପରବର୍ତ୍ତୀ ଜୀବନର କିଛି ଧାରଣା ମଧ୍ୟ ଥିଲା ।

ପରବର୍ତ୍ତୀ ଜୀବନ (Afterlife): ଏକ ଜୀବନ ଯାହା ଆରମ୍ଭ ହୁଏ ମୃତ୍ୟୁ ପରେ ।

ଏହି ଗୋଷ୍ଠୀମାନେ ଅସ୍ଥାୟୀ ଶିବିର, ପଥର ଆଶ୍ରୟସ୍ଥଳୀ କିମ୍ବା ଗୁମ୍ଫାରେ ରହୁଥିଲେ ଏବଂ ବର୍ତ୍ତମାନ ହଜିଯାଇଥିବା ଭାଷା ବ୍ୟବହାର କରି ପରସ୍ପର ସହିତ ଯୋଗାଯୋଗ କରୁଥିଲେ । ସେମାନେ ନିଆଁ ବ୍ୟବହାର କରି ସେମାନଙ୍କ ଜୀବନକୁ ସହଜ କରୁଥିବା ଜିନିଷ ତିଆରି କରିବା ଆରମ୍ଭ କଲେ, ଯେପରିକି ଉନ୍ନତ ପଥର କୁରାଢ଼ୀ, ବ୍ଲେଡ ବା ପାତ ତୀରର ଅଗ୍ରଭାଗ ଏବଂ ଅନ୍ୟାନ୍ୟ ଉପକରଣ। ସମଗ୍ର ବିଶ୍ୱର ଶତାଧିକ ଗୁମ୍ଫାରେ ମିଳୁଥିବା ପଥର ଚିତ୍ରରେ ସେମାନଙ୍କ ଜୀବନର ପ୍ରତିଛବି ତଥା ଦୃଷ୍ଟିକୋଣ ଦୃଶ୍ୟମାନ ହେଉଥିଲା । ସେଥିମଧ୍ୟରୁ କିଛି ଚିତ୍ରରେ ସରଳ ଚିତ୍ର ବା କିଛି ପ୍ରତୀକ ଦର୍ଶାଯାଇଛି ଅନ୍ୟ ଚିତ୍ର ଗୁଡ଼ିକ ଅଧିକ ବିସ୍ତୃତ ଥିଲା ଏବଂ ପଶୁ କିମ୍ବା ମଣିଷଙ୍କ ସହ ଦୃଶ୍ୟକୁ ପରିପ୍ରକାଶ କରୁଥିଲା । ସମୟକ୍ରମେ, ଏହି ଆଦିମ ମଣିଷମାନେ ପଥର କିମ୍ବା ଶାମୁକା, ଶଙ୍ଖ ଆଦି ଓ ପଶୁ ଦାନ୍ତରେ ନିର୍ମିତ ଝୁମୁକା ଭଳି ସରଳ ଅଳଙ୍କାର ତିଆରି କରିବା ଶିଖିଲେ ଏବଂ ବେଳେବେଳେ ସେଗୁଡ଼ିକୁ ଅନ୍ୟ ଗୋଷ୍ଠୀ ସହିତ ମଧ୍ୟ ବିନିମୟ କଲେ।

ପ୍ରଥମ ଫସଲ

ସମୟକ୍ରମେ ପୃଥିବୀର ଜଳବାୟୁରେ ଅନେକ ପରିବର୍ତ୍ତନ ଆସିଛି । ଏକ ନିର୍ଦ୍ଦିଷ୍ଟ ସମୟରେ ଏହା ବହୁତ ଥଣ୍ଡା ଥିଲା ଏବଂ ପୃଥିବୀର ଅଧିକାଂଶ ଅଂଶ ବରଫରେ ଆଚ୍ଛାଦିତ ଥିଲା ସେଥିପାଇଁ ଏହାକୁ 'ବରଫ ଯୁଗ' କୁହାଯାଉଥିଲା । ଏ ବିଷୟରେ ତୁମେ ବିଜ୍ଞାନରେ ଅଧିକ ବିସ୍ତୃତ ଭାବରେ ଶିଖି ପାରିବ। ପରବର୍ତ୍ତୀ ସମୟରେ, ଜଳବାୟୁ ଉତ୍ତପ୍ତ ହେବା ପରେ, ବରଫ ଗୁଡ଼ିକ ଆଂଶିକ ତରଳିଗଲା ଏବଂ ଏହାର ଫଳସ୍ୱରୂପ ରହିଥିବା ନଦୀଗୁଡ଼ିକ ଜଳପୂର୍ଣ୍ଣ ହୋଇ ପ୍ରବାହିତ ହେବା ପରେ ସମୁଦ୍ରରେ ନିଷ୍କାସିତ ହେଲା । ବରଫ ଯୁଗ, ପ୍ରାୟତଃ ଏକ ଲକ୍ଷ ବର୍ଷ ପୂର୍ବରୁ ୧ ଲକ୍ଷ ୨୦୦୦ ବର୍ଷ ମଧ୍ୟରେ ସମାପ୍ତ ହୋଇଥିଲା ।

ପରବର୍ତ୍ତୀ ସମୟରେ ମଣିଷର ଜୀବନଶୈଳୀରେ ଉନ୍ନତି ଘଟିଥିଲା । ପୃଥିବୀର ଅନେକ ସ୍ଥାନରେ ସେମାନେ ବସବାସ କରିବା ସହ ଖାଦ୍ୟଶସ୍ୟ ଚାଷ କରିବା ଆରମ୍ଭ କଲେ। ସେମାନେ ଗାଈଗୋରୁ, ଛେଳି, ମେଣ୍ଢା ଓ ଘୁଷୁରି ଇତ୍ୟାଦି ପଶୁଙ୍କୁ ମଧ୍ୟ ଗୃହରେ ପାଳନ କରୁଥିଲେ । ଅତ୍ୟଧିକ ଖାଦ୍ୟ ଉପଲବ୍ଧ ଥିବାରୁ, ଏହି ଗୋଷ୍ଠୀ ଆକାର ଏବଂ ସଂଖ୍ୟା ବୃଦ୍ଧି ପାଇଥିଲା ଏବଂ ସେମାନେ ପ୍ରାୟତଃ ନଦୀ ନିକଟରେ ବସବାସ କରିବାକୁ ଆଗ୍ରହ ପ୍ରକାଶ କରୁଥିଲେ । ଏହା କେବଳ ଜଳର ଉପଲବ୍ଧତା କାରଣରୁ ନୁହେଁ, ବରଂ ସେଠାରେ ମାଟି ଅଧିକ ଉର୍ବର ଥିବା କାରଣରୁ । ଫଳରେ, ଫସଲ ଚାଷ ପ୍ରକ୍ରିୟା ବିକାଶ କରିବା ସହଜସାଧ୍ୟ ହୋଇପାରିଥିଲା ।

ଆସ ଅନୁସନ୍ଧାନ କରିବା

ପରବର୍ତ୍ତୀ ପୃଷ୍ଠାରୁ ଚିତ୍ରକୁ ଦେଖ। ଏଥିରେ ସହସ୍ରାବ୍ଦୀ ପୂର୍ବର ଏକ କୃଷି ସମ୍ପ୍ରଦାୟକୁ ଦର୍ଶାଯାଇଛି । ଯେଉଁ ମୁଖ୍ୟ କାର୍ଯ୍ୟକଳାପଗୁଡ଼ିକ ତୁମେ ଚିହ୍ନଟ କରିପାରୁଛ, ତାହାକୁ ତାଲିକାଭୁକ୍ତ କର ।



ଚିତ୍ର ୪.୫ : କାର୍ଯ୍ୟରତ ସମସ୍ତ ପୁରୁଷ ଓ ମହିଳା

ଏହା ବିଷୟରେ ଚିନ୍ତା କର

- ପୂର୍ବରୁ ପ୍ରଦର୍ଶିତ ହୋଇଥିବା ପଥରର ଆଶ୍ରୟସ୍ଥଳ ଓ ଏହି ପୃଷ୍ଠାରେ ଦିଆଯାଇଥିବା, ଉଭୟ ଚିତ୍ରରେ ପୁରୁଷ ଏବଂ ମହିଳାମାନଙ୍କର ଏକ ନିର୍ଦ୍ଦିଷ୍ଟ ଭୂମିକାକୁ ଦର୍ଶାଯାଇଅଛି । ଯଦିଓ ଚିତ୍ରରେ ସେମାନଙ୍କ ସ୍ୱାଭାବିକ ଭାବ ପ୍ରତୀୟମାନ ହେଉଛି ତଥାପି ଏହା ପୁରାପୁରି ଠିକ୍ ନୁହେଁ ଓ ଏଠାରେ ସମସ୍ତ ଅବସ୍ଥା ସମ୍ପୂର୍ଣ୍ଣରୂପେ ପ୍ରଦର୍ଶିତ ହୋଇନାହିଁ ।

  ଉଦାହରଣ ସ୍ୱରୂପ, ଏକ ପଥର ଆଶ୍ରୟସ୍ଥଳୀରେ, ମହିଳାମାନେ ପଥରକୁ ରଙ୍ଗ କରିବା ପାଇଁ ରଙ୍ଗ ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥାଇପାରନ୍ତି କିମ୍ବା କିଛି ଚିତ୍ରକଳା କରିଥାଇପାରନ୍ତି । ଉଭୟ ଦୃଶ୍ୟରେ ପୁରୁଷମାନେ କିଛି ରୋଷେଇ କରିଥାଇପାରନ୍ତି କିମ୍ବା ପିଲାମାନଙ୍କର ଯତ୍ନ ନେବାରେ ସାହାଯ୍ୟ କରିଥାଇପାରନ୍ତି ।

- ଆମ ପାଖରେ କେବଳ ସେ ସମୟର ସୀମିତ ସୂଚନା ଉପଲବ୍ଧ ଅଛି । ଏଭଳି ଭୂମିକା ଏବଂ ପରିସ୍ଥିତି ବିଷୟରେ ଚିନ୍ତା କର ଏବଂ ଶ୍ରେଣୀରେ ଆଲୋଚନା କର ।

ଯେତିକି ସଂପ୍ରଦାୟ ବା ଗୋଷ୍ଠୀ ବଢ଼ିବାରେ ଲାଗିଲା, ସେମାନଙ୍କର ସାମାଜିକ ଜଟିଳତା ମଧ୍ୟ ବଢ଼ିବାରେ ଲାଗିଲା । ମୁଖିଆ ବା 'ସର୍ଦ୍ଦାର' ଲୋକଙ୍କ କଲ୍ୟାଣ ପାଇଁ ଉତ୍ତରଦାୟୀ ଥିଲେ ଏବଂ ସମସ୍ତେ ମିଳିତ ଭାବରେ ସମ୍ପ୍ରଦାୟର କଲ୍ୟାଣ ପାଇଁ କାର୍ଯ୍ୟ କରୁଥିଲେ । ଉଦାହରଣ ସ୍ୱରୂପ, ସେ ସମୟରେ ବ୍ୟକ୍ତିଗତ ମାଲିକାନାର କୌଣସି ଭାବନା ନ ଥିଲା । ଚାଷ ଜମିଗୁଡ଼ିକୁ ସାମୁହିକ ଭାବରେ ବୁଣାଯାଇ ଅମଳ କରାଯାଉଥିଲା ।

କଲ୍ୟାଣ (Welfare) : ସ୍ୱାସ୍ଥ୍ୟ, ସମୃଦ୍ଧି ଓ ସୁସ୍ଥତା ।

ସମୟ ବିତିବା ସହ, ବସ୍ତି ବା ପଡ଼ାଗୁଡ଼ିକ ଏକ ବଡ଼ ଗ୍ରାମରେ ପରିଣତ ହେଲା, ଯେଉଁଠାରେ ମୁଖ୍ୟତଃ ଖାଦ୍ୟ, ପୋଷାକ ଏବଂ ଉପକରଣ ଆଦି- ସାମଗ୍ରୀଗୁଡ଼ିକ ବିନିମୟ କରିବାକୁ ଲାଗିପଡ଼ିଲେ । ଧୀରେ ଧୀରେ ସେହି ଗ୍ରାମଗୁଡ଼ିକ ମଧ୍ୟରେ ଯୋଗାଯୋଗ ଏବଂ ବିନିମୟର ସମ୍ପର୍କ ସ୍ଥାପିତ ହେଲା ଏବଂ ସେଥିମଧ୍ୟରୁ କିଛି ଛୋଟ ସହର ପରିଣତ ହେଲା । ନୂତନ ଜ୍ଞାନକୌଶଳ ମଧ୍ୟ ପ୍ରକାଶ ପାଇଲା । ଉଦାହରଣ ସ୍ୱରୂପ ମାଟିକାମ, ପାତ୍ର ଏବଂ ଅନ୍ୟ ମାଟି ସାମଗ୍ରୀ ତିଆରି କରିବା ପାଇଁ; ଏବଂ ଧାତୁର ବ୍ୟବହାର (ପ୍ରଥମେ ତମ୍ବା, ପରେ ଲୁହା), ଯାହା ସ୍ଥାୟୀ ଉପକରଣ, ଦୈନନ୍ଦିନ ବ୍ୟବହୃତ ବସ୍ତୁ ଏବଂ ଅଳଙ୍କାର ତିଆରି କରିବାରେ ସାହାଯ୍ୟ କରିଥିଲା ।

ବସ୍ତି ବା ପଡ଼ା (Hamlet) : ଏକ ଛୋଟ ବସ୍ତି ବା ଛୋଟ ଗାଁ ।

'ସଭ୍ୟତା' ନାମରେ ପରିଚିତ ଏହି ପର୍ଯ୍ୟାୟ କିପରି ସୃଷ୍ଟି ହେଲା ତାହା ଆମେ ଷଷ୍ଠ ଅଧ୍ୟାୟରେ ଦେଖିବା । ବର୍ତ୍ତମାନ ପାଇଁ, ଏହା ମନେ ରଖିବା ଜରୁରୀ ଯେ ମାନବିକତାର ଏହି ପ୍ରାରମ୍ଭିକ ପ୍ରଗତିକୁ ଅନେକ ଆହ୍ୱାନକୁ ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେହି ଜଟିଳ ସମୟରେ ପୂର୍ବରୁ କିଛି ପ୍ରଜାତି ଭଳି ମାନବ ଅସ୍ତିତ୍ୱ ମଧ୍ୟ ପ୍ରାୟ ଲୋପ ପାଇଯାଇଥାନ୍ତା । ଆମେ ସେହି ଆଦିମାନବ ମାନଙ୍କୁ କେବେ ବି ଜାଣିପାରିବୁ ନାହିଁ, ଯାହାର ସାହସ ଏବଂ ନିଷ୍ଠା ପାଇଁ ଆଜି ଆମ ଅସ୍ତିତ୍ୱର ସମ୍ଭବ ହୋଇପାରିଛି ।

ଆମେ କ'ଣ ଶିଖିଲେ...

- → ଆମେ ଆମର ଅତୀତ ବିଷୟରେ ଅଧିକ ଜାଣିବା ପାଇଁ କିଛି ଉପାୟ ଅନୁସନ୍ଧାନ କରିଛୁ । ଏକ ସମୟରେଖା/ ସମୟସୀମାର ଧାରଣା ଆମକୁ ବିଭିନ୍ନ ସମୟରେ ଐତିହାସିକ ଘଟଣାର କ୍ରମକୁ ବୁଝିବାରେ ସାହାଯ୍ୟ କରେ ।
- → ସମୟକୁ ମାପିବାର ଭିନ୍ନ ଭିନ୍ନ ଉପାୟ ଅଛି; ବର୍ଷ, ଦଶବ୍ଦି, ଶତାବ୍ଦୀ, ସହସ୍ରାବ୍ଦୀ ।
- → ଇତିହାସର ଉତ୍ସ ଅନେକ; ସେଗୁଡ଼ିକ ଆମକୁ ଐତିହାସିକ ଘଟଣାଗୁଡ଼ିକର ପୁନଃ ନିର୍ମାଣ ଏବଂ ବ୍ୟାଖ୍ୟା କରିବାରେ ସାହାଯ୍ୟ କରନ୍ତି ।
- → ଆଦି ମାନବମାନଙ୍କ ଜୀବନ ଏବଂ ସମୟ କ୍ରମେ ମାନବ ସମାଜ କିପରି ଅଧିକ ଜଟିଳ ହେଲା ସେ ବିଷୟରେ ମଧ୍ୟ ଆମେ ଏକ ସଂକ୍ଷିପ୍ତ ଅନୁଧ୍ୟାନ କରିଛୁ ।

ପ୍ରଶ୍ନ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ

୧. ଏକ ପ୍ରକଳ୍ପ ଭାବରେ, ତୁମ ପାଖରେ ଥିବା ଇତିହାସର ଉତ୍ସ ବ୍ୟବହାର କରି ତୁମ ପରିବାର (କିମ୍ବା ଯଦି ତୁମେ ଗ୍ରାମରେ ରହୁଚ, ତେବେ ଗ୍ରାମ)ର ଇତିହାସ ଲେଖ । ତୁମ ଶିକ୍ଷକଙ୍କୁ ତୁମକୁ ମାର୍ଗଦର୍ଶନ କରିବାକୁ କୁହ ।

୨. ଆମେ ଐତିହାସିକମାନଙ୍କୁ ଗୁପ୍ତଚରଙ୍କ ସହ ତୁଳନା କରିପାରିବା କି ? କାରଣ ସହ ଉତ୍ତର ଦର୍ଶାଅ ।

୩. ତାରିଖ ସହିତ କିଛି ଅଭ୍ୟାସ କାର୍ଯ୍ୟ:

- ଏହି ତାରିଖଗୁଡ଼ିକୁ ସମୟ ରେଖାରେ କ୍ରମାନ୍ୱୟରେ ରଖନ୍ତୁ; ୩୨୩ ଖ୍ରୀଷ୍ଟାବ୍ଦ, ୩୨୩ ଖ୍ରୀଷ୍ଟପୂର୍ବ, ୧୦୦ ଖ୍ରୀଷ୍ଟାବ୍ଦ, ୧୦୦ ଖ୍ରୀଷ୍ଟପୂର୍ବ, ୧୯୦୦ ଖ୍ରୀଷ୍ଟପୂର୍ବ, ୧୦୯୦ ଖ୍ରୀଷ୍ଟାବ୍ଦ, ୨୦୨୪ ଖ୍ରୀଷ୍ଟାବ୍ଦ ।
- ଯଦି ରାଜା ଚନ୍ଦ୍ରଗୁପ୍ତ ୩୨୦ ଖ୍ରୀଷ୍ଟାବ୍ଦ (C.E)ରେ ଜନ୍ମଗ୍ରହଣ କରିଥାନ୍ତେ, ତେବେ ସେ କେଉଁ ଶତାବ୍ଦୀର ବୋଲି ଗଣାଯାଆନ୍ତି ? ଏବଂ ବୁଦ୍ଧଙ୍କ ଜନ୍ମ ପରେ ଏହା କେତେ ବର୍ଷ ଥିଲା ?
- ଝାନ୍ସୀର ରାଣୀ ୧୮୨୮ ମସିହାରେ ଜନ୍ମଗ୍ରହଣ କରିଥିଲେ । ସେ କେଉଁ ଶତାବ୍ଦୀର ଥିଲେ ? ଭାରତର ସ୍ୱାଧୀନତା ପୂର୍ବରୁ ଏହା କେତେ ବର୍ଷ ଥିଲା ?
- '୧୨,୦୦୦ ବର୍ଷ ପୂର୍ବକୁ' ଏକ ତାରିଖରେ ପରିଣତ କର ।

୪. ନିକଟସ୍ଥ ସଂଗ୍ରହାଳୟ ପରିଦର୍ଶନ ପାଇଁ ଯୋଜନା କର । ସଂଗ୍ରହାଳୟରେ କେଉଁ ପ୍ରକାରର ପ୍ରଦର୍ଶନୀ ରହିଛି ସେ ବିଷୟରେ କିଛି ପୂର୍ବ ଗବେଷଣା ସହିତ ପରିଦର୍ଶନ ପାଇଁ ପ୍ରସ୍ତୁତ କରାଯିବା ଉଚିତ୍ । ଭ୍ରମଣ ସମୟର ଅନୁଭୂତିକୁ ଖାତାରେ ଲେଖ । ପରିଦର୍ଶନ ଏବଂ ପ୍ରଦର୍ଶନୀ ବିଷୟରେ କ'ଣ ଅପ୍ରତ୍ୟାଶିତ / ଆକର୍ଷଣୀୟ / ମଜାଦାର ଥିଲା ତାହା ଉପରେ ଆଲୋକପାତ କରି ପରେ ଏକ ସଂକ୍ଷିପ୍ତ ବିବରଣୀ ଲେଖ ।

୫. ତୁମ ବିଦ୍ୟାଳୟକୁ ଜଣେ ପ୍ରତ୍ନତତ୍ତ୍ୱବିତ୍ କିମ୍ବା ଐତିହାସିକଙ୍କୁ ନିମନ୍ତ୍ରଣ କର ଏବଂ ସେମାନଙ୍କୁ ତୁମ ଅଞ୍ଚଳର ଇତିହାସ ବିଷୟରେ ଏବଂ ଏହା ଜାଣିବା କାହିଁକି ଆବଶ୍ୟକ ଅଟେ, ସେ ବିଷୟରେ କହିବାକୁ କୁହ ।

ଆମ ଲେଖା ଆମ ଚିତ୍ର

ଇଣ୍ଡିଆ, ଅର୍ଥାତ୍ ଭାରତ

ଅଧ୍ୟାୟ ୫

ଭାରତରେ ପ୍ରାରମ୍ଭିକ ସମୟରେ ଆଧ୍ୟାତ୍ମିକ ଏବଂ ସାସ୍କୃତିକ ଏକତା ସମ୍ପୂର୍ଣ୍ଣ ହୋଇଥିଲା ଏବଂ ହିମାଳୟ ଓ ଦୁଇ ସମୁଦ୍ର ମଧ୍ୟରେ ମାନବ ଜାତିର ମହାନ ଉତ୍ଥାନ ଘଟିଥିଲା ।

– ଶ୍ରୀ ଅରବିନ୍ଦ

ଚିତ୍ର ୫.୧ : ପ୍ରାୟ ୨୩୦୦ ବର୍ଷ ପୂର୍ବେ ଗ୍ରାମୀଣ ଭାରତର ଏକ ଦୃଶ୍ୟ (ମହାନ ସାଞ୍ଚି ସ୍ତୁପର ଉତ୍ତର ଦ୍ୱାର)

ଆସ ଚିନ୍ତା କରିବା ?

୧. ଆମେ ଭାରତର ସଂଜ୍ଞା କିପରି ନିରୂପଣ କରିବା ?

୨. ଭାରତର ପ୍ରାଚୀନ ନାମଗୁଡ଼ିକ କ'ଣ ଥିଲା ?



ଚିତ୍ର ୫.୨ । ଭାରତୀୟ ଉପମହାଦେଶର କିଛି ନଦୀ ସହିତ ଏକ ଭୌତିକ ମାନଚିତ୍ର ।

ଆଜି ଆମେ ଜାଣିଛେ ଯେ, ଭାରତ ଏକ ଆଧୁନିକ ରାଷ୍ଟ୍ର, ଯାହାର ନିର୍ଦ୍ଦିଷ୍ଟ ସୀମା, ନିର୍ଦ୍ଦିଷ୍ଟ ରାଜ୍ୟ ସମୂହ ଏବଂ ଏକ ଜ୍ଞାତ ଜନସଂଖ୍ୟା ରହିଛି । ତେବେ, ୫୦୦ ବର୍ଷ ପୂର୍ବେ, ୨୦୦୦ ବର୍ଷ ପୂର୍ବେ କିମ୍ବା ୫୦୦୦ ବର୍ଷ ପୂର୍ବେ, ଏହା ଅଧିକନ୍ତୁ ଭିନ୍ନ ଥିଲା । ପୃଥିବୀର ଏହି ଅଞ୍ଚଳ, ଯାହାକୁ ଆମେ ପ୍ରାୟତଃ 'ଭାରତୀୟ ଉପମହାଦେଶ' ବୋଲି କହିଥାଉ, ଏହାର ଅନେକ ଭିନ୍ନ ଭିନ୍ନ ନାମ ରହିଛି ଏବଂ ସୀମା ପରିବର୍ତ୍ତନ ହୋଇଛି । ଭାରତର ଅତୀତ ଓ ବିକାଶ ବିଷୟରେ ଆମେ ବିଭିନ୍ନ ସୂତ୍ରରୁ ଜାଣିପାରିବା । ତେବେ ଆସ ଆମ ଦେଶ ଭାରତକୁ ଭଲ ଭାବରେ ଜାଣିବା ।

ଏହା ବିଷୟରେ ଚିନ୍ତା କର

ଅଧ୍ୟାୟ ଆରମ୍ଭରେ ଭାରତୀୟ ଉପମହାଦେଶର ଭୌତିକ ମାନଚିତ୍ର ଉପରେ ବିଚାର କରାଯାଉ । ଏହାର ପ୍ରାକୃତିକ ସୀମାଗୁଡ଼ିକ କ'ଣ ଯାହା ତୁମେ ତିଆରି କରିପାରିବ ?

ଇତିହାସ କ୍ରମରେ, ଏହାର ଅଧିବାସୀ ଏବଂ ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କ ଦ୍ୱାରା ଭାରତକୁ ଅନେକ ନାମରେ ନାମିତ କରାଯାଇଥିଲା । ଯାହା ଆମେ ପ୍ରାଚୀନ ଗ୍ରନ୍ଥ, ପରିବ୍ରାଜକ ଓ ତୀର୍ଥଯାତ୍ରୀଙ୍କ ବିବରଣୀ ଏବଂ ଶିଳାଲେଖରୁ ଜାଣିପାରିବା ।

ଅଧିବାସୀ (Inhabitants) : ଯେଉଁମାନେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସବାସ କରନ୍ତି ।

ଭାରତୀୟମାନେ କିପରି ଭାରତର ନାମ କରଣ କରିଥିଲେ ?

ଋକ୍ ବେଦ ହେଉଛି ଭାରତର ସବୁଠାରୁ ପ୍ରାଚୀନ ଗ୍ରନ୍ଥ । ଏହା ଅନେକ ହଜାର ବର୍ଷ ପୁରୁଣା, ଯାହାକୁ ଆମେ ସପ୍ତମ ଅଧ୍ୟାୟରେ ପଢ଼ିବା । ଏହା ଉପମହାଦେଶର ଉତ୍ତର-ପଶ୍ଚିମ ଅଞ୍ଚଳର 'ସପ୍ତ ସିନ୍ଧବ' ଅର୍ଥାତ୍ 'ସାତଟି ନଦୀର ଭୂମି' ବୋଲି ନାମିତ କରାଯାଇଛି । 'ସିନ୍ଧବ' ଶବ୍ଦ 'ସିନ୍ଧୁ'ରୁ ଆସିଛି, ଯାହା ସିନ୍ଧୁ ନଦୀକୁ ବୁଝାଏ, କିମ୍ବା ବେଳେବେଳେ ସାଧାରଣତଃ କୌଣସି ଏକ ନଦୀକୁ ବୁଝାଏ ।



ଚିତ୍ର ୫.୩ । ଭାରତୀୟ ଉପମହାଦେଶର ଉତ୍ତର-ପଶ୍ଚିମ ଅଞ୍ଚଳ

ସମୟ ସହିତ ଆଗକୁ ବଢ଼ିଲେ ସାହିତ୍ୟରେ ଭାରତର ଅନ୍ୟାନ୍ୟ ଅଞ୍ଚଳର ନାମ ଦେଖିବାକୁ ମିଳେ । ମହାଭାରତ ଭାରତର ଅନ୍ୟତମ ପ୍ରସିଦ୍ଧ ଗ୍ରନ୍ଥ (ଆମେ 'ଆମ ସାଂସ୍କୃତିକ ଐତିହ୍ୟ ଏବଂ ଜ୍ଞାନ ପରମ୍ପରା' ବିଷୟବସ୍ତୁରେ ଏହି ବିଷୟରେ ପଢ଼ିବା) । ଆଶ୍ଚର୍ଯ୍ୟର କଥା ହେଉଛି, ଏଥିରେ କାଶ୍ମୀର (ପ୍ରାୟ ଆଜିର କାଶ୍ମୀର), କୁରୁକ୍ଷେତ୍ର (ଆଜି ହରିୟାଣାର କିଛି ଅଂଶ), ବଙ୍ଗ (ବଙ୍ଗଳାର କିଛି ଅଂଶ), ପ୍ରାଗ୍ ଜ୍ୟୋତିଷ (ପ୍ରାୟ ଆଜିର ଆସାମ), କଚ୍ଛ (ଆଜିର କୁଚ୍ଛ), କେରଳ (ପ୍ରାୟତଃ ଆଜିର କେରଳ) ଇତ୍ୟାଦି ଅନେକ ଅଞ୍ଚଳକୁ ତାଲିକାଭୁକ୍ତ କରାଯାଇଛି ।

ଆସ ଅନୁସନ୍ଧାନ କରିବା

ତୁମେ, ପୃଷ୍ଠା ୮୧ ପୃଷ୍ଠା (ଚିତ୍ର ୫.୪) ମାନଚିତ୍ରରେ ଦିଆଯାଇଥିବା କୌଣସି ଅଞ୍ଚଳର ନାମ ଚିହ୍ନି ପାରିବ କି ? ଯାହା ବିଷୟରେ ତୁମେ ଶୁଣିଛ ସେଗୁଡ଼ିକ ତାଲିକା ପ୍ରସ୍ତୁତ କର ।

କିନ୍ତୁ ଆମେ ସମଗ୍ର ଭାରତୀୟ ଉପମହାଦେଶର ନାମ କେବେ ଜାଣିପାରିଲୁ ? ଯେହେତୁ ପ୍ରାଚୀନ ଭାରତୀୟ ଗ୍ରନ୍ଥଗୁଡ଼ିକର ସମୟ ନିର୍ଦ୍ଧାରଣ କଷ୍ଟକର, ଏହାର ଉତ୍ତର ଦେବା ସହଜ ନୁହେଁ । ମହାଭାରତରେ ଏହାକୁ 'ଭାରତବର୍ଷ' ଓ 'ଜମ୍ବୁଦ୍ୱୀପ' ଭାବରେ ନାମିତ କରାଯାଇଛି ଏବଂ ପଣ୍ଡିତମାନେ ସାଧାରଣତଃ ସହମତ ହୁଅନ୍ତି ଯେ ଏହି ମହାକାବ୍ୟ ଖ୍ରୀଷ୍ଟପୂର୍ବରେ ରଚନା କରାଯାଇଥିଲା ।

ପ୍ରଥମ ଶବ୍ଦ 'ଭାରତବର୍ଷ' ସ୍ପଷ୍ଟ ଭାବରେ ସମଗ୍ର ଉପମହାଦେଶ ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି ଏବଂ ଏହି ଶାସ୍ତ୍ରରେ ଅନେକ ନଦୀ ଏବଂ ଲୋକଙ୍କ ନାମ ବର୍ଣ୍ଣିତ ହୋଇଛି । 'ଭାରତବର୍ଷ'ର ଅର୍ଥ ହେଉଛି 'ଭରତଙ୍କ ଦେଶ' । 'ଭରତ' ହେଉଛି ଏକ ନାମ ଯାହା ପ୍ରଥମେ ଋକ୍‌ବେଦରେ ଉଲ୍ଲେଖିତ ଯାହା ଏକ ମୁଖ୍ୟ ବୈଦିକ ଗୋଷ୍ଠୀର ଲୋକଙ୍କୁ ସୂଚୀତ କରେ । ପରବର୍ତ୍ତୀ ସାହିତ୍ୟରେ 'ଭରତ' ନାମରେ ଅନେକ ରାଜାଙ୍କ ନାମ ଉଲ୍ଲେଖ ରହିଛି ।

ଦ୍ୱିତୀୟ ଶବ୍ଦ 'ଜମ୍ବୁଦ୍ୱୀପ'ର ଅର୍ଥ ହେଉଛି, 'ଜାମୁ-କୋଳି ଗଛର ଦ୍ୱୀପ' । ଏହା ପ୍ରକୃତରେ ଭାରତର ଏକ ସାଧାରଣ ବୃକ୍ଷ, ଯାହାକୁ 'ଜମ୍ବୁଲ ଗଛ', 'ମାଲାବାର ଗଛ' ଇତ୍ୟାଦି ମଧ୍ୟ କୁହଯାଏ ।

'ଜମ୍ବୁଦ୍ୱୀପ' ଅର୍ଥ ଭାରତୀୟ ଉପମହାଦେଶକୁ ଅବିହିତ କରାଯାଇଥିଲା ।

ବାସ୍ତବରେ, ଆମେ ଜଣେ ଭାରତୀୟ ସମ୍ରାଟଙ୍କଠାରୁ ଏକ ଭଲ ସୂତ୍ର ପାଇଥାଉ- ତାଙ୍କ ନାମ ଅଶୋକ ଏବଂ ଆମେ ତାଙ୍କ ବିଷୟରେ ପରେ ଜାଣିବା, ବର୍ତ୍ତମାନ ପାଇଁ, ଆମେ ତାଙ୍କ ତାରିଖକୁ ପ୍ରାୟ ଖ୍ରୀଷ୍ଟପୂର୍ବ ୨୫୦ ପର୍ଯ୍ୟନ୍ତ ନେଇପାରିବା ସେ ଛାଡ଼ିଯାଇଥିବା ଅନେକ ଶିଳାଲିପି ମଧ୍ୟରୁ ଗୋଟିଏ ଶିଳାଲିପିରେ 'ଭାରତବର୍ଷ'କୁ ବର୍ଣ୍ଣନା କରିବା ପାଇଁ ସମାନ ନାମ 'ଜମ୍ବୁଦ୍ୱୀପ' ବ୍ୟବହାର କରିଥିଲେ, ଯେଉଁଥିରେ ସେତେବେଳେ ବାଂଲାଦେଶ ପାକିସ୍ତାନ ଏବଂ ଆଫଗାନିସ୍ତାନର କିଛି ଅଂଶ ସାମିଲ ଥିଲା ।



ଚିତ୍ର ୫.୪ । ମହାଭାରତରେ ତାଲିକାଭୁକ୍ତ କେତେକ ଅଞ୍ଚଳର ମାନଚିତ୍ର । (ସେଗୁଡ଼ିକ ମଧ୍ୟରୁ ଅନେକଙ୍କୁ ରାଜ୍ୟ ଭାବରେ ପାଠରେ ଉଲ୍ଲେଖ କରାଯାଇଛି । ତୁମକୁ ସେହି ଅଞ୍ଚଳଗୁଡ଼ିକୁ ମନେ ରଖିବାର ଆବଶ୍ୟକତା ନାହିଁ, କିନ୍ତୁ ଧ୍ୟାନ ଦିଅ ଯେ ସେମାନେ ଉପମହାଦେଶର ସମ୍ପୂର୍ଣ୍ଣ ଭୂଗୋଳକୁ କିପରି ଅନ୍ତର୍ଭୁକ୍ତ କରନ୍ତି ।

ଏହାର କିଛି ଶତାବ୍ଦୀ ପରେ ଭାରତୀୟ ଉପମହାଦେଶ ପାଇଁ ସାଧାରଣତଃ ବ୍ୟବହୃତ ନାମ ହେଲା 'ଭାରତ' । ଉଦାହରଣ ସ୍ୱରୂପ, ବିଷ୍ଣୁ ପୁରାଣ ନାମକ ଏକ ପ୍ରାଚୀନ ଗ୍ରନ୍ଥରେ ଆମେ ଏ ବିଷୟରେ ଯାହା ପଢ଼ିଥାଉ, ତାହା ନିମ୍ନରେ ଉଲ୍ଲେଖ କରାଯାଇଛି ।



ଏହି ନାମ 'ଭାରତ' ଆଜି ମଧ୍ୟ ବ୍ୟବହୃତ ହେଉଛି । ଉତ୍ତର ଭାରତରେ ଏହାକୁ ସାଧାରଣତଃ 'ଭାରତ' ନାମରେ ଲେଖାଯାଇଥିବା ବେଳେ ଦକ୍ଷିଣ ଭାରତରେ ଏହାକୁ ପ୍ରାୟତଃ 'ଭାରତମ୍' ଭାବରେ ଲେଖାଯାଏ ।

ଏହା ବିଷୟରେ ଚିନ୍ତା କର

ତୁମେ ହିମାଳୟକୁ ଚିହ୍ନଟ କରିଛ କି ? ଭାରତର ଏହି ସଂକ୍ଷିପ୍ତ ବର୍ଣ୍ଣନା ଠିକ୍ ବୋଲି ତୁମେ ଭାବୁଛ କି ?

କୌତୁହଳ ବିଷୟ ଏହି କି ଯେ, ଦେଶର ବିଭିନ୍ନ ସ୍ଥାନରେ ଭାରତ ପାଇଁ ସମାନ ସଂଜ୍ଞା ଅବଲମ୍ବନ କରାଯାଇଛି । ଉଦାହରଣ ସ୍ୱରୂପ ପ୍ରାୟ ୨୦୦୦ ବର୍ଷ ପୂର୍ବେ ପ୍ରାଚୀନ ତାମିଲ ସାହିତ୍ୟର ଏକ କବିତା, ଜଣେ ରାଜାଙ୍କ ପ୍ରଶଂସାରେ ରଚିତ ହୋଇଥିଲା । ଯାହାଙ୍କ ନାମ "ଦକ୍ଷିଣରେ କୁମାରୀ ଅନ୍ତରୀପ (କେପ୍) ଠାରୁ, ଉତ୍ତରରେ ଥିବା ମହାନ ପର୍ବତ ସହିତ ପୂର୍ବ ଏବଂ ପଶ୍ଚିମରେ ଥିବା ସମୁଦ୍ର" ଯାଏଁ ଖ୍ୟାତ ଥିଲେ । ଏବେ ତୁମେ ଉତ୍ତରରେ ଥିବା ମହାନ ପର୍ବତକୁ ଚିହ୍ନିପାରିବ ଏବଂ 'କୁମାରୀ' ଅନ୍ତରୀପକୁ ଚିହ୍ନିବା କଷ୍ଟକର ହେବ ନାହିଁ । ଏହିପରି ଲାଗୁଛି ଯେ, ପ୍ରାଚୀନ ଭାରତୀୟମାନେ ସେମାନଙ୍କ ଭୂଗୋଳକୁ ଭଲ ଭାବରେ ଜାଣିଥିଲେ ।

ମନେରଖ

ଆମ ଭାରତର ସମ୍ବିଧାନ ପ୍ରଥମେ ଇଂରାଜୀରେ ଲେଖାଯାଇଥିଲା । ଯାହାର ଆରମ୍ଭରେ 'ଇଣ୍ଡିଆ, ଅର୍ଥାତ୍ ଭାରତ' ଶବ୍ଦ ବ୍ୟବହାର କାରାଯାଇଛି । ସେହିଭଳି ସମ୍ବିଧାନର ହିନ୍ଦୀ ସଂସ୍କରଣରେ ମଧ୍ୟ ଏହା 'ଭାରତ ଅର୍ଥାତ୍ ଇଣ୍ଡିଆ' ବୋଲି ଉଲ୍ଲେଖ କରାଯାଇଛି ।

ଆସ ଅନୁସନ୍ଧାନ କରିବା

ଚିତ୍ର ୫.୫ (ପୃଷ୍ଠା ୮୪)ରେ ଥିବା ମୂଳ ସମ୍ବିଧାନର ପ୍ରଥମ ପୃଷ୍ଠାର ଏହି ପୁନଃପ୍ରକାଶନରେ ତୁମେ 'ଇଣ୍ଡିଆ, ଅର୍ଥାତ୍ ଭାରତ' ଶବ୍ଦ ବାହାର କରିପାରିବ କି ?

ସମ୍ବିଧାନ (Constitution): ଏକ ଦସ୍ତାବିଜ ଯେଉଁଥିରେ ମୌଳିକ ସିଦ୍ଧାନ୍ତ ଏବଂ ଏକ ରାଷ୍ଟ୍ରର ନିୟମଗୁଡ଼ିକୁ ବର୍ଣ୍ଣନା କରାଯାଇଛି । ସପ୍ତମ ଶ୍ରେଣୀରେ ପଢ଼ାଯାଉଥିବା ଭାରତୀୟ ସମ୍ବିଧାନ ୧୯୫୦ ମସିହାରେ କାର୍ଯ୍ୟକାରୀ ହୋଇଥିଲା ।

ବିଦେଶୀମାନେ ଭାରତର ନାମକରଣ କିପରି କଲେ ?

ପ୍ରଥମ ବିଦେଶୀମାନେ ଯିଏ ଭାରତ ବିଷୟରେ ଉଲ୍ଲେଖ କରିଥିଲେ ସେମାନେ ହେଲେ ପାର୍ସୀ ଏବଂ ଇରାନର ପ୍ରାଚୀନ ବାସିନ୍ଦା ଥିଲେ । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଜଣେ ପାର୍ସୀ ସମ୍ରାଟ ସାମରିକ ଅଭିଯାନ ଆରମ୍ଭ କରି ସିନ୍ଧୁ ନଦୀର ଅଞ୍ଚଳ ନିଜ ନିୟନ୍ତ୍ରଣକୁ ନେଇଥିଲେ, ଯାହାକୁ ପୂର୍ବରୁ ସିନ୍ଧୁ କୁହାଯାଉଥିଲା । ତେଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ ସେମାନଙ୍କର ପ୍ରାରମ୍ଭିକ ରେକର୍ଡ ବା ଅଭିଲେଖ ଏବଂ ପଥର ଶିଳାଲେଖରେ ପାରସୀମାନେ ଭାରତକୁ 'ହିନ୍ଦ', 'ହିନ୍ଦୁ' କିମ୍ବା 'ହିନ୍ଦୁ' ବୋଲି ସମ୍ବୋଧିତ କରିଥିଲେ, ଯାହା କି ତାଙ୍କ ଭାଷାରେ 'ସିନ୍ଧୁ'ର ରୂପାନ୍ତରଣ ମାତ୍ର । (ମନେରଖ ଯେ ପ୍ରାଚୀନ ପାରସୀ ଭାଷାରେ 'ହିନ୍ଦୁ' ଏକ ସମ୍ପୂର୍ଣ୍ଣ ଭୌଗୋଳିକ ଶବ୍ଦ, ଏହା ଏଠାରେ ହିନ୍ଦୁ ଧର୍ମକୁ ସୂଚିତ କରେ ନାହିଁ ।)

ଏହି ପାରସୀ ସୂତ୍ରକୁ ଆଧାର କରି ପ୍ରାଚୀନ ଗ୍ରୀକ୍‌ମାନେ ଏହି ଅଞ୍ଚଳର ନାମ 'ଇଣ୍ଡୋଇ' ବା 'ଇଣ୍ଡିକେ' ରଖିଥିଲେ । ଏହି ଅକ୍ଷର ସେମାନଙ୍କ ଗ୍ରୀକ୍ ଭାଷାରେ ନ ଥିବାରୁ ସେମାନେ 'ହିନ୍ଦୁ'ର ପ୍ରାରମ୍ଭିକ ଅକ୍ଷର 'ହ' ଛାଡ଼ି ଦେଇଥିଲେ ।

ସିନ୍ଧୁ → ହିନ୍ଦୁ → ଇଣ୍ଡୋଇ/ଇଣ୍ଡିକେ

ପ୍ରାଚୀନ ଚୀନ୍ ମଧ୍ୟ ଭାରତ ସହ ସଂଯୁକ୍ତ ଥିଲା । ଅନେକ ଗ୍ରନ୍ଥରେ ସେମାନେ ଭାରତକୁ 'ୟିଣ୍ଡୁ' ବା 'ୟିନ୍ଦୁ' ବୋଲି ସମ୍ବୋଧିତ କରିଛନ୍ତି । ଏହି ଶବ୍ଦଟି ମଧ୍ୟ ନିମ୍ନଲିଖିତ ଢଙ୍ଗରେ 'ସିନ୍ଧୁ'ରୁ ଆସିଛି ।

ସିନ୍ଧୁ → ହିନ୍ଦୁ → ଇନ୍ଦୁ → ୟିନ୍ଦୁ



Part I

The Union and its Territory

Name and territory of the Union.

1. (1) India, that is Bharat, shall be a Union of States.

(2) The States and the territories thereof shall be the States and their territories specified in Parts A, B and C of the First Schedule.

(3) The territory of India shall comprise—

(a) the territories of the States;

(b) the territories specified in Part D of the First Schedule; and

(c) such other territories as may be acquired.

Admission or establishment of new States.

2. Parliament may by law admit into the Union, or establish, new States on such terms and conditions as it thinks fit.

Formation of new States and alteration of areas, boundaries or names of existing States.

3. Parliament may by law —

(a) form a new State by separation of territory from any State or by uniting two or more States or parts of States or by uniting any territory to a part of any State;

(b) increase the area of any State;

(c) diminish the area of any State;

(d) alter the boundaries of any State;

(e) alter the name of any State:

Provided that no Bill for the purpose shall be introduced in either House of Parliament except on the recommendation of the President and unless, where the proposal contained in the Bill affects

1

ଚିତ୍ର ୫.୫ । ଭାରତୀୟ ସମ୍ବିଧାନର ପ୍ରଥମ ପୃଷ୍ଠା (ଉତ୍ସ: ଭାରତର ମୂଳ ସମ୍ବିଧାନର ପୁନଃମୁଦ୍ରଣ, ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାର, ୨୦୦୦)

ମନେରଖ

ଜୁଆନଜାଙ୍ଗ (ପୂର୍ବରୁ ହୁଏନ୍ ସାଙ୍ଗ, ସୁଆନ୍ ସାଙ୍ଗ ଇତ୍ୟାଦି କୁହାଯାଏ) ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ଚୀନରୁ ଭାରତକୁ ଯାତ୍ରା କରିଥିଲେ । ସେ ଭାରତରେ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ, ପଣ୍ଡିତମାନଙ୍କୁ ଭେଟିଥିଲେ, ବୌଦ୍ଧ ପୁସ୍ତକ ସଂଗ୍ରହ କରିଥିଲେ ଏବଂ ୧୭ ବର୍ଷ ପରେ ଚୀନକୁ ଫେରିଥିଲେ । ସେଠାରେ ସେ ନିଜ ସହ ନେଇଥିବା ପାଣ୍ଡୁଲିପିଗୁଡ଼ିକୁ ସଂସ୍କୃତରୁ ଚାଇନିଜ୍ ଭାଷାରେ ଅନୁବାଦ କରିଥିଲେ । ଶତାବ୍ଦୀ ଶତାବ୍ଦୀ ଧରି ଚୀନ୍‌ର ଅନେକ ପଣ୍ଡିତ ମାନେ ଭାରତ ଗସ୍ତରେ ଆସିଥିଲେ ।

ଚିତ୍ର ୫.୬ : ଜୁଆନଜାଙ୍ଗ

ଆଉ ଏକ ଚାଇନିଜ୍ ଶବ୍ଦ, ଯାହା 'ସିନ୍ଧୁ'ରୁ ମଧ୍ୟ ଉତ୍ପନ୍ନ ହୋଇଛି, ତାହା ହେଲା 'ତିଆନ୍‌ଟୁ' କିନ୍ତୁ ଏହି ଶବ୍ଦକୁ 'ଦିବ୍ୟ ଗୁରୁ' ଭାବରେ ମଧ୍ୟ ବୁଝାଯାଇପାରେ। ବୁଦ୍ଧଙ୍କ ଦେଶ ଭାବରେ ଭାରତ ପ୍ରତି ପ୍ରାଚୀନ ଚୀନର ସମ୍ମାନ ଏହି ଶବ୍ଦରୁ ପ୍ରତିଫଳିତ ହୁଏ ।

ତୁମେ ବୋଧହୁଏ 'ହିନ୍ଦୁସ୍ତାନ' ନାମକ ଏକ ଶବ୍ଦ ସହିତ ବେଶ୍ ପରିଚିତ, କିନ୍ତୁ ତୁମେ ଜାଣି ନଥିବ ଯେ ଏହା ପ୍ରାୟ ୧୮୦୦ ବର୍ଷ ପୂର୍ବେ ଏକ ପାର୍ସି ଶିଳାଲେଖରେ ପ୍ରଥମେ ବ୍ୟବହୃତ ହୋଇଥିଲା । ପରବର୍ତ୍ତୀ ସମୟରେ ଭାରତୀୟ ଉପମହାଦେଶକୁ ବର୍ଣ୍ଣନା କରିବା ପାଇଁ ଭାରତର ଅଧିକାଂଶ ଆକ୍ରମଣକାରୀ ଏହି ଶବ୍ଦ ବ୍ୟବହାର କରିଥିଲେ ।

ଆସ ଅନୁସନ୍ଧାନ କରିବା

ବିଭିନ୍ନ ଭାଷା ଅନୁସାରେ ଭାରତର ବିଭିନ୍ନ ନାମ ଲେଖି ଏହି ସାରଣୀକୁ ତୁମେ ସମ୍ପୂର୍ଣ୍ଣ କରିପାରିବ କି ?

ପର୍ସିଆନ	
ଗ୍ରୀକ	
ଲାଟିନ୍	ଇଣ୍ଡିଆ
ଚାଇନିଜ	
ଆରବୀ ଓ ପାର୍ସି	
ଇଂରାଜୀ	ଇଣ୍ଡିଆ
ଫ୍ରେଞ୍ଚ	ଇଣ୍ଡେ

ଆମେ କ'ଣ ଶିଖିଲେ...

→ ଭାରତ ଏକ ପ୍ରାଚୀନ ଭୂମି, ଯାହାର ଇତିହାସରେ ଅନେକ ନାମ ରହିଛି ।

→ ଭାରତର ପ୍ରାଚୀନ ଅଧିବାସୀମାନଙ୍କ ଦ୍ୱାରା ଦିଆଯାଇଥିବା ନାମଗୁଡ଼ିକ ହେଲା 'ଜମ୍ବୁଦ୍ୱୀପ' ଏବଂ 'ଭାରତ' ଅନ୍ତର୍ଭୁକ୍ତ । ପରବର୍ତ୍ତୀ ସମୟରେ ଏହା ବ୍ୟାପକ ହୋଇଥିଲା ଏବଂ ଅଧିକାଂଶ ଭାରତୀୟ ଭାଷାରେ ଏହାର ନାମ ଭାରତ ଅଟେ ।

→ ଭାରତକୁ ଆସୁଥିବା ବିଦେଶୀ ପର୍ଯ୍ୟଟକ ଓ ଆକ୍ରମଣକାରୀମାନେ ମୁଖ୍ୟତଃ ସିନ୍ଧୁ ବା ଇଣ୍ଡୁ ନଦୀରୁ ଉତ୍ପନ୍ନ ନାମ ଗ୍ରହଣ କରିଥିଲେ, ଫଳରେ 'ହିନ୍ଦୁ', 'ଇଣ୍ଡୋଇ' ଏବଂ ଶେଷରେ 'ଇଣ୍ଡିଆ' ଭଳି ନାମ ପ୍ରକାଶ ପାଇଥିଲା ।

ପ୍ରଶ୍ନ, ଅଭ୍ୟାସକାର୍ଯ୍ୟ ଏବଂ ପ୍ରକଳ୍ପ

୧. ଅଧ୍ୟାୟ ଆରମ୍ଭରେ ଥିବା ଉଦ୍ଧୃତି (quotation) ଅର୍ଥ କ'ଣ ହୋଇପାରେ ସେ ବିଷୟରେ ଆଲୋଚନା କର ।

୨. 'ଭୁଲ୍' କିମ୍ବା 'ଠିକ୍' ଲେଖ ।

→ ଋକ୍‌ବେଦରେ ଭାରତର ସମଗ୍ର ଭୂଗୋଳ ବିଷୟରେ ବର୍ଣ୍ଣନା କରାଯାଇଛି ।

→ ବିଷ୍ଣୁପୁରାଣରେ ସମଗ୍ର ଉପମହାଦେଶର ବର୍ଣ୍ଣନା କରାଯାଇଛି ।

→ ଅଶୋକଙ୍କ ସମୟରେ 'ଜମ୍ବୁଦ୍ୱୀପ'ରେ ଆଜିର ଭାରତ, ଆଫଗାନିସ୍ତାନର କିଛି ଅଂଶ, ବାଂଲାଦେଶ ଏବଂ ପାକିସ୍ତାନର କିଛି ଅଂଶ ଅନ୍ତର୍ଭୁକ୍ତ ଥିଲା ।

→ ମହାଭାରତରେ କାଶ୍ମୀର, କଚ୍ଛ ଓ କେରଳ ସମେତ ଅନେକ ଅଞ୍ଚଳର ତାଲିକା ରହିଛି ।

→ 'ହିନ୍ଦୁସ୍ତାନ' ଶବ୍ଦଟି ୨୦୦୦ ବର୍ଷ ପୂର୍ବେ ଏକ ଗ୍ରୀକ୍ ଶିଳାଲେଖରେ ପ୍ରଥମେ ଉଲ୍ଲେଖ କରାଯାଇଥିଲା ।

→ ପ୍ରାଚୀନ ପାରସୀ ଭାଷାରେ 'ହିନ୍ଦୁ' ଶବ୍ଦ ହିନ୍ଦୁ ଧର୍ମକୁ ବୁଝାଏ ।

→ ବିଦେଶୀ ପର୍ଯ୍ୟଟକମାନେ ଭାରତକୁ ଦେଇଥିବା ଏକ ନାମ ହେଉଛି 'ଭାରତ' ।

୩. ଯଦି ତୁମେ ପ୍ରାୟ ୨,୦୦୦ ବର୍ଷ ପୂର୍ବେ ଜନ୍ମଗ୍ରହଣ କରିଥାନ୍ତ ଏବଂ ଆମ ଦେଶର ନାମ ରଖିବାର ସୁଯୋଗ ପାଇଥାନ୍ତ, ତେବେ ତୁମେ କେଉଁ ନାମ ଚୟନ କରିଥାନ୍ତ ଏବଂ କାହିଁକି ? ତୁମ କଳ୍ପନାର ବ୍ୟବହାର କର ।

୪. ପ୍ରାଚୀନ କାଳରେ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଲୋକମାନେ ଭାରତକୁ କାହିଁକି ଯାତ୍ରା କରୁଥିଲେ ? ଏତେ ଲମ୍ବା ଯାତ୍ରା କରିବାରେ ସେମାନଙ୍କର ପ୍ରେରଣା କ'ଣ ହୋଇପାରେ ? (ସୂଚନା: ଅତି କମ୍‌ରେ ଚାରି କିମ୍ବା ପାଞ୍ଚଟି ଅଭିପ୍ରେରଣା ହୋଇପାରେ)

(i).....

(ii).....

(iii).....

(iv).....

(v).....

ଭାରତୀୟ ସଭ୍ୟତାର ପ୍ରାରମ୍ଭ

ଅଧ୍ୟାୟ ୬

"ହରପ୍ପା, ସିନ୍ଧୁ ବା ସିନ୍ଧୁ-ସରସ୍ୱତୀ ସଭ୍ୟତା ନାମରେ ପରିଚିତ ଭାରତର ସବୁଠାରୁ ପ୍ରାଚୀନ ସଭ୍ୟତା ବାସ୍ତବରେ, ବିଭିନ୍ନ ଦୃଷ୍ଟିକୋଣରୁ ଉଲ୍ଲେଖନୀୟ ଥିଲା ...(ଏହା ଦର୍ଶାଏ) ଏକ ସନ୍ତୁଳିତ ଗୋଷ୍ଠୀ ଜୀବନଯାପନ- ଯେଉଁଥିରେ ଧନୀ ଏବଂ ଗରିବଙ୍କ ମଧ୍ୟରେ ପାର୍ଥକ୍ୟ ସ୍ପଷ୍ଟ ହୋଇ ନଥିଲା, ସାରାଂଶରେ ହରପ୍ପାର ସାମାଜିକ ଦୃଶ୍ୟ 'ଶୋଷଣ'ର ନୁହେଁ, ବରଂ ପାରସ୍ପରିକ ସହବସ୍ଥାନର ଥିଲା ।"

– ବ୍ରଜବାସୀ ଲାଲ
(B.B.Lal)

ଆସ ଚିନ୍ତା କରିବା ?

୧. ସଭ୍ୟତା କ'ଣ ?

୨. ଭାରତୀୟ ଉପମହାଦେଶର ପ୍ରାରମ୍ଭିକ ସଭ୍ୟତା କ'ଣ ଥିଲା ?

୩. ଏହାର ପ୍ରମୁଖ ସଫଳତା କ'ଣ ଥିଲା ?



ଚିତ୍ର ୬.୧ । ଧୋଲାବିରାର 'ଦୁର୍ଗ' ଅଞ୍ଚଳର ଉତ୍ତର ପ୍ରବେଶ ଦ୍ୱାର ।

ସଭ୍ୟତା କ'ଣ ?

ଧାତୁବିଜ୍ଞାନ (Metallurgy): ପ୍ରକୃତିରୁ ଧାତୁ ବାହାର କରିବା, ସେଗୁଡ଼ିକୁ ଶୁଦ୍ଧ କରିବା କିମ୍ବା ମିଶ୍ରଣ କରିବାର କୌଶଳ ସହିତ ଧାତୁ ଏବଂ ଏହାର ଗୁଣର ବୈଜ୍ଞାନିକ ଅଧ୍ୟୟନ ଅନ୍ତର୍ଭୁକ୍ତ ।

ଚତୁର୍ଥ ଅଧ୍ୟାୟ ଶେଷରେ, ଆମେ ଦେଖିଲୁ ଯେ, ମାନବ ଗୋଷ୍ଠୀ ପ୍ରଥମେ ଗୋଟିଏ ସ୍ଥାନରେ ବସବାସ କୃଷି ଅଭ୍ୟାସ, କିଛି ଜ୍ଞାନକୌଶଳ (ଯେପରିକି ନିର୍ମାଣ କାର୍ଯ୍ୟ, ଧାତୁବିଜ୍ଞାନ, ପରିବହନ ଇତ୍ୟାଦି)ର ବିକଶିତ କରୁଛନ୍ତି ଏବଂ 'ସଭ୍ୟତା' ଆଡ଼କୁ ଅଗ୍ରସର ହେଉଛନ୍ତି ।

ତେବେ ସଭ୍ୟତା କ'ଣ ? ସାଧାରଣତଃ ଏହି ଶବ୍ଦଟି ମାନବ ସମାଜର ଏକ ଉନ୍ନତ ପର୍ଯ୍ୟାୟ ପାଇଁ ବ୍ୟବହୃତ ହୁଏ । ଠିକ ଭାବରେ କହିବାକୁ ଗଲେ, ଏକ 'ସଭ୍ୟତା'ର ଅତି କମରେ ନିମ୍ନଲିଖିତ ବୈଶିଷ୍ଟ୍ୟ ରହିବା ଉଚିତ୍ ବୋଲି ଆମେ ଏଠାରେ ବିଚାର କରିବା ।

- ଏକ ଅଧିକ ଜଟିଳ ସମାଜ ଏବଂ ଏହାର ଅନେକ କାର୍ଯ୍ୟକଳାପ ପରିଚାଳନା କରିବା ପାଇଁ ସରକାର ଏବଂ ପ୍ରଶାସନର କିଛି ରୂପ ।
- ସହରୀକରଣ- ସହର-ଯୋଜନା, ସହରର ଅଭିବୃଦ୍ଧି ଏବଂ ଏହାର ପରିଚାଳନା, ଯେଉଁଥିରେ ସାଧାରଣତଃ ଜଳ ପରିଚାଳନା ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ଅନ୍ତର୍ଭୁକ୍ତ ଅଟେ ।
- ବିଭିନ୍ନ ପ୍ରକାରର ଶିଳ୍ପ- କଞ୍ଚାମାଲ (ଯେପରିକି ପଥର କିମ୍ବା ଧାତୁ) ପରିଚାଳନା ଏବଂ ପ୍ରସ୍ତୁତ ସାମଗ୍ରୀ (ଯେପରିକି ଅଳଙ୍କାର ଏବଂ ଉପକରଣ) ଉତ୍ପାଦନ ସମେତ ବିଭିନ୍ନ କାରିଗରୀ ବିଦ୍ୟାର ବିନିମୟ ।
- ଉଭୟ ଆଭ୍ୟନ୍ତରୀଣ (ଏକ ସହର କିମ୍ବା ଅଞ୍ଚଳ ମଧ୍ୟରେ) ଏବଂ ବାହ୍ୟ (ଦୂର ଅଞ୍ଚଳ କିମ୍ବା ପୃଥିବୀର ଅନ୍ୟାନ୍ୟ ଅଂଶ ସହିତ) ବାଣିଜ୍ୟ ଦ୍ୱାରା ସମସ୍ତ ପ୍ରକାର ସାମଗ୍ରୀର ଆଦାନ ପ୍ରଦାନ କରିବା ।
- ବିଭିନ୍ନ ପ୍ରକାର ରଚନା- ରେକର୍ଡ ବା ଲିପିବଦ୍ଧ କରି ରଖିବା ଏବଂ ଯୋଗାଯୋଗ କରିବା ପାଇଁ ଆବଶ୍ୟକ ହୋଇଥାଏ ।
- ସାଂସ୍କୃତିକ ଧାରଣା କଳା, ସ୍ଥାପତ୍ୟ, ସାହିତ୍ୟ, ମୌଖିକ ପରମ୍ପରା କିମ୍ବା ସାମାଜିକ ରୀତିନୀତି ମାଧ୍ୟମରେ ଜୀବନ ଏବଂ ଜଗତ ବିଷୟରେ ସାଂସ୍କୃତିକ ଧାରଣା ପ୍ରକାଶ ପାଇଥାଏ ।
- ଏକ ଉତ୍ପାଦନଶୀଳ କୃଷି- କେବଳ ଗାଁ ନୁହେଁ, ବରଂ ସହରକୁ ମଧ୍ୟ ଖାଇବାକୁ ଦେବା ପାଇଁ ଯଥେଷ୍ଟ ଅଟେ ।

ଏହା ବିଷୟରେ ଚିନ୍ତା କର

ଉପରୋକ୍ତ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରୁ କେଉଁଟି ସବୁଠାରୁ ମୌଳିକ ବୋଲି ତୁମେ ଭାବୁଛ- ଅର୍ଥାତ୍ ଅନ୍ୟ ସମସ୍ତର ବିକାଶ ପାଇଁ ଏକ ବୈଶିଷ୍ଟ୍ୟ ?

ଆସ ଅନୁସନ୍ଧାନ କରିବା

ଉପରୋକ୍ତ ତାଲିକାର ପ୍ରତ୍ୟେକ ବୈଶିଷ୍ଟ୍ୟ ପାଇଁ, ତୁମେ ଏପରି ସମାଜରେ ଥିବା ବୃତ୍ତି (occupation)ର କିମ୍ବା ପେଷା (profession)ର ଏକ ତାଲିକା ପ୍ରସ୍ତୁତ କରିପାରିବ କି ?

ଏହିସବୁ ବୈଶିଷ୍ଟ୍ୟ ଆଜି ପୃଥିବୀର ଅଧିକାଂଶ ସମାଜରେ ରହିଛି ବୋଲି ସହଜରେ ଦେଖିବାକୁ ମିଳେ । କିନ୍ତୁ, ଯେଉଁ ଅର୍ଥରେ ଆମେ ବର୍ତ୍ତମାନ ସଭ୍ୟତାର ବ୍ୟାଖ୍ୟା କରିଛୁ ସେହି ସଭ୍ୟତା କେବେ ଆରମ୍ଭ ହୋଇଥିଲା ?

ପୃଥିବୀର ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ସଭ୍ୟତା ଆରମ୍ଭ ହୋଇଥିଲା । ମେସୋପୋଟେମିଆ (ଆଧୁନିକ ଇରାକ ଏବଂ ସିରିଆ) ନାମରେ ପରିଚିତ ଏହି ସଭ୍ୟତା ଏହା ପ୍ରାୟ ୬,୦୦୦ ବର୍ଷ ପୂର୍ବେ ଘଟିଥିଲା ଏବଂ ପ୍ରାଚୀନ ଇଜିପ୍ଟରେ ସଭ୍ୟତା ଏହାର କିଛି ଶତାବ୍ଦୀ ପରେ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ଶ୍ରେଣୀରେ ତୁମେ ଏସବୁ ଏବଂ ଆଉ କିଛି ସଭ୍ୟତା ବିଷୟରେ ଜାଣିବ । ଅନେକ ଦୃଷ୍ଟିରୁ ସେହି ପ୍ରାଚୀନ ସଭ୍ୟତାଗୁଡ଼ିକର ବିପୁଳ ଅବଦାନ ଓ ଅଗ୍ରଗତି ବିନା ମାନବ ସଭ୍ୟତା ବର୍ତ୍ତମାନର ସ୍ଥିତିରେ ପହଞ୍ଚି ପାରିନଥାନ୍ତା ।

କିନ୍ତୁ ବର୍ତ୍ତମାନ ପାଇଁ ଆମେ କେବଳ ଭାରତୀୟ ଉପମହାଦେଶକୁ ଦେଖିବା ଏବଂ ଏହାର ଉତ୍ତର-ପଶ୍ଚିମାଞ୍ଚଳ ହେଉଛି ସେହି ସ୍ଥାନ ଯେଉଁଠାରୁ ଆମ ସଭ୍ୟତାର କାହାଣୀ ଆରମ୍ଭ ହୋଇଛି ।



ଚିତ୍ର ୬.୨ । ଖ୍ରୀଷ୍ଟପୂର୍ବ ପ୍ରାୟ ୨୬୦୦ରୁ ୧୯୦୦ ପର୍ଯ୍ୟନ୍ତ ସିନ୍ଧୁ-ସଭ୍ୟତାର ଅବଧିକୁ ଦର୍ଶାଯାଇଛି ।

ଗାଁରୁ ସହର ପର୍ଯ୍ୟନ୍ତ

ଉପନଦୀ (Tributary): ଏକ ନଦୀ ଯାହା ଏକ ପ୍ରଧାନ ନଦୀକୁ ଜଳ ଯୋଗାଏ । ଉଦାହରଣ: ଯମୁନା ହେଉଛି ଗଙ୍ଗାନଦୀର ଉପନଦୀ ଇବ୍ ଓ ତେଲ ମହାନଦୀର ଉପନଦୀ ।



ପଞ୍ଜାବର ବିଶାଳ ସମତଳ ଅଞ୍ଚଳ (ବର୍ତ୍ତମାନ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବିଭକ୍ତ) ଏବଂ ସିନ୍ଧ (ବର୍ତ୍ତମାନ ପାକିସ୍ତାନରେ) ସିନ୍ଧୁ ନଦୀ ଏବଂ ଏହାର ଉପନଦୀ ଦ୍ୱାରା ପ୍ଲାବିତ ହୁଏ । ଏହା ଦ୍ୱାରା ସେହି ସମତଳ ଭୂମି ଉର୍ବର ହେବା ସହ ଚାଷ ପାଇଁ ଅନୁକୂଳ ହୋଇଥାଏ । କିଛି ଶହ ବର୍ଷ ପୂର୍ବେ ଆଉ ଏକ ନଦୀ ସରସ୍ୱତୀ, ହିମାଳୟର ପାଦଦେଶରୁ ହରିୟାଣା, ପଞ୍ଜାବ, ରାଜସ୍ଥାନ ଏବଂ ଗୁଜରାଟର କିଛି ଅଂଶ ଦେଇ ପ୍ରବାହିତ ହେଉଥିଲା (ଚିତ୍ର ୬.୩ ଦେଖ) । ଖ୍ରୀଷ୍ଟପୂର୍ବ ପ୍ରାୟ ୩୫୦୦ରୁ ଏହି ସମଗ୍ର ଅଞ୍ଚଳରେ ଗ୍ରାମଗୁଡ଼ିକ ସହରରେ ପରିଣତ ହେଲା ଏବଂ ବାଣିଜ୍ୟ ଓ ଅନ୍ୟାନ୍ୟ ବିନିମୟ ବୃଦ୍ଧି ପାଇବା ସହିତ ସେହି ସହରଗୁଡ଼ିକ ଆହୁରି ବୃହତ ସହରରେ ପରିଣତ ହେଲା । ଖ୍ରୀଷ୍ଟପୂର୍ବ ୨୬୦୦ ମସିହା ବେଳକୁ ଏହିସବୁ ପରିବର୍ତ୍ତନ ଘଟିଥିଲା ।

ପ୍ରତ୍ନତତ୍ତ୍ୱବିତ୍‌ମାନେ ଏହି ସଭ୍ୟତାକୁ ଅନେକ ନାମ ଦେଇଛନ୍ତି ‘ସିନ୍ଧୁ’, ‘ହରପ୍ପା’, ‘ଇନ୍ଦସ୍-ସରସ୍ୱତୀ’ ବା ‘ସିନ୍ଧୁ-ସରସ୍ୱତୀ’ ସଭ୍ୟତା । ଆମେ ଏହି ସମସ୍ତ ଶବ୍ଦାବଳୀ ବ୍ୟବହାର କରିବା । ଏହାର ବାସିନ୍ଦାଙ୍କୁ ‘ହରପିୟାନସ’ କୁହାଯାଏ । ଏହା ପୃଥିବୀର ସର୍ବପୁରାତନ ସଭ୍ୟତା ମଧ୍ୟରୁ ଅନ୍ୟତମ ।

ମନେରଖ

ଆଜି ଏହି ସଭ୍ୟତାର ବାସିନ୍ଦାମାନଙ୍କୁ କାହିଁକି ‘ହରପ୍ପାନସ୍’ କୁହାଯାଏ ଏହାର କାରଣ ହେଉଛି ହରପ୍ପା ସହର (ବର୍ତ୍ତମାନ ପାକିସ୍ତାନର ପଞ୍ଜାବରେ’), ଏହି ସଭ୍ୟତାର ପ୍ରଥମ ସହର । ୧୯୨୦-୨୧ ମସିହାରେ ଏହି ସ୍ଥାନ ଖୋଳା ହେଲାପରେ ଜଣାପଡ଼ିଲା ଯେ ବହୁବର୍ଷ ପୂର୍ବେ ଏଠାରେ ଏକ ସହରୀ ସଭ୍ୟତା ଗଢ଼ିଉଠିଥିଲା ।

ଏହି ବିକାଶକୁ ଭାରତର ପ୍ରଥମ ସହରୀକରଣ ବୋଲି କୁହାଯାଏ ।



ଚିତ୍ର ୬.୩ । ସିନ୍ଧୁ-ସରସ୍ୱତୀ ସଭ୍ୟତାର କେତେକ ମୁଖ୍ୟ ବସତିର ମାନଚିତ୍ର । ପର୍ବତମାଳା (ବାଦାମୀ ରଙ୍ଗର) ଦ୍ୱାରା ଗଠିତ ପ୍ରାକୃତିକ ସୀମାଗୁଡ଼ିକ ଉପରେ ଧ୍ୟାନ ଦିଅ ।

ଆସ ଅନୁସନ୍ଧାନ କରିବା

ଏହି ସଭ୍ୟତାର କେତେକ ଗୁରୁତ୍ୱପୂର୍ଣ୍ଣ ସହର ମାନଚିତ୍ରରେ ଚିହ୍ନିତ ହୋଇଛି (ଚିତ୍ର ୬.୩) । ଏକ ଶ୍ରେଣୀ ଶିକ୍ଷଣକାର୍ଯ୍ୟ ଭାବରେ, ତୁମେ ପରବର୍ତ୍ତୀ ପୃଷ୍ଠାର ଟେବୁଲ୍‌ରେ ଥିବା ଆଧୁନିକ ରାଜ୍ୟ କିମ୍ବା ଅଞ୍ଚଳ ସହିତ ଏହି ସହରଗୁଡ଼ିକୁ ମିଳାଇବାକୁ ଚେଷ୍ଟା କରିପାରିବ କି ?

ହରପ୍ପା ସହର	ଆଧୁନିକ ରାଜ୍ୟ / ଅଞ୍ଚଳ
ଧୋଲାବିରା	ପଞ୍ଜାବ
ହରପ୍ପା	ଗୁଜରାଟ
କାଳିବାଙ୍ଗନ	ସିନ୍ଧ
ମହେଞ୍ଜୋଦାରୋ	ହରିୟାଣା
ରାକ୍ଷୀଗଡ଼ୀ	ରାଜସ୍ଥାନ

ସରସ୍ୱତୀ ନଦୀ

ମାନଚିତ୍ରରେ (ପୃଷ୍ଠା ୯୧ରେ ଚିତ୍ର ୬.୩) ଇଣ୍ଡସ୍ (ବା ସିନ୍ଧୁ) ଏବଂ ଏହାର ପାଞ୍ଚଟି ମୁଖ୍ୟ ଶାଖା ନଦୀକୁ ଦର୍ଶାଯାଇଛି । ମହେଞ୍ଜୋଦାରୋ ଏବଂ ହରପ୍ପା ଭଳି ସେହି ନଦୀପାର୍ଶ୍ୱରେ ଗୁରୁତ୍ୱପୂର୍ଣ୍ଣ ସହରଗୁଡ଼ିକ ବୃଦ୍ଧି ପାଇଥିଲା । କିନ୍ତୁ ସରସ୍ୱତୀ ନଦୀ କୂଳରେ ଅନେକ ସ୍ଥାନ ଅଛି, ଯାହା ଆଜି ଭାରତରେ 'ଘଗର' ଏବଂ ପାକିସ୍ତାନରେ 'ହାକ୍ରା' ନାମରେ ପରିଚିତ (ତେଣୁ ଏହାର ନାମ 'ଘଗର-ହାକ୍ରା ନଦୀ') । ଏହି ନଦୀ ଏବେ ଋତୁକାଳୀନ, କାରଣ ଏହା କେବଳ ବର୍ଷା ଋତୁରେ ପ୍ରବାହିତ ହୁଏ ।

ସରସ୍ୱତୀ ନଦୀ ବିଷୟରେ ପ୍ରଥମେ ଏକ ପ୍ରାଚୀନ ପ୍ରାର୍ଥନା 'ଋକ୍ ବେଦ'ରେ ଉଲ୍ଲେଖ କରାଯାଇଛି, ଯାହା ବିଷୟରେ ଆମେ ସପ୍ତମ ଅଧ୍ୟାୟରେ ପଢ଼ିବା । ଏହି ଗ୍ରନ୍ଥରେ ସରସ୍ୱତୀଙ୍କୁ ଉଭୟ ଦେବୀ ଏବଂ 'ପର୍ବତରୁ ସମୁଦ୍ରକୁ ପ୍ରବାହିତ ନଦୀ' ଭାବରେ ପୂଜା କରାଯାଏ । ପରବର୍ତ୍ତୀ ଗ୍ରନ୍ଥରେ ନଦୀ ଶୁଖିଯିବା ସହ ଶେଷରେ ଅଦୃଶ୍ୟ ହୋଇଯାଇଥିବା କଥା ବର୍ଣ୍ଣନା କରାଯାଇଛି ।

ସହର ଯୋଜନା

ହରପ୍ପା ଏବଂ ମହେଞ୍ଜୋଦାରୋ, ଯାହା ବର୍ତ୍ତମାନ ପାକିସ୍ତାନରେ ଅବସ୍ଥିତ ଏହି ସଭ୍ୟତାର ପ୍ରଥମ ଦୁଇଟି ସହର ରୂପେ ଚିହ୍ନଟ ହୋଇଥିଲା । ସେମାନଙ୍କ ପରିଚୟ ୧୯୨୪ ମସିହାରୁ ଆରମ୍ଭ ହୋଇଥିଲା । ସିନ୍ଧୁ ସମତଳ ଅଞ୍ଚଳରେ ଅନେକ ସ୍ଥାନ ଅନୁସନ୍ଧାନ କରାଗଲା, ଯେଉଁଥିପାଇଁ ଏହି ସଭ୍ୟତାକୁ ପ୍ରଥମେ 'ସିନ୍ଧୁ ଉପତ୍ୟକା ସଭ୍ୟତା' ବୋଲି କୁହାଯାଉଥିଲା ।

ପରବର୍ତ୍ତୀ ସମୟରେ ଅନ୍ୟ ପ୍ରମୁଖ ସହର ଯଥା ଧୋଲାବିରା (ଗୁଜୁରାଟ), ରାକ୍ଷୀଗଡ଼ୀ (ହରିୟାଣା), ଗାନୱେରିୱାଲା (ପାକିସ୍ତାନର ଚୋଲିସ୍ତାନ ମରୁଭୂମିର) ଏବଂ ଶତାଧିକ କ୍ଷୁଦ୍ର

ଏହା ବିଷୟରେ ଚିନ୍ତା କର

ତୁମେ 'ସିନ୍ଧୁ ଉପତ୍ୟକା ସଭ୍ୟତା' ଶବ୍ଦଟି ଶୁଣିଥିବ ଏବଂ ଦେଖିଥିବ ଯେ ଆମେ ଏହାକୁ ବ୍ୟବହାର କରିନାହୁଁ । ମାନଚିତ୍ର ଉପରେ ନଜର ପକାଅ (ପୃଷ୍ଠା ୯୧ରେ ଚିତ୍ର ୬.୩) 'ଉପତ୍ୟକା' ଶବ୍ଦଟି କାହିଁକି ପୁରୁଣା, କାରଣ ବର୍ତ୍ତମାନ ଆମେ ଜାଣିଛୁ ଯେ ସଭ୍ୟତା ସିନ୍ଧୁ ଅଞ୍ଚଳଠାରୁ ବହୁ ଦୂରରେ ବିସ୍ତାରିତ ହୋଇଛି ।

ସ୍ଥାନ (ଯେପରିକି ଗୁଜୁରାଟର ଲୋଥାଲ୍) ଆବିଷ୍କୃତ କରାଯାଇଥିଲା ଓ କିଛି ଅଂଶ ଖୋଦିତ କରାଯାଇଥିଲା । ଏଭଳି ଆବିଷ୍କାର ଆଜି ବି ଜାରି ରହିଛି । ଉଲ୍ଲେଖଯୋଗ୍ୟ ଯେ ସରସ୍ୱତୀ ନଦୀ ଅବବାହିକାରେ କେବଳ ଦୁଇଟି ପ୍ରମୁଖ ସହର-ରାଖୀଗଢ଼ୀ ଏବଂ ଗାନୱେରିୱାଲା ଅନ୍ତର୍ଭୁକ୍ତ ନୁହେଁ ବରଂ ଅନେକ ଛୋଟ ସହର (ହରିୟାଣାର ଫର୍ମାନା, ରାଜସ୍ଥାନର କାଲିବଙ୍ଗନ) ଏବଂ କିଛି ବଡ଼ ସହର (ଉଭୟ ହରିୟାଣାର ଭିରାନା ଏବଂ ବନାୱାଲି) ମଧ୍ୟ ଆବିଷ୍କୃତ ହୋଇଛି । ବାସ୍ତବରେ, ମାନଚିତ୍ର (ପୃଷ୍ଠା ୯୧ରେ ଚିତ୍ର ୬.୩) ସେହି ଅଞ୍ଚଳର ସ୍ଥାନଗୁଡ଼ିକର ଉଚ୍ଚ ଘନତ୍ୱକୁ ସ୍ପଷ୍ଟ କରେ ।

ବୃହତ୍ ହରପ୍ପା ସହରଗୁଡ଼ିକ ନିର୍ଦ୍ଦିଷ୍ଟ ଯୋଜନା ଅନୁଯାୟୀ ନିର୍ମିତ ହୋଇଥିଲା । ସେଗୁଡ଼ିକର ଓସାରିଆ ରାସ୍ତା ଥିଲା (ପୃଷ୍ଠା ୯୪ରେ ଚିତ୍ର ୬.୪ ଏବଂ ୬.୫), ଯାହା ପ୍ରାୟତଃ ମୁଖ୍ୟ ଦିଗକୁ ଆକର୍ଷିତ ହେଉଥିଲା । ଏକ ବିଶାଳ କାନ୍ଥ ବା ଦୁର୍ଗ ଅଧିକାଂଶ ସହରକୁ ଘେରି ରହିଥିବା ଜଣାପଡ଼ିଛି ଏବଂ ଏହାର ଦୁଇଟି ଭିନ୍ନ ଅଂଶ ଥିଲା- 'ଉପର ସହର', ଯେଉଁଠାରେ ସମ୍ଭବତଃ ସ୍ଥାନୀୟ ଏଲିଟ୍ ବା ସମ୍ଭ୍ରାନ୍ତ ସମାଜ ରହୁଥିଲେ, ଏବଂ 'ନିମ୍ନ ସହର', ଯେଉଁଠାରେ ସାଧାରଣ ଲୋକ ରହୁଥିଲେ ।

କେତେକ ବଡ଼ କୋଠା ସାମୂହିକ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥିବା ପରି ମନେହୁଏ । ଉଦାହରଣସ୍ୱରୂପ, ଗୋଦାମ ଘର ଯେଉଁଠାରେ ପରିବହନ କରିବାକୁ ସାମଗ୍ରୀ ଗଚ୍ଛିତ ରଖାଯାଇଥିଲା । ରାସ୍ତା ଘାଟ ଓ ଛୋଟ ଛୋଟ ଗଳିରେ ବିଭିନ୍ନ ଆକାରର ବ୍ୟକ୍ତିଗତ ଘର ରହିଥିଲା । ଆଶ୍ଚର୍ଯ୍ୟର କଥା ହେଉଛି, ଛୋଟ ବଡ଼ ଘର ପାଇଁ ନିର୍ମାଣର ମାନ ସମାନ ଥିଲା । ସେହି ସବୁ କୋଠା ସାଧାରଣତଃ ଇଟାରେ ନିର୍ମିତ ହେଉଥିଲା ।

କେତେକ ଗଠନ ପ୍ରଣାଳୀର ଉଦ୍ଦେଶ୍ୟ ଏବେ ବି ବିତର୍କର ବିଷୟ ପାଲଟିଛି । ମହେଞ୍ଜୋଦାରୋର ପ୍ରସିଦ୍ଧ 'ଗ୍ରେଟ୍ ବାଥ୍ ବା ମହାସ୍ନାନାଗାର (ପୃଷ୍ଠା ୯୫ରେ ଚିତ୍ର ୬.୬), ଏକ ଛୋଟ କିନ୍ତୁ ବିସ୍ତୃତ ସ୍ନାନାଗାର ଯାହାର ମାପ ପ୍ରାୟ ୧୨x୭ ମିଟର ଥିଲା ଏବଂ ଏଥିରେ ସତର୍କତାର ସହ ରଖାଯାଇଥିବା ଇଟା ଉପରେ ଜଳ ନିରୋଧକ ପଦାର୍ଥ (ଯେପରିକି ପ୍ରାକୃତିକ ବିଟୁମେନ୍, ଏକ ପ୍ରକାର ରାଳ/ଆଲକାତରା) ପ୍ରୟୋଗ କରାଯାଇଥିଲା ।

ଦୁର୍ଗ ପ୍ରାଚୀର (Fortification): ଫୋର୍ଟିଫିକେସନ୍ ସାଧାରଣତଃ ସୁରକ୍ଷା ଉଦ୍ଦେଶ୍ୟରେ ଏକ ବସ୍ତି କିମ୍ବା ସହର ଚାରିପଟେ ଏକ ବିଶାଳ କାନ୍ଥ ।

ସମ୍ଭ୍ରାନ୍ତ (Elite) : ଏଲିଟ୍ ଏଠାରେ ଏହି ଶବ୍ଦଟି ସମାଜର ଉଚ୍ଚସ୍ତର, ଯେପରିକି ଶାସକ, ଅଧିକାରୀ ପ୍ରଶାସକ ଏବଂ ଅଧିକାଂଶ ସମୟରେ ପୂଜକମାନଙ୍କୁ ବୁଝାଏ ।

(ଉପର) ଚିତ୍ର ୬.୪) । ସହର ତଳି ଅଞ୍ଚଳରେ ଥିବା କାଲିବଙ୍ଗନ (ରାଜସ୍ଥାନ)ର ଏକ ବିସ୍ତୃତ ରାସ୍ତା ।

(ତାହାଣ) ଚିତ୍ର ୬.୫ । ମଝି ସହରରେ ଲମ୍ବା ରାସ୍ତା ଥିବା ଧୋଲାବିରାର ହାଉସିଂ ଏରିଆ (ଧୋଳାବିରାର ତିନୋଟି ଭିନ୍ନ କୋନ୍ ଥିଲା, ଅନ୍ୟ ସହରଗୁଡ଼ିକ ପରି ଦୁଇଟି ନୁହେଁ) । ଏଥିସହ ଏହି ସହରରେ ଅଧିକାଂଶ କୋଠାର ମୂଳଦୁଆ ପଥରରେ ନିର୍ମିତ ହୋଇଥିଲା ।

ଏହି ସ୍ନାନାଗାରକୁ କେତେକ ଛୋଟ ଛୋଟ କୋଠରୀର ଘେରି ରହିଥିଲା, ସେଥିମଧ୍ୟରୁ ଗୋଟିଏରେ ଏକ କୂଅ ଥିଲା । ସ୍ନାନାଗାରର ଗୋଟିଏ କୋଣରେ ଏକ ଡ୍ରେନ୍ ବା ନାଳ ଥିଲା ଯାହା ଏହାକୁ ସମୟ ସମୟରେ ଖାଲି କରି ମଧୁର ଜଳ ଭର୍ତ୍ତି କରିବାରେ ବ୍ୟବହାର କରାଯାଇଥିଲା ।

ଚିତ୍ର ୬.୬ : ମୋହେଞ୍ଜୋ-ଦାରୋର ବୃହତ୍ତ ସ୍ନାନାଗାର

ଏଭଳି ଢାଞ୍ଚାର ଉଦ୍ଦେଶ୍ୟ କ'ଣ ଥିଲା ? ପ୍ରତ୍ନତତ୍ତ୍ୱବିତ୍ ମାନେ ଅନେକ ସମ୍ଭାବ୍ୟ ବ୍ୟାଖ୍ୟା ପ୍ରଦାନ କରିଛନ୍ତି-ଲୋକଙ୍କ ପାଇଁ ସର୍ବସାଧାରଣ ସ୍ନାନ, କେବଳ ରାଜପରିବାର ପାଇଁ ସ୍ନାନ; କିମ୍ବା ଧାର୍ମିକ ରୀତିନୀତି ପାଇଁ ବ୍ୟବହୃତ ହେଉଥିବା ପୋଖରୀ । ଏହି ସହରରେ ଅଧିକାଂଶ ଘରେ ବ୍ୟକ୍ତିଗତ ଶୌଚାଳୟ ଥିବାରୁ ପ୍ରଥମ ବ୍ୟାଖ୍ୟାକୁ ଏବେ ପ୍ରତ୍ୟାଖ୍ୟାନ କରାଯାଇଛି ।

ଆସ ଅନୁସନ୍ଧାନ କରିବା

ଶେଷ ଦୁଇଟି ବ୍ୟାଖ୍ୟା ବିଷୟରେ ଶ୍ରେଣୀରେ ବିତର୍କ କରାଯାଉ । ତୁମେ ଅନ୍ୟ କୌଣସି ବିକଳ୍ପ ବିଷୟରେ ଭାବୁଛ କି ? ମନେରଖ ଯେ, ଏହି କ୍ଷେତ୍ର ବିଷୟରେ ଅଧିକ ଜାଣିବା ପାଇଁ ଆମ ପାଖରେ ଇତିହାସର ଅନ୍ୟ କୌଣସି ଉତ୍ସ ନାହିଁ- କୌଣସି ଶିଳାଲେଖ ନାହିଁ, କୌଣସି ଲେଖା ନାହିଁ, କୌଣସି ଯାତ୍ରୀଙ୍କ ବିବରଣୀ ନାହିଁ ।

ଜଳ ପରିଚାଳନା

ହରପ୍ପାମାନେ ଜଳ ପରିଚାଳନା ଏବଂ ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦେଉଥିଲେ । ସେମାନଙ୍କ ଘରେ ଗାଧୋଇବା ପାଇଁ ଅନେକ ସମୟରେ ଅଲଗା ଅଲଗା ସ୍ଥାନ ଥିଲା । ଏଗୁଡ଼ିକ ଏକ ବୃହତ୍ ଡ୍ରେନ୍ ବା ନାଳ (ଚିତ୍ର ୬.୭) ସହିତ ସଂଯୁକ୍ତ ଥିଲା, ଯାହା ସାଧାରଣତଃ ରାସ୍ତା ତଳକୁ ଚାଲିଯାଇଥିଲା ଏବଂ ବର୍ଜ୍ୟ ଜଳକୁ ନିଷ୍କାସିତ କରୁଥିଲା ।

ଚିତ୍ର ୬.୭ : ଲୋଥାଲ (ଗୁଜୁରାଟ)ଠାରେ ଡ୍ରେନେଜ୍ ବ୍ୟବସ୍ଥା

ମୋହେଞ୍ଜୋଦାରୋରେ ଲୋକମାନେ ଇଟାରେ ନିର୍ମିତ ଶତାଧିକ କୂଅରୁ ପାଣି ଆଣୁଥିଲେ । କିନ୍ତୁ ଅନ୍ୟ ଅଞ୍ଚଳରେ ଏହା ପୋଖରୀ, ଆଖପାଖ ଝରଣା କିମ୍ବା ମଣିଷ ତିଆରି ଜଳଭଣ୍ଡାରରୁ ଆଣୁଥିଲେ । ଧୋଲାବିରା ଅଞ୍ଚଳରେ (ଗୁଜରାଟର କଚ୍ଛ ଜିଲାର ସନ୍ତ ସନ୍ତିଆ ଲୁଣି ଅଞ୍ଚଳ), ଏକ ୭୩ ମିଟର ଲମ୍ବର ବୃହତ ଜଳଭଣ୍ଡାର ଅବସ୍ଥିତ ।

ଆସ ଅନୁସନ୍ଧାନ କରିବା

ଏକ ଶ୍ରେଣୀ କାର୍ଯ୍ୟକଳାପ ଭାବରେ, କୌଣସି ମାପକ ଟେପ୍ ସାହାଯ୍ୟରେ ତୁମ ଶ୍ରେଣୀଗୃହର ଲମ୍ବ, ଏକ ସ୍କୁଲ କରିଡର କିମ୍ବା ଖେଳ ପଡ଼ିଆ ମାପ କର । ଏହି ଲମ୍ବକୁ ଧୋଲାବିରାର ବୃହତ୍ତମ ଜଳଭଣ୍ଡାରର ଲମ୍ବ ସହିତ ତୁଳନା କର ।

ଜଳଭଣ୍ଡାର (Reservoir): ଏକ ବୃହତ ପ୍ରାକୃତିକ କୁମ୍ଭା କୃତ୍ରିମ ସ୍ଥାନ ଯେଉଁଠାରେ ଜଳ ସଂରକ୍ଷଣ କରାଯାଏ ।

(ଚିତ୍ର ୬.୮)ରେ ଧୋଲାବିରାଠାରେ ଅତି କମ୍‌ରେ ଛଅଟି ବଡ଼ ଜଳଭଣ୍ଡାର ପଥରରେ ନିର୍ମିତ ହୋଇଥିଲା କିମ୍ବା ଶିଳାକୁ କାଟି ନିର୍ମାଣ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଅଧିକାଂଶ ଜଳ ସଂରକ୍ଷଣ ଏବଂ ବିତରଣ ପାଇଁ ଭୂତଳ ନାଳ ମାଧ୍ୟମରେ ସଂଯୋଗ କରାଯାଇଥିଲା ।

ଚିତ୍ର ୬.୮ : ଧୋଲାବିରାଠାରେ ପଥରରେ କଟାଯାଇଥିବା ଏକ ବଡ଼ ଜଳଭଣ୍ଡାର, ଯାହାର ଲମ୍ବ ୩୩ ମିଟର

ଏହା ବିଷୟରେ ଚିନ୍ତା କର

କଳ୍ପନା କର ଯେ, ଏପରି ଏକ ସୁବ୍ୟବସ୍ଥିତ ଜଳଭଣ୍ଡାରର ନିର୍ମାଣ କରିବା ପାଇଁ କେତେ ସଂଖ୍ୟକ ଶ୍ରମିକ ଆବଶ୍ୟକ ହୋଇଥାଇ ପାରନ୍ତି । କିଏ ସେମାନଙ୍କ କାର୍ଯ୍ୟକୁ ସଂଗଠିତ କରିଥିଲା, ଏବଂ ସେମାନଙ୍କୁ ସଠିକ୍ ନିର୍ଦ୍ଦେଶ ଦେଇଥିଲା ବୋଲି ତୁମେ ଭାବୁଛ ? ତୁମେ ଭାବୁଛ କି, ସେମାନଙ୍କ ପରିଶ୍ରମ ପାଇଁ କିପରି ମଜୁରି ମିଳୁଥିଲା ? (ସୂଚନା: ଆଜି ଆମ ପାଖରେ ଯେଭଳି ଟଙ୍କା ଅଛି, ସେହି ସମୟରେ ଟଙ୍କା ନ ଥିଲା ।) ଯେହେତୁ ଜଳଭଣ୍ଡାରଗୁଡ଼ିକୁ ସମୟ ସମୟରେ ସଫା କରିବାର ଆବଶ୍ୟକତା ଥିଲା, ତେଣୁ ଏହାର ରକ୍ଷଣାବେକ୍ଷଣ ପରିଚାଳନା ପାଇଁ କିଛି ସ୍ଥାନୀୟ କର୍ତ୍ତୃପକ୍ଷ ଥିଲେ କି ? ଏହି ସହରର ଶାସକ ଏବଂ ପୌର ପ୍ରଶାସନ ବିଷୟରେ ଏସବୁରୁ ଆମେ କେଉଁ ସଙ୍କେତ ପାଉଛୁ ?

ନିଜ କଳ୍ପନାକୁ ବ୍ୟବହାର କର ଏବଂ ଶିକ୍ଷକଙ୍କ ସହ ଆଲୋଚନା କର । ପ୍ରତ୍ନତତ୍ତ୍ୱବିତ୍‌ମାନେ ମଧ୍ୟ ଏହି ପ୍ରଶ୍ନଗୁଡ଼ିକ ଉପରେ ଆଲୋଚନା କରନ୍ତି, ଏବଂ ଉତ୍ତର ସବୁବେଳେ ଚୂଡ଼ାନ୍ତ ହୁଏ ନାହିଁ ।

ହରପ୍ପାନ୍‌ମାନେ କ'ଣ ଖାଉଥିଲେ ?

ହରପ୍ପାନ୍‌ମାନେ ବଡ଼ କିମ୍ବା ଛୋଟ ନଦୀ କୂଳରେ ସେମାନଙ୍କର ଅନେକ ବସତି ସ୍ଥାପନ କରିଥିଲେ । ଏହା କେବଳ ସହଜରେ ଜଳ ପାଇବାପାଇଁ ନୁହେଁ, ବରଂ କୃଷି ପାଇଁ ମଧ୍ୟ ଏକ ଯୁକ୍ତିଯୁକ୍ତ ବିକଳ୍ପ, କାରଣ ନଦୀଗୁଡ଼ିକ ସେମାନଙ୍କ ଚାରିପାଖରେ ଥିବା ମାଟିକୁ ଉର୍ବର କରିଥାନ୍ତି । ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ହରପ୍ପାନ୍‌ମାନେ ଡାଲି ଏବଂ ବିଭିନ୍ନ ପ୍ରକାର ପନିପରିବା ବ୍ୟତୀତ ବାର୍ଲି, ଗହମ, କିଛି ବାଜରା ଏବଂ ବେଳେବେଳେ ଧାନ ପରି ଶସ୍ୟ ଉତ୍ପାଦନ କରୁଥିଲେ । ସେମାନେ ୟୁରେସିଆରେ ପ୍ରଥମ କପା ଚାଷ କରିଥିଲେ, ଯାହାକୁ ସେମାନେ ପୋଷାକ ବୁଣିବା ପାଇଁ ବ୍ୟବହାର କରୁଥିଲେ । ସେମାନେ ହଳ (ଚିତ୍ର ୬.୯) ସମେତ ଚାଷ ଉପକରଣ ତିଆରି କରିଥିଲେ, ଯେଉଁଥିରୁ କିଛି ଆଧୁନିକ ସମୟର କୃଷକମାନେ ବ୍ୟବହାର କରୁଛନ୍ତି ।

ଡାଲି (Pulses): ଫସଲର ଏକ ଶ୍ରେଣୀ ଯେଉଁଥିରେ ବିନ୍, ମଟର, ଚଣା ଏବଂ ଡାଲି ଅନ୍ତର୍ଭୁକ୍ତ

ଚିତ୍ର ୬.୯ : ହଳର ଏକ ଛୋଟ ମାଟି ମଡେଲ (ହରିୟାଣାର ବନାୱାଲିରୁ)

ଏହି ସଘନ କୃଷି କାର୍ଯ୍ୟ ଛୋଟ ଛୋଟ ଗ୍ରାମୀଣ ସ୍ଥାନ କିମ୍ବା ଶହ ଶହ କ୍ଷୁଦ୍ର ଗ୍ରାମ ସମୀପରେ ବା ଗ୍ରାମାଞ୍ଚଳରେ ପରିଚାଳିତ ହେଉଥିଲା । ଆଜି ପରି ସେତେବେଳେ, ଯଦି ଗ୍ରାମାଞ୍ଚଳରୁ ଦୈନିକ ପର୍ଯ୍ୟାପ୍ତ ପରିମାଣର କୃଷିଜାତ ଦ୍ରବ୍ୟ ସହରରେ ପହଞ୍ଚିପାରୁଥିଲା ତେବେ ସେ ସହରଗୁଡ଼ିକ ତିଷ୍ଠି ପାରୁଥିଲା ।

ହରପ୍ପାନ୍‌ମାନେ ମାଂସ ଖାଇବା ପାଇଁ ଅନେକ ପଶୁଙ୍କୁ ଘରେ ପାଳନ କରୁଥିଲେ ଏବଂ ଉଭୟ ନଦୀ ଏବଂ ସମୁଦ୍ରରେ ମାଛ ଧରୁଥିଲେ । ଖନନ ସମୟରେ ମିଳିଥିବା ବହୁସଂଖ୍ୟକ ପଶୁ ଓ ମାଛ ଅସ୍ଥିରୁ ଏହା ଜଣାପଡ଼ିଛି ।

ହରପ୍ପାନମାନଙ୍କର ରୋଷେଇ ପାତ୍ର କେଉଁଥିରେ ଥିଲା ? ମାଟି ପାତ୍ରର, ବୈଜ୍ଞାନିକ ପରୀକ୍ଷଣରୁ ଜଣାଯାଏ ଯେ, ଦୁଗ୍ଧଜାତ ଦ୍ରବ୍ୟ ଓ ହଳଦୀ, ଅଦା ଏବଂ କଦଳୀର ଅବଶିଷ୍ଟାଂଶ ବ୍ୟବହାର ଉଭୟ ଆଶାନୁରୂପ ଓ ଆଶ୍ଚର୍ଯ୍ୟ ଜନକ । ସ୍ପଷ୍ଟ ଭାବରେ କହିବାକୁ ଗଲେ ସେମାନଙ୍କର ଖାଦ୍ୟରେ ବିବିଧତା ଥିଲା ।

ଆସ ଅନୁସନ୍ଧାନ କରିବା

କଳ୍ପନା କର ତୁମେ ଏକ ହରପ୍ପାନ୍‌ଙ୍କ ଘରେ ଭୋଜନ ପାଇଁ ରୋଷେଇ କରୁଛ । ଉପରୋକ୍ତ ତଥ୍ୟ ଆଧାରରେ ତୁମେ କେଉଁ ବ୍ୟଞ୍ଜନ କିମ୍ବା ଖାଦ୍ୟ ପ୍ରସ୍ତୁତ କରିବ ?

ଏକ ଦ୍ରୁତ ବାଣିଜ୍ୟ

ହରପ୍ପାମାନେ କେବଳ ନିଜ ସଭ୍ୟତା ମଧ୍ୟରେ (ନିକଟବର୍ତ୍ତୀ କିମ୍ବା ଦୂରରେ ଥିବା ଅନ୍ୟ ସହରଗୁଡ଼ିକ) ନୁହେଁ, ବରଂ ଭାରତ ଭିତରେ ଏବଂ ଭାରତ ବାହାରେ ଅନ୍ୟ ସଭ୍ୟତା ଏବଂ ସଂସ୍କୃତି ସହିତ ସକ୍ରିୟ ବାଣିଜ୍ୟରେ ନିୟୋଜିତ ଥିଲେ । ସେମାନେ ଅଳଙ୍କାର, କାଠ, ଦୈନନ୍ଦିନ ବ୍ୟବହୃତ କିଛି ଜିନିଷ (ପୃଷ୍ଠା ୧୦୦ରେ ଚିତ୍ର ୬.୧୧), ସମ୍ଭବତଃ ସୁନା ଏବଂ କପା ଏବଂ ସମ୍ଭବତଃ କିଛି ଖାଦ୍ୟ ସାମଗ୍ରୀ ରପ୍ତାନି କରୁଥିଲେ । ସବୁଠାରୁ ପସନ୍ଦ ଯୋଗ୍ୟ ଅଳଙ୍କାର ଥିଲା କାର୍ନେଲିଆନର ମଣି (ପୃଷ୍ଠା ୧୦୦ରେ ଚିତ୍ର ୬.୧୦), ଯାହା ମୁଖ୍ୟତଃ ଗୁଜରାଟରେ ଦେଖିବାକୁ ମିଳିଥିବା ଏକ ଲାଲ ରଙ୍ଗର ସ୍ୱଚ୍ଛ ମୂଲ୍ୟବାନ ପଥର । ହରପ୍ପା କାରିଗରମାନେ ଏହାକୁ ଖୋଳିବା ପାଇଁ ସ୍ୱତନ୍ତ୍ର ଜ୍ଞାନକୌଶଳ ବିକଶିତ କରିଥିଲେ, ଯାହା ଦ୍ୱାରା ସେଗୁଡ଼ିକ ମଧ୍ୟରେ ଏକ ତାର ଯାଇପାରିବ ଏବଂ ସେମାନଙ୍କୁ ବିଭିନ୍ନ ଉପାୟରେ ସଜାଯାଇପାରିବ । ସେମାନେ ଶଙ୍ଖ ଖୋଳପାରେ ସୁନ୍ଦର ଚୁଡ଼ି ତିଆରି କରୁଥିଲେ, ଯେଉଁଥିପାଇଁ ଅତ୍ୟାଧୁନିକ କୌଶଳର ଆବଶ୍ୟକତା ରହିଛି କାରଣ ଶାମୁକା ଏକ କଠିନ ପଦାର୍ଥ ଅଟେ ।

ରପ୍ତାନି ସାମଗ୍ରୀ ବଦଳରେ ହରପ୍ପାମାନେ କ'ଣ ଆମଦାନୀ କରୁଥିଲେ ତାହା ଏତେ ସ୍ପଷ୍ଟ ହୋଇନାହିଁ । ଏଥିରେ ବୋଧହୁଏ ତମ୍ବା ଅନ୍ତର୍ଭୁକ୍ତ ଥିଲା, କାରଣ ଏହି ଧାତୁ ସେତେବେଳେ ଘରେ ଘରେ ଏତେ ସାଧାରଣ ନ ଥିଲା ।

ମନେରଖ

ହରପ୍ପାମାନେ ତମ୍ବା,-ଏକ ନରମ ଧାତୁ; କାମ କରିବାର କଳାରେ ପାରଦର୍ଶିତା ଅର୍ଜନ କରିଥିଲେ । ଯଦି ତମ୍ବାରେ ଟିଣ ମିଶାଯାଏ, ତାହା ବ୍ରୋଞ୍ଜ୍ (କଂସା)ରେ ପରିଣତ ହୁଏ, ଯାହା ତମ୍ବାଠାରୁ କଠିନ ଅଟେ । ହରପ୍ପାମାନେ ବ୍ରୋଞ୍ଜ୍ ବ୍ୟବହାର କରି ଯନ୍ତ୍ରପାତି, ପାତ୍ର ଏବଂ ମାପ ତରାଜୁ ତିଆରି କରୁଥିଲେ ଏବଂ ପରବର୍ତ୍ତୀ ସମୟରେ ଆମେ ଦେଖୁ ଯେ କିଛି ମୂର୍ତ୍ତି ମଧ୍ୟ ତିଆରି କରୁଥିଲେ ।

ଚିତ୍ର ୬.୧୦ । ସୁସା (ବର୍ତ୍ତମାନର ଇରାନ୍) ଠାରେ ସଂଗୃହୀତ ହୋଇଥିବା ହରପ୍ପାନ୍ ସଂସ୍କୃତିର କାର୍ନେଲିଆନ୍ ମାଳି ।

ଚିତ୍ର ୬.୧୧ । ଓମାନ ଉପକୂଳରେ ମିଳିଥିବା ହରପ୍ପା ହାତୀଦାନ୍ତରେ ପାନିଆ (ପ୍ରାୟ ୭ ସେଣ୍ଟିମିଟର ଲମ୍ବ)

ଏପରି ବାଣିଜ୍ୟ କରିବା ପାଇଁ ସେମାନେ ସ୍ଥଳପଥ ଏବଂ ନଦୀ ଏବଂ ଅଧିକ ଦୂର ଗନ୍ତବ୍ୟ ସ୍ଥଳ ପାଇଁ ସମୁଦ୍ର ପଥ ବ୍ୟବହାର କରୁଥିଲେ- ଏହା ହେଉଛି ଭାରତର ପ୍ରଥମ ଗଭୀର ସାମୁଦ୍ରିକ କାର୍ଯ୍ୟକଳାପ । ବାସ୍ତବରେ, ଗୁଜରାଟ ଏବଂ ସିନ୍ଧର ଉପକୂଳବର୍ତ୍ତୀ ଅଞ୍ଚଳରେ ଅନେକ ହରପ୍ପା ବସ୍ତି ଅବସ୍ଥିତ । ଗୁଜରାଟର ଏକ ଛୋଟ ବସ୍ତି ଲୋଥାଲରେ ୨୧୭ ମିଟର ଲମ୍ବ ଏବଂ ୩୬ ମିଟର ପ୍ରସ୍ଥ ବିଶିଷ୍ଟ ଏକ ଆଶ୍ଚର୍ଯ୍ୟଜନକ ବିଶାଳ ଅବବାହିକା ଅଛି- ଏହାର ଲମ୍ବ ଦୁଇଟି ଫୁଟବଲ୍ ପଡ଼ିଆଠାରୁ ଟିକେ ଅଧିକ । ଏହି ଅବବାହିକା ନିଶ୍ଚୟ ଏକ ପୋତାଶ୍ରୟ ହୋଇଥିବ, ଯେଉଁଠାରୁ ପଣ୍ୟ ଦ୍ରବ୍ୟ ପରିବହନ ପାଇଁ ନୌକାରେ ସାମଗ୍ରୀଗୁଡ଼ିକ ଆଣିବା ବା ପଠାଇବା କାର୍ଯ୍ୟ କରାଯାଉଥିଲା ।

ଏଭଳି ବିସ୍ତୃତ ବାଣିଜ୍ୟ ପାଇଁ ବ୍ୟବସାୟୀମାନେ ସେମାନଙ୍କ ସାମଗ୍ରୀକୁ ଏବଂ ପରସ୍ପରକୁ ଚିହ୍ନିବାରେ ସକ୍ଷମ ହେବା ଆବଶ୍ୟକ । ଅନେକ ବସତି ଖନନ ହୋଇ ବାହାରିଥିବା ହଜାର ହଜାର ଛୋଟ ସିଲ୍ ବା ମୋହର ଗୁଡ଼ିକ ଏହାର ଉଦାହରଣ । ଏହି ସିଲ୍‌ଗୁଡ଼ିକ ସାଧାରଣତଃ ଷ୍ଟେଟାଇଟ୍‌ରେ (ନରମ ଖଡ଼ିରେ) ନିର୍ମିତ ହେଉଥିଲା, ଯାହା ଏକ ନରମ ପଥର ତାହା ଗରମ ହେବା

ଚିତ୍ର ୬.୧୨ : ଲୋଥାଲଠାରେ ଥିବା ବିଶାଳ ଡକ୍ ୟାର୍ଡ୍

ଦ୍ୱାରା ଟାଣ ହୋଇଯାଏ । ସେହି ମୋହର ଗୁଡ଼ିକ ସ୍ୱଳ୍ପ ସେଣ୍ଟିମିଟର୍ ବିଶିଷ୍ଟ । ସେଗୁଡ଼ିକ ଉପରେ ସେମାନଙ୍କର ଲିଖନ ପ୍ରଣାଳୀର କିଛି ସଙ୍କେତ ସହିତ ପଶୁମାନଙ୍କର ଚିତ୍ର ଖୋଦିତ ହୋଇଥାଏ । କିନ୍ତୁ ସେହି ଲିଖନ ପ୍ରଣାଳୀ ଏବଂ ପଶୁ ମୂର୍ତ୍ତିର ପ୍ରତୀକାତ୍ମକ ଅର୍ଥ ଏପର୍ଯ୍ୟନ୍ତ ବୋଧଗମ୍ୟ ହୋଇନାହିଁ । ଏହା ନିଶ୍ଚିତ ଯେ, ସେଗୁଡ଼ିକ କୌଣସି ପ୍ରକାରେ ବାଣିଜ୍ୟିକ କାରବାର ସହିତ ସମ୍ପୃକ୍ତ ।

ଚିତ୍ର ୬.୧୩-୧, ୬.୧୩-୨, ୬.୧୩-୩ । (ବାମରୁ ଡାହାଣ) ହରପ୍ପା ସିଲ୍‌ରେ ୟୁନିକର୍ନ ବା ଏକଶିଙ୍ଗ ଥିବା କାଳ୍ପନିକ ଘୋଡ଼ା ପରି ଦେଖାଯାଉଛି, ଷଣ୍ଢ ଥିବା ହରପ୍ପା ମୋହର ; ହରପ୍ପା ମୋହରରେ ଶିଙ୍ଗ ଥିବା ବାଘ ଦେଖାଯାଉଛି ।

ଆସ ଅନୁସନ୍ଧାନ କରିବା

ଏହି ତିନୋଟି ହରପ୍ପା ସିଲ୍‌କୁ କିଛି ଲେଖା ଚିହ୍ନ ସହ ଦେଖିଲେ, ତୁମ ମନକୁ କ'ଣ ଆସେ ? ତୁମେ କୌଣସି ପ୍ରସ୍ତାବକୁ ବ୍ୟାଖ୍ୟା କରିବାକୁ ଚାହଁ କି ? ତୁମ କଳ୍ପନାକୁ ବିକଶିତ କର ।

ପ୍ରାଚୀନ ଜୀବନ

ପ୍ରତ୍ନତତ୍ତ୍ୱବିତ୍‌ମାନେ ହରପ୍ପାମାନଙ୍କ ଦ୍ୱାରା ନିର୍ମିତ ଏବଂ ବ୍ୟବହୃତ ଅନେକ ଜିନିଷ ଠାବ କରିଛନ୍ତି ।

ଦୈନନ୍ଦିନ ବ୍ୟବହୃତ ହେଉଥିବା ବସ୍ତୁ



ଚିତ୍ର ୬.୧୪-୧ (ଶୀର୍ଷ), ୬.୧୪-୨ (ଡାହାଣ) । ଏକ ବ୍ରୋଞ୍ଜ ଦର୍ପଣ, ଏକ ଟେରାକୋଟା ପାତ୍ର (ଉଭୟ ଧୋଲାବିରାରୁ ପ୍ରାପ୍ତ)

ଚିତ୍ର ୬.୧୪.୩ (ଉପର), ୬.୧୪.୪ (ଡାହାଣ) । ନିର୍ଦ୍ଦିଷ୍ଟ ଓଜନ ମାପ ପାଇଁ ବ୍ୟବହୃତ ପଥର ଖଣ୍ଡ, ଏକ କାଂସ୍ୟ ଛେଣୀ (ଉଭୟ ଧୋଲାବିରାରୁ ପ୍ରାପ୍ତ)



ଚିତ୍ର ୬.୧୪.୫, ୬.୧୪.୬ : ପ୍ରାୟ ୨୫ ସେ.ମି. ଲମ୍ବ ବିଶିଷ୍ଟ ପଥରରେ ଖୋଦିତ ଖେଳ ପଟି, (ଧୋଲାବିରାରୁ ପ୍ରାପ୍ତ) ପ୍ରାୟ ୪ ସେ.ମି. ଲମ୍ବ ବିଶିଷ୍ଟ ଏକ ଟେରାକୋଟା ହୁଇସିଲ (ରାଜସ୍ଥାନର କରଣପୁରାରୁ ପ୍ରାପ୍ତ) । ହରପ୍ପାମାନେ ଉଭୟ ବୟସ୍କ ଏବଂ ପିଲାମାନଙ୍କୁ ଆନନ୍ଦିତ ରଖିବାପାଇଁ ଅନେକ ଖେଳ ଏବଂ ଖେଳନା ପ୍ରସ୍ତୁତ କରିଥିଲେ ।

ସାଂସ୍କୃତିକ ଓ ପ୍ରତୀକାତ୍ମକ ବସ୍ତୁ

ଚିତ୍ର ୬.୧୫-୧, ୬.୧୫-୨, ୬.୧୫-୩ : 'ପୁରୋହିତ ରାଜା' ନାମକ ଜଣେ ବ୍ୟକ୍ତିତ୍ୱଙ୍କ ପ୍ରତିମୂର୍ତ୍ତି (ଯଦିଓ ଏହି ବ୍ୟକ୍ତି ଜଣକ କିଏ ତାହା ଜଣାପଡ଼ିନାହିଁ); ଏକ ମୋହର ଯେଉଁଥିରେ ସ୍ୱସ୍ତିକ ଦେଖାଯାଉଛି; ଶକ୍ତିଶାଳୀ ପଶୁମାନଙ୍କ ଦ୍ୱାରା ଘେରି ରହିଥିବା ଏକ ଉଚ୍ଚ ପ୍ଲାଟଫର୍ମରେ ବସିଥିବା ଏକ ତିନିମୁଖୀ ଦେବତାଙ୍କୁ ଦର୍ଶାଉଥିବା ଏକ ମୋହର ।

ଚିତ୍ର ୬.୧୫-୪, ୬.୧୫-୫, ୬.୧୫-୬ । ମୋହେଞ୍ଜୋଦାରୋର କାଂସ୍ୟ ନିର୍ମିତ ଏକ ନୃତ୍ୟରତ ବାଳିକା (Dancing Girl) (ଏହାର ଉଚ୍ଚତା ୧୦.୮ ସେଣ୍ଟିମିଟର), 'ନମସ୍ତେ'ଭଙ୍ଗୀରେ ବସିଥିବା ଏକ ଟେରାକୋଟା ମୂର୍ତ୍ତି; ଏକ ପାତ୍ରରେ ଏକ ଡିଜାଇନ୍ ଯାହା ଶୋଷିଲା କାଉର କାହାଣୀ ପରି ଲାଗୁଛି, ଯିଏ ପାତ୍ରର ତଳଭାଗରେ ଥିବା ପାଣି ପିଇବା ପାଇଁ ଏକ ଚତୁର ଉପାୟ ଖୋଜୁଛି (ଲୋଥାଲରୁ ପ୍ରାପ୍ତ) ।

ଏହା ବିଷୟରେ ଚିନ୍ତା କର

- ପୃଷ୍ଠା ୧୦୨ ଏବଂ ୧୦୩ରେ ଥିବା ବସ୍ତୁଗୁଡ଼ିକୁ ଦେଖିଲେ- କିମ୍ବା ଏହି ଅଧ୍ୟାୟରେ ଚିତ୍ରିତ ଅନ୍ୟ କୌଣସି ବସ୍ତୁକୁ ଦେଖିଲେ ତୁମେ ଜାଣିପାରିବ କି ହରପ୍ପାନ୍‌ମାନଙ୍କ ପାଇଁ ଜୀବନର କେଉଁ କାର୍ଯ୍ୟକଳାପ କିମ୍ବା ଦିଗ ଗୁରୁତ୍ୱପୂର୍ଣ୍ଣ ଥିଲା ?

ଆସ ଅନୁସନ୍ଧାନ କରିବା

→ ଲୋଥାଲରୁ ପ୍ରାପ୍ତ ପାତ୍ର ଅନୁସାରେ କାହାଣୀକୁ ସମ୍ପୂର୍ଣ୍ଣ କର । ତୁମ ମତରେ ୪,୦୦୦ ବର୍ଷରୁ ଅଧିକ ସମୟ ପାଇଁ ଏପରି କାହାଣୀ କିପରି ସ୍ମରଣୀୟ ଥିଲା ?

→ 'ନୃତ୍ୟରତ' ମୂର୍ତ୍ତିକୁ ବିଚାର କର । ମୂର୍ତ୍ତି ପ୍ରକାଶ କରୁଥିବା ମନୋଭାବ ବିଷୟରେ ତୁମେ କ'ଣ ଚିନ୍ତା କରୁଛ ? ଦେଖ ତାଙ୍କ ବାହୁବନ୍ଧ (ମୋଟା ଚୁଡ଼ି) କିପରି ପୂରା ହାତକୁ ଅଚ୍ଛାଦିତ କରୁଛି ଯାହା ଗୁଜରାଟ ଓ ରାଜସ୍ଥାନର କିଛି ଅଞ୍ଚଳରେ ଏବେ ବି ଦେଖିବାକୁ ମିଳୁଛି । ଏହି ଅଧ୍ୟାୟରେ ଆଉ କେଉଁଠି ତୁମେ ଏହି ଉପାୟରେ ପିନ୍ଧିଥିବା ଚୁଡ଼ି ଦେଖିପାରିବ । ଏଥିରୁ ଆମେ କେଉଁ ସିଦ୍ଧାନ୍ତ ବାହାର କରିବା ଉଚିତ୍ ?

ସମାପ୍ତ-ନା- ଏକ ନୂତନ ପ୍ରାରମ୍ଭ ?

ଖ୍ରୀଷ୍ଟପୂର୍ବ ୧୯୦୦ ବେଳକୁ ଏହି ସିନ୍ଧୁ-ସରସ୍ୱତୀ ସଭ୍ୟତା ସବୁ ସଫଳତା ସତ୍ତ୍ୱେ ଭାଙ୍ଗିବାକୁ ଲାଗିଲା । ଗୋଟିଏ ପରେ ଗୋଟିଏ ସହରଗୁଡ଼ିକ ପରିତ୍ୟକ୍ତ ହୋଇଯାଇଥିଲା । ଯଦି କୌଣସି ବାସିନ୍ଦା ରହିଯାଆନ୍ତି, ସେମାନେ ପରିବର୍ତ୍ତିତ ପରିବେଶରେ ଏକ ଗ୍ରାମୀଣ ଜୀବନଶୈଳୀ ଗ୍ରହଣ କଲେ ଏହା ଜଣାପଡୁଛି ଯେ ପୂର୍ବ ସରକାର କିମ୍ବା ପ୍ରଶାସନ ଆଉ ନାହିଁ । ଧୀରେ ଧୀରେ ହରପ୍ପା ମାନେ ହଜାର ହଜାର ନୁହେଁ, ବରଂ ଶତାଧିକ କ୍ଷୁଦ୍ର ଗ୍ରାମୀଣ ବସ୍ତିରେ ବିଚ୍ଛିନ୍ନ ହୋଇଥିଲେ ।

ଏହା ବିଷୟରେ ଚିନ୍ତା କର

ହରପ୍ପାନ୍‌ମାନେ ଗ୍ରାମୀଣ ବସ୍ତିକୁ ଫେରିଆସିଥିଲେ କାରଣ ଗ୍ରାମୀଣ ଜୀବନଶୈଳୀରେ ସହରୀ ଜୀବନଶୈଳୀ ତୁଳନାରେ ଖାଦ୍ୟ ଏବଂ ଜଳ ସହଜରେ ଉପଲବ୍ଧ କରାଇଥାଏ । ତା'ପରେ ଏଭଳି ସହର ଗୁଡ଼ିକ ଖାଦ୍ୟ ଯୋଗାଣ ପାଇଁ ଗାଁ ଉପରେ ନିର୍ଭର କରୁଥିଲେ ତ କେତେବେଳେ ପାଣି ଯୋଗାଇବା ପାଇଁ ।

କ'ଣ ପାଇଁ ଏହି ହ୍ରାସ ଘଟିଲା ? ପ୍ରତ୍ନତତ୍ତ୍ୱବିତ୍‌ମାନେ ଅନେକ କାରଣ ଦର୍ଶାଇଛନ୍ତି । ବହୁ ପୂର୍ବରୁ ଅନୁମାନ କରାଯାଉଥିଲା ଯେ ଯୁଦ୍ଧ କିମ୍ବା ଆକ୍ରମଣ ସହରଗୁଡ଼ିକୁ ଧ୍ୱଂସ କରି ଦେଇଥାଇ ପାରେ, କିନ୍ତୁ ଯୁଦ୍ଧ କିମ୍ବା ଆକ୍ରମଣର କୌଣସି ଚିହ୍ନ ନାହିଁ । ବାସ୍ତବରେ ହରପ୍ପାମାନେ କୌଣସି ସେନା କିମ୍ବା ଯୁଦ୍ଧ ଅସ୍ତ୍ରଶସ୍ତ୍ର ରଖିଥିବା ପରି ମନେହୁଏ ନାହିଁ । ପ୍ରମାଣ ଅନୁଯାୟୀ, ଏହା ଏକ ଅପେକ୍ଷାକୃତ ଶାନ୍ତିପୂର୍ଣ୍ଣ ସଭ୍ୟତା ବୋଲି ମନେହୁଏ ।

ବର୍ତ୍ତମାନ ଦୁଇଟି ବିଷୟ ଉପରେ ସହମତି ପ୍ରକାଶ ପାଇଛି । ପ୍ରଥମତଃ, ଖ୍ରୀଷ୍ଟପୂର୍ବ ୨୨୦୦ ପରଠାରୁ ଜଳବାୟୁ ପରିବର୍ତ୍ତନ ପୃଥିବୀର ଅଧିକାଂଶ ଅଞ୍ଚଳକୁ ପ୍ରଭାବିତ କରିଥିଲା, ଯାହା ଦୃଷ୍ଟିପାତକୁ ହ୍ରାସ କରିଥିଲା ଏବଂ ଶୁଖିଲା ବା ଶୁଷ୍କ ପର୍ଯ୍ୟାୟ ସୃଷ୍ଟି କରିଥିଲା । ଏହା ଦ୍ୱାରା କୃଷି ଅଧିକ କଷ୍ଟକର ହୋଇଥିବ ଏବଂ ସହରକୁ ଖାଦ୍ୟ ଯୋଗାଣ ହ୍ରାସ ପାଇଥିବ । ଦ୍ୱିତୀୟତଃ ସରସ୍ୱତୀ ନଦୀ ଏହାର କ୍ରେନ୍ଦ୍ରୀୟ ଅବବାହିକାରେ ଶୁଖିଗଲା ହଠାତ୍ ସେଠାରେ ଥିବା କାଲିବଙ୍ଗନ୍ ବା ବନାୱାଲି ଭଳି ସହରଗୁଡ଼ିକ ପରିତ୍ୟକ୍ତ ହୋଇଗଲା । ଅନ୍ୟାନ୍ୟ କାରଣ ଥାଇପାରେ, କିନ୍ତୁ ଏହି ଦୁଇଟି ଘଟଣା ଆମକୁ ମନେ ପକାଇଦିଏ ଯେ, ଆମେ ଆମର ମଙ୍ଗଳ ପାଇଁ ଜଳବାୟୁ ଏବଂ ପରିବେଶ ଉପରେ କେତେ ନିର୍ଭରଶୀଳ ।

ଯଦିଓ ସହରଗୁଡ଼ିକ ଅଦୃଶ୍ୟ ହୋଇଗଲା, ହରପ୍ପା ସଂସ୍କୃତି ଏବଂ ବୈଷୟିକ ଜ୍ଞାନକୌଶଳର ଅଧିକାଂଶ ଅଂଶ ବଞ୍ଚିରହିଲା ଏବଂ ଏହା ଭାରତୀୟ ସଭ୍ୟତାର ପରବର୍ତ୍ତୀ ପର୍ଯ୍ୟାୟକୁ ଚାଲିଗଲା, ଯାହାକୁ ଆମେ ଭବିଷ୍ୟତ ଅଧ୍ୟାୟରେ ଅନୁସନ୍ଧାନ କରିବୁ ।

ଆମେ କ'ଣ ଶିଖିଲେ ...

→ ସିନ୍ଧୁ, ହରପ୍ପା ବା ସିନ୍ଧୁ-ସରସ୍ୱତୀ ସଭ୍ୟତା ପୃଥିବୀର ସବୁଠାରୁ ପୁରୁଣା ସଭ୍ୟତା ମଧ୍ୟରୁ ଅନ୍ୟତମ । ଏହାର ବାସିନ୍ଦା ହରପ୍ପାମାନେ ଦକ୍ଷ ଜଳ ପରିଚାଳନା, ବିବିଧ କାରିଗରୀ ଏବଂ ଦ୍ରୁତ ବାଣିଜ୍ୟ ସହିତ ଯୋଜନାବଦ୍ଧ ସହର ସୃଷ୍ଟି କରିଥିଲେ ।

→ ଏକ ଉତ୍ପାଦନଶୀଳ କୃଷି ସହରକୁ ବିଭିନ୍ନ ପ୍ରକାର ଫସଲ ଆଣିଥିଲା ।

→ ସମ୍ଭବତଃ ଜଳବାୟୁ ଏବଂ ପରିବେଶ ପରିବର୍ତ୍ତନ କାରଣରୁ ସଭ୍ୟତା ଶେଷରେ ହ୍ରାସ ପାଇଲା, ଲୋକମାନେ ଗ୍ରାମୀଣ ଜୀବନଶୈଳୀକୁ ଫେରିଆସିଲେ ।

ପ୍ରଶ୍ନ, ଅଭ୍ୟାସକାର୍ଯ୍ୟ ଏବଂ ପ୍ରକଳ୍ପ

୧. ଏହି ଅଧ୍ୟାୟରେ ଅଧ୍ୟୟନ କରାଯାଇଥିବା ସଭ୍ୟତାର ଅନେକ ନାମ କାହିଁକି ଅଛି ? ଏହାର ମହତ୍ତ୍ୱ ବିଷୟରେ ଆଲୋଚନା କର ।

୨. ସିନ୍ଧୁ-ସରସ୍ୱତୀ ସଭ୍ୟତାର କିଛି ସଫଳତା/ଉପଲବ୍ଧିର ସୂଚନା ଦେଇ ଏକ ସଂକ୍ଷିପ୍ତ ବିବରଣୀ (୧୫୦ରୁ ୨୦୦ ଶବ୍ଦ) ଲେଖ ।

୩. କଳ୍ପନା କର ତୁମକୁ ହରପ୍ପା ସହରରୁ କାଲିବଙ୍ଗନକୁ ଯାତ୍ରା କରିବାକୁ ପଡ଼ିବ । ତୁମର ବିଭିନ୍ନ ବିକଳ୍ପ କଣ ? ପ୍ରତ୍ୟେକ ବିକଳ୍ପ କେତେ ସମୟ ନେଇପାରେ ତାହାର ଏକ ମୋଟାମୋଟି ଆକଳନ କରିପାରିବ କି ?

୪. ଆଜିର ଭାରତରେ ଏକ ସାଧାରଣ ରୋଷେଇ ଘରକୁ ଜଣେ ହରପ୍ପାନ୍ ପୁରୁଷ କିମ୍ବା ମହିଳାଙ୍କୁ ନିଆଯାଇଛି ବୋଲି ତୁମେ କଳ୍ପନା କର । କେଉଁ ୪ଟି ବା ୫ଟି ଆଶ୍ଚର୍ଯ୍ୟଜନକ ଜିନିଷ ସେମାନେ ସେଠାରେ ଦେଖିବେ ବୋଲି ତୁମେ ଭାବୁଛ ?

୫. ଏହି ଅଧ୍ୟାୟରେ ଥିବା ସମସ୍ତ ଚିତ୍ରକୁ ଦେଖି ଆମ ଏକବିଂଶ ଶତାବ୍ଦୀରେ ଏ ପର୍ଯ୍ୟନ୍ତ ମଧ୍ୟ ପରିଚିତ ଥିବା ଅଳଙ୍କାର/ଅଙ୍ଗଭଙ୍ଗୀ/ବସ୍ତୁଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।

୬. ଧୋଲାବିରାର ଜଳଭଣ୍ଡାର ବ୍ୟବସ୍ଥା କେଉଁ ମାନସିକତାକୁ ପ୍ରତିଫଳିତ କରେ ?

୭. ମୋହେଞ୍ଜୋଦାରୋରେ ଇଟାରେ ନିର୍ମିତ ପ୍ରାୟ ୭୦୦ କୂଅକୁ ଗଣନା କରାଯାଇଛି । ଅନେକ ଶତାବ୍ଦୀ ଧରି ଏହାର ନିୟମିତ ରକ୍ଷଣାବେକ୍ଷଣ ଏବଂ ବ୍ୟବହାର କରାଯାଉଥିବା ଜଣାପଡ଼ିଛି । ଏହାର ପ୍ରଭାବ ବିଷୟରେ ଆଲୋଚନା କର ।

୮. ପ୍ରାୟତଃ କୁହାଯାଏ ଯେ ହରପ୍ପାମାନଙ୍କର ଉଚ୍ଚ ନାଗରିକ ଭାବନା ଥିଲା । ଏହି ବିବୃତିର ମହତ୍ତ୍ୱ ବିଷୟରେ ଆଲୋଚନା କର । ତୁମେ ଏଥିରେ ସହମତ କି ? ସାମ୍ପ୍ରତିକ ଭାରତର ଏକ ବିଶାଳ ସହରର ନାଗରିକଙ୍କ ସହ ତୁଳନା କର ।

ଭାରତର ସାଂସ୍କୃତିକ ଆଧାର

ଅଧ୍ୟାୟ ୨

"ଜ୍ଞାନ ହେଉଛି ପ୍ରକୃତ ସମ୍ପତ୍ତି ଓ ସବୁଠାରୁ ବଡଧନ ଯାହା ଚୋରି ହୋଇପାରିବ ନାହିଁ, ଯାହାକୁ ଶାସକମାନେ ବାଜ୍ୟାପ୍ତି କରିପାରିବେ ନାହିଁ, ...ଯାହା ଏକ ବୋଝ ନୁହେଁ କାରଣ ଏହାର କୌଣସି ଓଜନ ନାହିଁ, ଯାହାକୁ ବ୍ୟବହାର କରାଯାଉଥିଲେ ମଧ୍ୟ ଏହା ସର୍ବଦା ବୃଦ୍ଧି ପାଏ ।

– ଶୁଭାଷିତ (ନୀତି ଶତକ)"

ଋଷି (କର୍ଣ୍ଣାଟକର ହମ୍ପିରୁ ଆବିଷ୍କୃତ) । ବୁଦ୍ଧ (ଭୁଟାନରୁ ଆବିଷ୍କୃତ) । ମହାବୀର (ବିହାରରୁ ଆବିଷ୍କୃତ)

ଆସ ଚିନ୍ତା କରିବା ?

୧. ବେଦ ଗୁଡ଼ିକ କଣ ? ସେମାନଙ୍କର ବାର୍ତ୍ତା କ'ଣ ?

୨. ଖ୍ରୀଷ୍ଟପୂର୍ବ ପ୍ରଥମ ସହସ୍ରାବ୍ଦରେ (B.C.E.) ଭାରତରେ କେଉଁ ନୂତନ ଚିନ୍ତାଧାରାର ଆବିର୍ଭାବ ହୋଇଥିଲା ? ସେମାନଙ୍କର ମୂଳ ନୀତି କଣ ?

୩. ଭାରତୀୟ ସଂସ୍କୃତିରେ ଲୋକ ଓ ଆଦିବାସୀ ପରମ୍ପରାର ଅବଦାନ କ'ଣ ?

ଭାରତୀୟ ସଂସ୍କୃତି ଯେକୌଣସି ଆକଳନ ଅନୁଯାୟୀ ଅନେକ ସହସ୍ରାବ୍ଦ ପୁରୁଣା । ଯେକୌଣସି ପ୍ରାଚୀନ ଗଛ ପରି ଏହାର ଅନେକ ଚେର ଓ ଅନେକ ଶାଖା ରହିଛି । ମୂଳ ସାଧାରଣତଃ ଗଣ୍ଡିକୁ ପୋଷଣ କରିଥାଏ । ଆଉ ଏଥିରୁ ଅନେକ ଶାଖା ବାହାରିଥାଏ, ଯାହା ଭାରତୀୟ ସଂସ୍କୃତିର ଭିନ୍ନ ଭିନ୍ନ ରୂପ, ତଥାପି ଏହା ଏକତ୍ରିତ ।

କଳା, ସାହିତ୍ୟ, ବିଜ୍ଞାନ ଚିକିତ୍ସା ଓ ଔଷଧ, ଧର୍ମ, ଶାସନ କଳା, ଯୁଦ୍ଧକଳା ଇତ୍ୟାଦି ବିଷୟରେ କିଛି ଶାଖା ରହିଛି । ଏଠାରେ ଦର୍ଶନ ମଧ୍ୟ ଅଛି, ଯାହା ଦ୍ୱାରା ଆମେ ଚିନ୍ତକ କିମ୍ବା ଆଧ୍ୟାତ୍ମିକ ସନ୍ଧାନୀଙ୍କ ଗୋଷ୍ଠୀକୁ ବୁଝାଇଥାଉ ଯେଉଁମାନେ ମାନବ ଜୀବନ, ଜଗତ ଇତ୍ୟାଦି ବିଷୟରେ ଚିନ୍ତା କରିଥାଆନ୍ତି ।

ଆଧ୍ୟାତ୍ମିକ (Spiritual): ଆତ୍ମା ସହିତ ସମ୍ବନ୍ଧିତ (ସଂସ୍କୃତ ଏବଂ ଅନେକ ଭାରତୀୟ ଭାଷାରେ ଆତ୍ମନ୍) । ଆଧ୍ୟାତ୍ମିକତା ହେଉଛି ଆମର ବର୍ତ୍ତମାନର ବ୍ୟକ୍ତିତ୍ୱ ବାହାରେ ଏକ ଗଭୀର କିମ୍ବା ଉଚ୍ଚ ଦିଗର ଅନୁସନ୍ଧାନ ।

ସାଧକ (Seeker): ଯିଏ ଏ ଦୁନିଆର ସତ୍ୟକୁ ଖୋଜୁଛି । ସେ ଜଣେ ଋଷି, ସାଧୁ, ଯୋଗୀ, ଦାର୍ଶନିକ ଇତ୍ୟାଦି ହୋଇପାରନ୍ତି ।

ଅନେକ ପ୍ରତ୍ନତତ୍ତ୍ୱିତ୍ ଏବଂ ପଣ୍ଡିତ ଦର୍ଶାଇଛନ୍ତି ଯେ ଭାରତର କିଛି ସାଂସ୍କୃତିକ ମତ ମୂଳ ସିନ୍ଧୁ କିମ୍ବା ହରପ୍ପା କିମ୍ବା ସିନ୍ଧୁ-ସରସ୍ୱତୀ ସଭ୍ୟତା ଉପରେ ପର୍ଯ୍ୟବସିତ । (ଯାହାକୁ ଆମେ ଅଧ୍ୟାୟ ୬ରେ ପାଠ କରିଛୁ) । ପରବର୍ତ୍ତୀ ସମୟରେ ଭାରତରେ ଶତାଧିକ ଚିନ୍ତାଧାରାର ଆବିର୍ଭାବ ହେଲା । ଆମେ ଏଠାରେ କିଛି ପ୍ରାରମ୍ଭିକ ସମ୍ପ୍ରଦାୟ ଦେଖିବା, ଯାହା ଭାରତକୁ ଏକ ଅନନ୍ୟ ବ୍ୟକ୍ତିତ୍ୱ ବିଶିଷ୍ଟ ଦେଶରେ ପରିଣତ କରିଛି । ସେମାନଙ୍କୁ ଓ ସେମାନଙ୍କ ମୂଳକୁ ବୁଝିଲେ ଆମେ 'ଇଣ୍ଡିଆ', ଅର୍ଥାତ୍ ଭାରତକୁ ଭଲ ଭାବେ ବୁଝିପାରିବା ।

ବେଦ ଓ ବୈଦିକ ସଂସ୍କୃତି

କ. ବେଦ କ'ଣ ?

"ବେଦ" ଶବ୍ଦଟି ସଂସ୍କୃତ ଶବ୍ଦ ବିଦ୍‌ରୁ ଆସିଛି ଯାହାର ଅର୍ଥ ହେଉଛି 'ଜ୍ଞାନ' (ଉଦାହରଣ ସ୍ୱରୂପ ବିଦ୍ୟା) । ଆମେ ପୂର୍ବ ଅଧ୍ୟାୟଗୁଡ଼ିକରେ ସଂକ୍ଷିପ୍ତ ଭାବରେ 'ଋକ୍ ବେଦ' ବିଷୟରେ ଉଲ୍ଲେଖ କରିଥିଲୁ । ବାସ୍ତବରେ ଏଠାରେ ଚାରିଟି ବେଦ ରହିଛି- ଋକ୍‌ବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବ ବେଦ । ଏହା ଭାରତର ସବୁଠାରୁ ପ୍ରାଚୀନ ଗ୍ରନ୍ଥ ଏବଂ ପ୍ରକୃତରେ ବିଶ୍ୱର ସବୁଠାରୁ ପ୍ରାଚୀନ ଗ୍ରନ୍ଥ ମଧ୍ୟରୁ ଅନ୍ୟତମ ।

ବେଦରେ ହଜାର ହଜାର ମନ୍ତ୍ର ରହିଛି- କବିତା ଏବଂ ଗୀତ ଆକାରରେ ପ୍ରାର୍ଥନା- ଯାହା ମୌଖିକ ଆବୃତ୍ତି ବା ଗାନ କରାଯାଏ, ଲିଖିତ ନୁହେଁ । ତେଣୁ ଏହାକୁ ଶ୍ରୁତି ବୋଲି କୁହାଯାଏ । ସେହି ମନ୍ତ୍ରଗୁଡ଼ିକ ସପ୍ତ ସିନ୍ଧୁ ଅଞ୍ଚଳରେ ରଚନା କରାଯାଇଥିଲା (ଯାହାକୁ ଆମେ ପଞ୍ଚମ ଅଧ୍ୟାୟରେ ପଢ଼ି ଆସିଛୁ) । ଏହି ଚାରୋଟି ବେଦ ମଧ୍ୟରୁ ସବୁଠାରୁ ପ୍ରାଚୀନ ବେଦ କେବେ ରଚନା କରାଗଲା ତାହା କହିବା କଷ୍ଟକର । ବିଶେଷଜ୍ଞମାନେ ଖ୍ରୀଷ୍ଟପୂର୍ବ ୫ମରୁ ୨ୟ (BCE) ସହସ୍ରାବ୍ଦ ପର୍ଯ୍ୟନ୍ତ ପ୍ରସ୍ତାବ ଦେଇଛନ୍ତି ।

ତେଣୁ, ୧୦୦ରୁ ୨୦୦ ପୀଢ଼ି ମଧ୍ୟରେ, ଏହି ଗ୍ରନ୍ଥଗୁଡ଼ିକ କଠୋର ପ୍ରଶିକ୍ଷଣ ମାଧ୍ୟମରେ ସ୍ମୃତି ପରମ୍ପରାରେ ସଂରକ୍ଷିତ ହୋଇଛି ଏବଂ ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ !

ୟୁନେସ୍କୋ (UNESCO) : ୟୁନେସ୍କୋର ଅର୍ଥ ହେଉଛି ମିଳିତ ଜାତିସଂଘ ଶିକ୍ଷା, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ। ଏହା ଶିକ୍ଷା, ବିଜ୍ଞାନ ଏବଂ ସଂସ୍କୃତି ମାଧ୍ୟମରେ ଲୋକ ଏବଂ ରାଷ୍ଟ୍ର ମଧ୍ୟରେ ବାର୍ତ୍ତାଳାପକୁ ପ୍ରୋତ୍ସାହିତ କରେ ।

ମନେରଖ

ହଜାର ହଜାର ବର୍ଷ ଧରି ଚାଲିଥିବା ଏହି ପରମ୍ପରା ସ୍ପଷ୍ଟ କରୁଛି ଯେ, ୨୦୦୮ ମସିହାରେ ୟୁନେସ୍କୋ କାହିଁକି ବୈଦିକ ଉଚ୍ଚାରଣକୁ 'ମାନବିକତାର ମୌଖିକ ଏବଂ ଅସ୍ପର୍ଶ୍ୟ ଐତିହ୍ୟର ଏକ ଶ୍ରେଷ୍ଠକୃତି ଭାବରେ ସ୍ୱୀକୃତି ଦେଇଥିଲା ।

ବୈଦିକ ମନ୍ତ୍ରଗୁଡ଼ିକ ସଂସ୍କୃତ ଭାଷାର ପ୍ରାରମ୍ଭିକ ରୂପରେ ଋଷି (ପୁରୁଷ ସନ୍ଥ କିମ୍ବା ଋଷି) ଏବଂ ଋଷିକା (ନାରୀ) ଦ୍ୱାରା ରଚନା କରାଯାଇଥିଲା । ଏଥିରେ ଇନ୍ଦ୍ର, ଅଗ୍ନି, ବରୁଣ, ମିତ୍ର, ସରସ୍ୱତୀ ଉଷାଙ୍କ ଭଳି ଅନେକ ଦେବତା (ଦେବାଦେବୀ)ଙ୍କୁ କବିତାତ୍ମକ ରୂପରେ ସମ୍ବୋଧିତ କରାଯାଇଛି । ସାଧୁମାନଙ୍କ ସହ ମିଶି ଏହି ଦେବତାମାନେ ମନୁଷ୍ୟ ଜୀବନରେ ଓ ବ୍ରହ୍ମାଣ୍ଡରେ ଋତମ୍ ସତ୍ୟ (ଇତମ୍) ଓ ଶୃଙ୍ଖଳା ବଜାୟ ରଖିଥିଲେ ।

ବ୍ରହ୍ମାଣ୍ଡ (Cosmos) : ସଂସାର ବା ବ୍ରହ୍ମାଣ୍ଡ ଏକ ଶୃଙ୍ଖଳିତ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବସ୍ଥା ଭାବରେ ସ୍ୱୀକୃତ ।

ପ୍ରାରମ୍ଭିକ ଋଷି ଓ ଋଷିକାମାନେ ସେହି ଦେବଦେବୀମାନଙ୍କୁ ଅଲଗା ଭାବରେ ନୁହେଁ ବରଂ ଏକ ଭାବରେ ଦେଖୁଥିଲେ । ଏକ ପ୍ରସିଦ୍ଧ ମନ୍ତ୍ରରେ ଦର୍ଶାଯାଇଛି ।

ଏକଂ ସତ୍ ବିପ୍ରା ବହୁଧା ବଦନ୍ତି ।
ଅର୍ଥାତ୍ ପରମ ସତ୍ତା (ପରମ ବାସ୍ତବତା) ଗୋଟିଏ କିନ୍ତୁ
ଋଷିମାନେ ଏହାକୁ ଅନେକ ନାମ ଦିଅନ୍ତି ।

ଏଥିରେ ବିଶ୍ୱଦର୍ଶନ କିଛି ମୂଲ୍ୟବୋଧ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ ଥିଲା, ଏହା 'ସତ୍ୟ'ରୁ ଆରମ୍ଭ ହୋଇଥିଲା, ଯାହା ପ୍ରାୟତଃ ଈଶ୍ୱରଙ୍କର ଅନ୍ୟ ନାମ ଥିଲା । ଋକ୍‌ବେଦର ଶେଷ ମନ୍ତ୍ର (ପଦ) ମଧ୍ୟ ଲୋକମାନଙ୍କ ମଧ୍ୟରେ ଏକତା ପାଇଁ ଆହ୍ୱାନ ଦେଇଥାଏ ।

ବିଶ୍ୱଦର୍ଶନ (Worldview): ପୃଥିବୀ, ଏହାର ଉତ୍ପତ୍ତି, କିମ୍ବା ଏହାର କାର୍ଯ୍ୟକଳାପ ବିଷୟରେ ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ।

ଏକତ୍ରିତ ହୁଅ, ଏକତ୍ରିତ କଥା ହୁଅ, ତୁମର ମନ ଏକ ହେଉ, ତୁମର ଚିନ୍ତାଧାରା ଏକ ହେଉ... ଏକଜୁଟ ହେବା ତୁମର ଉଦ୍ଦେଶ୍ୟ ହେଉ, ତୁମର ହୃଦୟକୁ ଏକଜୁଟ କର... ତୁମର ଚିନ୍ତାଧାରା ଏକ ହେଉ, ସମସ୍ତେ ସହମତି ହୁଅ ।

ଖ. ବୈଦିକ ସମାଜ

ପ୍ରାରମ୍ଭିକ ବୈଦିକ ସମାଜ ବିଭିନ୍ନ 'ଜନ' ବା 'ବଂଶ'ରେ, ଅର୍ଥାତ୍ ବୃହତ୍ତର ଜନଗୋଷ୍ଠୀରେ ସଂଗଠିତ ହୋଇଥିଲା । କେବଳ 'ଋକ୍ ବେଦ'ରେ ଏଭଳି ୩୦ରୁ ଅଧିକ 'ଜନ'ଙ୍କୁ ତାଲିକାଭୁକ୍ତ କରାଯାଇଛି- ଉଦାହରଣ ସ୍ୱରୂପ, ଭରତ, ପୁରୁଷ କୁରୁ, ଯଦୁ, ତୁର୍ବସସ୍ ପ୍ରମୁଖ । ପ୍ରତ୍ୟେକ ବଂଶ ଉପମହାଦେଶର ଉତ୍ତର-ପଶ୍ଚିମ ଭାଗର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ସହିତ ଜଡ଼ିତ ଥିଲେ ।



ଏହି ଜନମାନେ ସେମାନଙ୍କ ସମାଜକୁ କିପରି ଶାସନ କରୁଥିଲେ ସେ ବିଷୟରେ ଅଧିକ କିଛି ଜଣାନାହିଁ । ବେଦରେ ଆମକୁ କେବଳ ରାଜା (ରାଜା ବା ଶାସକ), ସଭା ଓ ସମିତି ଭଳି ଶବ୍ଦ ମାଧ୍ୟମରେ କିଛି ସୂତ୍ର ମିଳେ, ଯାହା ଉଭୟ ସାମୂହିକ ସମାବେଶକୁ ସୂଚାଇଥାଏ ।

ବୈଦିକ ଗ୍ରନ୍ଥରେ ଅନେକ ବୃତ୍ତି ବିଷୟରେ ଉଲ୍ଲେଖ ଅଛି, ଯେପରିକି କୃଷିବିତ୍, ବୁଣାକାର, କୁମ୍ଭାର, ନିର୍ମାତା, ବଢେଇ, ବୈଦ, ନୃତ୍ୟଶିଳ୍ପୀ, ବାରିକ, ପୂଜକ ଇତ୍ୟାଦି ।

ବୈଦ (Healer) : ଯିଏ ରୋଗରୁ ମୁକ୍ତି କିମ୍ବା ଉପଶମ ପାଇଁ ପାରମ୍ପରିକ ଉପଚାର ବ୍ୟବହାର କରୁଥିବା ବ୍ୟକ୍ତି ।

ଆସ ଅନୁସନ୍ଧାନ କରିବା

ଯେଉଁ ସମାଜରେ ଲୋକମାନେ ନିଜର ନେତା ଚୟନ କରନ୍ତି ତା ପାଇଁ କୌଣସି କୌଶଳ ତୁମେ ଜାଣ କି ? ତୁମ ମତରେ ଏଭଳି ପରିସ୍ଥିତିରେ ଲୋକମାନେ କିପରି ଉପକୃତ ହୋଇପାରିବେ ? ଯଦି ସେମାନେ ଚୟନ କରିନଥିବା ନେତାଙ୍କ ଅଧୀନରେ ରହୁଛନ୍ତି ତେବେ କ'ଣ ହୋଇପାରେ ? (ସଙ୍କେତ: ଶାସନ ଏବଂ ଗଣତନ୍ତ୍ର' ବିଷୟବସ୍ତୁରେ ତୁମେ ଯାହା ଶିଖୁଛ ତାହା ଉପରେ ଚିନ୍ତା କର ।) ନିଜର ଚିନ୍ତାଧାରା ୧୦୦-୧୫୦ ଶବ୍ଦର ଏକ ପୃଷ୍ଠାରେ ୧୦୦ରୁ ୧୫୦ ମଧ୍ୟରେ ଲେଖ ।

ଗ. ବୈଦିକ ଚିନ୍ତାଧାରା

ବୈଦିକ ସଂସ୍କୃତିରେ ବ୍ୟକ୍ତିଗତ କିମ୍ବା ସାମୂହିକ ଲାଭ ଏବଂ କଲ୍ୟାଣ ପାଇଁ ବିଭିନ୍ନ ଦେବତା (ଦେବଦେବୀ) ପ୍ରତି ଉଦ୍ଦିଷ୍ଟ ଅନେକ ରୀତିନୀତି ('ଯଜ୍ଞ') ବିକଶିତ ହୋଇଥିଲା । ଦୈନନ୍ଦିନ ରୀତିନୀତି ସାଧାରଣତଃ ଅଗ୍ନି ସହ ଜଡ଼ିତ ଦେବତା ଅଗ୍ନିଙ୍କୁ ପ୍ରାର୍ଥନା ଓ ଅର୍ପଣ ଆକାରରେ ହେଉଥିଲା, କିନ୍ତୁ ସମୟ କ୍ରମେ ସେହି ରୀତିନୀତି ଅଧିକରୁ ଅଧିକ ଜଟିଳ ହୋଇଗଲା ।

ବୈଦିକ ଧାରଣା ଉପରେ ରଚିତ 'ଉପନିଷଦ ନାମ ଏକ ଗ୍ରନ୍ଥର ଏକ ଗୋଷ୍ଠୀ ପୁନର୍ଜନ୍ମ (ବାରମ୍ବାର ଜନ୍ମ ନେବା) ଏବଂ କର୍ମ (ଆମର କାର୍ଯ୍ୟ ବା ସେମାନଙ୍କର ଫଳାଫଳ) ପରି ନୂତନ ବିଷୟର ପରିଚୟ ଦେଇଥିଲେ । ସାଧାରଣତଃ 'ବେଦାନ୍ତ' ନାମରେ ପରିଚିତ ଏକ ଚିନ୍ତାଧାରା ଅନୁଯାୟୀ, ମନୁଷ୍ୟ ଜୀବନ, ପ୍ରକୃତି ଏବଂ ବ୍ରହ୍ମାଣ୍ଡ- ହେଉଛି ଏକ ଦିବ୍ୟ ତତ୍ତ୍ୱ ଯାହାକୁ ବ୍ରହ୍ମ କୁହାଯାଏ (ବ୍ରହ୍ମଙ୍କ ସହ ଦ୍ୱନ୍ଦ୍ୱ ନ ହେଉ) କିମ୍ବା ବେଳେବେଳେ କେବଳ ତତ (ତାହା) । ଦୁଇଟି ଜଣାଶୁଣା ମନ୍ତ୍ର ଏହାକୁ ସରଳ କିନ୍ତୁ ଗଭୀର ଢଙ୍ଗରେ ପ୍ରକାଶ କରିଥାଏ ।

ଅହମ୍ ବ୍ରହ୍ମସ୍ମି
"ମୁଁ ବ୍ରହ୍ମ" (ଅର୍ଥାତ୍, ମୁଁ ଦିବ୍ୟ)
ତତ୍ ତ୍ୱମ୍ ଅସି...
"ତୁମେ ହିଁ ସେହି"

ଉପନିଷଦ୍ ମଧ୍ୟ ଆତ୍ମାର ଧାରଣା ପ୍ରଚାର କରିଥାଏ । ସେହି ପରମତତ୍ତ୍ୱ ଯାହା ପ୍ରତ୍ୟେକ ଜୀବରେ ବାସ କରେ କିନ୍ତୁ ଶେଷରେ ବ୍ରହ୍ମ ସହିତ ଏକ ହୋଇଥାଏ । ଏହା ପ୍ରମାଣିତ କରେ ଯେ ଏହି ଦୁନିଆର ସବୁକିଛି ସଂଯୁକ୍ତ ଏବଂ ପରସ୍ପର ଉପରେ ନିର୍ଭରଶୀଳ । ଏହା ଏକ ସାଧାରଣ ପ୍ରାର୍ଥନାକୁ ବର୍ଣ୍ଣନା କରେ ଯାହା ସର୍ବେ ଭବନ୍ତୁ ସୁଖିନଃ ବା "ସମସ୍ତ ପ୍ରାଣୀ ସୁଖୀ ହୁଅନ୍ତୁ", ଏବଂ ସମସ୍ତଙ୍କୁ ରୋଗ ଏବଂ ଦୁଃଖରୁ ମୁକ୍ତ ହେବା ପାଇଁ କାମନା କରେ ।

ଏହା ବିଷୟରେ ଚିନ୍ତା କର

ତୁମେ ଅନ୍ୟ କୌଣସି କାହାଣୀ ଶୁଣିଛ କି ପଢ଼ିଛ ଯାହା ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଥାଏ ? ଏହା ତୁମକୁ କେଉଁ ମୂଲ୍ୟବୋଧ ଶିଖାଏ ?

ଚେତନା (Consciousness) : ସଚେତନ ହେବାର ଗୁଣ ବା ଅବସ୍ଥା, ଉଦାହରଣ ସ୍ୱରୂପ ନିଜ ଭିତରେ ଥିବା ସ୍ୱୟଂ ସମ୍ପର୍କରେ ଅବଗତ ହେବା ।

ଖ୍ରୀଷ୍ଟପୂର୍ବ ପ୍ରଥମ ସହସ୍ରାବ୍ଦର ପ୍ରାରମ୍ଭରେ ବେଦରୁ ଆହୁରି ଅନେକ ଚିନ୍ତାଧାରା ସୃଷ୍ଟି ହୋଇଥିଲା । ସେଥିମଧ୍ୟରୁ ଗୋଟିଏ ଥିଲା ଯୋଗ, ଯାହା ବ୍ୟକ୍ତିର ଚେତନାରେ ବ୍ରହ୍ମର ଅନୁଭବ ହାସଲ କରିବା ଉଦ୍ଦେଶ୍ୟରେ ପଦ୍ଧତି ବିକଶିତ ହୋଇଥିଲା । ଏହି ଚିନ୍ତାଧାରାଗୁଡ଼ିକ ସନାତନ ଧର୍ମର ମୂଳଭିତ୍ତି ଯାହାକୁ ଆମେ 'ହିନ୍ଦୁଧର୍ମ' ବୋଲି ଆଜି କହୁଛୁ ।

ବୌଦ୍ଧ ଧର୍ମ

ପରବର୍ତ୍ତୀ ସମୟର ଅନ୍ୟାନ୍ୟ ଧାର୍ମିକ ଚିନ୍ତାଧାରା ମଧ୍ୟ ଉଭା ହେଲା, ଯେଉଁମାନେ ବେଦର କର୍ତ୍ତୃତ୍ୱକୁ ଗ୍ରହଣ କରିନଥିଲେ ଏବଂ ନିଜର ବ୍ୟବସ୍ଥାର ବିକାଶ କରିଥିଲେ । ସେଥିମଧ୍ୟରୁ ଗୋଟିଏ ହେଉଛି ବୌଦ୍ଧ ଧର୍ମ । ପ୍ରାୟ ଅଢ଼େଇ ଶହ ବର୍ଷ ପୂର୍ବେ ସିଦ୍ଧାର୍ଥ ବା ଗୌତମ ନାମକ ଜଣେ ଯୁବ ରାଜକୁମାର ଲୁମ୍ବିନୀ (ବର୍ତ୍ତମାନ ନେପାଳରେ)ଠାରେ ଜନ୍ମଗ୍ରହଣ କରିଥିଲେ ।

ଉପନିଷଦର ଅନେକ କାହାଣୀ ଆମକୁ ପ୍ରଶ୍ନ ପଚାରିବାର ମହତ୍ତ୍ୱ ବିଷୟରେ ଜଣା ପଡ଼ିଥାଏ, ଏହି ପ୍ରଶ୍ନଗୁଡ଼ିକ ପୁରୁଷ, ମହିଳା କିମ୍ବା ଶିଶୁମାନେ ପଚାରି ଥାଇପାରନ୍ତି ।

ଶ୍ୱେତକେତୁ ଏବଂ ବାସ୍ତବତାର ବୀଜ (ଛାନ୍ଦୋଗ୍ୟ ଉପନିଷଦ)

ଋଷି ଉଦ୍ଦାଳକ ଆରୁଣି ବେଦ, ଶିଖିବା ପାଇଁ ତାଙ୍କ ପୁତ୍ର ଶ୍ୱେତକେତୁଙ୍କୁ ଏକ ଗୁରୁକୁଳକୁ ପଠାଇଥିଲେ । ୧୨ ବର୍ଷ ପରେ ଯେତେବେଳେ ଶ୍ୱେତକେତୁ ଫେରିଲେ, ତାଙ୍କ ପିତା ଅନୁଭବ କଲେ ଯେ, ସେ ତାଙ୍କ ଶିକ୍ଷାକୁ ନେଇ ବହୁତ ଗର୍ବିତ ହୋଇଯାଇଛନ୍ତି । ତେଣୁ ଉଦ୍ଦାଳକ ତାଙ୍କୁ ବ୍ରହ୍ମଙ୍କ ପ୍ରକୃତି ଉପରେ ପ୍ରଶ୍ନ ପଚାରି ପରୀକ୍ଷା କରିଥିଲେ, ଯାହାର ଉତ୍ତର ଶ୍ୱେତକେତୁ ଦେଇ ପାରିନଥିଲେ ।

ଚିତ୍ର : ୭.୧ ଶ୍ୱେତକେତୁଙ୍କ ଋଷିଙ୍କ ଠାରୁ ଶିକ୍ଷାଗ୍ରହଣ

ଉଦ୍ଦାଳକ ବର୍ଣ୍ଣନା କରିବାକୁ ଲାଗିଲେ ଯେ, ବ୍ରହ୍ମ ଅଦୃଶ୍ୟ ହୋଇଥିଲେ ମଧ୍ୟ ସବୁସ୍ଥାନରେ କିପରି ଅଛନ୍ତି, ଯେମିତି ବରଫଳର ମଞ୍ଜିକୁ ଯଦି ଖୋଲିବା ତାହା ଶୂନ୍ୟ ଲାଗେ, କିନ୍ତୁ ତା'ମଧ୍ୟରେ ଭବିଷ୍ୟତର ବରଗଛ ରହିଛି; କିମ୍ବା ଯେମିତି ଗୋଟିଏ ମାଟିର ଭିନ୍ନ ଭିନ୍ନ ପାତ୍ର ତିଆରି କରାଯାଇପାରିବ । ସେହିଭଳି ଆମ ଆଖପାଖରେ ଥିବା ସବୁ କିଛି ସେହି ସମାନ ତତ୍ତ୍ୱରୁ ଉଭା ହୋଇଛି, ତାହାହିଁ ବ୍ରହ୍ମ । ସେ ଏହି ଶବ୍ଦଗୁଡ଼ିକ ମାଧ୍ୟମରେ ତାଙ୍କର ଶିକ୍ଷା ଶେଷ କରିଥିଲେ, "ସବୁକିଛି ଏହି ସୂକ୍ଷ୍ମ ବ୍ରହ୍ମ ତତ୍ତ୍ୱରେ ଗଠିତ ।... ତୁମେ ମଧ୍ୟ, ଶ୍ୱେତକେତୁ ।"

ନଚିକେତା ଏବଂ ତାଙ୍କର ଅନୁସନ୍ଧାନ (କଥୋପନିଷଦ)

ଥରେ ଜଣେ ବ୍ୟକ୍ତି ନିଜର ସମସ୍ତ ସମ୍ପତ୍ତି ଏକ ଯଜ୍ଞରେ ଦାନ ଦେଉଥିଲେ । ଯେତେବେଳେ ତାଙ୍କ ପୁତ୍ର ନଚିକେତା ତାଙ୍କୁ ପଚାରିଲେ ଯେ, ସେ ତାଙ୍କୁ କେଉଁ ଭଗବାନଙ୍କୁ ଅର୍ପଣ କରିବେ ? ପିତା କ୍ରୋଧିତ ହୋଇ ଉତ୍ତର ଦେଲେ, "ମୁଁ ତୁମକୁ ଯମଙ୍କୁ ଦେବି" - ଅର୍ଥାତ୍ ମୃତ୍ୟୁର ଦେବତାଙ୍କୁ।

ତା'ପରେ ନଚିକେତା ଯମଙ୍କ ଦୁନିଆକୁ ଗଲେ ଏବଂ ଦୀର୍ଘ ସମୟ ଅପେକ୍ଷା କରିବା ପରେ ଶକ୍ତିଶାଳୀ ଯମ ଦେବତାଙ୍କୁ ଭେଟିଲେ । ତାଙ୍କ ମନରେ ଗୋଟିଏ ପ୍ରଶ୍ନ ଥିଲା- "ଦେହର ମୃତ୍ୟୁ ପରେ କ'ଣ ହୁଏ ?"

ଯମ ଉତ୍ତର ନଦେଇ, ଟାଳିବାକୁ ଚେଷ୍ଟା କଲେ, କିନ୍ତୁ ବାଳକଟି ଅଟଳ ରହିଲା । ପ୍ରସନ୍ନ ହୋଇ ଯମ ବୁଝାଇଲେ ଯେ, ଆତ୍ମା ସବୁ ଜୀବଙ୍କ ଭିତରେ ଗୁପ୍ତରେ ରହିଥାଏ । ଏହା ଜନ୍ମ ହୁଏ ନାହିଁ, ନା ମରିଥାଏ; ଏହା ଅମର ଅଟେ । ଏହି ଗଭୀର ଜ୍ଞାନ ହାସଲ କରିବା ପରେ ନଚିକେତା ତାଙ୍କ ପିତାଙ୍କ ପାଖକୁ ଫେରିଆସିଲେ, ଯିଏ ତାଙ୍କୁ ଖୁସିରେ ସ୍ୱାଗତ କରିଥିଲେ ।



ଚିତ୍ର ୭.୨ : ନଚିକେତାଙ୍କ ଯମରାଜାଙ୍କୁ ଦର୍ଶନ

ଗାର୍ଗୀ ଏବଂ ଯାଜ୍ଞବଲ୍କ୍ୟ ସମ୍ବାଦ (ବୃହଦାରଣ୍ୟକ ଉପନିଷଦ)

ଥରେ ଜ୍ଞାନୀ ରାଜା ଜନକ ଏକ ଦାର୍ଶନିକ ବିତର୍କର ବିଜେତାଙ୍କୁ ପୁରସ୍କାର ଘୋଷଣା କଲେ । ପ୍ରଖ୍ୟାତ ଋଷି ଯାଜ୍ଞବଲ୍କ୍ୟ ରାଜାଙ୍କ ଦରବାରକୁ ଆସି ଅନେକ ପଣ୍ଡିତଙ୍କୁ ପରାସ୍ତ କରିଥିଲେ ଯେପର୍ଯ୍ୟନ୍ତ ଋଷିକା ଗାର୍ଗୀ ତାଙ୍କୁ ସଂସାରର ପ୍ରକୃତି ଉପରେ ଏବଂ ଶେଷରେ ବ୍ରହ୍ମର ପ୍ରକୃତି ଉପରେ ଅନେକ ପ୍ରଶ୍ନ ପଚାରି ନ ଥିଲେ । ଏହି ସମୟରେ ଯାଜ୍ଞବଲ୍କ୍ୟ ତାଙ୍କୁ ଅଧିକ ପ୍ରଶ୍ନ ପଚାରିବା ବନ୍ଦ କରିବାକୁ କହିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଗାର୍ଗୀ ନିଜର ପ୍ରଶ୍ନ ପୁନର୍ବାର ଆରମ୍ଭ କଲେ ଏବଂ ଯାଜ୍ଞବଲ୍କ୍ୟ ବୁଝାଇଲେ ଯେ ବ୍ରହ୍ମ ହିଁ ସଂସାର, ଯାହାକି ଋତୁ, ନଦୀ ଏବଂ ଅନ୍ୟ ସବୁ କିଛିର ମୂଳ କାରଣ ଅଟନ୍ତି ।



ଚିତ୍ର ୭.୩ : ଋଷିକା ଗାର୍ଗୀ ଓ ଯାଜ୍ଞବଲ୍କ୍ୟ

ସେମାନେ ବ୍ୟହବାର କରୁଥବା ଉତ୍ସ ଉପରେ ନିର୍ଭର କରି ପଣ୍ଡିତମାନେ ତାଙ୍କ ଜନ୍ମର ନିର୍ଦ୍ଦିଷ୍ଟ ବର୍ଷ ବିଷୟରେ ଭିନ୍ନ ଭିନ୍ନ ସିଦ୍ଧାନ୍ତ ବାହାର କରିଛନ୍ତି । ଚତୁର୍ଥ ଅଧ୍ୟାୟରେ, ଆମେ ଏକ ଆନୁମାନିକ ବର୍ଷ ଭାବରେ ଖ୍ରୀଷ୍ଟପୂର୍ବ ୫୬୦ ଚୟନ କରିଥିଲୁ । ଯାହା ହେଉ ନା କାହିଁକି, ଏଠାରେ ଆମ କାହାଣୀରେ କିଛି ଫରକ ପଡ଼େ ନାହିଁ ।

କାହାଣୀ ଅନୁଯାୟୀ, ସେତେବେଳେ ସିଦ୍ଧାର୍ଥ ଗୌତମ ରାଜପ୍ରସାଦରେ ଏକ ସୁରକ୍ଷିତ ଜୀବନ ଅତିବାହିତ କରି ବଡ଼ ହୋଇଥିଲେ । ଦିନେ ୨୯ ବର୍ଷ ବୟସରେ ସେ ରଥରେ ସହର ପରିକ୍ରମା କରିବାକୁ କହିଲେ ଏବଂ ଜୀବନରେ ପ୍ରଥମ ଥର ପାଇଁ ଜଣେ ବୃଦ୍ଧ, ଜଣେ ଅସୁସ୍ଥ ବ୍ୟକ୍ତି ଏବଂ ଏକ ମୃତଦେହ ଦେଖିବାକୁ ପାଇଲେ । ସେ ଜଣେ ସନ୍ନ୍ୟାସୀଙ୍କୁ ମଧ୍ୟ ଦେଖିଲେ, ଯିଏ ସୁଖୀ ଏବଂ ଶାନ୍ତିରେ ଥିଲାଭଳି ଜଣାପଡୁଥିଲେ । ଏହି ଅନୁଭୂତିକୁ ଅନୁସରଣ କରି ସିଦ୍ଧାର୍ଥ, ପତ୍ନୀ ଓ ପୁତ୍ରକୁ ତଥା ନିଜ ରାଜମହଲ ଜୀବନକୁ ତ୍ୟାଗ କରିବାକୁ ନିଷ୍ପତ୍ତି ନେଇଥିଲେ । ସନ୍ନ୍ୟାସୀ ଭାବରେ ପାଦରେ ଯାତ୍ରା କରି, ଅନ୍ୟ ସନ୍ନ୍ୟାସୀ ଓ ପଣ୍ଡିତମାନଙ୍କୁ ଭେଟି ସେ ମାନବ ଜୀବନରେ ଦୁଃଖର ମୂଳ କାରଣ ଖୋଜିଥିଲେ । ବୋଧଗୟା (ଆଜି ବିହାରରେ) ଏକ ପିପ୍ପଳ ଗଛ ତଳେ ଅନେକ ଦିନ ଧ୍ୟାନ କରିବା ପରେ ସେ ଜ୍ଞାନପ୍ରାପ୍ତି କରିଥିଲେ । ସେ ଅନୁଭବ କଲେ ଯେ, ଅବିଦ୍ୟା (ଅଜ୍ଞତା) ଏବଂ ଆକର୍ଷଣ ହେଉଛି ମନୁଷ୍ୟ ଦୁଃଖର ଉତ୍ସ ଏବଂ ଏହି ଦୁଇଟି କାରଣକୁ ଦୂର କରିବାପାଇଁ ଏକ ନିୟମ ପରିକଳ୍ପନା କରିଥିଲେ । ଏହାପରଠାରୁ ସିଦ୍ଧାର୍ଥ 'ବୁଦ୍ଧ' ନାମରେ ପରିଚିତ ହେଲେ, ଯାହାର ଅର୍ଥ ହେଲା 'ଜାଗ୍ରତ' ବ୍ୟକ୍ତି ।

ବୁଦ୍ଧ ଯେଉଁ ଜ୍ଞାନ ପ୍ରାପ୍ତ ହେଲେ, ତାକୁ ଉପଦେଶ ଆକାରରେ ଶିଖାଇବା ଆରମ୍ଭ କଲେ । ମୁଖ୍ୟତଃ ତାଙ୍କ ଉପଦେଶରେ ଅହିଂସାର ସୁତ୍ର ନିହିତ ଅଛି । ଯାହାର ମୂଳ ଅର୍ଥ ହେଉଚି ଯେ, କାହାରିକୁ ଶାରୀରିକ ଓ ମାନସିକ ଭାବେ ଆଘାତ ନ ଦେବା କିମ୍ବା କ୍ଷତି ନ କରିବା । ସେ ନିଷ୍ଠାପର ଭାବେ ଆନ୍ତରିକ ଶୃଙ୍ଖଳା ତଥା ସଂଯମତା ଉପରେ ଗୁରୁତ୍ୱାରୋପ କରିଥିଲେ । ତାଙ୍କ ନିମ୍ନଲିଖିତ କଥା ଏହାକୁ ସରଳ ଭାବରେ ପ୍ରକାଶ କରେ ।



ଚିତ୍ର ୭.୪ : ବୁଦ୍ଧଦେବ

ସନ୍ନ୍ୟାସୀ (Ascetic): ଯିଏ ଉଚ୍ଚ ଚେତନା ପ୍ରାପ୍ତି ପାଇଁ କଠୋର ଶୃଙ୍ଖଳାରେ ନିୟୋଜିତ ହୁଏ ।

ଆକର୍ଷଣ (Attachment): ସାଧାରଣତଃ ଭାବନା ବା ଅଭ୍ୟାସ ମାଧ୍ୟମରେ କାହା ସହିତ କିମ୍ବା କୌଣସି ଜିନିଷ ସହିତ ବନ୍ଧନରେ ରିହବାର ବ୍ୟବସ୍ଥା ।

ଜଳ ଦ୍ୱାରା ବ୍ୟକ୍ତି ଶୁଦ୍ଧ ହୋଇପାରେ ନାହିଁ, ଯଦିଓ ଅନେକ ଲୋକ ପବିତ୍ର ନଦୀରେ ଗାଧୋଇ ଥାଆନ୍ତ । କିନ୍ତୁ ସେ ହିଁ ପବିତ୍ର, ଯାହା ପାଖରେ ସତ୍ୟ ଓ ଧର୍ମ ବାସ କରେ । ଯୁଦ୍ଧ କ୍ଷେତ୍ରରେ ହଜାରେ ଲୋକଙ୍କୁ ହଜାର ଥର ଜିତିବା ଠାରୁ ନିଜକୁ ନିଜେ ଜିତିବା ହେଉଚି ସବୁଠାରୁ ବଡ଼ ଉପଲବ୍ଧି ।

ସାଧୁ (Monk): ଏମିତି ଜଣେ ବ୍ୟକ୍ତି ଯିଏ ସଂସାରର ସ୍ୱାଭାବିକ ଜୀବନକୁ ତ୍ୟାଗ କରି ଧାର୍ମିକ କିମ୍ବା ଆଧ୍ୟାତ୍ମିକ କାର୍ଯ୍ୟରେ ନିଜକୁ ନିୟୋଜିତ କରନ୍ତି । ଜଣେ ସାଧୁ ସାଧାରଣତଃ ଦୀକ୍ଷା ଗ୍ରହଣ କରନ୍ତି, ଅର୍ଥାତ୍ ଶୃଙ୍ଖଳିତ ଜୀବନ ପାଇଁ କଠୋର ନିୟମ ପାଳନ କରିବାକୁ ନିଜକୁ ପ୍ରତିଶ୍ରୁତି ଦିଅନ୍ତି ।

ବୁଦ୍ଧ ସଂଘ ପ୍ରତିଷ୍ଠା କରିଥିଲେ, ଯାହା ସନ୍ନ୍ୟାସୀ ବା ଭିକ୍ଷୁ (ଏବଂ ପରବର୍ତ୍ତୀ ସମୟରେ, ଭିକ୍ଷୁଣୀ ବା ସାଧ୍ୱୀ) ମାନଙ୍କର ଏକ ସମ୍ପ୍ରଦାୟ, ଯେଉଁମାନେ ତାଙ୍କ ବାଣୀ ଓ ଉପଦେଶର ଅଭ୍ୟାସ ଏବଂ ପ୍ରସାର ପାଇଁ ନିଜକୁ ଉତ୍ସର୍ଗ କରିଥିଲେ । ଭାରତ ଏବଂ ସମଗ୍ର ଏସିଆ ଉପରେ ତାଙ୍କର ପ୍ରଭାବ ବହୁ ମାତ୍ରାରେ ଥିଲା, ଯାହା ଆମେ ପରେ ଆଲୋଚନା କରିବା । ଏହାର ପ୍ରଭାବ ଆଜି ବି ଅନୁଭବ କରାଯାଇପାରୁଛି ।

ସାଧ୍ୱୀ (Nun): ଜଣେ ସାଧୁଙ୍କ ସମକକ୍ଷର ନାରୀ ।

ଚିତ୍ର ୭.୫: ପ୍ରାୟ ୧୮୦୦ ବର୍ଷ ପୁରୁଣା ଏହି ପଥର ଚିତ୍ରରେ ବୁଦ୍ଧ ଶିକ୍ଷାକୁ ଦର୍ଶାଯାଇଛି ।

ଆସ ଅନୁସନ୍ଧାନ କରିବା

→ ଉପରୋକ୍ତ ଚିତ୍ରରେ ବୁଦ୍ଧଙ୍କୁ କିପରି ଚିତ୍ରିତ କରାଯାଇଛି ସେ ବିଷୟରେ ଆଲୋଚନା କର ।

→ ତୁମେ ଭାରତର କିଛି ରାଜ୍ୟ କିମ୍ବା ଅନ୍ୟ କେତେକ ଦେଶର ନାମ କହିପାରିବ କି ଯେଉଁଠାରେ ବୌଦ୍ଧ ଧର୍ମ ଆଜି ବି ଏକ ପ୍ରମୁଖ ଧର୍ମ ଅଟେ ? ଏଗୁଡ଼ିକୁ ବିଶ୍ୱ ମାନଚିତ୍ରରେ ଚିହ୍ନଟ କରିବାକୁ ଚେଷ୍ଟା କର ।

ଜୈନ ଧର୍ମ

ଜୈନ ଧର୍ମ ହେଉଛି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦର୍ଶନ ବା ଚିନ୍ତାଧାରା ଯାହା ସେହି ସମୟରେ ବ୍ୟାପକ ଲୋକପ୍ରିୟ ହୋଇଥିଲା, ଯଦିଓ ଏହାର ମୂଳ ଅଧିକ ପ୍ରାଚୀନ ବୋଲି କୁହାଯାଏ । ସିଦ୍ଧାର୍ଥ ଗୌତମଙ୍କ ପରି ରାଜକୁମାର ବର୍ଦ୍ଧମାନ ମଧ୍ୟ (6th BCE) ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର ପ୍ରାରମ୍ଭରେ ଏକ ରାଜା ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଜନ୍ମସ୍ଥାନ ଆଧୁନିକ ବିହାରର ବୈଶାଳି ସହର ନିକଟରେ ଥିଲା । ମାତ୍ର ୩୦ ବର୍ଷ ବୟସରେ ସେ ନିଜ ଘର ଛାଡ଼ି ଆଧ୍ୟାତ୍ମିକ ଜ୍ଞାନ ସନ୍ଧାନରେ ଯିବାକୁ ସ୍ଥିର କରିଥିଲେ । ସେ ଏକ ସନ୍ନ୍ୟାସୀ ଜୀବନର ଅନୁଶାସନକୁ ପାଳନ କରିଥିଲେ ଏବଂ ୧୨ ବର୍ଷ ପରେ 'ଅସୀମ ଜ୍ଞାନ' ବା 'ସର୍ବୋଚ୍ଚ ଜ୍ଞାନ' ହାସଲ କରିଥିଲେ । ସେ 'ମହାବୀର' ବା 'ମହାନାୟକ' ନାମରେ ପରିଚିତ ହେଲେ ଏବଂ ସେ ଅର୍ଜିତ ଜ୍ଞାନରୁ ଯାହା ଅନୁଭବ କଲେ ତାହା ସେ ପ୍ରଚାର କରିବା ଆରମ୍ଭ କରିଦେଲେ ।

ଚିତ୍ର ୭.୯ : ମହାବୀରଙ୍କ ଏକ ପାରମ୍ପରିକ ଚିତ୍ର

ମନେରଖ

'ଜୈନ୍ ବା ଜୈନ ଶବ୍ଦଟି 'ଜିନ'ରୁ ଆସିଛି, ଯାହାର ଅର୍ଥ ହେଉଛି 'ବିଜେତା' । ଏହା କୌଣସି ସ୍ଥାନ ବା ଶତ୍ରୁଙ୍କ ଉପରେ ବିଜୟକୁ ବୁଝାଏ ନାହିଁ, ବରଂ ଅଜ୍ଞତା ଏବଂ ମୋହର ବିଜୟକୁ ସୂଚିତ କରେ, ଯାହା ଦ୍ୱାରା କି ଜ୍ଞାନର ପ୍ରାପ୍ତି ସମ୍ଭବ ହୋଇଥାଏ ।

ଜୈନ ଶିକ୍ଷା ମଧ୍ୟରେ ଅହିଂସା, ଅନେକାନ୍ତବାଦ ଓ ଅପରିଗ୍ରହ ଅନ୍ତର୍ଭୁକ୍ତ । ବୌଦ୍ଧ ଧର୍ମ ଓ ବେଦାନ୍ତିକ ଚିନ୍ତାଧାରା ସହିତ ବହୁ ମାତ୍ରାରେ ସମାନ ହୋଇଥିବା ଏହି ଧାରଣା ଗୁଡ଼ିକ ଭାରତୀୟ ସଂସ୍କୃତିର କେନ୍ଦ୍ରବିନ୍ଦୁ ଅଟେ । ମହାବୀରଙ୍କ ପ୍ରଥମ ବିଚାରଧାରାକୁ ଏହି ଉକ୍ତିଦ୍ୱାରା ବୁଝାଯାଇପାରେ ।

ନିଃଶ୍ୱାସ ନେଉଥିବା, ବିଦ୍ୟମାନ, ଜୀବିତ, ସମ୍ବେଦନଶୀଳ କୌଣସି ପ୍ରାଣୀମାନଙ୍କୁ ହତ୍ୟା କରାଯିବା ଉଚିତ ନୁହେଁ, ହିଂସା ବ୍ୟବହାର କରାଯିବା ଉଚିତ ନୁହେଁ, ଅପମାନ ଦିଆଯିବା ଉଚିତ ନୁହେଁ, କଷ୍ଟ ଦେବା ଉଚିତ୍ ନୁହେଁ କିମ୍ବା ହେୟଜ୍ଞାନ କରିବା ଉଚିତ୍ ନୁହେଁ ।

ଆସ ଶେଷ ଦୁଇଟିକୁ ସରଳ ଶବ୍ଦରେ ବ୍ୟାଖ୍ୟା କରିବା:

- ଅନେକାନ୍ତବାଦର ଅର୍ଥ ହେଉଛି 'କେବଳ ଗୋଟିଏ ନୁହେଁ ଏପରି ଦିଗ ବା ଦୃଷ୍ଟିକୋଣ । ଅର୍ଥାତ୍ ସତ୍ୟର ଅନେକ ଦିଗ ରହିଛି ଏବଂ ଏହାକୁ କୌଣସି ଗୋଟିଏ ବିବୃତ୍ତି ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ବର୍ଣ୍ଣନା କରାଯାଇପାରିବ ନାହିଁ ।
- ଅପରିଗ୍ରହର ଅର୍ଥ ହେଉଛି 'ଅନ-ଅଧିକାର' ଏବଂ ଏହା ଭୌତିକ ସମ୍ପତ୍ତିଠାରୁ ଅଲଗା ହେବାକୁ ପରାମର୍ଶ ଦିଏ, ଜୀବନରେ ପ୍ରକୃତରେ ଯାହା ଆବଶ୍ୟକ ସେଥିରେ ନିଜକୁ ସୀମିତ ରଖିବା ଉଚିତ୍ ।

ଜୈନ ଧର୍ମ ମଧ୍ୟ ମନୁଷ୍ୟ ଠାରୁ ଆରମ୍ଭ କରି ଅଦୃଶ୍ୟ ଜୀବ ପର୍ଯ୍ୟନ୍ତ ସମସ୍ତ ପ୍ରାଣୀଙ୍କ ପରସ୍ପର ସହ ସମ୍ପର୍କ ଏବଂ ପରସ୍ପର ନିର୍ଭରଶୀଳତା ଉପରେ ଗୁରୁତ୍ୱାରୋପ କରେ, କାରଣ ସେମାନେ ପରସ୍ପରକୁ ସମର୍ଥନ କରନ୍ତି ଏବଂ ପରସ୍ପର ବିନା ବଞ୍ଚି ପାରିବେ ନାହିଁ । ପ୍ରକୃତି, ଉଦ୍ଭିଦ ଓ ଜୀବଜନ୍ତୁଙ୍କ ଉପରେ ଅଧ୍ୟୟନ କରୁଥିବା ବୈଜ୍ଞାନିକମାନେ ଏହି ଗଭୀର ସତ୍ୟକୁ ବାରମ୍ବାର ପ୍ରମାଣିତ କରିଛନ୍ତି ।

ଭାରତୀୟ ପିଲା ଓ ବୟସ୍କଙ୍କ ପିଢ଼ିକୁ ଆନନ୍ଦିତ କରିଥିବା ଜାତକ କାହାଣୀଗୁଡ଼ିକ ବୁଦ୍ଧଙ୍କ ପୂର୍ବ ଜନ୍ମର କାହାଣୀ କହେ ଏବଂ ବୌଦ୍ଧ ମୂଲ୍ୟବୋଧକୁ ସରଳ ଶବ୍ଦରେ ପ୍ରକାଶ କରିଥାଏ ।

ଏକ ଜଣାଶୁଣା କାହାଣୀରେ ବୁଦ୍ଧ ମାଙ୍କଡ଼ମାନଙ୍କର ଏକ ବିଶାଳ ସୈନ୍ୟବାହିନୀର ରାଜା ଥିଲେ । ସେମାନେ ଏକ ବିରାଟ ଗଛ ନିକଟରେ ରହୁଥିଲେ ଯାହା ଦିବ୍ୟ ସୁଗନ୍ଧ ଏବଂ ସ୍ୱାଦିଷ୍ଟ ଫଳଯୁକ୍ତ ଥିଲା । ମାଙ୍କଡ଼ ରାଜାଙ୍କ ନିର୍ଦ୍ଦେଶ ବିନା କୌଣସି ଫଳ ତୋଳା ହେଉ ନ ଥିଲା, ତା ସତ୍ତ୍ୱେ ଦିନେ ତଳେ ବହିଯାଉଥିବା ଝରଣାରେ ଏକ ପାଚିଲା ଫଳ ଖସିପଡ଼ିଲା । ସ୍ରୋତରେ ବହି ଯାଇ ଏହା ଜାଲରେ ଲାଗିବାରୁ ମହଲକୁ ନିଆଯାଇଥିଲା । ରାଜା ଏହାର ସ୍ୱାଦରେ ଏତେ ଆକର୍ଷିତ ହୋଇଥିଲେ ଯେ ସେ ତାଙ୍କ ସୈନ୍ୟମାନଙ୍କୁ ସେହି ଗଛକୁ ଠାବ କରିବାକୁ ଆଦେଶ ଦେଲେ ଯେଉଁଥିରୁ ଏହା ଆସିଥିଲା ।

ବହୁ ଖୋଜାଖୋଜି କରିବା ପରେ ସେମାନେ ଗଛଟିକୁ ପାଇଲେ ଏବଂ ମାଙ୍କଡ଼ମାନେ ଗଛର ଫଳକୁ ଉପଭୋଗ କରୁଥିବାର ଦେଖିଲେ । ସୈନିକମାନେ ମାଙ୍କଡ଼ମାନଙ୍କ ଉପରେ ଆକ୍ରମଣ କଲେ । ମାଙ୍କଡ଼ ରାଜା ନିଜ ମାଙ୍କଡ଼ ମାନଙ୍କୁ ବଞ୍ଚାଇବାର ଏକମାତ୍ର ଉପାୟ ଥିଲା ଯେ, ସେମାନଙ୍କୁ ଝରଣା ଅତିକ୍ରମ କରିବାରେ ସାହାଯ୍ୟ କରିବା; କିନ୍ତୁ ସେମାନେ ନିଜେ ତାହା କରିପାରିଲେ ନାହିଁ । ସେମାନଙ୍କ ଠାରୁ ବହୁତ ବଡ଼ ହୋଇଥିବାରୁ ମାଙ୍କଡ଼-ରାଜା ଅନ୍ୟ କୂଳରେ ଥିବା ଏକ ଗଛକୁ ଧରି ନିଜ ଶରୀରକୁ ଝରଣା ଅତିକ୍ରମ କରିବା ପାଇଁ ଏକ ପୋଲ ଭାବରେ ବ୍ୟବହାର କରିବାକୁ ଦେଇଥିଲେ, ଯଦିଓ ଏହି ପ୍ରକ୍ରିୟାରେ ସେ ଗୁରୁତର ଆହତ ହୋଇଥିଲେ ଏବଂ ଶେଷରେ ତାଙ୍କର ମୃତ୍ୟୁ ମଧ୍ୟ ଘଟିଥିଲା ।

ଚିତ୍ର ୭.୭ : ମାଙ୍କଡ଼ ରାଜାଙ୍କ କାହାଣୀକୁ ଦର୍ଶାଉଥିବା ଏକ ପଥର ଚିତ୍ର
(ମଧ୍ୟପ୍ରଦେଶର ଭାରୁତରେ ଠାବ କରାଯାଇଛି)

ଦୂରରୁ ଏହି ଦୃଶ୍ୟ ଦେଖିଥିବା ରାଜା, ମାଙ୍କଡ଼-ରାଜାଙ୍କ ନିଃସ୍ୱାର୍ଥପର ବଳିଦାନରେ ବହୁତ ପ୍ରଭାବିତ ହୋଇଥିଲେ । ସେ ନିଜ ପ୍ରଜାଙ୍କ ପ୍ରତି ରାଜାର ଭୂମିକା ବିଷୟରେ ଚିନ୍ତା କଲେ ।

ଏକ ଜୈନ କାହାଣୀ

ରୋହିଣେୟ ଜଣେ ଅସାଧାରଣ ଦକ୍ଷ ଚୋର ଥିଲା । ତାଙ୍କୁ ଧରିବା ପାଇଁ ସମସ୍ତ ପ୍ରୟାସକୁ ବିଫଳ କରି ଦେଇଥିଲା । ଏକ ସହରକୁ ଯିବା ବାଟରେ ସେ ହଠାତ୍ ମହାବୀରଙ୍କ ଏକ ଉପଦେଶରୁ କିଛି ବାକ୍ୟ ଶୁଣିଲା ଯାହା କି ଅଜ୍ଞାନ ରୂପକ ଅଜ୍ଞାନତାର ସାଧାରଣ ଜୀବନରୁ ମୁକ୍ତି ପାଇବା ପାଇଁ ଦେଉଥିଲେ । ସହରରେ ରୋହିଣେୟଙ୍କ ଚିହ୍ନଟ କରାଯାଇ ଗିରଫ କରାଗଲା । ସେ ଜଣେ ସରଳ କୃଷକ ବୋଲି ପରିଚୟ ଦେଇଥିଲେ । ଜଣେ ମନ୍ତ୍ରୀ ତାଙ୍କୁ ନିଜର ପରିଚୟ ସ୍ୱୀକାର କରିବାକୁ ବାଧ କରିବା ପାଇଁ ଏକ ଚତୁର ଯୋଜନା ପ୍ରସ୍ତୁତ କରିଥିଲେ । କିନ୍ତୁ ରୋହିଣେୟ ମହାବୀରଙ୍କ କଥାକୁ ମନେ ପକାଇ ମନ୍ତ୍ରୀଙ୍କ ଯୋଜନାକୁ ଠାବ କରି ଏହାକୁ ବିଫଳ କରିବାରେ ସମର୍ଥ ହୋଇଥିଲେ ।

ଦୁଃଖ ଅନୁଭବ କରି ରୋହିଣେୟ ମହାବୀରଙ୍କ ପାଖକୁ ଯାଇ ନିଜର ଅପରାଧ ସ୍ୱୀକାର କରିବା ସହ ସେ ଚୋରି କରିଥିବା ଧନ ଫେରସ୍ତ କରିବା ସହ କ୍ଷମା ମାଗିଥିଲେ । ସେ ଜଣେ ସାଧୁ ହୋଇଗଲେ, ସେ ଯେଉଁ ଭ୍ରମରେ ରହୁଛନ୍ତି ତାହା ଅନୁଭବ କଲେ ଏବଂ ଉଚ୍ଚ ଜ୍ଞାନ ଅର୍ଜନ କରିବା ଉପରେ ଧ୍ୟାନ ଦେଲେ ।

କାହାଣୀଟି ସଠିକ୍ କାର୍ଯ୍ୟ ଏବଂ ସଠିକ୍ ଚିନ୍ତାଧାରାର ଗୁରୁତ୍ୱକୁ ଦର୍ଶାଏ, ଏବଂ ସମସ୍ତଙ୍କୁ ଜୀବନରେ ଦ୍ୱିତୀୟ ସୁଯୋଗ ମିଳିବା ଉଚିତ୍ ବୋଲି ମଧ୍ୟ ଦର୍ଶାଏ ।

ଚିତ୍ର : ୭.୮

ଆସ ଅନୁସନ୍ଧାନ କରିବା

ଉପରୋକ୍ତ ଚିତ୍ରକୁ (ନୂଆଦିଲ୍ଲୀର ଏକ ଜୈନ ମନ୍ଦିର) ନିରୀକ୍ଷଣ କର । ଏଥିରେ କ'ଣ ବିଶେଷଣ ପରିଲକ୍ଷିତ ହେଉଛି ? ଏହା କେଉଁ ବାର୍ତ୍ତା ବହନ କରୁଛି ?

ଏହା ବିଷୟରେ ଚିନ୍ତା କର

ଉଭୟ ବୌଦ୍ଧ ଓ ଜୈନ ଧର୍ମରେ ଅହିଂସା ହେଉଛି ଜଣେ ବ୍ୟକ୍ତି କିମ୍ବା ପଶୁଙ୍କ ପ୍ରତି ଶାରୀରିକ ହିଂସା ନ କରିବା ଠାରୁ ଅଧିକ । ଏହାର ଅର୍ଥ ହେଉଛି ଚିନ୍ତାରେ ହିଂସାରୁ ସଂଯମ ରହିବା, ଯେପରିକି କାହା ପ୍ରତି ଖରାପ ଭାବନା ନ ରଖିବା । ଯଦି ଆମେ ନିଜକୁ ଧ୍ୟାନର ସହ ଅନୁଧ୍ୟାନ କରିଥାଉ, ତେବେ ଆମେ ଏଭଳି ନକାରାତ୍ମକ ଚିନ୍ତାଧାରାକୁ ଲକ୍ଷ୍ୟ କରିପାରିବା ଏବଂ ଏହାକୁ ସକାରାତ୍ମକ ଚିନ୍ତାଧାରାରେ ପରିଣତ କରିବାକୁ ଶିଖିପାରିବା । ବେଳେବେଳେ ଏଭଳି ନକାରାତ୍ମକ ଚିନ୍ତାଧାରା ମଧ୍ୟ ନିଜ ପ୍ରତି ନିର୍ଦ୍ଦେଶିତ ହୋଇଥାଏ ।

ଉଭୟ ବୌଦ୍ଧ ଓ ଜୈନ ଧର୍ମରେ ସାଧୁ ଓ ବେଳେବେଳେ ସାଧ୍ୱୀମାନେ ମଧ୍ୟ ନିଜ ନିଜ ଶିକ୍ଷାକୁ ଦୂର ଦୂରାନ୍ତରେ ପ୍ରସାର କରିବା ପାଇଁ ଦେଶବ୍ୟାପୀ ଭ୍ରମଣ କରିବା ଆରମ୍ଭ କଲେ । ସେମାନଙ୍କ ମଧ୍ୟରୁ କେତେକ ଦୂର ସ୍ଥାନରେ ନୂତନ ମଠ ସୃଷ୍ଟି କରିଥିବାବେଳେ ଆଉ କେତେକ ପଥରରେ କଟା ଯାଇଥିବା ଗୁମ୍ଫାରେ ସନ୍ନ୍ୟାସୀ ଜୀବନ ବିତାଉଥିଲେ । ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନରୁ ସେହି ମଠଗୁଡ଼ିକର ଅନେକ ଚିହ୍ନ ସାମ୍ନାକୁ ଆସିଛି, ବେଳେବେଳେ ପଥର କଟା ଗୁମ୍ଫାରେ ରହୁଥିବା ଏବଂ ପଥର ଖଟ ଉପରେ ଶୋଇଥିବା ସାଧୁମାନଙ୍କ ନାମ ମଧ୍ୟ ସାମ୍ନାକୁ ଆସିଛି ।

ଚିତ୍ର ୭.୯ : ଏଠାରେ ଏଲୋରା (ମହାରାଷ୍ଟ୍ର)ରେ ଥିବା ଗୁମ୍ଫାଗୁଡ଼ିକ ଷଷ୍ଠ ଏବଂ ଦଶମ ଶତାବ୍ଦୀ ମଧ୍ୟରେ ପଥରକୁ କାଟି ନିର୍ମାଣ ଯାଇଥିଲା । ଗୁମ୍ଫାଗୁଡ଼ିକ ମଧ୍ୟରୁ କେତେକ ହିନ୍ଦୁ, ଅନ୍ୟଗୁଡ଼ିକ ବୌଦ୍ଧ ଏବଂ ଜୈନ ଗୁରୁଙ୍କ ନିମନ୍ତେ ନିର୍ମିତ ।

ଏହା ବିଷୟରେ ଚିନ୍ତା କର

ଇଂରାଜୀରେ ହିନ୍ଦୁ, ବୌଦ୍ଧ, ଜୈନ ଓ ଶିଖ୍ ଧର୍ମକୁ 'ଧର୍ମ' ବୋଲି କୁହାଯାଏ । ତୁମେ ଦେଖିଥିବ ଯେ ଆମେ ଏହି ଶବ୍ଦକୁ ଏଡ଼ାଇ ଯାଇଛୁ, 'ଚିନ୍ତାଧାରା' ଏବଂ (ପରବର୍ତ୍ତୀ ସମୟରେ ଏହି ଅଧ୍ୟାୟରେ) ସମ୍ପ୍ରଦାୟ'କୁ ପ୍ରାଧାନ୍ୟ ଦେଇଛୁ । ଏହାର କାରଣ ହେଉଛି ସେହି ସମ୍ପ୍ରଦାୟ ଏବଂ ବ୍ୟବସ୍ଥାର ଅନେକ ଦିଗ ଅଛି, ଯାହାକୁ ଆମେ ଧୀରେ ଧୀରେ ଆଲୋଚନା କରିବୁ- ଏକ ଦାର୍ଶନିକ ଦିଗ, ଏକ ଆଧ୍ୟାତ୍ମିକ ଦିଗ, ଏକ ଧାର୍ମିକ ଦିଗ, ଏକ ନୈତିକ ଦିଗ ଏବଂ ଏକ ସାମାଜିକ ଦିଗ । ଭାରତୀୟ ସଭ୍ୟତା ପରିପ୍ରେକ୍ଷୀରେ 'ଧର୍ମ' ଶବ୍ଦ ଅତ୍ୟନ୍ତ ସୀମିତ ବୋଲି ଅନେକ ପଣ୍ଡିତ ଏକମତ ହୁଅନ୍ତି ।

ସେହି ସମୟରେ ଅନ୍ୟାନ୍ୟ ଚିନ୍ତାଧାରା ମଧ୍ୟ ଥିଲା । ଉଦାହରଣ ସ୍ୱରୂପ, ସେମାନଙ୍କ ମଧ୍ୟରୁ ଜଣେ, ଯାହାକୁ 'ଚାର୍ବାକ' ସମ୍ପ୍ରଦାୟ (ବେଳେବେଳେ 'ଲୋକାୟତ' ମଧ୍ୟ କୁହାଯାଏ) ବିଶ୍ୱାସ କରୁଥିଲେ ଯେ ଏହି ଭୌତିକ ଜଗତ ହେଉଛି ଏକମାତ୍ର ଜିନିଷ ଯାହା ବିଦ୍ୟମାନ ଅଛି, ଏବଂ ତେଣୁ ମୃତ୍ୟୁ ପରେ କୌଣସି ଜୀବନ ହୋଇପାରିବ ନାହିଁ । ଏହି ସମ୍ପ୍ରଦାୟଟି ବିଶେଷ ଲୋକପ୍ରିୟତା ହାସଲ କରିପାରି ନାହିଁ ଏବଂ ସମୟ କ୍ରମେ ଏହା ଅଦୃଶ୍ୟ ହୋଇଗଲା । ବୌଦ୍ଧିକ କିମ୍ବା ଆଧ୍ୟାତ୍ମିକ ବିଶ୍ୱାସ ପ୍ରଣାଳୀର ବ୍ୟାପକ ବିବିଧତା ଥିବା ଦର୍ଶାଇବା ପାଇଁ ଆମେ ଏହା ଉଲ୍ଲେଖ କରୁଛୁ । ଲୋକମାନେ ସେମାନଙ୍କ ପାଇଁ ଉପଯୁକ୍ତ ଜିନିଷ ଚୟନ କରିବାକୁ ସ୍ୱାଧୀନତା ଦିଆଯାଇଥିଲା ।

ଜୈନ ଧର୍ମ ଓ ଖାରବେଳ

ପ୍ରାଚୀନ ଭାରତୀୟ ଇତିହାସରେ ସମ୍ରାଟ ଖାରବେଳଙ୍କ ରାଜତ୍ୱ ସମୟରେ ଜୈନ ଧର୍ମକୁ ଅଧିକ ପୃଷ୍ଠପୋଷକ ମିଳିଥିଲା । ସେ ପ୍ରଥମ ଶତାବ୍ଦୀ (CE) ରେ କଳିଙ୍ଗ (ବର୍ତ୍ତମାନର ଓଡ଼ିଶା) ରେ ଶାସନ କରିଥିଲେ । ଭୁବନେଶ୍ୱର ନିକଟସ୍ଥ ଉଦୟଗିରି ପାହାଡ଼ରେ ଖୋଦିତ ହାତୀଗୁମ୍ଫା ଶିଳାଲେଖରୁ ଏହା ସର୍ବୋତ୍ତମ ଭାବରେ ଜଣାଶୁଣା ।

ଯଦିଓ ଖାରବେଳ ଜଣେ ଧାର୍ମିକ ସହନଶୀଳ ଶାସକ ଥିଲେ, ତଥାପି ଜୈନ ଧର୍ମ ପ୍ରତି ତାଙ୍କର ଗଭୀର ଭକ୍ତି ପାଇଁ ତାଙ୍କୁ ସର୍ବୋତ୍ତମ ଭାବରେ ମନେ ରଖାଯାଏ । ସେ ଜୈନ ଆଦର୍ଶକୁ ପ୍ରୋତ୍ସାହିତ କରିଥିଲେ, ଜୈନ ଭିକ୍ଷୁମାନଙ୍କୁ ସମର୍ଥନ କରିଥିଲେ ଏବଂ ପୂର୍ବ ଭାରତରେ ଜୈନ ଧର୍ମର ପ୍ରସାରରେ ଅବଦାନ ରଖିଲେ ।

ବ୍ରାହ୍ମୀଲିପିରେ ଏହି ପ୍ରାକୃତ ଶିଳାଲେଖ ତାଙ୍କ ରାଜତ୍ୱ ଏବଂ ଧାର୍ମିକ କାର୍ଯ୍ୟକଳାପ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରେ । ଏଥିରେ ଲେଖା ଅଛି ଯେ ସେ ପୂର୍ବ ଆକ୍ରମଣକାରୀମାନଙ୍କ ଦ୍ୱାରା ଛଡ଼ାଇ ନିଆଯାଇଥିବା କଳିଙ୍ଗ ଜୈନଙ୍କ ମୂର୍ତ୍ତିକୁ ଫେରାଇ ଆଣିଥିଲେ ।

ବିଶେଷକରି ଉଦୟଗିରି ଏବଂ ଖଣ୍ଡଗିରି ପାହାଡ଼ରେ ଥିବା ଜୈନ ଗୁମ୍ଫା ଏବଂ ମନ୍ଦିରଗୁଡ଼ିକୁ ପୁନରୁଦ୍ଧାର ଏବଂ ବୃଦ୍ଧି କରିଥିଲେ ।

ଏଥି ସହିତ ଖାରବେଳ ଜୈନ ତପସ୍ୱୀ (ଶ୍ରମଣ)ଙ୍କ ପ୍ରତିପାଳନ ପାଇଁ ଭୂମି ଏବଂ ସମ୍ପଦ ପ୍ରଦାନ କରିଥିଲେ ଏବଂ ସେ ଜୈନ ଧର୍ମର ଧାର୍ମିକ ଭିତ୍ତିଭୂମିକୁ ସୁଦୃଢ଼ କରି ଜୈନ ଶ୍ରାବକ ଏବଂ ସନ୍ନ୍ୟାସୀଙ୍କ ସୁରକ୍ଷା ଏବଂ ସମ୍ମାନ ସୁନିଶ୍ଚିତ କରିଥିଲେ ।

ତାଙ୍କ ପୃଷ୍ଠପୋଷକତାରେ, ଉଦୟଗିରି-ଖଣ୍ଡଗିରି ଅଞ୍ଚଳରେ ଜୈନ ଭିକ୍ଷୁମାନଙ୍କ ପାଇଁ ଅନେକ ପଥର-କଟା ଗୁମ୍ଫା ସୃଷ୍ଟି କରାଯାଇଥିଲା । ରାଣୀ ଗୁମ୍ଫା, ହାତୀ ଗୁମ୍ଫା ଏବଂ ଗଣେଶ ଗୁମ୍ଫା ଭଳି ଉଲ୍ଲେଖନୀୟ ଗୁମ୍ଫାରେ ଜୈନ ବିଷୟବସ୍ତୁକୁ ପ୍ରତିଫଳିତ କରୁଥିବା ଶିଳାଲେଖ ଏବଂ କାରୁକାର୍ଯ୍ୟ ରହିଛି ।

ଉଦୟଗିରି ଏବଂ ଖଣ୍ଡଗିରି ଗୁମ୍ଫାର ଇତିହାସ

ପ୍ରସିଦ୍ଧ ଉଦୟଗିରି ଏବଂ ଖଣ୍ଡିଗିରି ଗୁମ୍ଫାଗୁଡ଼ିକ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ । ଏହି ଗୁମ୍ଫାଗୁଡ଼ିକ ପ୍ରାୟ ପ୍ରଥମ ଏବଂ ଦ୍ୱିତୀୟ ଶତାବ୍ଦୀରେ ଓଡ଼ିଶା (ପୂର୍ବ କଳିଙ୍ଗ) ଉପରେ ଶାସନ କରୁଥିବା ମହାମେଘବାହନ ରାଜବଂଶର ରାଜା ଖାରବେଳଙ୍କ ଆଦେଶରେ ନିର୍ମିତ ହୋଇଥିଲା । ଜୈନ ଭିକ୍ଷୁମାନଙ୍କୁ ବିଶ୍ରାମ ଏବଂ ଧ୍ୟାନ କରିବା ପାଇଁ ଏକ ସ୍ଥାନ ଯୋଗାଇବା ପାଇଁ ଏହି ଆକର୍ଷଣୀୟ ଗୁମ୍ଫାଗୁଡ଼ିକ ନିର୍ମାଣ କରାଯାଇଥିଲା ।

ପ୍ରାରମ୍ଭରେ, ମୋଟ ୧୧୭ଟି ଗୁମ୍ଫା ଥିଲା, ଯାହା ମଧ୍ୟରୁ ଆଜି କେବଳ ୩୩ଟି ଗୁମ୍ଫା ଦେଖାଯାଉଛି । ଏହି ୩୩ଟି ଗୁମ୍ଫା ମଧ୍ୟରୁ ୧୫ଟି ଖଣ୍ଡଗିରି ପାହାଡ଼ରେ ଅବସ୍ଥିତ ଏବଂ ସେମାନଙ୍କ ମଧ୍ୟରୁ ୧୮ଟି ଉଦୟଗିରି ପାହାଡ଼ରେ ଅବସ୍ଥିତ । ଏହି ଯମଜ ଗୁମ୍ଫା ଦୁଇଟି ସଂଲଗ୍ନ ପାହାଡ଼ରେ ଅବସ୍ଥିତ, ଯାହା କୁମାରୀ ପର୍ବତମାଳାର ଅଂଶ ବିଶେଷ ।

ଏହି ବହୁ ସ୍ତରୀୟ ପଥର-କଟା ଗୁମ୍ଫାଗୁଡ଼ିକ ଓଡ଼ିଶାର ଇତିହାସରେ ଜୈନ ଧର୍ମର ଗୁରୁତ୍ୱକୁ ଦର୍ଶାଏ । ପୂର୍ବରୁ କଟକ କିମ୍ବା କଟକ ଗୁମ୍ଫା ଭାବରେ ଜଣାଶୁଣା, ଉଦୟଗିରି ଏବଂ ଖଣ୍ଡଗିରି ଗୁମ୍ଫାଗୁଡ଼ିକୁ ୧୯ ଶତାବ୍ଦୀରେ (CE) ଜଣେ ଯୁବ ବ୍ରିଟିଶ ଅଧିକାରୀ ଆଣ୍ଡ୍ରୁ ଷ୍ଟର୍ଲିଙ୍ଗ ଆବିଷ୍କାର କରିଥିଲେ । କୁହାଯାଏ ଯେ ଜୈନ ଭିକ୍ଷୁମାନେ ଯାଯାବର ଜୀବନଯାପନ କରୁଥିଲେ ଏବଂ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରା କରୁଥିଲେ । ବର୍ଷା ଋତୁରେ ଓଡ଼ିଶାରେ ସେମାନଙ୍କର ରହଣି ସମୟରେ, ରାଜା ଖାରବେଳ ସେମାନଙ୍କ ପାଇଁ ଏକ ସ୍ଥାନ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ, ଯେଉଁଠାରେ ସେମାନେ ବିଶ୍ରାମ ଏବଂ ଧ୍ୟାନ କରିପାରିବେ ।

ପ୍ରତ୍ୟେକ ଗୁମ୍ଫାରେ ଏକ ଉତ୍ସ ମାଧ୍ୟମରେ ଏକ ଛୋଟ ନାଳ ଆକାରରେ ପାଣି ମିଳୁଥିଲା । ପ୍ରତ୍ୟେକ ଗୁମ୍ଫାରେ ସହଜ ଯୋଗାଯୋଗ ପାଇଁ ଗାତ ଥିଲା, ଦୀପ ଜଳାଇବା ପାଇଁ ଏକ ସ୍ଥାନ ଏବଂ ମୁଣ୍ଡ ବିଶ୍ରାମ ଭାବରେ କାମ କରିବାପାଇଁ ଏକ ମହଲା ସାମାନ୍ୟ ଢଳିଥିଲା । ଏହି ଗୁମ୍ଫାଗୁଡ଼ିକ ମଧ୍ୟରୁ ଅନେକର ଉପର କୋଠରୀ ଥିଲା, ଯେଉଁଠାରେ ବିଶ୍ୱାସ କରାଯାଏ ଯେ ଭିକ୍ଷୁମାନେ ଗଭୀର ଧ୍ୟାନରେ ସେଠାକୁ ଯାଉଥିଲେ ।

ଜୈନ ପରମ୍ପରା ଅନୁଯାୟୀ, ଏପରି ଏକ ସମୟ ଥିଲା ଯେତେବେଳେ ଜୈନ ଧର୍ମର ୨୪ତମ ତୀର୍ଥଙ୍କର (ଆଧ୍ୟାତ୍ମିକ ଗୁରୁ) ମହାବୀର ଜୈନ କୁମାରୀ ପର୍ବତକୁ ଆସିଥିଲେ ଏବଂ ତାଙ୍କର ସିଦ୍ଧାନ୍ତ ପ୍ରଚାର କରିଥିଲେ । ସେହି ସମୟ ଠାରୁ, ଏହି ସ୍ଥାନ ଜୈନ ଧର୍ମର ଅନୁଗାମୀମାନଙ୍କ ପାଇଁ ପବିତ୍ର ହୋଇଆସିଛି ।

ଶିଳାଲେଖ

ଏହି ଗୁମ୍ଫାର କାନ୍ଥରେ ଅନେକ ଶିଳାଲେଖ ଅଛି, ଯେଉଁଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ହାତୀ ଗୁମ୍ଫା ଶିଳାଲେଖ, ଯାହାକୁ ରାଜା ଖାରବେଳଙ୍କ ନିର୍ଦ୍ଦେଶରେ ଦ୍ୱିତୀୟ ଶତାବ୍ଦୀରେ ଖୋଦିତ କରାଯାଇଥିଲା ବୋଲି ବିଶ୍ୱାସ କରାଯାଏ ।

ଯଦିଓ ବୈଦିକ, ବୌଦ୍ଧ ଏବଂ ଜୈନ ଧର୍ମରେ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଥିଲା, ତଥାପି ସେମାନେ ଧର୍ମ, କର୍ମ, ପୁନର୍ଜନ୍ମ, ଦୁଃଖ ଏବଂ ଅଜ୍ଞାନର ବିନାଶର ସନ୍ଧାନ ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟବୋଧ ଭଳି କିଛି ସାଧାରଣ ଧାରଣା ମଧ୍ୟ ଥିଲା । ଆମେ ଯେଉଁ ଗଛ ସହିତ ଏହି ଅଧ୍ୟାୟ ଆରମ୍ଭ କରିଥିଲୁ ତାହାର ଏହା ହେଉଛି 'ଗଣ୍ଡି' ।

ଜନଜାତି ଓ ସେମାନଙ୍କ ପରମ୍ପରା

ଏପର୍ଯ୍ୟନ୍ତ ଆମେ ଯେଉଁ ସାଂସ୍କୃତିକ ଚେର ଦେଖିଛୁ ତାହା ଅନେକ ଗ୍ରନ୍ଥରେ ଭଲ ଭାବରେ ବର୍ଣ୍ଣନା ହେବା ସହ ଲିପିବଦ୍ଧ ହୋଇଛି । ଭାରତରେ ମଧ୍ୟ ଲିଖିତ ଗ୍ରନ୍ଥ ବିନା ସମୃଦ୍ଧ 'ମୌଖିକ ପରମ୍ପରା' ଅର୍ଥାତ୍ ଦୈନନ୍ଦିନ ଅଭ୍ୟାସ ମାଧ୍ୟମରେ ପ୍ରସାରିତ ଶିକ୍ଷା ବା ଅଭ୍ୟାସ ରହିଛି (ଏହା ବେଦରେ ଦେଖାଯାଏ) । ସେଥି ମଧ୍ୟରୁ ଅନେକ ଲୋକ ପରମ୍ପରା ରହିଛି, ଯାହା ସାଧାରଣ ଲେକାଙ୍କ ଦ୍ୱାରା ପ୍ରସାରିତ ହୁଏ ଏବଂ ଆଦିବାସୀ ପରମ୍ପରା, ଆଦିବାସୀ ଲେକାମାନଙ୍କ ଦ୍ୱାରା ମଧ୍ୟ ପ୍ରସାରିତ ହୋଇଥାଏ ।

ଜନଜାତି କଣ ?

ଏହି ସାମାଜିକ ଗୋଷ୍ଠୀ ପାଇଁ ଅନେକ ସଂଜ୍ଞା ରହିଛି । ଆଜିକାଲି ମାନବବିଜ୍ଞାନୀମାନେ ସାଧାରଣତଃ ଏକ ଜନଜାତିକୁ ସାଧାରଣ ବଂଶୋଦ୍ଭବ, ସଂସ୍କୃତି ଏବଂ ଭାଷାର ପରମ୍ପରା, ମୁଖ୍ୟଙ୍କ ଅଧୀନରେ ଏକ ସମ୍ପ୍ରଦାୟ ଭାବରେ ବସବାସ କରୁଥିବା ଏବଂ କୌଣସି ବ୍ୟକ୍ତିଗତ ସମ୍ପତ୍ତି ନ ଥିବା ପରିବାର ବା ବଂଶର ଏକ ଗୋଷ୍ଠୀ ଭାବରେ ବିବେଚନା କରନ୍ତି ।

ଆଶ୍ଚର୍ଯ୍ୟ କଥା ହେଉଛି, ପ୍ରାଚୀନ ଭାରତରେ 'ଜନଜାତି' ପାଇଁ ଗୋଟିଏ ଶବ୍ଦ ନ ଥିଲା- ଜନଜାତିମାନେ କେବଳ ଏକ ନିର୍ଦ୍ଦିଷ୍ଟ ପରିବେଶରେ ଯେପରିକି ଜଙ୍ଗଲ କିମ୍ବା ପର୍ବତରେ ବସବାସ କରୁଥିବା ଭିନ୍ନ ଭିନ୍ନ 'ଜନ' ଥିଲେ । ଭାରତୀୟ ସମ୍ବିଧାନରେ ଇଂରାଜୀରେ 'ଟ୍ରାଇବ୍' ଓ 'ଟ୍ରାଇବାଲ୍ କମ୍ୟୁନିଟି' ଏବଂ ହିନ୍ଦୀରେ 'ଜନଜାତି' ଶବ୍ଦ ବ୍ୟବହାର କରାଯାଇଛି ।

ସରକାରୀ ତଥ୍ୟ ଅନୁଯାୟୀ, ୨୦୧୧ରେ ଭାରତ ଅଧିକାଂଶ ରାଜ୍ୟରେ ୭୦୫ଟି ଜନଜାତି ଥିଲେ, ଯାହାର ଜନସଂଖ୍ୟା; ପ୍ରାୟ ୧୦୪ ନିୟୁତ ଥିଲା, ଯାହା କି ଅଷ୍ଟ୍ରେଲିଆ ଏବଂ ବ୍ରିଟେନର ଜନସଂଖ୍ୟାଠାରୁ ଅଧିକ । ଭାରତୀୟ ଗଣରାଜ୍ୟର ସମ୍ବିଧାନରେ, ଆମ ଭାଷା ଓଡ଼ିଶା ଆନୁଷ୍ଠାନିକ ଭାବେ ମୋଟ ୬୪ଟି ଭିନ୍ନ ଜନଜାତିକୁ ଅନୁସୂଚିତ ଜନଜାତି ଭାବରେ ସ୍ୱୀକୃତି ଦେଇଛି, ଏହି ୬୪ଟି ଭିନ୍ନ ଜନଜାତିକୁ ଅନୁସୂଚିତ ଜନଜାତି ଭାବରେ ସ୍ୱୀକୃତି ଦେଇଛି । ଏହି ୬୪ ଜନଜାତି ମଧ୍ୟରୁ, ୧୩ଟି "ବିଶେଷକରି ଦୁର୍ବଳ/ଅବହେଳିତ ଜନଜାତି ଗୋଷ୍ଠୀ ଭାବରେ ନାମିତ ।

ଉନବିଂଶ ଶତାବ୍ଦୀରେ ଜନଜାତି ଅଧ୍ୟୟନ କରୁଥିବା ମାନବବିଜ୍ଞାନୀମାନେ ସେମାନଙ୍କୁ ସଭ୍ୟ ଲୋକଙ୍କଠାରୁ 'ଆଦିମ' ବା 'ନିମ୍ନ' ବୋଲି ବର୍ଣ୍ଣନା କରୁଥିଲେ । ଆଦିବାସୀ ସମ୍ପ୍ରଦାୟ ଏବଂ ସେମାନଙ୍କର ସମୃଦ୍ଧ ଏବଂ ଜଟିଳ ସଂସ୍କୃତ ଉପରେ ଗଭୀର ଅଧ୍ୟୟନ କରିବା ପରେ, ଏଭଳି ପକ୍ଷପାତ ବିଚାରକୁ ଅଧିକାଂଶ ସମୟରେ ପରିତ୍ୟାଗ କରାଯାଇଛି ।

ଏହି ଅଧ୍ୟାୟରେ ଉଲ୍ଲେଖ କରାଯାଇଛି ଯେ, ଲୋକ ଏବଂ ଜନଜାତି ପରମ୍ପରା ତଥା ପ୍ରମୁଖ ବିଚାରଧାରା ମଧ୍ୟରେ ନିରନ୍ତର ସଂପର୍କ ବଳବତ୍ତର ରହିଛି । ଉଭୟ ଦିଗରେ ଦେବଦେବୀ, ଧାରଣା, କିମ୍ବଦନ୍ତୀ ଓ ରୀତିନୀତିର ମଧ୍ୟରେ ଅବାଧ ଭାବ ବିନିମୟ ହୋଇଆସିଛି । ଉଦାହରଣ ସ୍ୱରୂପ ପରମ୍ପରା ଅନୁଯାୟୀ ପୁରୀ (ଓଡ଼ିଶା)ରେ ପୂଜା ପାଉଥିବା ଜଗନ୍ନାଥ ମୂଳତଃ ଜଣେ ଆଦିବାସୀ ଦେବତା ଥିଲେ । ସମଗ୍ର ଭାରତବର୍ଷରେ ମାତୃ-ଦେବୀଙ୍କ ପୂଜାର୍ଚ୍ଚନା ମଧ୍ୟ ବିଭିନ୍ନ ରୂପରେ ହୋଇଆସୁଛି । ଅପର ପକ୍ଷରେ କେତେକ ଜନଜାତି ବହୁ ପୂର୍ବରୁ ହିନ୍ଦୁ ଦେବତାମାନଙ୍କୁ ଗ୍ରହଣ କରିଥିଲେ, ଏବଂ ମହାଭାରତ ଏବଂ ରାମାୟଣରେ ଭାରତର ଉତ୍ତର-ପୂର୍ବ ରାଜ୍ୟଠାରୁ ଆରମ୍ଭ କରି ତାମିଲନାଡୁ ପର୍ଯ୍ୟନ୍ତ ଭଲ ଭାବରେ ବର୍ଣ୍ଣିତ ହୋଇଛି ।



ଏତେ ଦିନ ଧରି ଏବଂ ଏତେ ସ୍ୱାଭାବିକ ଭାବରେ ଏଭଳି ବିନିମୟ କେମିତି ହୋଇଛି ? କାରଣ ଲୋକ, ଆଦିବାସୀ ଓ ହିନ୍ଦୁ ବିଶ୍ୱାସ ବ୍ୟବସ୍ଥାର ଅନେକ ସମାନ ଧାରଣା ରହିଛି । ଉଦାହରଣ ସ୍ୱରୂପ, ପ୍ରକୃତିର ଉପାଦାନ ଯଥା ପର୍ବତ, ନଦୀ, ଗଛ, ଉଦ୍ଭିଦ ଓ ଜୀବଜନ୍ତୁ ଏବଂ କିଛି ପଥରକୁ ମଧ୍ୟ ପବିତ୍ର ବୋଲି ବିବେଚନା କରାଯାଏ, କାରଣ ସେସବୁ ମଧ୍ୟରେ ଚେତନା ରହିଛି । ବାସ୍ତବରେ ଜନଜାତିମାନେ ସାଧାରଣତଃ ସେହି ପ୍ରାକୃତିକ ଉପାଦାନ ସହିତ ଜଡ଼ିତ ଅନେକ ଦେବତାଙ୍କୁ ପୂଜା କରନ୍ତି । ଉଦାହରଣ ସ୍ୱରୂପ, ତାମିଲନାଡୁର ନୀଳଗିରିର ତୋଡା ଆଦିବାସୀଙ୍କ ପାଇଁ (ସେମାନଙ୍କ ମଧ୍ୟରୁ ଗୋଟିଏ ଡାହାଣ ପାର୍ଶ୍ୱରେ ଥିବା ଚିତ୍ରରେ ଚିତ୍ରିତ ହୋଇଛି), ଏହି ପର୍ବତମାଳାର ତିରିଶରୁ ଅଧିକ ଶିଖର ଦେବତା କିମ୍ବା ଦେବୀଙ୍କ ବାସସ୍ଥାନ; ସେହି ଶିଖରଗୁଡ଼ିକ ଏତେ ପବିତ୍ର ଯେ ତୋଡ଼ା ଜନଜାତିମାନେ ଆଙ୍ଗୁଠି ଦେଖାଇ ସେମାନଙ୍କ ଆଡ଼କୁ ଇଙ୍ଗିତ କରିବାରୁ ଦୂରେଇ ରୁହନ୍ତି ।

କିନ୍ତୁ ହିନ୍ଦୁ ଧର୍ମ ଭଳି ଦେବଦେବୀଙ୍କ ଏହି ବିବିଧତା ସତ୍ତ୍ୱେ ଅନେକ ଜନଜାତି ଗୋଷ୍ଠୀଙ୍କର ଏକ ଉଚ୍ଚ ଦେବତା ବା ସର୍ବୋଚ୍ଚ ସତ୍ତାର ଧାରଣା ରହିଛି। ଉଦାହରଣ ସ୍ୱରୂପ, ଅରୁଣାଚଳ ପ୍ରଦେଶର ଅନେକ ଜନଜାତି ସୂର୍ଯ୍ୟଙ୍କର ଏକ ମିଳିତ ରୂପ ଡୋନିପୋଲୋଙ୍କୁ ଏବଂ ଚନ୍ଦ୍ରକୁ ଯିଏ କି ପରବର୍ତ୍ତୀ ସମୟରେ ସର୍ବୋଚ୍ଚ ଭଗବାନଙ୍କ ଉଚ୍ଚ ମାନ୍ୟତା ହାସଲ କରିଥିଲେ, ତାଙ୍କୁ ପୂଜା କରନ୍ତି । ଏହା ମଧ୍ୟ ଭାରତର କିଛି

ଅଂଶରେ ଖଣ୍ଡୋବା ଦେବତାଙ୍କ କ୍ଷେତ୍ରରେ ଦେଖାଯାଏ ।

ପୂର୍ବ ଭାରତରେ ମୁଣ୍ଡା ଓ ସାନ୍ତାଳ ଆଦିବାସୀମାନେ ଏହି ସମଗ୍ର ବିଶ୍ୱକୁ ସୃଷ୍ଟି କରିଥିବା ସର୍ବୋଚ୍ଚ ଦେବତା ସିଙ୍ଗବଙ୍ଗାଙ୍କୁ ପୂଜା କରନ୍ତି । ନିୟମଗିରି ପର୍ବତକୁ ଡ଼ଙ୍ଗରିଆ ମାନେ ଦେବତା ବା ରକ୍ଷାକର୍ତ୍ତା ଭାବେ ଗ୍ରହଣ କରିଛନ୍ତି । ଏମିତି ଆହୁରି ଅନେକ ଉଦାହରଣ ରହିଛି ।

"ଭାରତୀୟ ଉପମହାଦେଶର ହଜାର ହଜାର ଜାତି ଓ ଜନଜାତି ଇତିହାସର ପ୍ରାରମ୍ଭରୁ ଏବଂ ପୂର୍ବରୁ ପରସ୍ପରକୁ ସେମାନଙ୍କ ଧାର୍ମିକ ବିଶ୍ୱାସ ଓ ପ୍ରଥାରେ ପ୍ରଭାବିତ କରିଛନ୍ତି । ହିନ୍ଦୁଧର୍ମ ଦ୍ୱାରା ଜନଜାତି ଧର୍ମ ପ୍ରଭାବିତ ହୋଇଛି ବୋଲି ସମସ୍ତେ ସ୍ୱୀକାର କରିଛନ୍ତି, କିନ୍ତୁ ଏହା ମଧ୍ୟ ସତ ଯେ ହିନ୍ଦୁ ଧର୍ମ କେବଳ ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ ନୁହେଁ ବରଂ ଏହାର ସମଗ୍ର ବିକାଶ ସମୟରେ ଜନଜାତି ଧର୍ମ ଦ୍ୱାରା ପ୍ରଭାବିତ ହୋଇଛି ।"

ସ୍ପଷ୍ଟ ଭାବରେ, ଏହି ଦୀର୍ଘ ସମ୍ପର୍କର ପରିଣାମ ସ୍ୱରୂପ ପାରସ୍ପରିକ ଧାର୍ମିକ ବିଚାରର ସମୃଦ୍ଧି ହୋଇଛି । ଏହି ପ୍ରକାରର ଲୋକ ଓ ଜନଜାତି ବିଶ୍ୱାସ ଓ ଅଭ୍ୟାସ ମଧ୍ୟ ଭାରତର ସାଂସ୍କୃତିକ ମୂଳ ମଧ୍ୟରେ ଗଣାଯାଏ । ପରବର୍ତ୍ତୀ ଅଧ୍ୟାୟରେ ଏହି ପ୍ରସଙ୍ଗକୁ ଅଧିକ ବିକଶିତ କରାଯାଇଛି ।

ବିପ୍ଳବୀ ଧରଣୀଧର ନାଏକ

ଧରଣୀଧର ନାଏକ ଓଡ଼ିଶାର କେଉଁଝର ଅଞ୍ଚଳର ଜଣେ ସାହସୀ ଆଦିବାସୀ ନେତା ଏବଂ ସ୍ୱାଧୀନତା ସଂଗ୍ରାମୀ ଥିଲେ । ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଅର୍ଥାତ୍ ୧୮୬୦-୭୦ (BC) ଦଶକରେ ସ୍ଥାନୀୟ ରାଜାଙ୍କ ସାମନ୍ତବାଦୀ ଅତ୍ୟାଚାର ଏବଂ ବ୍ରିଟିଶ ଉପନିବେଶବାଦୀ ଶାସନ ବିରୁଦ୍ଧରେ ଏକ ଦୃଢ଼ ଆଦିବାସୀ ବିଦ୍ରୋହର ସକ୍ରିୟ ଅଂଶଗ୍ରହଣ ତଥା ନେତୃତ୍ୱ ଆମେ ମନେ ରଖିଛୁ ।



ଧରଣୀଧର ନାଏକ କେଉଁଝର ମହାରାଜଙ୍କ ଅଧୀନରେ ଜଣେ ସରକାରୀ ଅଧିକାରୀ ଥିଲେ ।

ଯେତେବେଳେ ଆଦିବାସୀ ଜନସମୂହ ବଳପୂର୍ବକ ଶ୍ରମ, ଅତ୍ୟଧିକ କର ଏବଂ ଜଙ୍ଗଲ ଅଧିକାର ପ୍ରତ୍ୟାଖ୍ୟାନ ଦ୍ୱାରା ଭାରାକ୍ରାନ୍ତ ହୋଇ ପଡିଥିଲେ, ଧରଣୀଧର ନାଏକ ବିଦ୍ରୋହ କରିବାକୁ ବାଛିଥିଲେ । ସେ ତାଙ୍କ ପଦବୀରୁ ଇସ୍ତଫା ଦେଇ ସାମନ୍ତବାଦୀ ରାଜା ଏବଂ ବ୍ରିଟିଶ ଅଧିକାରୀ ମାନଙ୍କ ବିରୁଦ୍ଧରେ ଏକ ଗଣ ଆଦିବାସୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

ତାଙ୍କ ବିଦ୍ରୋହ କେଉଁଝର ଏବଂ ନିକଟବର୍ତ୍ତୀ ଅଞ୍ଚଳରେ ବ୍ୟାପକ ସାମନ୍ତବାଦୀ ଏବଂ ବ୍ରିଟିଶ ବିରୋଧି ଭାବନାକୁ ପ୍ରେରଣା ଦେଇଥିଲା ।

ଏହି ବିଦ୍ରୋହ ଓଡ଼ିଶାରେ ଆଦିବାସୀ ପ୍ରତିରୋଧର ପ୍ରାରମ୍ଭିକ ଅଭିବ୍ୟକ୍ତି ମଧ୍ୟରୁ ଗୋଟିଏ ଥିଲା । ବଢୁଥିବା ଅଶାନ୍ତିରେ ବ୍ରିଟିଶମାନେ ଆତଙ୍କିତ ହୋଇ ଆନ୍ଦୋଳନକୁ ଦମନ କରିଥିଲେ ଏବଂ ଧରଣୀଧର ନାଏକଙ୍କୁ ଗିରଫ କରାଯାଇଥିଲା ।

ଧରଣୀଧର ନାଏକଙ୍କୁ ଆଦିବାସୀ ଚେତନାର ପ୍ରବର୍ତ୍ତକ ଏବଂ ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନରେ ସାହସର ପ୍ରତୀକ ଭାବରେ ମନେ ରହିଛନ୍ତି । ତାଙ୍କ ନେତୃତ୍ୱ ଓଡ଼ିଶାର ସ୍ୱାଧୀନତା ଇତିହାସ ଅଧ୍ୟୟନ କରୁଥିବା ଆଦିବାସୀ ଅଧିକାର କର୍ମୀ ଏବଂ ଐତିହାସିକ ମାନଙ୍କୁ ପ୍ରେରଣା ଦେଇ ଆସୁଛି ।

ଓଡ଼ିଶାରେ ଜନଜାତିଙ୍କ ଧର୍ମୀୟ ଭାବନା

ମକର ପର୍ବ ଓଡ଼ିଶାରେ ମୁଖ୍ୟତଃ ସାଧାରଣ ବର୍ଗ ଏବଂ ଆଦିବାସୀ (ଜନଜାତି)ଙ୍କ ଦ୍ୱାରା ପାଳନ କରାଯାଏ । ଏହି ପର୍ବ ଓଡ଼ିଶାରେ ଧାନ ଫସଲ ଅମଳ ପରେ ପଡ଼ିଥାଏ । ମୟୂରଭଞ୍ଜ, କେଉଁଝର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଏହି ପର୍ବକୁ ବହୁତ ଆନନ୍ଦ ଏବଂ ଉଲ୍ଲାସର ସହିତ ପାଳନ କରାଯାଏ । ଏହା ବ୍ୟତୀତ, ଏହି ପର୍ବର ସମୟ ସେମାନଙ୍କ ପାଇଁ ସର୍ବୋତ୍ତମ କାରଣ ସେହି ସମୟ ସୁଦ୍ଧା ସମସ୍ତ କୃଷି କାର୍ଯ୍ୟ ସମାପ୍ତ ହୋଇଯାଇଥାଏ ଏବଂ ଫସଲ ଅମଳ ପରେ ପ୍ରତ୍ୟେକ ପରିବାର ପର୍ବ ପାଳନ ପାଇଁ ପ୍ରସ୍ତୁତ ଥାଆନ୍ତି ।

ମକର ସଂକ୍ରାନ୍ତିକୁ ଉତ୍ତର-ପୂର୍ବ ଓଡ଼ିଶାରେ ଟୁସୁ ପର୍ବ ଭାବରେ ମଧ୍ୟ ପାଳନ କରାଯାଏ । ଚାଉଳ ଏବଂ ଧାନ ହେଉଛି ଏହି କୃଷି ଭିତ୍ତିକ ପର୍ବର ମୁଖ୍ୟ ଉପାଦାନ ଏବଂ ପରିବାରର ମୁଖ୍ୟଙ୍କ ଦ୍ୱାରା କ୍ଷେତରୁ ଅଣାଯାଇଥିବା ଶେଷ ଧାନ ଗଦା, ଟୁସୁକୁ ଯୁବତୀମାନେ ପୂଜା କରନ୍ତି । ପୌଷ ମାସର ଶେଷ ଦିନରେ ଅନୁଷ୍ଠିତ ହେଉଥିବା ଉତ୍ସବଗୁଡ଼ିକରେ ଖାଦ୍ୟ, ମେଳା, ସଙ୍ଗୀତ ଆଦି ଅନ୍ତର୍ଭୁକ୍ତ । ଆଦିବାସୀ ସମ୍ପ୍ରଦାୟ ମୁଖ୍ୟତଃ କୁଡୁମି ସମ୍ପ୍ରଦାୟର ମହିଳାମାନେ ଏହି ପର୍ବକୁ ପାଳନ କରନ୍ତି । ଜଣେ ମହିଳା, ଦେବୀ 'ଟୁସୁ'ଙ୍କୁ ପୂଜା କରନ୍ତି ଏବଂ ଏକ ବିଶେଷ ପ୍ରକାରର ଗୀତ ଗାଇ ନଦୀ କିମ୍ବା ପୋଖରୀରେ ବୁଡ଼ାଇ ଦିଅନ୍ତି । ଟୁସୁ ଦେବୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ, ଝିଅମାନେ ରଙ୍ଗୀନ କାଗଜ ସହିତ ଏକ କାଠ/ବାଉଁଶର ଗଢଣ ବା ଫ୍ରେମ୍‌କୁ ସଜାଇଥାନ୍ତି ଏବଂ ତା'ପରେ ନିକଟସ୍ଥ ନଦୀ ବା ପୋଖରୀରେ ବିସର୍ଜନ କରନ୍ତି ।

ଟୁସୁ ପର୍ବ କେବଳ କୃଷି ଭିତ୍ତିକ ଉତ୍ସବ ନୁହେଁ ବରଂ ଏହି ଅଞ୍ଚଳର ସମୃଦ୍ଧ ପରମ୍ପରାର ଏକ ସାଂସ୍କୃତିକ ପ୍ରକାଶନ, ଯାହା ଲୋକ ଏବଂ ଭୂମି ମଧ୍ୟରେ ଗଭୀର ସମ୍ପର୍କକୁ ପ୍ରଦର୍ଶନ କରେ । ସେହିପରି ଓଡ଼ିଶାର ଅନ୍ୟ ଅଞ୍ଚଳ ଗୁଡ଼ିକରେ ମଧ୍ୟ ବିଭିନ୍ନ ଜନଜାତିର ଭିନ୍ନ ଭିନ୍ନ ପର୍ବ ସେଗୁଡ଼ିକର ନୀତି ନିୟମ ଅନୁସାରେ ମହା ଆନନ୍ଦରେ ପାଳନ କରାଯାଏ ।

ଆମେ' କ'ଣ ଶିଖିଲେ

→ ଭାରତର ପ୍ରାରମ୍ଭିକ ଗ୍ରନ୍ଥ ବେଦ ଅନେକ ଚିନ୍ତାଧାରାକୁ ଜନ୍ମ ଦେଇଥିଲା । ବେଦାନ୍ତ ଏବଂ ଯୋଗ ସବୁଠାରୁ ଜଣାଶୁଣା ।

→ ବୌଦ୍ଧ ଓ ଜୈନଧର୍ମ ବେଦର କର୍ତ୍ତୃତ୍ୱରୁ ଦୂରେଇ ଯାଇ କିଛି ନିର୍ଦ୍ଦିଷ୍ଟ ମୂଲ୍ୟବୋଧ ଓ ପ୍ରଥା ଉପରେ ଗୁରୁତ୍ୱାରୋପ କରିଥିଲେ ।

→ ଯଦିଓ ଏହି ସମ୍ପ୍ରଦାୟଗୁଡ଼ିକର ଭିନ୍ନ ଭିନ୍ନ ନୀତି ଏବଂ ପଦ୍ଧତି ଥିଲା, ତଥାପି ସେମାନେ କିଛି ଗୁରୁତ୍ୱପୂର୍ଣ୍ଣ ଧାରଣା ବିନିମୟ କରୁଥିଲେ । ସେମାନେ ସମସ୍ତେ ଦୁଃଖର କାରଣ ଏବଂ ଅଜ୍ଞତା ଦୂର କରିବାର ଉପାୟ ମଧ୍ୟ ଖୋଜୁଥିଲେ ।

→ ଜନଜାତିଙ୍କ କଳା ବା ପ୍ରଥା ଓ ବିଶ୍ୱାସ ପ୍ରଣାଳୀ ହିନ୍ଦୁ ଧର୍ମ ସହ ବହୁ ଶତାବ୍ଦୀ ଧରି ସମ୍ପର୍କ ରଖିଛି । ଆଦିବାସୀ ବିଶ୍ୱାସ ପ୍ରଣାଳୀ ସାଧାରଣତଃ ଭୂମି ଏବଂ ଏହାର ବୈଶିଷ୍ଟ୍ୟକୁ ପବିତ୍ର ଭାବରେ ବିବେଚନା କରେ; ଏହା ସହ ଭୂମିରେ, ସେମାନେ ଦେବତ୍ୱର ଏକ ଉଚ୍ଚତର ଧାରଣାରେ ବ୍ରତୀ ହୋଇଥାନ୍ତି ।

ପ୍ରଶ୍ନ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ

୧. ଯଦି ତୁମେ ନଚିକେତା ହୋଇଥାନ୍ତ, ତେବେ ତୁମେ ଯମଙ୍କୁ କେଉଁ ପ୍ରଶ୍ନ ପଚାରିବାକୁ ଇଚ୍ଛା କରିଥାନ୍ତ ? ସେଗୁଡ଼ିକୁ ୧୦୦-୧୫୦ ଶବ୍ଦରେ ଲେଖ ।

୨. ବୌଦ୍ଧ ଧର୍ମର କିଛି ମୁଖ୍ୟ ଧାରଣା ବର୍ଣ୍ଣନା କର । ସେଗୁଡ଼ିକ ଉପରେ ସଂକ୍ଷିପ୍ତ ମନ୍ତବ୍ୟ ଦିଅ ।

୩. ବୁଦ୍ଧଙ୍କ ଉକ୍ତି "ଜଳ ଦ୍ୱାରା ଜଣେ ଶୁଦ୍ଧ ହୋଇନଥାଏ, ଯଦିଓ ଅନେକ ଲୋକ ଏଠାରେ (ପବିତ୍ର ନଦୀରେ) ସ୍ନାନ କରିପାରନ୍ତି": ଏହାର ଅର୍ଥକୁ ସମସ୍ତେ ବୁଝିପାରିଛନ୍ତି ବୋଲି ଶ୍ରେଣୀରେ ଆଲୋଚନା କର ।

୪. ଜୈନ ଧର୍ମର କିଛି ମୁଖ୍ୟ ଧାରଣା ବର୍ଣ୍ଣନା କର । ସେଗୁଡ଼ିକ ଉପରେ ସଂକ୍ଷିପ୍ତ ମନ୍ତବ୍ୟ ଦିଅ ।

୫. ଆନ୍ଦ୍ରେ ବେଟେଲଙ୍କ ଚିନ୍ତାଧାରାକୁ ଶ୍ରେଣୀରେ ବିଚାର କର ଏବଂ ଆଲୋଚନା କର (ପୃଷ୍ଠା ୧୨୨ ଦେଖ) ।

୬. ନିଜ ଅଞ୍ଚଳର ଲୋକପ୍ରିୟ ଦେବଦେବୀଙ୍କ ତାଲିକା ପ୍ରସ୍ତୁତ କର ଏବଂ ସେମାନେ ଯେଉଁ ପର୍ବପର୍ବାଣୀ ସହିତ ଜଡ଼ିତ ଅଛନ୍ତି ତାହାର ବିବରଣୀ ପ୍ରସ୍ତୁତ କର ।

୭. ଏକ ଶ୍ରେଣୀ କାର୍ଯ୍ୟକଳାପ ଭାବରେ, ତୁମକୁ ଅଞ୍ଚଳ କିମ୍ବା ରାଜ୍ୟର ଦୁଇ କିମ୍ବା ତିନୋଟି ଆଦିବାସୀ ଗୋଷ୍ଠୀକୁ ତାଲିକାଭୁକ୍ତ କର । ସେମାନଙ୍କର କିଛି ପରମ୍ପରା ଏବଂ ବିଶ୍ୱାସ ପ୍ରଣାଳୀକୁ ଲିପିବଦ୍ଧ କର ।

ଭୁଲ୍ କିମ୍ବା ଠିକ୍ ଲେଖ ।

୧. ବେଦିକ ମନ୍ତ୍ର ପାଣ୍ଡୁଲିପି ତାଳପତ୍ରରେ ଲେଖାଯାଇଥିଲା ।

୨. ବେଦ ହେଉଛି ଭାରତର ସର୍ବ ପୁରାତନ ଗ୍ରନ୍ଥ ।

୩. ବୈଦିକ ବକ୍ତବ୍ୟ 'ଏକଂ ସଦ୍ ବିପ୍ରା ବହୁଧା ବଦନ୍ତି' ମହାଜାଗତିକ ଶକ୍ତିର ଏକତା ଉପରେ ବିଶ୍ୱାସକୁ ପ୍ରତିଫଳିତ କରେ ।

୪. ବୌଦ୍ଧ ଧର୍ମ ବେଦ ଠାରୁ ପୁରାତନ ।

୫. ଜୈନ ଧର୍ମ, ବୌଦ୍ଧ ଧର୍ମର ଏକ ଶାଖା ଭାବରେ ଉଭା ହୋଇଥିଲା ।

୬. ଉଭୟ ବୌଦ୍ଧ ଓ ଜୈନ ଧର୍ମ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଏବଂ ସମସ୍ତ ଜୀବଜନ୍ତୁଙ୍କ କ୍ଷତିରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ ।

୭. ଆଦିବାସୀ ମାନଙ୍କ ବିଶ୍ୱାସ ପରମ୍ପରା ଆତ୍ମା ଏବଂ ଛୋଟ ଛୋଟ ଦେବଦେବୀଙ୍କ ପର୍ଯ୍ୟନ୍ତ ସୀମିତ ।

ଶ୍ରେଣୀ କାର୍ଯ୍ୟକଳାପ

୧. ମୃତ୍ୟୁର ଦେବତା ଯମଙ୍କ ସହ ଏକ ଛୋଟ ନାଟକ ମଞ୍ଚସ୍ଥ କର, ଯେଉଁଠି ଅନେକ ନଚିକେତା ଯମଙ୍କୁ ଘେରି ଜୀବନ ବିଷୟରେ ପ୍ରଶ୍ନ ପଚାରିବେ ।



୭ମ ଓ ୮ମ ଅଧ୍ୟାୟର ବିଷୟବସ୍ତୁ ପାଇଁ ବରଗଛ ଏକ ଉପଯୁକ୍ତ ଉଦାହରଣ ଏବଂ ଭାରତୀୟ ସଭ୍ୟତାର ଏକ ଉତ୍ତମ ପ୍ରତୀକ । ଏହାର ଗଭୀର ମୂଳ ପ୍ରଣାଳୀ, ବିଶାଳ ଗଣ୍ଡି ଏବଂ ଶାଖା ସବୁ ଦିଗରେ ବିସ୍ତାରିତ ହେବା ଦ୍ୱାରା ଏହା ଏକ ବିଶାଳ ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତାରିତ ହୋଇ ଅନେକ ଶତାବ୍ଦୀ ପର୍ଯ୍ୟନ୍ତ ରହିପାରେ । ଏହା ବିଭିନ୍ନ ପ୍ରକାରର ଉଦ୍ଭିଦ ଓ ଜୀବଜନ୍ତୁଙ୍କୁ ଆଶ୍ରୟଦେଇଥାଏ ଏବଂ ଏହାର ଶାଖାଗୁଡ଼ିକ, ଯଦିଓ ଗଣ୍ଡିରେ ଏକାଠି ହୁଏ, ସେମାନଙ୍କର ନିଜସ୍ୱ ନୂତନ ଚେର ତଳକୁ ବଢାଇଥାଏ। ବାସ୍ତବରେ ହିନ୍ଦୁ, ବୌଦ୍ଧ ଓ ଜୈନ ଧର୍ମ ବରଗଛକୁ ପବିତ୍ର ବୋଲି ବିବେଚନା କରନ୍ତି ।

ଆମ ଲେଖା ଆମ ଚିତ୍ର

ଅଧ୍ୟାୟ ୮

ବିବିଧତା ମଧ୍ୟରେ ଏକତା, ବା 'ଅନେକରେ ଏକ'

"ହେ ବନ୍ଧୁ, ମୋ ପ୍ରାର୍ଥନା ସ୍ୱୀକାର କର, ଯେପରି ମୁଁ ଅନେକଙ୍କ ମଧ୍ୟରେ ମଧ୍ୟ ଜଣଙ୍କ ସ୍ୱର୍ଗର ଆନନ୍ଦ କେବେବି ହରାଇବି ନାହିଁ।

– ରବୀନ୍ଦ୍ରନାଥ ଠାକୁର

ବିବିଧତା ମଧ୍ୟରେ ଏକତାର ନୀତି ଯାହା ଭାରତ ପାଇଁ ସର୍ବଦା ସ୍ୱାଭାବିକ ରହି ଆସିଛି ଏବଂ ଏହାକୁ ଚରିତାର୍ଥ କରିବା ଭାରତର ଅସ୍ତିତ୍ୱର ମୌଳିକ ଗତିପଥ ଏବଂ ଏହାର ପ୍ରକୃତି; ଅନେକରେ ଏକ, ଏହା ଭାରତକୁ ତାହାର ସ୍ୱଭାବ ଓ ସ୍ୱଧର୍ମର ନିଶ୍ଚିତ ଭିତ୍ତିଭୂମିରେ ସ୍ଥାପନ କରିବ।

– ଶ୍ରୀ ଅରବିନ୍ଦ"

ଆସ ଚିନ୍ତା କରିବା

୧. ଭାରତୀୟ ପରିପ୍ରେକ୍ଷୀରେ 'ବିବିଧତା ମଧ୍ୟରେ ଏକତା'ର ଅର୍ଥ କ'ଣ ?

୨. ଭାରତର ବିବିଧତାର କେଉଁ ଦିଗ ସବୁଠାରୁ ଆକର୍ଷଣୀୟ ?

୩. ବିବିଧତା ଭିତରେ ଥିବା ଏକତାକୁ ଆମେ କିପରି ବାହାର କରିପାରିବା ?

ଏକ ସମୃଦ୍ଧ ବିବିଧତା

ଯଦି ତୁମେ ଟ୍ରେନ୍‌ରେ ଭାରତ ଯାତ୍ରା କର, ତେବେ ତୁମେ କେବଳ ପରିବର୍ତ୍ତିତ ଭୂମିରୂପ ନୁହେଁ ବରଂ ଅନେକ ପ୍ରକାରର ପୋଷାକ ଏବଂ ଖାଦ୍ୟ ମଧ୍ୟ ଦେଖିବ, ତୁମେ ବିଭିନ୍ନ ପରିଚିତ ଓ ଅପରିଚିତ ଭାଷା ଶୁଣିବ, ଏବଂ ବାଟରେ ବିଭିନ୍ନ ଲେଖା ଦେଖିବ । ଏପରିକି ତୁମକୁ ନିଜ ଅଞ୍ଚଳରେ ମଧ୍ୟ ଭାରତର ଅନ୍ୟ ପ୍ରାନ୍ତରୁ ଭିନ୍ନ ଭିନ୍ନ ରୀତିନୀତି ଓ ପରମ୍ପରା ଥିବା ଲୋକ ଦେଖିବାକୁ ମିଳିବେ । ଏହା ହେଉଛି ଭାରତର ସମୃଦ୍ଧ ବିବିଧତା, ଏବଂ ଏହା ସାଧାରଣତଃ ପ୍ରମୁଖ ବିଷୟ ଯାହା ଆମ ଦେଶକୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରେ ।

୧.୪ ବିଲିୟନରୁ ଅଧିକ ବାସିନ୍ଦାଙ୍କ (ବିଶ୍ୱ ଜନସଂଖ୍ୟାର ପ୍ରାୟ ୧୮ ପ୍ରତିଶତ) ସହିତ, ଏଭଳି ବିବିଧତା ଆଶ୍ଚର୍ଯ୍ୟଜନକ ନୁହେଁ । ବିଂଶ ଶତାବ୍ଦୀର ଶେଷ ଭାଗରେ ଜାତୀୟ ସଂଗଠନ ଆନ୍ଥ୍ରୋପୋଲଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ (ଭାରତୀୟ ନୃତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା) ନାମକ ଏକ ଜାତୀୟ ସଂଗଠନ ଦେଶର ସମସ୍ତ ରାଜ୍ୟର ୪,୬୩୫ ଟି ଗୋଷ୍ଠୀକୁ ନେଇ 'ପିପୁଲ ଅଫ୍ ଇଣ୍ଡିଆ ପ୍ରୋଜେକ୍ଟ' ନାମକ ଏକ ବିଶାଳ ସର୍ବେକ୍ଷଣ କରିଥିଲା । ଏଥିରେ ୨୫ଟି ଲିପି ବ୍ୟବହାର କରି ୩୨୫ ଟି ଭାଷା ଗଣନା କରାଯାଇଥିଲା । ଏଠାରେ ଏହା ମଧ୍ୟ ଦର୍ଶାଯାଇଛି ଯେ ଅନେକ ଭାରତୀୟଙ୍କୁ ପ୍ରବାସୀ କୁହାଯାଇପାରେ, ଅର୍ଥାତ୍ ଲୋକମାନେ ସେମାନଙ୍କ ଜନ୍ମସ୍ଥାନ ନିକଟରେ କିମ୍ବା ସେମାନଙ୍କର ମୂଳ ସମ୍ପ୍ରଦାୟ ସହିତ ବର୍ତ୍ତମାନ ରହୁନାହାନ୍ତି ।

ଆସ ଅନୁସନ୍ଧାନ କରିବା

ଏକ ଶ୍ରେଣୀ ଶିକ୍ଷଣ କାର୍ଯ୍ୟ ଭାବରେ

(୧) ଅତି କମ୍‌ରେ ୫ ଜଣ ସହପାଠୀଙ୍କ ଜନ୍ମସ୍ଥାନ ଏବଂ ସେମାନଙ୍କ ପିତାମାତାଙ୍କ ଜନ୍ମସ୍ଥାନର ତାଲିକା ପ୍ରସ୍ତୁତ କର ।

(୨) ଛାତ୍ରଛାତ୍ରୀଙ୍କ ମାତୃଭାଷା ଓ ସେମାନଙ୍କ ପରିଚିତ ଅନ୍ୟାନ୍ୟ ଭାଷା ତାଲିକା ପ୍ରସ୍ତୁତ କରି ବିବିଧତା ଦୃଷ୍ଟିରୁ ଫଳାଫଳ ବିଷୟରେ ଆଲୋଚନା କର ।

ବିବିଧତା ପ୍ରକୃତରେ ସୁନ୍ଦର ହୋଇଥିଲେ ମଧ୍ୟ ଏହାକୁ ବୁଝିବା ଏତେ ସହଜ ନୁହେଁ । ଏକ ଶତାବ୍ଦୀ ତଳେ ବ୍ରିଟିଶ ଐତିହାସିକ ଭିନ୍‌ସେଣ୍ଟ ସ୍ମିଥ୍ ଆଶ୍ଚର୍ଯ୍ୟ ହୋଇଥିଲେ ।

> "ଏଭଳି ବିସ୍ମୟଜନକ ବିବିଧତା ସାମ୍ନାରେ ଭାରତର ଇତିହାସ କିପରି ଲେଖା ଯାଇପାରିବ ?
>
> .. ଏହି ପ୍ରଶ୍ନର ଉତ୍ତର ଏଥିରୁ ମିଳିଥାଏ ଯେ ଭାରତ 'ବିବିଧତା ମଧ୍ୟରେ ଏକତା' ପ୍ରଦାନ କରୁଛି ।"

'ବିବିଧତା ମଧ୍ୟରେ ଏକତା'ର ଅର୍ଥ କ'ଣ ? ଆମେ ଏହି ଏକତା, ବା 'ଅନେକରେ ଏକ'କୁ କିପରି ଅନୁଭବ କରିବା ଏବଂ ପ୍ରକାଶ କରିବା ? ଏହି ପ୍ରଶ୍ନର ଉତ୍ତର ଦେବାପାଇଁ ଆମେ ଭାରତୀୟ ଜୀବନର କିଛି ଦିଗକୁ ଅନୁସନ୍ଧାନ କରିବା ।

ସମସ୍ତଙ୍କ ପାଇଁ ଖାଦ୍ୟ

ତୁମମାନଙ୍କ ମଧ୍ୟରୁ କିଛି ଲୋକ ଭାରତର ବିଭିନ୍ନ ଅଞ୍ଚଳର ଖାଦ୍ୟ ଖାଇଥିବେ । ଭାରତରେ ତୁମେ ଯେତିକି ବିଭିନ୍ନ ବ୍ୟଞ୍ଜନ ଏବଂ ପ୍ରସ୍ତୁତିର ସ୍ୱାଦ ଚାଖିପାରିବ ତାହା ଲକ୍ଷ ଲକ୍ଷ ନ ହୋଇପାରେ ମାତ୍ର ନିଶ୍ଚିତ ହଜାର ପ୍ରକାର ହେବ । ତଥାପି ଦେଶର ପ୍ରାୟ ପ୍ରତ୍ୟେକ ପ୍ରାନ୍ତରେ ନିର୍ଦ୍ଦିଷ୍ଟ ଖାଦ୍ୟଶସ୍ୟ ସାଧାରଣ ଅଟେ – ଚାଉଳ, ବାର୍ଲି ଏବଂ ଗହମ ପରି ଶସ୍ୟ; ବାଜରା (ବାଜରା), ଜୁଆର (ଯଅ), ମାଣ୍ଡିଆ ଆଦି ଏବଂ ବିଭିନ୍ନ ପ୍ରକାରର ଡାଲି ଏବଂ ଚଣା । ଏସବୁକୁ 'ମୁଖ୍ୟ ଶସ୍ୟ' ବୋଲି କୁହାଯାଏ ।



ଚିତ୍ର ୮.୧ : ଭାରତର ବିଭିନ୍ନ ଅଞ୍ଚଳରୁ ମିଳୁଥିବା ଖାଦ୍ୟଶସ୍ୟ ଏବଂ ଡାଲିର କିଛି ଉଦାହରଣ

କାରଣ ଏହା ଅଧିକାଂଶ ଭାରତୀୟଙ୍କ ପାଇଁ ମୌଳିକ ଖାଦ୍ୟ (ପୃଷ୍ଠା ୧୩୩ରେ ଚିତ୍ର ୮.୧) । ସେହିଭଳି ହଳଦୀ, ଜିରା, ଅଳେଇଚ ଓ ଅଦା ଭଳି କିଛି ସାଧାରଣ ମସଲା ମଧ୍ୟ ସାରା ଦେଶରେ ବ୍ୟବହୃତ ହୋଇଥାଏ । କିଛି ସାଧାରଣ ପନିପରିବା, ସାଧାରଣ ତେଲ ଇତ୍ୟାଦି ସହିତ ଆମେ ଏହି ମସଲା ତାଲିକା ଜାରି ରଖିପାରିବା ।

ତେଣୁ ଆମେ ଦେଖୁଛୁ କିପରି ସମାନ ଉପାଦାନ (ଏକତା) କିପରି ଅନେକ ମିଶ୍ରଣ (ବିବିଧତା)ରେ ବ୍ୟବହୃତ ହୋଇ ଅସୀମ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇପାରିବ ।

ଆସ ଅନୁସନ୍ଧାନ କରିବା

→ ଏକ ଶ୍ରେଣୀକାର୍ଯ୍ୟ ଭାବରେ, ତୁମ ଘରେ ବ୍ୟବହୃତ ଉପାଦାନ (ଖାଦ୍ୟଶସ୍ୟ, ମସଲା ଇତ୍ୟାଦି)ର ଏକ ତାଲିକା ପ୍ରସ୍ତୁତ କର ।

→ ଯେକୌଣସି ଗୋଟିଏ ପନିପରିବା ନିଅ ଏବଂ ଏହାକୁ ନେଇ ତୁମେ କେତେ ଭିନ୍ନ ଭିନ୍ନ ଖାଦ୍ୟ ପ୍ରସ୍ତୁତ କରପାରିବ ତାହା ଚିନ୍ତା କର ।

ବୟନ ଏବଂ ପୋଷାକ

ଭାରତର ପ୍ରତ୍ୟେକ ଅଞ୍ଚଳ ଏବଂ ଗୋଷ୍ଠୀ ନିଜର ପୋଷାକ ଏବଂ ପୋଷାକ ଶୈଳୀ ବିକଶିତ କରିଛନ୍ତି । ତଥାପି, ଆମେ କିଛି ପାରମ୍ପରିକ ଭାରତୀୟ ପୋଷାକରେ ସମାନତା ଦେଖୁଛୁ, ବ୍ୟବହୃତ ସାମଗ୍ରୀ ନିର୍ବିଶେଷରେ ଏହାର ଏକ ସ୍ପଷ୍ଟ ଉଦାହରଣ ହେଉଛି ଶାଢ଼ୀ ନାମକ ସାଧା ଲମ୍ବର କପଡ଼ା, ଯାହାକି ଭାରତର ଅଧିକାଂଶ ସ୍ଥାନରେ ପିନ୍ଧୁଥିବାର ଦେଖିବାକୁ ମିଳେ । ଶାଢ଼ୀ ଗୁଡ଼ିକ ଅଧିକାଂଶ କପା କିମ୍ବା ରେଶମ ସୁତାରେ ପ୍ରସ୍ତୁତ କିନ୍ତୁ ଆଜିକାଲି ସିନ୍ଥେଟିକ୍ କପଡ଼ାରେ ଅଧିକ ଉପଲବ୍ଧ ହେଲାଣି । ବନାରସୀ, କାଞ୍ଜିଭାରମ, ପାଇଥାନୀ, ପାଟଣ ପଟୋଲା, ମୁଗା କିମ୍ବା ମହୀଶୂର କେତେକ ପ୍ରସିଦ୍ଧ ପ୍ରକାରର ରେଶମ ଶାଢ଼ୀ ଅଟେ । ଆହୁରି ଅନେକ ପ୍ରକାରର ସୂତା ଶାଢ଼ି ରହିଛି ।

ଚିତ୍ର ୮.୨ : ବୈଶାଳୀ (ଆଜିର ବିହାର)ରୁ ଶାଢ଼ୀ ପିନ୍ଧିଥିବା ଜଣେ ମହିଳାଙ୍କ ପଥର ଖୋଦିତ ଚିତ୍ର

ମୋଟାମୋଟି ଭାବେ ଏହି କପଡ଼ା ଶହ ଶହ ପ୍ରକାରର ହୋଇଥାଏ। ସେଗୁଡ଼ିକ ବୁଣିବା ଏବଂ ଡିଜାଇନ୍ କରିବାର ବିଭିନ୍ନ

ବିଭିନ୍ନ ସ୍ଥାନର ପ୍ରସିଦ୍ଧ ଶାଢ଼ୀର ନାମ	
• ସମ୍ବଲପୁରୀ	• ମିରଗାନ୍ ଶାଢ଼ୀ (କୋଟପାଡ଼)
• ବ୍ରହ୍ମପୁରୀ	• ପଟ୍ଟଚିତ୍ର ଶାଢ଼ୀ (ରଘୁରାଜପୁର)
• ବମକେଇ ପାଟ	• ମାଣିଆବନ୍ଧ ପାଟ

ପଦ୍ଧତି (ଡାହାଣ ପାର୍ଶ୍ୱରେ ଚିତ୍ର ୮.୩) ଦ୍ୱାରା ଉତ୍ପାଦିତ । କିଛି ଡିଜାଇନ୍ କପଡ଼ାର ଅଂଶ ହୋଇଥିବା ବେଳେ ଆଉ କିଛି କପଡ଼ା ବୁଣିବା ପରେ ଚିତ୍ରଗୁଡ଼ିକୁ ଛପାଯାଇଥାଏ । ପରିଶେଷରେ କୁହଯାଇପାରେ ରଙ୍ଗରେ ଅସୀମ ଭିନ୍ନତା ରହିଛି, ଯାହା ଅନେକ ପ୍ରକାର ରଞ୍ଜକ ବା ରଙ୍ଗରୁ ଉତ୍ପାଦିତ ହୁଏ ।

ଶାଢ଼ୀର ଏକ ଲମ୍ବା ଇତିହାସ ରହିଛି । ବୈଶାଳୀ (ବର୍ତ୍ତମାନ ବିହାର)ର ଏହି ପଥର କାର୍ଯ୍ୟ ବା ରିଲଫ (ଚିତ୍ର ୮.୨ ପୃଷ୍ଠା ୧୩୦) ଖ୍ରୀଷ୍ଟପୂର୍ବ କିଛି ଶତାବ୍ଦୀ ପୁରୁଣା ଅଟେ ।

ଚିତ୍ର ୮.୩ : ରଙ୍ଗୀନ ପାରମ୍ପରିକ ଭାରତୀୟ ବସ୍ତ୍ରର କିଛି ନମୁନା

ଆସ ଅନୁସନ୍ଧାନ କରିବା

ଶାଢ଼ୀର ଉଦାହରଣ କିପରି ଉଭୟ ଏକତା ଏବଂ ବିବିଧତାକୁ ପ୍ରତିଫଳିତ କରେ ଉଦାହରଣ ସହ (୧୦୦-୧୫୦ ଶବ୍ଦ ମଧ୍ୟରେ) ଲେଖ ।

ମନେରଖ

ଦୀର୍ଘ ଦିନ ଧରି ଭାରତ ବିଶ୍ୱରେ ସବୁଠାରୁ ଭଲ କପା ଉତ୍ପାଦନ କରୁଥିଲା ଏବଂ ଭାରତୀୟ ବସ୍ତ୍ର ୟୁରୋପ ପର୍ଯ୍ୟନ୍ତ ରପ୍ତାନି କରାଯାଉଥିଲା । ସପ୍ତଦଶ ଶତାବ୍ଦୀର ୟୁରୋପରେ ଛିଟ ଲୁଗା (Chintz) ନାମକ ଏକ ପ୍ରକାର ସୁନ୍ଦର ଚିତ୍ର ଥିବା କପଡ଼ା ଏତେ ଲୋକପ୍ରିୟ ହୋଇଥିଲା ଯେ କିଛି ୟୁରୋପୀୟ ପୋଷାକର ବିକ୍ରି ଦ୍ରୁତ ଗତିରେ ହ୍ରାସ ପାଇଥିଲା । ଶେଷରେ ନିଜ ଉତ୍ପାଦକୁ ସୁରକ୍ଷିତ ରଖିବା ପାଇଁ ଇଂଲଣ୍ଡ ଓ ଫ୍ରାନ୍ସ ଭାରତରୁ ଛିଟ ଲୁଗା (Chintz) ଆମଦାନୀ ଉପରେ ପ୍ରତିବନ୍ଧକ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ ।

ଶାଢ଼ୀ ପିନ୍ଧିବାର ଅନେକ ଉପାୟ ଅଛି, କାରଣ ଏହା ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳରେ କିମ୍ବା ଗୋଟିଏ ସମ୍ପ୍ରଦାୟରୁ ଅନ୍ୟ ସମ୍ପ୍ରଦାୟରେ ଭିନ୍ନ ଭିନ୍ନ ହୋଇଥାଏ । ବାସ୍ତବରେ ଏହାକୁ ପିନ୍ଧିବାର ନୂଆ ନୂଆ ଉପାୟ ଏବେ ବି ଆବିଷ୍କାର କରାଯାଉଛି । କିନ୍ତୁ ପରିଶେଷରେ, ଏତିକି କୁହାଯାଇପାରେ ଯେ, ପରିଧାନ ପାଇଁ ଶାଢ଼ୀ ହେଉଛି ଗୋଟିଏ ପୋଷାକ । ବିଗତ ଶତାବ୍ଦୀରେ, ଭାରତକୁ ଆସୁଥିବା ଅନେକ ଯାତ୍ରୀ ଏହାର ସରଳତା, ସୁଲଭତା ଏବଂ ଏହାକୁ ପିନ୍ଧିବାର ବିବିଧ ଉପାୟ ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି ।

ରିଲିଫ୍ (Relief): ଏକ ଡିଜାଇନ୍ ଯାହା ଏକ ପ୍ୟାନେଲର/କ୍ଷେତ୍ରର ପୃଷ୍ଠରୁ ବାହାରିଥାଏ (ଯାହା ପଥର, କାଠ, ସିରାମିକ୍ କିମ୍ବା ଅନ୍ୟ ପଦାର୍ଥର ହୋଇପାରେ ।)

ଚିତ୍ର ୮.୪ : ମହିଳାମାନେ ଅଧିକାଂଶ ସମୟରେ ଶାଢ଼ୀକୁ ପୋଷାକ ବ୍ୟତୀତ ଅନ୍ୟ କାର୍ଯ୍ୟରେ ବ୍ୟବହାର କରିଥାନ୍ତି (ଭାରତର ଅଧିକାଂଶ ଅଞ୍ଚଳର ଦୃଶ୍ୟ)

ଏହାବ୍ୟତୀତ ମହିଳାମାନେ ଅନେକ ସମୟରେ ଶାଢ଼ୀକୁ ପୋଷାକ ବ୍ୟତୀତ ଅନେକ ରୂପରେ ବ୍ୟବହାର କରିଥାନ୍ତି, ଉପରୋକ୍ତ ଚିତ୍ର ୮.୪ରେ ଥିବା ଛଅଟି ଚିତ୍ର ଏଭଳି କିଛି ସୃଜନଶୀଳ ବ୍ୟବହାରକୁ ବର୍ଣ୍ଣନା କରେ ।

ଆସ ଅନୁସନ୍ଧାନ କରିବା

→ ଉପରୋକ୍ତ ଫଟୋଗୁଡ଼ିକରେ, ତୁମେ ଜାଣିପାରିବ କି ଅନ୍ୟ କେଉଁ କେଉଁ କାର୍ଯ୍ୟ ପାଇଁ ଆମ ଶାଢ଼ୀକୁ ବ୍ୟବହାର କରିଥାଉ ।

→ ତୁମେ ଶାଢ଼ୀର ଅଧିକ ବ୍ୟବହାର ବିଷୟରେ ଜାଣିଛ କି, ଚିନ୍ତା କରି କୁହ ?

→ ଶାଢ଼ୀର ଉଦାହରଣ ଭଳି ତୁମେ ଦେଖିଥିବା ବିଭିନ୍ନ ଶୈଳୀର ଲୁଗା ଓ ଧୋତିର ବ୍ୟବହାର ଉପରେ ଏକ ତାଲିକା ପ୍ରସ୍ତୁତ କର । ତୁମେ କେଉଁ ସିଦ୍ଧାନ୍ତରେ ଉପନୀତ ହେଲ ?

ବିଭିନ୍ନ ପ୍ରକାର ପର୍ବପର୍ବାଣୀ

ଭାରତରେ ଅନେକ ପ୍ରକାରର ପର୍ବପର୍ବାଣୀ ରହିଛି । ତୁମେ ଦେଖିଥିବ ଯେ କିଛି ସାଧାରଣ ପର୍ବ ପ୍ରାୟ ସମାନ ସମୟରେ ସମଗ୍ର ଭାରତରେ ପାଳନ କରାଯାଏ, ଯଦିଓ ସେମାନଙ୍କର ଭିନ୍ନ ଭିନ୍ନ ନାମ ରହିଛି । ଆମେ କେବଳ ଗୋଟିଏ ଉଦାହରଣ ନେବା ଯେପରିକି, ମକର ସଂକ୍ରାନ୍ତି, ଯାହା ଜାନୁଆରୀ ମାସ ୧୪ ତାରିଖରେ ପଡ଼େ ଏବଂ ଏହା ଭାରତର ଅନେକ ସ୍ଥାନରେ ଅମଳ ଋତୁର ଆରମ୍ଭକୁ ସୂଚୀତ କରେ ।

କରେ । ତଳ ମାନଚିତ୍ରରେ ସମଗ୍ର ଭାରତରେ ସମାନ ତାରିଖରେ ପଡୁଥିବା ସମାନ ପର୍ବର ଭିନ୍ନ ଭିନ୍ନ ନାମ ଦର୍ଶାଯାଇଛି ।



ଚିତ୍ର । ୮.୫ : ସମଗ୍ର ଭାରତରେ ଗୋଟିଏ ତାରିଖରେ ସମାନ ପର୍ବର ଭିନ୍ନ ଭିନ୍ନ ନାମ

ଆସ ଅନୁସନ୍ଧାନ କରିବା

→ ତୁମର ପ୍ରିୟ ପର୍ବର ନାମ କ'ଣ ଏବଂ ଏହା ତୁମ ଅଞ୍ଚଳରେ କିପରି ପାଳନ କରାଯାଏ ? ଏହା ଭାରତର ଅନ୍ୟ କୌଣସି ସ୍ଥାନରେ ଭିନ୍ନ ନାମରେ ପାଳନ କରାଯାଏ ବୋଲି ତୁମେ ଜାଣ କି ?

→ ଅକ୍ଟୋବର-ନଭେମ୍ବର ମାସରେ ଭାରତରେ ଅନେକ ପ୍ରମୁଖ ପର୍ବ ପାଳନ କରାଯାଏ । ଦେଶର ବିଭିନ୍ନ ସ୍ଥାନରେ ଥିବା ଅଳ୍ପ କେତୋଟି ମୁଖ୍ୟ ପର୍ବ ଏବଂ ସେମାନଙ୍କର ବିଭିନ୍ନ ନାମର ଏକ ତାଲିକା ପ୍ରସ୍ତୁତ କର ।

ମହାକାବ୍ୟର ପ୍ରସାର

ସାହିତ୍ୟ ଆମର ବିବିଧତା ମଧ୍ୟରେ ଏକତାର ଆଉ ଏକ ସୁନ୍ଦର ଉଦାହରଣ ପ୍ରଦାନ କରେ। ଭାରତୀୟ ସାହିତ୍ୟରେ ଅନେକ ବିବିଧ ପରିଲକ୍ଷିତ ହୁଏ ଯାହାକି, ବିଶ୍ୱର ସବୁଠାରୁ ସମୃଦ୍ଧ ସାହିତ୍ୟ ମଧ୍ୟରେ ଅନ୍ୟତମ । ଶତାବ୍ଦୀ ଶତାବ୍ଦୀ ଧରି ଭାଷା, କୌଶଳ ଇତ୍ୟାଦିର ପାର୍ଥକ୍ୟ ସତ୍ତ୍ୱେ, ସେମାନେ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଏବଂ ଚିନ୍ତାଧାରାକୁ ଭାବବିନିମୟ କରିଆସିଛନ୍ତି । ଉଦାହରଣସ୍ୱରୂପ, ପଞ୍ଚତନ୍ତ୍ର ବିଷୟରେ କିଏ ଶୁଣିନାହିଁ ? ପଶୁମାନଙ୍କୁ ମୁଖ୍ୟ ଚରିତ୍ରରେ ନେଇ ଏହି ଆନନ୍ଦ ଦାୟକ କାହାଣୀ ସଂକଳନ ଆମକୁ ଗୁରୁତ୍ୱପୂର୍ଣ୍ଣ ଜୀବନ କୌଶଳ ଶିଖାଏ । ମୂଳ ସଂସ୍କୃତ ଗ୍ରନ୍ଥ ଅତି କମରେ ୨୨୦୦ ବର୍ଷ ପୁରୁଣା, କିନ୍ତୁ ଏହାର କାହାଣୀ ପ୍ରାୟ ପ୍ରତ୍ୟେକ ଭାରତୀୟ ଭାଷାରେ ରୂପାନ୍ତରିତ ହୋଇଛି । ବାସ୍ତବରେ, ସେମାନେ ଭାରତ ବାହାରେ, ଦକ୍ଷିଣ-ପୂର୍ବ ଏସିଆ, ଆରବ ଜଗତ ଏବଂ ୟୁରୋପ ପର୍ଯ୍ୟନ୍ତ ବହୁ ଦୂର ଭ୍ରମଣ କରିଛନ୍ତି, ବାଟରେ ନୂତନ କାହାଣୀ ସଂଗ୍ରହକୁ ପ୍ରେରଣା ଯୋଗାଇଛି- ଏହା ଆକଳନ କରାଯାଏ ଯେ, ପଞ୍ଚତନ୍ତ୍ରର ପାଖାପାଖି ୨୦୦ଟି ରୂପାନ୍ତର ୫୦ରୁ ଅଧିକ ଭାଷାରେ ଅଛି । ଏଥିରୁ ଜଣାପଡୁଛି ଯେ 'ଗୋଟିଏ' କାହାଣୀ ସଂକଳନ କିପରି 'ଅନେକ' କାହାଣୀ ହୋଇଛି ତେବେ ସବୁଠାରୁ ଆଶ୍ଚର୍ଯ୍ୟଜନକ ଘଟଣା ହେଉଛି ଭାରତର ଦୁଇଟି ମହାନ ଏବଂ ପ୍ରଭାବଶାଳୀ ମହାକାବ୍ୟ ରାମାୟଣ ଓ ମହାଭାରତ ଅଟେ ।

ମହାକାବ୍ୟ (Epic) : ସାଧାରଣତଃ ନାୟକ ଏବଂ ଅତୀତର ଅନ୍ୟ ମହାନ ବ୍ୟକ୍ତିତ୍ୱଙ୍କ ଦୁଃସାହସିକ କାହାଣୀ ବର୍ଣ୍ଣନା କରୁଥିବା ଏକ ଲମ୍ବା କବିତା ।

ଏହି ଦୁଇଟି ସଂସ୍କୃତ ମହାକାବ୍ୟର ମୂଳ ସଂସ୍କରଣ ପ୍ରାୟତଃ ୭୦୦୦ ପୃଷ୍ଠା ବିଶିଷ୍ଟ ଅଟେ । ଯେଉଁଥିରେ କି ଏହି ମହାକାବ୍ୟର ନାୟକ ଧର୍ମ ସଂସ୍ଥାପନ ପାଇଁ ତଥା ପାପ ବିନାଶନ ପାଇଁ ଯୁଦ୍ଧ କରିଥିଲେ । ମହାଭାରତରେ ପାଣ୍ଡବମାନେ, ଶ୍ରୀକୃଷ୍ଣଙ୍କ ସାହାଯ୍ୟରେ ନିଜ ସଂପର୍କୀୟ ଭାଇ କୌରବମାନଙ୍କ ସହିତ, ସେମାନେ ହରାଇଥିବା ତାଙ୍କ ପ୍ରାପ୍ୟ ରାଜ୍ୟ ପାଇଁ ଯୁଦ୍ଧ କରିଥିଲେ । ରାମାୟଣରେ ପ୍ରଭୁ ଶ୍ରୀରାମ ତାଙ୍କ ଭାଇ ଲକ୍ଷ୍ମଣ ଓ ପରମଭକ୍ତ ହନୁମାନ ସହାୟତାରେ, ପତ୍ନୀ ସୀତାଙ୍କୁ ଅପହରଣ କରିଥିବା ରାକ୍ଷସ ରାବଣକୁ ପରାସ୍ତ କରିଥିଲେ । ଏହି କାହାଣୀଗୁଡ଼ିକରେ ଅନେକ ଛୋଟ ଛୋଟ କାହାଣୀ ରହିଛି ଯାହା ମୂଲ୍ୟବୋଧ ଉପରେ ଆଧାରିତ ଏବଂ କ'ଣ ସତ୍ୟ ବା ଅସତ୍ୟ ସେ ବିଷୟରେ କ୍ରମାଗତ ଭାବରେ ପ୍ରଶ୍ନ ଉତ୍‌ଥାପନ ହୋଇଥାଏ ।

ଚିତ୍ର ୮.୬. ରମାାୟଣର ଏକ ପ୍ରମୁଖ ଘଟଣାକୁ ଦର୍ଶାଉଥିବା,
ଚିତ୍ର (୧୮ଶ ଶତାବ୍ଦୀ, ହିମାଚଳ ପ୍ରଦେଶ)

ଆସ ଅନୁସନ୍ଧାନ କରିବା

ଶ୍ରେଣୀରେ ଏକ ଆଲୋଚନାରେ, ଉପରୋକ୍ତ ଚିତ୍ର ୮.୬ରେ ଦର୍ଶାଯାଇଥିବା ଘଟଣାବଳୀ ଏବଂ ଏହା ସହିତ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ବିବରଣୀକୁ ଚିହ୍ନଟ କରିବାକୁ ଚେଷ୍ଟା କର ।

ଦୁଇ ସହସ୍ରାବ୍ଦୀରୁ ଅଧିକ ସମୟ ଧରି, ଏହି ଦୁଇଟି ମହାକାବ୍ୟ ଭାରତ ଏବଂ ଏହା ବାହାରେ ଆଞ୍ଚଳିକ ସାହିତ୍ୟରେ ଅନୁବାଦିତ କିମ୍ବା ରୂପାନ୍ତରିତ ହୋଇଛି । ଏହା ବ୍ୟତୀତ, ଏହି ମହାକାବ୍ୟର ଅଗଣିତ ଲୋକ କଥା ଅଛି । କିଛି ବର୍ଷ ପୂର୍ବେ ଜଣେ ପଣ୍ଡିତ କେବଳ ତାମିଲନାଡୁରେ ଏକ ସର୍ବେକ୍ଷଣ କରିଥିଲେ ଏବଂ ପ୍ରାୟ ଶହେ ସଂସ୍କରଣ ମହାଭାରତ ଗଣନା କରିଥିଲେ, ଯାହା ଲୋକକଥା ଆକାରରେ ଆମେ ପାଇ ପାରିଛୁ । କଳ୍ପନା କର ଯେ ସମଗ୍ର ଭାରତ ପାଇଁ ଏହି ଲୋକକଥାର ସଂଖ୍ୟା କେତେ ସଂଖ୍ୟକ ହୋଇପାରେ ?

ବାସ୍ତବରେ, ଅନେକ ସମ୍ପ୍ରଦାୟରେ ରାମାୟଣ ଏବଂ ମହାଭାରତର ନିଜସ୍ୱ ସଂସ୍କରଣ ଅଛି । ସେମାନେ ନିଜ ଇତିହାସକୁ ଏହି ମହାକାବ୍ୟ ସହିତ ଯୋଡ଼ିଥିବା କିମ୍ବଦନ୍ତୀକୁ ମଧ୍ୟ ସଂରକ୍ଷିତ ରଖିଛନ୍ତି । ଏହା ବିଶେଷ କରି ଭାରତର ଅନେକ ଅଞ୍ଚଳରେ ଥିବା ଆଦିବାସୀ ସମ୍ପ୍ରଦାୟ ଯଥା ଭିଲ୍, ଗଣ୍ଡ, ମୁଣ୍ଡା ଓ ଆହୁରି ଅନେକଙ୍କ କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳେ ।

କାଶ୍ମୀର ସମେତ ଭାରତର ଉତ୍ତର-ପୂର୍ବ ଏବଂ ହିମାଳୟ ଅଞ୍ଚଳର ଅଧିକାଂଶ ଜନଜାତିଙ୍କର ଏ ଦୁଇ ମହାକାବ୍ୟ ମଧ୍ୟରୁ ଗୋଟିଏ କିମ୍ବା ଅନ୍ୟଟି କିମ୍ବା ଉଭୟର ନିଜସ୍ୱ ସଂସ୍କରଣ ରହିଛି । ଏହି ଜନଜାତି ସଂସ୍କରଣ ଗୁଡ଼ିକ ମୌଖିକ ଭାବରେ ପ୍ରଚାରିତ ଏବଂ କିମ୍ବଦନ୍ତୀ ଅନୁସାରେ ରାମାୟଣ ଓ ମହାଭାରତର ନାୟକମାନେ (ସାଧାରଣତଃ ପଞ୍ଚ-ପାଣ୍ଡବଙ୍କ ମଧ୍ୟରୁ ଯେକୌଣସି ପାଣ୍ଡବ କିମ୍ବା ସେମାନଙ୍କର ପତ୍ନୀ ଦ୍ରୌପଦୀ ସହିତ ସେମାନଙ୍କର ସମ୍ପର୍କୀୟ ଭାଇ ତଥା ଶତ୍ରୁ ଦୁର୍ଯ୍ୟୋଧନ) କିପରି ଜନଜାତିମାନଙ୍କର ଅଞ୍ଚଳଗୁଡ଼ିକୁ ପରିଦର୍ଶନ କରିଥିଲେ ତାହା ବର୍ଣ୍ଣନା କରେ ।

ଚିତ୍ର ୮.୭ 'ପଞ୍ଚ-ପାଣ୍ଡବ' ତାମିଲନାଡୁର ନୀଳଗିରିର ଏକ ଜଙ୍ଗଲରେ ଏକ ଖୋଦିତ ପଥର, ଯେଉଁଥିରେ ପାଞ୍ଚ ଜଣ ଭାଇମାନଙ୍କୁ ଚିତ୍ରିତ କରାଯାଇଛି । ଏହି ପଥର ଥିବା ମନ୍ଦିରର ରକ୍ଷଣାବେକ୍ଷଣ ଇରୁଲା ଆଦିବାସୀମାନେ ପାଣ୍ଡବ ମାନଙ୍କୁ ସ୍ମରଣ କରିବା ପାଇଁ କରିଥାନ୍ତି ।

ନୃତତ୍ତ୍ୱବିତ୍ କେ.ଏସ୍.ସିଂହ 'ପିପୁଲ ଅଫ୍ ଇଣ୍ଡିଆ' ପ୍ରକଳ୍ପର ନିର୍ଦ୍ଦେଶନା ଦେଇଥିଲେ ଯାହାକୁ ପୂର୍ବରୁ ଉଲ୍ଲେଖ କରାଯାଇଛି (ପୃଷ୍ଠା ୧୩୨ ଦେଖ) । ମହାଭାରତ କ୍ଷେତ୍ରରେ ସେ ଅନୁଧ୍ୟାନ ପୂର୍ବକ କହିଥିଲେ, ଲୋକକଥା ଅନୁସାରେ "ଦେଶରେ ଏମିତ କୌଣସି ସ୍ଥାନ ନାହିଁ ଯେଉଁଠି ପାଣ୍ଡବଙ୍କ ଭଳି ବୀରମାନେ ପରିଦର୍ଶନ କରିନାହାନ୍ତି । ରାମାୟଣ ବିଷୟରେ ମଧ୍ୟ ସମାନ କଥା କୁହାଯାଇପାରେ । ଶତାବ୍ଦୀ ଶତାବ୍ଦୀ ଧରି, ବୋଧହୁଏ ଅନ୍ୟ କୌଣସି ଗ୍ରନ୍ଥ ତୁଳନାରେ ଏହି ଦୁଇଟି ମହାକାବ୍ୟ ସମଗ୍ର ଭାରତ ଏବଂ ଏସିଆର ଅନେକ ସ୍ଥାନରେ ସାଂସ୍କୃତିକ ସମ୍ପର୍କର ଏକ ଘନ ଜାଲ ସୃଷ୍ଟି କରିଥିଲା । ଯାହାକି, ବିବିଧତା ମଧ୍ୟରେ ଏକତାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟାନ୍ତ ମାତ୍ର ।

ଏହି ଅଧ୍ୟାୟର ବିଷୟବସ୍ତୁକୁ ଆହୁରି ସ୍ପଷ୍ଟ କରିବା ପାଇଁ ଆମେ ଆମର ଗବେଷଣା ଜାରି ରଖିପାରିବା ଏବଂ ଭାରତୀୟ ସଂସ୍କୃତିର ଅଧିକ ଦିଗକୁ ଅଗ୍ରସର ହୋଇପାରିବା । ଉଦାହରଣ ସ୍ୱରୂପ, ଶାସ୍ତ୍ରୀୟ ସ୍ଥାପତ୍ୟ ସମେତ ଭାରତର ଶାସ୍ତ୍ରୀୟ କଳାରେ ଉଭୟ ବିବିଧତା ଓ ଏକତା ସହଜରେ ଦେଖିବାକୁ ମିଳେ । (ତୁମେ କଳା ପାଠ୍ୟକ୍ରମ ମାଧ୍ୟମରେ ଏହି କ୍ଷେତ୍ରଗୁଡ଼ିକ ଅଧ୍ୟୟନ କରିପାରିବ ।)

ଶେଷରେ, ଆମେ ମନେ ରଖିବା ଉଚିତ ଯେ, ଭାରତୀୟ ସଂସ୍କୃତି ବିବିଧତାକୁ ଏକ ସମୃଦ୍ଧି ଭାବରେ ପାଳନ କରେ, କିନ୍ତୁ ସେହି ବିବିଧତାକୁ ପୋଷଣ କରୁଥିବା ଅନ୍ତର୍ନିହିତ ଏକତାକୁ କେବେ ବି ଧ୍ୟାନରୁ ଅନ୍ତର କରି ନଥାଏ ।

ଆମେ କ'ଣ ଶିଖିଲେ...

→ ଭାରତ ଏହାର ପ୍ରାକୃତିକ ଦୃଶ୍ୟ, ଲୋକ, ଭାଷା, ପୋଷାକ, ଖାଦ୍ୟ, ପର୍ବପର୍ବାଣୀ ଏବଂ ରୀତିନୀତିରେ ବିବିଧତା ପ୍ରଦାନ କରେ ।

→ ବିବିଧତା ଅନେକ କ୍ଷେତ୍ରରେ ସହଜରେ ଅନୁଭବ କରାଯାଏ, କିନ୍ତୁ ଏଥିରେ ଅନ୍ତର୍ନିହିତ ଏକତା ମଧ୍ୟ ରହିଛି ।

→ ଭାରତର ଏକତା ବିବିଧତାକୁ ପାଳନ କରେ କାରଣ ବିବିଧତା ବିଭାଜନ କରେ ନାହିଁ– ଏହା ସମୃଦ୍ଧ କରେ ।

ପ୍ରଶ୍ନ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ

୧. ଅଧ୍ୟାୟ ଆରମ୍ଭରେ ଦିଆଯାଇଥିବା ଦୁଇଟି ଉଦାହରଣ ଉପରେ ଶ୍ରେଣୀରେ ଏକ ଆଲୋଚନା ଚକ୍ର ଆୟୋଜନ କର ।

୨. ଏହି ପାଠ୍ୟପୁସ୍ତକର ପ୍ରାରମ୍ଭିକ ପୃଷ୍ଠାଗୁଡ଼ିକରେ ଜାତୀୟ ସଙ୍ଗୀତ ଏବଂ ଏହାର ଅନୁବାଦ ପଢ଼ । ତୁମେ କେଉଁଠାରେ ବିବିଧତାକୁ ଦେଖୁଛ ? ଆଉ କେଉଁଠି ଏକତା ? ଏହା ଉପରେ ଏକ ପୃଷ୍ଠା ଲେଖ ।

୩. ପଞ୍ଚତନ୍ତ୍ରରୁ କିଛି କାହାଣୀ ଚୟନ କର ଏବଂ ସେମାନଙ୍କର ବାର୍ତ୍ତା କିପରି ଆଜି ବି ପ୍ରାସଙ୍ଗିକତା ବହନ କରେ ସେ ବିଷୟରେ ଆଲୋଚନା କର । ତୁମ ଅଞ୍ଚଳର ଏହିପରି କୌଣସି ସମାନ କାହାଣୀ ବିଷୟରେ ତୁମେ ଜାଣ କି ?

୪. ତୁମ ଅଞ୍ଚଳରୁ କିଛି ଲୋକକାହାଣୀ ସଂଗ୍ରହ କର ଏବଂ ସେଗୁଡ଼ିକରେ ଥିବା ବାର୍ତ୍ତା ବିଷୟରେ ଆଲୋଚନା କର ।

୫. ଏମିତି କିଛି ପୁରାତନ କାହାଣୀ ଅଛି କି ଯାହାକୁ ତୁମେ କଳା ମାଧ୍ୟମରେ ଚିତ୍ରିତ ହୋଇଥିବା ଦେଖିଛ ? ଏହା ଏକ ମୂର୍ତ୍ତି, ଏକ ଚିତ୍ରକଳା, ଏକ ନୃତ୍ୟ ପ୍ରଦର୍ଶନ, ଏକ ଚଳଚ୍ଚିତ୍ର ହୋଇପାରେ... ସହପାଠୀଙ୍କ ସହ ଆଲୋଚନା କର ।

୬. ଭାରତର ପ୍ରଥମ ପ୍ରାଧାନମନ୍ତ୍ରୀ ଜବାହରଲାଲ ନେହେରୁ ସ୍ୱାଧୀନତା ପୂର୍ବରୁ ଭାରତର ଅନେକ ଅଞ୍ଚଳ ଭ୍ରମଣ କରିବା ସମୟରେ ହେଇଥିବା ନିମ୍ନଲିଖିତ ବକ୍ତବ୍ୟକୁ ଶ୍ରେଣୀରେ ଆଲୋଚନା କର ।

> "ସବୁଠି ମୁଁ ଏକ ସାଂସ୍କୃତିକ ପୃଷ୍ଠଭୂମି ପାଇଲି ଯାହା ସେମାନଙ୍କ ଜୀବନ ଉପରେ ଏକ ଶକ୍ତିଶାଳୀ ପ୍ରଭାବ ପକାଇଥିଲା । ... ଭାରତର ପୁରୁଣା ମହାକାବ୍ୟ, ରାମାୟଣ ଓ ମହାଭାରତ ଏବଂ ଅନ୍ୟାନ୍ୟ ପୁସ୍ତକ, ଲୋକପ୍ରିୟ ଅନୁବାଦ ଏବଂ ବର୍ଣ୍ଣନା, ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଭାବରେ ପରିଚିତ ଥିଲା ଏବଂ ସେଥିରେ ଥିବା ପ୍ରତ୍ୟେକ ଘଟଣା, କାହାଣୀ ଏବଂ ନୈତିକତା ଲେକାମନରେ ଲିପିବଦ୍ଧ ହୋଇଥିଲା ଏବଂ ଏହାକୁ ଏକ ସମୃଦ୍ଧ ବିଷୟବସ୍ତୁ ଦେଇଥିଲା । ନିରକ୍ଷର ଗ୍ରାମବାସୀମାନେ ହୃଦୟରୁ ଶତାଧିକ ଶବ୍ଦ ଜାଣିଥିବେ ଏବଂ ସେମାନଙ୍କ କଥାବାର୍ତ୍ତା ସେଗୁଡ଼ିକର ଉଦାହରଣରେ କିମ୍ବା କିଛି ପୁରୁଣା ଶାସ୍ତ୍ରରେ ଥିବା ନୀତିବାଣୀ ସହିତ କୌଣସି କାହାଣୀରେ ପରିପୂର୍ଣ୍ଣ ହେବ ।

ଅଧ୍ୟାୟ ୨

ପରିବାର ଓ ଗୋଷ୍ଠୀ

"ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।"

– ମଧୁସୂଦନ ରାଓ

"ପ୍ରେମ ଓ ଧର୍ମ ହେଉଛି ପାରିବାରିକ ଜୀବନର ଫୁଲ ଓ ଫଳ ।"

– ତିରୁବଲ୍ଲୁଭର

ଆସ ଚିନ୍ତା କରିବା

୧. ପରିବାର ମଧ୍ୟରେ ଏକତା କାହିଁକି ଗୁରତ୍ୱପୂର୍ଣ୍ଣ ?

୨. ଗୋଷ୍ଠୀ କହିଲେ କଣ ବୁଝ ଏବଂ ଏହାର ଭୂମିକା କ'ଣ ?

ପରିବାର

ଆମେ ପ୍ରାୟ ସମସ୍ତେ ଗୋଟିଏ ପରିବାରରେ ରହିଥାଉ । ପରିବାର ହେଉଛି ସବୁଠାରୁ ଏକ ପ୍ରାଚୀନ ମୌଳିକ ସାମାଜିକ ଅନୁଷ୍ଠାନ । ଆଜି ଭାରତୀୟ ସମାଜରେ ଯୌଥ ପରିବାରଠାରୁ ଆରମ୍ଭ କରି ଏକକ ପରିବାର ପର୍ଯ୍ୟନ୍ତ ଅନେକ ପ୍ରକାରର ପରିବାର ରହିଛି । ଏକ ଯୌଥ ପରିବାରରେ ଅନେକ ପିଢ଼ି ଏକାଠି ରହିଥାନ୍ତି – ଜେଜେବାପା, ଜେଜେମା, ବାପା, ମାଆ, ଦାଦା, ଖୁଡ଼ୀ, ବଡ଼ବାପା, ବଡ଼ମା', ଭାଇ, ଭଉଣୀ ଏବଂ ଦାଦାପୁଅ ଓ ଦାଦାଝିଅ । ଅପରପକ୍ଷରେ ଏକକ ପରିବାର କେବଳ ପିତାମାତା ଓ



ଯୌଥ ପରିବାରର ଉଦାହରଣ



ଚିତ୍ର ୯.୧ : ଏକକ ପରିବାରର ଉଦାହରଣ

ସେମାନଙ୍କ ସନ୍ତାନ ଏବଂ ବେଳେବେଳେ ପିତାମାତାଙ୍କ ମଧ୍ୟରୁ ଜଣେ ଓ ସନ୍ତାନଙ୍କ ମଧ୍ୟରେ ସୀମିତ ରହିଥାଏ ।

ଆସ ଅନୁସନ୍ଧାନ କରିବା

→ ତୁମ ସାହି ପଡ଼ିଶାରେ ତୁମେ କେଉଁ ପ୍ରକାରର ପରିବାର ଦେଖୁଛ ? ପ୍ରତ୍ୟେକ ପ୍ରକାର ପରିବାର ଓ ଏହାର ସଂଖ୍ୟାକୁ ନେଇ ତାଲିକା ପ୍ରସ୍ତୁତ କର ।

→ ତୁମ ସାହି ପଡ଼ିଶାରେ କେଉଁ ପ୍ରକାର ପରିବାର ଅଧିକ ଦେଖାଯାଏ ? ତୁମ ମତରେ ଏପରି କାହିଁକି ହୋଇଛି ବୋଲି ଭାବୁଛ ?

→ ଏକ ଶିକ୍ଷଣ କାର୍ଯ୍ୟ ଭାବରେ, ତୁମେ ସହପାଠୀଙ୍କ କାର୍ଯ୍ୟ ସହିତ ତୁଳନା କରି ଆଲୋଚନା କର ।

ଓଡ଼ିଆରେ ପାରିବାରିକ ସମ୍ପର୍କକୁ ବର୍ଣ୍ଣନା କରିବା ପାଇଁ କେତେକ ଶବ୍ଦକୁ ପ୍ରଥମ ଅନୁଚ୍ଛେଦରେ ଆମେ ଦେଖିଲେ । ଇଂରାଜୀରେ ପାରିବାରିକ ସମ୍ପର୍କକୁ ବର୍ଣ୍ଣନା କରିବା ପାଇଁ ଅଧିକ ଶବ୍ଦ ନାହିଁ, କିନ୍ତୁ ଭାରତୀୟ ଭାଷାରେ ପାରିବାରିକ ସମ୍ପର୍କକୁ ବୁଝିବା ପାଇଁ ଅନେକ ଶବ୍ଦ ରହିଛି । ଉଦାହରଣ ସ୍ୱରୂପ ହିନ୍ଦୀରେ ବୁଆ, ତାଉ, ତାଇ, ଚାଚା, ମୌସୀ, ନାନା, ନାନି ଏବଂ ଆହୁରି ଅନେକ କିଛି । ତାମିଲ ଭଳି ଅନ୍ୟାନ୍ୟ କେତେକ ଭାଷାରେ ବଡ଼ଭାଇ, ବଡ଼ଭଉଣୀ କିମ୍ବା ସାନ ଭାଇ, ସାନ ଭଉଣୀ ପାଇଁ ଭିନ୍ନ ଭିନ୍ନ ଶବ୍ଦ ରହିଛି । ଇଂରାଜୀରେ ବ୍ୟବହୃତ ହେଉଥିବା ଶବ୍ଦ କଜିନ୍ (cousin) ଓ ଅଙ୍କଲ (uncle) ଭଳି ଶବ୍ଦ ଭାରତୀୟ ଭାଷାରେ ପାଇବା ନାହିଁ । କାରଣ ଭାରତୀୟ ଭାଷାରେ କଜିନ୍ (cousin) ପରିବର୍ତ୍ତେ ସମ୍ପର୍କୀୟ ଭାଇ ଓ ଭଉଣୀ ଏବଂ ଅଙ୍କଲ (uncle) ପରିବର୍ତ୍ତେ ଓଡ଼ିଆରେ ଦାଦା ଓ ମାମୁଁ ଶବ୍ଦ ବ୍ୟବହୃତ ହୋଇଥାଏ । ଏହା ପରିବାରର ସମସ୍ତ ସଦସ୍ୟଙ୍କ ମଧ୍ୟରେ ଗଭୀର ସମ୍ପର୍କକୁ ଗୁରୁତ୍ୱ ଦେଇଥାଏ ।

ଆସ ଅନୁସନ୍ଧାନ କରିବା

→ କିଛି ଦୂର ସମ୍ପର୍କୀୟଙ୍କ ସମେତ ତୁମେ ପରିବାରର ସମସ୍ତ ସଦସ୍ୟଙ୍କ ତାଲିକା ପ୍ରସ୍ତୁତ କର । ତୁମ ମାତୃଭାଷା କିମ୍ବା ଆଞ୍ଚଳିକ ଭାଷାରେ ସେମାନଙ୍କ ସମ୍ବୋଧନର ତାଲିକା କର ଏବଂ ଓଡ଼ିଆରେ ସମକକ୍ଷ ଶବ୍ଦ ଖୋଜିବାକୁ ଚେଷ୍ଟା କର । ଦୁଇଟି ଉଦାହରଣ ନିମ୍ନରେ ଦିଆଯାଇଛି ।

ନାମ	ଓଡ଼ିଆରେ ଶବ୍ଦ	ଓଡ଼ିଆରେ ବର୍ଣ୍ଣନା/ଶବ୍ଦ
ସବିତା	ଭଉଣୀ	ଇଂରାଜୀରେ କଜିନ୍ (Cousin) ଯେପରିକି ଓଡ଼ିଆରେ ମାମୁଁ ଝିଅ-ଭଉଣୀ, ଦାଦା ଝିଅ-ଭଉଣୀ, ପିଉସୀ ଝିଅ-ଭଉଣୀ ଇତ୍ୟାଦି
ସମୀର	ଦାଦା	ବାପାଙ୍କ ସାନ ଭାଇ (ଦାଦା ବା କକା)

→ ଧ୍ୟାନ ଦିଅ ଯେ, କିପରି ଅଧିକାଂଶ ସମୟରେ ତୁମେ ମାତୃଭାଷା କିମ୍ବା ଆଞ୍ଚଳିକ ଭାଷାର ଗୋଟିଏ ଶବ୍ଦକୁ ଠିକ୍ ସଂଜ୍ଞା ଦେବାପାଇଁ ଇଂରାଜୀରେ ଅନେକ ଶବ୍ଦ ଆବଶ୍ୟକ ହୁଏ ।

ଭୂମିକା ଏବଂ ଦାୟିତ୍ୱ

ପରିବାର ସଦସ୍ୟଙ୍କ ମଧ୍ୟରେ ସମ୍ପର୍କ ପ୍ରେମ, ଯତ୍ନ, ସହଯୋଗ ଏବଂ ପରସ୍ପର ନିର୍ଭରଶୀଳତା ଉପରେ ଆଧାରିତ । 'ସହଯୋଗ'ର ଅର୍ଥ ହେଉଛି 'ଏକାଠି କାମ କରିବା' । ପରିବାର ପ୍ରତ୍ୟେକ ସଦସ୍ୟଙ୍କର ଅନ୍ୟ ସଦସ୍ୟଙ୍କ ପ୍ରତି ଭୂମିକା ଏବଂ ଦାୟିତ୍ୱ ରହିଛି । ଉଦାହରଣ ସ୍ୱରୂପ, ପିତାମାତାମାନେ ସେମାନଙ୍କ ପିଲାମାନଙ୍କୁ ସୁଖୀ ଏବଂ ସମାଜର ଦାୟିତ୍ୱବାନ ସଦସ୍ୟ କରି ଗଢ଼ିତୋଳିବା ପାଇଁ ଦାୟୀ ଅଟନ୍ତି । ଆହୁରି ମଧ୍ୟ ପିଲାମାନେ ବଡ଼ ହେବା ସହିତ ପରିବାରର ଅନ୍ୟ ସଦସ୍ୟ ଯଥା ପିତାମାତା କିମ୍ବା ଭାଇଭଉଣୀ ମାନଙ୍କର ଦାୟିତ୍ୱ ମଧ୍ୟ ଗ୍ରହଣ କରନ୍ତି । ଦୈନନ୍ଦିନ ଅଭ୍ୟାସ ଓ ଅଭିଜ୍ଞତା ମାଧ୍ୟମରେ ପିଲାମାନେ ପାରିବାରିକ ଜୀବନରେ ଅଂଶଗ୍ରହଣ କରିବା ଶିଖନ୍ତି। ଅନେକ ଘରେ ପିଲାମାନେ ସେମାନଙ୍କ ପରିବାରରେ ପିଢ଼ି ପିଢ଼ି ଧରି ଅନୁସରଣ ହୋଇ ଆସୁଥିବା କିଛି ଅଭ୍ୟାସ ଓ ପରମ୍ପରାକୁ ଶିଖନ୍ତି ।

ଆସ ଅନୁସନ୍ଧାନ କରିବା

ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ଏବଂ ତୁମ ଉତ୍ତରକୁ କିଛି ସହପାଠୀଙ୍କ ଉତ୍ତର ସହିତ ତୁଳନା କର:

→ ବଜାରରୁ କ'ଣ କିଣାଯିବ, ସେ ବିଷୟରେ ତୁମ ପରିବାରର କିଏ ନିଷ୍ପତ୍ତି ନିଅନ୍ତି ?

→ ତୁମ ଘରେ କିଏ ରୋଷେଇ କରନ୍ତି ?

→ ତୁମ ପରିବାରର ସବୁଠାରୁ ବୟସ୍କ ବ୍ୟକ୍ତି କିଏ ?

→ ତୁମ ଘରର ଚଟାଣ କିଏ ସଫା କରନ୍ତି ?

→ ତୁମ ଘରେ ବାସନ କୁସନ କିଏ ଧୁଅନ୍ତି ?

→ ତୁମକୁ ଘରେ ପାଠପଢ଼ାରେ କିଏ ସାହାଯ୍ୟ କରନ୍ତି ?

ଭାରତୀୟ ସଂସ୍କୃତିରେ ଆମ ଧର୍ମ ପାଳନ ଓ କର୍ତ୍ତବ୍ୟ କରିବା ଭାରତୀୟ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ନୀତି ବା ସଂସ୍କାର ଅଟେ । ପରିବାର ମଧ୍ୟ ଏକ 'ବିଦ୍ୟାଳୟ', ଯେଉଁଠାରେ ପିଲାମାନେ ଅହିଂସା, ଦାନ, ସେବା ଏବଂ ତ୍ୟାଗ ଭଳି ଗୁରୁତ୍ୱପୂର୍ଣ୍ଣ ମୂଲ୍ୟବୋଧ ଶିଖନ୍ତି । ପରିବାରର ସଦସ୍ୟମାନେ ଅନେକ ସମୟରେ ପରିବାରର ଆବଶ୍ୟକତା ପୂରଣ କରିବା ପାଇଁ ନିଜର ଆବଶ୍ୟକତାକୁ ତ୍ୟାଗ କରିଦିଅନ୍ତି ।

ଆସ ଏମିତି ଏକ କାହାଣୀ ଶୁଣିବା ।

ଚିତ୍ର ୯.୨

ବର୍ଷା ତାଙ୍କ ପରିବାର ସହ ଓଡ଼ିଶାର ପୁରୀ ସହରରେ ରହନ୍ତି । ତାଙ୍କ ବାପା ଏକ ଛୋଟ ବ୍ୟବସାୟ କରନ୍ତି ଏବଂ ତାଙ୍କ ମା' ନିକଟସ୍ଥ ଏକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଅଟନ୍ତି ।

ବର୍ଷାଙ୍କର ଜଣେ ସାନ ଭାଇ ଅଛନ୍ତି । ତାଙ୍କ ଜେଜେମା (ବାପାଙ୍କ ମା), କକା (ବାପାଙ୍କ ଭାଇ) ଏବଂ ତାଙ୍କର ଖୁଡ଼ି ସେମାନଙ୍କ ସହିତ ଏକାଠି ରହନ୍ତି । ସେମାନଙ୍କର ଏକ ଝିଅ ଅଛି । ସେ ବର୍ଷାର ସମ୍ପର୍କୀୟ ଭଉଣୀ ଅଟେ ଓ ତାକୁ ସେ ମିନି ବୋଲି ଡାକେ । ବର୍ଷାର ଦାଦା ନିକଟରେ ଚାକିରି ହରାଇଛନ୍ତି ଏବଂ ତାଙ୍କ ଖୁଡ଼ି ଜଣେ ଗୃହିଣୀ ଅଟନ୍ତି । ଯେତେବେଳେ ପୁରା ପରିବାର ରଜପର୍ବ ପାଇଁ ପ୍ରସ୍ତୁତି କରୁଥିଲେ । ସେତେବେଳେ ବର୍ଷାଙ୍କ ଜେଜେମା ବାପାଙ୍କୁ କହିଲେ ଯେ, ତାଙ୍କ ଭାଇ ଆର୍ଥିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତେଣୁ ସେମାନେ ରଜପର୍ବ ପାଇଁ ନୂଆ ପୋଷାକ କିଣିପାରୁନାହାନ୍ତି । ଏଣୁ ବର୍ଷାଙ୍କ ପିତାମାତା, ବର୍ଷା ଓ ତାଙ୍କ ଭାଇଙ୍କୁ ସପିଂ ବା କିଣାକିଣି କରିବାକୁ ସାଙ୍ଗରେ ନେଲେ । ସେମାନେ କେବଳ ନିଜ ପାଇଁ ନୁହେଁ, ସମସ୍ତଙ୍କ ପାଇଁ ନୂଆ ପୋଷାକ କିଣିଲେ । ଫଳରେ ବର୍ଷା ଆଶା କରିଥିବା ଦାମୀ ପୋଷାକ ପରିବର୍ତ୍ତେ ତାଙ୍କୁ ଏକ କମ୍ ଦାମର ପୋଷାକ କିଣିବାକୁ ପଡ଼ିଥିଲା । ଜେଜେମା ବର୍ଷାଙ୍କୁ ବୁଝାଇଥିଲେ ଯେ ପରିବାର ଗୁଡ଼ିକ ପରସ୍ପରକୁ ଏହିପରି ସାହାଯ୍ୟ କରନ୍ତି ଏବଂ ସେମାନଙ୍କ ପାଖରେ ଯାହା ଅଛି ତାହା ପରସ୍ପର ମଧ୍ୟରେ ବାଣ୍ଟିଥାନ୍ତି । ବର୍ଷା ନିଜର ପୋଷାକକୁ ନେଇ ମନଦୁଃଖ କରିନଥିଲା, ପରନ୍ତୁ ସମସ୍ତଙ୍କୁ କିଛି ନୂଆ ପୋଷାକ ମିଳିଥିବାରୁ ସେ ଖୁସି ହୋଇଥିଲା ।

ଚିତ୍ର ୯.୩

ଆସ ଅନୁସନ୍ଧାନ କରିବା

→ ସାତ ଜଣିଆ ଏହି ପରିବାରର ଏକ ସରଳ ପରିବାର ବୃକ୍ଷ ତିଆରି କର ।

→ ବର୍ଷାଙ୍କ ପିତାମାତା କାହିଁକି ସମସ୍ତଙ୍କ ପାଇଁ ପୋଷାକ କିଣିଲେ ବୋଲି ତୁମେ ଭାବୁଛ ?

→ ଯଦି ତୁମେ ବର୍ଷାଙ୍କ ସ୍ଥାନରେ ଥାଆନ୍ତ ତେବେ ତୁମେ କ'ଣ କରିଥାନ୍ତ ?

ଏହି କାହାଣୀ ଓଡ଼ିଶାର ପୁରୀର ଥିଲା । ଏବେ ଆସ ନବରଙ୍ଗପୁରର ଏକ ଗାଁକୁ ଯିବା । ପଙ୍କଜଠାରୁ ତାଙ୍କ ପରିବାରର କାହାଣୀ ଶୁଣିବା ।

ମୋ ନାଁ ପଙ୍କଜ । ଆମେ ରହୁଥିବା ପାହାଡ଼ିଆ ଅଞ୍ଚଳକୁ ମୁଁ ବହୁତ ଭଲ ପାଏ, ଯଦିଓ ଏ ଜୀବନ ବେଳେବେଳେ କଷ୍ଟକର ହୋଇଯାଏ । ମୋ ବାପା ଏକ ଛୋଟ ତେଜରାତି ଦୋକାନ ଚଳାନ୍ତି । ପର୍ଯ୍ୟଟକ ମାନଙ୍କୁ ବିକ୍ରି କରିବା ନିମନ୍ତେ ସ୍ଥାନୀୟ ହସ୍ତଶିଳ୍ପ ସମବାୟରେ ମୋ ମା'ଆମର ପାରମ୍ପରିକ ସୌଖୀନ ଦ୍ରବ୍ୟ ଯଥା ଲାଖଚୁଡି, ଚୁଡ଼ି ବାକ୍ସ, ନାମ ଫଳକ ଓ କଳସ ଆଦି ପ୍ରସ୍ତୁତ କରିବାରେ ବ୍ୟସ୍ତ

ଚିତ୍ର ୯.୪

ରହୁଥିବାରୁ ମୋ ବାପା ଘର ସଫା କରିବା, ଛୋଟ ପରିବା ବଗିଚାର ଯତ୍ନ ନେବା ଏବଂ ଘରର ଅନ୍ୟାନ୍ୟ କାର୍ଯ୍ୟରେ ତାଙ୍କୁ ସହଯୋଗ କରନ୍ତି । ଅନେକ ସମୟରେ ବାପା ମୋ ଜେଜେମା'ଙ୍କୁ ଆମ ସମସ୍ତଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବାରେ ମଧ୍ୟ ସାହାଯ୍ୟ କରନ୍ତି ।

ଜେଜେମା' ସବୁବେଳେ ମୋତେ ଶୁଣାଇବା ପାଇଁ ସୁନ୍ଦର କାହାଣୀ ସବୁ ରଖିଥାନ୍ତି ଯେଉଁଥିରେ କି ହସ-ଖୁସି ତଥା ବହୁତ ଶିଖିବାର କଥା ରହିଥାଏ । ମୋ ବ୍ୟତୀତ ହୁଏତ ତାଙ୍କୁ କେହି ଭଲଭାବେ ବୁଝିପାରିନଥିବେ ।

ଜେଜେବାପା ପାଠପଢ଼ାରେ ମୋତେ ସାହାଯ୍ୟ କରନ୍ତି ଏବଂ ମୋତେ ସ୍କୁଲ ପାଇଁ ବସ୍ ଷ୍ଟାଣ୍ଡକୁ ନେଇଯାଆନ୍ତି । ସେ ଆମ କଲୋନୀରେ ସାମାଜିକ କାର୍ଯ୍ୟରେ ମଧ୍ୟ ସକ୍ରିୟ ଭାବରେ ଜଡ଼ିତ ଅଛନ୍ତି ଏବଂ ସର୍ବଦା ଅନ୍ୟମାନଙ୍କୁ ସାହାଯ୍ୟ କରନ୍ତି । ଉଦାହରଣ ସ୍ୱରୂପ, ଯେତେବେଳେ ଆମ ଅଞ୍ଚଳରେ ବିଜୁଳି ବିଚ୍ଛିନ୍ନ ହୁଏ, ସେ ଯାଇ ନିକଟସ୍ଥ କାର୍ଯ୍ୟାଳୟରେ ଅଭିଯୋଗ କରନ୍ତି । ଯେତେବେଳେ ବାତ୍ୟାରେ ଆମ ପଡ଼ୋଶୀଙ୍କ ଘର କ୍ଷତିଗ୍ରସ୍ତ ହୋଇଥିଲା, ସେ ମରାମତିରେ ସାହାଯ୍ୟ କରିବା ପାଇଁ ସମଗ୍ର ପଡ଼ୋଶୀଙ୍କଠାରୁ କିଛି ଟଙ୍କା ସଂଗ୍ରହ କରିଥିଲେ ।

ଆମେ ଭାଗ୍ୟବାନ ଯେ ପିତାମାତା ଆମର ମୌଳିକ ଆବଶ୍ୟକତା ଯଥା ଖାଦ୍ୟ ଏବଂ ପୋଷାକର ଯତ୍ନ ନେଇଥାନ୍ତି । ଯେତେବେଳେ କୌଣସି ବିଶେଷ ଖର୍ଚ୍ଚ ଆସେ, ମୁଁ ପ୍ରାୟତଃ ଦେଖିଛି ଯେ ସେମାନେ ଏକାଠି ଆଲୋଚନା କରନ୍ତି । ମା' କୁହନ୍ତି ଯେ ଭବିଷ୍ୟତରେ ଯେକୌଣସି ଅପ୍ରତ୍ୟାଶିତ ଆବଶ୍ୟକତା ପାଇଁ ଆମେ ସର୍ବଦା କିଛି ଅର୍ଥ ସଞ୍ଚୟ କରିବାକୁ ଚେଷ୍ଟା କରିବା ଉଚିତ୍ ।

ଏହା ବିଷୟରେ ଚିନ୍ତା କର

- ପଙ୍କଜଙ୍କ ବାପା କାହିଁକି ବିଶେଷ ଖର୍ଚ୍ଚ ପାଇଁ ପତ୍ନୀଙ୍କ ସହ ପରାମର୍ଶ କରନ୍ତି ?
- ଘର କାମରେ ବାପାଙ୍କର ଅଂଶଗ୍ରହଣ ବିଷୟରେ ତୁମର ମତ କଣ ?
- ଜେଜେବାପା କେଉଁ ଭୂମିକା ନିର୍ବାହ କରନ୍ତି ?

ଆସ ଅନୁସନ୍ଧାନ କରିବା

- → ଓଡ଼ିଶାର ଯେକୌଣସି ଅଞ୍ଚଳର ଏକ ପରିବାରର କାହାଣୀ ତିଆରି କର ଯେଉଁଠାରେ ଆମେ କିଛି ପାରିବାରିକ ମୂଲ୍ୟବୋଧ ପାଳନ ହେଉଥିବା ଦେଖିପାରିବା । ଲିଖନ ବା ଚିତ୍ରାଙ୍କନ ମାଧ୍ୟମରେ ଏହାକୁ ତୁମେ ତୁମ ଶ୍ରେଣୀରେ ସାଙ୍ଗସାଥୀମାନଙ୍କ ସହିତ ବିନିମୟ କର ।
- → ଦୁଇ ତିନିଟି ପରିବାରକୁ ବିଚାରକୁ ନେଇ ସମସ୍ତ ସହପାଠୀଙ୍କ ସହ ଏକ ଛୋଟ ନାଟକ ପରିବେଷଣ କର । ତୁମେ ଲେଖିଥିବା ନାଟକରେ କିଛି ଆହ୍ୱାନମୂଳକ ପରିସ୍ଥିତି ଅନ୍ତର୍ଭୁକ୍ତ କରାଯାଇପାରେ, ଯାହା ପରିବାର ସମ୍ମୁଖୀନ ହେଉଥିବା ସମସ୍ୟା ଓ ଏହାର ସମାଧାନ ଉପରେ ଉଦ୍ଦିଷ୍ଟ ଥିବ ।
- → ବର୍ଷା ଏବଂ ପଙ୍କଜଙ୍କ କାହାଣୀରେ ଆମେ ଯୌଥ ପରିବାରର ଉଦାହରଣ ଦେଖିଲେ । ଆଧୁନିକ ଜୀବନଶୈଳୀରେ କେଉଁ ଦିଗଗୁଡ଼ିକ କିଛି ପିତାମାତାଙ୍କୁ ଏକକ ପରିବାର (ଅର୍ଥାତ୍, ବୟସ୍କ ପିଢ଼ି କିମ୍ବା ଅନ୍ୟ ସମ୍ପର୍କୀୟଙ୍କଠାରୁ ଅଲଗା ରହିବା) ପସନ୍ଦ କରିବାକୁ ବାଧ କରାଏ ବୋଲି ତୁମେ ଭାବୁଛ ? ଦୁଇ ପ୍ରକାର ପରିବାରର କିଛି ଭଲ ବା ଖରାପ ଦିଗ ଗୁଡ଼ିକ କ'ଣ ହୋଇପାରେ ବୋଲି ଭାବୁଛ ?

ଗୋଷ୍ଠୀ (Community)

ଗୋଟିଏ ପରିବାର କେବଳ ନିଜ ଭିତରେ ସିମିତ ନରହି ଅନ୍ୟ ପରିବାର ଓ ଆଖପାଖ ଲୋକଙ୍କ ସହ ମଧ୍ୟ ସମ୍ପର୍କ ରଖିଥାଏ। ସମ୍ପର୍କ ସୁତ୍ରରେ ବନ୍ଧା ଲୋକମାନଙ୍କର ଏଭଳି ଏକ ଅବସ୍ଥାକୁ ଗୋଷ୍ଠୀ କୁହାଯାଏ । (ପ୍ରସଙ୍ଗ ଅନୁସାରେ ଗୋଷ୍ଠୀର ଅନ୍ୟ ଅର୍ଥ ମଧ୍ୟ ଅଛି) । ପର୍ବପର୍ବାଣୀ ପାଳନ, ଭୋଜି, ବିବାହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ କରିବା ଭଳି ବିଭିନ୍ନ ସମୟରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ସଦସ୍ୟମାନେ ଏକାଠି ହୁଅନ୍ତି । କେତେକ ଗାଁରେ ଲୋକମାନେ ଏକାଠି ହୋଇ ଜମି ପ୍ରସ୍ତୁତ କରିବା, ବିହନ ବୁଣିବା ଓ ଫସଲ ଅମଳ ଭଳି କୃଷି ପଦ୍ଧତିରେ ପରସ୍ପରକୁ ସହଯୋଗ କରିଥାନ୍ତି । ସମୟକ୍ରମେ, ବିଭିନ୍ନ ଗୋଷ୍ଠୀ ପ୍ରାୟତଃ ଜଳ, ଚାରଣ ଭୂମି ଏବଂ ଜଙ୍ଗଲ ଜାତ ଦ୍ରବ୍ୟ ପରି ପ୍ରାକୃତିକ ସମ୍ପତ୍ତି ଏବଂ ସମ୍ବଳର ମିଳିତ ବ୍ୟବହାର ପାଇଁ ରାଜ ହୋଇଥାନ୍ତି । ଅନେକ ଆଦିବାସୀ ଗୋଷ୍ଠୀ କ୍ଷେତ୍ରରେ ଏଭଳି ସ୍ଥିତି ରହିଛି । ଏବେ ମଧ୍ୟ ଗ୍ରାମୀଣ ଭାରତରେ ଗ୍ରାମ କ୍ଷେତ୍ରରେ ଏହା କେତେକାଂଶରେ ଦେଖିବାକୁ ମିଳୁଛି । ଏପରି ଅଭ୍ୟାସ ବା ପରମ୍ପରାକୁ ଆମେ ନିୟମ କହିପାରିବା, ଯଦିଓ ସେଗୁଡ଼ିକ ଖୁବ୍ କମ୍ ଲିଖିତ ଆକାରରେ ଅଛି । ଏହା ସମସ୍ତ ଗୋଷ୍ଠୀମାନଙ୍କୁ ସମ୍ବଳର ବ୍ୟବହାର ପାଇଁ ସମାନ ସୁଯୋଗ ସୁନିଶ୍ଚିତ କରିଛି ।

ଅର୍ଥାତ୍ ଗୋଷ୍ଠୀର ଅନ୍ତର୍ଭୁକ୍ତ ସମସ୍ତ ପରିବାର ଏବଂ ବ୍ୟକ୍ତିବିଶେଷଙ୍କର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ପାଳନ କରିବାକୁ ଅଛି, ନଚେତ୍ ଗୋଷ୍ଠୀ ସୁରୁଖୁରୁରେ ଚାଲିପାରିବ ନାହିଁ ।

ମନେରଖ

- ବର୍ଷ ବର୍ଷ ଧରି ମଧ୍ୟପ୍ରଦେଶର ଝାବୁଆ ସହରର ଆଖପାଖ ଅଞ୍ଚଳରେ ଘୋର ଜଳ ସଙ୍କଟ ଦେଖାଦେଇଥିଲା । ଏହି ସଙ୍କଟ ସମୟରେ କୌଣସି ବ୍ୟକ୍ତି କିମ୍ବା ପରିବାରକୁ ସାହାଯ୍ୟ କରିବା ପାଇଁ ଏକାଠି ହେବାର ହାଲ୍‌ମା (ପର ପୃଷ୍ଠା ଦେଖ) ପରମ୍ପରା ଅନୁସରଣ କରି, ଭିଲ୍ ଗୋଷ୍ଠୀ ଶହ ଶହ ଗ୍ରାମରେ ହଜାର ହଜାର ଗଛ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ । ବର୍ଷା ଜଳ ସଂରକ୍ଷଣ ପାଇଁ ଭିଲ୍‌ମାନେ ଅନେକ ଖାଲ ଖୋଳିଥିଲେ ଏବଂ ଜଳ ସଂରକ୍ଷଣର ଅନ୍ୟାନ୍ୟ ଢାଞ୍ଚା ମଧ୍ୟ ତିଆରି କରିଥିଲେ । ସେମାନେ ଏହି କାମ ପାଇଁ କୌଣସି ପାରିଶ୍ରମିକ। ପାଉନଥିଲେ, କିନ୍ତୁ ନିଜ ଗୋଷ୍ଠୀ ଏବଂ ପରିବେଶ ପ୍ରତି ନିଜର କର୍ତ୍ତବ୍ୟ ଭାବରେ ଏହା କରିଥିଲେ । ହାଲ୍‌ମା ପରମ୍ପରାରେ ଉଦ୍ଦେଶ୍ୟ ହେଉଛି ପୃଥିବୀ ମାତାଙ୍କ ସେବା କରିବା । ୨୦୧୯ରେ ଶିବଗଙ୍ଗା ଆନ୍ଦୋଳନର ଶ୍ରୀ ମହେଶ ଶର୍ମାଙ୍କୁ ଭିଲ୍ ସମ୍ପ୍ରଦାୟ ସହିତ ତାଙ୍କର ପରିବର୍ତ୍ତନ ମୂଳକ କାର୍ଯ୍ୟ ପାଇଁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।
- ୨୦୧୫ର ଚେନ୍ନାଇ ବନ୍ୟା ସମୟରେ ରାସ୍ତାଗୁଡ଼ିକ ନଦୀର ଭ୍ରମ ସୃଷ୍ଟି କରୁଥିଲା ଏବଂ ଲୋକମାନେ ଯାତାୟାତ କରିପାରୁନଥିଲେ । ପ୍ରାୟ ସମସ୍ତ ଦୋକାନ ବଜାର ବନ୍ଦ ରହିବା ସହ ଅଧିକାଂଶ ସେବା ବାଧାପ୍ରାପ୍ତ ହୋଇଥିଲା । ଅନେକ ସ୍ୱେଚ୍ଛାସେବୀ ଗୋଷ୍ଠୀ ବିଶେଷ କରି ଆଧ୍ୟାତ୍ମିକ ଓ ଧାର୍ମିକ ଅନୁଷ୍ଠାନ ମାନେ ବିପୁଳ ପରିମାଣର ଖାଦ୍ୟ ରୋଷେଇ କରି ଆବଶ୍ୟକ କରୁଥିବା ଲୋକଙ୍କୁ ବଣ୍ଟନ କରିଥିଲେ ।
- ୧୯୯୯ ମସିହାର ଓଡ଼ିଶା ମହାବାତ୍ୟା ଓ ପରବର୍ତ୍ତୀ ସମୟରେ ଓଡ଼ିଶାରେ ଦେଖାଦେଇଥିବା ବାତ୍ୟା ପ୍ରଭାବରେ ବହୁ ଧନଜୀବନ ନଷ୍ଟ ହେବା ସହ ରାସ୍ତାଘାଟ ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହୋଇଥିଲା । ଏହି ସମୟରେ ବିଭିନ୍ନ ସ୍ୱେଚ୍ଛାସେବୀ ଗୋଷ୍ଠୀ ସହାୟତାର ହାତ ବଢ଼ାଇଥିଲେ ।
- ପ୍ରତିବଦଳରେ କିଛି ଆଶା ନକରି ସମାଜର ହିତ ଲାଗି କିଛି କରିବା ପାଇଁ ଲୋକମାନେ ଏକାଠି ହେବାର ଆହୁରି ଅନେକ ଉଦାହରଣ ରହିଛି । ତୁମେମାନେ ଏ ବିଷୟରେ କିଛି ଶୁଣିଛ କି ?

ଉପରୋକ୍ତ ବାସ୍ତବ ଜୀବନ କାହାଣୀଗୁଡ଼ିକ ଗ୍ରାମାଞ୍ଚଳର ବିଭିନ୍ନ ଗୋଷ୍ଠୀ ଭାବରେ ପର୍ଯ୍ୟବସିତ । ସହରାଞ୍ଚଳରେ ଥିବା ଗୋଷ୍ଠୀଗୁଡ଼ିକର କାର୍ଯ୍ୟଧାରା ଗ୍ରାମାଞ୍ଚଳଠାରୁ ଟିକିଏ ଭିନ୍ନ । ଆସ ଦେଖିବା ଅନ୍ୟ ଏକ ବାସ୍ତବ ଜୀବନ କାହାଣୀର ଉଦାହରଣ ।



ଚିତ୍ର ୯.୫

୨୦ ବର୍ଷ ତଳେ ଅହମ୍ମଦାବାଦ (ଗୁଜରାଟ)ର ଏକ ଅଞ୍ଚଳରେ ଏକ ଛୋଟ ଅଟୋ ମରାମତି ଗ୍ୟାରେଜର ମାଲିକ, କମଲ ପରମାର ରାସ୍ତାରେ କିଛି ଗରିବ ଓ ଅସହାୟ ପିଲାଙ୍କୁ ଦେଖିଲେ ସେମାନଙ୍କ ମଧ୍ୟରୁ କେକେତ ଆଧାରୁ ପାଠ ଛାଡ଼ିଦେଇଥିବାବେଳେ ଅନ୍ୟ କେତେକ କେବେବି ସ୍କୁଲ ଯାଇନଥିଲେ । ଦୈନନ୍ଦିନ କାର୍ଯ୍ୟର ପରିସମାପ୍ତି ପରେ କମଲ ପ୍ରତିଦିନ ସନ୍ଧ୍ୟା ସାଢ଼େ ୫ଟାରୁ ସାଢ଼େ ୯ଟା ପର୍ଯ୍ୟନ୍ତ ସେମାନଙ୍କୁ ନିଜେ ଅବୈତନିକ ପାଠ ପଢ଼ାଇବା ଆରମ୍ଭ କଲେ । ସେ ପିଲାମାନଙ୍କୁ ମାଗଣା ରାତ୍ରି ଭୋଜନ ମଧ୍ୟ ପ୍ରଦାନ କଲେ । ଖୁବ୍ ଶୀଘ୍ର ୧୫୦ ଜଣ ପିଲା ନିୟମିତ ଭାବରେ ତାଙ୍କ ଶ୍ରେଣୀରେ ଯୋଗ ଦେଇ ପାଠ ପଢ଼ିବା ପାଇଁ ପ୍ରବଳ ଆଗ୍ରହୀ ହେଲେ ।

ସ୍ଥାନୀୟ ଅଞ୍ଚଳରେ ଏକ ବିଦ୍ୟାଳୟର କିଛି ଶିକ୍ଷକ ଏହା ଦେଖି କିଛି ସମୟ ପାଇଁ ଏହି ପିଲାମାନଙ୍କର ଶିକ୍ଷାଦାନରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକ କହିଛନ୍ତି, "ଏହି ପିଲାମାନଙ୍କର ବସିବା ପାଇଁ ଉପଯୁକ୍ତ ବେଞ୍ଚ ନାହିଁ, ସେମାନଙ୍କ ପାଖରେ 'ସାଇଲେନ୍ସ ଜୋନ୍' ବା ନିଃଶବ୍ଦ ଶ୍ରେଣୀ ଗୃହ ମଧ୍ୟ ନାହିଁ। ଏବଂ ସେହି ବାଟଦେଇ ଯାଉଥିବା ଗାଡ଼ିଗୁଡ଼ିକ ବହୁତ ଶବ୍ଦ କରୁଛନ୍ତି, ତଥାପି ପିଲାମାନେ ଶିକ୍ଷକମାନେ କ'ଣ କରୁଛନ୍ତି ସେଥିପ୍ରତି ସମସ୍ତ ଧ୍ୟାନ ଦିଅନ୍ତି । ଏହା ମୋ ହୃଦୟକୁ ସ୍ପର୍ଶ କରିଥିଲା । ସେମାନଙ୍କଠାରୁ ମୋତେ ଯେଉଁ ସ୍ନେହ ଓ ସମ୍ମାନ ମିଳିଥିଲା ତାହା ଅବିଶ୍ୱସନୀୟ ଥିଲା । ନିୟମିତ ବିଦ୍ୟାଳୟରେ ପଢୁଥିବା କିଛି ବଡ଼ ପିଲା ମଧ୍ୟ ସ୍ୱେଚ୍ଛାସେବୀ ଭାବରେ କମଲଙ୍କ ଶ୍ରେଣୀରେ ପାଠ ପଢ଼ାଉଥିଲେ । ସେମାନଙ୍କ ମଧ୍ୟରୁ ଜଣେ କହିଲେ, "ଆମେ ସେଠାକୁ ପାଠ ପଢ଼ାଇବାକୁ ଯାଉଥିଲୁ, କିନ୍ତୁ ସେମାନଙ୍କଠାରୁ ଆମେ ବହୁତ କିଛି ଶିଖିଲୁ ।



ଚିତ୍ର ୯.୬

- ତୁମେ ଶ୍ରେଣୀରେ ଏହି କାହାଣୀ ବିଷୟରେ ଆଲୋଚନା କର । ଗୋଷ୍ଠୀ ପ୍ରତି ଏହା କି ପ୍ରକାର ମନୋଭାବ ପ୍ରକାଶ କରେ ?
- କମଲ ପରମାରଙ୍କ ପଦକ୍ଷେପରେ କେଉଁ ମୂଲ୍ୟବୋଧ ପ୍ରତିଫଳିତ ହୁଏ ?
- ସୁବିଧାରୁ ବଞ୍ଚିତ ସେହି ଗରିବ ପିଲାମାନଙ୍କ ବିଷୟରେ ଚିନ୍ତା କର । ସମାଜ ସେମାନଙ୍କ ପ୍ରତି ଅନ୍ୟାୟ କରିଛି ବୋଲି ତୁମେ ଭାବୁଛ କି ?

- ସମସ୍ତ ପିଲାଙ୍କ ଶିକ୍ଷାଗ୍ରହଣ ସୁନିଶ୍ଚିତ କରିବା ନିମନ୍ତେ ସମାଜ କ'ଣ କରିବା ଉଚିତ୍ ?

ବିଗତ ୩୦ କିମ୍ବା ୪୦ ବର୍ଷ ମଧ୍ୟରେ ନୂତନ ପ୍ରକାରର ଗୋଷ୍ଠୀମାନେ ମଧ୍ୟ ଉଭା ହୋଇଛନ୍ତି । ଅନେକ ସହରାଞ୍ଚଳରେ 'ସ୍ଥାୟୀ ବାସିନ୍ଦା କଲ୍ୟାଣ ସଂଘ' (Resident's welfare Association) ହେଉଛି ଏହାର ଉଦାହରଣ । ଯେଉଁମାନେ ନିଜର ନିୟମାବଳୀ ନିଜେ ପ୍ରଣୟନ କରନ୍ତି । ବର୍ଜ୍ୟବସ୍ତୁ ପରିଚାଳନା, ସାଧାରଣ ଅଞ୍ଚଳର ସ୍ୱଚ୍ଛତା, ଗୃହପାଳିତ ପଶୁଙ୍କ ଯତ୍ନ ନେବା ଇତ୍ୟାଦି ବିଷୟରେ ନିୟମ ଏହା ଅନ୍ତର୍ଭୁକ୍ତ । ଗୋଷ୍ଠୀରେ ରହୁଥିବା ଲୋକମାନେ ଏଭଳି ନିୟମାବଳୀ ତିଆରି କରିବାରେ ଅଂଶଗ୍ରହଣ କରିଥାନ୍ତି ।

ପରିଶେଷରେ ଏହା କୁହାଯାଇ ପାରେ ଯେ ଗୋଷ୍ଠୀ ଗୁଡ଼ିକ ପରସ୍ପର ଉପରେ ନିର୍ଭରଶୀଳ । ଉଦାହରଣ ସ୍ୱରୂପ, ବାସିନ୍ଦା କଲ୍ୟାଣ ସଂଘ, ଯୋଗାଣ ପାଇଁ ବ୍ୟବସାୟୀ ସମ୍ପ୍ରଦାୟ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପୌର କର୍ମଚାରୀଙ୍କ ଉପରେ ନିର୍ଭର କରନ୍ତି । ଆମେ ବାସ କରୁଥିବା ଏକ ଜଟିଳ ସମାଜରେ ସମସ୍ତ ବ୍ୟକ୍ତି ଓ ଗୋଷ୍ଠୀ ପରସ୍ପର ଉପରେ ନିର୍ଭରଶୀଳ ।

ଚିତ୍ର ୯.୭

ଆସ ଅନୁସନ୍ଧାନ କରିବା

ତୁମ ପରିବାର ବାହାରେ ଥିବା ସମସ୍ତ ଲୋକଙ୍କର ଏକ ତାଲିକା ପ୍ରସ୍ତୁତ କର ଯେଉଁମାନେ କୌଣସି ନା କୌଣସି ଭାବରେ ସେମାନଙ୍କ କାର୍ଯ୍ୟ ମାଧ୍ୟମରେ ତୁମକୁ ସମର୍ଥନ କରୁଛନ୍ତି ।

ବର୍ତ୍ତମାନ ଆମେ ବୁଝିପାରୁଛି ଯେ ଗୋଷ୍ଠୀ ଏକ ପରିବର୍ତ୍ତନୀୟ ଓ ନମନୀୟ ଧାରଣା । ଆଉ କିଛି ଉଦାହରଣ:

- ଏକ ଜାତି ବା ଏହାର ଏକ ଉପଭାଗକୁ ପ୍ରାୟତଃ ଏକ ଗୋଷ୍ଠୀ କୁହାଯାଏ ।

- ଏକ ନିର୍ଦ୍ଦିଷ୍ଟ ଧର୍ମ, ଅଞ୍ଚଳ, ସମାନ କାର୍ଯ୍ୟ ବା ଆଗ୍ରହର ଏକ ସମଭାବାପନ୍ନ ଦଳ, ବିଶେଷ କରି ଏକ ଛୋଟ ଦଳର ଲୋକଙ୍କୁ ମଧ୍ୟ ଏକ ଗୋଷ୍ଠୀ କୁହାଯାଇପାରେ । ଉଦାହରଣ ସ୍ୱରୂପ 'ମୁମ୍ବାଇର ପାର୍ସୀ ସମୁଦାୟ', 'ଚେନ୍ନାଇର ଶିଖ୍ ସମୁଦାୟ', 'ଆମେରିକାର ଭାରତୀୟ ସମୁଦାୟ', 'ଓଡ଼ିଶାର ବୈଜ୍ଞାନିକ ସମୁଦାୟ', 'ଆମ ସ୍କୁଲର କଳା ସମୁଦାୟ', 'ଗାଁର କୃଷକ ସମୁଦାୟ' ଇତ୍ୟାଦି... ତାଲିକା ଅସୀମ ।
- ତୁମ ବିଦ୍ୟାଳୟରେ, ତୁମେ ବିଭିନ୍ନ ଗୋଷ୍ଠୀର ଅଂଶ ହୋଇପାର- ଯେପରିକି ତୁମେ ତୁମ ଶ୍ରେଣୀର ଏକ ସଦସ୍ୟ ଓ ତତ୍‌ସହିତ 'କ୍ରୀଡ଼ା ସମୁଦାୟ', 'ଜାତୀୟ ସେବା ଯୋଜନା' (NSS), ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ' (NCC) ଓ 'ବିଜ୍ଞାନ କିମ୍ବା ଡ୍ରାମା କ୍ଲବ୍' ଇତ୍ୟାଦିର ତୁମେ ମଧ୍ୟ ସଦସ୍ୟ ଅଟ ।

ଆସ ଅନୁସନ୍ଧାନ କରିବା

→ ତୁମେ କେଉଁ ପ୍ରକାର ଗୋଷ୍ଠୀର ଅଂଶ ?

→ ବିଦ୍ୟାଳୟରେ ଏପରି କୌଣସି କ୍ଲବ ଅଛି କି ଯାହାର ତୁମେ ସଦସ୍ୟ ଅଟ ? ଏହା କିପରି କାର୍ଯ୍ୟ କରେ ?

ଆମେ କ'ଣ ଶିଖିଲେ...

→ ପରିବାର ହିଁ ମାନବ ସମାଜର ମୂଳଦୁଆ । ସାଧାରଣତଃ ଗୋଟିଏ ପରିବାରର ସଦସ୍ୟମାନେ ସେମାନଙ୍କର ଅନେକ କର୍ତ୍ତବ୍ୟ ଏବଂ କାର୍ଯ୍ୟରେ ପରସ୍ପରକୁ ସହଯୋଗ କରନ୍ତି ।

→ ଗୋଷ୍ଠୀ ଏକ ବଡ଼ ଏକକ, ଏଥିରେ ଲୋକମାନେ ପରସ୍ପରକୁ ସମର୍ଥନ ଓ ସହଯୋଗ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରନ୍ତି । 'ଗୋଷ୍ଠୀକୁ ବିଭିନ୍ନ ଉପାୟରେ ବ୍ୟାଖ୍ୟା କରାଯାଇପାରେ ଏବଂ ଅନେକ ପ୍ରକାରର ଗୋଷ୍ଠୀ ରହିଛି ।

→ ଶେଷରେ ଗୋଷ୍ଠୀଗୁଡ଼ିକ ପରସ୍ପର ଉପରେ ନିର୍ଭରଶୀଳ ।

ପ୍ରଶ୍ନ, ଅଭ୍ୟାସକାର୍ଯ୍ୟ ଏବଂ ପ୍ରକଳ୍ପ

୧. ତୁମ ପରିବାର ଏବଂ ପଡ଼ୋଶୀ ଅଞ୍ଚଳରେ ତୁମେ କେଉଁ ନିମୟ ପାଳନ କର ? ସେଗୁଡ଼ିକ କାହିଁକି ଗୁରୁତ୍ୱପୂର୍ଣ୍ଣ ?

୨. ତୁମେ ଭାବୁଛ କି କିଛି ନିୟମ ପରିବାର କିମ୍ବା ଗୋଷ୍ଠୀର କିଛି ଲୋକଙ୍କ ପ୍ରତି ଅନ୍ୟାୟ ? କାହିଁକି ?

୩. ତୁମେ ଦେଖିଥିବା କେତେଗୁଡ଼ିଏ ପରିସ୍ଥିତି ବର୍ଣ୍ଣନା କର ଯେଉଁଠାରେ ଗୋଷ୍ଠୀ ସହଯୋଗ ଦ୍ୱାରା ପରିବର୍ତ୍ତନ ଆସିପାରିଛି । ତୁମେ ଏଗୁଡ଼ିକ ବିଷୟରେ କିଛି ଲେଖା ଓ ଚିତ୍ର ମାଧ୍ୟମରେ ପରିପ୍ରକାଶ କରିପାରିବ କି ?

ଅଧ୍ୟାୟ ୧୦

ତୃଣମୂଳ ଗଣତନ୍ତ୍ର - ଭାଗ ୧
ଶାସନବିଧି

"ରାଜାନଂ ଧର୍ମଗୋପ୍ତାରଂ ଧର୍ମୋ ରକ୍ଷତି ରକ୍ଷିତଃ"

"ଶାସକ ଧର୍ମକୁ ସୁରକ୍ଷା ଦିଅନ୍ତି ଏବଂ ଯେଉଁମାନେ ଏହାର ସୁରକ୍ଷା କରନ୍ତି ସେମାନଙ୍କୁ ଧର୍ମ ସୁରକ୍ଷା ଦେଇଥାଏ ।"

– ମହାଭାରତ

"ସ୍ୱାଧୀନତା ମାନବର ଜନ୍ମ ଅଧିକାର,
ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିହାର,
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି,
ଚାରିଷ୍ଟମ୍ଭେ ମାନବର ସମାଜ ସଂସ୍ଥିତି ।"

– (କାରାକବିତା: ଉତ୍କଳମଣି ଗୋପବନ୍ଧୁ ଦାସ)

ଆସ ଚିନ୍ତା କରିବା

୧. 'ଶାସନ'ର ଅର୍ଥ କ'ଣ ?

୨. ଆମକୁ କାହିଁକି ସରକାର ଦରକାର ?

୩. 'ଗଣତନ୍ତ୍ର'ର ଅର୍ଥ କଣ ? ଏହା କାହିଁକି ଗୁରୁତ୍ୱପୂର୍ଣ୍ଣ ?



ଉପକ୍ରମ

ମଣିଷ ଦୀର୍ଘ ଦିନ ଧରି ଗୋଷ୍ଠୀଗତ ଜୀବନଯାପନ କରି ଆସୁଛି । ବହୁ ସଂଖ୍ୟକ ଲୋକ ଏକାଠି ରହିଲେ ମତଭେଦ ଓ ବିଶୃଙ୍ଖଳା ସୃଷ୍ଟି ହୋଇପାରେ ଏବଂ ସମାଜରେ ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟ ବଜାୟ ରଖିବା ପାଇଁ ନିୟମ ଜରୁରୀ ହୋଇପଡ଼େ ।

ସମ୍ଭବତଃ ଘରେ ଏମିତି କିଛି ସରଳ ନିୟମ ରହିଛି ଯାହାକୁ ତୁମେ ପାଳନ କରିବ ବୋଲି ଆଶା କରାଯାଉଛି । ତୁମେ ଯେଉଁ ସ୍କୁଲରେ ପାଠ ପଢୁଛ ସେଠାରେ ମଧ୍ୟ ନିୟମ ରହିଛି– କିଛି ଛାତ୍ରଛାତ୍ରୀଙ୍କ ପାଇଁ, ଆଉ କିଛି ଶିକ୍ଷକଙ୍କ ପାଇଁ । ଉଚ୍ଚ ଶ୍ରେଣୀରେ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କୁ ନିର୍ଦ୍ଦିଷ୍ଟ ନିୟମ ମାନିବାକୁ ପଡ଼ିବ । ରାସ୍ତାରେ ଗାଡ଼ି ଚାଳକମାନେ ଟ୍ରାଫିକ୍ ନିୟମ ମାନିବେ ବୋଲି ଆଶା କରାଯାଉଛି । ସମସ୍ତ ପ୍ରକାର ଚାକିରିରେ ନିୟୋଜିତ ବ୍ୟକ୍ତିମାନେ ମଧ୍ୟ ସେମାନଙ୍କ ନିଯୁକ୍ତିଦାତାଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମପାଳନ କରିବା ଆବଶ୍ୟକ, ଯେତେବେଳେ କି ନିଯୁକ୍ତିଦାତାମାନେ ମଧ୍ୟ ସେମାନଙ୍କ କର୍ମଚାରୀଙ୍କ ପ୍ରତି ପ୍ରତିଶ୍ରୁତିବଦ୍ଧ ନିୟମପାଳନ କରିବା ଆବଶ୍ୟକ ।

ଯଦି କେହି ସେହି ନିୟମ ପାଳନ ନକରନ୍ତି ତେବେ କଣ ହେବ ? ଏହାର ସରଳ ଉତ୍ତର ହେଉଛି ସମାଜ ଠିକ୍ ଭାବରେ କାମ କରିପାରିବ ନାହିଁ । ଫଳରେ ଆମ ଜୀବନ ଯାପନ ଦୁର୍ବିସହ ହେବ ।

ଆସ ଅନୁସନ୍ଧାନ କରିବା

- → ପୃଷ୍ଠା ୧୫୭ରେ ଚିତ୍ର ୧୦.୧ରେ ଦିଆଯାଇଥିବା ଦୁଇଟି ଚିତ୍ରକୁ ବର୍ଣ୍ଣନା କର – ତୁମେ ସେମାନଙ୍କ ମଧ୍ୟରେ କ'ଣ ପାର୍ଥକ୍ୟ ଦେଖୁଛ ?
- → ନିୟମ ଉପରେ ହେଉଥିବା ଆମର ଆଲୋଚନା ସହିତ ତୁମେ ଏହାକୁ କିପରି ସଂଯୋଗ କରିବ ?
- → ତୁମ ବିଦ୍ୟାଳୟର ନିୟମଗୁଡ଼ିକ କ'ଣ ? ସେଗୁଡ଼ିକ କିଏ ତିଆରି କରିଛନ୍ତି ?

ନିୟମ କିଏ ଓ କାହିଁକି ତିଆରି କରେ ? ସେଗୁଡ଼ିକ କିପରି ତିଆରି କରାଯାଏ ? ଏପରି କିଛି ପ୍ରଶ୍ନକୁ ଆମେ ଏହି ଅଧ୍ୟାୟରେ ଆଲୋଚନା କରିବା । ନିଷ୍ପତ୍ତି ନେବା, ସମାଜକୁ ବିଭିନ୍ନ ନିୟମରେ ସଂଗଠିତ କରିବା ଏବଂ ତାହାକୁ ପାଳନ କରିବାକୁ ସୁନିଶ୍ଚିତ କିରବା ପ୍ରକ୍ରିୟାକୁ ଶାସନ କୁହଯାଏ । ବ୍ୟକ୍ତିବିଶେଷଙ୍କ ଗୋଷ୍ଠୀ ବା ଯେଉଁ ବ୍ୟବସ୍ଥା ନିୟମ ତିଆରି କରେ ଏବଂ ତାହାକୁ ପାଳନ କରିବା ସୁନିଶ୍ଚିତ କରେ ତାହାକୁ ସରକାର କୁହାଯାଏ । କିଛି ଗୁରୁତ୍ୱପୂର୍ଣ୍ଣ ନିୟମକୁ ଆଇନ କୁହାଯାଏ । ଗୋଟିଏ ରାଷ୍ଟ୍ରକୁ ଚଳାଇବା ପାଇଁ ସରକାର ଆଇନ ପ୍ରଣୟନ କରନ୍ତି ।

ଏହାର ଅର୍ଥ ନୁହେଁ ଯେ ନିୟମ ଓ ଆଇନ ସବୁଦିନ ପାଇଁ ସ୍ଥିର । ଯେପରି ଆପଣ ଘରେ କୌଣସି ନିର୍ଦ୍ଦିଷ୍ଟ ନିୟମ ବିଷୟରେ ଆପଣଙ୍କ ପିତାମାତାଙ୍କ ସହ ଆଲୋଚନା କରିପାରନ୍ତି, କିମ୍ବା ଯେପରି ଏକ ଛାତ୍ର ସଂଗଠନ ସ୍କୁଲ କିମ୍ବା ବିଶ୍ୱବିଦ୍ୟାଳୟ ପରିଚାଳନାର ନିୟମ ପରିବର୍ତ୍ତନ କରିବାକୁ କହିପାରନ୍ତି,

ସେହିଭଳି ସମାଜକୁ ନିୟନ୍ତ୍ରଣ କରୁଥିବା ଆଇନ ଏବଂ ନିୟମରେ ନାଗରିକମାନଙ୍କର ମଧ୍ୟ ମତ ରହିଛି । ଆମେ ଦେଖିବା ଏହା କିପରି ହୋଇଥାଏ ।

ଚିତ୍ର ୧୦.୧

চিত্র ৫.০১

ଆସ ଅନୁସନ୍ଧାନ କରିବା

→ ତୁମେ ପୃଷ୍ଠା ୧୫୮ରେ ଚିତ୍ର ୧୦.୨ରେ ଦଶଟି ଚିତ୍ରରେ ଦର୍ଶାଯାଇଥିବା ଜନସେବା କିମ୍ବା ଅନ୍ୟାନ୍ୟ କାର୍ଯ୍ୟକଳାପଗୁଡ଼ିକ ଚିହ୍ନଟ କରିପାରିବ କି ?

→ ଏସବୁ କାର୍ଯ୍ୟରେ ସରକାର କେଉଁ ଭୂମିକା ଗ୍ରହଣ କରନ୍ତି ବୋଲି ତୁମେ ଭାବୁଛ ?

→ ତୁମେ ତୁମ ଦୈନନ୍ଦିନ ଜୀବନର ଅନ୍ୟାନ୍ୟ ଦିଗ ବିଷୟରେ ଚିନ୍ତା କରିପାରିବ କି ଯେଉଁଠାରେ ସରକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ?

ସରକାରଙ୍କ ତିନୋଟି ଅଙ୍ଗ

ସମଗ୍ର ବିଶ୍ୱରେ ଡିଜିଟାଲ୍ ଟେକ୍ନୋଲୋଜି ସମାଜର କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣିଛି । ଭାରତରେ ପ୍ରାୟ ୩୦ ବର୍ଷ ତଳେ ଯେଉଁମାନେ ଦୂର ସମ୍ପର୍କୀୟଙ୍କୁ ଟଙ୍କା ପ୍ରେରଣ କରିବାକୁ ଚାହୁଁଥିଲେ ସେମାନଙ୍କୁ ଫର୍ମ ପୂରଣ କରି ମନି ଅର୍ଡ଼ର କରିବା ପାଇଁ ଡାକଘରେ ଧାଡ଼ି ବାନ୍ଧିବାକୁ ପଡୁଥିଲା କିମ୍ବା ଯଦି ସେମାନଙ୍କୁ କୌଣସି ବ୍ୟବସାୟକୁ ଦେୟ ପଠାଇବାକୁ ପଡୁଥିଲା, ତେବେ ସେମାନେ ଏକ ଡିମାଣ୍ଡ ଡ୍ରାଫ୍ଟ ପାଇବା ପାଇଁ ବ୍ୟାଙ୍କରେ ଧାଡ଼ି ଲଗାଉଥିଲେ ଓ ପରେ ଏହାକୁ ଡାକ ମାଧ୍ୟମରେ ପଠାଉଥିଲେ । ତୁମେମାନେ ବୋଧହୁଏ ଏହି ଶବ୍ଦଗୁଡ଼ିକୁ (ମନି ଅର୍ଡ଼ର କିମ୍ବା ଡିମାଣ୍ଡ ଡ୍ରାଫ୍ଟ) କେବେ ଶୁଣି ନ ଥିବ, କାରଣ ଆଜି ଆମ ପାଖରେ ତୁରନ୍ତ ଟଙ୍କା ପଠାଇବାର ଡିଜିଟାଲ୍ ମାଧ୍ୟମ ଅଛି । ଯଥା, ଗୁଗୁଲ ପେ, ଫୋନ୍ ପେ, ଆମାଜନ ପେ ଓ ବିଭିନ୍ନ ଅନଲାଇନ୍‌ରେ ଟଙ୍କା ସ୍ଥାନାନ୍ତରଣ ମାଧ୍ୟମ ।

ମାତ୍ର ଏହା ଦ୍ୱାରା ଅପରାଧୀମାନଙ୍କର ଏକ ନୂଆ ଶ୍ରେଣୀ ସୃଷ୍ଟି ହୋଇଛି, ଯେଉଁମାନେ ନିଜ ସ୍ଥାନରେ ରହି ଲୋକଙ୍କ ଟଙ୍କା ଚୋରି କରିବାର ଡିଜିଟାଲ୍ ଉପାୟ ଖୋଜୁଛନ୍ତି । ଏହି କାରଣରୁ ଅନେକ ସରକାର ଏଭଳି ଅପରାଧିକ କାର୍ଯ୍ୟକଳାପ (ଯାହାକୁ ସାଇବର କ୍ରାଇମ୍ କୁହାଯାଏ) ବିରୋଧରେ ଲଢ଼ିବା ପାଇଁ ନୂତନ ଆଇନ ପ୍ରଣୟନ କରିଛନ୍ତି । ନିଜର ଦକ୍ଷତାକୁ ବ୍ୟବହାର କରି ସମାଜ ପାଇଁ ଯୋଗଦାନ କରିବା ପରିବର୍ତ୍ତେ, ନିରୀହ ଲୋକଙ୍କ କଠିନ ପରିଶ୍ରମର ଅର୍ଥ ଲୁଟି ନେବାରେ ବିଶ୍ୱାସ କରୁଥିବା କିଛି ଅପରାଧୀଙ୍କୁ ଗିରଫ କରି କୋର୍ଟରେ ଦୋଷୀ ସାବ୍ୟସ୍ତ କରାଯାଉଛି । ସାଧାରଣତଃ ସେମାନଙ୍କୁ ଜୋରିମାନା ସହ କିଛି ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଥାଏ ।

ଏହି ଉଦାହରଣ ମାଧ୍ୟମରେ, ଆମେ ଦେଖିପାରିବା ଯେ ସରକାରଙ୍କ ତିନୋଟି ଶାଖା ବା 'ଅଙ୍ଗ'– ଯଥା– ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟ ପାଳିକା କିପରି ଏକାଠି କାମ କରନ୍ତି:

- ବ୍ୟବସ୍ଥାପିକା ହେଉଛି ଏକ ଅଙ୍ଗ, ଯାହା ନୂତନ ନିୟମ ବା ଆଇନ ତିଆରି କରେ (ଆଇନ ପ୍ରଣୟନ) । ବେଳେବେଳେ ଏହା ପ୍ରଚଳିତ ଆଇନର ସଂଶୋଧନ, ଉନ୍ନତି କରଣ କିମ୍ବା

ଅପସାରଣ ମଧ୍ୟ କରିଥାଏ । ଏହା ଜନସାଧାରଣଙ୍କ ପ୍ରତିନିଧିତ୍ୱ କରୁଥିବା ଏକ ସଭାଦ୍ୱାରା କରାଯାଏ । ଏହି ବ୍ୟବସ୍ଥା କିପରି କାମ କରେ ତାହା ଆମେ ଜାଣିବା ।

- କାର୍ଯ୍ୟପାଳିକା ହେଉଛି ସେହି ଅଙ୍ଗ ଯାହା ବ୍ୟବସ୍ଥାପିକା ଦ୍ୱାରା ସୃଷ୍ଟ ଆଇନଗୁଡ଼ିକୁ କାର୍ଯ୍ୟକାରୀ କରେ । ରାଷ୍ଟ୍ରମୁଖ୍ୟ (ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ହୋଇପାରନ୍ତି), ମନ୍ତ୍ରୀମଣ୍ଡଳ ଏବଂ 'ଆଇନ ଶୃଙ୍ଖଳା ରକ୍ଷା ବା କାର୍ଯ୍ୟକାରୀ କରିବା ପାଇଁ ଉଦ୍ଦିଷ୍ଟ କୌଣସି ସଂସ୍ଥା ଏଥିରେ ଅନ୍ତର୍ଭୁକ୍ତ ।

  (ଉପରୋକ୍ତ ଉଦାହରଣରେ ସେହି ସଂସ୍ଥା ହେଉଛି ସାଇବର ପୋଲିସ ।)
- ନ୍ୟାୟପାଳିକା ହେଉଛି ଏକ ଅଦାଲତର ବ୍ୟବସ୍ଥା ଯାହା ଆଇନ୍‌କୁ ତର୍ଜମା କରେ, ଏହାର ସୁରକ୍ଷା କରେ ଓ ଆବଶ୍ୟକ ପଡ଼ିଲେ ଆଇନ ଭଙ୍ଗ କରିଥିବା ବ୍ୟକ୍ତି ବା ସଂସ୍ଥା ବିରୋଧରେ ଉଚିତ୍ ପଦକ୍ଷେପ ଗ୍ରହଣ କରେ । ବେଳେବେଳେ ଏହା କାର୍ଯ୍ୟପାଳିକା ନେଇଥିବା ନିଷ୍ପତ୍ତି ଠିକ୍ କି ନୁହେଁ, ବ୍ୟବସ୍ଥାପିକା ଦ୍ୱାରା ପାରିତ ଆଇନ ସମସ୍ତଙ୍କ ପାଇଁ ସୁଚିନ୍ତିତ ଏବଂ ନିରପେକ୍ଷ କି ନୁହେଁ ; ତାହାକୁ ଯାଞ୍ଚ କରି ସମ୍ବିଧାନର ସୁରକ୍ଷା ପାଇଁ ପଦକ୍ଷେପ ନେଇଥାଏ ।

ଆସ ଅନୁସନ୍ଧାନ କରିବା

ଉପରୋକ୍ତ ବର୍ଣ୍ଣିତ ସାଇବର ଅପରାଧୀଙ୍କ କ୍ଷେତ୍ରରେ ତିନୋଟି ସରକାରୀ ଅଙ୍ଗ କିପରି କାର୍ଯ୍ୟ କରୁଛି ତାହା ବର୍ଣ୍ଣନା କର । ସେମାନେ କିପରି ଏଥିରେ ହସ୍ତକ୍ଷେପ କରିବେ ?

ଯେକୌଣସି ସୁଶାସନ ବ୍ୟବସ୍ଥାରେ ଏହି ତିନୋଟି ଅଙ୍ଗକୁ ଅଲଗା ରଖିବା ଆବଶ୍ୟକ, ଯଦିଓ ସେମାନେ ପରସ୍ପର ଉପରେ ନିର୍ଭରଶୀଳ ଏବଂ ଏକାଠି କାମ କରନ୍ତି । ଏହି ବିଭାଗୀକରଣକୁ 'କ୍ଷମତା ବିଭାଜନ' କୁହାଯାଏ (ଚିତ୍ର ୧୦.୩) । ଏହା ତଦାରଖ ଓ ସନ୍ତୁଳନ (Check and Balance) ରକ୍ଷା କରିବାକୁ ଉଦ୍ଦିଷ୍ଟ । ଅର୍ଥାତ୍ ଗୋଟିଏ ଅଙ୍ଗ ଆଶାନୁରୂପ କାର୍ଯ୍ୟ କଲେ ସରକାରଙ୍କ ପ୍ରତ୍ୟେକ ଅଙ୍ଗ, ଅନ୍ୟ ଅଙ୍ଗ କଣ କରୁଛି ତାହା ଯାଞ୍ଚ କରିପାରିବ ଏବଂ ସନ୍ତୁଳନ ରକ୍ଷାକରି ପାରିବ ।

ଚିତ୍ର ୧୦.୩

ଆସ ଅନୁସନ୍ଧାନ କରିବା

ଏକ ଶ୍ରେଣୀ ଶିକ୍ଷଣ ଅଭ୍ୟାସ ଭାବରେ, ତୁମେ କଳ୍ପନା କରିପାରିବ କି ଯଦି ତିନୋଟି ଅଙ୍ଗ ସମାନ ଗୋଷ୍ଠୀର ନିୟନ୍ତ୍ରଣରେ ରହିଥାନ୍ତା ତେବେ ଆମେ କେଉଁ ପ୍ରକାରର ବିଶୃଙ୍ଖଳା ଦେଖିଥାନ୍ତେ ? ତୁମେ ଶୁଣିଥିବା ଏଭଳି କୌଣସି ବାସ୍ତବ ପରିସ୍ଥିତି ବିଷୟରେ ବର୍ଣ୍ଣନା କରିପାରିବ କି ?

ସରକାରଙ୍କ ତିନୋଟି ସ୍ତର

ଯେକୌଣସି ସରକାର ଅତି କମ୍‌ରେ ଦୁଇଟି ସ୍ତରରେ କାର୍ଯ୍ୟ କରନ୍ତି- ସ୍ଥାନୀୟ ସ୍ତର ଏବଂ ଜାତୀୟ ସ୍ତର । ଭାରତ ସମେତ ଅନେକ ଦେଶରେ ଏହା ତିନୋଟି ସ୍ତରରେ କାର୍ଯ୍ୟ କରେ- ସ୍ଥାନୀୟ ସ୍ତର ରାଜ୍ୟ କିମ୍ବା ଆଞ୍ଚଳିକ ସ୍ତର ଏବଂ ଜାତୀୟ ସ୍ତର । ପ୍ରତ୍ୟେକ ସ୍ତର ଭିନ୍ନ ଭିନ୍ନ ପ୍ରସଙ୍ଗରେ କାର୍ଯ୍ୟ କରେ । ତୁଳନାତ୍ମକ ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, ଯଦି ତୁମ ଘରେ ବଲ୍ବ ଜଳୁନାହିଁ, ତେବେ ତୁମେ ପ୍ରଥମେ ବଲ୍ବ, ସୁଇଚ୍, ଫ୍ୟୁଜ୍ ଇତ୍ୟାଦି ଯାଞ୍ଚ କରିବ । ଯଦି ଏହା କାମ କରେ ନାହିଁ, ତେବେ ତୁମେ ଇଲେକ୍ଟ୍ରିସିଆନ୍‌ଙ୍କୁ ଫୋନ୍ କରିପାରିବ ଏବଂ ଯଦି ଏହା ଜଣାପଡ଼େ ଯେ ଏହି ସମସ୍ୟା ତୁମ ଘର ଭିତରେ ନାହିଁ, ତେବେ ତୁମକୁ ବିଦ୍ୟୁତ୍ ବୋର୍ଡ଼କୁ ଯାଇ ଅଭିଯୋଗ କରିବାକୁ ପଡ଼ିପାରେ । ଏହା ମଧ୍ୟ ଏକ ସମସ୍ୟାର ମୁକାବିଲା କରିବାର ତିନୋଟି ସ୍ତର ଅଟେ ।

ଚିତ୍ର ୧୦.୪

ଭାରତରେ ସ୍ଥାନୀୟ ସରକାର, ରାଜ୍ୟ ସରକାର ଏବଂ କେନ୍ଦ୍ରସରକାର ଅଛନ୍ତି (ପୃଷ୍ଠା ୧୬୧ର ଚିତ୍ର ୧୦.୪) । ମନେକର କିଛି ଦିନ ଧରି ପ୍ରବଳ ବର୍ଷା ପରେ ଜିଲ୍ଲାର ଏକ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଯଦି ଏହା ଅଧିକ ଗମ୍ଭୀର ନହୁଏ, ତେବେ ସ୍ଥାନୀୟ କର୍ତ୍ତୃପକ୍ଷ ଏହାର ମୁକାବିଲା କରିବାରେ ସମର୍ଥ ହେବେ । ଯଦି ଏଥିରେ ଅନେକ ସହର ଓ ଅନେକ ଗାଁ କ୍ଷତିଗ୍ରସ୍ତ ହୁଏ, ତେବେ ରାଜ୍ୟ ସରକାର ପଦକ୍ଷେପ ନେଇ କ୍ଷତିଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଉଦ୍ଧାରକାରୀ ଦଳ ପଠାଇ ଏହାର ମୁକାବିଲା କରିପାରିବେ । କିନ୍ତୁ ଯଦି ବନ୍ୟା ବିଶାଳ ଅଞ୍ଚଳକୁ ପ୍ରଭାବିତ କରେ, ତେବେ କେନ୍ଦ୍ର ସରକାର ରିଲିଫ୍ ସାମଗ୍ରୀ, ସେନା ଇତ୍ୟାଦି ପଠାଇ ଏହାର ଉଚ୍ଚ ସ୍ତରୀୟ ମୁକାବିଲା କରିପାରିବେ । ଏହି ଉଦାହରଣ ଦ୍ୱାରା ତୁମେମାନେ ସରକାରଙ୍କ ତ୍ରିସ୍ତରୀୟ ବନ୍ୟା ପରିଚାଳନା ବ୍ୟବସ୍ଥାକୁ ଅନୁଭବ କରିପାରିବ ।

ମନେରଖ

ଆମର ଅନେକ ଅନୁଷ୍ଠାନର ଆଦର୍ଶବାକ୍ୟ (motto) ଆମର ପ୍ରାଚୀନ ଗ୍ରନ୍ଥର ପ୍ରଜ୍ଞାରୁ ଉଦ୍ଧୃତ । ଉଦାହରଣ ସ୍ୱରୂପ, ଭାରତ ସରକାରଙ୍କ ଏକ ଆଦର୍ଶବାକ୍ୟ ହେଉଛି 'ସତ୍ୟମେବ ଜୟତେ', ଯାହାର ଅର୍ଥ ହେଉଛି 'କେବଳ ସତ୍ୟର ବିଜୟ ହୁଏ' । ସର୍ବୋଚ୍ଚ ନ୍ୟାୟାଳୟର ଆଦର୍ଶବାକ୍ୟ ହେଉଛି "ଯତୋ ଧର୍ମସ୍ତତୋ ଜୟଃ" ବା "ଯେଉଁଠାରେ ଧର୍ମ ଅଛି, ସେଠାରେ ବିଜୟ ଅଛି ।"

ସମ୍ମୁଖ ପୃଷ୍ଠାରେ ଥିବା ସାରଣୀରେ ଜାତୀୟ ଏବଂ ରାଜ୍ୟ ସ୍ତରରେ ସରକାରଙ୍କ ତିନୋଟି ଅଙ୍ଗର ମୁଖ୍ୟ କାର୍ଯ୍ୟର ଏକ ସାଧାରଣ ରୂପରେଖ ସଂକ୍ଷିପ୍ତ ଭାବରେ ପ୍ରଦାନ କରାଯାଇଛି । ଏମାନଙ୍କ ବିଷୟରେ ବିସ୍ତୃତ ବିବରଣୀ (ବିଧାନସଭାର ସଠିକ ଭୂମିକା ସମେତ) ସପ୍ତମ ଶ୍ରେଣୀରେ ଅଧ୍ୟୟନ କରାଯିବ । (ସ୍ଥାନୀୟ ସରକାରଙ୍କ ବିଷୟରେ ଏଠାରେ ଉଲ୍ଲେଖ କରାଯାଇନାହିଁ କାରଣ ଆମେ ପରବର୍ତ୍ତୀ ଦୁଇ ଅଧ୍ୟାୟରେ ଏହାକୁ ବିସ୍ତୃତ ଭାବରେ ଜାଣିବା ।

ଆସ ଅନୁସନ୍ଧାନ କରିବା

- → ସାରଣୀକୁ ନିରୀକ୍ଷଣ କର (ଚିତ୍ର ୧୦.୫) । ତୁମ ଜୀବନକୁ ସର୍ବାଧିକ ପ୍ରଭାବିତ କରୁଥିବା କାର୍ଯ୍ୟ ଏବଂ ଦାୟିତ୍ୱ ଉପରେ ଆଲୋକପାତ କର ।
- → ଦୁଇ ତିନି ଜଣ ବୟସ୍କ ବ୍ୟକ୍ତିଙ୍କୁ ସରକାରଙ୍କ ସହ ସେମାନଙ୍କର ସମ୍ପର୍କ କିମ୍ବା ଅନୁଭବ ବିଷୟରେ ପଚାର । ଏହା କେଉଁ ସ୍ତରରେ ଏବଂ କେଉଁ ଉଦ୍ଦେଶ୍ୟରେ ହେଉଛି ?

ଆସ ଜାଣିବା

ବିଧାନମଣ୍ଡଳରେ ଦୁଇଟି ସଭା ଥିବା ରାଜ୍ୟ: ବିଧାନସଭା ଓ ବିଧାନ ପରିଷଦ

୧. ଉତ୍ତର ପ୍ରଦେଶ ୨. ବିହାର ୩. ମହାରାଷ୍ଟ୍ର

୪. କର୍ଣ୍ଣାଟକ ୫. ଆନ୍ଧ୍ରପ୍ରଦେଶ ୬. ତେଲେଙ୍ଗାନା

	ସର୍ବଭାରତୀୟ ସ୍ତର	ରାଜ୍ୟ ସ୍ତର
ନ୍ୟାୟପାଳିକା	ଉଚ୍ଚତମ ନ୍ୟାୟାଳୟ (Supreme Court)	ଉଚ୍ଚ ନ୍ୟାୟାଳୟ (High Court)
	ଜାତୀୟ ସ୍ତର	**ରାଜ୍ୟ ସ୍ତର**
ବ୍ୟବସ୍ଥାପିକା	ଦୁଇଟି ସଦନ- ଲୋକସଭା ଓ ରାଜ୍ୟସଭା ଦ୍ୱୟ ଜାତୀୟ ଆଇନ ପ୍ରଣୟନ କରନ୍ତି ।	ପ୍ରତ୍ୟେକ ରାଜ୍ୟରେ ଗୋଟିଏ ବିଧାନ ସଭା ବା ବିଧାନସଭା ସହ ବିଧାନ ପରିଷଦ ରହିଛି (ମନେରଖ ଯେ ଅଧିକାଂଶ ରାଜ୍ୟରେ। କେବଳ ବିଧାନ ସଭା ରହିଛି) ଓ ଏଠାରେ ସେହି ରାଜ୍ୟ ସମ୍ପର୍କିତ ଆଇନ ପ୍ରଣୟନ ହୁଏ । ଓଡ଼ିଶାର ବ୍ୟବସ୍ଥାପିକା ଏକ ସଦନୀୟ ଅଟେ । ଏହା ବିଧାନ ସଭା ନାମରେ ନାମିତ ।
	କେନ୍ଦ୍ର ସରକାର	**ରାଜ୍ୟ ସରକାର**
କାର୍ଯ୍ୟପାଳିକା	ଭାରତର ରାଷ୍ଟ୍ରପତି (ନାମମାତ୍ର ମୁଖ୍ୟ ଏବଂ ଭାରତୀୟ ସଶସ୍ତ୍ର ବାହିନୀର ସର୍ବୋଚ୍ଚ କମାଣ୍ଡର)ଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ, କାର୍ଯ୍ୟନିର୍ବାହୀ ମୁଖ୍ୟ ଭାବରେ ନିୟୋଜିତ	ରାଜ୍ୟପାଳ (ନାମମାତ୍ର ମୁଖ୍ୟ)ଙ୍କ ନେତୃତ୍ୱରେ କାର୍ଯ୍ୟନିର୍ବାହୀ ମୁଖ୍ୟ ଭାବେ ମୁଖ୍ୟମନ୍ତ୍ରୀ ନିୟୋଜିତ
କାର୍ଯ୍ୟପାଳିକାର ଭୂମିକା ଓ ଦାୟିତ୍ୱ (ତାଲିକା ସମ୍ପୂର୍ଣ୍ଣ ନୁହେଁ)	• ପ୍ରତିରକ୍ଷା • ବୈଦେଶିକ ବ୍ୟାପାର • ପରମାଣୁ ଶକ୍ତି • ଯୋଗାଯୋଗ • ମୁଦ୍ରା • ଆନ୍ତଃରାଜ୍ୟ ବାଣିଜ୍ୟ • ଶିକ୍ଷା • ଜାତୀୟ ନୀତି ପ୍ରଣୟନ	• ପୋଲିସ୍, ଆଇନ ଶୃଙ୍ଖଳା • ରାଜ୍ୟସ୍ତରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଆଇନର ରୂପାୟନ ଓ କାର୍ଯ୍ୟକାରିତା । • ଜନସ୍ୱାସ୍ଥ୍ୟ • ଶିକ୍ଷା • କୃଷି • ଜଳସେଚନ • ସ୍ଥାନୀୟ ସରକାର

ଚିତ୍ର ୧୦.୫

ସଦନ(House):
ଏକ ସଭା ଯେଉଁଠାରେ ଆଇନ ଉପରେ ଆଲୋଚନା ହୁଏ କିମ୍ବା ପାରିତ ହୁଏ ।

ନାମମାତ୍ର (Nominal):
କେବଳ ନାମରେ । ଏହାର ଅର୍ଥ ହେଉଛି, ଆମ କ୍ଷେତ୍ରରେ ଭାରତର ରାଷ୍ଟ୍ରପତି ଏବଂ ରାଜ୍ୟର ରାଜ୍ୟପାଳ ପ୍ରକୃତ କାର୍ଯ୍ୟପାଳିକାର ମୁଖ୍ୟ ନୁହଁନ୍ତି । ବିଶେଷ ପରିସ୍ଥିତିରେ ସେମାନଙ୍କର କିଛି କ୍ଷମତା ଅଛି, କିନ୍ତୁ ସାଧାରଣତଃ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତି ନାହିଁ ।

ଡକ୍ଟର ଏ.ପି.ଜେ. ଅବଦୁଲ କଲାମ



୧୯୩୧ ମସିହାରେ ତାମିଲନାଡୁର ରାମେଶ୍ୱରମରେ ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ଡକ୍ଟର ଏପିଜେ ଅବଦୁଲ କଲାମ ଜଣେ ପ୍ରସିଦ୍ଧ ବୈଜ୍ଞାନିକ ଥିଲେ । ଭାରତର ମହାକାଶ କାର୍ଯ୍ୟକ୍ରମ, କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଏବଂ ପରମାଣୁ କ୍ଷମତାର ବିକାଶରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ତାଙ୍କୁ 'ମିସାଇଲ ମ୍ୟାନ୍ ଅଫ୍ ଇଣ୍ଡିଆ ନାମରେ ନାମିତ କରାଯାଇଛି ।

ଡକ୍ଟର ଅବଦୁଲ କଲାମ ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ଭାରତର ଏକାଦଶ ରାଷ୍ଟ୍ରପତି ଭାବରେ କାର୍ଯ୍ୟ କରିଥିଲେ । ଅତି ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇ ମଧ୍ୟ ଉତ୍ତମ ଶିକ୍ଷା ଓ ଉଦ୍ଭାବନ ପ୍ରତି ନିଜର ପ୍ରବଳ ଆଗ୍ରହ ଯୋଗୁଁ ସେ ଜନସାଧାରଣ ଓ ବିଶେଷ କରି ଯୁବବର୍ଗଙ୍କ ସହ ଗଭୀର ଭାବରେ ଜଡ଼ିତ ଥିଲେ । ସେ ନିଜର ନମ୍ରତା, ସାମାଜିକ କାର୍ଯ୍ୟ ପ୍ରତି ସମର୍ପଣ ଏବଂ ଦେଶ ପ୍ରତି ପ୍ରତିବଦ୍ଧତା ପାଇଁ ଲକ୍ଷ ଲକ୍ଷ ଲୋକଙ୍କ ପ୍ରେରଣାର ଉତ୍ସ ଥିଲେ । ସେ ଯୁବ ଭାରତୀୟମାନଙ୍କୁ ବଡ଼ ସ୍ୱପ୍ନ ଦେଖିବାକୁ ଏବଂ ସେମାନଙ୍କ ଲକ୍ଷ୍ୟ ହାସଲ ପାଇଁ କଠିନ ପରିଶ୍ରମ କରିବାକୁ ନିରନ୍ତର ଉତ୍ସାହିତ କରୁଥିଲେ । ଭାରତର ରାଷ୍ଟ୍ରପତି ଭାବରେ ଯଦିବା ତାଙ୍କର ସ୍ଥିତି ନାମମାତ୍ର ବା ସାଙ୍କେତିକ ଥିଲା, ତଥାପି ଅଗଣିତ ଜୀବନକୁ ପ୍ରଭାବିତ କରିବା ଭଳି ମହତ୍ତ୍ୱପୂର୍ଣ୍ଣ ଭୂମିକା ସେ ଗ୍ରହଣ କରିଥିଲେ ।

ଆସନ୍ତୁ ତାଙ୍କର କିଛି ପ୍ରେରଣାଦାୟୀ ଚିନ୍ତାଧାରା ଉପରେ ଧ୍ୟାନ ଦେବା :

ଆକାଶକୁ ଦେଖ । ଆମେ ଏକୁଟିଆ ନୁହଁ । ସମଗ୍ର ବ୍ରହ୍ମାଣ୍ଡ ଆମର ବନ୍ଧୁ । ଯେଉଁମାନେ ସ୍ୱପ୍ନ ଦେଖନ୍ତି ଓ ସେଥିପାଇଁ କାମ କରନ୍ତି, ସେ ସେମାନଙ୍କୁ ସର୍ବୋତ୍ତମ ଦେବାପାଇଁ ତତ୍ପର ।

ନିଜ ଲକ୍ଷ୍ୟରେ ସଫଳ ହେବାକୁ ହେଲେ ସେହି ଲକ୍ଷ୍ୟ ପ୍ରତି ଏକାଗ୍ର ନିଷ୍ଠା ରହିବା ଆବଶ୍ୟକ ।

"ଯଦି ତୁମେ ବିଫଳ ହୁଅ, ତଥାପି ହାର ମାନିବ ନାହିଁ, କାରଣ ବିଫଳ (FAIL)ର ଅର୍ଥ ହେଉଛି 'ଶିକ୍ଷଣରେ ପ୍ରଥମ ପ୍ରୟାସ' (First Attempt in Learning)। ଶେଷ କେବଳ ଶେଷ ନୁହେଁ, ବାସ୍ତବରେ ଇ.ଏନ୍.ଡି. (E.N.D)ର ଅର୍ଥ ପ୍ରୟାସ କେବେ ମରିନଥାଏ । (Effort Never Dies)। ଯଦି ତୁମେ ଉତ୍ତର ନ ପାଅ, ତେବେ ମନେରଖ ନୋ (NO) ଅର୍ଥ ହେଉଛି ପରବର୍ତ୍ତୀ ସୁଯୋଗ (Next opportunity)। ତେଣୁ ଆସ ସକରାତ୍ମକ ହେବା ।

"ସ୍ୱପ୍ନ ତାହା ନୁହେଁ ଯାହା ତୁମେ ଶୋଇଥିବା ସମୟରେ ଦେଖ; ସ୍ୱପ୍ନ ତାହା ଯାହା ତୁମକୁ ଶୋଇବାକୁ ଦିଏ ନାହିଁ ।

"ଯଦି ଚାରୋଟି ଜିନିଷ ଅନୁସରଣ କରାଯାଏ ଯଥା- ଏକ ମହାନ ଲକ୍ଷ୍ୟ ରଖିବା, ଜ୍ଞାନ ଅର୍ଜନ କରିବା, କଠିନ ପରିଶ୍ରମ କରିବା ଏବଂ ଧୈର୍ଯ୍ୟ ଧରିବା- ତେବେ କିଛି ବି ହାସଲ ହୋଇପାରିବ ।

ଗଣତନ୍ତ୍ର

ତୁମେ ମାନେ ଦେଖିଥିବ ଯେ ଆମେ ପୂର୍ବରୁ 'ଜନପ୍ରତିନିଧି ବିଷୟରେ ଉଲ୍ଲେଖ କରିଥିଲୁ । ପୃଥିବୀର ଅଧିକାଂଶ ଦେଶ ଗ୍ରହଣ କରିଥିବା ଶାସନ ବ୍ୟବସ୍ଥାର ଅନ୍ୟତମ ଭିତ୍ତିପ୍ରସ୍ତର ହେଉଛି ଗଣତନ୍ତ୍ର । ଗଣତନ୍ତ୍ର ଶବ୍ଦଟି ଦୁଇଟି ଗ୍ରୀକ୍ ଶବ୍ଦରୁ ଆସିଛି - ଡେମୋସ୍ (demos) ଅର୍ଥ 'ଲୋକ', ଏବଂ କ୍ରାଟୋସ୍ (kratos) ଅର୍ଥ ଶାସନ ବା କ୍ଷମତା, ତେଣୁ ଗଣତନ୍ତ୍ରର ଅର୍ଥ ହେଉଛି "ଲୋକମାନଙ୍କର ଶାସନ" ।

କିନ୍ତୁ ପ୍ରକୃତରେ କ'ଣ ସମସ୍ତ ଲୋକ ଏକା ସାଙ୍ଗରେ ଶାସନ କରିପାରିବେ ? ସ୍ପଷ୍ଟ ଭାବେ ଏହା ସମ୍ଭବ ନୁହେଁ । ମନେକର ତୁମ ଶ୍ରେଣୀର ସମସ୍ୟା ସମ୍ପର୍କରେ ତୁମେ ତୁମ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛ । ହୁଏତ ଶ୍ରେଣୀଗୃହର ଭିତ୍ତିଭୂମିରେ କିଛି ତ୍ରୁଟି ଅଛି, କିମ୍ବା ତୁମେ ଏକ କ୍ଷେତ୍ର ଭ୍ରମଣ ପାଇଁ ଏକ ନିର୍ଦ୍ଦିଷ୍ଟ ତାରିଖ ପ୍ରସ୍ତାବ ଦେବାକୁ ଚାହୁଁଛ । ପୁରା ଶ୍ରେଣୀ ପ୍ରଧାନ ଶିକ୍ଷକଙ୍କ ପାଖକୁ ଯିବ କି ? ଏହା ସ୍ପଷ୍ଟ ଯେ ତୁମେ ଯିବ ନାହିଁ । ଅନେକ ବିଦ୍ୟାଳୟରେ ଶ୍ରେଣୀ ବା କ୍ଲାସ୍‌ରେ 'କ୍ଲାସ୍ ମନିଟର' ବା 'କ୍ଲାସ୍ ରିପ୍ରେଜେଣ୍ଟେଟିଭ୍' ରହିଥାନ୍ତି, ଯାହାକୁ ସମଗ୍ର ଶ୍ରେଣୀ ନିର୍ବାଚିତ କରିଥାଏ, ଯଦି କେହି ନଥିବେ, ତେବେ ଏହି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଜଣେ ପ୍ରତିନିଧି ଚୟନ କରାଯାଇପାରିବ ଓ ସେ ପ୍ରଧାନ ଶିକ୍ଷକଙ୍କ ନିକଟକୁ ଯାଇ ସମସ୍ୟା ଉପସ୍ଥାପନ କରିବା ଉଚିତ୍ ହେବ ।

ଏହି ସମାନ ନୀତି ରାଜ୍ୟ କିମ୍ବା ଜାତୀୟ ସ୍ତରରେ ଅନୁସରଣ କରାଯାଏ । ନିର୍ବାଚନ ମାଧ୍ୟମରେ ଲୋକମାନେ ପ୍ରତିନିଧିମାନଙ୍କୁ ଭୋଟ୍ ଦେଇ ଆବଶ୍ୟକ ସଭା ବା ସଦନର ସଦସ୍ୟ ଭାବରେ ନିର୍ବାଚିତ କରିଥାନ୍ତି । ସେମାନଙ୍କୁ ସାଧାରଣତଃ ରାଜ୍ୟସ୍ତରରେ 'ବିଧାନ ସଭା ସଦସ୍ୟ' ବା ବିଧାୟକ (MLA) ଏବଂ ଜାତୀୟ ସ୍ତରରେ ସଂସଦ ସଦସ୍ୟ ବା ସାଂସଦ (MP) କୁହାଯାଏ । ଏହି ସମସ୍ତ ସଦସ୍ୟ ବିଧାନସଭାରେ ଆଇନ, ସମସ୍ୟା ଏବଂ ସମାଧାନ ବିଷୟରେ ଆଲୋଚନା କରନ୍ତି ଏବଂ ଯେତେବେଳେ ବି ଭିନ୍ନ ମତ ଆସେ ଆଲୋଚନା ଓ ବିତର୍କ ମାଧ୍ୟମରେ ପରସ୍ପରକୁ ବୁଝାଇବାକୁ ଚେଷ୍ଟା କରନ୍ତି ।

ଯେକୌଣସି ଆଧୁନିକ ଗଣତନ୍ତ୍ର ପରି ଭାରତ ମଧ୍ୟ ଏକ ପ୍ରତିନିଧି ମୂଳକ ଗଣତନ୍ତ୍ର । ଏହା ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଓ ୨୦୨୪ ମସିହାରେ ପ୍ରାୟ (୯୭ କୋଟି) ଭୋଟର ବା ମତଦାତା ଅଛନ୍ତି । ନିୟମ ଅନୁସାରେ ୧୮ ବର୍ଷରୁ ଅଧିକ ବୟସର ସମସ୍ତ ଭାରତୀୟ ନାଗରିକଙ୍କୁ ଏହି ନିର୍ବାଚନରେ ଭାଗ ନେବାର ଅଧିକାର ରହିଛି ।

ମନେକର ତୁମ କ୍ଲାସ ଏକ ପିକନିକ୍ ପାଇଁ ଯିବାକୁ ଯୋଜନା କରୁଛ ଓ ସେଥିପାଇଁ ଏଠାରେ ଦୁଇଟି ସମ୍ଭାବ୍ୟ ସ୍ଥାନ ଅଛି,

‘କ’ ଏବଂ ‘ଖ । ଶ୍ରେଣୀ ଗୃହରେ ଏହି ଦୁଇଟି ସ୍ଥାନର ଭଲମନ୍ଦ, ଯଥା:- ଦୂରତା, ସମୟ, ଖର୍ଚ୍ଚ, ମୌଳିକ ସୁବିଧାର ଉପଲବ୍ଧତା ଇତ୍ୟାଦି ବିଷୟରେ ଆଲୋଚନା କରାଯାଏ । ବେଳେବେଳେ କୌଣସି ନିଷ୍ପତ୍ତିରେ ପହଞ୍ଚିବା କଷ୍ଟକର ହୋଇପଡ଼େ । ସେ ପରିସ୍ଥିତିରେ ତୁମ ଶିକ୍ଷକ ନିଷ୍ପତ୍ତି ନିଅନ୍ତି ଯେ ଭୋଟ୍ ହବା ଦ୍ୱାରା ସମସ୍ୟାର ସମାଧାନ ହୋଇପାରିବ । ସ୍ଥାନ ‘କ’ ସପକ୍ଷରେ ଥିବା ଛାତ୍ରଛାତ୍ରୀ ସେମାନଙ୍କ ହାତ ଉଠାନ୍ତି ଓ ତା’ପରେ ସ୍ଥାନ ‘ଖ’ ସପକ୍ଷରେ ଥିବା ଛାତ୍ରଛାତ୍ରୀ ସେମାନଙ୍କ ହାତ ଉଠାନ୍ତି । ଯେଉଁ ବିକଳ୍ପକୁ ଅଧିକ ସଂଖ୍ୟକ ହାତ ଉଠିବା ମିଳେ ସେହି ବିକଳ୍ପ ବା ସ୍ଥାନ ଉପରେ ନିଷ୍ପତ୍ତି ନିଆଯାଏ । ଏହି ପ୍ରକ୍ରିୟାକୁ ମତଦାନ କୁହାଯାଏ । ଏହା ଏକ ପ୍ରତ୍ୟକ୍ଷ ଗଣତନ୍ତ୍ର ମାମଲା ଯେଉଁଠାରେ ସ୍ଥାନ ଚୂଡ଼ାନ୍ତ କରିବା ପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ମତାମତ ନିଆଯାଇଥାଏ କିନ୍ତୁ ପରୋକ୍ଷ ଗଣତନ୍ତ୍ରରେ ସେ ନିଷ୍ପତ୍ତି ଆମ ସଂସଦ ବା ବିଧାନ ସଭାରେ ନିଆଯାଏ । ଏହା ବ୍ୟତୀତ ‘ତୃଣମୂଳ ସ୍ତରର ଗଣତନ୍ତ୍ର’ ଏକ ବ୍ୟବସ୍ଥା, ଯାହା ସାଧାରଣ ନାଗରିକଙ୍କ ଅଂଶଗ୍ରହଣକୁ ସକ୍ଷମ ଏବଂ ପ୍ରୋତ୍ସାହିତ କରେ (ପୃଷ୍ଠା ୧୬୧ରେ ଚିତ୍ର ୧୦.୪ରେ ଆମେ ଦେଖିଛନ୍ତି) । ଏଭଳି ବ୍ୟବସ୍ଥାରେ ନାଗରିକମାନେ ସେମାନଙ୍କୁ ପ୍ରଭାବିତ କରୁଥିବା ନିଷ୍ପତ୍ତିରେ ନିଜର ମତ ରଖିପାରିବେ ।

ଆମେ କ’ଣ ଶିଖିଲେ...

- → ଶାସନ ଓ ସରକାର ବିନା କୌଣସି ଦେଶ ଚାଲିପାରିବ ନାହିଁ ।
- → ଆଧୁନିକ ସରକାରର ତିନୋଟି ଅଙ୍ଗ ରହିଛି- ବ୍ୟବସ୍ଥାପିକ । କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା- ଯାହା ଏକାଠି କାମ କରିବା ଆବଶ୍ୟକ ।
- → ଭାରତ ସରକାର ତିନୋଟି ସ୍ତରରେ କାର୍ଯ୍ୟ କରନ୍ତି- କେନ୍ଦ୍ର, ରାଜ୍ୟ ଏବଂ ସ୍ଥାନୀୟ ।
- → ଗଣତନ୍ତ୍ର ହେଉଛି ଏହି ବ୍ୟବସ୍ଥାର ସାମଗ୍ରିକ ଢାଞ୍ଚା । ଏହା ଉଭୟ ରାଜ୍ୟ ଓ କେନ୍ଦ୍ର ସ୍ତରରେ ନିର୍ବାଚିତ ପ୍ରତିନିଧିଙ୍କ ମାଧ୍ୟମରେ କାର୍ଯ୍ୟ କରିଥାଏ ।

ପ୍ରଶ୍ନ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ

୧. ନିଜକୁ ନିଜେ ପରୀକ୍ଷା କର – ଗଣତନ୍ତ୍ରର ଅର୍ଥ କ'ଣ ? ପ୍ରତ୍ୟକ୍ଷ ଗଣତନ୍ତ୍ର ଏବଂ ପ୍ରତିନିଧି ମୂଳକ ଗଣତନ୍ତ୍ର ମଧ୍ୟରେ ପାର୍ଥକ୍ୟ କଣ ?

୨. ସରକାରଙ୍କ ତିନୋଟି ଅଙ୍ଗକୁ ମନେ ପକାଅ । ସେମାନଙ୍କର ଭିନ୍ନ ଭୂମିକା ମାନ କ'ଣ ?

୩. ତ୍ରିସ୍ତରୀୟ ସରକାରର ଆବଶ୍ୟକତା କ'ଣ ?

୪. ପ୍ରକଳ୍ପ: ତୁମମାନଙ୍କ ମଧ୍ୟରୁ ଅନେକଙ୍କ କୋଭିଡ୍–୧୯ ମହାମାରୀ ସମୟରେ ହୋଇଥିବା ଲକ୍ ଡ଼ାଉନ୍ ମନେ ଥିବ । ସେହି ସମୟରେ କଣ ସବୁ ପଦକ୍ଷେପ ନିଆଯାଇଥିଲା ତାହାର ଏକ ତାଲିକା ପ୍ରସ୍ତୁତ କର ? ପରିସ୍ଥିତିକୁ ପରିଚାଳନା କରିବାରେ କେଉଁ ସ୍ତରର ସରକାର ସମ୍ପୃକ୍ତ ଥିଲେ ? ସରକାରଙ୍କ ପ୍ରତ୍ୟେକ ଅଙ୍ଗର ଭୂମିକା କ'ଣ ଥିଲା ?

ଆମ ଲେଖା ଆମ ଚିତ୍ର

ତୃଣମୂଳ ଗଣତନ୍ତ୍ର - ଭାଗ ୨
ଗ୍ରାମାଞ୍ଚଳରେ ସ୍ଥାନୀୟ ସରକାର

ଅଧ୍ୟାୟ ୧୨

"ପ୍ରକୃତ ଭାରତ ଏହାର ଗ୍ରାମରେ ବସବାସ କରେ ।"

– ମହାତ୍ମା ଗାନ୍ଧୀ

ଆସ ଚିନ୍ତା କରିବା ?

୧. ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ କ'ଣ ?

୨. ସେଗୁଡ଼ିକର କାର୍ଯ୍ୟ କ'ଣ ?

୩. ଶାସନ ଓ ଗଣତନ୍ତ୍ରରେ ଏମାନେ କାହିଁକି ଗୁରୁତ୍ୱପୂର୍ଣ୍ଣ ?

ଏବେ ଆସ ଦେଖିବା ସ୍ଥାନୀୟ ସ୍ତରରେ ସରକାର କିପରି କାମ କରନ୍ତି । ଏହି ଅଧ୍ୟାୟରେ ଗ୍ରାମାଞ୍ଚଳର ସ୍ଥାନୀୟ ସରକାର ଉପରେ ଆମର ଲକ୍ଷ୍ୟ ରହିବ । ଆମେ ପରବର୍ତ୍ତୀ ଅଧ୍ୟାୟରେ ସହରାଞ୍ଚଳ ବିଷୟରେ ଆଲୋଚନା କରିବା ।

ଭାରତ ଏକ ବିରାଟ ଆୟତନ ଏବଂ ବିବିଧତାର ଦେଶ । ଆମର ପ୍ରାୟ ୬,୦୦,୦୦୦ ଗାଁ, ପ୍ରାୟ ୮,୦୦୦ କ୍ଷୁଦ୍ର ସହର ଏବଂ ପ୍ରାୟ ୪,୦୦୦ରୁ ଅଧିକ ସହର ଅଛି । ଆମର ଜନସଂଖ୍ୟା ୧.୪ ବିଲିୟନ (ପ୍ରାୟ ୧୪୦ କୋଟି) ଅତିକ୍ରମ କରିଛି, ଯେଉଁଥିରୁ ପ୍ରାୟ ଦୁଇ ତୃତୀୟାଂଶ ଗ୍ରାମାଞ୍ଚଳରେ ବସବାସ କରନ୍ତି । ଏହି ଜଟିଳ ସମାଜରେ ଆମେ ନିଜକୁ କିପରି ଶାସନ କରୁ ?

ଆସ ହିମାଳୟର ପାଦଦେଶରେ ଥିବା ଏକ ଛୋଟ ଗାଁ ଲକ୍ଷ୍ମଣପୁରକୁ ଯାତ୍ରା କରିବା । ଏଠାରେ ୨୦୦ ଘର ଓ ଏହାର ଜନସଂଖ୍ୟା ପ୍ରାୟ ୭୦୦, ସେମାନଙ୍କ ମଧ୍ୟରୁ ଅଧିକାଂଶ କୃଷକ ।

ଲୋକମାନେ ନିଜ ଜମିରେ ଚାଷ କରନ୍ତି ଏବଂ ଗାଈ କିମ୍ବା ଛେଳି ପାଳନ କରନ୍ତି । କେତେକଙ୍କ ସମ୍ପର୍କୀୟ ସଶସ୍ତ୍ର ବାହିନୀରେ କାର୍ଯ୍ୟରତ ଅଛନ୍ତି; କିଛି ଯୁବକ ଚାକିରି ସନ୍ଧାନରେ ସହରକୁ ଚାଲିଯାଇଛନ୍ତି । ଏହି ଗାଁର ଆବଶ୍ୟକତା କ'ଣ- ହୁଏତ କ୍ଷେତ ପାଇଁ ପାଣି, ପ୍ରବଳ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ମୁଖ୍ୟ ରାସ୍ତାର ମରାମତି ଏବଂ ଗାଁର ପ୍ରାଥମିକ ବିଦ୍ୟାଳୟର ରକ୍ଷଣାବେକ୍ଷଣ ? ସେମାନଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଥିବା ଏଭଳି ପ୍ରସଙ୍ଗରେ ଗ୍ରାମବାସୀ କିପରି ନିଷ୍ପତ୍ତି ନେବେ ? ଏବଂ ସେହି ଆବଶ୍ୟକତା ପୂରଣ କରିବା ପାଇଁ ସେମାନେ ସମ୍ବଳ କେଉଁଠୁ ପାଇବେ ? ଜମିକୁ ନେଇ ବିବାଦ ହେଲେ କିମ୍ବା କିଛି ଫସଲ ଚୋରି ହେଲେ କଣ ହେବ ? ଏଭଳି ଅନେକ ପ୍ରଶ୍ନ ଗାଁରେ ଉଠିପାରେ । ଏଭଳି ପ୍ରତ୍ୟେକ ସମସ୍ୟା ନେଇ ଲୋକମାନେ ରାଜ୍ୟ କିମ୍ବା ଜାତୀୟ ରାଜଧାନୀକୁ ଯାଇପାରିବେ କି ?

ପଞ୍ଚାୟତିରାଜ ବ୍ୟବସ୍ଥା

ଭାରତର ପ୍ରତ୍ୟେକ ଗାଁ ଭଳି ଲକ୍ଷ୍ମଣପୁର ଲୋକମାନଙ୍କର ମଧ୍ୟ ଏକ ସ୍ଥାନୀୟ ଶାସନ ବ୍ୟବସ୍ଥା ରହିଛି। ଏହି ସ୍ଥାନୀୟ ସରକାରକୁ 'ପଞ୍ଚାୟତ' କୁହାଯାଏ, ଯାହାକୁ ଗ୍ରାମ ପରିଷଦ କୁହାଯାଇପାରିବ। ପଞ୍ଚାୟତ ବ୍ୟବସ୍ଥା ଶାସନକୁ ଲୋକଙ୍କ ନିକଟତର କରିଥାଏ, ଯାହା ଫଳରେ ସେମାନେ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ କରିବା ସମ୍ଭବ ହୋଇଥାଏ । ସେଥିପାଇଁ ପଞ୍ଚାୟତ ବ୍ୟବସ୍ଥା, ଯାହାକୁ ପଞ୍ଚାୟତ ରାଜ ମଧ୍ୟ କୁହାଯାଏ, ଏକ ପ୍ରକାର ସ୍ୱୟଂ ଶାସନ ବ୍ୟବସ୍ଥା । ସ୍ଥାନୀୟ ସମସ୍ୟାର ସମାଧାନ, ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ସରକାରୀ ଯୋଜନାର ସୁଫଳ ଆଦିକୁ ତୃଣମୂଳ ସ୍ତରରେ ପହଞ୍ଚାଇବାରେ ପଞ୍ଚାୟତଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ।

ଚିତ୍ର ୧୧.୧

ଏହି ଚିତ୍ରରୁ ସ୍ପଷ୍ଟ ଯେ, ପଞ୍ଚାୟତିରାଜ ବ୍ୟବସ୍ଥା ନିମ୍ନରୁ ଉଚ୍ଚ ଯଥା ଗାଁ, ବ୍ଲକ ଓ ଜିଲ୍ଲା ପର୍ଯ୍ୟନ୍ତ ତିନୋଟି ସ୍ତରରେ କାର୍ଯ୍ୟ କରୁଛି। ଗ୍ରାମାଞ୍ଚଳରେ ଏହା ଗ୍ରାମ ପଞ୍ଚାୟତ, ବ୍ଲକ୍ ବା ମଣ୍ଡଳସ୍ତରରେ ପଞ୍ଚାୟତ ସମିତି ଓ ଜିଲ୍ଲାସ୍ତରରେ ଜିଲ୍ଲା ପରିଷଦ ନାମରେ କାର୍ଯ୍ୟ କରିଥାଏ । ଏହାକୁ ଏକ 'ତ୍ରିସ୍ତରୀୟ ବ୍ୟବସ୍ଥା' କୁହାଯାଏ । ଏହି ଅନୁଷ୍ଠାନଗୁଡ଼ିକର ଦାୟିତ୍ୱ ଜିଲ୍ଲାର କୃଷି, ବାସଗୃହ, ରାସ୍ତାର ରକ୍ଷାଣବେକ୍ଷଣ, ଜଳସମ୍ପଦ ପରିଚାଳନା, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ସାମାଜିକ କଲ୍ୟାଣଠାରୁ ଆରମ୍ଭ କରି ସାଂସ୍କୃତିକ କାର୍ଯ୍ୟକଳାପ ପର୍ଯ୍ୟନ୍ତ ମାନବ ଜୀବନର ପ୍ରାୟ ସମସ୍ତ ଦିଗକୁ ଅନ୍ତର୍ଭୁକ୍ତ କରିଥାଏ ।

ଗ୍ରାମ ପଞ୍ଚାୟତ

ଆସ ପୃଷ୍ଠା ୧୭୦ରେ ଥିବା ଚିତ୍ର ୧୧.୧ରୁ ଆରମ୍ଭ କରିବା - ଗ୍ରାମ ପଞ୍ଚାୟତ, ଯାହା ଗ୍ରାମାଞ୍ଚଳର ଲୋକଙ୍କ ନିକଟତର । ଏହାର ସଦସ୍ୟମାନେ ସିଧାସଳଖ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି, ଯେଉଁମାନେ ଗ୍ରାମର ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କମାନଙ୍କର ଏକ ସମୁଦାୟ (କିମ୍ବା ପଡ଼ୋଶୀ ଗ୍ରାମର ସମୁଦାୟ) ଯେଉଁମାନେ ଭୋଟର ଭାବରେ ପଞ୍ଜୀକୃତ । ଗ୍ରାମ ସଭାରେ ମହିଳା ଓ ପୁରୁଷମାନେ ନିଜ ଅଞ୍ଚଳ ସହ ଜଡ଼ିତ ସମସ୍ତ ବିଷୟରେ ଆଲୋଚନା କରି ନିଷ୍ପତ୍ତି ନେଇଥାନ୍ତି । ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ 'ସରପଞ୍ଚ' ବା 'ପ୍ରଧାନ' ନାମକ ଜଣେ ମୁଖିଆ ବା ସଭାପତି ନିର୍ବାଚିତ ହୁଅନ୍ତି । ଗତ କିଛି ବର୍ଷ ମଧ୍ୟରେ ଅଧିକରୁ ଅଧିକ ମହିଳା ସରପଞ୍ଚ ହୋଇଛନ୍ତି ।

ଦୃଷ୍ଟାନ୍ତମୂଳକ ସରପଞ୍ଚମାନେ

ଦ୍ୟାନେଶ୍ୱର କାମ୍ଲେ ଜଣେ କିନ୍ନର ଯିଏ କି ୨୦୧୭ରେ ୬ଜଣ ପ୍ରତିଦ୍ୱନ୍ଦୀଙ୍କୁ ପରାସ୍ତକରି ମହାରାଷ୍ଟ୍ରର ସୋଲାପୁର ଜିଲ୍ଲାର ତରଙ୍ଗଫାଲ ଗ୍ରାମର ସରପଞ୍ଚ ଭାବରେ ନିର୍ବାଚିତ ହୋଇଥିଲେ । କାମ୍ଲେଙ୍କ ଉଦ୍ଦେଶ୍ୟ ହେଉଛି ମାନବ ସେବା, ଗ୍ରାମ ସେବା ଅର୍ଥାତ୍ ଗାଁର ସେବା ହେଉଛି ଜନସାଧାରଣଙ୍କ ସେବା ।

ମଧ୍ୟପ୍ରଦେଶର ଖାନଖଣ୍ଡଭି ଗ୍ରାମର ଭିଲ ସମ୍ପ୍ରଦାୟର ସଦସ୍ୟା ବନ୍ଦନା ବାହାଦୁର ମୌଦା ପୁରୁଷକୈନ୍ଦ୍ରିକ ପ୍ରଥାକୁ ଭ୍ରୁକ୍ଷେପ ନକରି ନିଜ ଗାଁର ପ୍ରଥମ ମହିଳା ସରପଞ୍ଚ ହୋଇଥିଲେ । ସେ ଗ୍ରାମର ମହିଳାମାନଙ୍କୁ ପ୍ରତ୍ୟେକ ସଭାରେ ଯୋଗ ଦେବାପାଇଁ ବୁଝାଉଥିଲେ ଏବଂ ଶିକ୍ଷା ଓ ପରିମଳ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକର ସମାଧାନ କରି ଦୂରଦୂରାନ୍ତରେ ସ୍ୱିକୃତି ପାଇଥିଲେ । ବନ୍ଦନାଙ୍କ ଏହି ଯାତ୍ରା ଦର୍ଶାଉଛି ମହିଳାମାନେ କିପରି ଗ୍ରାମୀଣ ଭାରତ ପରିବର୍ତ୍ତନରେ ଅଗ୍ରଣୀ ଓ ନେତୃତ୍ୱକାରୀ ଭୂମିକା ଗ୍ରହଣ କରିପାରିବେ ।

ମହାରାଷ୍ଟ୍ରର ଅହମ୍ମଦନଗର ଜିଲ୍ଲାର 'ହିଙ୍ଗାରେ ବଜାର' ନାମକ ଏକ ଗାଁରେ ବାରମ୍ବାର ମରୁଡ଼ି ଯୋଗୁଁ କୃଷି ଉତ୍ପାଦନ ପ୍ରଭାବିତ ହେଉଥିଲା । ପୋପଟରା ବାଗୁଜୀ ପାୱାର ଏହାର ସରପଞ୍ଚ ହେବାପରେ ସେ ଆନ୍ନା ହଜାରେଙ୍କ ବର୍ଷା ଜଳ ଅମଳ, ଜଳଛାୟା ସଂରକ୍ଷଣ ପ୍ରକଳ୍ପ ଏବଂ ବ୍ୟାପକ ବୃକ୍ଷ ରୋପଣର ମଡେଲ ଗୁଡ଼ିକୁ ପ୍ରୟୋଗ କରିବା ଆରମ୍ଭ କଲେ, ଯାହା ଭୂତଳ ଜଳର ପୁନରୁଦ୍ଧାରରେ ସହାୟକ ହୋଇଥିଲା । ଗ୍ରାମବାସୀଙ୍କ ସହଯୋଗରେ କିଛି ବର୍ଷ ମଧ୍ୟରେ 'ହିଙ୍ଗାରେ ବଜାର' ଏକ ସବୁଜ ଓ ସମୃଦ୍ଧ ଗ୍ରାମରେ ପରିଣତ ହେଲା। ୨୦୨୦ରେ ଶ୍ରୀ ପୋପଟରାଓ ପାୱାରଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

ଜନଜାତି ଅଧ୍ୟୁଷିତ କୋରାପୁଟ ଜିଲ୍ଲା, ଜୟପୁର ପଞ୍ଚାୟତ ସମିତି ଅଧୀନରେ ଥିବା ଟାଙ୍କୁଆ ଗ୍ରାମପଞ୍ଚାୟତ ଏକ ଆଦର୍ଶ ଗ୍ରାମ ପଞ୍ଚାୟତ ଭାବେ ସମ୍ମାନିତ ହେବାପରେ ସମସ୍ତଙ୍କର ନଜର ପଡ଼ିଥିଲା ଏହାର ସରପଞ୍ଚ ରୁକ୍ମିଣି ଗଦବାଙ୍କ ଉପରେ ଯିଏ ନିଜ ୱାର୍ଡ଼ ମେମ୍ବର ସାଥୀମାନଙ୍କୁ ନେଇ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ୨୦୧୭ ମସିହା ପରଠୁ ଉଦ୍ୟମ ଆରମ୍ଭ କଲେ । ଏହା ଅଧୀନରେ ଥିବା ପ୍ରତି ଗାଁରେ ବେକାର ଯୁବକ ଯବତୀଙ୍କୁ ସ୍ୱାବଲମ୍ବୀ କରିବା, ଖାଦ୍ୟ ସୁରକ୍ଷା, ଭତ୍ତା ପ୍ରଦାନ, ପାନୀୟଜଳ ଯୋଗାଣ, ରାସ୍ତାଘାଟ ନିର୍ମାଣ ଓ ଆଲୋକୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ, ହ୍ୱାଟସପ୍ ଗ୍ରୁପ୍ ଜରିଆରେ ସମସ୍ୟା ଗ୍ରହଣ ଓ ସେସବୁ ସମାଧାନ କରିବା, ନିଜ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚକ୍ଷୁଶିବିର ଆୟୋଜନ ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସବୁ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡ଼ିକର ସଫଳ ରୂପାୟନ ପାଇଁ ସାମୂହିକ ଉଦ୍ୟମ ଓ ଦୃଢ଼ ନେତୃତ୍ୱ ଫଳରେ ସାରା ରାଜ୍ୟରେ ଟାଙ୍କୁଆ ଗ୍ରାମ ପଞ୍ଚାୟତ ଖ୍ୟାତି ଅର୍ଜନ କରିବା କମ୍ ଗୌରବର କଥା ନୁହେଁ । ଏହା ନିଶ୍ଚୟ ସମସ୍ତଙ୍କ ପାଇଁ ଏକ ପ୍ରେରଣା ।

ସେଭଳି ଭାବେ ଗଞ୍ଜାମ ଜିଲ୍ଲାର ଆରତୀ ଦେବୀ ୨୦୧୪ରେ ରାଜୀବଗାନ୍ଧି ନେତୃତ୍ୱ ପୁରସ୍କାର (Rajiv Gandhi Leadership Award) ପାଇବା ଆମ ରାଜ୍ୟ ପାଇଁ ଆଉ ଏକ ଗୌରବ ।

ଗ୍ରାମ ପଞ୍ଚାୟତକୁ ଜଣେ ପଞ୍ଚାୟତ ସେକ୍ରେଟାରୀ ବା କାର୍ଯ୍ୟନିର୍ବାହୀ ଅଧିକାରୀ ସହାୟତା କରନ୍ତି ଯିଏ ବୈଠକ ଡାକିବା ଏବଂ କାଗଜପତ୍ର ରକ୍ଷଣାବେକ୍ଷଣ ପରି ପ୍ରଶାସନିକ କାର୍ଯ୍ୟ କରନ୍ତି। ଅଧିକାଂଶ ଗ୍ରାମ ପଞ୍ଚାୟତରେ ପ୍ରଶାସନିକ ଅଧିକାରୀ ରହିଥାନ୍ତି ଓ ଭାରତର ଅନେକ ସ୍ଥାନରେ 'ପଟୱାରୀ' ନାମକ ଜଣେ ଅଧିକାରୀ, ଗ୍ରାମବାସୀଙ୍କ ଜମି ରେକର୍ଡର ରକ୍ଷଣାବେକ୍ଷଣ କରନ୍ତି । କେତେକ କ୍ଷେତ୍ରରେ ଏହି ପାଟୱାରୀ ଅନେକ ପିଢ଼ିର ପୁରୁଣା ମାନଚିତ୍ର ଓ ନକ୍ସା ସାଇତି କରି ରଖନ୍ତି।

ଏହା ବିଷୟରେ ଚିନ୍ତା କର

ଏହି ପୁରୁଣା ମାନଚିତ୍ର ଓ ନକ୍ସା ଗୁଡ଼ିକ ଆମ ପାଇଁ କିପରି ସହାୟକ ହୋଇପାରିବ ବୋଲି ତୁମେ ଭାବିଛ କି ? ଏଗୁଡ଼ିକ ଆମକୁ ଅତୀତ ଏବଂ ବର୍ତ୍ତମାନ ବିଷୟରେ ସୂଚନା ପ୍ରଦାନ କରିପାରିବ କି ?

ଶିଶୁ ଅନୁକୂଳ ପଞ୍ଚାୟତ କାର୍ଯ୍ୟକ୍ରମ

ପଞ୍ଚାୟତଗୁଡ଼ିକ ସମସ୍ତଙ୍କ କଥା ସହିତ ଶିଶୁମାନଙ୍କର ନିଜସ୍ୱ କଥାକୁ ମଧ୍ୟ ଶୁଣିବା ଉଚିତ୍ । ଶିଶୁ ଅନୁକୂଳ ପଞ୍ଚାୟତ କାର୍ଯ୍ୟକ୍ରମ ପିଲାମାନଙ୍କ ପାଇଁ କଲ୍ୟାଣ ନିମିତ୍ତ ସେମାନଙ୍କର ନିଜସ୍ୱ ଧାରଣା ଏବଂ ମତାମତ ପ୍ରକାଶ କରିବାର ସୁଯୋଗ ସୃଷ୍ଟି କରେ । ବିଭିନ୍ନ ରାଜ୍ୟରେ ନିୟମିତ ଭାବେ ଶିଶୁ ସଭା ଓ ଶିଶୁ ପଞ୍ଚାୟତରେ ପିଲାଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନିଆଯାଉଥିବା ବେଳେ ଗ୍ରାମର ବୟସ୍କମାନେ ସେମାନଙ୍କ ସମସ୍ୟାର ସମାଧାନ ଖୋଜିବାକୁ ଚେଷ୍ଟା କରୁଛନ୍ତି ।

ଉଦାହରଣ ସ୍ୱରୂପ, ମହାରାଷ୍ଟ୍ରରେ କିଛି ଶିଶୁ ପଞ୍ଚାୟତ ଶିଶୁ ଶ୍ରମିକ ଏବଂ ବାଲ୍ୟ ବିବାହକୁ ଦୂର କରିବା ପାଇଁ କାର୍ଯ୍ୟ କରିଛନ୍ତି । ସେମାନେ ଅନେକ ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିଛନ୍ତି । ଶିଶୁ ପଞ୍ଚାୟତର ସଭ୍ୟମାନେ ଏକାଠି ହୋଇ ଅଭିଭାବକ ଓ ଅନ୍ୟ ବୟସ୍କମାନଙ୍କୁ ନିଜର ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ବୁଝାଇବା ସହ ପାଠ ପଢୁଥିବା ଝିଅମାନଙ୍କ ପାଇଁ ବାହାଘରର ବ୍ୟବସ୍ଥା ନ କରି ପାଠପଢ଼ା ଚାଲୁ ରଖିବା ପାଇଁ ବୁଝାଇଥାନ୍ତି ।

ଅନେକ ଗ୍ରାମ ପଞ୍ଚାୟତ ଶିଶୁ ଅନୁକୂଳ କାର୍ଯ୍ୟକ୍ରମ ଗ୍ରହଣ କରି ପୁରସ୍କାର ଜିତିଛନ୍ତି । ଏଠାରେ ସିକ୍କିମ୍‌ର ଏକ ଉଦାହରଣ ଦିଆଗଲା:

ପଶ୍ଚିମ ସିକ୍କିମ୍ 'ସାଙ୍ଗଖୁ ରାଧୁ ଖାଣ୍ଡୁ' ଗ୍ରାମ ପଞ୍ଚାୟତ ପିଲାଙ୍କ ଆବଶ୍ୟକତା ଓ ଅଧିକାରକୁ ବହୁତ ଗୁରୁତ୍ୱ ଦେଇଛି । ପିଲାଙ୍କ ସୁରକ୍ଷା ପାଇଁ ପଞ୍ଚାୟତ ପକ୍ଷରୁ ବିଦ୍ୟାଳୟଗୁଡ଼ିକ ଚାରିପଟେ ପାଚେରି ନିର୍ମାଣ କରାଯାଇଛି ।

ଛାତ୍ରଛାତ୍ରୀଙ୍କୁ ଯେପରି ରନ୍ଧା ମଧ୍ୟାହ୍ନ ଭୋଜନ ମିଳେ ସେଥିପାଇଁ ଗ୍ରାମ ପଞ୍ଚାୟତ ପକ୍ଷରୁ ବିଦ୍ୟାଳୟଗୁଡ଼ିକରେ ରୋଷେଇ ଘର ନିର୍ମାଣ କରାଯାଇଛି । ଏହି ପ୍ରୟାସ ପାଇଁ ହିଁ 'ସାଙ୍ଗଖୁ ରାଧୁ ଖାଣ୍ଟୁ'କୁ ଶିଶୁ ଅନୁକୂଳ ଗ୍ରାମ ପଞ୍ଚାୟତ ଭାବେ ଘୋଷଣା କରାଯାଇଛି ।

ଆସ ରାଜସ୍ଥାନର ଆଉ ଏକ ଉଦାହରଣ ଉପରେ ନଜର ପକାଇବା:

କିଛି ଦଶନ୍ଧି ପୂର୍ବେ ବଙ୍କର ରାୟଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ବେୟାରଫୁଟ କଲେଜ' କାର୍ଯ୍ୟକ୍ରମ 'ଶିଶୁ ସଂସଦ' (children's parliament) ରାଜସ୍ଥାନର ଗ୍ରାମାଞ୍ଚଳର ବିଭିନ୍ନ ସୁବିଧାରୁ ବଞ୍ଚିତ ଗରିବ ପିଲାମାନଙ୍କୁ 'ଶିକ୍ଷା ଏବଂ ଗଣତାନ୍ତ୍ରିକ ଭାଗିଦାରୀ' ମାଧ୍ୟମରେ ସଶକ୍ତ କରିଥିଲା । ୮ରୁ ୧୪ ବର୍ଷ ବୟସର ପିଲାମାନେ ନାଇଟ୍ ସ୍କୁଲ ଓ ସଂସଦ ଭଳି ନିର୍ବାଚନ ମାଧ୍ୟମରେ ଶାସନ ପ୍ରକ୍ରିୟା, ଗଣତନ୍ତ୍ର ଓ ସାମାଜିକ ଦାୟିତ୍ୱବୋଧ ବିଷୟରେ ସଚେତନ ହୋଇପାରିଥିଲେ । ଭୋଟର ପରିଚୟ ପତ୍ର ଓ ନିର୍ବାଚନ ପ୍ରଚାର ଭଳି ଆନୁଷ୍ଠାନିକ ପ୍ରକ୍ରିୟାକୁ ଏହି ସଂସଦ ଅନୁସରଣ କରୁଥିଲା । ନିର୍ବାଚିତ ପ୍ରତିନିଧିମାନେ ଏକ 'କ୍ୟାବିନେଟ' ଗଠନ କରି ବିଦ୍ୟାଳୟ ପରିଚାଳନାର ତଦାରଖ କରିବା ସହ ଗୋଷ୍ଠୀର ଆବଶ୍ୟକତା ଉପରେ ନିଜର ସୁଚିନ୍ତିତ ମତାମତ ରଖୁଥିଲେ । ଏହି ପଦକ୍ଷେପ ନେତୃତ୍ୱ ନେବାର ଦକ୍ଷତା ଏବଂ ସାମାଜିକ ସଚେତନତାକୁ ପ୍ରୋତ୍ସାହିତ କରିଥିଲା, ଯାହା ପିଲାମାନଙ୍କୁ ପ୍ରଚଳିତ ନିୟମର ସାମନା କରି ପରିବର୍ତ୍ତନ ପାଇଁ ସମର୍ଥ କରିପାରିଥିଲା । ପିଲାମାନେ ଶିକ୍ଷା, ପରିମଳ ଭଳି ପ୍ରସଙ୍ଗଗୁଡ଼ିକୁ ସକ୍ରିୟ ଭାବରେ ସମାଧାନ କରୁଥିଲେ ଏବଂ ସାମାଜିକ ସମାନତା, ଗୋଷ୍ଠୀ ବିକାଶରେ ଯୋଗଦାନ କରିପାରିଥିଲେ ।



୨୦୦୧ ମସିହାରେ ଶିଶୁ ସଂସଦର ଏହି ଅଭିଯାନକୁ ବିଶ୍ୱର ଶିଶୁ ସମ୍ମାନଜନକ ପୁରସ୍କାର ସମେତ ଅନେକ ପ୍ରଶଂସା ମିଳିଥିଲା ।

ଆସ ଅନୁସନ୍ଧାନ କରିବା

ଶିକ୍ଷଣ କାର୍ଯ୍ୟ ଭାବରେ, ଚାରି କିମ୍ବା ପାଞ୍ଚ ଜଣ ଛାତ୍ରଛାତ୍ରୀ ଏକ ଶିଶୁ ପଞ୍ଚାୟତ ଗଠନ କରନ୍ତୁ ଏବଂ ବାକି ଶ୍ରେଣୀର ପିଲାମାନେ ଭାବନ୍ତୁ ଯେ ସେମାନେ ଗ୍ରାମବାସୀ ଅଟନ୍ତି । ଗ୍ରାମସଭାରେ କେଉଁ ପ୍ରସଙ୍ଗରେ ଆଲୋଚନା ହେବ ? ଏହା କେଉଁ ଆହ୍ୱାନର ସମ୍ମୁଖୀନ ହୋଇପାରେ ? ଏହା କି ପ୍ରକାର ସମାଧାନ ପ୍ରସ୍ତାବ ଦେବ ?

ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ

ବ୍ଲକ୍ ବା ମଣ୍ଡଳ ସ୍ତରରେ ଏହିପରି ସମାନ ଅନୁଷ୍ଠାନ ରହିଛି, ଯାହା ଗ୍ରାମସ୍ତରଠାରୁ ଉଚ୍ଚତର । ତାହାକୁ ପଞ୍ଚାୟତ ସମିତି କୁହାଯାଏ । ପୃଷ୍ଠା ୧୭୦ର ଚିତ୍ର ୧୧.୧ରେ ଆମେ ଦେଖିଥିବା ପିରାମିଡ୍ ଚିତ୍ରରେ ସେମାନଙ୍କ ନାମ ତାଲିକାଭୁକ୍ତ ହୋଇଛି । ଗ୍ରାମ ପଞ୍ଚାୟତ ଓ ଜିଲ୍ଲା ପରିଷଦ ମଧ୍ୟରେ ପଞ୍ଚାୟତ ସମିତି ଏକ ସଂଯୋଗ ସଦୃଶ । ଏହି ଅନୁଷ୍ଠାନର ସଦସ୍ୟମାନେ ସ୍ଥାନୀୟ ଲୋକଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି, କିନ୍ତୁ ଏଥିରେ ସେହି ପଞ୍ଚାୟତ ସମିତି ସହ ଜଡ଼ିତ ଗ୍ରାମର ସରପଞ୍ଚ ଏବଂ ବିଧାନ ସଭାର ସ୍ଥାନୀୟ ସଭ୍ୟଙ୍କ ଭଳି ଅନ୍ୟ ସଦସ୍ୟ ମଧ୍ୟ ରହିପାରନ୍ତି ।

ପଞ୍ଚାୟତ ସମିତିଗୁଡ଼ିକର ଗଠନ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ ସ୍ଥାନୀୟ ଲୋକଙ୍କ ଭାଗିଦାରୀକୁ ସୁଦୃଢ଼ କରିବାରେ ଏହାର ସମାନ ଭୂମିକା ରହିଛି । ଉଦାହରଣ ସ୍ୱରୂପ, ସେମାନେ ସମସ୍ତ ଗ୍ରାମ ପଞ୍ଚାୟତରୁ ଉନ୍ନୟନ ମୂଳକ ଯୋଜନା ସଂଗ୍ରହ କରି ସେଗୁଡ଼ିକୁ ଏକାଠି କରି ଯଥାକ୍ରମେ ଜିଲ୍ଲା କିମ୍ବା ରାଜ୍ୟ ସ୍ତରରେ ଉପସ୍ଥାପିତ କରନ୍ତି । ଏହା ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଏବଂ ଗ୍ରାମାଞ୍ଚଳରେ ସର୍ବକାଳୀନ ସଡ଼କ ନିର୍ମାଣ ସହିତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପାଇଁ ପାଣ୍ଠି ଆବଣ୍ଟନ କରାଯାଇଥାଏ ।

ପଞ୍ଚାୟତିରାଜର ସର୍ବୋଚ୍ଚ ସ୍ତର (ଜିଲ୍ଲାସ୍ତର)ରେ ଜିଲ୍ଲା ପରିଷଦ କାର୍ଯ୍ୟ କରିଥାଏ । ଏହା ଉଭୟ ନିର୍ବାଚିତ ଓ ମନୋନୀତ ସରକାରୀ ସଭ୍ୟଙ୍କୁ ନେଇ ଗଠିତ । ଏହାର ମୁଖ୍ୟଙ୍କୁ ପ୍ରେସିଡେଣ୍ଟ ବା ସଭାପତି କୁହାଯାଏ ଯିଏ ଜିଲ୍ଲା ପରିଷଦର ନିର୍ବାଚିତ ସଭ୍ୟ ମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ପରିଷଦ ରହି ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ମାଧ୍ୟମରେ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିଥାଏ ।

ଏହି ତିନୋଟି ସ୍ତରରେ ଏପରି ବିଶେଷ ନିୟମ ପ୍ରଣୟନ କରାଯାଇଛି, ଯାହାଦ୍ୱାରା ସମାଜରେ ଅବହେଳିତ ବର୍ଗ ସେମାନଙ୍କ ଆବଶ୍ୟକତା ଓ ସମସ୍ୟା ସମ୍ପର୍କରେ ଅଭିଯୋଗ କରିପାରିବେ । ଏହି ଅନୁଷ୍ଠାନ ଗୁଡ଼ିକରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ସିଟ୍ ସଂରକ୍ଷଣର ବ୍ୟବସ୍ଥା ମଧ୍ୟ ରହିଛି । କିନ୍ତୁ ଓଡ଼ିଶାରେ ଏହି ସଂରକ୍ଷଣ ସୀମା ୫୦ ପ୍ରତିଶତ ଅଟେ ।

ଏହା ବିଷୟରେ ଚିନ୍ତା କର

ସମାଜର ଅବହେଳିତ ବର୍ଗଙ୍କୁ ଆବଶ୍ୟକତା ଓ ସମସ୍ୟା ପ୍ରତି ସରକାର ଅଧିକ ଧ୍ୟାନ ଦେବା ଆବଶ୍ୟକ ବୋଲି ତୁମେ କାହିଁକି ଭାବୁଛ ?

ଆସ ଅନୁସନ୍ଧାନ କରିବା

→ କେନ୍ଦ୍ର ସରକାର ଏବଂ ପଞ୍ଚାୟତ ସ୍ତରରେ ଶାସନ ବ୍ୟବସ୍ଥା ମଧ୍ୟରେ କେଉଁ ସମାନତା ଏବଂ ପାର୍ଥକ୍ୟ ତୁମେ ଲକ୍ଷ୍ୟ କରୁଛ ? (ସୂଚନା : ଆବଶ୍ୟକ ପଡ଼ିଲେ ଅଧ୍ୟାୟ ୧୦କୁ ଦେଖ)

→ ଯଦି ତୁମକୁ କିଛି ପଞ୍ଚାୟତ ସଭ୍ୟଙ୍କୁ ଭେଟିବାର ସୁଯୋଗ ମିଳେ, ତେବେ ତୁମେ ସେମାନଙ୍କୁ କ'ଣ ପ୍ରଶ୍ନ ପଚାରିବାକୁ ଚାହୁଁଛ ? ଛୋଟ ଛୋଟ ଦଳରେ ଆଲୋଚନା କରି ଏକ ପ୍ରଶ୍ନାବଳୀ ତିଆରି କର । କିଛି ଗ୍ରାମ ପଞ୍ଚାୟତ ସଭ୍ୟଙ୍କୁ ଭେଟି କିମ୍ବା ସେମାନଙ୍କୁ ତୁମ ବିଦ୍ୟାଳୟକୁ ନିମନ୍ତ୍ରଣ କର । ତୁମ ପ୍ରଶ୍ନାବଳୀ ଅନୁସାରେ ସେମାନଙ୍କୁ ପ୍ରଶ୍ନ ପଚାର ଏବଂ ଏକ ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କର ।

ଆମେ ମନେରଖିବା ଯେ ପଞ୍ଚାୟତିରାଜ ଅନୁଷ୍ଠାନର ଢାଞ୍ଚା ଏବଂ କାର୍ଯ୍ୟ, ସବୁ ରାଜ୍ୟରେ ଟିକେ ଅଲଗା ଅଲଗା । କାରଣ ସେହି ଅନୁଷ୍ଠାନଗୁଡ଼ିକ ଉପରେ ରାଜ୍ୟଗୁଡ଼ିକର ଅଧିକାର ରହିଛି । କିନ୍ତୁ ସେମାନଙ୍କର ଉଦ୍ଦେଶ୍ୟ ସମାନ– ଏହା ଗ୍ରାମବାସୀଙ୍କୁ ସେମାନଙ୍କ ଗାଁ ଏବଂ ସ୍ଥାନୀୟ ଅଞ୍ଚଳର ପରିଚାଳନା ଏବଂ ବିକାଶରେ ସକ୍ରିୟ ଅଂଶଗ୍ରହଣ କରିବାକୁ ସମର୍ଥ କରିଥାଏ ।

ଅର୍ଥଶାସ୍ତ୍ର ପ୍ରାୟ ୨,୩୦୦ ବର୍ଷ ପୂର୍ବେ କୌଟିଲ୍ୟ (ପରବର୍ତ୍ତୀ ସମୟରେ ଚାଣକ୍ୟ ନାମରେ ମଧ୍ୟ ଜଣାଶୁଣା)ଙ୍କ ଦ୍ୱାରା ଲିଖିତ ଏକ ପ୍ରାଚୀନ ଶାସନ ଗ୍ରନ୍ଥ । ଅନ୍ୟାନ୍ୟ ବିଷୟ ବ୍ୟତୀତ ଏଥିରେ ବର୍ଣ୍ଣନା କରାଯାଇଛି ଯେ କିପରି ଏକ ରାଜ୍ୟ ଗଠନ ଓ ପରିଚାଳିତ ହେବା ଉଚିତ, ଅର୍ଥନୀତିକୁ କିପରି ସମୃଦ୍ଧ କରାଯାଇପାରିବ, ଶାସକଙ୍କ କର୍ତ୍ତବ୍ୟ କ'ଣ ଏବଂ ଯୁଦ୍ଧ କିପରି କରାଯିବ । ଗାଁଠାରୁ ଆଞ୍ଚଳିକ ରାଜଧାନୀ ପର୍ଯ୍ୟନ୍ତ କିପରି ଏକ ସମ୍ପୂର୍ଣ୍ଣ ପ୍ରଶାସନିକ ଢାଞ୍ଚା ସ୍ଥାପନ କରାଯିବା ଉଚିତ ସେ ବିଷୟରେ ମଧ୍ୟ ଶାସନକଳା ବିଶେଷଜ୍ଞ କୌଟିଲ୍ୟ ବର୍ଣ୍ଣନା କରିଛନ୍ତି :

"ରାଜା ପ୍ରତି ୧୦ଟି ଗାଁ ପାଇଁ ଏକ 'ସଂଗ୍ରହଣ' (ଉପଖଣ୍ଡ ବା ଉପଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ) ପ୍ରତିଷ୍ଠା କରିବେ, ପ୍ରତି ୧୦୦ଟି ଗାଁ ପାଇଁ ଗୋଟିଏ 'କାର୍ବାଟିକା' (ଜିଲ୍ଲା ସଦର ମହକୁମା); ପ୍ରତି ୪୦୦ ଗାଁ ପାଇଁ ଗୋଟିଏ 'ଦ୍ରୋଣମୁଖ'; ଏବଂ ପ୍ରତି ୮୦୦ ଗ୍ରାମ ପାଇଁ ଗୋଟିଏ 'ସ୍ଥାନୀୟ' (ପ୍ରାଦେଶିକ ମୁଖ୍ୟାଳୟ) ପ୍ରତିଷ୍ଠା କରିବେ ।

ଆଜିର ଭାଷାରେ, ଆମେ ଏହି ଚାରିଟି ବର୍ଗକୁ କ'ଣ ନାମ ଦେବା ? ଏତେ ଦିନ ପୂର୍ବରୁ ସମାନ ଢାଞ୍ଚା ବିଷୟରେ ଚିନ୍ତା କରାଯିବା ଆଶ୍ଚର୍ଯ୍ୟଜନକ ନୁହେଁ କି ?

ଆମେ କ'ଣ ଶିଖିଲେ...

→ ଗ୍ରାମାଞ୍ଚଳରେ ସ୍ଥାନୀୟ ସରକାରକୁ ତ୍ରିସ୍ତରୀୟ ବ୍ୟବସ୍ଥାରେ ସଂଗଠିତ କରାଯାଇଛି ।

→ ପଞ୍ଚାୟତିରାଜ ବ୍ୟବସ୍ଥାରେ ଗଣତନ୍ତ୍ର ଉଭୟ ଲୋକଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣ ଏବଂ ସେମାନଙ୍କର ନିର୍ବାଚିତ ପ୍ରତିନିଧିଙ୍କ ମାଧ୍ୟମରେ କାର୍ଯ୍ୟ କରେ ।

→ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଗ୍ରାମାଞ୍ଚଳର ଲୋକଙ୍କୁ ସ୍ୱାୟତ୍ତ ଶାସନର ଏକ ମାପକାଠି ଦିଅନ୍ତି, ଯାହାଫଳରେ ସେମାନେ ସେମାନଙ୍କର ସମସ୍ୟା ସମାଧାନ କରିପାରିବେ ଏବଂ ବିକାଶ ଯୋଜନାରେ ସହଯୋଗ କରିବେ ।

→ ତୁମେ ଜାଣିଛ କି ଓଡ଼ିଶାରେ ୩୦ଟି ଜିଲ୍ଲା ପରିଷଦ, ୩୧୪ଟି ପଞ୍ଚାୟତ ସମିତି ୬୭୯୮ଟି ଗ୍ରାମ ପଞ୍ଚାୟତ କାର୍ଯ୍ୟ କରୁଅଛି ।

ପ୍ରଶ୍ନ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ

୧. ନିଜେ ନିଜକୁ ପରୀକ୍ଷା କର- ଉପରୋକ୍ତ ଲେଖାକୁ ନ ଦେଖି, ତୁମେ ପଞ୍ଚାୟତିରାଜ ବ୍ୟବସ୍ଥାର ତିନୋଟି ସ୍ତରର ନାମ କହିପାରିବ କି ? ତିନୋଟି ସ୍ତରର ପ୍ରତ୍ୟେକର ମୁଖ୍ୟ କାର୍ଯ୍ୟଗୁଡ଼ିକ କ'ଣ ?

୨. ଗାଁରେ ରାସ୍ତା କଡ଼ରେ ପଡ଼ିଥିବା ପ୍ଲାଷ୍ଟିକ ବ୍ୟାଗ୍ ପ୍ରସଙ୍ଗରେ ସରପଞ୍ଚଙ୍କୁ ଚିଠି ଲେଖ ।

୩. ତୁମ ମତରେ କେଉଁ ପ୍ରକାରର ବ୍ୟକ୍ତି ଗ୍ରାମ ପଞ୍ଚାୟତ ସଭ୍ୟ ହେବା ଉଚିତ୍ ?

୪. ଧରିନିଅଯେ ତୁମେ ଏକ ଗାଁ ବିଦ୍ୟାଳୟରେ ପଢୁଛ । ଏହି ବିଦ୍ୟାଳୟ ଏକ ରାଜପଥ କଡ଼ରେ ଅବସ୍ଥିତ ଏବଂ ଛାତ୍ରଛାତ୍ରୀମାନେ ସ୍କୁଲକୁ ଆସିବା ଓ ସ୍କୁଲରୁ ଫେରିବା ବେଳେ ରାସ୍ତା ଅତିକ୍ରମ କରିବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଏହି ସମସ୍ୟାର ସମାଧାନ ପାଇଁ କ'ଣ ବିକଳ୍ପ ଅଛି ? ଏ ପରିସ୍ଥିତିରେ ପଞ୍ଚାୟତିରାଜରେ କେଉଁ ଅନୁଷ୍ଠାନ ତୁମକୁ ସାହାଯ୍ୟ କରିପାରିବ ? ଛାତ୍ରଛାତ୍ରୀମାନେ ଏଥି ନିମନ୍ତେ କ'ଣ କରିପାରିବେ ?

ଆମ ଲେଖା ଆମ ଚିତ୍ର

ଅଧ୍ୟାୟ ୧୨

ତୃଣମୂଳ ଗଣତନ୍ତ୍ର – ଭାଗ ୩
ସହରାଞ୍ଚଳରେ ସ୍ଥାନୀୟ ସରକାର

"ମୁଁ ଚାହେଁ ଯେ... ତୁରନ୍ତ ଏକ ପୂର୍ଣ୍ଣାଙ୍ଗ ସ୍ଥାନୀୟ ସଂସ୍ଥା ଗଠନ ହେବା ଉଚିତ୍.... ଯାହା ଫଳରେ ଲୋକମାନେ ଜାଣିପାରିବେ ଶାସନ କ'ଣ, ମତାଧିକାର କ'ଣ, କ୍ଷମତା କ'ଣ ଏବଂ ଏକ ଅଞ୍ଚଳରେ, ଯଥା: ନିଜ ଗାଁ ଓ ସହରରେ ଅଧିକାର ଓ ସୁବିଧା ସବୁ କ'ଣ ?

– ରୁସ୍ତମ କେ ସିଦ୍ଧୱା, ସଦସ୍ୟ, ସମ୍ବିଧାନ ପ୍ରଣୟନ ସଭା

(ସମ୍ବିଧାନ ପ୍ରଣୟନ ସଭା ବିତର୍କ ସମୟରେ, ୧୩ ଅକ୍ଟୋବର ୧୯୪୯)"

ଚିତ୍ର ୧୨.୧ । ଗ୍ରେଟର ମୁମ୍ବାଇର ମ୍ୟୁନିସିପାଲ କର୍ପୋରେସନ (ମୂଳତଃ 'ବମ୍ବେ ମ୍ୟୁନିସିପାଲ କର୍ପୋରେସନ') ୧୮୬୫ ମସିହାରେ ଗଠନ ହୋଇଥିଲା ।

ଆସ ଚିନ୍ତା କରିବା ?

୧. ସହରାଞ୍ଚଳର ସ୍ଥାନୀୟ ସଂସ୍ଥା ଗୁଡ଼ିକ କ'ଣ ଏବଂ ସେମାନଙ୍କର କାର୍ଯ୍ୟ କ'ଣ ?

୨. ଶାସନ ଓ ଗଣତନ୍ତ୍ରରେ ଏମାନେ କାହିଁକି ଗୁରୁତ୍ୱପୂର୍ଣ୍ଣ ?

ଉପକ୍ରମ

ଗଣତନ୍ତ୍ରରେ ସୁଶାସନ କିପରି ନାଗରିକମାନଙ୍କୁ ସଶକ୍ତ କରେ, ଯାହାଦ୍ୱାରା ସେମାନେ ଗ୍ରାମୀଣ, ଆଞ୍ଚଳିକ, ସହରାଞ୍ଚଳ, ରାଜ୍ୟ କିମ୍ବା ଜାତୀୟ ସ୍ତରରେ ନିଜ ଦେଶର ବିଭିନ୍ନ କାର୍ଯ୍ୟରେ ସକ୍ରିୟ ଭାବରେ ଅଂଶଗ୍ରହଣ କରନ୍ତି, ତାହା ପୂର୍ବ ଅଧ୍ୟାୟଗୁଡ଼ିକରେ ଆମେ ପଢ଼ିଛେ । ଏହା ହେଉଛି ଭାଗିଦାରୀ ଗଣତନ୍ତ୍ରର ବ୍ୟାପକ ଧାରଣା ।

ଆମେ ଗ୍ରାମୀଣ ପରିପ୍ରେକ୍ଷୀରେ ବ୍ୟବସ୍ଥାର ମୌଳିକତାକୁ ଦେଖିଲେ । ଏବେ ଆସ ଦେଖିବା ସହରାଞ୍ଚଳରେ ଏହା କିପରି କାମ କରେ । ଯେହେତୁ ସହରାଞ୍ଚଳର ପରିବେଶ ଗ୍ରାମାଞ୍ଚଳ ତୁଳନାରେ ଜଟିଳ ଏବଂ ବିବିଧ, ତେଣୁ ଏହା ବୁଝାପଡ଼େ ଯେ ସହରାଞ୍ଚଳ ଶାସନ ବ୍ୟବସ୍ଥା ମଧ୍ୟ ସେହିପରି ଜଟିଳ ହୋଇଥିବ। ମାତ୍ର ଆମେ ଏଠାରେ ଏହି ଅଧ୍ୟୟନର ମୌଳିକ ନୀତିରେ ସୀମିତ ରଖିବା ।

ଆସ ଅନୁସନ୍ଧାନ କରିବା

→ କୋଲକାତା, ଚେନ୍ନାଇ କିମ୍ବା ମୁମ୍ବାଇ ଭଳି ନଗରଗୁଡ଼ିକ ଗାଁ କିମ୍ବା ଅନ୍ୟାନ୍ୟ ସହର ଅପେକ୍ଷା ଅଧିକ ଜଟିଳ ଏବଂ ବିବିଧ କାହିଁକି ?

→ ତୁମ ସହପାଠୀଙ୍କ ସହ, ସହଯୋଗ ନେଇ ତୁମ ପରିଚିତ ସହରରେ ରହୁଥିବା ବିଭିନ୍ନ ଗୋଷ୍ଠୀର ଏକ ତାଲିକା ପ୍ରସ୍ତୁତ କର । ତୁମେ କେତେ ଜଣଙ୍କୁ ତାଲିକାଭୁକ୍ତ କରିବାକୁ ସକ୍ଷମ ହେଲ ? ତୁମେ ତାଲିକାରେ ଆଉ କ'ଣ ଦେଖୁଛ ?

ସହରାଞ୍ଚଳରେ ଶାସନ ଓ ପ୍ରଶାସନକୁ ବୁଝିବା ପୂର୍ବରୁ ଗ୍ରାମୀଣଠାରୁ ଆରମ୍ଭ କରି ଜାତୀୟସ୍ତର ପର୍ଯ୍ୟନ୍ତ ଭାରତୀୟ ଶାସନ ବ୍ୟବସ୍ଥା ଉପରେ ସାମଗ୍ରିକ ଦୃଷ୍ଟି ଦେବ । ଯେପରିକି ପୃଷ୍ଠା ୧୮୧ର ଚିତ୍ର ୧୨.୨ରେ ଦର୍ଶାଯାଇଛି । ପିରାମିଡ଼ର ମୂଳ ଆଧାର ହେଉଛି ସ୍ଥାନୀୟ ସ୍ତର, ଯାହା ଲୋକଙ୍କ ନିକଟତର ଏବଂ ଶୀର୍ଷ ହେଉଛି ଜାତୀୟ ସ୍ତର । ଏକାଦଶତମ ଅଧ୍ୟାୟରେ ଆମେ ପିରାମିଡର ବାମ ପାର୍ଶ୍ୱକୁ ପଢ଼ିଥିଲେ, ଏବେ ଆମେ ଏହାର ଡାହାଣ ପାର୍ଶ୍ୱ ଉପରେ ଲକ୍ଷ୍ୟ ପକାଇବା ।



ଚିତ୍ର ୧୨.୨

ଆସ ଅନୁସନ୍ଧାନ କରିବା

ଉପରୋକ୍ତ ଚିତ୍ର ୧୨.୨ରେ, ପଞ୍ଚାୟତିରାଜ ବ୍ୟବସ୍ଥା ଏବଂ ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ଶାସନ ସରକାର ମଧ୍ୟରେ କ'ଣ ସମ୍ଭାବନା ଏବଂ ପାର୍ଥକ୍ୟ ରହିଛି ବୋଲି ତୁମେ ଭାବୁଛ ?

ସହରାଞ୍ଚଳର ସ୍ଥାନୀୟ ସ୍ୱାୟତ୍ତ ଶାସନ

ସହରାଞ୍ଚଳରେ ଥିବା ସ୍ଥାନୀୟ ସରକାରୀ ଢାଞ୍ଚାକୁ 'ସହରାଞ୍ଚଳର ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥା' କୁହାଯାଏ । ଏହାଦ୍ୱାରା ଶାସନର ବିକେନ୍ଦ୍ରୀକରଣ ହୋଇଛି, ଅର୍ଥାତ୍ ଶୀର୍ଷରେ କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କ ଅଧୀନରେ ସମ୍ପୂର୍ଣ୍ଣ ଶାସିତ ହେବା ପରିବର୍ତ୍ତେ, ସ୍ଥାନୀୟ ଗୋଷ୍ଠୀ ବା ଜନସାଧାରଣ ସେମାନଙ୍କ ଅଞ୍ଚଳର ଦୈନନ୍ଦିନ

ପରିଚାଳନା ବା ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ସିଧାସଳଖ ମତ ରଖନ୍ତି । ଏହା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ରହୁଥିବା ନାଗରିକମାନଙ୍କ ପାଇଁ ଏକାଠି ହୋଇ ସେମାନଙ୍କ ପାଇଁ ଯାହା ସର୍ବୋତ୍ତମ ଆବଶ୍ୟକ ସେ ବିଷୟରେ ନିଷ୍ପତ୍ତି ନେବାର ଏକ ବ୍ୟବସ୍ଥା ।

ଏହି ବ୍ୟବସ୍ଥାରେ ନଗର ଏବଂ ସହରଗୁଡ଼ିକୁ 'ୱାର୍ଡ଼' ନାମକ ଛୋଟ ଛୋଟ ୟୁନିଟରେ ବିଭକ୍ତ କରାଯାଇ ଥାଏ । ୱାର୍ଡ଼ କମିଟିଗୁଡ଼ିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ ପ୍ଲାଷ୍ଟିକ ବ୍ୟବହାର ବିରୋଧରେ ଅଭିଯାନ ଇତ୍ୟାଦି କାର୍ଯ୍ୟ କରିଥାନ୍ତି । ସେମାନେ ମଧ୍ୟ ଜଳଯୋଗାଣ ପାଇପ୍‌ରେ ଲିକ୍, ଜାମ୍ ହୋଇଥିବା ଜୋନ୍, କ୍ଷତିଗ୍ରସ୍ତ ରାସ୍ତା ଇତ୍ୟାଦିର ତ୍ରୁଟି ଉପରେ ନଜର ରଖନ୍ତି ଏବଂ କର୍ତ୍ତୃପକ୍ଷଙ୍କୁ ଏଭଳି ସମସ୍ୟା ବିଷୟରେ ଜଣାଇଥାନ୍ତି । ତେବେ ୱାର୍ଡ଼ଗୁଡ଼ିକ କାର୍ଯ୍ୟକଳାପ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ହୋଇଥାଏ, ଯାହାକି ସେହି ରାଜ୍ୟ ପ୍ରଣୟନ କରୁଥିବା ନିୟମ ଓ ସ୍ଥାନୀୟ ପରିଚାଳନା ଉପରେ ନିର୍ଭର କରେ ।

ମୋଟାମୋଟି ଭାବରେ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ ବିଭିନ୍ନ ସ୍ଥାନୀୟ କାର୍ଯ୍ୟ ପାଇଁ ଦାୟୀ, ଯଥା: – ଭିତ୍ତିଭୂମିର ଯତ୍ନ ନେବା, ଶ୍ମଶାନ ସ୍ଥଳର ରକ୍ଷଣାବେକ୍ଷଣ, ଆବର୍ଜନା ସଂଗ୍ରହ ଓ ଏହାର ପରିଚାଳନା ନିଷ୍କାସନ, ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତାର ସଠିକ୍ ଯାଞ୍ଚ, ସ୍ଥାନୀୟ ଟିକସ ଏବଂ ଜରିମାନା ଆଦାୟ ଇତ୍ୟାଦି । ସେହି ଅଞ୍ଚଳର ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ଯୋଜନା କରିବାରେ ମଧ୍ୟ ସେମାନଙ୍କର କିଛି ଭୂମିକା ରହିଛି ।

ଏହି ସଂସ୍ଥାଗୁଡ଼ିକ ସେମାନଙ୍କର କାର୍ଯ୍ୟକୁ ଦକ୍ଷତାର ସହ ସମ୍ପାଦନ କରିବାକୁ ସକ୍ଷମ ହେବାପାଇଁ, ସହରରେ ରହୁଥିବା ଲୋକମାନେ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବା ଆବଶ୍ୟକ, ଅର୍ଥାତ୍ ସେମାନଙ୍କୁ ନିଜ ଅଞ୍ଚଳ ପ୍ରତି ଯତ୍ନ ଏବଂ ଚିନ୍ତା ପ୍ରଦର୍ଶନ କରିବାକୁ ପଡ଼ିବ (ମନେରଖ, ଏହା ଏକ ଭାଗିଦାରୀ ଗଣତନ୍ତ୍ର) । ଉଦାହରଣ ସ୍ୱରୂପ, ଯଦି ଲୋକମାନେ ବର୍ଜ୍ୟବସ୍ତୁ ପୃଥକୀକରଣ ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀକୁ ସତର୍କତାର ସହ ପାଳନ କରନ୍ତି, ତେବେ ଆବର୍ଜନା ସଂଗ୍ରହ ସହଜ ହୋଇଯାଏ; କିମ୍ବା ଯଦି ସେମାନେ କୌଣସି ରାସ୍ତାରେ ପାଣି ଲିକ୍ ଦେଖିବାକୁ ପାଇବେ, ତେବେ ତୁରନ୍ତ ରିପୋର୍ଟ କଲେ ମୂଲ୍ୟବାନ ଜଳର ଅପଚୟକୁ ରୋକାଯାଇପାରିବ ।

ଆସ ଅନୁସନ୍ଧାନ କରିବା

ତୁମେ ଆଉ ଚାରି କିମ୍ବା ପାଞ୍ଚଟି କର୍ତ୍ତବ୍ୟ ସମ୍ପର୍କରେ କହିପାରିବ କି ? ଯାହାକୁ ସହରର ନାଗରିକମାନେ ସେମାନଙ୍କ ଅଞ୍ଚଳର ଉନ୍ନତି ପାଇଁ କରିପାରିବେ ?

ଚିତ୍ର ୧୨.୩ : ମାଦ୍ରାସ କର୍ପୋରେସନ

ମାଦ୍ରାସ କର୍ପୋରେସନ (ବର୍ତ୍ତମାନ ଗ୍ରେଟର ଚେନ୍ନାଇ କର୍ପୋରେସନ), ୨୯ ସେପ୍ଟେମ୍ବର ୧୬୮୮ରେ ସ୍ଥାପିତ,ହୋଇଥିଲା ଏବଂ ତାହା ଭାରତର ସର୍ବପୁରାତନ ପୌର ଅନୁଷ୍ଠାନ ଅଟେ । ଇଷ୍ଟ୍ ଇଣ୍ଡିଆ କମ୍ପାନୀ ପୂର୍ବ ବର୍ଷ ଏକ ଚାର୍ଟର (ନିୟମ) ଜାରି କରି ସେଣ୍ଟ ଜର୍ଜ, ଫୋର୍ଟ ସହର ଏବଂ ଫୋର୍ଟଠାରୁ ୧୬ କିଲୋମିଟର ମଧ୍ୟରେ ଥିବା ସମସ୍ତ ଅଞ୍ଚଳକୁ ଏକ ନିଗମରେ ପରିଣତ କରିଥିଲା । ୧୭୯୨ର ଏକ ସଂସଦୀୟ ଆଇନ ମାଦ୍ରାସ କର୍ପୋରେସନକୁ ସହରରେ ପୌର ଟିକସ ଆଦାୟ କରିବାର କ୍ଷମତା ଦେଇଥିଲା, ସେତେବେଳେ ପୌର ପ୍ରଶାସନ ଠିକ୍ ଭାବରେ ଆରମ୍ଭ ହୋଇଥିଲା ।

ଓଡ଼ିଶାରେ ପାଞ୍ଚଟି ମହାନଗର ନିଗମ (Municipal Corporation) ରହିଛି, ଯଥା:- କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା । ସେହିପରି ୪୮ଟି ପୌର ନିଗମ ବା ପୌର ପରିଷଦ ଓ ୬୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ରହିଅଛି ।

କଟକ ମହାନଗର ନିଗମ

ଭୁବନେଶ୍ୱର ମହାନଗର ନିଗମ

ସମ୍ବଲପୁର ମହାନଗର ନିଗମ

ରାଉରକେଲା ମହାନଗର ନିଗମ

ବ୍ରହ୍ମପୁର ମହାନଗର ନିଗମ

ଇନ୍ଦୋର ମହାନଗର ନିଗମ ଅଧୀନରେ ସେବା

ସମ୍ପତ୍ତି ଟିକସ

ଜଳ ଶୁଳ୍କ

କଠିନ ବର୍ଜ୍ୟବସ୍ତୁ ପରିଚାଳନା

ବ୍ୟବସାୟ, ହୋର୍ଡିଂ, ଟ୍ରେଡ୍ ଲାଇସେନ୍ସ

CRM* — ବିବାହ ପ୍ରମାଣପତ୍ର

CRM — ଅଗ୍ନିଶମ ସେବା

CRM — ବିଭିନ୍ନ ଲାଇସେନ୍ସ

CRM — ପାଣି ଟ୍ୟାଙ୍କର, ଆବର୍ଜନା ସଫା

ଗଛ କଟା ଓ ଗଛ ପରିବହନ

CRM – ଅଭିଯୋଗ

CRM – ଅନୁରୋଧ କ୍ରମେ ସେବା

ପାଣି ଟ୍ୟାଙ୍କର

ସେପ୍ଟିକ୍ ଟ୍ୟାଙ୍କର

ଅଡିଟୋରିୟମ୍

ଅନ୍ତିମ ସଂସ୍କାର ଗାଡ଼ି

ମୋବାଇଲ୍ ଶୌଚାଳୟ

ଆମ୍ବୁଲାନ୍ସ

*CRM- : ନାଗରିକ ସମ୍ପର୍କ ପରିଚାଳନା । (Citizen Relationship Management)

(ଇନ୍ଦୋର ମ୍ୟୁନିସିପାଲିଟି କର୍ପୋରେସନ୍ ଦ୍ୱାରା ପ୍ରଦାନ କରାଯାଉଥିବା ସେବାର ତାଲିକା ଏଠାରେ ସରଳୀକରଣ କରାଯାଇଛି)

ଚିତ୍ର ୧୨.୪ : ଇନ୍ଦୋର ମହାନଗର ନିଗମ ଅଧୀନରେ ସେବା

ଏହା ବିଷୟରେ ଚିନ୍ତା କର

ମଧ୍ୟପ୍ରଦେଶର ଇନ୍ଦୋରକୁ ସ୍ୱଚ୍ଛ ସର୍ବେକ୍ଷଣ ସରକାରୀ ଯୋଜନାରେ କ୍ରମାଗତ ୭ ବର୍ଷ ଧରି ଭାରତର ସବୁଠାରୁ ସ୍ୱଚ୍ଛ ସହର ଭାବେ ପୁରସ୍କୃତ କରାଯାଇଛି । ଏହି ସଫଳତାରେ ଇନ୍ଦୋର ନାଗରିକଙ୍କ ଭୂମିକା କ'ଣ ହୋଇଥିବ ?

ଆମେ ଜାଣିଲେ ଯେ, ଚେନ୍ନାଇ ଏବଂ ଇନ୍ଦୋରରେ ସହରାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ସର୍ବୋଚ୍ଚ ସ୍ତରରେ ମହାନଗର ନିଗମ (Muncipal Corporation) ରହିଅଛି। ୧୦ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ସହରରେ ମହାନଗର ନିଗମ ଦେଖାଯାଏ । କେବଳ ୧ ଲକ୍ଷ ରୁ ୧୦ ଲକ୍ଷ ମଧ୍ୟରେ ଜନସଂଖ୍ୟା ଥିବା ସହରଗୁଡ଼ିକରେ ପୌର ପରିଷଦ ବା ପୌରପାଳିକା (Municipality) ଓ କମ୍ ଜନସଂଖ୍ୟା ବିଶିଷ୍ଟ ସହରରେ ଏକ ନଗର ପଞ୍ଚାୟତ ବା ବିଜ୍ଞାପିତ ଅଞ୍ଚଳ ପରିଷଦ (NAC) ରହିଥାଏ ।

ଆସ ଅନୁସନ୍ଧାନ କରିବା

→ ତୁମେ ରାଜ୍ୟରୁ ଏବଂ ପଡ଼ୋଶୀ ରାଜ୍ୟରୁ କିଛି ସହର ଚୟନ କର । ଏଥିରେ ତୁମେ ରହୁଥିବା ସହର କିମ୍ବା ତୁମ ଗାଁ ନିକଟସ୍ଥ ସହର ଅନ୍ତର୍ଭୁକ୍ତ ହୋଇପାରେ । ତୁମେ କିପରି ଜାଣିବ ଯେ ସେଗୁଡ଼ିକ ନଗର ପଞ୍ଚାୟତ, ପୌର ପାଳିକା ଓ ପୌର ନିଗମ ମଧ୍ୟରୁ କେଉଁ ଶ୍ରେଣୀର ଶାସନକୁ ବ୍ୟବସ୍ଥା ରହିଅଛି । ସେହି ସହରଗୁଡ଼ିକର ନାମ ଏବଂ ସେଠାରେ ପ୍ରଚଳିତ ସ୍ୱାୟତ୍ତ ଶାସନର ପ୍ରକାର ଭେଦକୁ ନେଇ ଏକ ଟେବୁଲ୍ ପ୍ରସ୍ତୁତ କର ।

→ ସହରାଞ୍ଚଳର ସ୍ଥାନୀୟ ସଂସ୍ଥାଗୁଡ଼ିକ ସେମାନଙ୍କ କାର୍ଯ୍ୟକ୍ରମପାଇଁ ପାଣ୍ଠି ବା ଅର୍ଥ କିପରି ଯୋଗାଡ କରିଥାନ୍ତି ? ସୂଚନା: ପୃଷ୍ଠା ୧୮୫ରେ ଚିତ୍ର ୧୨.୪ରେ ଇନ୍ଦୋର ମ୍ୟୁନିସିପାଲିଟି କର୍ପୋରେସନ୍ ଦ୍ୱାରା ସମ୍ପାଦିତ କାର୍ଯ୍ୟର ଚିତ୍ରଗୁଡ଼ିକୁ ଧ୍ୟାନର ସହ ଦେଖ । ସେଗୁଡ଼ିକ ମଧ୍ୟରୁ କିଛି ସେବା ଦେୟ ପ୍ରାପ୍ତ ଅଟେ କି ?

ସମୀର: ନମସ୍କାର ! ମୁଁ ତୁମକୁ ପୂର୍ବରୁ ଏଠାରେ ଦେଖିନାହିଁ । ତୁମେ ଏହି ଗାଁରେ ନୂଆ କି ?

ଅନୀତା ହଁ, ମୁଁ ନିକଟରେ ରହୁଥିବା ମୋର ଜେଜେବାପା ଜେଜେମା'ଙ୍କୁ ଦେଖା କରିବାକୁ ଆସିଛି । ମୁଁ ସହରରୁ ଆସିଛି । ଏହି ଜାଗା ସହରଠାରୁ ଭିନ୍ନ ଅଟେ ।

ସମୀର: ସତରେ ? ସହରରେ କ'ଣ ସବୁ ଅଛି ?

ଅନୀତା: ଆଚ୍ଛା ସେ ସ୍ଥାନ ବ୍ୟସ୍ତତା ଏବଂ ଗହଳି ପୂର୍ଣ୍ଣ, ସବୁଠି ଉଚ୍ଚ କୋଠା ଘରମାନ ଅଛି । ସେଠାରେ ସବୁବେଳେ ଅନେକ ଲୋକଙ୍କ ଭିଡ଼ ରହିଥାଏ ଏବଂ ଏଠାକାର ନିରବତା ତୁଳନାରେ ତାହା କୋଳାହଳପୂର୍ଣ୍ଣ । ଏହା ବ୍ୟତୀତ ଲୋକମାନେ ଅଧିକ ସ୍ୱାଧୀନ ଏବଂ ଅନେକ ସମୟରେ ସେମାନେ ନିଜ ପଡ଼ୋଶୀଙ୍କୁ ମଧ୍ୟ ଜାଣନ୍ତି ନାହିଁ ।

ସମୀର: ମାତ୍ର ଏଠାରେ ତ ସମସ୍ତେ ସମସ୍ତଙ୍କୁ ଜାଣନ୍ତି ଏବଂ ପରସ୍ପରକୁ ସାହାଯ୍ୟ କରିବାପାଇଁ ଆଗେଇ ଆସନ୍ତି ଆମେ କ୍ଷେତରେ ଏକାଠି କାମ କରୁ, ଏକାଠି ପର୍ବପର୍ବାଣୀ ପାଳନ କରୁ ଏବଂ ଏପରିକି ଏକ ଗୋଷ୍ଠୀ ଭାବରେ ନିଷ୍ପତ୍ତି ନେଇଥାଉ ।

ଅନୀତା: ତଥାପି ସହରରେ ଏବେ ବି କିଛି ଗୋଷ୍ଠୀଗତ ଭାବନା ରହିଛି । ଦିନେ ପ୍ରବଳ ବର୍ଷା ଯୋଗୁଁ ଗୋଟିଏ ଘର ଭୁଶୁଡ଼ି ପଡ଼ିଥିଲା । ଭଗ୍ନାବଶେଷକୁ ସଫା କରିବା ଏବଂ କେହି ଯେପରି ଭିତରେ ଫସି ନରହନ୍ତି ସେଥିପାଇଁ ବିଭିନ୍ନ ସ୍ଥାନରୁ ଅନେକ ଲୋକ ଏକାଠି ହୋଇଥିଲେ ।

ସମୀର: ଏଭଳି ପରିସ୍ଥିତିରେ ସ୍ଥାନୀୟ ସରକାର ସାହାଯ୍ୟ କରନ୍ତି ନାହିଁ କି ?

ଅନୀତା: ହଁ, କରନ୍ତି । ବାସ୍ତବରେ ଆମର ସ୍ଥାନୀୟ ସଂସ୍ଥା ଏବଂ ନିର୍ବାଚିତ ପ୍ରତିନିଧି ଅଛନ୍ତି ଯେଉଁମାନେ ଆମର ସୁବିଧା ଅସୁବିଧାକୁ ବୁଝନ୍ତି ।

ସମୀର: ଆଚ୍ଛା, ଏହା ଆମ ଗ୍ରାମ ପଞ୍ଚାୟତ ପରି ଲାଗୁଛି, କେବଳ ଆକାରରେ ସାମାନ୍ୟ ବଡ଼ । କିନ୍ତୁ ଗ୍ରାମରେ ସମସ୍ତେ ପରସ୍ପରକୁ ଜାଣିଥିବାରୁ, ଅଧିକ ଲୋକ ଅଂଶଗ୍ରହଣ କରିପାରନ୍ତି ଏବଂ ଗାଁ ସହିତ ଜଡ଼ିତ ସମସ୍ତ ପ୍ରକାର ସମସ୍ୟା ଉପରେ ଆଲୋଚନା କରନ୍ତି । ବେଳେବେଳେ ଆମଭଳି ପିଲାମାନଙ୍କର କଥା ଓ ଅଭିଯୋଗ ପଞ୍ଚାୟତରେ ଗ୍ରହଣ କରାଯାଏ ।

ଅନୀତା: ସତରେ ? ତୁମେ ଅଧିକ କିଛି ଯୋଡ଼ି କରି କହୁନ ତ ?

ସମୀର: ଆଦୌ ନୁହେଁ । ଦିନେ କିଛି ପିଲା ଦେଖିଲେ ଯେ ଏକ ବିଦ୍ୟୁତ ତାର ବିପଜ୍ଜନକ ଭାବରେ ତଳକୁ ଝୁଲୁଛି, ଯାହା ଏକ କୋଠାର ଛାତକୁ ସ୍ପର୍ଶ କରୁଛି । ଆମେ କେବଳ ଏହାକୁ ସେମାନଙ୍କ ଦୃଷ୍ଟିକୁ ଆଣିଲୁ ନାହିଁ, ବରଂ ଆମେ ଆମର ଜଣେ ଗ୍ରାମସଭା ସଦସ୍ୟଙ୍କୁ ବୁଝାଇଥିଲୁ ଯେ ଏହି ଇଲେକ୍ଟ୍ରିକ୍ ପୋଷ୍ଟକୁ ଟିକିଏ ସ୍ଥାନାନ୍ତର କରାଯିବା ଉଚିତ୍ ଏବଂ ଏହା କରାଯାଇଥିଲା ମଧ୍ୟ ।

ଅନୀତା: ବହୁତ ଭଲ । ମୁଁ ଭାବୁଛି ଗଣତନ୍ତ୍ର ଏହିପରି କାମ କରିବା ଉଚିତ । ସହରରେ ଏହା ଅଧିକ ଜଟିଳ ଲାଗୁଛି, କିନ୍ତୁ ଧାରଣା ସମାନ । ସମସ୍ତଙ୍କ ସ୍ୱର ଗୁରୁତ୍ୱପୂର୍ଣ୍ଣ ।

ସମୀର: ଏଥର ମୋତେ ଯିବାକୁ ହେବ । ଟିକିଏ ସପିଂ ପାଇଁ ମା'ଙ୍କୁ ମୋର ସାହାଯ୍ୟ ଦରକାର । ସହର ବିଷୟରେ ମୋତେ କିଛି କହିଥିବାରୁ ଧନ୍ୟବାଦ ।

ଅନୀତା: ତୁମ ଗାଁ ବିଷୟରେ ମୋତେ ଜଣାଇଥିବାରୁ ଧନ୍ୟବାଦ ! ମୁଁ ନିଶ୍ଚିତ ଭାବରେ ଚାରିଆଡ଼େ ବୁଲି ଦେଖିବି ।

ସମୀର: ଆଚ୍ଛା, ହୁଏତ ଆମେ ପୁଣି ଥରେ ଦେଖାହେବା, ନମସ୍କାର ।

ଆମେ କ'ଣ ଶିଖିଲେ...

- → ସହରାଞ୍ଚଳରେ ବିକେନ୍ଦ୍ରୀକୃତ ଶାସନ ବ୍ୟବସ୍ଥା ବିଭିନ୍ନ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ମାଧ୍ୟମରେ କାର୍ଯ୍ୟ କରିଥାଏ, ଯାହା ନାଗରିକଙ୍କ ଜୀବନକୁ ପ୍ରଭାବିତ କରୁଥିବା ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିଥାଏ ।
- → ଗ୍ରାମାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ଶାସନ ପରି ସହରାଞ୍ଚଳ ଶାସନ ବ୍ୟବସ୍ଥାର ନିର୍ବାଚିତ ପ୍ରତିନିଧିମାନେ ସ୍ଥାନୀୟ ନାଗରିକଙ୍କ ପ୍ରତିନିଧିତ୍ୱ କରନ୍ତି ।
- → ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାମାନେ ଯେପରି ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରନ୍ତି ତାହା ସୁନିଶ୍ଚିତ କରିବା ମଧ୍ୟ ନାଗରିକମାନଙ୍କର କର୍ତ୍ତବ୍ୟ ।

ପ୍ରଶ୍ନ, ଅଭ୍ୟାସ କାର୍ଯ୍ୟ ଏବଂ ପ୍ରକଳ୍ପ

୧. ତୁମେ ସ୍କୁଲଯିବା ବାଟରେ, ତୁମେ ଏବଂ ତୁମ ସାଙ୍ଗମାନେ ଦେଖିଲ ଯେ ଏକ ପାଣି ପାଇପ୍ ଲିକ୍ ହେଉଛି । ଲିକ୍ ଯୋଗୁଁ ବହୁ ପରିମାଣରେ ପାଣି ନଷ୍ଟ ହେଉଛି । ଏଭଳି ପରିସ୍ଥିତିରେ ତୁମେ ଏବଂ ତୁମ ସାଙ୍ଗମାନେ କ'ଣ କରିବ ?

୨. ତୁମ ଶ୍ରେଣୀକୁ ତୁମ ନିକଟସ୍ଥ ଏକ ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାର ସଦସ୍ୟଙ୍କୁ ନିମନ୍ତ୍ରଣ କର । ସେମାନଙ୍କ ସହ ସେମାନଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଆଲୋଚନା କର। ସେମାନଙ୍କୁ ପଚାରିବା ପାଇଁ ଏକ ପ୍ରଶ୍ନ ପତ୍ର ପ୍ରସ୍ତୁତ କର ଯାହା ଦ୍ୱାରା ବୈଠକ ଫଳପ୍ରଦ ହେବ ।

୩. ତୁମ ପରିବାର ଏବଂ ପଡୋଶୀ ପ୍ରାପ୍ତ ବୟସ୍କ ସଦସ୍ୟମାନଙ୍କ ସହିତ ଆଲୋଚନା କର ଏବଂ ସହରାଞ୍ଚଳର ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାଠାରୁ ସେମାନଙ୍କର ଆବଶ୍ୟକତାର ଏକ ତାଲିକା ପ୍ରସ୍ତୁତ କର ।

୪. ଏକ ଉତ୍ତମ ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାର ବୈଶିଷ୍ଟ୍ୟ ଗୁଡ଼ିକର ତାଲିକା ପ୍ରସ୍ତୁତ କର ।

୫. ଗ୍ରାମାଞ୍ଚଳରେ ପଞ୍ଚାୟତିରାଜ ବ୍ୟବସ୍ଥା ଏବଂ ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥା ମଧ୍ୟରେ ପାର୍ଥକ୍ୟ କ'ଣ ?

ଆମ ଲେଖା ଆମ ଚିତ୍ର

କାର୍ଯ୍ୟର ମୂଲ୍ୟ

ଅଧ୍ୟାୟ ୧୩

"ଯେତେବେଳେ ତୁମେ କୌଣସି କାମ କରୁଛ, ଏହା ବ୍ୟତୀତ ଆଉ କିଛି ଚିନ୍ତା କର ନାହିଁ । ଏହାକୁ ବ୍ରତ ଭାବରେ ଏପରିକି, ସର୍ବୋତ୍ତମ ବ୍ରତ ଭାବରେ ନିଜର ପୁରା ଜୀବନ ନିୟୋଜିତ କର ।

– ସ୍ୱାମୀ ବିବେକାନନ୍ଦ"

ଆସ ଚିନ୍ତା କରିବା ?

୧. ଲୋକମାନେ କେଉଁ ପ୍ରକାରର କାର୍ଯ୍ୟକଳାପରେ ନିୟୋଜିତ ହୁଅନ୍ତି ?

୨. ଆମର ଦୈନନ୍ଦିନ ଜୀବନରେ ସେମାନଙ୍କର ଅବଦାନ କ'ଣ ?

ଅନୁ ଓ କବୀର ପାର୍କରେ ଖେଳୁଥିବା ବେଳେ ପଡ଼ୋଶୀ ଗୀତା ମାଉସୀଙ୍କୁ ଟ୍ୟାକ୍ସିରୁ ଓହ୍ଲାଉଥିବା ଦେଖିଲେ । ସେ ୟୁନିଫର୍ମ ପିନ୍ଧିଥିଲେ ଏବଂ କାର୍ଯ୍ୟ ସାରି ଘରକୁ ଫେରୁଥିଲେ । ବାୟୁସେନାର ଜଣେ ପାଇଲଟ ଭାବରେ ସମଗ୍ର ସହର ପାଇଁ ସେ ଗୌରବ ଥିଲେ ।





ଆଖପାଖ ପିଲାମାନଙ୍କୁ ମାଗଣା ଭୁଗୋଳ ଶିକ୍ଷା ପ୍ରଦାନ କରୁଛନ୍ତି...



... ଆମ ପରିବା ବଗିଚାର ଯତ୍ନ ନେଉଛନ୍ତି, ଏବଂ...



... ଘର ପାଇଁ ଜିନିଷପତ୍ର କିଣାକିଣିରେ ସାହାଯ୍ୟ କରୁଛନ୍ତି ।

ମୋ ପିତାମାତାଙ୍କର ଏକ ଡ୍ରେସ୍ ଦୋକାନ ଅଛି ଯେଉଁଠାରେ ୟୁନିଫର୍ମ ଓ ଅନ୍ୟାନ୍ୟ ପୋଷାକ ବିକ୍ରି ହୁଏ । ବାପା ସକାଳୁ ଶୀଘ୍ର ଦୋକାନକୁ ଚାଲିଯାଆନ୍ତି ଏବଂ ଆମେ ସ୍କୁଲକୁ ଯିବା ପରେ ମା ଦୋକାନକୁ ଯାଇ କାମରେ ସାହାଯ୍ୟ କରନ୍ତି ।

ସାଧାରଣତଃ ଆମେ ସ୍କୁଲରୁ ଘରକୁ ଫେରିବା ବେଳକୁ ମା ଫେରି ଆସନ୍ତି । ସେ ଏକ ସ୍ୱେଚ୍ଛାସେବୀ ସଂଗଠନରେ ଯୋଗଦାନ କରି ଗୋଷ୍ଠୀର ମହିଳାମାନଙ୍କୁ ସିଲେଇ ଓ ହାତବୁଣା କାମ ଶିଖାନ୍ତି ।



ତୁମେ ମୋର ବଡ଼ଭାଇ ରୋହନକୁ ମନେ ରଖିଛ କି ? ଯେତେବେଳେ ସେ ମୋତେ ସ୍କୁଲରୁ ନେବାକୁ ଆସିଥିଲେ ସେତେବେଳେ ତୁମେ ତାଙ୍କୁ ଭେଟିଥିଲ। ସେ ଜଣେ ସଫ୍ଟୱେର ଇଞ୍ଜିନିୟର ଏବଂ କମ୍ପ୍ୟୁଟର ଆପ୍ଲିକେଶନ୍ ତିଆରି କରୁଥିବା ଏକ କମ୍ପାନୀରେ କାମ କରନ୍ତି । ସପ୍ତାହ ଶେଷରେ ସେ ସ୍ୱେଚ୍ଛାସେବୀ ଭାବେ ନିକଟସ୍ଥ କଲେଜର ଯୁବ ବିକାଶ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଲୋକଙ୍କୁ କମ୍ପ୍ୟୁଟର କୌଶଳ ଶିଖାନ୍ତି ।

ବାଃ, ଅନୁ, ଆମ ଆଖପାଖରେ ଥିବା ସମସ୍ତେ ପ୍ରତିଦିନ ଅନେକ କାମ କରନ୍ତି ।

ଆସ ଅନୁସନ୍ଧାନ କରିବା

ଅନୁ ଏବଂ କବୀରଙ୍କ କାହାଣୀରେ ଲୋକମାନେ କେଉଁ କାର୍ଯ୍ୟକଳାପରେ ନିୟୋଜିତ ଥିଲେ ? ନିମ୍ନରେ ଦିଆଯାଇଥିବା ସାରଣୀରେ ସେଗୁଡ଼ିକ ଉଲ୍ଲେଖ କର ।

କାହାଣୀର ଚରିତ୍ର	ନିୟୋଜିତ ହୋଇଥିବା କାର୍ଯ୍ୟ	

ଉପରୋକ୍ତ ଆଲୋଚନା ଭଳି, ବିଭିନ୍ନ ପ୍ରକାର କାର୍ଯ୍ୟକଳାପକୁ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଛି ଯଥା- ଅର୍ଥନୈତିକ କାର୍ଯ୍ୟକଳାପ ଏବଂ ଅଣ-ଅର୍ଥନୈତିକ କାର୍ଯ୍ୟକଳାପ ।

ଅର୍ଥନୈତିକ କାର୍ଯ୍ୟକଳାପ ଗୁଡ଼ିକ ହେଉଛି, ଯେଉଁଥିରେ ଟଙ୍କା କିମ୍ବା ଟଙ୍କା ବଦଳରେ ଅନ୍ୟ କିଛି କାର୍ଯ୍ୟ ସମ୍ପାଦନ କରାଯାଏ । ସମ୍ପୃକ୍ତ ବ୍ୟକ୍ତିମାନଙ୍କ ପାଇଁ ଅର୍ଥ ବା ଟଙ୍କାର ମୂଲ୍ୟ ରହିଛି । ଉଦାହରଣ ସ୍ୱରୂପ, ବଜାରରେ ସ୍କୁଲ ବ୍ୟାଗ୍ ବିକ୍ରି କରୁଥିବା ଜଣେ ବ୍ୟବସାୟୀ, ବଜାରରେ ଉତ୍ପାଦିତ ଦ୍ରବ୍ୟ ବିକ୍ରି କରୁଥିବା ଜଣେ କୃଷକ, ମାମଲା ରୁଜୁ କରି ଶୁଳ୍କ ରୋଜଗାର କରୁଥିବା ଜଣେ ଓକିଲ, ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ମାଲ ପରିବହନ କରୁଥିବା ଟ୍ରକ୍ ଡ୍ରାଇଭର୍, କାର୍ ନିର୍ମାଣ କାରଖାନାରେ ନିୟୋଜିତ ଶ୍ରମିକ ଇତ୍ୟାଦି ଟଙ୍କା ବଦଳରେ ଦ୍ରବ୍ୟ ବିକ୍ରି ଓ କାର୍ଯ୍ୟ କରିଥା'ନ୍ତି ।

ପଇସାର ମୂଲ୍ୟ (Money's Worth): ଜଣେ ବ୍ୟକ୍ତି, ଏକ ବସ୍ତୁ ଉପରେ ଯେଉଁ ଆର୍ଥିକ ମୂଲ୍ୟ ରଖିଥାଏ ଏଥିରୁ ସେମାନେ ଯେଉଁ ଲାଭ ପାଆନ୍ତି ତାହା ଉପରେ ଏହା ଆଧାରିତ ।

ବଜାର ଏପରି ଏକ ସ୍ଥାନ ଯେଉଁଠାରେ ଲୋକମାନେ ଦ୍ରବ୍ୟ ଏବଂ ସେବାର ବିନିମୟରେ ଏକାଠି ହୁଅନ୍ତି । ଲୋକମାନେ ସାମଗ୍ରୀ ପାଇଁ ଜିନିଷ ଏବଂ ସେବା ବିନିମୟ କରିପାରନ୍ତି କିନ୍ତୁ ଅଧିକାଂଶ ବଜାରରେ ଟଙ୍କା ପାଇଁ ଏଗୁଡ଼ିକ ବିନିମୟ କରାଯାଏ ।

ଶୁଳ୍କ: ବୃତ୍ତିଗତ ପରାମର୍ଶ କିମ୍ବା ସେବା ବଦଳରେ କୌଣସି ବ୍ୟକ୍ତି କିମ୍ବା ସଂସ୍ଥାକୁ ଦିଆଯାଇଥିବା ଦେୟ । ଉଦାହରଣ ସ୍ୱରୂପ, ଜଣେ ଡାକ୍ତର ଏବଂ ଜଣେ ଓକିଲଙ୍କୁ ଦିଆଯାଇଥିବା ଏକ ପାଉଣା ।

ଅଣ-ଅର୍ଥନୈତିକ କାର୍ଯ୍ୟକଳାପ ହେଉଛି ଏମିତି କାର୍ଯ୍ୟକଳାପ ଯାହା ସମ୍ପତ୍ତି ସୃଷ୍ଟି କରେ ନାହିଁ ବରଂ କୃତଜ୍ଞତା, ପ୍ରେମ, ଯତ୍ନ ଏବଂ ସମ୍ମାନ ଭଳି ଭାବନାକୁ ବୁଝାଏ । ଉଦାହରଣ ସ୍ୱରୂପ, ପିତାମାତା, ପରିବାର

ବାମରୁ ଡାହାଣ ଓ ଉପରରୁ ତଳକୁ: ବିକ୍ରୟ କରୁଥିବା ଜଣେ ବ୍ୟବସାୟୀ ବଜାରରେ ସ୍କୁଲ ବ୍ୟାଗ୍ ବିକ୍ରି କରୁଛନ୍ତି, ଚାଷୀ ବଜାରରେ ନିଜର ଅମଳକୁ ବିକ୍ରି କରୁଛନ୍ତି, ମାମଲା ଲଢୁଥିବା ଜଣେ ଓକିଲ, ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ମାଲ ପରିବହନ କରୁଛନ୍ତି ଜଣେ ଟ୍ରକ୍ ଡ୍ରାଇଭର ଓ କାର୍ ନିର୍ମାଣ କାରଖାନାରେ କାମ କରୁଥିବା ଶ୍ରମିକ

ପାଇଁ ଖାଦ୍ୟ ରୋଷେଇ କରନ୍ତି କିମ୍ବା ସେମାନଙ୍କ ପିଲାମାନଙ୍କୁ ସ୍କୁଲ କାମରେ ସାହାଯ୍ୟ କରନ୍ତି, ଯୁବକମାନେ ଜେଜେବାପା ଜେଜେମାଙ୍କ ଯତ୍ନ ନିଅନ୍ତି, ଘର ରକ୍ଷଣାବେକ୍ଷଣରେ ପରିବାର ସଦସ୍ୟଙ୍କୁ ସାହାଯ୍ୟ କରନ୍ତି ଇତ୍ୟାଦି ।

ବାମରୁ ଡାହାଣ: ପରିବାର ପାଇଁ ପିତାମାତା ଖାଦ୍ୟ ରୋଷେଇ କରୁଛନ୍ତି ଓ ମା' ନିଜ ପିଲାଙ୍କୁ ବିଦ୍ୟାଳୟ କାର୍ଯ୍ୟ କରିବାରେ ସାହାଯ୍ୟ କରୁଛନ୍ତି ।

ବାମରୁ ଡାହାଣ : ନାତୁଣୀ ଜେଜେମାଙ୍କ ଯତ୍ନ ନେଉଛି ତ ପରିବାର ଲୋକେ ଘରର ରକ୍ଷଣାବେକ୍ଷଣରେ ସହଯୋଗ କରୁଛନ୍ତି ।

ଆସ ଅନୁସନ୍ଧାନ କରିବା

ପୃଷ୍ଠା ୧୯୩ରେ ଦିଆଯାଇଥିବା ସାରଣୀରେ, ତୁମେ ତୃତୀୟ ସ୍ତମ୍ଭଟିକୁ ଖାଲି ରହିଥିବା ଦେଖିଥିବ ? ଏହି ସ୍ତମ୍ଭକୁ ଅର୍ଥନୈତିକ କାର୍ଯ୍ୟକଳାପ'/ଅଣ-ଅର୍ଥନୈତିକ କାର୍ଯ୍ୟକଳାପ ଭାବେ ନାମକରଣ କର। ବର୍ତ୍ତମାନ ସେମାନଙ୍କୁ କାର୍ଯ୍ୟକଳାପର ପ୍ରକୃତି ଅନୁଯାୟୀ ବର୍ଗୀକରଣ କର ।

ଅନୁ ଏବଂ କବୀରଙ୍କ କାହାଣୀରେ ଗୀତା ମାଉସୀ ବାୟୁସେନାର ଜଣେ ଦରମା ପ୍ରାପ୍ତ ପାଇଲଟ୍ । ସେ ଦେଶର ସେବା କରିବା ସହ ଅର୍ଥନୈତିକ କାର୍ଯ୍ୟକଳାପର ମଧ୍ୟ ସାମିଲ ଅଛନ୍ତି । ଅନୁଙ୍କ ଭାଇ ରୋହନ ଏକ ସଫ୍ଟୱେର କମ୍ପାନୀରେ କାମ କରନ୍ତି ଏବଂ ଏଥିପାଇଁ ତାଙ୍କୁ ଦରମା ମିଳିଥାଏ । ସପ୍ତାହ ଶେଷରେ, ସେ ନିକଟସ୍ଥ କଲେଜର ଯୁବ ବିକାଶ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଭାବରେ ମଧ୍ୟ ଯୋଗ ଦିଅନ୍ତି, ଯେଉଁଠାରେ ସେ ଯୁବକମାନଙ୍କୁ କମ୍ପ୍ୟୁଟର କୌଶଳ ଶିଖାନ୍ତି; ଯାହାକି ଏକ ଅଣ-ଅର୍ଥନୈତିକ କାର୍ଯ୍ୟକଳାପ ଅଟେ ।

ଦରମା (Salary): ଏକ ନିର୍ଦ୍ଧାରିତ ନିୟମିତ ଦେୟ ସାଧାରଣତଃ ଜଣେ ନିଯୁକ୍ତିଦାତାଙ୍କ ଦ୍ୱାରା ଜଣେ କର୍ମଚାରୀକୁ ମାସିକ ପ୍ରଦାନ କରାଯାଏ ।

ଏହା ବିଷୟରେ ଚିନ୍ତା କର

- କବୀରଙ୍କ ଜେଜେବାପା ସ୍ୱେଚ୍ଛାକୃତ ଭାବରେ ପଡ଼ୋଶୀ ପିଲାମାନଙ୍କୁ ମାଗଣାରେ ଶିକ୍ଷା ଦିଅନ୍ତି । ଏହା ଏକ ଅର୍ଥନୈତିକ କାର୍ଯ୍ୟକଳାପ ନା ଅଣ-ଅର୍ଥନୈତିକ କାର୍ଯ୍ୟକଳାପ ? ତୁମକୁ ବିଦ୍ୟାଳୟରେ ଶିକ୍ଷା ଦେଉଥିବା ତୁମ ଶିକ୍ଷକମାନଙ୍କଠାରୁ ଏହା କିପରି ଭିନ୍ନ ? ସହପାଠୀଙ୍କ ସହ ଆଲୋଚନା କର ।
- କିଛି ଅଣ-ଅର୍ଥନୈତିକ କାର୍ଯ୍ୟକଳାପର ନାମ କୁହ ଯାହା ତୁମ ଏବଂ ତୁମ ପରିବାର ପାଇଁ ଗୁରୁତ୍ୱପୂର୍ଣ୍ଣ ? ସେଗୁଡ଼ିକ କାହିଁକି ମୂଲ୍ୟବାନ ?

ଅର୍ଥନୈତିକ କାର୍ଯ୍ୟକଳାପର ପ୍ରକାର ଭେଦ ।

କାବ୍ୟା କମଳାପୁର ଗାଁରେ ଥିବା ମାଉସୀ ଘରକୁ ଯିବାପାଇଁ ଉତ୍ସାହିତ ଥିଲା । ଯିବା ବାଟରେ ସେ ଦେଖିଲା ଯେ ଗାଁ ନିକଟରେ ଏକ ରାଜପଥ ନିର୍ମାଣ କରାଯାଉଛି ଏବଂ ନିର୍ମାଣ ସ୍ଥଳରେ ଭିଡ଼ ଜମିଛି । ଏସକାଭେଟର ଓ ବୁଲଡୋଜର ଭଳି ବଡ଼ ବଡ଼ ମେସିନ୍ ଗୁଡ଼ିକ ଉତ୍ସର୍ଗୀକୃତ ଟେକ୍ନିସିଆନଙ୍କ ଦ୍ୱାରା ପରିଚାଳିତ ହେଉଛି । ଏହି ନୂତନ ରାଜପଥ ନିର୍ମାଣ ଦ୍ୱାରା ନିକଟସ୍ଥ ସହରକୁ ଯାତ୍ରା ସମୟ ୫ ଘଣ୍ଟାରୁ

ଚିତ୍ର ୧୩.୧

ମାତ୍ର ୨ ଘଣ୍ଟାକୁ ହ୍ରାସ ହୋଇଯିବ । କାବ୍ୟା ଭାବିଲା ଯେ ରାଜପଥ ପ୍ରସ୍ତୁତ ହେବା ପରେ ସେ ତାଙ୍କ ମାଉସୀଙ୍କୁ ଅଧିକ ଥର ଦେଖା କରିବାକୁ ସକ୍ଷମ ହେବ, କାରଣ ସେଠାକୁ ଯିବାକୁ କମ୍ ସମୟ ଲାଗିବ । ଏହି ଭାବନାରେ ଖୁସି ହୋଇ କାବ୍ୟା ନିଜ ମାଉସୀଙ୍କୁ ଅଭିନନ୍ଦନ ଜଣାଇବାକୁ ଏବଂ ସ୍ୱାଦିଷ୍ଟ ଜିଲାପି ଖାଇବାକୁ ଦୌଡ଼ି ଆସିଲା, ଯାହା ତାଙ୍କ ମାଉସୀ ତିଆରି କରିଥିଲେ । ସେମାନଙ୍କ ସହ କାବ୍ୟାଙ୍କ ମାମୁଁ ମଧ୍ୟ ଥିଲେ, ଯିଏ କି ନିକଟରେ କାମ ସାରି ଘରକୁ ଫେରିଥିଲେ । ସେ ଏକ ନିର୍ମାଣ କମ୍ପାନୀରେ ଟେକ୍ନିସିଆନ୍ ଏବଂ ବୁଲଡୋଜର ଚାଳକ ଥିଲେ ଓ ସେବା ପାଇଁ ତାଙ୍କୁ ମାସିକ ଦରମା ମିଳୁଥିଲା ।

ଚିତ୍ର ୧୩.୨

ପରଦିନ କାବ୍ୟାଙ୍କ ମାଉସୀ ସକାଳୁ ଉଠି ଘରକାମ ଶେଷ କରି କାମକୁ ଚାଲିଗଲେ ।

ଚିତ୍ର ୧୩.୩

ସେ ଗାଁ ଡାକଘରେ ଚାକିରି କରନ୍ତି ଏବଂ ମାସିକ ଦରମା ପାଆନ୍ତି । ସନ୍ଧ୍ୟାରେ ଅଫିସ୍ କାମ ସାରି ସେ ଅନ୍‌ଲାଇନ୍ ବା ଆଭାସୀ ଶିକ୍ଷଣ ଆୟୋଜନ କରନ୍ତି ଓ ଛାତ୍ରଛାତ୍ରୀଙ୍କୁ ସ୍କୁଲ୍ ପରୀକ୍ଷା ପାଇଁ ପ୍ରସ୍ତୁତିରେ ସାହାଯ୍ୟ କରିଥାନ୍ତି । ସେ ଏହି କ୍ଲାସ୍ ବା ଶିକ୍ଷଣ ପାଇଁ ସାପ୍ତାହିକ 'ଫି' ବା ଦେୟ ଆଦାୟ କରନ୍ତି । ସପ୍ତାହ ଶେଷରେ କାବ୍ୟା ତାଙ୍କ ମାଉସୀଙ୍କ ସହ କିଛି ସ୍ୱାଦିଷ୍ଟ ଆମ୍ବ ଖାଇବା ପାଇଁ ସ୍ଥାନୀୟ ଆମ୍ବ ବଗିଚାକୁ ଯାଇଥିଲା ।

ଚିତ୍ର ୧୩.୪

ସେଠାରେ ସେ ସାହିଲ ନାମକ ଜଣେ କୃଷି ଶ୍ରମିକଙ୍କୁ ଦେଖିଲା, ଯିଏ କି ନିକଟସ୍ଥ ଜଣେ କୃଷକଙ୍କ ଜମି ଚାଷ କରିବା ପାଇଁ ଟ୍ରାକ୍ଟର ବ୍ୟବହାର କରୁଥିଲେ । ସେ ତାଙ୍କ କାମ ପାଇଁ ଦୈନିକ ରୋଜଗାର ରୂପରେ ମଜୁରୀ ପାଇଥାନ୍ତି । ଏଥିପାଇଁ ତାଙ୍କୁ ନଗଦରେ କିଛି ଦରମା ମିଳେ ଏବଂ ଅବଶିଷ୍ଟ ଅଂଶ ସମାନ ମୂଲ୍ୟର ଆମ୍ବ ଆକାରରେ ମିଳେ । ତାଙ୍କ କାର୍ଯ୍ୟର ଏକ ଅଂଶ ଭାବରେ ତାଙ୍କୁ ମିଳୁଥିବା ଆମ୍ବକୁ ଏକ ପ୍ରକାରର ଦେୟ କୁହାଯାଏ ।

ମଜୁରୀ (Wage): ନିଯୁକ୍ତିଦାତା ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଶ୍ରମିକଙ୍କୁ ଦେୟ ପ୍ରଦାନ କରନ୍ତି । ଦ୍ରବ୍ୟ ଆକାରରେ ଦେୟ ସମ୍ପାଦିତ କାର୍ଯ୍ୟ ପାଇଁ ପ୍ରାପ୍ତ ଏକ ଅଣ-ନଗଦ (Non Cash) ଦେୟ ।

ଏହା ବିଷୟରେ ଚିନ୍ତା କର

ଆଜି ତୁମ ଘରୁ ସ୍କୁଲ ଯିବା ବାଟରେ ଲୋକମାନେ କେଉଁ ସବୁ ଅର୍ଥନୈତିକ କାର୍ଯ୍ୟରେ ନିୟୋଜିତ ଅଛନ୍ତି ତାହା ମନେ ପକାଇପାରିବ କି ? ସେହି ଲୋକମାନଙ୍କୁ କେଉଁ ଉପାୟରେ ତାଙ୍କର ପ୍ରାପ୍ୟ ଦିଆଯାଏ ବୋଲି ତୁମେ ଭାବୁଛ ?

ବର୍ତ୍ତମାନ ଆମେ ବୁଝିପାରୁଛୁ ଯେ, ଅର୍ଥନୈତିକ କାର୍ଯ୍ୟକଳାପ ହେଉଛି ସେହିକାର୍ଯ୍ୟ ପାଇଁ ମୁଦ୍ରାମୂଲ୍ୟର ସୃଷ୍ଟି । ଅର୍ଥନୈତିକ କାର୍ଯ୍ୟକଳାପ ମଧ୍ୟ କିଛି ଦ୍ରବ୍ୟକୁ ଅନ୍ୟ ରୂପରେ ରୂପାନ୍ତରିତ କରିବା ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟରେ ମୂଲ୍ୟ ଯୋଡ଼ିଥାଏ । ଏହାକୁ ମୂଲ୍ୟ ସଂଯୋଜନ କୁହାଯାଏ ।

ଏହାକୁ ବୁଝିବା ପାଇଁ ଆସ କାବ୍ୟାଙ୍କ ବାପା ରାଜେଶଙ୍କ ଉଦାହରଣ ନେବା ।

ରାଜେଶ ଜଣେ ବଢ଼େଇ, ଯିଏ ଆସବାବପତ୍ର ତିଆରି କରିବା ପାଇଁ ନିକଟସ୍ଥ ବଜାରରୁ ୬୦୦ ଟଙ୍କାରେ କାଠ କିଣୁଛନ୍ତି ।

ଆସବାବପତ୍ର ନିର୍ମାଣ ପାଇଁ ସେ ସ୍ୱତନ୍ତ୍ର ଉପକରଣ ଏବଂ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରନ୍ତି ।

ବଜାରରେ ରାଜେଶ ଗୋଟିଏ ଚେୟାର ୧୦୦୦ ଟଙ୍କାରେ ବିକ୍ରି କରୁଛନ୍ତି ।

ଚେୟାର ପାଇଁ କାଠର ମୂଲ୍ୟ ୬୦୦ ଟଙ୍କା ରହିଛି । ତେବେ ଅବଶିଷ୍ଟ ୪୦୦ ଟଙ୍କା (୧୦୦୦-୬୦୦ ଟଙ୍କା) ରାଜେଶଙ୍କ ଦକ୍ଷତା, ସମୟ ଏବଂ ପରିଶ୍ରମର ଆର୍ଥିକ ମୂଲ୍ୟ ହିଁ ସେହି ଚେୟାର ତିଆରିରେ ଖର୍ଚ୍ଚ ହୋଇଛି । ରାଜେଶ କାଠକୁ ଆସବାବପତ୍ରରେ ପରିଣତ କରି ଏହାର ମୂଲ୍ୟ ବଢ଼ାଇଛନ୍ତି । କାଠ କିଣିବାଠାରୁ ଆରମ୍ଭ କରି ଚେୟାର ବିକ୍ରି କରିବା ପର୍ଯ୍ୟନ୍ତ ଏହି ସବୁ କାର୍ଯ୍ୟରେ ଦେୟ ଦେବାକୁ ପଡ଼ିଥାଏ । ତେଣୁ ସେମାନେ ଅର୍ଥନୈତିକ କାର୍ଯ୍ୟକଳାପର ଏକ ଅଂଶ ଅଟନ୍ତି ।

ଆସ ଅନୁସନ୍ଧାନ କରିବା

ସେହି କାର୍ଯ୍ୟକଳାପ ବା ବୃତ୍ତି ଯାହାକୁ ତୁମେ ଭାବୁଛଯେ ଏହା ଆର୍ଥିକ ମୂଲ୍ୟ ସୃଷ୍ଟି କରେ ସେଠାରେ ଏକ ଠିକ୍ ଚିହ୍ନ ଦିଅ ଶେଷରେ ଦୁଇଟି ଖାଲି ଧାଡ଼ିରେ ତୁମେ ଦୁଇଟି କାର୍ଯ୍ୟକଳାପ ଏବଂ ଅର୍ଥ ସମ୍ବନ୍ଧୀୟ ମୂଲ୍ୟ ସୃଷ୍ଟିର ଉଦାହରଣ ଦିଅ ?

କାର୍ଯ୍ୟକଳାପ / ବୃତ୍ତି	ଅର୍ଥ ସମ୍ବନ୍ଧୀୟ ମୂଲ୍ୟ ସୃଷ୍ଟିର ଉଦାହରଣ
୧. ବେକର (Baker), ପାଉରୁଟି, କେକ୍ ତିଆରି	
୨. ଦର୍ଜି	
୩. ଜଣେ ଚାଷୀ ତାଙ୍କର ଟ୍ରାକ୍ଟର ମରାମତି କରୁଛନ୍ତି	
୪. ଡାକ୍ତର	
୫. ପିତାମାତା ମାନେ ନିଜ ପରିବାର ପାଇଁ ରାତ୍ରି ଭୋଜନ ରୋଷେଇ କରନ୍ତି	
୬. ବୈଜ୍ଞାନିକ	
୭. ଅସୁସ୍ଥ ଜେଜେମା'ଙ୍କ ଯତ୍ନ ନେଉଥିବା ବ୍ୟକ୍ତି	
୮.	
୯.	

ଅଣ-ଅର୍ଥନୈତିକ କାର୍ଯ୍ୟକଳାପର ଗୁରୁତ୍ୱ

ଯଦିଓ ଅଣ-ଅର୍ଥନୈତିକ କାର୍ଯ୍ୟକଳାପରେ ଟଙ୍କା ବା ମୁଦ୍ରା ସାମିଲ ହୋଇ ନ ଥାଏ, କିନ୍ତୁ ଏହାଦ୍ୱାରା ସୃଷ୍ଟି ହେଉଥିବା ମୂଲ୍ୟ ଆମ ଜୀବନରେ ଗୁରୁତ୍ୱପୂର୍ଣ୍ଣ ।।

ନିଃସ୍ୱାର୍ଥପର ସେବା :

ମନ୍ଦିର, ଗୁରୁଦ୍ୱାର, ମସଜିଦ୍ ଏବଂ ଚର୍ଚ୍ଚ ପରି ଅନେକ ସ୍ଥାନରେ ମାଗଣାରେ ସେବା ମିଳୁଥିବାର ଦେଖିବାକୁ ମିଳେ । ଉଦାହରଣ ସ୍ୱରୂପ, ଗୁରୁଦ୍ୱାରରେ ଥିବା ଲଙ୍ଗର ବା ସମୁହ ରୋଷଶାଳା ପ୍ରତ୍ୟେକ ପର୍ଯ୍ୟଟକଙ୍କୁ ମାଗଣାରେ ଖାଦ୍ୟ ପରିବେଷଣ କରିଥାନ୍ତି । ଏହା ସନ୍ତୋଷ ଏବଂ କୃତଜ୍ଞତା ଭାବନାକୁ ପ୍ରୋତ୍ସାହିତ କରେ ଏବଂ ପ୍ରତିବଦଳରେ କିଛି ଆଶା ନ କରି ସମାଜ ଉଦ୍ଦେଶ୍ୟରେ ଦାନ କରିବାରେ ଏହା ମଧ୍ୟ ଏକ ଉପାୟ ବା ମାର୍ଗ ବୋଲି ଧରାଯାଏ ।

ମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଉଛି

ସ୍ୱର୍ଣ୍ଣ ମନ୍ଦିରରେ ଲଙ୍ଗର

ସ୍ୱଚ୍ଛ ଭାରତ ଅଭିଯାନ

ବନ ମହୋତ୍ସବ

ଗୋଷ୍ଠୀ ସହଭାଗିତାର ମହତ୍ତ୍ୱ

ସ୍ୱଚ୍ଛ ଭାରତ ଅଭିଯାନ ଆମ ଆଖପାଖକୁ ସ୍ୱଚ୍ଛ ରଖିବା ପାଇଁ ସମସ୍ତ ଭାରତୀୟ ନାଗରିକଙ୍କ ସାମୂହିକ ପ୍ରୟାସ ଉପରେ ଆଧାରିତ । ବ୍ୟକ୍ତିଗତ ଭାବେ, ଆମେ ଆମ ଘର ଏବଂ ଆଖପାଖ ଅଞ୍ଚଳକୁ ସଫା ରଖିଥାଉ। ରାସ୍ତାଘାଟ, ଗଳି, ପାର୍କ ଓ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନ କିମ୍ବା କମ୍ୟୁନିଟି ଅଞ୍ଚଳକୁ ସଫା କରିବା ପାଇଁ ଲୋକମାନେ ଏକାଠି ହୋଇଥାନ୍ତି । ଏହି ସାମୁହିକ ପ୍ରୟାସ ଦ୍ୱାରା ଘର, ପଡ଼ୋଶୀ, ସମାଜ ଓ ରାଷ୍ଟ୍ର ସ୍ୱଚ୍ଛ ରହିଥାଏ ।

ଭାରତରେ ବୃକ୍ଷର ମହତ୍ତ୍ୱ ଏବଂ ଜଙ୍ଗଲ ସଂରକ୍ଷଣ ସଚେତନତା ସୃଷ୍ଟି କରିବା ପାଇଁ ବନମହୋତ୍ସବ (ଜଙ୍ଗଲର ପର୍ବ) ପାଳନରେ ଗୋଷ୍ଠୀ ସମୂହର ଅଂଶଗ୍ରହଣ ହେଉଛି ଆଉ ଏକ ଉଦାହରଣ ।

ଏହି ପଦକ୍ଷେପ ଦ୍ୱାରା ଗୋଷ୍ଠୀର ସଦସ୍ୟମାନଙ୍କୁ ଏକାଠି କରି ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇ ପାରୁଛି ।

ଏହା ବିଷୟରେ ଚିନ୍ତା କର

- ଭାରତରେ ଅନେକ ଗୋଷ୍ଠୀ ମଧ୍ୟରେ ସହ ଭାଗିତାର ପରମ୍ପରା ସମାନ ଅଟେ । ତୁମେ ତୁମ ଅଞ୍ଚଳରୁ ଏହି ପ୍ରକାର ପରମ୍ପରା ବିଷୟରେ କିଛି କହି ପାରିବ କି ?
- ଆମେ ଭାରତରେ ଓ ଆମ ରାଜ୍ୟ ଓଡ଼ିଶାରେ ଅନେକ ପର୍ବପର୍ବାଣୀ ପାଳନ କରିଥାଉ । ଏହି ପର୍ବପର୍ବାଣୀ ସମୟରେ, ଲୋକମାନେ ଏକାଠି ହୋଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି । ସେମାନେ ସ୍ଥାନକୁ ଏକାଠି ସଜାଇଥାନ୍ତି ଏବଂ ରୋଷେଇ ହୋଇଥିବା ଖାଦ୍ୟକୁ ବାଣ୍ଟିଥାନ୍ତି । ଏହା ଅଣ-ଅର୍ଥନୈତିକ କାର୍ଯ୍ୟକଳାପ କି ? ତୁମେ ଭୁବୁନାହଁ କି ଏହାର ମଧ୍ୟ ମୂଲ୍ୟ ରହିଛି ?
- ତୁମ ବିଦ୍ୟାଳୟ କିମ୍ବା ତୁମ ଅଞ୍ଚଳରେ ଆୟୋଜିତ ହୋଇଥିବା ସାମୁହିକ କାର୍ଯ୍ୟକ୍ରମଗୁଡ଼ିକ ତୁମେ ଚିହ୍ନଟ କରିପାରିବ କି ? ଏହି କାର୍ଯ୍ୟକ୍ରମଗୁଡ଼ିକରେ ତୁମେ କ'ଣ ଦେଖିବାକୁ ପାଇଲ ?

ଆମେ କ'ଣ ଶିଖିଲେ

→ ଏହି ଅଧ୍ୟାୟରେ ଆମେ ଅର୍ଥନୈତିକ ଏବଂ ଅଣ-ଅର୍ଥନୈତିକ କାର୍ଯ୍ୟକଳାପ ବିଷୟରେ ଶିଖିଲେ ।

→ ଅର୍ଥନୈତିକ କାର୍ଯ୍ୟକଳାପ ଦ୍ୱାରା ସୃଷ୍ଟି ହେଉଥିବା ମୂଲ୍ୟ ବୃଦ୍ଧି ବିଷୟରେ ମଧ୍ୟ ଆମେ ଶିଖିଲେ ।

→ ଅଣ-ଅର୍ଥନୈତିକ କାର୍ଯ୍ୟକଳାପ କିପରି ସାମାଜିକ କଲ୍ୟାଣ, ବ୍ୟକ୍ତିଗତ କଲ୍ୟାଣ ଏବଂ ସାମଗ୍ରିକ ଜୀବନର ଗୁଣବତ୍ତା ବୃଦ୍ଧିରେ ଯୋଗଦାନ କରେ ତାହା ଆମେ ବୁଝିଲେ ।

ପ୍ରଶ୍ନ, ଅଭ୍ୟାସକାର୍ଯ୍ୟ ଏବଂ ପ୍ରକଳ୍ପ

୧. ଅଣ-ଅର୍ଥନୈତିକ କାର୍ଯ୍ୟକଳାପ ଠାରୁ ଅର୍ଥନୈତିକ କାର୍ଯ୍ୟକଳାପ କିପରି ଭିନ୍ନ ?

୨. ଲୋକମାନେ କେଉଁ ପ୍ରକାରର ଅର୍ଥନୈତିକ କାର୍ଯ୍ୟକଳାପରେ ନିୟୋଜିତ ହୁଅନ୍ତି ? ଉଦାହରଣ ସହ ବର୍ଣ୍ଣନା କର ।

୩. ଯେଉଁମାନେ ସମାଜସେବା କାର୍ଯ୍ୟରେ ନିୟୋଜିତ ଅଛନ୍ତି ସେମାନଙ୍କର ବହୁତ ମୂଲ୍ୟ ଓ ସମ୍ମାନ ରହିଛି । ଏହି ବିବୃତ୍ତି ଉପରେ ମନ୍ତବ୍ୟ ଦିଅ ।

୪. ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକଳାପ ପାଇଁ ଲୋକଙ୍କୁ ପାରିଶ୍ରମିକ ଦେବାର ବିଭିନ୍ନ ଉପାୟଗୁଡ଼ିକ କ'ଣ ? କିଛି ଉଦାହରଣ ଦିଅ ।

ଆମ ଲେଖା ଆମ ଚିତ୍ର



ଆମ ଚତୁଃପାର୍ଶ୍ୱର ଅର୍ଥନୈତିକ କାର୍ଯ୍ୟକଳାପ

ଅଧ୍ୟାୟ ୧୪

"ସମୃଦ୍ଧିର ମୂଳ ହେଉଛି ଅର୍ଥନୈତିକ କାର୍ଯ୍ୟକଳାପ, ଏହାର ଅଭାବ ହିଁ ଭୌତିକ ବିପର୍ଯ୍ୟୟ ଆଣିଥାଏ । ଫଳପ୍ରଦ ଅର୍ଥନୈତିକ କାର୍ଯ୍ୟକଳାପର ଅନୁପସ୍ଥିତି ଉଭୟ ବର୍ତ୍ତମାନର ସମୃଦ୍ଧି ଏବଂ ଭବିଷ୍ୟତ ଅଭିବୃଦ୍ଧିକୁ ବିପଦରେ ପକାଇଥାଏ ।"

– କୌଟିଲ୍ୟ (ଅର୍ଥଶାସ୍ତ୍ର)

ଆସ ଚିନ୍ତା କରିବା ?

୧. ଅର୍ଥନୈତିକ କାର୍ଯ୍ୟକଳାପଗୁଡ଼ିକ କିପରି ଶ୍ରେଣୀଭୁକ୍ତ କରାଯାଏ ?

୨. ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକଳାପଗୁଡ଼ିକୁ ବିଭିନ୍ନ କ୍ଷେତ୍ରରେ (ସେକ୍ଟର) ବର୍ଗୀକରଣ କରିବାପାଇଁ ଆଧାର ଗୁଡ଼ିକ କ'ଣ ?

୩. ଏହି ତିନି ପ୍ରକାର କ୍ଷେତ୍ର (ସେକ୍ଟର) କିପରି ପରସ୍ପର ସହିତ ସମ୍ପର୍କିତ ଅଟନ୍ତି ?

ଉପକ୍ରମ

୧୩ତମ ଅଧ୍ୟାୟରେ ଆମେ ଦୁଇ ପ୍ରକାର କାର୍ଯ୍ୟକଳାପ ବିଷୟରେ ଶିଖିଲୁ- ଅର୍ଥନୈତିକ ଏବଂ ଅଣ-ଅର୍ଥନୈତିକ । ମୁଦ୍ରା ମୂଲ୍ୟ (monetary value) ସୃଷ୍ଟି କରୁଥିବା କାର୍ଯ୍ୟକଳାପକୁ ଅର୍ଥନୈତିକ କାର୍ଯ୍ୟକଳାପ କୁହାଯାଏ । ଅଣ-ଅର୍ଥନୈତିକ କାର୍ଯ୍ୟକଳାପର ଗୁରୁତ୍ୱ ବିଷୟରେ ମଧ୍ୟ ଆମେ ଜାଣିଲୁ । ଏହି କାର୍ଯ୍ୟକଳାପଗୁଡ଼ିକୁ ଭଲ ଭାବରେ ବୁଝିବା ପାଇଁ ଆମକୁ ଜାଣିବାକୁ ହେବ ଯେ ଅର୍ଥନୈତିକ କାର୍ଯ୍ୟକଳାପଗୁଡ଼ିକ କିପରି ଶ୍ରେଣୀଭୁକ୍ତ କରାଯାଏ ଏବଂ ସେଗୁଡ଼ିକ ମଧ୍ୟରେ କ'ଣ ପାର୍ଥକ୍ୟ ରହିଛି ।

ମୁଦ୍ରା ମୂଲ୍ୟ (Monetary Value): କୌଣସି ଜିନିଷର ମୂଲ୍ୟ ଯାହା ଟଙ୍କା ଦୃଷ୍ଟିରୁ ମାପ କରାଯାଇପାରେ ।



ଗତ କିଛି ଦଶନ୍ଧି ମଧ୍ୟରେ ଅର୍ଥନୈତିକ କାର୍ଯ୍ୟକଳାପ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି । ଉଦାହରଣ ସ୍ୱରୂପ, ପୂର୍ବରୁ ଅଧିକାଂଶ ଲୋକ କୃଷି, ପଶୁପାଳନ, ଉପକରଣର ଉତ୍ପାଦନ, ମାଟି କାମ ଏବଂ କପଡ଼ା ବୁଣିବା ଭଳି କାର୍ଯ୍ୟରେ ନିୟୋଜିତ ଥିଲେ । ସମାଜ ପ୍ରଗତି ପଥେ ଅଗ୍ରସର ହେବା ସହିତ ଅର୍ଥନୈତିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ହେବାକୁ ଲାଗିଲା ଯାହା ମାଧ୍ୟମରେ ଲୋକମାନେ ସେମାନଙ୍କର ଜୀବିକା ନିର୍ବାହ କରିବାକୁ ସକ୍ଷମ ହୋଇପାରିଲେ ।

ଆଜିକାଲି ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକଳାପ ଚାଲିଛି, ଯଥା :-କମ୍ପ୍ୟୁଟର, ମୋବାଇଲ ଫୋନ ଓ ଡ୍ରୋନ୍ ଉତ୍ପାଦନ; ବ୍ୟାଙ୍କ, ସ୍କୁଲ ଓ ହୋଟେଲରେ ମାନଙ୍କରେ କାମ; ପରିବହନ ପାଇଁ ବିଭିନ୍ନ ପ୍ରକାର ଗାଡ଼ି ଚଳାଇବା ଆସବାବପତ୍ର ତିଆରି କରିବା; ମେସିନ୍ ବ୍ୟବହାର କରି ପୋଷାକ ସିଲେଇ କରିବା; ସଫ୍ଟୱେୟାର୍ ତିଆରି କରିବା; ଫ୍ରିଜ୍ ଓ ୱାସିଂ ମେସିନ୍ ମରାମତି କରିବା ଇତ୍ୟାଦି । ଏହି ସମସ୍ତ କାର୍ଯ୍ୟକଳାପଗୁଡ଼ିକୁ ବର୍ଗୀକରଣ କରିବା ଦ୍ୱାରା ଆମକୁ ବୁଝିବାରେ ସହଜ ହେବ ଯେ, ସେମାନେ କିପରି କାର୍ଯ୍ୟ କରନ୍ତି ଏବଂ ପରସ୍ପର ସହିତ ସେମାନଙ୍କର କ'ଣ ସମ୍ବନ୍ଧ ରହିଛି ।

ଅର୍ଥନୈତିକ କ୍ଷେତ୍ର (Economic Sectors): ବିଭିନ୍ନ ପ୍ରକାର କାର୍ଯ୍ୟକଳାପରେ ଅନ୍ତର୍ଭୁକ୍ତ ହୋଇଥିବା ବ୍ୟାପକ ଗୋଷ୍ଠୀ ସମୂହ ଗୋଟିଏ ଦେଶର ଅର୍ଥନୈତିକ ସମୃଦ୍ଧିରେ ସହାୟକ ହୋଇଥାନ୍ତି ।

ଅର୍ଥନୈତିକ କାର୍ଯ୍ୟକଳାପକୁ ବିଭିନ୍ନ କ୍ଷେତ୍ରରେ ବର୍ଗୀକରଣ

କେତେକ ଅର୍ଥନୈତିକ କାର୍ଯ୍ୟକଳାପ ସମାନ ବୈଶିଷ୍ଟ୍ୟ ବିଶିଷ୍ଟ ଏବଂ ଏହି ଆଧାରରେ ସେମାନଙ୍କୁ ଏକତ୍ରିତ କରାଯାଇ ବ୍ୟାପକ ଗୋଷ୍ଠୀରେ ଶ୍ରେଣୀଭୁକ୍ତ କରାଯାଇପାରିବ । ତିନୋଟି ମୁଖ୍ୟ ଅର୍ଥନୈତିକ କ୍ଷେତ୍ର ହେଉଛି ପ୍ରାଥମିକ (Primary), ଦ୍ୱିତୀୟକ (Secondary) ଏବଂ ତୃତୀୟକ (Tertiary) ଅର୍ଥନୈତିକ କ୍ଷେତ୍ର ।

ପରପୃଷ୍ଠାରେ ଦିଆଯାଇଥିବା ଉଦାହରଣରେ ଏହି ଶ୍ରେଣୀଗୁଡ଼ିକ ଅଧୀନରେ କାର୍ଯ୍ୟକଳାପଗୁଡ଼ିକର ମାନଚିତ୍ର ପ୍ରସ୍ତୁତ କରାଯାଇଛି ।

A. ପ୍ରାଥମିକ କାର୍ଯ୍ୟକଳାପ (Primary Activities)

ଯେଉଁ ଅର୍ଥନୈତିକ କାର୍ଯ୍ୟକଳାପରେ ଲୋକମାନେ ଦ୍ରବ୍ୟ ଉତ୍ପାଦନ ପାଇଁ ପ୍ରକୃତି ଉପରେ ସିଧାସଳଖ ନିର୍ଭର କରନ୍ତି ସେମାନଙ୍କୁ ପ୍ରାଥମିକ କାର୍ଯ୍ୟକଳାପ ବା ପ୍ରାଥମିକ କ୍ଷେତ୍ରର (Primary Sector) ଅର୍ଥନୈତିକ କାର୍ଯ୍ୟକଳାପ କୁହାଯାଏ ।

ପ୍ରାଥମିକ କ୍ଷେତ୍ର: ପ୍ରକୃତିରୁ କଞ୍ଚାମାଲ ଉତ୍ତୋଳନ ଯଥା ଚାଷ, ମାଛଧରା, ଜଙ୍ଗଲ ଇତ୍ୟାଦି କାର୍ଯ୍ୟ କଳାପ ସମୂହ ।

ଅର୍ଥନୈତିକ କ୍ଷେତ୍ରରେ ଅର୍ଥନୈତିକ କାର୍ଯ୍ୟକଳାପର ବର୍ଗୀକରଣ

ପ୍ରାଥମିକ କ୍ଷେତ୍ର	ଦ୍ୱିତୀୟକ କ୍ଷେତ୍ର	ତୃତୀୟକ କ୍ଷେତ୍ର
କୃଷି	ନିର୍ମାଣ	ସ୍ୱାସ୍ଥ୍ୟସେବା
ଖଣି ଖନନ	ଉତ୍ପାଦନ	ବାଣିଜ୍ୟ ଏବଂ ଯୋଗାଣ
ମାଛ ଧରିବା	 ଜଳ ଯୋଗାଣ	ଯୋଗାଯୋଗ
ପଶୁପାଳନ	ସୌର ଶକ୍ତି	ବ୍ୟାଙ୍କିଙ୍ଗ
ବନୀକରଣ	ବିଦ୍ୟୁତ୍ ଉତ୍ପାଦନ	ପରିବହନ

ଉଦାହରଣ ସ୍ୱରୂପ, କୃଷି କ୍ଷେତ୍ରରେ ଶସ୍ୟ ଓ ପନିପରିବା ଚାଷ, ଜଙ୍ଗଲରୁ କାଠ ସଂଗ୍ରହ, ଖଣିରୁ କୋଇଲା ଉତ୍ତୋଳନ, ମତ୍ସ୍ୟଚାଷରୁ ମାଛ, କୁକୁଡ଼ା ପାଳନରୁ ଅଣ୍ଡା ଇତ୍ୟାଦି ପ୍ରାଥମିକ କ୍ଷେତ୍ର ଅର୍ଥନୈତିକ କାର୍ଯ୍ୟକଳାପ ଅଟେ ।

କୃଷି, ଖଣିଖନନ, ମାଛ ଧରିବା, ପଶୁପାଳନ, ବନୀକରଣ ଇତ୍ୟାଦି ହେଉଛି କେତେକ ସାଧାରଣ ପ୍ରାଥମିକ କାର୍ଯ୍ୟ । ନିମ୍ନରେ ପ୍ରାଥମିକ କ୍ଷେତ୍ର ମଧ୍ୟରେ କେତେକ ପ୍ରକାରର କାର୍ଯ୍ୟକଳାପ ରହିଛି ।

(ସବୁଜ ଗୃହ ଚାଷ) ଗ୍ରୀନ୍ ହାଉସ୍ ଚାଷ

ଖଣି ଖନନ

ମାଛ ଚାଷ

ବନୀକରଣ

ପଶୁପାଳନ

ଏହା ବିଷୟରେ ଚିନ୍ତା କର

ତୁମେ ଅତୀତରେ ଦେଖିଥିବା କୌଣସି ପ୍ରାଥମିକ କାର୍ଯ୍ୟକଳାପ ବିଷୟରେ ଚିନ୍ତା କର । ଏହି କାର୍ଯ୍ୟରେ କେଉଁ ପ୍ରାକୃତିକ ସମ୍ପଦ ଗୁଡ଼ିକ ବ୍ୟବହୃତ ହୁଏ ? ସେଗୁଡ଼ିକ ମଧ୍ୟରୁ ଦୁଇଟିର ନାମ କୁହ ଓ ତୁମ ସହପାଠୀଙ୍କ ସହିତ ନିଜର ଅନୁଭୂତି ଆଲୋଚନା କର ।

୧.

୨.

ଖ. ଦ୍ୱିତୀୟକ କାର୍ଯ୍ୟକଳାପ (Secondary Activities)

ଯେଉଁ ଅର୍ଥନୈତିକ କାର୍ଯ୍ୟକଳାପରେ ଲୋକମାନେ ପ୍ରାଥମିକ କ୍ଷେତ୍ରର ଉତ୍ପାଦନ ଉପରେ ନିର୍ଭରଶୀଳ ହୁଅନ୍ତି ଏବଂ ଏହି ଉତ୍ପାଦନକୁ ରୂପାନ୍ତରିତ କରି ନୂତନ ଦ୍ରବ୍ୟ ନିର୍ମାଣ କରନ୍ତି ତାହାକୁ ଦ୍ୱିତୀୟକ କାର୍ଯ୍ୟକଳାପ କିମ୍ବା ଦ୍ୱିତୀୟକ କ୍ଷେତ୍ର ର ଅର୍ଥନୈତିକ କାର୍ଯ୍ୟକଳାପ କୁହାଯାଏ । ଦ୍ୱିତୀୟକ କ୍ଷେତ୍ରରେ କୋଠା, ସଡ଼କ ଇତ୍ୟାଦି ନିର୍ମାଣ ଏବଂ ଜଳ, ବିଜୁଳି, ଗ୍ୟାସ୍ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀର ଯୋଗାଣ ଆଦି କାର୍ଯ୍ୟଗୁଡ଼ିକ ଅନ୍ତର୍ଭୁକ୍ତ । ଏଥିରେ ପ୍ରାଥମିକ କ୍ଷେତ୍ରରୁ ତିଆରି କଞ୍ଚାମାଲକୁ କାରଖାନା ଏବଂ ଉତ୍ପାଦନ ୟୁନିଟ୍ ଗୁଡ଼ିକରେ ପ୍ରକ୍ରିୟାକରଣ କରି ଉତ୍ପାଦନକୁ ନୂତନ ଭବରେ ବିକ୍ରୟ କିମ୍ବା ବ୍ୟବହାର କରାଯାଏ । ଦ୍ୱିତୀୟକ କ୍ଷେତ୍ରର କାର୍ଯ୍ୟକଳାପର କେତେକ ଉଦାହରଣ ମଧ୍ୟରେ ମିଲରେ ଅଟା ତିଆରି କରିବା ପାଇଁ କୃଷି କ୍ଷେତରୁ ପ୍ରାପ୍ତ ଶସ୍ୟର ପ୍ରକ୍ରିୟାକରଣ, ଚିନାବାଦାମରୁ ତେଲ ଉତ୍ପାଦନ ଏବଂ ଚା' ପାଇଁ ଚା' ପତ୍ରର ପ୍ରକ୍ରିୟାକରଣ ଇତ୍ୟାଦି ଅନ୍ତର୍ଭୁକ୍ତ । ସେହିଭଳି ଜଙ୍ଗଲରୁ ମିଳୁଥିବା କାଠକୁ ଆସବାବପତ୍ର ଓ କାଗଜରେ ପରିଣତ କରାଯାଏ, କପାକୁ ପୋଷାକ ତିଆରିରେ ଏବଂ ଲୁହାପଥରକୁ ଇସ୍ପାତ ଓ ଇସ୍ପାତକୁ କାର୍, ଟ୍ରକ୍ ଇତ୍ୟାଦି ଗାଡ଼ି ତିଆରିରେ ବ୍ୟବହାର କରାଯାଏ ।

ଦ୍ୱିତୀୟକ କ୍ଷେତ୍ର: (Secondary Sector): ପ୍ରାଥମିକ କ୍ଷେତ୍ରରୁ ଉତ୍ପାଦିତ କଞ୍ଚାମାଲରୁ ବିକ୍ରି କିମ୍ବା ବ୍ୟବହାର ପାଇଁ ଉତ୍ପାଦରେ ପରିଣତ କରିବାର ପ୍ରକ୍ରିୟାକରଣ ସହ ଜଡ଼ିତ କାର୍ଯ୍ୟକଳାପର ଗୋଷ୍ଠୀ ।

(କାର୍ ବା ମଟରଗାଡ଼ି) ଅଟୋମୋବାଇଲ କାରଖାନା

ବୟନ କାରଖାନା

ଔଷଧ କାରଖାନା

ଆସବାବପତ୍ର ନିର୍ମାଣ କାରଖାନା

ଆସ ମନେ ରଖିବା

ଅଟୋମୋବାଇଲର ପ୍ରକାର	୨୦୨୨ରେ ଭାରତରେ ଉତ୍ପାଦିତ ପରିମାଣ
କାର୍ ଭଳି ଯାତ୍ରୀବାହୀ ଯାନ	୪୫ ଲକ୍ଷ
ଟ୍ରକ୍ ଭଳି ବାଣିଜ୍ୟିକ ଯାନ	୧୦.୩ ଲକ୍ଷ
ତିନି ଚକିଆ ଯାନ	୮.୬ ଲକ୍ଷ
ଦୁଇ ଚକିଆ ଯାନ	୨ କୋଟି

(ଉତ୍ସ: ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ୍ ମ୍ୟାନୁଫାକ୍ଚରର୍ସ,
https://www.siam.in/statistics.aspx?mpgid=8&gidtrail=13)

ଆସ ଅନୁସନ୍ଧାନ କରିବା

ବର୍ତ୍ତମାନ ଆମେ ଦ୍ୱିତୀୟକ କ୍ଷେତ୍ର କାର୍ଯ୍ୟକଳାପର କିଛି ଉଦାହରଣ ଦେଖିଲେ, ତୁମେମାନେ ଦ୍ୱିତୀୟକ କ୍ଷେତ୍ରର ଆଉ ଦୁଇଟି ଅର୍ଥନୈତିକ କାର୍ଯ୍ୟକଳାପ ବିଷୟରେ କହିପାରିବ କି ?

୧.

୨.

ଗ. ତୃତୀୟକ କାର୍ଯ୍ୟକଳାପ (Tertiary Activities)

ପ୍ରାଥମିକ ଏବଂ ଦ୍ୱିତୀୟକ କାର୍ଯ୍ୟକଳାପରେ ସମ୍ପୃକ୍ତ ଲୋକଙ୍କୁ ସହାୟତା ପ୍ରଦାନ କରୁଥିବା ସମସ୍ତ ଅର୍ଥନୈତିକ କାର୍ଯ୍ୟକଳାପକୁ ତୃତୀୟ ସ୍ତରୀୟ କାର୍ଯ୍ୟକଳାପ କିମ୍ବା ତୃତୀୟକ କ୍ଷେତ୍ରର ଅର୍ଥନୈତିକ କାର୍ଯ୍ୟକଳାପ କୁହାଯାଏ । ଏଥିରେ ସେହି ସେବା ଗୁଡ଼ିକ ଅନ୍ତର୍ଭୁକ୍ତ ଯାହା ଆମେ ଦେଖିବାକୁ ସକ୍ଷମ ହୋଇ ନ ଥାଉ କିନ୍ତୁ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଉଦାହରଣସ୍ୱରୂପ, ଟ୍ରକ୍ ଡ୍ରାଇଭର କ୍ଷେତରୁ ଶସ୍ୟ ଏବଂ ପନିପରିବା, କାରଖାନା ବା ବଜାରକୁ ପରିବହନ କରିବାରେ ଯୋଗାଉଥିବା ସେବା ।

ଫଳ କିମ୍ବା ପନିପରିବା ବିକ୍ରେତାମାନେ କୃଷି ଜାତ ଦ୍ରବ୍ୟକୁ ଘରୋଇ ଉପଭୋକ୍ତାଙ୍କୁ ବିକ୍ରି କରନ୍ତି । ସେହିପରି ଡାକ୍ତର, ନର୍ସ, ଶିକ୍ଷକ, ଓକିଲ ଓ ପାଇଲଟମାନେ ଲୋକଙ୍କୁ ସେବା ଯୋଗାଇ ଦିଅନ୍ତି । ମୋବାଇଲ୍ ଫୋନ୍ ଓ ଟେଲିଭିଜନ ସମେତ ଇଲେକ୍ଟ୍ରୋନିକ୍ ସାମଗ୍ରୀ ମରାମତି ଓ ସେବା ପ୍ରଦାନ କରୁଥିବା ଟେକ୍ନିସିଆନ୍, କାର୍, ଟ୍ରାକ୍ଟର ଭଳି ଗାଡ଼ି ମରାମତି କରୁଥିବା ମେକାନିକ୍ ଏବଂ ନିୟମିତ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରୁଥିବା ଇଲେକ୍ଟ୍ରିସିଆନ୍ ଆଦି ବ୍ୟକ୍ତିମାନଙ୍କ ସେବା ଆମ ଜୀବନକୁ ସହଜ କରିଥାଏ । ସେହିପରି ମୋବାଇଲ ଓ ଇଣ୍ଟରନେଟ୍ ଜରିଆରେ ଯୋଗାଯୋଗ ସେବା, ସଫ୍ଟୱେୟର୍ ବିକାଶ ଏବଂ ହୋଟେଲ୍, ରେଷ୍ଟୁରାଣ୍ଟ, ବ୍ୟାଙ୍କ୍, ବିଦ୍ୟାଳୟ, ଚିକିତ୍ସାଳୟ, ବିମାନ ବନ୍ଦର, ଦୋକାନ ଗୋଦାମ ଇତ୍ୟାଦିରେ ମିଳୁଥିବା ସମସ୍ତ ସେବା ତୃତୀୟକ କ୍ଷେତ୍ରର ଅର୍ଥନୈତିକ କାର୍ଯ୍ୟକଳାପର ଉଦାହରଣ । ଏହି କ୍ଷେତ୍ରକୁ ସେବା କ୍ଷେତ୍ର (Service Sector) ମଧ୍ୟ କୁହାଯାଏ ।

ତୃତୀୟକ କ୍ଷେତ୍ର (Tertiary Sector): ପରିବହନ, ବ୍ୟାଙ୍କିଙ୍ଗ୍ ଏବଂ ବ୍ୟବସାୟ ପରିଚାଳନା ଭଳି ଉଭୟ ପ୍ରାଥମିକ ଏବଂ ଦ୍ୱିତୀୟକ କ୍ଷେତ୍ରକୁ ସେବା ପ୍ରଦାନ କରୁଥିବା କାର୍ଯ୍ୟକଳାପ ।

ଗୋଦାମ (Ware House): ସାମଗ୍ରୀ ବିକ୍ରି, ବ୍ୟବହାର କରିବା କିମ୍ବା ଦୋକାନକୁ ଯୋଗାଣ ପୂର୍ବରୁ ସେଗୁଡ଼ିକୁ ସଂରକ୍ଷଣ କରିବା ପାଇଁ ବ୍ୟବହୃତ ହେଉଥିବା ବଡ଼ ବଡ଼ କୋଠା ଘର ।

ସଫ୍ଟୱେୟାର୍ ବିକାଶ

ଭୋଜନାଳୟ (ରେଷ୍ଟୁରାଣ୍ଟ)ରେ ସେବା

ବିମାନ ବନ୍ଦରରେ ସେବା

ଖୁଚୁରା ଦୋକାନ

କ୍ଷେତ୍ରଗୁଡ଼ିକ ମଧ୍ୟରେ ନିର୍ଭରଶୀଳତା

ପ୍ରାକୃତିକ କଞ୍ଚାମାଲ୍‌କୁ ବ୍ୟବହାର ନିମନ୍ତେ ଉତ୍ପାଦିତ ଦ୍ରବ୍ୟରେ ପରିଣତ କରିବା ପ୍ରକ୍ରିୟାରେ ତିନି ପ୍ରକାର ଅର୍ଥନୈତିକ କାର୍ଯ୍ୟକଳାପ ବା ଅର୍ଥନୈତିକ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

ତୁଳନାତ୍ମକ ତଥ୍ୟ

୧. **ପ୍ରାଥମିକ କାର୍ଯ୍ୟକଳାପ :** – ପ୍ରାକୃତିକ ପରିବେଶରୁ ବିଭିନ୍ନ ଦ୍ରବ୍ୟ ସଂଗ୍ରହ ଯଥା : ଜମିରୁ ଶସ୍ୟ ଉତ୍ପାଦନ, ନଦୀ, ଜଳାଶ୍ରୟ ଓ ସମୁଦ୍ରରୁ ମତ୍ସ୍ୟ ସଂଗ୍ରହ, ଜଙ୍ଗଲରୁ କାଠ, ବାଉଁଶ, ଫଳ, ଝୁଣା, ମହୁ ଆଦି ଦ୍ରବ୍ୟ ସଂଗ୍ରହ, ଖଣିରୁ ଖଣିଜ ପଦାର୍ଥ ଉତ୍ତୋଳନ ଓ ପଶୁପାଳନ ଆଦି କାର୍ଯ୍ୟଗୁଡିକ ପ୍ରାଥମିକ କାର୍ଯ୍ୟକଳାପର ଅନ୍ତର୍ଭୁକ୍ତ ।

୨. **ଦ୍ୱିତୀୟକ କାର୍ଯ୍ୟକଳାପ :** ବିଭିନ୍ନ ଦ୍ରବ୍ୟକୁ ଯାନ୍ତ୍ରିକ ପଦ୍ଧତିରେ ପରିବର୍ତ୍ତନ କରି ବ୍ୟବହାର ଉପଯୋଗୀ ସାମଗ୍ରୀ ପ୍ରସ୍ତୁତ କରିବା, ଯଥା: ଧାନରୁ ଚାଉଳ, ଗହମରୁ ଅଟା, କପାରୁ ଲୁଗା, ଆଖୁରୁ ଚିନି, ବାଉଁଶରୁ କାଗଜ, ତୈଳବୀଜରୁ ତେଲ, ଖଣିଜ ଦ୍ରବ୍ୟରୁ ବିଭିନ୍ନ ଯନ୍ତ୍ରପାତି ତିଆରି ଇତ୍ୟାଦି ଦ୍ୱିତୀୟକ କାର୍ଯ୍ୟକଳାପର ଅନ୍ତର୍ଭୁକ୍ତ ।

୩. **ତୃତୀୟକ କାର୍ଯ୍ୟକଳାପ :** ଏହାକୁ ସେବା କ୍ଷେତ୍ର ମଧ୍ୟ କୁହାଯାଏ । ଧାନକୁ ଚାଉଳରେ ପରିଣତ କରିବା ପରେ ଟ୍ରାକ୍ଟର ବା ଟ୍ରକ୍ ଇତ୍ୟାଦି ଦ୍ୱାରା ପରିବହନ ସେବା ଜରିଆରେ ଅନ୍ୟ ସ୍ଥାନକୁ ପଠାଇ ତୃତୀୟକ କାର୍ଯ୍ୟକଳାପ ଅଟେ । ଏହିପରି ବ୍ୟାଙ୍କ, ବୀମା, ବାଣିଜ୍ୟ, ଟେଲିଫୋନ୍, ବିଦ୍ୟୁତ୍‌ଶକ୍ତି ଯୋଗାଣ ଇତ୍ୟାଦି ସେବା ତୃତୀୟକ କାର୍ଯ୍ୟକଳାପର ଅନ୍ତର୍ଭୁକ୍ତ ।

ଦ୍ୱିତୀୟକ କାର୍ଯ୍ୟକଳାପ, ପ୍ରାଥମିକ ଉପରେ ନିର୍ଭରଶୀଳ ଏବଂ ତୃତୀୟକ କାର୍ଯ୍ୟକଳାପ ଉଭୟ ପ୍ରାଥମିକ ଓ ଦ୍ୱିତୀୟକ ଉପରେ ନିର୍ଭରଶୀଳ । ଆସନ୍ତୁ ଗୁଜରାଟର ଆନନ୍ଦ ଜିଲ୍ଲାର ଏକ ଗ୍ରାମକୁ ବୁଲିଯାଇ କେତେକ ଉଦାହରଣ ଦେଖିବା ଓ ଜାଣିବା ଯେ ତିନୋଟି କ୍ଷେତ୍ର କିପରି ପରସ୍ପର ସହ ସମ୍ପର୍କିତ ଓ ନିର୍ଭରଶୀଳ ।

ଦୁଗ୍ଧ ସମବାୟ: ଉତ୍ପାଦନରୁ ଉପଭୋକ୍ତା ପର୍ଯ୍ୟନ୍ତ

ଆଜିକାଲି ଗୁଜୁରାଟ କୃଷକମାନଙ୍କର ସକାଳର ଶୁଭ ମୁହୂର୍ତ୍ତ ଦୁଗ୍ଧ ବାଲ୍‌ଟିରୁ ଆରମ୍ଭ ହୁଏ ଏବଂ ସେମାନେ ଗାଈ ଓ ମଇଁଷିଙ୍କୁ ନିଜର ବନ୍ଧୁ ଭାବରେ ଶୁଭେଚ୍ଛା ଜଣାନ୍ତି । କୃଷକ ଏବଂ ସେମାନଙ୍କ ପରିବାର ସଦସ୍ୟମାନଙ୍କ ଗାଈର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । କୃଷକମାନେ ନିଜର ପାଳିତ ଗାଈମାନଙ୍କ ଦୁଗ୍ଧ ନିକଟସ୍ଥ ଦୋକାନରେ (Diary) ବିକ୍ରି କରନ୍ତି । ମାସ ଶେଷରେ, କ୍ଷୀରର ପରିମାଣ ଏବଂ ଗୁଣବତ୍ତା ଆଧାରରେ ସେମାନଙ୍କୁ ଏହାର ଦେୟ ବା ପାଉଣା ମିଳିଥାଏ । କିନ୍ତୁ ପ୍ରାୟ ୫୦ ବର୍ଷ ପୂର୍ବେ ଏପରି ସ୍ଥିତି ସେଠାରେ ନ ଥିଲା ।

ଆନନ୍ଦ ମିଲ୍କ ୟୁନିୟନ ଲିମିଟେଡ୍, ଅମୂଲ (Amul) ନାମକ ଏକ ଦୁଗ୍ଧ ସମବାୟ ସଂସ୍ଥାର ଏହା ଏକ ଆଶ୍ଚର୍ଯ୍ୟଜନକ କାହାଣୀ । ୧୯୪୦ ଦଶକର ପ୍ରାରମ୍ଭରେ ଆନନ୍ଦ ଜିଲ୍ଲାର କୃଷକମାନେ ଆଖପାଖ ଗାଁକୁ କ୍ଷୀର ବିକ୍ରି କରିବାକୁ ଯାଉଥିଲେ । ଏଥିପାଇଁ ସେମାନଙ୍କୁ ଚାଲିଚାଲି କିମ୍ବା ସାଇକେଲ୍ ଦ୍ୱାରା ଆଖପାଖ ଗାଁକୁ ଯିବାକୁ ପଡୁଥିଲା ।

ତୁମେ ଜାଣ ଯେ, ଗରମ ପାଗରେ କ୍ଷୀର ଖୁବ୍ ଶୀଘ୍ର ଖରାପ ହୋଇ ଛିଣ୍ଡିଯାଏ । ଏଣୁ କ୍ଷୀର ଖରାପ ହେବା ପୂର୍ବରୁ ଚାଷୀଙ୍କୁ ଶୀଘ୍ର ବିକ୍ରି କରିବାକୁ ପଡୁଥିଲା ଓ ଏଥିପାଇଁ ବହୁତ ପରିଶ୍ରମରୁ ଅଳ୍ପ ଅର୍ଥ ରୋଜଗାର ହେଉଥିଲା । ତେଣୁ ସେମାନେ ମଧ୍ୟସ୍ଥିଙ୍କ ଉପରେ ନିର୍ଭର କରୁଥିଲେ, ଯେଉଁମାନେ ଚାଷୀଙ୍କଠାରୁ କମ୍ ମୂଲ୍ୟରେ ଅଧିକ ପରିମାଣର କ୍ଷୀର କିଣି ବଜାରରେ ବିକ୍ରି କରୁଥିଲେ । ଅନେକ ସମୟରେ ଚାଷୀମାନେ ମଧ୍ୟସ୍ଥି ଲୋକଙ୍କ (ଦଲାଲ) ଦ୍ୱାରା ପ୍ରତାରିତ ଓ ହଇରାଣ ମଧ୍ୟ ହେଉଥିଲେ ।

ଦିନେ କୃଷକମାନେ ସାମୂହିକ ଭାବେ ନିଜର ସମସ୍ୟା ନେଇ ଜାତୀୟ ନେତା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପାଖକୁ ଗଲେ । ସ୍ୱାଧୀନ ହେବା ପାଇଁ ସମବାୟ ସମିତି ଗଠନ କରି ମଧ୍ୟସ୍ଥିଙ୍କ (ଦଲାଲ୍) ଉପରେ ନିର୍ଭର

ଭର୍ଗିସ କୁରିଆନ୍ (ବାମ) ଓ ତ୍ରିଭୁବନଦାସ ପଟେଲ (ଡାହାଣ)

ସମବାୟ (Cooperative): ଏକ ଗୋଷ୍ଠୀ ଯେଉଁମାନେ ସ୍ୱେଚ୍ଛାକୃତ ଭାବରେ ସେମାନଙ୍କର ଅର୍ଥନୈତିକ ଏବଂ ସାମାଜିକ ଆବଶ୍ୟକତାକୁ ଆନୁଷ୍ଠାନିକ ଉପାୟରେ ପୂରଣ କରିବା ପାଇଁ ଏକାଠି ହୁଅନ୍ତି । ସେମାନେ ସମବାୟର ମାଲିକ ଅଟନ୍ତି ଏବଂ ଏହାର ସଦସ୍ୟମାନେ ସାମୂହିକ ଭାବରେ ନିଷ୍ପତ୍ତି ନେଇଥାନ୍ତି ।

ମଧ୍ୟସ୍ଥି (Middleman): ଯେଉଁମାନେ ଉତ୍ପାଦକଙ୍କଠାରୁ ଜିନିଷ କିଣି ଗ୍ରାହକଙ୍କୁ ବିକ୍ରି କରନ୍ତି । ଦଲାଲମାନେ ଏହି ସେବା ପାଇଁ କିଛି ଅଧିକ ପାଉଣା ଆଦାୟ କରନ୍ତି ।

କରିବା ବନ୍ଦ କରବାକୁ ସେ ପରାମର୍ଶ ଦେଇଥିଲେ । ସର୍ଦ୍ଦାର ପଟେଲଙ୍କ ପରାମର୍ଶ ଅନୁସାରେ କୃଷକମାନେ ସମବାୟ (cooperative) ଗଠନ କରି ଦୁଗ୍ଧ ସଂଗ୍ରହ, ପକ୍ରିୟାକରଣ ଓ ବିତରଣର ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱ ନିଜ ହାତକୁ ନେଲେ ।

ତ୍ରିଭୁବନ ଦାସ ପଟେଲ (ଆଇନଜୀବୀ ଓ ସ୍ୱାଧୀନତା ସଂଗ୍ରାମୀ) ଏବଂ ଡକ୍ଟର ଭର୍ଗିସ କୁରିଆନ୍ (ମୁମ୍ବାଇର ଏକ ଦୁଗ୍ଧ କାରଖାନରେ କାମ କରୁଥିବା ଜଣେ ଇଞ୍ଜିନିୟର)ଙ୍କ ନେତୃତ୍ୱରେ ୧୯୪୬ ମସିହାରେ 'ଅମୂଲ' (Amul) ପ୍ରତିଷ୍ଠା କରାଯାଇଥିଲା । ଏହାଦ୍ୱାରା ମହିଳା ଓ କୃଷକମାନେ ଦୁଗ୍ଧ ଉତ୍ପାଦନ ଓ ବିକ୍ରୟକୁ ନିଜ ନିୟନ୍ତ୍ରଣକୁ ଆଣିପାରିଲେ । ଦୁଗ୍ଧ ଉତ୍ପାଦନ, ପାସ୍ଚୁରାଇଜେସନ୍ ଓ ବିକ୍ରି ଭଳି ସମସ୍ତ ପ୍ରସଙ୍ଗରେ ଦୁଗ୍ଧ ଉତ୍ପାଦକମାନେ ମିଳିତ ଭାବେ ନିଜେ ନିଷ୍ପତ୍ତି ନେଲେ ଓ ପରସ୍ପର ମଧ୍ୟରେ ଏହି କାର୍ଯ୍ୟକୁ ବାଣ୍ଟି ସେମାନଙ୍କର ଆୟ ବଢ଼ାଇବାରେ ସକ୍ଷମ ହେଲେ । ସେମାନଙ୍କୁ ଆଉ ମଧ୍ୟସ୍ଥିଙ୍କ ଆବଶ୍ୟକତା ନଥିଲା ଏବଂ ସେମାନେ ଏକ ବଡ଼ ପରିବାର ପରି ନିଜକୁ ପରିଚାଳିତ କଲେ ।

ଚାଷୀ ସମବାୟ ସଂସ୍ଥାର ଲାଭ କ୍ରମାଗତ ଭାବେ ବଢ଼ିବାରେ ଲାଗିଲା । ଯେଉଁ ପରିମାଣର କ୍ଷୀର ସଂଗ୍ରହ କରାଯାଉଥିଲା ତାହା ଏତେ ଅଧିକ ଥିଲା ଯେ କୃଷକମାନେ ସେଥିରୁ ଅନ୍ୟ ଉତ୍ପାଦ ତିଆରି କରିବାକୁ ନିଷ୍ପତ୍ତି ନେଲେ ଓ ସେମାନେ ଆନନ୍ଦରେ ଏକ କାରଖାନା ସ୍ଥାପନ କରି ବଟର ବା ଲହୁଣୀ, ଦୁଗ୍ଧ ପାଉଡ଼ର୍ ଇତ୍ୟାଦି ଉତ୍ପାଦନ କରିବା ଆରମ୍ଭ କଲେ ।

ଆଜି ସମଗ୍ର ଭାରତରେ ସମବାୟ ସଂସ୍ଥା ମାନଙ୍କ ଦ୍ୱାରା ଅନେକ ପ୍ରକାର ଦୁଗ୍ଧ ଉତ୍ପାଦ ବିଭିନ୍ନ ପ୍ରକ୍ରିୟାକରଣ କାରଖାନାରେ ପ୍ରସ୍ତୁତି ହେଉଛି ଓ ସାରା ଦେଶରେ ଉଭୟ ଛୋଟ ବଡ଼ ଖୁଚୁରା ଦୋକାନରେ ଏହାର ବିକ୍ରି କରାଯାଉଛି । ଏହା ମଧ୍ୟ ବିଶ୍ୱର ଅନେକ ଦେଶକୁ ରପ୍ତାନି ହେଉଛି । ଏହା ଆଶ୍ଚର୍ଯ୍ୟଜନକ ନୁହେଁ କି ?

ଏହି କାହାଣୀରେ ସମବାୟ ସମିତିର କୃଷକମାନେ କ୍ଷୀର ବିକ୍ରି କରିବା ପୂର୍ବରୁ ପ୍ରଥମେ ଗାଈଠାରୁ କ୍ଷୀର ଦୁହିଁଥାନ୍ତି । ଏହି ପ୍ରକାରର ଅର୍ଥନୈତିକ କାର୍ଯ୍ୟକଳାପକୁ ଏକ ପ୍ରାଥମିକ କ୍ଷେତ୍ର କାର୍ଯ୍ୟକଳାପ କୁହାଯାଏ କାରଣ ଉତ୍ପାଦ (କ୍ଷୀର) ସିଧାସଳଖ ଏକ ପ୍ରାକୃତିକ ଉତ୍ସ (ଗାଈ/ପଶୁସମ୍ପଦ)ରୁ ପ୍ରାପ୍ତ ହୋଇଥାଏ ।

ପାସ୍ଚୁରାଇଜେସନ୍ (Pasteurisation): କ୍ଷୀରକୁ ସଂରକ୍ଷିତ ରଖିବାର ଏକ ପ୍ରକ୍ରିୟା । କ୍ଷତିକାରକ ବ୍ୟାକ୍ଟେରିଆକୁ ମାରିବା ପାଇଁ ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ କ୍ଷୀରକୁ ଗରମ କରାଯାଏ ଓ ଥଣ୍ଡା କରାଯାଏ ।

କାରଖାନା (Factory): ଏକ ବୃତ୍ତାନ୍ତ ଉତ୍ପାଦ ତିଆରି କରିବା ପାଇଁ ଯନ୍ତ୍ରପାତି ସହ କୋଠା ସମୂହ ଯେଉଁଠାରେ ସାମଗ୍ରୀ ଉତ୍ପାଦନ କରାଯାଏ, କିମ୍ବା ବିଭିନ୍ନ ଉପାଦାନକୁ ଏକାଠି କରି ଶେଷ ଉତ୍ପାଦ ତିଆରି କରାଯାଏ ।

ଖୁଚୁରା (Ratail): ପୁନଃବିକ୍ରୟ ପରିବର୍ତ୍ତେ ଉପଭୋକ୍ତାଙ୍କ ଦ୍ୱାରା ବ୍ୟବହାର ପାଇଁ ଅଳ୍ପ ପରିମାଣରେ ସାମଗ୍ରୀ ବିକ୍ରି କରାଯାଏ ।

ରପ୍ତାନି (Export): ଗୋଟିଏ ଦେଶର ଉତ୍ପାଦିତ ଦ୍ରବ୍ୟ ଏବଂ ସେବାକୁ ଅନ୍ୟ ଦେଶର କ୍ରେତା କିମ୍ବା ଉପଭୋକ୍ତାଙ୍କୁ ବିକ୍ରି କରିବାକୁ କୁହାଯାଏ ।

ଏହାପରେ କ୍ଷୀରକୁ ପ୍ରକ୍ରିୟାକରଣ କରାଯାଇ ଗୋଟିଏ ରୂପରୁ ଅନ୍ୟ ରୂପକୁ ରୂପାନ୍ତରିତ କରାଯାଏ - କ୍ଷୀର ପାଉଡର୍, ଘିଅ, ପନିର୍ ଏବଂ ବଟର୍ ଇତ୍ୟାଦି କାରଖାନାରେ ପ୍ରସ୍ତୁତ କରାଯାଏ । ଏହି ଅର୍ଥନୈତିକ କାର୍ଯ୍ୟକଳାପକୁ ଦ୍ୱିତୀୟକ କ୍ଷେତ୍ର କାର୍ଯ୍ୟକଳାପ କୁହାଯାଏ ।

Amul (ଅମୂଲ) ତିଆରି କରୁଥିବା ସମସ୍ତ ଉତ୍ପାଦକୁ ବିଭିନ୍ନ ସ୍ଥାନରେ ବିକ୍ରି କରିଥାଏ । Amul ଏହାର ଉତ୍ପାଦ ପରିବହନ ପାଇଁ ଲରି, ଟ୍ରକ୍, ରେଳବାଇ, ବିମାନ ଓ ପାଣିଜାହାଜ ସେବା ଇତ୍ୟାଦି ବ୍ୟବହାର କରେ । ଏହାଦ୍ୱାରା ରିଟେଲ ଷ୍ଟୋର୍ ବା ଖୁଚୁରା କେନ୍ଦ୍ର ସ୍ଥାପନ କରି ସମଗ୍ର ଗୁଜୁରାଟର ସହର, ନଗର ଏବଂ ଗ୍ରାମ ତଥା ଭାରତର ବିଭିନ୍ନ ରାଜ୍ୟରେ ଅନ୍ୟ ଦୋକାନଗୁଡ଼ିକୁ ଦୁଗ୍ଧ ଏବଂ ଦୁଗ୍ଧ ଜାତ ଦ୍ରବ୍ୟ ଯୋଗାଣ କରିଥାଏ । ଏଠାରେ ପରିବହନ, ବାଣିଜ୍ୟ ଏବଂ ଖୁଚୁରା ବିକ୍ରୟ (retail) ଏକ ତୃତୀୟକ କ୍ଷେତ୍ର କାର୍ଯ୍ୟକଳାପ ।

ମନେରଖ

ଅମୂଲ ଭଳି କର୍ଣ୍ଣାଟକର ନନ୍ଦିନୀ, ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (NCR)ର ମଦର ଡାଏରୀ, ତାମିଲନାଡୁର ଆଭିନ୍, ଆନ୍ଧ୍ରପ୍ରଦେଶର ବିଜୟା, ନାଗାଲାଣ୍ଡର କେଭି, ବିହାରର ସୁଧା, ପଞ୍ଜାବର ଭେର୍କା ଏବଂ ଓଡ଼ିଶାର ଓମ୍‌ଫେଡ୍ (Omfed) ଇତ୍ୟାଦି ଅନେକ ଦୁଗ୍ଧ ସଂଗଠନ ଅଛି । ତୁମେମାନେ, ତୁମ ଅଞ୍ଚଳରେ କୃଷକ, ଭିନ୍ନକ୍ଷମ ଏବଂ ମହିଳାମାନଙ୍କୁ ଏକାଠି କରି ସେମାନଙ୍କ ଜୀବନରେ ସମୃଦ୍ଧି ଆଣିଥିବା ଏକ ସମବାୟ ସଂସ୍ଥାର ନାମ କହିପାରିବ କି ?

ନିମ୍ନରେ ଦିଆଯାଇଥିବା ଚିତ୍ରଗୁଡ଼ିକ ସାହାଯ୍ୟରେ, ଆସ ଜାଣିବା ଯେ ତୁମେ ଅଧ୍ୟୟନ କରୁଥିବା ପୁସ୍ତକଗୁଡ଼ିକ କିପରି ତିଆରି ହୋଇଛି । ଚିତ୍ରଗୁଡ଼ିକରେ ଗଛର ଛାଲିକୁ କାଗଜରେ ପରିଣତ କରିବା ଏବଂ ଛାପିବା ପରେ ପାଠ୍ୟପୁସ୍ତକରେ ପରିଣତ ହେଉଥିବା ଦେଖିବାକୁ ମିଳୁଛି ।



ଚିତ୍ର ୧୪.୧

ଗଛରୁ ଛାଲି ବାହାର କରିବାଠାରୁ ଆରମ୍ଭ କରି କାଗଜ ତିଆରି ଏବଂ ଶେଷରେ ପୁସ୍ତକ ଉତ୍ପାଦନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ସମ୍ଭବ ହୋଇ ନ ଥାନ୍ତା, ଯଦି ଏହି ତିନୋଟି କ୍ଷେତ୍ର ବା (Sector) ଏକାଠି କାମ କରି ନ ଥାନ୍ତେ ।

ଏହା ବିଷୟରେ ଚିନ୍ତା କର

ପୃଷ୍ଠା ୨୧୪ର ଚିତ୍ର ୧୪.୧ରେ ଦର୍ଶାଯାଇଥିବା ପ୍ରକ୍ରିୟାର ବିଭିନ୍ନ ପର୍ଯ୍ୟାୟକୁ ଲକ୍ଷ୍ୟ କର ଏବଂ ତୁମ ସାଥୀ ସହପାଠୀମାନଙ୍କ ସହିତ ଆଲୋଚନା କର ।

ଆସ ଅନୁସନ୍ଧାନ କରିବା

ପୃଷ୍ଠା ୨୧୪ରେ ଚିତ୍ର ୧୪.୧ରେ ଦର୍ଶାଯାଇଥିବା ଚିତ୍ରଗୁଡ଼ିକକୁ ନାମକରଣ କର:

୧. ପ୍ରାଥମିକ କ୍ଷେତ୍ର

୨. ଦ୍ୱିତୀୟକ କ୍ଷେତ୍ର

୩. ତୃତୀୟକ କ୍ଷେତ୍ର

ମନେରଖ

ଆଜିକାଲି ବ୍ୟବହୃତ କାଗଜକୁ ପୁନଃଚକ୍ରଣ (Recycling) କରି ନୂଆ କାଗଜ ତିଆରି କରାଯାଉଛି । ମାତ୍ର ଏକ ଟନ୍ କାଗଜର ପୁନଃଚକ୍ରଣ କଲେ ୧୭ଟି ଗଛ ସହ ୨.୫ ଘନମିଟର ଜାଗା ସୁରକ୍ଷିତ ହୁଏ, ଯେଉଁଠି ଆମେ ବର୍ଜ୍ୟବସ୍ତୁ ଗୁଡ଼ିକୁ ପକାଇଥାଉ । କାଠ ଛାଲିରୁ ନୂଆ କାଗଜ ତିଆରି କରିବା ତୁଳନାରେ କାଗଜକୁ ପୁନଃଚକ୍ରଣ କରିବା ପାଇଁ ୭୦ ପ୍ରତିଶତ କମ୍ ଶକ୍ତି ଓ ଜଳ ଆବଶ୍ୟକ ହୁଏ ।



ତୁମ ବିଦ୍ୟାଳୟର ଶ୍ରେଣୀଗୃହ ଏବଂ କାର୍ଯ୍ୟାଳୟଗୁଡ଼ିକରେ କାଗଜକୁ ଠିକ୍ ଭାବରେ ବ୍ୟବହାର କରିବାର ବିଭିନ୍ନ ଉପାୟଗୁଡ଼ିକ କ'ଣ, ଆଲୋଚନା କର ।

ଆସ ଅନୁସନ୍ଧାନ କରିବା

ତୁମ ଆଖପାଖର ଅର୍ଥନୈତିକ କାର୍ଯ୍ୟକଳାପଗୁଡ଼ିକୁ ତାଲିକାଭୁକ୍ତ କର ଏବଂ ସେଗୁଡ଼ିକୁ ପ୍ରାଥମିକ, ଦ୍ୱିତୀୟକ ଓ ତୃତୀୟକ କାର୍ଯ୍ୟକଳାପର ଅଂଶ ଭାବରେ ତାଲିକା କର । ସେମାନେ କିପରି ପରସ୍ପର ସହିତ ସମ୍ବନ୍ଧିତ ଦେଖାଇବା ପାଇଁ ତୀର ଚିହ୍ନ ବ୍ୟବହାର କର ।ସେମାନେ କେଉଁ ଉପାୟରେ ପରସ୍ପର ଉପରେ ନିର୍ଭରଶୀଳ ? ଯଦି ଗୋଟିଏ କାର୍ଯ୍ୟକଳାପ ବନ୍ଦ ହୋଇଯାଏ ତେବେ କ'ଣ ସମସ୍ୟା ହେବ ?

ଆମେ କ'ଣ ଶିଖିଲେ

→ ଏହି ଅଧ୍ୟାୟରେ ଆମେ ଅର୍ଥନୈତିକ କାର୍ଯ୍ୟକଳାପର ତିନୋଟି କ୍ଷେତ୍ର ବିଷୟରେ ଜାଣିବାକୁ ପାଇଲୁ ।

→ ବିଭିନ୍ନ ଉଦାହରଣ ଏବଂ ଦୃଷ୍ଟାନ୍ତ ଦ୍ୱାରା ତିନି ପ୍ରକାର ଅର୍ଥନୈତିକ କାର୍ଯ୍ୟକଳାପ ବା କ୍ଷେତ୍ର ଯଥା- ପ୍ରାଥମିକ, ଦ୍ୱିତୀୟକ ଓ ତୃତୀୟକ କ୍ଷେତ୍ର ମଧ୍ୟରେ ପାର୍ଥକ୍ୟ ତଥା ପରସ୍ପର ନିର୍ଭରଶୀଳତାକୁ ବୁଝିଲୁ ।

ପ୍ରଶ୍ନ, ଅଭ୍ୟାସକାର୍ଯ୍ୟ ଏବଂ ପ୍ରକଳ୍ପ

୧. ପ୍ରାଥମିକ କ୍ଷେତ୍ର କ'ଣ ? ଏହା ଦ୍ୱିତୀୟକ କ୍ଷେତ୍ରଠାରୁକିପରି ଭିନ୍ନ ? ଦୁଇଟି ଉଦାହରଣ ଦିଅ ।

୨. ଦ୍ୱିତୀୟକ କ୍ଷେତ୍ର ତୃତୀୟକ କ୍ଷେତ୍ର ଉପରେ କିପରି ନିର୍ଭର କରେ ? କିଛି ଉଦାହରଣ ଦେଇ ବର୍ଣ୍ଣନା କର ।

୩. ପ୍ରାଥମିକ, ଦ୍ୱିତୀୟକ ଓ ତୃତୀୟକ କ୍ଷେତ୍ର ମଧ୍ୟରେ ପରସ୍ପର ନିର୍ଭରଶୀଳତାର ଉଦାହରଣ ଦିଅ । ଏକ ଫ୍ଲୋ ଚାର୍ଟ ବ୍ୟବହାର କରି ଏହାକୁ ଦେଖାଅ ।

ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା ସମ୍ପର୍କରେ ବାର୍ତ୍ତା

- ସୁସ୍ଥ ଶରୀରରେ ସୁସ୍ଥ ମନ,
  ବଢ଼ିବ ଏକାଗ୍ରତା ଜାଣ ।
- ସ୍ୱାସ୍ଥ୍ୟ ହିଁ ସମ୍ପଦ ନ ଆସେ ବିପଦ
  ଖେଳୁ ଥାଏ ଯିଏ ଖେଳ,
  ସାହସ ଶୃଙ୍ଖଳା ଦଳୀୟ ଭାବନା
  ବଢ଼େ ମାନସିକ ବଳ ।
- ଖେଳ ମାଧ୍ୟମରେ ପଢ଼ିଲେ ପାଠ,
  ଜୀବନ ସଂଗ୍ରାମେ ଫିଟିବ ବାଟ ।
- ସରସ ସୁନ୍ଦର ରହିବ ମନ,
  କ୍ରୀଡ଼ା ଜଗତରେ ଥିଲେ ହେଁ ଧ୍ୟାନ ।
- ନିତିଦିନ କ୍ରୀଡ଼ା ଅଭ୍ୟାସ କର,
  ଜୀବନ ହୋଇବ ଚିର ସୁନ୍ଦର ।
- ବ୍ୟାୟାମ ଦ୍ୱାରା ଶିଶୁଟି ଶରୀରକୁ ସୁସ୍ଥ ଓ
  ସୁଠାମ ରଖିପାରିଥାଏ ।
- ସବୁଦିନ ଯୋଗ କରିବା,
  ସୁସ୍ଥରେ ଆମେ ରହିବା ।

ଦିବ୍ୟାଙ୍ଗ ପିଲାଙ୍କ ପାଇଁ ବାର୍ତ୍ତା

ଆସ ସାଙ୍ଗ ହୋଇ ପାଠ ପଢ଼ିବା,
ଆମେ ପୂରା ସକ୍ଷମ ତାହା ଜାଣିବା ।

ବ୍ରେଲ ବହି ପଢ଼ା ଅତି ସହଜ,
ବିଦ୍ୟାଳୟ ତାହା ଦେଖାଏ ବାଟ ।

ଦିବ୍ୟାଙ୍ଗ ଛାତ୍ର ଛାତ୍ରୀମାନଙ୍କ ପାଇଁ

ଦିବ୍ୟାଙ୍ଗ ଛାତ୍ରାଛାତ୍ରୀଙ୍କୁ ସାଧାରଣ ବିଦ୍ୟାଳୟ ପରିବେଶରେ ସାମିଲ କରାଇ ସେମାନଙ୍କ ଦକ୍ଷତାର ବିକାଶ ସାଧନ ନିମନ୍ତେ ସମଗ୍ର ଶିକ୍ଷା ଅଭିଯାନ ତରଫରୁ ସହାୟକ ଉପକରଣ, ବ୍ରେଲ ବହି, ସହାୟକ ଭତ୍ତା, ଭିନ୍ନକ୍ଷମ ପ୍ରମାଣପତ୍ର, ଡାକ୍ତରୀ ପରୀକ୍ଷା, ଅସ୍ତ୍ରୋପଚାର ସୁବିଧା, ଫିଜିଓ ଥେରାପି, ବାଣୀ ବିକାଶ ତାଲିମ (Speech therapy) ଶିକ୍ଷକ ପ୍ରଶିକ୍ଷଣ, ସୃଜନଶୀଳତାର ବିକାଶ ନିମନ୍ତେ କାର୍ଯ୍ୟକ୍ରମ, ଅଭିଭାବକଙ୍କ ପ୍ରଶିକ୍ଷଣ ଏବଂ କ୍ରୀଡ଼ା ପ୍ରତିଯୋଗିତା ଆଦିର ବ୍ୟବସ୍ଥା କରାଯାଇଛି ।

ସ୍କୁଲ ଷ୍ଟୁଡେଣ୍ଟ ହେଲ୍ପଲାଇନ

ସରକାରୀ କାର୍ଯ୍ୟ ଦିବସରେ ବିଦ୍ୟାଳୟ ସମ୍ପର୍କିତ ସମସ୍ୟା ଯଥା: ପୁସ୍ତକ, ପୋଷାକ, ମଧ୍ୟାହ୍ନ ଭୋଜନ ବଣ୍ଟନରେ ଅନିୟମିତତା, ଶ୍ରେଣୀ ଗୃହ ଅଭାବ, ଶିକ୍ଷକ ଅଭାବ, ପିଇବା ପାଣିର ଅସୁବିଧା, ଶିକ୍ଷାଦାନ ସମ୍ବନ୍ଧୀୟ ସମସ୍ୟା, ବିଦ୍ୟାଳୟ ସମୟରେ ଛାତ୍ର ଛାତ୍ରୀମାନଙ୍କ ଆକସ୍ମିକ ଦୁର୍ଘଟଣା ଆଦି ଅଭିଯୋଗ ସକାଳ ୮ ଘଟିକାରୁ ସନ୍ଧ୍ୟା ୮ ଘଟିକା ମଧ୍ୟରେ ଦେୟମୁକ୍ତ ନମ୍ବର ୧୮୦୦୩୪୫୬୭୨୨ରେ ଜଣାଇବାର ବ୍ୟବସ୍ଥା କରାଯାଇଛି । ଏହା ବ୍ୟତୀତ ଚାଇଲ୍ଡ୍ ହେଲ୍ପ ଲାଇନ ୧୦୯୮ (ଦେୟମୁକ୍ତ) କୁ ଫୋନ କଲେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କୁ ତୁରନ୍ତ ମାଗଣାରେ ଉପଯୁକ୍ତ ସେବା ଯୋଗାଇ ଦେବାର ବ୍ୟବସ୍ଥା ଅଛି ।

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ମୁଦ୍ରଣ : ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର-୧